# ରଜନୀକାନ୍ତ କାବ୍ୟ-ସଂଚୟନ

ରଜନୀକାନ୍ତ ଦାସ

ପ୍ରଗତି ଉତ୍କଳ ସଂଘ
ରାଉରକେଲା

ରଜନୀକାନ୍ତ କାବ୍ୟ-ସଂଚୟନ

ରଜନୀକାନ୍ତ ଦାସ

ପ୍ରକାଶକ : ପ୍ରଗତି ଉତ୍କଳ ସଂଘ
ବି-୯, ଫକୀରମୋହନ ନଗର
ରାଉରକେଲା - ୭୬୯୦୦୩

ଅକ୍ଷର ସଜ୍ଜା : ଶ୍ରୀ ଭୁବନାନନ୍ଦ ପ୍ରଧାନ
ରାଇଟର୍ସ ୱାର୍କସପ
ରାଉରକେଲା - ୭୬୯୦୧୨

ମୁଦ୍ରଣ : ଅପ୍ଟିମା (ଅଫ୍‌ସେଟ) ପ୍ରିଣ୍ଟସ୍
ସୁତାହାଟ, କଟକ - ୭୫୩୦୦୧

ପ୍ରଚ୍ଛଦ ସଜ୍ଜା : ଶ୍ରୀ ଅସୀମ ବସୁ
ଆଲୋକ ଚିତ୍ର : ଶ୍ରୀ ଭି.ଏ. ଆକ୍ୱାଲା
ଅଙ୍କନ ଶିଳ୍ପୀ : ଶ୍ରୀ ବିକ୍ରମ କିଶୋର ଷଡ଼୍

ପ୍ରଥମ ପ୍ରକାଶ : ୧୯୯୯

ମୂଲ୍ୟ : ଟ ୧୨୫.୦୦

Distributor :

**Grantha Mandir**
Binod Vihari
Cuttack - 753002

All Rights Reserved by the Author

ପରିବେଷକ :

**ଗ୍ରନ୍ଥ ମନ୍ଦିର,**
ବିନୋଦ ବିହାରୀ, କଟକ - ୨

**RAJANIKANTA KAVYA-SANCHAYAN**

**Rajanikanta Das**
Writers' Workshop
Uditnagar, Rourkela-769012

Published by : **Pragati Utkal Sangh**
B/9, Fakirmohan Nagar
Sector-7, Rourkela-769003

Typeset by : **Bhubanananda Pradhan**
Writers' Workshop
Rourkela-769012

Printed at : **Optima (Offset) Prints**
Sutahat, Cuttack-753001

Cover Design : **Asim Basu**
Photography : **V. A. Acqualla**
Drawing : **Vikram Kishore Sar**

**1st Edition : 1999**

**Price : Rs. 125.00**

# ସୂଚୀପତ୍ର

**ଶିରୋନାମ** **ପୃଷ୍ଠା**


| | | |
|---|---|---|
| ୧ | ମୁଖଶାଳା | ୯ |
| ୨ | କବିତାନୁବୃତ୍ତି | ୧୯ |

**କୁମ୍ଭକାମୋଡ଼ି ୨୩-୬୬**

| | | |
|---|---|---|
| ୩ | ମୁଖବନ୍ଧ | ୨୪ |
| ୪ | ଉତ୍ସର୍ଗ | ୨୫ |
| ୫ | ମାର୍କଣ୍ଡେୟ | ୨୬ |
| ୬ | ସର୍ପ ଓ ସରୀସୃପ | ୨୭ |
| ୭ | ଈଶ୍ୱର | ୨୯ |
| ୮ | ବର୍ଗ | ୨୯ |
| ୯ | ମୁକ୍ତି | ୩୧ |
| ୧୦ | ରୂପକଳ୍ପ | ୩୧ |
| ୧୧ | ମୋ ସହର | ୩୨ |
| ୧୨ | ନିର୍ବାଚନ-୯୫ | ୩୪ |
| ୧୩ | ରାଉରକେଲା | ୩୫ |
| ୧୪ | ବୃହନ୍ନଳା | ୩୬ |
| ୧୫ | କୁଞ୍ଚିତା ଚନ୍ଦ୍ରମା | ୩୭ |
| ୧୬ | ପ୍ରେମ | ୩୮ |
| ୧୭ | ସଂପ୍ଲବ ଓ ଉତ୍ପ୍ଲବ | ୩୮ |
| ୧୮ | ମରାଳର ଅପମୃତ୍ୟୁ | ୩୯ |
| ୧୯ | ତିଲୋତ୍ତମା ସହର | ୪୦ |
| ୨୦ | କୃପଣ | ୪୧ |
| ୨୧ | ପ୍ରାର୍ଥନା | ୪୨ |
| ୨୨ | ଇତିହାସ | ୪୩ |

| ଶିରୋନାମ | | ପୃଷ୍ଠା |
|---|---|---|
| ୨୩ | ରାଜକୀୟ | ୪୪ |
| ୨୪ | ଫୁଲବାଣୀ ଚନ୍ଦ୍ର | ୪୫ |
| ୨୫ | ପୁରସ୍ତମ | ୪୭ |
| ୨୬ | ମୁଖା | ୪୮ |
| ୨୭ | ସଂଚିତ୍ | ୪୮ |
| ୨୮ | ଯାଜ୍ଞସେନୀ ( ୨ ) | ୪୯ |
| ୨୯ | ଗ୍ରାମ୍ୟ ବିବାହ | ୫୦ |
| ୩୦ | ଚିତ୍ରି | ୫୧ |
| ୩୧ | କମୋଡ଼ | ୫୨ |
| ୩୨ | ଗଜପତି ଅଭିଯାନ | ୫୩ |
| ୩୩ | କବି | ୫୫ |
| ୩୪ | ଶିକ୍ଷା-ବାଣିଜ୍ୟ | ୫୬ |
| ୩୫ | ନୂତନ ପ୍ରାର୍ଥନା | ୫୬ |
| ୩୬ | ଆମୁଖ | ୫୭ |
| ୩୭ | ଅନ୍ୱେଷଣ | ୫୯ |
| ୩୮ | ମାଟି | ୬୦ |
| ୩୯ | କୋଣାର୍କ | ୬୨ |
| ୪୦ | ମଧ୍ୟବିତ୍ତ | ୬୪ |
| ୪୧ | ପ୍ରଧାନମନ୍ତ୍ରୀ | ୬୫ |

**ପତ୍ରପ୍ରକାଶ ୬୭-୧୧୨**

| | | |
|---|---|---|
| ୪୨ | ଆତ୍ମସଂଳାପ | ୬୮ |
| ୪୩ | ରେଖାଗଣିତ | ୬୯ |
| ୪୪ | ଜାଭର ଆରୋଗ୍ୟ | ୭୦ |
| ୪୫ | ମଧ୍ୟବିତ୍ତର ଆତ୍ମନେପଦୀ | ୭୧ |
| ୪୬ | ବିଦୀର୍ଣ୍ଣ ପଲାଶ | ୭୩ |
| ୪୭ | ଟଙ୍କାକିଆ ନୋଟ୍ | ୭୪ |
| ୪୮ | ଆସାମ | ୭୫ |

| ଶିରୋନାମ | | ପୃଷ୍ଠା |
|---|---|---|
| ୪୯ | ମାଲୁଣୀର ସଂକଟ | ୭୬ |
| ୫୦ | ଭିଏତନାମ | ୭୮ |
| ୫୧ | ପଦ୍ମବନ ଦଗ୍ଧ | ୮୦ |
| ୫୨ | ଶୋଭାଯାତ୍ରା | ୮୧ |
| ୫୩ | ଖଲିସ୍ତାନ | ୮୩ |
| ୫୪ | ଶାଲ୍ମଳୀ ବନସ୍ତ | ୮୬ |
| ୫୫ | ସମୟର ପାଦଟୀକା | ୮୯ |
| ୫୬ | କ୍ରୁଶବିଦ୍ଧ | ୯୧ |
| ୫୭ | ସଂସଦକୁ ସଡ଼କ | ୯୨ |
| ୫୮ | ଦାସୀ | ୯୩ |
| ୫୯ | ଡାଆଣୀ | ୯୫ |
| ୬୦ | ଅପ୍ରେଲ | ୯୬ |
| ୬୧ | ମୃଣ୍ମୟୀ ମୌସୁମୀ | ୯୮ |
| ୬୨ | ନୀଳ ସେତୁବନ୍ଧ | ୧୦୦ |
| ୬୩ | କିଂବଦନ୍ତୀ | ୧୦୨ |
| ୬୪ | ରକ୍ତବେଦୀ | ୧୦୭ |
| ୬୫ | ସାଲବେଗ | ୧୦୮ |


## ବିରକ୍ତ ମୃତ୍ତିକା ୧୧୩-୧୯୬


| | | |
|---|---|---|
| ୬୬ | ଅଭିମତ | ୧୧୪ |
| ୬୭ | ଜାକଜ୍ୟୋତ୍ସ୍ନା | ୧୧୭ |
| ୬୮ | କମଳା ଲେମ୍ବୁ | ୧୧୮ |
| ୬୯ | ସଂଧାତାରା | ୧୧୮ |
| ୭୦ | କିରାସିନି କଂଟ୍ରୋଲ | ୧୨୨ |
| ୭୧ | ପ୍ରତିମା ମହାନ୍ତି | ୧୨୪ |
| ୭୨ | ନିଶିପଦ୍ମ | ୧୨୮ |
| ୭୩ | ଖାଂଡେ ସିଗାରେଟ୍ | ୧୨୯ |
| ୭୪ | କ୍ୟୁ | ୧୩୨ |

| ଶିରୋନାମ | | ପୃଷ୍ଠା |
|---|---|---|


| | | |
|---|---|---|
| ୭୫ | ବାଘ | ୧୩୫ |
| ୭୬ | ରିକ୍ସା ବାଳା | ୧୩୬ |
| ୭୭ | ଗଣ | ୧୩୯ |
| ୭୮ | ତଣ୍ଟା ଘରକାର | ୧୪୩ |
| ୭୯ | ଚାଳିଶ ବର୍ଷ | ୧୪୬ |
| ୮୦ | ନୌକାରୋହୀ | ୧୪୮ |
| ୮୧ | ଚଉଦ ତାରିଖ | ୧୫୦ |
| ୮୨ | ଚର୍ଚ୍ଚିଲ | ୧୫୨ |
| ୮୩ | ମେଥ୍ୟୁସ୍ | ୧୫୩ |
| ୮୪ | ଖଦଡ଼ ବ୍ୟାଗ | ୧୫୫ |
| ୮୫ | ସଂପାଦକ | ୧୫୬ |
| ୮୬ | ନିଲାମ | ୧୫୯ |
| ୮୭ | ମାଧିଆ ଭାଇ | ୧୬୧ |
| ୮୮ | ଭୋଟ୍ ବାକ୍ସର କବିତା | ୧୬୬ |
| ୮୯ | ଅପକ୍ଷତ୍ର | ୧୭୧ |
| ୯୦ | ସ୍ପୁଟ୍‌ନିକ୍ | ୧୭୩ |
| ୯୧ | ଫାଇଲ୍ | ୧୭୪ |
| ୯୨ | କାଠହଣା ଚଢ଼େଇ | ୧୭୭ |
| ୯୩ | ମୁଦ୍ରା | ୧୭୯ |
| ୯୪ | ନିର୍ବସଂତ | ୧୮୧ |
| ୯୫ | ଆତ୍ମିକ ସଂଳାପ | ୧୮୩ |
| ୯୬ | ଅନ୍ୟ ଶତାବ୍ଦୀ | ୧୮୬ |
| ୯୭ | ଯାନ୍ତ୍ରିକ ଭାରତ | ୧୮୮ |
| ୯୮ | ଅସତ୍ୟ ସହର | ୧୯୪ |


**ଭାନୁ ମହାନ୍ତି (ଏକକ କବିତା) : ୧୯୭-୨୧୦**


| | | |
|---|---|---|
| ୯୯ | ମୁଖବନ୍ଧ | ୧୯୮ |

**ଶୀରୋନାମ** **ପୃଷ୍ଠା**

## ସଂଘର୍ଷ ୨୧୧-୨୫୩


| | | |
|---|---|---|
| ୧୦୦ | ଅଭିମତ (୧-୨) | ୨୧୨ |
| ୧୦୧ | ସଜୀବ ଓ ସତେଜ କବିତା | ୨୧୩ |
| ୧୦୨ | ଆମୁଖ | ୨୧୪ |
| ୧୦୩ | ବ୍ୟକ୍ତିତାରର ପୂଜା | ୨୧୫ |
| ୧୦୪ | ବନ୍ଦନା | ୨୧୫ |
| ୧୦୫ | ବିପଥୁଁ... | ୨୧୬ |
| ୧୦୬ | ପ୍ରେମ ଓ ପାପ | ୨୧୭ |
| ୧୦୭ | ଅନୀତି | ୨୧୭ |
| ୧୦୮ | ବ୍ୟଥାର ସୃଷ୍ଟି | ୨୧୮ |
| ୧୦୯ | ପ୍ରାଣର କବିତା | ୨୧୮ |
| ୧୧୦ | ଝଡ଼ର ଲଗ୍ନେ | ୨୨୧ |
| ୧୧୧ | ଆବାହକ | ୨୨୪ |
| ୧୧୨ | ଦ୍ରୌପଦୀ | ୨୨୭ |
| ୧୧୩ | ଦେହର ଜାଳା | ୨୨୮ |
| ୧୧୪ | ଯୌବନ | ୨୩୦ |
| ୧୧୫ | ଅଭିଯାତ୍ରୀ | ୨୩୩ |
| ୧୧୬ | ବ୍ୟଗ୍ରତା | ୨୩୫ |
| ୧୧୭ | ଶୈତାନର ଡାକ | ୨୩୬ |
| ୧୧୮ | ଗଣ | ୨୩୮ |
| ୧୧୯ | ଭଗବାନ | ୨୩୯ |
| ୧୨୦ | ଆତ୍ମଘାତୀ | ୨୪୭ |
| ୧୨୧ | ସଂଧ୍ୟା | ୨୫୦ |
| ୧୨୨ | ସାମ୍ୟ | ୨୫୨ |

ଶିରୋନାମ ପୃଷ୍ଠା

**ପୁଷ୍ପାଭରଣମ୍ ୨୫୫-୨୭୦**


୧୨୩ ସାରସ୍ୱତ ପାରିବାରିକ ୨୫୬

୧୨୪ ପରିଶିଷ୍ଟ (୧) ୨୫୯

୧୨୫ ପରିଶିଷ୍ଟ (୨) ୨୬୩

୧୨୬ ପରିଶିଷ୍ଟ (୩) ୨୬୭

୧୨୭ ପରିଶିଷ୍ଟ (୪) ୨୬୭

୧୨୮ ପରିଶିଷ୍ଟ (୫) ୨୬୯

# ମୁଖଶାଳା

କବି,ଲେଖକ ରଜନୀକାନ୍ତ ଦାସ(୧୯୧୭) ବିଂଶ ଶତକର ଚତୁର୍ଥ ଦଶକ ପରବର୍ତ୍ତୀ ସମୟର ଅନ୍ୟତମ ସମ୍ବେଦନଶୀଳ,ଜୀବନଧର୍ମୀ ଲେଖକ । ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ପୂର୍ଣ୍ଣ ଅଧିକାର ଦାବିକରି,ତାଙ୍କ ଲେଖନୀ ଛଅଟି ଦଶକ ଧରି ଗତିଶୀଳ । ସଂଗ୍ରାମୀ ମନୋଭାବ, ସ୍ପଷ୍ଟବାଦିତା, ସାଲିସବିହୀନ ଭାବ ଓ ସର୍ବୋପରି କୌଣସି ଗୋଷ୍ଠୀରେ ବାନ୍ଧି ନ ହେବାର ମାନସିକତା ଯୋଗୁଁ ସେ ଆଡୁଆଳରେ ରହିଯାଇଛନ୍ତି ; ଯେପରି ପ୍ରଚାରିତ ଓ ପ୍ରସାରିତ ହେବାକଥା ସେପରି ସେ ହୋଇପାରି ନାହାନ୍ତି । ଅମଡ଼ାରେ ବାଟ ତିଆରି କରିବାର ଆଗ୍ରହ ଯୋଗୁ ତାଙ୍କ ପାଦ ଅନେକଥର କଣ୍ଟକିତ ହୋଇଛି , ପଥ ଦୁର୍ଗମ ହୋଇଛି, ପ୍ରତିରୋଧ ହେବାର ସଂକେତ ମିଳିଛି;ମାତ୍ର ଅମାନିଆ ବଣ ହରିଣୀ ଭଳି ସେ ମାଡ଼ି ଚାଲିଛନ୍ତି ଆଗକୁ ଆଗକୁ,ଅନେକ ଆଗକୁ । ଆଜି ସେ ଉଣାଶୀ ବୟସରେ ଅବତୀର୍ଣ୍ଣ କିନ୍ତୁ ଆଗକୁ ଯିବାର ମୋହ ତୁଟିନାହିଁ,ନୂଆ ଦେଖିବାର ଇଚ୍ଛା ଯାଇନାହିଁ ।

ଜନ୍ମମାଟି ଅବିଭକ୍ତ କଟକ ଜିଲ୍ଲା(ବର୍ତ୍ତମାନ ଜଗତ୍‌ସିଂହପୁର ଜିଲ୍ଲା)ର ସଂଗ୍ରାମପୁର ଗ୍ରାମ, ମାମୁଘରେ ବାଲିକୁଦାରେ ପାଠପଢ଼ା ,ବାନର ସେନାର ସଂଗ୍ରାମୀ ମାନସିକତାରୁ ତାଙ୍କୁ ନିଆଯାଏ କୁଜଙ୍ଗ-ଏରସମା ଅଞ୍ଚଳର ପଞ୍ଚପଲ୍ଲୀ ମାଇନର ସ୍କୁଲ,ସେଠାରୁ ଜଗତ୍‌ସିଂହପୁରର ଶ୍ରୀକୃଷ୍ଣ ଏକାଡ଼େମୀ, ଅଷ୍ଟମ ଶ୍ରେଣୀରେ ବର୍ଷେ ମାତ୍ର ଅଧ୍ୟୟନ ପରେ ସେ ଗାମ ଦେଇ ପହଞ୍ଚିଛନ୍ତି କଳାହାଣ୍ଡି ଷ୍ଟେଟର ରାଜଧାନୀ ଭବାନୀପାଟଣାରେ । ପାଠପଢ଼ା ଚାଲିଛି, ଲେଖାଲେଖି ଚାଲିଛି , ବସ୍ତ୍ର ତଳର ନିଆଁ ପରି ସଂଗ୍ରାମ ବି ଆଗେଇ ଚାଲିଛି । ରଜନୀକାନ୍ତଙ୍କ ନିଜ ଗାଁର କୋଳ ଛୁଇଁ ବହିଯାଉଛି ଅଳକା ନଦୀ । ତାଙ୍କର ସ୍ୱପ୍ନ ଭୂଇଁ ଚକଡ଼ା ମେଲିଥିବା ବରଗଛର ଛାୟାଶୀତଳ କୋଳରେ ହଳଦୀବସନ୍ତର ଚଞ୍ଚଳ କ୍ରୀଡ଼ା । ନାରିକେଳ, ଆମ୍ବ ,ପଣସ ଜାମୁ,ତାଳ-ଖଜୁରୀ-କଦଳୀ ବଗିଚାରେ ଶୋଭିତ ସବୁଜିମାରେ ଭରା ପଲ୍ଲୀ ଗାଁ । ଘର ଚକଡ଼ା ଭିତରେ ନଡ଼ିଆ କଦଳୀର ବଗିଚା,ମାଛଗାଡ଼ିଆର କୂଳକୁ ଛୁଇଁ ଝଂକାଳିଆ ଆମ୍ବଗଛ,ଛାଇଅଂଧାରୁଆ ବାଉଁଶବଣ, ରଜନୀକାନ୍ତଙ୍କ ବାଲ୍ୟକାଳକୁ ଯେପରି କାବ୍ୟିକ ଭାବନାରେ ଗାଧୋଇ ଦେଉଥିଲା । ତା ସାଙ୍ଗକୁ ଘର ଭାଗବତ ଗାଦିରେ ସଯତ୍ନ-ସାଇତା ନାନା ପ୍ରକାର ପୋଥି, ସଂଧ୍ୟାରେ ଭାଗବତ ଗାଦିରେ ସାରଳା ପୋଥିର ପାଠ,ବର୍ଷର ବିଭିନ୍ନ ସମୟରେ ପଠିତ ହେଉଥିବା ପୁରାଣର କାହାଣୀ ଓ ପରେ ଅଜା ଆଇଙ୍କୁ ପୋଥି ଶୁଣାଇବା ଅଭ୍ୟାସରୁ ରଜନୀକାନ୍ତ ଆପେ ଆପେ ଯେପରି ଭାରତୀୟ ଧର୍ମ ଓ ଦର୍ଶନର ଚର୍ଚ୍ଚା ଭିତରକୁ ପଶିଯାଇଥିଲେ । ଛାତ୍ର ଜୀବନରେ ସାଧାରଣ ପାଠ ସହିତ ସାହିତ୍ୟର ଚର୍ଚ୍ଚା ଓ ରଚନା ଆଡ଼କୁ ମନ ଢଳି ଯାଇଥିଲା ।

ପ୍ରାଥମିକ ବିଦ୍ୟାଳୟରେ ପଢ଼ିଲାବେଳେ ରଜନୀକାନ୍ତଙ୍କ ଗୋଟିଏ ଧାରଣା ଦୃଢ଼ୀଭୂତ ହୋଇଥିଲା ଯେ 'ସାହିତ୍ୟ ହିଁ ପ୍ରଧାନ ଶିକ୍ଷା' । ସେ ସମୟରେ ବିଜ୍ଞାନ ଶିକ୍ଷାର ପ୍ରସାର ହୋଇ ନଥାଏ, ବୈଷୟିକ ବିଦ୍ୟା-ସଂପର୍କରେ ସାଧାରଣରେ କିଛି ଧାରଣା ନଥାଏ । ଏଣୁ 'ସାହିତ୍ୟ ହିଁ ଥିଲା ରାଜା' । ଅଙ୍କ ଶାସ୍ତ୍ର ଥିଲା ଦ୍ୱିତୀୟ ସ୍ଥାନରେ । କ୍ରମଶଃ ରଜନୀକାନ୍ତଙ୍କ ପରିବେଶ ହିଁ ତାଙ୍କ ଆଗ୍ରହକୁ ବହୁଗୁଣିତ କରିଦେଲା । ଦୁଇଜଣ ମହାନ ସାହିତ୍ୟିକଙ୍କ ସଂସ୍ପର୍ଶରେ ଆସି ରଜନୀକାନ୍ତଙ୍କ ସୃଷ୍ଟିପ୍ରାଣ ଅଙ୍କୁରିତ ହୋଇ ଉଠିଥିଲା । ଜଣେ ହେଲେ ବାଲିବୁଦା ମାଇନର ସ୍କୁଲର ପ୍ରଧାନ ଶିକ୍ଷକ, କର୍ମଯୋଗୀ ରାଜକିଶୋର କାନନ୍ଗୋ;ଆଉଜଣେ ହେଲେ ସେ ସମୟର ବହୁ ପ୍ରକାଶିତ,ଲୋକପ୍ରିୟ 'ଧୂଟ'ର କବି ବିଶିଷ୍ଟ ଶିକ୍ଷାବିତ୍ ଡଃ ମାୟାଧର ମାନସିଂହ ।

ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ଼ଃ ଶ୍ରୀରାମଚନ୍ଦ୍ର ଦାଶ ରାଜକିଶୋର କାନନ୍ଗୋଙ୍କର ଛାତ୍ର ଥିଲେ । ଶ୍ରେଣୀ ଦୃଷ୍ଟିରୁ ସେ ରଜନୀକାନ୍ତଙ୍କ ଠାରୁ ଜ୍ୟେଷ୍ଠ ଥିଲେ । ରଜନୀକାନ୍ତଙ୍କ ସାନଭାଇ ପ୍ରଫେସର ଡଃ ସୂର୍ଯ୍ୟକାନ୍ତ ଦାସ ବି ସେ ସ୍କୁଲରେ ଶ୍ରୀ କାନନ୍ଗୋଙ୍କର ଛାତ୍ର ଥିଲେ । ଶ୍ରୀ କାନନ୍ଗୋଙ୍କ ସଂପର୍କରେ ଡ଼ଃ ଶ୍ରୀରାମଚନ୍ଦ୍ର ଦାଶ ତାଙ୍କ ଆତ୍ମଜୀବନୀ 'ମୋ ଅକୁହା କାହାଣୀ' ରେ ଉଲ୍ଲେଖ କରିଛନ୍ତି---"ମୁଁ ବାଲିବୁଦା ମାଇନର ସ୍କୁଲର ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଲାବେଳେ ପ୍ରଧାନ ଶିକ୍ଷକ ଥିଲେ ଗୋବିନ୍ଦପୁର ଥାନା ଗରାରଣ ଗ୍ରାମର ରାଜକିଶୋର କାନନ୍ଗୋ । ସେ ଜଣେ ଧର୍ମପ୍ରାଣ ତଥା ସାହିତ୍ୟପ୍ରେମୀ ବ୍ୟକ୍ତି ଥିଲେ । ତାଙ୍କ ଆଦର୍ଶବାଦଯୋଗୁ ଅନେକ ତାଙ୍କୁ ଜଣେ ଅବାଗିଆ ଲୋକରୂପେ ବିଚାର କରୁଥିଲେ । ...... ସେ ନିଜେ ଜଣେ କଂଗ୍ରେସ କର୍ମୀ ଥିଲେ । ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଖଦଡ଼ ପିନ୍ଧୁଥିଲେ ଓ ନିୟମିତ ସୂତା କାଟୁଥିଲେ । ତାଙ୍କ ନିର୍ଦ୍ଦେଶରେ ବହୁ ଛାତ୍ରଙ୍କୁ ପିତଳ ତାକୁଡ଼ି ଓ ତୁଳା ଯୋଗାଇ ଦିଆଯାଉଥିଲା । ଆମେ ମଧ୍ୟ ସୂତାକଟା ଶିଖିଲୁ । ସ୍କୁଲ ନିକଟରେ ଗୋଟିଏ ଗଞ୍ଜେଇ ଅଫିମ ଦୋକାନ ଥିଲା । କଂଗ୍ରେସ କର୍ମୀମାନେ ସେ ଦୋକାନ ଆଗରେ ଶୋଭ ପିକେଟିଂ କରିବାବେଳେ କୌତୁହଳ ବଶତଃ ବହୁ ଛାତ୍ର ମଧ୍ୟ ଏହି ପିକେଟିଂରେ ଯୋଗ ଦେଉଥିଲେ । . . . ପ୍ରଧାନ ଶିକ୍ଷକଙ୍କ ଉଦାର ମନୋଭାବ ସମସ୍ତଙ୍କୁ ମୁଗ୍ଧ କରିଥିଲା । କେବଳ ତାଙ୍କରି ଯୋଗୁ ବାଲିବୁଦା ମାଇନର ସ୍କୁଲର ବହୁସଂଖ୍ୟକ ଛାତ୍ର କାଳକ୍ରମେ ସ୍ୱାଧୀନତା ସଂଗ୍ରାମର ପୁରୋଭାଗରେ ଥିଲେ ।

ତାଙ୍କର ଆଧ୍ୟାତ୍ମିକ ପ୍ରଭାବ ସବୁଠାରୁ ବେଶି ଥିଲା । ପ୍ରତି ଶନିବାର ସଂଧ୍ୟାରେ ଗୀତାପାଠ, ଭଜନ ଓ ସଂକୀର୍ତ୍ତନ କରାଯାଉଥିଲା । ପ୍ରଧାନଶିକ୍ଷକ ଜଣେ ବ୍ରହ୍ମଚାରୀ ଥିଲେ । ସେ ପ୍ରତ୍ୟେକ ଦିନ ହବିଷ କରୁଥିଲେ ଏବଂ ସାନ୍ତୁଳଚତ୍ରଛଡ଼ା ଅନ୍ୟ କୌଣସି ଶାକ ଖାଉ ନଥିଲେ ! ଏହାପୁଣି ଭାତରେ ପଡ଼ି ସିଝା ଯାଉଥିଲା । ସେ ଦିନକୁ ଦୁଇଥର ଗାଧୋଉଥିଲେ ଏବଂ ଗାଧୋଇବା ପରେ ଦୀର୍ଘ ଏକଘଣ୍ଟା କାଳ ପ୍ରାର୍ଥନା କରୁଥିଲେ ।

ପ୍ରଧାନ ଶିକ୍ଷକ ଜଣେ ସୁସାହିତ୍ୟିକ ଥିଲେ । ଆମେ ଛାତ୍ର ଥିବା ବେଳେ ଚିତ୍ରାଙ୍ଗଦା ନାମକ ଗୋଟିଏ କାବ୍ୟ ସେ ଅମିତ୍ରାକ୍ଷରରେ ରଚନା କରିଥିଲେ । ସେ ଗୀତାର ସଟୀକ ଓଡ଼ିଆ ଅନୁବାଦ ଲେଖିଯାଇଛନ୍ତି ।" ସେ ଜୀବନର ଅନ୍ତିମ ଭାଗରେ ରାମଚରିତ ମାନସର ମଧ୍ୟ ଅନୁବାଦ ସମାପ୍ତ

କରିଥିଲେ । ଶ୍ରୀ ବାଜନୁରୋ ସେତେବେଳେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଆଉରି ଅନେକ କାବ୍ୟର ଅନୁବାଦ ଶେଷ କରିଥିଲେ । ସୁନ୍ଦର ଓ ସୁଗଠିତ ହସ୍ତାକ୍ଷର ଯୋଗୁଁ ପାଣ୍ଡୁଲିପି ନକଲ କରିବାର ଦାୟିତ୍ୱ ଦିଆଗଲା ରଜନୀକାନ୍ତଙ୍କ ହାତରେ । ସେ ସଂପର୍କରେ ରଜନୀକାନ୍ତ କହନ୍ତି: '' ସତେ ଯେପରି ଗଭୀର ସମୁଦ୍ର ଭିତରେ ଭସେଇ ବୁଡ଼େଇ ହୋଇ ଯାଉଥିଲି । ମାଇନର ସ୍କୁଲରେ ପାଠପଢୁଥିବା ଅବୋଧ ଛାତ୍ର ପକ୍ଷରେ ରବୀନ୍ଦ୍ରନାଥଙ୍କ କାବ୍ୟ-କବିତାର ବହିଗୁଡ଼ିକ ଦର୍ଶନ କରିବା ଥିଲା ଦୁର୍ଲଭ ସ୍ୱପ୍ନ ; କିନ୍ତୁ ମୋ ହାତରେ ଧରାଇ ଦିଆ ଯାଉଥିଲା ଅମୃତକଳସ । ନିଜ ମାତୃଭାଷାରେ ରବୀନ୍ଦ୍ରସାହିତ୍ୟକୁ ପଢ଼ିବା ବୁଝିବା ଓ ନକଲ କରିବାର ସୁଯୋଗ ମୋ ହାତକୁ ଚାଲି ଆସିଥିଲା ଏକା ଥରକେ ।''(ଉତ୍କଳ ଗୌରବ-ବିଂଶ ଅର୍ଘ୍ୟ-୧୯୮୬)

ରଜନୀକାନ୍ତଙ୍କ ବାପା ଶ୍ରୀ ଦୀନବନ୍ଧୁ ଦାସ ଭବାନୀପାଟଣାରେ ସ୍ଥାୟୀ ଭାବରେ ଘର ତିଆରି କରି ବ୍ୟବସାୟ କରୁଥିଲେ ; ଆଜିକାଲି ଭଳି ସେତେବେଳେ ଏତେ ପରିମାଣର ଓ ଏତେ ପ୍ରକାରର ଦୋକାନ ନଥିଲା । ଗୋଟିଏ ଦୋକାନରେ କଂସା ବାସନ ଠାରୁ ଆରମ୍ଭ କରି ବହିପତ୍ର ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମିଳୁଥିଲା । ରଜନୀକାନ୍ତଙ୍କ ବାପାଙ୍କର ସେହିଭଳି ଅତି ଆବଶ୍ୟକ ବିବିଧ ଜିନିଷରେ ଭରପୂର ବଡ଼ଧରଣର ଏକ ବ୍ୟବସାୟ ଥିଲା । କେବଳ ବ୍ୟବସାୟୀ ଭାବରେ ନୁହେଁ;ଜଣେ ମାନ୍ୟଗଣ୍ୟ ଲୋକଭାବରେ ରଜନୀକାନ୍ତଙ୍କ ବାପାଙ୍କର ସେଠାରେ ମାନ୍ୟତା ଥିଲା । ତାଙ୍କ ବାପା ସେତେବେଳକୁ ଦଶବର୍ଷ ଧରି ସେଠାରେ ବ୍ୟବସାୟ କରୁଥିଲେ ବି ମାଆ ଶ୍ରୀମତୀ ସୁନ୍ଦରମଣି ଦେବୀ ଗାଁରେ ରହୁଥିଲେ । ରଜନୀକାନ୍ତଙ୍କୁ ଭବାନୀପାଟଣା ହାଇସ୍କୁଲକୁ ନେବାବେଳେ ତାଙ୍କ ମାଆଙ୍କୁ ବି ସେଠାରେ ରହିବାକୁ ପଡ଼ିଲା । ତାଙ୍କ ସାନଭାଇ ସୂର୍ଯ୍ୟକାନ୍ତ ସେଠାରେ ଯାଇ ପାଠ ପଢ଼ିଲେ । ରଜନୀକାନ୍ତ ଭବାନୀପାଟଣାରେ ନାମ ଲେଖାଇଲାବେଳେ କବି ମାୟାଧର ମାନସିଂହ ଭବାନୀପାଟଣା ହାଇସ୍କୁଲରେ ଇଂରାଜୀ ଶିକ୍ଷକ ଭାବରେ କାର୍ଯ୍ୟ କରୁଥା'ନ୍ତି । ରଜନୀକାନ୍ତ ଥିଲେ ମାନସିଂହଙ୍କର ପ୍ରିୟଛାତ୍ର । ମାନସିଂହ ସ୍ନେହରେ ଦୁଇଭାଇଙ୍କୁ ରଜନୀକାନ୍ତ,ସଜନୀକାନ୍ତ(ପ୍ରଫେସର ଡ଼ଃ ସୂର୍ଯ୍ୟକାନ୍ତଙ୍କୁ) ନାମରେ ଡାକୁଥିଲେ । ମାନସିଂହଙ୍କ 'ହେମା'କାବ୍ୟ ଓ ଅନ୍ୟ କେତେକ ବହିର ପାଣ୍ଡୁଲିପି ପ୍ରସ୍ତୁତି କାର୍ଯ୍ୟ ରଜନୀକାନ୍ତଙ୍କ ଉପରେ ନ୍ୟସ୍ତ କରାଯାଉଥିଲା । ମାନସିଂହଙ୍କ କର୍ମଶାଳାର କାବ୍ୟିକ ପରିବେଶରେ ବେଶ୍ ଅନୁପ୍ରାଣିତ ହୋଇଥିଲେ ସେ । କାବ୍ୟ-କବିତା ରଚନା କରିବା ପାଇଁ ରଜନୀକାନ୍ତଙ୍କ ମନ ମଧ୍ୟରେ ସୃଷ୍ଟି ହୋଇଥିଲା ପ୍ରଶସ୍ତ କ୍ଷେତ୍ର । କବି ମାୟାଧର ମାନସିଂହ ଉଦାର ହୃଦୟର ବ୍ୟକ୍ତି ଥିଲେ । ଯେପରି ତାଙ୍କୁ କୌଣସି ଅବସ୍ଥାରେ ଆଞ୍ଚଳିକତା ତଥା ସଂକୀର୍ଣ୍ଣତା ସ୍ପର୍ଶ କରି ନଥିଲା, ତାଙ୍କ ପ୍ରିୟ ଛାତ୍ର ରଜନୀକାନ୍ତ ବି ସେହି ପ୍ରକାର ଆଞ୍ଚଳିକତାରୁ ଊର୍ଦ୍ଧ୍ୱରେ ରହି ନାନା କାର୍ଯ୍ୟ କରୁଥିଲେ । ଉଭୟ ପୂର୍ବ-ଓଡ଼ିଶାର ଲୋକ ହେଲେ ମଧ୍ୟ ସେମାନଙ୍କ କର୍ମସ୍ଥଳୀ ଥିଲା ନିଜ ଅଞ୍ଚଳଠାରୁ ଅନେକ ଦୂର ।

ନିଜ ପରିବାରରେ ଚର୍ଚ୍ଚା କରାଯାଉଥିବା ପ୍ରାଚୀନ ସାହିତ୍ୟ,ଗ୍ରାମ୍ୟ ଜୀବନର କାବ୍ୟିକ ପରିବେଶ,ରାଜକିଶୋରଙ୍କ ସାହିତ୍ୟ ପ୍ରୀତି ତଥା ଜୀବନାଦର୍ଶ,ରବୀନ୍ଦ୍ର ସାହିତ୍ୟ ଓ ମାନସିଂହଙ୍କ କାବ୍ୟ-ଭୂମିର ପ୍ରଭାବ ପଡ଼ିଥିଲା ରଜନୀକାନ୍ତଙ୍କ ମନ ଉପରେ । ନବମ ଶ୍ରେଣୀର ଛାତ୍ର

ରଜନୀକାନ୍ତ ରଚନାକଲେ ଏକ ଖଣ୍ଡକାବ୍ୟ 'ରାବଣ ଦହ୍ରିହ ପଥେ' । ଏହା ଏକ ବ୍ୟଙ୍ଗ କାବ୍ୟ । ଏଥିରେ ସାନଭାଇ ସୂର୍ଯ୍ୟକାନ୍ତ ସମେତ କେତେକ ସାଥିଙ୍କୁ ବ୍ୟଙ୍ଗ କରାଯାଇଥିଲା । 'ରାବଣ ଦହ୍ରିହ' ଜଳପ୍ରପାତ ଭବାନୀପାଟଣା ଠାରୁ କିଛି ଦୂରରେ ଅବସ୍ଥିତ ଏକ ରମଣୀୟ ସ୍ଥାନ ।

ରଜନୀକାନ୍ତଙ୍କ ସ୍କୁଲ ଛାତ୍ର-ସମୟ ଭାରତୀୟ ରାଜନୀତିର ଏକ ଘଡ଼ିସନ୍ଧି କାଳ । ଜାତିର ଜନକ ବାପୁଜୀଙ୍କ ଆହ୍ୱାନରେ ସାରା ଦେଶ ତାତି ଉଠିଥାଏ । ମୋହନ ଦାସଙ୍କ ମୋହନବଂଶୀର ସ୍ୱର ଚପଳ ବାଳକମାନଙ୍କୁ ବାନରସେନାରେ ପରିଣତ କରାଇ ଦେଇଥିଲା । ବାଲିକୁଦା ମାଇନର ସ୍କୁଲରେ ପଢ଼ିଲାବେଳେ ସତ୍ୟାଗ୍ରହ ଆନ୍ଦୋଳନର ପ୍ରଭାବ ତାଙ୍କ କିଶୋର ମନକୁ ଆଚ୍ଛନ୍ନ କରିଦେଇଥିଲା । ସହିଦ୍ ଭଗତ୍ ସିଂହ ଫାଶୀ ତା ସହିତ ଗାନ୍ଧିଜୀଙ୍କ ଡାକରା ପରିବେଶକୁ ଉତ୍ତପ୍ତ କରିଦେଇଥିଲା । ବିଦ୍ୟାଳୟ ସନ୍ନିକଟରେ ସତ୍ୟାଗ୍ରହୀମାନଙ୍କ ପାଇଁ ତାଲିମ ଶିବିର ଖୋଲାଯାଇଥିଲା । ସତ୍ୟାଗ୍ରହୀମାନଙ୍କ ଆହ୍ୱାନର ସ୍ୱର ଅନେକ ଛାତ୍ରଙ୍କୁ ବେଶ ପ୍ରଭାବିତ କରିଥିଲା । ରଜନୀକାନ୍ତ ସଂଗ୍ରାମ ଆଡ଼କୁ ଆଗେଇଯାଉଥିବା ଦେଖି ଅଭିଭାବକମାନେ ତାଙ୍କୁ ବିରାଡ଼ି ଛୁଆ ଭଳି ବାଲିକୁଦା ସ୍କୁଲରୁ କୁଜଙ୍ଗ ଅଞ୍ଚଳର ପଞ୍ଚପଲ୍ଲୀ, ସେଠାରୁ ଜଗତ୍ସିଂହପୁରର ଶ୍ରୀକୃଷ୍ଣ ଏକାଡେମୀରୁ ନେଇ କଳାହାଣ୍ଡି ଗଡ଼ଜାତର ରାଜଧାନୀ ଭବାନୀପାଟଣା ହାଇସ୍କୁଲରେ ନବମ ଶ୍ରେଣୀରେ ନାମ ଲେଖାଇ ଦେଲେ; କାରଣ ସେତେବେଳେ ଭବାନୀପାଟଣାରେ ଜାତୀୟ ଆନ୍ଦୋଳନ ଏତେ ତୀବ୍ର ଆକାର ଧାରଣ କରି ନଥିଲା । ରଜନୀକାନ୍ତଙ୍କ ସଂଗ୍ରାମୀ ମନ କିନ୍ତୁ ଦବିଯାଇ ନଥିଲା । ସାମ୍ୟବାଦୀ ନେତା ଭଗବତୀ ଚରଣ ପାଣିଗ୍ରାହୀ କେବଳ ସାହିତ୍ୟ ରଚନାରେ ନୁହେଁ, ସଂଗ୍ରାମରେ ରଜନୀକାନ୍ତଙ୍କ ମନରେ ଆସନପାତି ସାରିଥିଲେ । କଳାହାଣ୍ଡିରେ ଚାଲିଥାଏ ସେତେବେଳେ ଅନ୍ଧାରି ଶାସନ । ଅନ୍ୟାନ୍ୟ ଗଡ଼ଜାତ ପରି ବେଠି, ଭେଟି ଓ ମାଗଣିର ଚାଲିଥାଏ ରାଜୁତି । କଳାହାଣ୍ଡିର ବୃଦ୍ଧ ମହାରାଜା ବ୍ରଜମୋହନ ଦେବଙ୍କ ଶୋଷଣ, ଦମନ ଓ ଅତ୍ୟାଚାର ବିରୋଧରେ ରଜନୀକାନ୍ତ ଚିଠିପତ୍ର ଓ ଲେଖାଦ୍ୱାରା ପ୍ରଥମେ ନୋଃଗଲବନ୍ଧା ଅଂଚଳର ନେତାମାନଙ୍କ ସହିତ ସଂପର୍କ ସ୍ଥାପନ କଲେ ।

ସର୍ବଦା ବାଟ-ଭଙ୍ଗା ଲୋକଟି ପରି ରଜନୀକାନ୍ତ ଲେଖାପଢ଼ାରେ ମନ ଦେବା ସଙ୍ଗେ ସଙ୍ଗେ କବିତା ଲେଖାପାଇଁ କଲମକୁ ସଜାଗ ରଖୁଥିଲେ । ସେ ସମୟର ଜଳନ୍ତା ନିଆଁଖୁଣ୍ଟା ସାମ୍ୟବାଦୀ ନେତା ଭଗବତୀଚରଣ ପାଣିଗ୍ରାହୀଙ୍କ ସହିତ ପତ୍ରମାଧ୍ୟମରେ ତାଙ୍କର ସଂପର୍କ ଗଢ଼ିଉଠିଥିଲା । ଗଡ଼ଜାତ ରାଜାମାନଙ୍କର ଅନ୍ଧାରି ଶାସନ ବ୍ୟବସ୍ଥା ଯୋଗୁଁ ପ୍ରଜାମାନେ ଦାରୁଣ କଷ୍ଟ ଭୋଗୁଥିଲେ । ଏ କଷଣକୁ ରଜନୀକାନ୍ତ ଭଲ ଭାବରେ ଦେଖିଥିଲେ । ତାଙ୍କ ବାପାଙ୍କର ସେଠାରେ ପ୍ରତିଷ୍ଠା ଥିବାରୁ ଓ ସେମାନେ ଗଡ଼ଜାତର ପ୍ରଜା ହୋଇ ନଥିବାରୁ ପ୍ରତ୍ୟକ୍ଷ ଭାବରେ ତାଙ୍କର କିଛି ଅସୁବିଧା ନଥିଲା; ମାତ୍ର ଅତ୍ୟାଚାରର ଦୃଶ୍ୟ ଦେଖି କବି ଲେଖକର ସ୍ପର୍ଶ-କାତର-ମନ ସହଜରେ ଥମି ପାରୁନଥିଲା । ସ୍କୁଲ ଛାତ୍ର ରଜନୀକାନ୍ତ ଗଡ଼ଜାତର କରୁଣ କାହାଣୀ ବୟାନ କରି ବିପ୍ଳବ ନିମିତ୍ତ ଚିଠି ଲେଖୁଥିଲେ ବିପ୍ଳବୀ ଭଗବତୀଚରଣ ପାଣିଗ୍ରାହୀଙ୍କ ପାଖକୁ । ସେଥି ମଧ୍ୟରୁ ଦୈବାତ୍ ଗୋଟିଏ ଚିଠି ଭଗବତୀଙ୍କ ପାଖରେ ପହଁଚିବା ପୂର୍ବରୁ ସମ୍ବଲପୁରରେ ସରକାରୀ

ଗୋଇନ୍ଦା ବିଭାଗ ହାତରେ ପଡ଼ିଲା । ତନାଘନା ଅନୁସନ୍ଧାନ ପରେ ରଜନୀକାନ୍ତ ବିପ୍ଳବ ସହିତ ଜଡ଼ିତ ଅଛନ୍ତି ବୋଲି ପ୍ରମାଣିତ ହୋଇଗଲା । ରାଜଦଣ୍ଡ ନିର୍ଦ୍ଧାରଣ ହେଲା କଳାହାଣ୍ଡିରୁ ନିର୍ବାସନ ।

ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ପ୍ରମୁଖନେତା ଭଗବତୀ ଚରଣ ପାଣିଗ୍ରାହୀ 'କୃଷକ' ନାମରେ ଏକ ସମ୍ବାଦପତ୍ରଧର୍ମୀ ତଥା ପ୍ରଗତି ଶୀଳ ସାପ୍ତାହିକ ପତ୍ରିକା ପ୍ରକାଶ କରୁଥିଲେ । ସେ ସମୟରେ ପ୍ରକାଶିତ ବିଭିନ୍ନ ପ୍ରଗତିଶୀଳ ପତ୍ରିକାରେ ରଜନୀକାନ୍ତଙ୍କ ବିପ୍ଳବଧର୍ମୀ କବିତା ପ୍ରକାଶିତ ହେଉଥିଲା । ସେତେବେଳେ ରଜନୀକାନ୍ତ ହାଇସ୍କୁଲରେ ନବମ, ଦଶମ ଓ ଏକାଦଶ ଶ୍ରେଣୀର ଛାତ୍ର । ପରେ ସେ ସବୁ କବିତା 'ସଂଘର୍ଷ' ପୁସ୍ତକରେ ସ୍ଥାନ ପାଇଥିଲା ।

ଏହିପ୍ରକାର କାର୍ଯ୍ୟ ତାଙ୍କ ପିତା ତଥା ପରିବାରକୁ ଅନେକାଂଶରେ ବିପନ୍ନ କରିଥିଲା । କିନ୍ତୁ ସଂଗ୍ରାମୀ ରଜନୀକାନ୍ତ ପରିଣତି ବିଷୟରେ ଆଦୌ ଚିନ୍ତା କରି ନଥିଲେ । ରାଜାଙ୍କ ବିରୋଧରେ ଯାଇ ରାଜଦ୍ରୋହୀ ହେବାକୁ ରଜନୀକାନ୍ତ ଏକ ଗୌରବ ପୂର୍ଣ୍ଣ କାର୍ଯ୍ୟବୋଲି ବିଚାର କରୁଥିଲେ । ପିତାଙ୍କ ପ୍ରତିପତ୍ତି ଯୋଗୁଁ ଓ ରଜନୀକାନ୍ତ ନାବାଳକ ସ୍କୁଲ ଛାତ୍ର ଥିବାରୁ ପରେ ଦଣ୍ଡାଦେଶରେ ସାମାନ୍ୟ କୋହଳ କରାଗଲା, କେବଳ ହାଇସ୍କୁଲ ପରୀକ୍ଷା ଦେବାପାଇଁ । ପାଟନା ବିଶ୍ୱବିଦ୍ୟାଳୟ ଅଧୀନରେ ସେ ହାଇସ୍କୁଲ ପରୀକ୍ଷା ଦେଲେ ସମ୍ବଲପୁରରେ । ପରେ ରଜନୀକାନ୍ତଙ୍କୁ ଓଡ଼ିଶା ବାହାରେ ଦୀର୍ଘଦିନ ଧରି ଅଜ୍ଞାତବାସ କରିବାକୁ ପଡ଼ିଲା ।

କବି ରଜନୀକାନ୍ତ, ସଂଗ୍ରାମୀ ରଜନୀକାନ୍ତ ଆପାତତଃ ଅଜ୍ଞାତ ଭାବରେ ନିର୍ବାସିତ ଜୀବନଯାପନ କଲେ ମଧ୍ୟପ୍ରଦେଶଅନ୍ତର୍ଗତ 'ସୁରୁଗୁଜା' ଷ୍ଟେଟର ରାଜଧାନୀ ଅମ୍ବିକା ପୁରରେ । ସେଠାରେ ରଜନୀକାନ୍ତଙ୍କ ବଡ଼ବାପା ରହୁଥା'ନ୍ତି । ସୁରୁଗୁଜା ଷ୍ଟେଟର ରେଭିନିୟୁ ଡିପାର୍ଟମେଣ୍ଟରେ କାର୍ଯ୍ୟ କରିବା ପାଇଁ ଏକ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସେ ନିଯୁକ୍ତି ପାଇଲେ । କର୍ମ ଦକ୍ଷତା ଓ ଉତ୍ତମ ପରିବେଶ ଯୋଗୁ ସେଠାରେ ଆଦର ପାଇଲେବି ନିଜର ନାମ ବ୍ୟତୀତ ଆଉ ସବୁ ତାଙ୍କୁ ଗୋପନୀୟ ରଖିବାକୁ ପଡୁଥିଲା । ତଥାପି କଳାହାଣ୍ଡିରୁ ସମନ ପହଞ୍ଚିବାର ଆଶଙ୍କା ସବୁ ସମୟରେ ଥାଏ । ସେଇଠି କିଛି ପଢ଼ାପଢ଼ି, ରାଜକର୍ମଚାରୀ ଭାବରେ କିଛି କାର୍ଯ୍ୟ, ସେ ପୁଣି ଅଜ୍ଞାତ ଭାବରେ ! ଧରା ପଡ଼ିଲେ ଦଣ୍ଡର ବ୍ୟବସ୍ଥା ସୁନିଶ୍ଚିତ ।

କୋରାପୁଟ ଜିଲ୍ଲାର ପୋଲିସ ଅଧକ୍ଷଙ୍କ ଦପ୍ତରରେ ବିଶ୍ୱସ୍ତ କର୍ମଚାରୀ ଭାବରେ କାର୍ଯ୍ୟ କରୁଥିବା ଗାଳ୍ପିକ ତଥା ଅନୁବାଦକ ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି ହେଉଛନ୍ତି ରଜନୀକାନ୍ତଙ୍କ ପ୍ରଥମ ପତ୍ରବନ୍ଧୁ; ଯାହାଙ୍କ ସହିତ 'ଡଗର' ମାର୍ଫତରେ ପରିଚୟ ଆରମ୍ଭ ହୋଇଥିଲା । ମାତ୍ର ପରସ୍ପର ମଧ୍ୟରେ ସାକ୍ଷାତ ହୋଇ ନ ଥିଲା । ରଜନୀକାନ୍ତଙ୍କ ରଚିତ ରାଜଦ୍ରୋହମୂଳକ କବିତା ଗୁଡ଼ିକର ସେ ହୋଇଥିଲେ ମାର୍ଫତଦାର ତଥା ପ୍ରକାଶକ । ତାଙ୍କ ଉଦ୍ୟମରେ ସ୍ଥାନୀୟ ସହର ସଂଲଗ୍ନ ଜଗନ୍ନାଥପୁରରେ ଗଢ଼ା ଯାଇଥିଲା ସାହିତ୍ୟ ଅନୁଷ୍ଠାନ ଜଗନ୍ନାଥ ସାହିତ୍ୟ ସମିତି । ଏହାର ପ୍ରଥମ ଅବଦାନ ଭାବରେ କାନ୍ତକବିଙ୍କ ମୁଖବନ୍ଧ ସହିତ ଭଦ୍ରକର ଗୋପୀନାଥ ପ୍ରେସରୁ ପ୍ରକାଶ ପାଇଲା ରଜନୀକାନ୍ତଙ୍କ ପ୍ରଥମ କବିତା ପୁସ୍ତକ 'ସଂଘର୍ଷ' । କାନ୍ତକବି ଲେଖିଥିଲେ- 'ସମାଜର ବଳିଷ୍ଠ ଚିନ୍ତାଧାରାରେ କବି ଯୋଟାଏ ବିପୁଳ ବିପ୍ଳବ ଆଣି ଦେଇଛନ୍ତି । ଭିନ୍ନ ବହାର

ଶୀତଳ ରକ୍ତ ଯେପରି ମୁକ୍ତିର ଆଗୁଥ ବତାସରେ ଉଚ୍ଛୃଙ୍ଖଳ ହୋଇ ଉଠିଛି ! କବିତା ଗୁଡ଼ିକର ଛତ୍ରେ ଛତ୍ରେ ବିଦ୍ରୋହର ବହ୍ନି, ବ୍ୟଥାର ତପ୍ତଶ୍ୱାସ ଓ ବେପରୁଆ-ଭାବର ତୀବ୍ରତା ସଜୀବ ଓ ଜାଗ୍ରତ । ଭାଷାର ପ୍ରବାହ ଏତେ ପ୍ରଖର ଯେ ତାହା ଛନ୍ଦ ବନ୍ଧ ଭାଙ୍ଗି ମତୁଆଲା ହୋଇ ଧାଉଁଛି ଅନନ୍ତ ମୁକ୍ତି ପଥରେ । ଆଜ ସାହିତ୍ୟରେ କବି ଗୋଟାଏ ନୂତନ ପ୍ରେରଣା ଆଣି ପାରିଛନ୍ତି ବୋଲି ମୋ'ର ଧାରଣା ।'' ଭାରତ ସେବକ ସମିତିର ସଭ୍ୟ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ 'ସଂଘର୍ଷ' ସଂପର୍କରେ ଏକ ଦୀର୍ଘ ମତାମତ ମଧ୍ୟ ପ୍ରଦାନ କରିଥିଲେ ।

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ସ୍ୱାଧୀନତା ଆନ୍ଦୋଳନରେ ଲିପ୍ତ ହେବା ସମୟରେ 'ଡଗର' ପ୍ରକାଶିତ ହେଉଥିବା ଗୋଟାଏ ପ୍ରେସ ଖାନତଲାସ କରାଗଲା । ଇଂରେଜ ସରକାରଙ୍କ ଗୋଇନ୍ଦା ବିଭାଗର କୋପଦୃଷ୍ଟିରେ ପଡ଼ିଲା ଏଇ ବହିଟି । ରଜନୀକାନ୍ତଙ୍କ ପରି ଏ ବହି 'ସଂଘର୍ଷ' ବି ହେଲା ନିର୍ବାସିତ । ପ୍ରଥମତଃ ଏହା ରାଜଦ୍ରୋହମୂଳକ କବିତା, କବି ରଜନୀକାନ୍ତ ବିଦ୍ରୋହ କାରଣରୁ ଗଡ଼ଜାତରୁ ନିର୍ବାସିତ, ଏଣୁ ସେ ସରକାରଙ୍କର ଶତ୍ରୁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏ ପ୍ରକାର ଧରଣର ଲେଖକଙ୍କୁ ଓ ବହିଙ୍କୁ ଭାରତରକ୍ଷା ଆଇନ ବଳରେ ବେଆଇନ ଘୋଷଣା କରାଯାଉଥିଲା । ବହି ବାଜ୍ୟାପ୍ତି ହେବାର ଆଶଙ୍କା କରି, ପ୍ରକାଶକ ତଥା ମୁଦ୍ରାକରଙ୍କର ଜେଲ ଜୋରିମାନା ଭୟରେ ଭଦ୍ରକ ଓ କଟକରେ ଥିବା ସମସ୍ତ ବହିଙ୍କୁ ନଷ୍ଟ କରିଦିଆଗଲା । ସେଥିରୁ ଯେତିକି ରକ୍ଷା ପାଇପାରିଥିଲା, ଆଜିର ଏହି ସଂକଳନରେ ତାହା ସ୍ଥାନିତ । ସେତେବେଳେ କାନ୍ତକବି ଲକ୍ଷ୍ମୀକାନ୍ତ ତଥା ତାଙ୍କର ସଂଗ୍ରାମୀ ପୁତ୍ର ନିତ୍ୟାନନ୍ଦ ଓ [illegible]ଚନ୍ଦ୍ର ଗାନ୍ଧୀ ଆନ୍ଦୋଳନରେ ପ୍ରତ୍ୟକ୍ଷ ସଂଗ୍ରାମୀ । ଭଦ୍ରକର ତାଳପଦାରୁ ପ୍ରକାଶ ପାଉଥାଏ ହାସ୍ୟ କୌତୁକ-ବ୍ୟଙ୍ଗ ପତ୍ରିକା 'ଡଗର' । ରଜନୀକାନ୍ତ ଡାକରା ପାଇ ଭଦ୍ରକ ଆସିଲେ 'ଡଗର' ପତ୍ରିକାରେ ସହକାରୀ ସଂପାଦକ ଭାବରେ କାର୍ଯ୍ୟକରିବା ପାଇଁ । କବି ଲକ୍ଷ୍ମୀକାନ୍ତ କିମ୍ବା 'ଡଗର' ସଂପାଦକ ନିତ୍ୟାନନ୍ଦ ପୂର୍ବରୁ ରଜନୀକାନ୍ତଙ୍କ ଚେହେରା ଦେଖି ନଥିଲେ । ରଜନୀକାନ୍ତ ପହଁଚିବା ପରେ ସଂପାଦକ ନିତ୍ୟାନନ୍ଦ ମହାପାତ୍ର 'ଭାରତଛାଡ଼ ଆନ୍ଦୋଳନ'ର ସତ୍ୟାଗ୍ରହ ତାଲିକାରେ ଜଣେ ସେନାନୀ ଭାବରେ ଇଂରେଜମାନଙ୍କୁ ଭାରତଛାଡ଼ ଡାକରା ଦେଇ ଜେଲବରଣ କରିବା ସୁନିଶ୍ଚିତ ହୋଇଥିଲା । କାରଣ ସ୍ୱୟଂ ଗାନ୍ଧିଜୀ ଓଡ଼ିଶା କଂଗ୍ରେସ ଦଳର ସତ୍ୟାଗ୍ରହୀମାନଙ୍କ ତାଲିକା ଭିତରେ 'ଡଗର' ସଂପାଦକ ନିତ୍ୟାନନ୍ଦ ମହାପାତ୍ରଙ୍କୁ ମଧ୍ୟ ତାଲିକାଭୁକ୍ତ କରି ସାରିଥିଲେ । ସାହିତ୍ୟ-ଜଗତ ପ୍ରତି କବି ରଜନୀକାନ୍ତଙ୍କ ସମ୍ମୋହ ଏତେ ବେଶି ଥିଲା ଯେ, ସେ ମଧ୍ୟ ଗଡ଼ଜାତ ରାଜ୍ୟରେ ମିଳିଥିବା ସ୍ଥାୟୀ କର୍ମ ନିଯୁକ୍ତି ପରିତ୍ୟାଗ କରିଦେବାର ନିଷ୍ପତ୍ତିକୁ ନିଜେ ନିଜ ଉପରେ ଛାଡ଼ିଦେଇ 'ଡଗର' ପତ୍ରିକାର ସହ ସଂପାଦକ ହେବାଲାଗି ଅକୁଣ୍ଠିତ ଭାବରେ ଚାଲିଆସିଥିଲେ । ମାତ୍ର ଏ ଅଂଚଳରେ ରଜନୀକାନ୍ତଙ୍କ ରହଣି ସ୍ୱାସ୍ଥ୍ୟଗତ କାରଣରୁ ସମ୍ଭବ ହୋଇ ପାରିଲା ନାହିଁ ।

ତତ୍କାଳୀନ ଓଡ଼ିଶାରେ ଜଣେ ଅର୍ବାଚୀନ କବି ଲେଖକ ଭାବରେ ରଜନୀକାନ୍ତ ଥିଲେ ପୁରାପୁରି ଅଚିହ୍ନା । ତାଙ୍କ ବହିର ପ୍ରକାଶକ, ବିତରକ କି ଆଲୋଚକ କେହି ସାକ୍ଷାତରେ ତାଙ୍କୁ ଦେଖି ନ ଥିଲେ । କଟକ ସହରର ବହି ଦୋକାନଗୁଡ଼ିକରେ ସେ ନିଜ ହାତରେ ବହି ଦେଇ ନ

ଥିଲେ । ସେ କୌଣସି ଦୋକାନୀଙ୍କୁ ଚିହ୍ନି ନଥିଲେ ବା ଦୋକାନୀମାନେ ତାଙ୍କୁ ଚିହ୍ନି ନ ଥିଲେ । ସେହି କାରଣରୁ ଇଂରେଜ ଶାସନକାଳର ପୋଲିସ ଓ ଗୁଇନ୍ଦା ବାହିନୀ ଓଡ଼ିଶା ପ୍ରଦେଶର କୌଣସି ସ୍ଥାନରେ ତାଙ୍କୁ ଖୋଜିଖୋଜି ଚିହ୍ନଟ କରି ପାରିନାହିଁ । କଟକ ଠାରୁ ପ୍ରାୟ ଏକ ହଜାର ମାଇଲ ଦୂରରେ ଅପରିଚିତ ତଥା ଅଜ୍ଞାତ ସ୍ଥାନରେ ସେ ଆତ୍ମଗୋପନ କରି ରହିଥିଲେ, ଏପରି ଅବସ୍ଥାରେ ତାଙ୍କ ଦ୍ୱାରା ରଚିତ ରାଜଦ୍ରୋହଧର୍ମୀ କବିତା ସଂକଳନର ପ୍ରକୃତ ରଚୟିତାଙ୍କୁ ଚିହ୍ନଟ କରି ନ ପାରିବାରୁ ବ୍ରିଟିଶ ସରକାରଙ୍କର ଓଡ଼ିଶାରେ ଥିବା ପୋଲିସ କିମ୍ବା ଗୁଇନ୍ଦା ବାହିନୀ ରଜନୀକାନ୍ତଙ୍କୁ ଠାବ କରିପାରି ନଥିଲେ । ତାଙ୍କ ପ୍ରତି କୌଣସି ଶାରୀରିକ ଦଣ୍ଡ ଦିଆଯାଇପାରିଲା ନାହିଁ ।

'ସଂଘର୍ଷ'ର ରଚନା ଶେଷ ହେଲାବେଳକୁ ରଣପୁର ଗଡ଼ଜାତର କାହାଣୀ, ବେଜଲଗେଟ୍ ହତ୍ୟାକାଣ୍ଡ, ରଘୁନାଥ ମହାନ୍ତି, ଦିବାକର ପରିଡ଼ାଙ୍କ ଫାଶି ରଜନୀକାନ୍ତଙ୍କ ମନକୁ ଆନ୍ଦୋଳିତ କରିଥିଲା । 'ସଂଘର୍ଷ' ପ୍ରକାଶର ଛଅବର୍ଷ ପରେ ପ୍ରକାଶ ପାଇଲା 'ରଘୁ ମହାନ୍ତି' ନାମକ ଏକ କ୍ଷୁଦ୍ରକାବ୍ୟ । ଏହାକୁ ପ୍ରକାଶ କରିଥିଲେ ସେ ସମୟର ପ୍ରସିଦ୍ଧ ପ୍ରକାଶନ ସଂସ୍ଥା ସାରସ୍ୱତ ଭଣ୍ଡାର । ପୁସ୍ତକଟି ଭଲଭାବରେ ବିକ୍ରୟ ହୋଇଥିବାରୁ ପ୍ରକାଶକ ରୟାଲଟି ବାବଦ ଯେଉଁ ଅର୍ଥ ପଠାଇଥିଲେ ରଜନୀକାନ୍ତଙ୍କ ଜୀବନର ତାହାଥିଲା ପ୍ରଥମ ସାରସ୍ୱତ ସମ୍ମାନ ।

କବି ରଜନୀକାନ୍ତ ଦାସଙ୍କ ଏ ଯାବତ ସଂକଳିତ ପୁସ୍ତକ ସଂଖ୍ୟା ବାରଟି ।
୧-ସଂଘର୍ଷ(କବିତା,୧୯୪୦); ୨-ରଘୁମହାନ୍ତି(କବିତା,୧୯୪୬); ୩-ମାଓ-ସେ-ତୁଙ୍ଗ (ଜୀବନୀ,୧୯୫୨); ୪-ଦିଗ୍‌ବଳୟ(ଉପନ୍ୟାସ,୧୯୫୬); ୫-ଚରିତ୍ରହୀନା (ଅନୁବାଦ ଉପନ୍ୟାସ,୧୯୬୦); ୬-ବିରଳ ମୃତ୍ତିକା(କବିତା,୧୯୭୪); ୭-ଦୀପାଳୀ ସଂଘ(ଉପନ୍ୟାସ,୧୯୭୪); ୮-ଜୀବନଧର୍ମୀ ସାହିତ୍ୟର ଭୂମିକା(ଆଲୋଚନା,୧୯୭୫); ୯-ବିଂଶ ଶତାବ୍ଦୀର ପ୍ରେତ(ଅନୁବାଦ ଉପନ୍ୟାସ,୧୯୭୯); ୧୦-ମାଟିର ମୁକୁଟ(ଗଳ୍ପ,୧୯୮୧); ୧୧-ଟିକି ଟିକି ପାହାଡ଼ର ଫୁଲ(ଗଳ୍ପ,୧୯୯୩); ୧୨-ନିଜ ସନ୍ଧାନରେ ସୂର୍ଯ୍ୟ(ଗଳ୍ପ,୧୯୯୬) । ଆଗରୁ ଏହି ୧୨ ଟି ପୁସ୍ତକ ପ୍ରକାଶିତ ହୋଇ ସାରିଛି ଓ ଗ୍ରନ୍ଥାବଳୀର ଏହି ଭାଗରେ ନୂତନ କରି ଦୁଇଟି ପୁସ୍ତକ ପ୍ରଥମଥର ପାଇଁ ଆତ୍ମପ୍ରକାଶ କରୁଛି । କବିଙ୍କର ଆଦ୍ୟ ଜୀବନର କବିତା ପୁସ୍ତକ 'ସଂଘର୍ଷ' (୧୯୪୦) ଯେପରି ନାନା ସଂଗ୍ରାମରେ ଗତି କରିଥିଲା, ଦ୍ୱିତୀୟ ପୁସ୍ତକ 'ରଘୁ ମହାନ୍ତି'(୧୯୪୬) ବି ସମଧର୍ମୀ ରାଜନୈତିକ ଚେତନାରେ ଭରପୂର ।

ରଜନୀକାନ୍ତ ଦଳିତ ଜନତା ସହିତ ସାମିଲ ହୋଇ ପାରିଥିଲେ; କିନ୍ତୁ ନିଜ ସମୟ ଓ ସମାଜ ସହିତ ସାଲିସ୍ କରିପାରି ନାହାନ୍ତି । ତାଙ୍କର ଶବ୍ଦ ତୀକ୍ଷ୍ଣ, ଭାଷା ଶାଣିତ ଓ ବକ୍ତବ୍ୟ ସିଧାସଳଖ । ଲେଖକ ଜୀବନ ସହିତ ସେ ବାଛିନେଇଥିଲେ ଆଉ ଏକ ଦୁର୍ଗମ ପଥ, ସାମ୍ବାଦିକତା, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ସୂତ୍ରଧର । ରଜନୀକାନ୍ତ ୧୭ ବର୍ଷର ସାମ୍ବାଦିକ ଜୀବନ ମଧ୍ୟରେ ଆନନ୍ଦ ବଜାର ପତ୍ରିକା ଲିମିଟେଡ୍ ଗ୍ରୁପର ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ, ବିଜିନେସ୍ ଷ୍ଟାଣ୍ଡାର୍ଡ, ପ୍ରଜାତନ୍ତ୍ର ପ୍ରଚାର ସମିତିର ପ୍ରଜାତନ୍ତ୍ର, ଇଷ୍ଟର୍ଣ୍ଣ ଟାଇମ୍‌ସ, ମାଡ୍ରାସରୁ ପ୍ରକାଶିତ ହିନ୍ଦୁ ଏବଂ ପ୍ରେସ ଟ୍ରଷ୍ଟ ଅଫ୍

ଛଣିଆର ନିଜସ୍ୱ ସମ୍ବାଦଦାତା ଭାବରେ ସଫଳତାର ସହିତ କାର୍ଯ୍ୟ ସଂପାଦନ କରିବା ପରେ ନିଜ ସଂପାଦନାରେ ଦୀର୍ଘ ୧୬ ବର୍ଷ ହେବ 'ରାଉରକେଲା ରିପୋର୍ଟର' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ଚଳାଇ ଆସୁଛନ୍ତି । ସାମ୍ବାଦିକତାରେ ସେ ଖ୍ୟାତି ପାଇଛନ୍ତି କିନ୍ତୁ ଅସାଧୁ ଉପାୟରେ ସଂପଦ ଅର୍ଜନର ମସୁଧା କରିନାହାନ୍ତି । ଅନେକଙ୍କର ରୋଷର ଶିକାର ହୋଇଛନ୍ତି କିନ୍ତୁ ଅଥଚ ତାଙ୍କୁ ଅନ୍ତ କରି କାହାକୁ ତୁଷ୍ଟ କରି ନାହାନ୍ତି । ସାହିତ୍ୟ ଓ ସାମ୍ବାଦିକତାରେ ସମୟ ଓ ସମାଜକୁ ଚିତ୍ରିତ କରିପାରି ଜନ ମାନସରେ ନୂତନ ଆସନ ପାତିପାରିଛନ୍ତି ।

ଉତ୍ତର ଜୀବନରେ କର୍ମଭୂମି ଭାବରେ ସେ ବାଛିନେଲେ ଓଡ଼ିଶାର ଉପାନ୍ତ ଅଂଚଳ ରାଉରକେଲାକୁ । ସେ ସମୟରେ ଯେଉଁମାଟିରେ ଓଡ଼ିଆ ଅପାଙ୍କ୍ତେୟ । ଓଡ଼ିଶା ମାଟିରେ ଥାଇ ଯେଉଁଠି ଓଡ଼ିଆମାନେ ମାତୃଭାଷାରେ କଥାବାର୍ତ୍ତା କଲାବେଳେ ବି ଶଂକି ଯାଆନ୍ତି । ସମସ୍ତ ଓଡ଼ିଆଙ୍କ, ଭୟରେ ହେଉ, ଭ୍ରାନ୍ତିରେ ହେଉ, କି ହୀନମନ୍ୟତା ଯୋଗୁ ହେଉ ମୁହଁଛପା ଦେଉଥିଲେ, ସେଇ ସହରର ଆଦ୍ୟ ଜୀବନରେ ନିଜର କର୍ମଜୀବନ ଆରମ୍ଭ କଲେ ରଜନୀକାନ୍ତ । ରାଉରକେଲାର ବାଙ୍ଗର ମାଟିରେ, ଯେଉଁଠି ପିଇବା ପାଇଁ ପାଣି ଟୋପାଏ ବି ସେତେବେଳେ କିଣିବାକୁ ପଡୁଥିଲା । କେବଳ ସାମ୍ବାଦିକତା ନୁହେଁ; ଆରମ୍ଭ ହେଲା ସଂଘ, ସଂଗଠନ ଓ ନାନା ସାଂଗଠନିକ କାର୍ଯ୍ୟ । ସେ ସମୟରେ ଯେଉଁ ସଚେତନ ଓଡ଼ିଆମାନେ ଭାଷାକୁ ଆଗେଇ ନେବାକୁ, ଜାତିକୁ ବଞ୍ଚେଇବାକୁ, ସାହିତ୍ୟକୁ ପ୍ରସାରିତ କରିବାକୁ ଅଣ୍ଟାଭିଡ଼ି ବାହାରି ଆସିଥିଲେ, ସେମାନଙ୍କ ମଧ୍ୟରେ ରଜନୀକାନ୍ତ ଥିଲେ ଅନ୍ୟତମ । ସାହିତ୍ୟକୁ ଜୀବନ୍ତ କରିବା ପାଇଁ ଜୀବନଧର୍ମୀ ସାହିତ୍ୟ ରଚନା କରିବାକୁ ହେବ । ସେହି ଉଦ୍ଦେଶ୍ୟରେ ଲକ୍ଷ୍ମୀଧର ନାୟକଙ୍କ ସଂପାଦନାରେ ଆରମ୍ଭ ହେଲା 'ନବପତ୍ର' ସାହିତ୍ୟ ପତ୍ରିକା । ରଜନୀକାନ୍ତ ଥିଲେ ଏହି ପତ୍ରିକାର ସହକାରୀ ସଂପାଦକ ଓ ପ୍ରକାଶକ । କିଛିଦିନ ପରେ ରଜନୀକାନ୍ତ 'ନବପତ୍ର'ର ସଂପାଦନା ଭାର ଗ୍ରହଣ କରି ଏହି ପତ୍ରିକାକୁ ଆଗେଇ ନେଲେ, ନୂତନ ରୂପଦେଲେ, ପ୍ରତିଷ୍ଠିତ ପତ୍ରିକା ଭାବରେ ଦୁଇ ଦଶକରୁ ଅଧିକ କାଳ ସଂପାଦନା କରି ଏକ ନୂଆ ଧାରାର ପ୍ରତିଷ୍ଠା କଲେ ।

ରାଉରକେଲାକୁ ଆସିବା ପରେ ରଜନୀକାନ୍ତ ଅନୁଭବ କରିଥିଲେ ଏକ ନୂଆ ସହରରେ ସାଂସ୍କୃତିକ ଜୀବନର ଅଭାବ ଫଳରେ ଏକ ଭିନ୍ନ ଧରଣର ଅପ-ସଂସ୍କୃତି ଗଢ଼ି ଉଠିବା ସ୍ୱାଭାବିକ । ଏହି ଉପଲବ୍ଧିର ଫଳଶ୍ରୁତି ହେଲା କଲଚରାଲ ଏକାଡେମୀ । ପ୍ରାଥମିକ ସ୍ତରରେ ଔପନ୍ୟାସିକ ଲକ୍ଷ୍ମୀଧର ନାୟକ ଏଥିସହ ଜଡ଼ିତ ଥିଲେ । କିନ୍ତୁ ବହୁକାଳ ପର୍ଯ୍ୟନ୍ତ କଲଚରାଲ ଏକାଡେମୀ ଓ ରଜନୀକାନ୍ତ ଓତଃପ୍ରୋତ ଥିଲେ । ଏହି କଲଚରାଲ ଏକାଡେମୀ ମାଧ୍ୟମରେ ରାଉରକେଲାରେ ଏକ ପ୍ରଗତିଶୀଳ ସାଂସ୍କୃତିକ ପରିବେଶ ତରୁଣ ବନ୍ଧୁମାନଙ୍କୁ ନେଇ ସେ ଗଢ଼ି ପାରିଥିଲେ । ଶିଳ୍ପ ଓ ପୁଞ୍ଜିବାଦୀ ଅର୍ଥନୀତିର ଅଭିଘାତରେ ଦେଖାଦେଇଥିବା ସାହିତ୍ୟିକ ଓ ସାଂସ୍କୃତିକ ସମସ୍ୟା ନେଇ ଏକ ସର୍ବଭାରତୀୟ ବିରାଟ ସଂପାନ 'ଶିଳ୍ପାଞ୍ଚଳୀୟ ସାହିତ୍ୟ ସମ୍ମେଳନ' ଶୀର୍ଷକରେ ଅନୁଷ୍ଠିତ ହୋଇଥିଲା । ଏହା ଥିଲା ରଜନୀକାନ୍ତଙ୍କ ସାଂଗଠନିକ ଦୂରଦର୍ଶିତାର ଏକ ସଫଳ ଦୃଷ୍ଟାନ୍ତ । ଓଡ଼ିଶାରେ ମଞ୍ଚ ନାଟକର ଅବକ୍ଷୟ ହେତୁ ତାଙ୍କରି ନେତୃତ୍ୱରେ କଲଚରାଲ ଏକାଡେମୀ

ଆରମ୍ଭ କରିଥିଲା 'ଲୋକନାଟକ ମହୋତ୍ସବ'। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନାଟ୍ୟାନୁଷ୍ଠାନ ଗୁଡ଼ିକର ଏଭଳି ଏକ ପ୍ରତିଯୋଗିତା ସେତେବେଳେ ଥିଲା ଅଭୂତପୂର୍ବ।

ରଜନୀକାନ୍ତଙ୍କ କବିତା ସହିତ ଗଳ୍ପ,ଉପନ୍ୟାସ,ପ୍ରବନ୍ଧ ଓ ସଂପାଦକୀୟରେ ସଂଗ୍ରାମୀ ମନୋଭାବ ସହିତ ସାମାଜିକ ଅବକ୍ଷୟ ଓ ଜୀବନର ମୂଲ୍ୟବୋଧର ଚିତ୍ର ପ୍ରତିଫଳିତ। ପ୍ରାକ୍ ସ୍ୱାଧୀନତା ଓ ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ରାଜନୈତିକ ଓ ସାମାଜିକ ଜୀବନର ସୁସ୍ପଷ୍ଟ ଚିତ୍ର ରଜନୀକାନ୍ତଙ୍କ ରଚନାରେ ପ୍ରତିଫଳିତ। ରଜନୀକାନ୍ତଙ୍କ ଶେଷର ଜୀବନର କବିତାରେ ହେତୁବାଦୀ ଦୃଷ୍ଟିଭଙ୍ଗୀ ସହିତ ମାନବ ଜୀବନର ମହତ୍ତ୍ୱର ଅନୁଭୂତିର ପ୍ରକାଶ କ୍ରମଶଃ ଐଶ୍ୱରୀୟ ଚେତନା ଆଡ଼କୁ ଧାବିତ ହେବାପରି ମନେହୁଏ। କବିଙ୍କର ସଂପ୍ରତି ସଂକଳିତ କବିତା ପୁସ୍ତକ 'କୁମୁଦାମୋଦୀ'ରେ ବୌଦ୍ଧିକ ସମ୍ବେଦନଶୀଳତା ସହିତ କବି ଜୀବନର ଚରମ ଅନୁଭୂତି ବର୍ଣ୍ଣିତ।

ସଂଗ୍ରାମୀ ରଜନୀକାନ୍ତ,ସାମ୍ବାଦିକ ରଜନୀକାନ୍ତ, ସାହିତ୍ୟିକ ରଜନୀକାନ୍ତ, ସମାନ୍ତରାଳ ଭାବରେ ଲେଖିଚାଲିଥା'ନ୍ତି ତାଙ୍କର ସୃଜନଶୀଳ ସୃଷ୍ଟି ସଂପଦ ଗଳ୍ପ,କବିତା, ରମ୍ୟରଚନା ଓ ସଂପାଦକୀୟ ମାଧ୍ୟମରେ। ରାଜଧାନୀ ଠାରୁ ଅନେକ ଦୂରରେ ରହିଥିବା ରଜନୀକାନ୍ତ ସୃଷ୍ଟି ମାଧ୍ୟମରେ ସାରା ଓଡ଼ିଶାରେ ପରିଚିତ ଥିଲେବି ସାକ୍ଷାତରେ ଖୁବ୍ କମ୍‌ଲୋକ ରଜନୀକାନ୍ତଙ୍କୁ ପ୍ରତ୍ୟକ୍ଷ ଭାବରେ ଜାଣିଥିଲେ। ଗ୍ରନ୍ଥମନ୍ଦିର ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ୍ କଟକଙ୍କ ଦ୍ୱାରା ପ୍ରକାଶିତ ମାସିକ ସାହିତ୍ୟ ପତ୍ରିକା 'ଉଦୟ'ର ସଂପାଦକ ଓ ଓଡ଼ିଆ ଯୁବଲେଖକ ସମ୍ମିଳନୀର ୧୯୬୮ ର ସଭାପତି ଭାବରେ ନିଜର ସାଂଗଠନିକ ଦାୟିତ୍ୱ ବହନ କରି ସେ ସମୟରେ ଅନେକ କିଛି କରିପାରିଥିଲେ। ଶେଷର ଜୀବନର ସର୍ବାଧିକ ସମୟ ସେ ବିତାଇ ଦିଅନ୍ତି ନିଜର କର୍ମଭୂମି ରାଉରକେଲାରେ। ସମୟ ପାଇଲେ ସହରର କୋଳାହଳରୁ ନିବୃତ୍ତି ପାଇବା ପାଇଁ ସେ ଧାଇଁ ଯା'ନ୍ତି ନିଜର ପ୍ରତିଷ୍ଠିତ ପଲ୍ଲୀନିବାସ ସୁଦୂର ବାଲିପୋଖରୀ। ମନରେ ଅସୀମ ସାହସ। ଏ ପର୍ଯ୍ୟନ୍ତ ବୟସ ତାଙ୍କୁ କାମରୁ ହଟାଇ ପାରିନି। ଲେଖନୀ ଚଳିଯାଉଛି। ଅନ୍ୟ ଉପରେ ନିର୍ଭର କରିବାକୁ ରଜନୀକାନ୍ତ କେବେ ପସନ୍ଦ କରନ୍ତି ନାହିଁ। 'ଯଦିତୋର ଡାକ୍ ଶୁନି କେଉ ନା ଆସେ ତବେ ଏକଲା ଚଲୋରେ' ଭାବ ହିଁ ତାଙ୍କ ଭିତରେ ଦୃଢ଼ୀଭୂତ ହୋଇଛି। ଶେଷର ଜୀବନରେ ରଜନୀକାନ୍ତ କବି ବିନୋଦ ଚନ୍ଦ୍ର ନାୟକଙ୍କ ସହଯୋଗିତାରେ ଗଢ଼ିଛନ୍ତି ବେଦବ୍ୟାସ ଫାଉଣ୍ଡେସନ୍। ବେସରକାରୀ ଉଦ୍ୟମରେ ଜନସାଧାରଣଙ୍କ ତରଫରୁ ସାହିତ୍ୟିକ ସମ୍ମାନ,ସମ୍ବର୍ଦ୍ଧନା ଓ ଆଦିବାସୀ ଜୀବନ-ସାହିତ୍ୟ ସଂପର୍କରେ ଗବେଷଣା ତଦାରଖ ଏହି ଫାଉଣ୍ଡେସନର ଲକ୍ଷ୍ୟ। ସଂପ୍ରତି ଏହି ସଂସ୍ଥାକୁ ଏକ ଟ୍ରଷ୍ଟ ହାତରେ ଅର୍ପଣ କରିବାପାଇଁ ରଜନୀକାନ୍ତ ତତ୍ପର। ସୃଷ୍ଟିର ସୁରୋଭାବରେ ଯୋଜନ ଯୋଜନ ପଥ ଚାଲିବାକୁ ରଜନୀକାନ୍ତ ଯେପରି ଶପଥ ନେଇଛନ୍ତି। ରାଉରକେଲାର ପାଣି ପବନ,ସାହିତ୍ୟିକ ସଂଗଠନ ରଜନୀକାନ୍ତ ଦାସଙ୍କୁ ଅତି ଆପଣାର ବୋଲି ଭାବି ନେଇଛି,ସୁରଭୀର ଶ୍ରଦ୍ଧା ଦେଇଛି,ସମ୍ମାନ ଜଣାଇଛି। ଆଜି କବି ରଜନୀକାନ୍ତ ଜଣେ ବ୍ୟକ୍ତି ନୁହନ୍ତି ଗୋଟିଏ ଅନୁଷ୍ଠାନ,ଗୋଟିଏ ସଂଗଠନ।

ରାଉରକେଲାର ବିଶିଷ୍ଟ ସାମାଜିକ-ସାଂସ୍କୃତିକ ସଂଗଠନ ତଥା ପ୍ରକାଶନ ସଂସ୍ଥା 'ପ୍ରଗତି ଉତ୍କଳ ସଂଘ' ରଜନୀକାନ୍ତଙ୍କର ଏହି କାବ୍ୟ-ସଞ୍ଚୟନ ପ୍ରକାଶନ ମାଧ୍ୟମରେ ଶ୍ରଦ୍ଧା ନିବେଦନ କରିଛି । ଏହି ସଂସ୍ଥା ବହୁ ପୂର୍ବରୁ ତାଙ୍କୁ ପବିତ୍ର ଉତ୍କଳ ଦିବସ ଅବସରରେ ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନୀତ କରିଛି । ପରିବାରର ସଦସ୍ୟ ଭାବରେ ବାରମ୍ବାର ନିମନ୍ତ୍ରଣ କରିଛି, ଆପଣାର କରିପାରିଛି ।'ପ୍ରଗତି ଉତ୍କଳ ସଂଘ' ଓଡ଼ିଶାର ଉନ୍ନତି, ଓଡ଼ିଆ ଭାଷାର ପ୍ରଗତି ପାଇଁ ସଂକଳ୍ପବଦ୍ଧ । ସେ ବ୍ୟକ୍ତି ଯେଉଁ ଭାଷାର ହୁଅନ୍ତୁ, ଯେଉଁ ଜାତିର ହୁଅନ୍ତୁ, ଯେଉଁ ଧର୍ମର ହୁଅନ୍ତୁ ବା ଯେଉଁ ଅଂଚଳର ଅଧିବାସୀ ହୁଅନ୍ତୁ; ଯିଏ ଓଡ଼ିଶାର ଉନ୍ନତି ପାଇଁ ସମ୍ପୃକ୍ତ ଉଦ୍ୟମ ଚଳାଇ ରଖିଛି, ସେ 'ପ୍ରଗତି ଉତ୍କଳ ସଂଘ'ର ଶ୍ରଦ୍ଧା-ଭାଜନ ହୋଇପାରିଛି । ସେହି ଉଦ୍ଦେଶ୍ୟରେ ସଂଘର ଅନ୍ୟାନ୍ୟ କାର୍ଯ୍ୟ ସହିତ ଗ୍ରନ୍ଥ ପ୍ରକାଶନୀ ଉଦ୍ୟମ ଚାଲୁ କରାଯାଇଛି । ଓଡ଼ିଆ ଜାତିର ସଂଗ୍ରାମର ପ୍ରବାଦ ଜାତୀୟ ଗୌରବ କୁଳବୃଦ୍ଧ ମଧୁସୂଦନଙ୍କୁ ଶ୍ରଦ୍ଧା ନିବେଦନ କରି 'ପ୍ରଗତି ଉତ୍କଳ ସଂଘ' ୧୯୬୮ ମସିହାରୁ ପାଳନ କରି ଆସୁଛି ଉତ୍କଳ ଦିବସ ଓ ମଧୁସୂଦନ ଜୟନ୍ତୀ । ପ୍ରକାଶ କରିଛି ମଧୁସୂଦନଙ୍କ ସଂପର୍କରେ ଧାରାବାହିକ ଭାବରେ ଗବେଷଣା ମୂଳକ ସ୍ମରଣିକା । ସ୍ଥାପନ କରିଛି ରାଉରକେଲାରେ ମଧୁସୂଦନଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି । ପ୍ରକାଶ କରିଛି ମଧୁସୂଦନଙ୍କ ରଚନାବଳୀର ପ୍ରଥମ ଖଣ୍ଡ Madhusudan Das:The Legislator, ମଧୁସୂଦନଙ୍କ ପ୍ରାମାଣିକ ଜୀବନୀ ଗ୍ରନ୍ଥ Madhusudan Das: The Man and His Missions, ଓ Madhusudan Das: His Life and Achievements . ସେହି କ୍ରମରେ ଓଡ଼ିଶା ଓ ଓଡ଼ିଆ ଭାଷାର ଉନ୍ନତି କଳ୍ପେ କାର୍ଯ୍ୟ କରିଥିବା ବିଶିଷ୍ଟ ବ୍ୟକ୍ତି ଓ ଲେଖକଙ୍କ ସଂପର୍କରେ ପୁସ୍ତକ ଯଥା:--ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ, ଶତାବ୍ଦୀର ନାୟକ ଗୌରୀଶଙ୍କର, କୃଷ୍ଣଚନ୍ଦ୍ର ଗଜପତି, ବିଶ୍ୱନାଥ କର ଓ ଐତିହାସିକ ନବୀନ କୁମାର ସାହୁ, ପ୍ରକାଶ କରିଅଛି । କବି ଗଙ୍ଗାଧର ଓ ଶିକ୍ଷାବିତ୍ ମାୟାଧର ମାନସିଂହଙ୍କ ସଂପର୍କରେ--ଗଙ୍ଗାଧର:କବିତା ଓ କବିଆତ୍ମା, ଚିନ୍ତାନାୟକ ମାନସିଂହ ଗବେଷଣା ସଂଦର୍ଭ 'ପ୍ରଗତି ଉତ୍କଳ ସଂଘ'ର ଅନ୍ୟ ଦୁଇଟି ବିଶିଷ୍ଟ ପ୍ରକାଶନ ।

ସଂପ୍ରତି ପ୍ରଗତି ଉତ୍କଳ ସଂଘ ପ୍ରକାଶନୀ ବିଭାଗ ତରଫରୁ ଓଡ଼ିଆ ଭାଷାର ଅନ୍ୟତମ ବିଶିଷ୍ଟ କବି, ଲେଖକ ରଜନୀକାନ୍ତ ଦାସଙ୍କ ସମଗ୍ର ରଚନାବଳୀର ପ୍ରକାଶନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଗଲା । ଏହି ସଂକଳନଟି ରଜନୀକାନ୍ତଙ୍କ ରଚନାର କବିତା ଅଂଶ । ଏହା ପରେ ପରେ ତାଙ୍କ ରଚନାର ଅନ୍ୟାନ୍ୟ ଖଣ୍ଡ ଗ୍ରନ୍ଥାବଳୀ ମାଧ୍ୟମରେ ଓଡ଼ିଶାର ଜନସାଧାରଣଙ୍କ ପାଖରେ ପହଁଚିପାରିଲେ ଅନୁଷ୍ଠାନର ଉଦ୍ୟମ ସଫଳ ହୋଇପାରିବ ।

ଫଗୁଦଶମୀ-୧୯୯୯ — ଡକ୍ଟର ଶ୍ରୀଚରଣ ମହାନ୍ତି ।

ରାଉରକେଲା-୭୬୯୦୦୩.

# କବିତାନୁଭୂତି :

ମୋ ମତରେ କବିତା ରଚନା ଉଚ୍ଛନ୍ନ କିମ୍ବା ଅଣାୟତ୍ତ କର୍ମ ନୁହେଁ । ତାହା ସବୁବେଳେ କବିଗଣଙ୍କ ନିୟନ୍ତ୍ରଣାଧୀନ । ମୁଁ ନିଜ ରଚନାଶକ୍ତିରେ ନିୟନ୍ତ୍ରିତ ସହଜାତ ପ୍ରବୃତ୍ତିର ଅଧିକାରୀ । ନିଜ ଉପରେ ବିଶ୍ୱାସ ରଖି କବିତା ଲେଖୁଛି । କବିତା ନାମରେ ଫୁଲ ଫାନୁସ ଝୁଞ୍ଜି ନାହିଁ କିମ୍ବା ଆକାଶରେ ଗୁଡି ଉଡାଇବାକୁ ଆଗ୍ରହୀ ନୁହେଁ ।

କବିତା ସୂକ୍ଷ୍ମ, କବିତା ସ୍ଥୂଳ ଅଥବା ପୃଥୁଳ କାୟ ହୋଇପାରେ । କବି ଜଣେ କାରିଗର । ପ୍ରତ୍ୟେକ ପ୍ରତିମାକୁ ସେ ନିଜ ଜୀବନର ମୂଲ୍ୟଦେଇ ପଣତରେ ବାନ୍ଧି ରଖେ । ଯାହାର ମୂଲ୍ୟ ନିଜେ ଦେଇ ପାରିବ ନାହିଁ, ସେ ସବୁ ଗରାଖଙ୍କ ପାଖକୁ ଛାଡିଦିଏ ।

କବିର ଜୀବନ ଆନନ୍ଦ ଓ ନିରାନନ୍ଦ । ସବୁ ଯୁଗରେ ସନ୍ତାନ ବତ୍ସଳା ସରସ୍ୱତୀ ଦରିଦ୍ରା ମାତା । ସବୁବେଳେ ଅସ୍ୱଚ୍ଛଳ ଜୀବନର ଧାରାବାହିକତା ମଧ୍ୟରେ କବିତା ସୃଷ୍ଟି ହୁଏ ।

ସୃଷ୍ଟିଧାର ଅଭାବରୁ ସୃଷ୍ଟିସାର ଦୁର୍ବଳ ହୁଏ । ଆପାତତଃ ସେଇ କାରଣରୁ, ମୋ ପରି କ୍ଷୁଦ୍ର କବିମାନଙ୍କର ମାନସାଙ୍କ ସ୍ଥାନ ଦୁର୍ବଳତର । ଏକ ସହିତ ଏକ ମିଶାଇ ଯୋଗଫଳ ଦୁଇ ସଂଖ୍ୟାରେ ସୀମିତ ରଖିବାକୁ କବିଗଣ ଚାହାନ୍ତି ନାହିଁ । ସେମାନେ ଯୋଗଫଳରେ ନିଜକୁ ମିଶାଇ ଦେଇ ତିନି ସଂଖ୍ୟା ଉଚ୍ଚାରଣ କରନ୍ତି । ବେଳେବେଳେ ଏଗାର ମଧ୍ୟ କହନ୍ତି ।

କବିତା ବିଦ୍ୟା ଏବଂ ଅବିଦ୍ୟା । କବିର ସ୍ୱପ୍ନ ସବୁବେଳେ ସମତଳ କିମ୍ବା ଊର୍ଦ୍ଧ୍ୱଭୂମିରେ ବିଚରଣ କରେ ନାହିଁ । ବେଳେ ବେଳେ ତଳକୁ ଓହ୍ଲାଇ ମଧ୍ୟଭାଗରେ ଝୁଲି ରହେ । ପୁଣି ବେଳେବେଳେ ନିମ୍ନଭାଗରେ ବାସ୍ତବ ଧରାତଳ ଉପରକୁ ଖସିପଡେ । କବିମାନଙ୍କର କଳ୍ପନା ଜଗତ ସିଧା ସଳଖ ଊର୍ଦ୍ଧ୍ୱଗାମୀ ନୁହେଁ । ବେଳେବେଳେ ତାହା ତିର୍ଯ୍ୟକ ଏବଂ ବର୍ତ୍ତୁଳାକାର ।

ମୋ ନିଜର ଚେତନାରେ କବିର ଚରିତ୍ର ଗୁଣ-ସାମ୍ୟ ମୁକ୍ତ, ଶିବ, ଶାନ୍ତ, ସଂଭ୍ରମ୍ୟ ଏବଂ ପ୍ରକୃତିବଦ୍ଧ ରହିଥାଏ । କବିତା ରଚନା କରିବା ଧର୍ମ; ଶକ୍ତି ଉପାସନା ଠାରୁ ଭିନ୍ନ ନୁହେଁ ।

ଦେବଗଣ ଶକ୍ତି ଦେବୀଙ୍କୁ ସ୍ତୁତି କରିବା ଲାଗି, କବି ମାର୍କଣ୍ଡେୟଙ୍କୁ ପ୍ରାର୍ଥନା କରି ଛନ୍ଦ ଲେଖିଦେବା ଲାଗି ବରାଦଦେଲେ । ମହାକବି ମାର୍କଣ୍ଡେୟ "ନମଃ ପ୍ରକୃତ୍ୟୈ ଭଦ୍ରାୟୈ ନିୟତାଃ ପ୍ରଣତାଃ ସ୍ମ ତାମ୍" ଲେଖିଥିଲେ । କବିଗଣ ଚରିତ୍ରବାନ ଏବଂ ସଂଭ୍ରମଶୀଳ ରହିବା ଆବଶ୍ୟକ । ମୁଁ ନିଜେ ଆପାତତଃ ଏଥିରେ ବିଶ୍ୱାସ ରଖିଚି ।

କବିଗଣ ପ୍ରଥମତଃ ନିଜର ଆତ୍ମସନ୍ତୋଷ ଲାଗି କବିତା ରଚନା କରନ୍ତି । ତେଣୁ କବିଙ୍କର ସବୁ ପାଠକ ତାଙ୍କ ଠାରୁ ଅଜାଣତରେ ବୃହତ୍ତର ହେବେ କି, ସଂଖ୍ୟାରେ

ସ୍ୱଚ୍ଛତର । କବି ସ୍ୱୟଂ, ନ୍ୟାସୀ ଓ ସନ୍ୟାସୀ । ସିଦ୍ଧ କବିର କବିତା ଓଜଃ, ରକ୍ତ ଏବଂ ପଞ୍ଚଭୂତ ।

ନିଜ କଥା କହିବାକୁ ଗଲେ, ଚନ୍ଦ୍ରମା ପାଖରେ ନିଜର ଆଲୋକ ନଥାଏ । ଯେଉଁ ଆଲୋକ ସୂର୍ଯ୍ୟଙ୍କ ଠାରୁ ମିଳେ ତାହାହିଁ ଚନ୍ଦ୍ରାଲୋକ । ଏହା ମୋର ସାରସ୍ୱତ ଜୀବନର ଅନୁଭୂତି । ଯେତେବେଳେ ଯେଉଁ ବହି ଖଣ୍ଡକ ଲେଖିଛି, ତାହା ପୂର୍ବ କଳ୍ପିତ ବି ନୁହେଁ । କାହିଁକି ଲେଖୁଛି, ନିଜେ ନିଜକୁ ପଚାରେ । ଶ୍ରଦ୍ଧାବାନ୍ ପାଠକ ବେଳେବେଳେ ଉତ୍ତର ଦିଅନ୍ତି ।

ବହୁ ବନସ୍ତ ଭ୍ରମିଛି । ବହୁ ବନସ୍ପତିର ସବୁଜ ପତ୍ରକୁ ଚିହ୍ନିଛି । ମୋ ମୁଣ୍ଡରେ ବାସ୍ନା ଝରିଛି, ଫୁଲ ଖସି ନାହିଁ । ସବୁଫୁଲ ଧରଣୀ ଉପରେ ବିଛେଇ ହୋଇଗଲେ, ମତେ ଖୁସି ଲାଗେ । ଫୁଲ ଡେମ୍ଫରୁ ଗୋଟିଏ ବି ଫୁଲ ହାତରେ ତୋଳେ ନାହିଁ ।

ଯେତେବେଳେ ଯେଉଁ କବିତା ରଚନା କରିଛି, ଅଥବା ବହି ଛାପିଛି, ସବୁରି ପରିବେଶ ପୃଥକତର । କବିତା ରଚନା କରିବାର ମାନସିକତା ଏକାଭଳି ନୁହେଁ । ବ୍ୟବଧାନ ଗୁଡ଼ିକ ବାରି ହୋଇଯାଏ । ଏହାର କାରଣ କବି ଖଣ୍ଡିଏ ଶିଳାଲିପି ନୁହେଁ । ସବୁବେଳେ ସଜ ସବୁଜ ପାହାଡ଼ ଖଣ୍ଡର ଭଗ୍ନାଂଶ ଭଳି କ୍ଷତବିକ୍ଷତ । ହାତୁଡ଼ି ଚୋଟରେ କବିତା ନିର୍ଗତ ହୁଏ ।

ଉତ୍ଥାଣ ଉଦ୍ଦୀପନା ମଧ୍ୟରେ ଗୋଟିଏ ଶୃଙ୍ଗରୁ ଅନ୍ୟ ଶୃଙ୍ଗକୁ ଚାଲି ଆସିଛି । ଲୋକ ଉପାସ ପ୍ରତି ଉଦାସୀନତା ମଧ୍ୟରେ ନିର୍ଜ୍ଜନ ସାହିତ୍ୟ ଉପବନରେ କେଜାଣି କିପରି ଜୀବନକାଳ ସାରସ୍ୱତ ସେବାରେ ବ୍ୟୟିତ ହୋଇଗଲା । ମୁଠାଏ ପାଉଁଶ ଭିତରେ ବି ମୋ କବିତା ଶେଷ ହୋଇଯିବ ।

ଗୋଟିଏ ପ୍ରକାର କ୍ଷୁଦ୍ରତର ଅପରିଚିତ ବସ୍ତି ଭିତରେ ଅନାବାଦୀ ଜମିକୁ ଆବାଦ କରିବାର ଅବଶୋଷ ବିହୀନ କର୍ମ ମଧ୍ୟରେ ସମୟ ଲାଗିଗଲା । ଗୋଟାଏ ପ୍ରକାର ଉଜୁଡ଼ା ଉଦ୍‌ବାସ୍ତୁ ବସ୍ତିର କାଛ ନଥିବା କାଗଜ ଘରର ଧୂସର ଚିତ୍ରରେଖା ଭଳି ମୁଁ ନିଜେ ନିଜକୁ ଦେଖାଯାଉଛି ।

ଜନଶୂନ୍ୟ ଅଡଳୁର କଣ୍ଟିତ ଫୁଲଧନୁ ଉପରେ ପାଟ ଓ ମଠାର ଡୋର ବାନ୍ଧି, ଯେଉଁ ବନ୍ଧୁ ଓ ଶୁଭେଚ୍ଛୁ ପାଠକଗଣ ମତେ ଯେପରି ଚିହ୍ନଟ କରିଚନ୍ତି, ମୁଁ ଆପାତତଃ ସେହିପରି ରହିଥିବି ଜୀବନ କାଳ । ବ୍ରିଟିଶ ଶାସନ କାଳରେ ଉଜୁଡ଼ା ବସ୍ତିରୁ ବାଦାମୀ କାଗଜର ଛିନ୍ନ ଓ ଅବଚ୍ଛିନ୍ନ ଅଂଶରେ, ସ୍ୱର୍ଣ୍ଣ ସ୍ୱାଧୀନତା ଯୁଗର ନୂତନ ମଲାଟ ବାନ୍ଧିଦେଇ, ତୁଳିକାଧରା ସ୍ନେହଶୀଳ ହାତଗୁଡ଼ିକ ମୋ ନିମନ୍ତେ ଅଭିନନ୍ଦନ ପତ୍ର ରଚନା କରିଚନ୍ତି । ସେଇଥି ଲାଗି ବଡ଼ ବଡ଼ ସ୍ଥାନରେ ରହିଥିବା ଅନ୍ୟ କାହାରି ପାଇଁ ମୁଁ ହୁଏତ ଇର୍ଷାର ପାତ୍ର ।

ମୋ ପାଇଁ ଲେଖା ହୋଇଥିବା ପ୍ରଶସ୍ତି ଏବଂ ଅଭିନନ୍ଦନ ପତ୍ର ଅଥବା ପରିଚୟ

ଲେଖାଗୁଡିକ ମୃତ୍ୟୁ ପର୍ଯ୍ୟନ୍ତ, ମୁଁ ନିଜେ ପଢିବି ଏବଂ ସାଇତି ରଖୁଥିବି । ତାହା ପରେ ହୁଏତ ସେ ଗୁଡିକ ଶୁଷ୍କ ଗାଛପତ୍ର ସାଥିରେ ଜଳାଇ ଦେଲାବେଳେ ଅଧାପୋଡା କାଠଖଣ୍ଡ ନଦୀ ପାଣିରେ ଭସାଇ ଦିଆଯିବ । ମୋ ଲାଗି ପ୍ରଶସ୍ତି ଲେଖିଥିବା ଶ୍ରଦ୍ଧାଳୁ ପାଠକ ଗଣ କିମ୍ବା କିଛି ଉଇଲନାମା ଲେଖି ନଥିଲେ, କବିତା କିଛି କାଳ ବଂଚି ରହି ପାରିବ ନାହିଁ ।

ମୁଁ ଲେଖିଲାବେଳେ, କବିଗଣ ପାଠକଙ୍କ ପାଖରେ କାଙ୍ଗାଳିମାନି ଜଣାଣ ଧରୁଥିଲେ । ବୁନିଆଦି କବିତା ଯୁଗରେ ବହୁ କବି ଝୁଣ୍ଟି ପଡୁଥିଲେ । ଭାରତୀୟ ସାରସ୍ୱତ ଜଗତରେ ଆପାତତଃ ପାଞ୍ଚହଜାର ବର୍ଷତଳର ରତ୍ନ ଭଣ୍ଡାର ସାଇତା ହୋଇଛି । ଏ ପ୍ରକାର ପୁରୁଣା ସମ୍ପଦ କେଉଁ ଦେଶରେ ନାହିଁ । କବି ଗଣ ଶାସ୍ତ୍ରୀୟ ନିୟମ ମାନି ତାରା ମାନଙ୍କୁ ଗଣି ଗଣି କବିତା ରଚନା କରୁଥିଲେ ।

ଏବେ ଆଉ ପାଠକଙ୍କ ପାଖରେ କବିଗଣ ଝୁଣ୍ଟି ପଡିବାର ଯୁଗ ନାହିଁ । ବୁନିଆଦି କବିତା ଯୁଗରେ ପାଠକଗଣ କବିଙ୍କୁ ଡରାଉଥିଲେ । ଏବେ କବିଗଣ ପାଠକଙ୍କୁ ଡରାଉଛନ୍ତି । ଏବେ କବିତା ଲେଖାଯାଉଛି ଯେ, ପାଠକ ଗଣ କବିତା ଭଣ୍ଡାରରେ ପଶି ନ ପାରିଲେ, କବିମାନଙ୍କ ପାଖରେ କାଙ୍ଗାଳି ହୋଇ ରହିଯିବେ । ଅପର୍ଯ୍ୟାପ୍ତ କବିତା ରଚିତ ହେଲାଣି । ବୁନିଆଦ କବିତା ଗୁଡିକ ପାଠକ ମାନଙ୍କ ମନ ଭିତରେ ଅମାପ ସ୍ନେହ, ଶ୍ରଦ୍ଧା ଏବଂ ଭକ୍ତି ଜାତ କରୁଥିଲେ । ଏବେ ପାଠକଗଣଙ୍କ ପାଖରେ କବିତା ସଂପଦ ଆବାରା କିମ୍ବା ନା-ଓ୍ୱାରିସ ହୋଇ ଯାଉଛି । ତେଣୁ କବି ପାଠକଙ୍କୁ ପରବାଏ କରୁନାହିଁ । କବି ପାଠକଙ୍କ ମଧ୍ୟରେ ପତିଆରା ବଢୁନାହିଁ ।

ଇଂରେଜୀ କବିତାର ଆଧିପତ୍ୟରେ ଭାରତୀୟ କାବ୍ୟ ସାହିତ୍ୟର ବୁନିଆଦ ବଦଳି ଯାଉଛି । ପ୍ରଥମେ ସେତେବେଳେ ଇଂରେଜୀ ଶାସିତ ଯୁଗରେ, ଶାସକମାନଙ୍କୁ ବୋଧଗମ୍ୟ ହେବା ଭଳି ଭାଷାରେ ତାଙ୍କ ଦେଶର କବିତା ରଚନା ଶୈଳୀକୁ ଅନୁକରଣ କରି କବିତା ଲେଖାଗଲା; କିନ୍ତୁ କ୍ରମେ ସେହି ପଦ୍ଧତିର ରଚନାଶୈଳୀକୁ ଭାରତୀୟ କବିଗଣ ନିଜ ନିଜ ଭାଷାରେ ପ୍ରୟୋଗ କଲେ । କବିତା ଜଗତରେ ମୌଳ ଆଚରଣ ପଦ୍ଧତିର ପୁରୁଣା ଛାଞ୍ଚ କ୍ରମେ କ୍ରମେ ବଦଳିଗଲା । ଏବେ ସେଇ କାରଣରୁ ସମ୍ଭବତଃ, ନିଜ ଭାଷାର କବିତା ମଧ୍ୟରେ, ଆବାରା ଯୁଗ ସୃଷ୍ଟି ହେଲାଣି । କାରଣ କବିତାକୁ କେହି ପଢିଲେ ନାହିଁ କି ଆଦର କଲେ ନାହିଁ ।

ଓଡିଆ ସାରସ୍ୱତ ଜଗତରେ, ମୁଁ ନିଜର ପରିଚୟକୁ ଠାବ କଲାବେଳେ, ଅବଲୀଳାକ୍ରମେ, ତୃତୀୟ ଦଶକ ଶେଷ ହେଉଥିଲା । ଆମରି ଦେଶ ଭିତରେ, କ୍ଷୟପ୍ରାପ୍ତ ହେଉଥିବା ପୁରୁଣା ସମାଜର, ପରିବର୍ତ୍ତନଶୀଳ ଜୀବନ-ଜିଜ୍ଞାସା ଗୁଡିକର ପ୍ରତ୍ୟୁତ୍ତର ଦେବାଲାଗି, କବିଗଣଙ୍କର ଖୋଜା ପଡିଥାଏ । ତୃତୀୟ ଦଶକର ପରବର୍ତ୍ତୀ ଆହ୍ୱାନ ଗୁଡିକୁ ମୁକାବିଲା କରିବା ପାଇଁ, ବାହାରି ପଡୁଥିବା ଯୁବକ ଶ୍ରେଣୀକୁ, ଯେତେବେଳେ ତାଲିମ କରାଯାଇ ପ୍ରଗତିଶୀଳ ଆଖ୍ୟାତ କରାଯାଉଥିଲା, ମୁଁ ନିଜେ ସେତିକିବେଳେ,

ଅର୍ବାଚୀନ ଭାବେ କଲମ ଧରୁଧରୁ ସଫଳତା ଲାଭ କରିଥିଲି । ୧୯୪୦ ମସିହାରେ ପ୍ରକାଶିତ "ସଂଘର୍ଷ" ପୁସ୍ତକ ମୋ ପାଇଁ ଏକ ମାଇଲ ଖୁଣ୍ଟ କୁହାଯାଏ । ଏପରି ଏକ ଅର୍ବାଚୀନ କବିତା ବହି, ସେତେବେଳେ, ବହୁ ଆଦର ଲାଭ କରିଥିଲା; କିନ୍ତୁ ଅମାନିଆ ବ୍ରିଟିଶ ସରକାର, କ୍ଷୁଦ୍ର କବିତା ବହିକୁ, ସ୍ୱଦେହରେ ବଂଚି ରହିବାଲାଗି, ସୁଯୋଗ ଦେଲେ ନାହିଁ । ପାଠକଗଣଙ୍କ ସାମନାରୁ ସଦ୍ୟ ପ୍ରକାଶିତ ବହି କ୍ଷଣିକ ଅଦୃଶ୍ୟ ହୋଇଗଲା ।

ତରୁଣ ଜୀବନର ଉନ୍ମାଦନା ମଧ୍ୟରେ, ମୁଁ ଯେତେବେଳେ ସିଡ଼ିରେ ଚଢ଼ିଲି, ବିମୁଖ ପରେଡରେ ସଫଳ ହେବାରୁ, ମୋ ହାତରେ ଖଣ୍ଡେ ଟୋକେନ ଧରାଇ ଦିଆଗଲା । ସେହି ସମୟରେ କବିତା ସାହିତ୍ୟ ଜଗତରୁ, ଛନ୍ଦ ଓ ଯତିପାତର ମୋହ, କ୍ରମେ କ୍ରମେ ଅପସାରିତ ହୋଇ ଯାଉଥିଲା । ନୂଆ ପ୍ରଗତିଶୀଳ ଯୁଗର କବିତା ମଣ୍ଡରେ, ହେତୁବାଦୀ ବୈଜ୍ଞାନିକ ଚେତନା ଗୁଡ଼ିକ ବିଶ୍ଳେଷଣ ବେଳେ, ସମସାମୟିକ କବିଗଣ ବୁନିଆଦି ଶିଳ୍ପ କର୍ମକୁ ପରିତ୍ୟାଗ କରିଦେଲେ ।

କାହିଁକି କେଜାଣି, ବୁନିଆଦ ଶିଳ୍ପ କର୍ମ ପ୍ରତି, ମୋର ମନଭିତରେ ମୂଳରୁ ଯାହାକିଛି ମୋହଥିଲା, ତାହାକୁ ପରିତ୍ୟାଗ କରି ମୁଁ କଦାଚିତ ଆବାରା ହୋଇ ନାହିଁ । ପ୍ରଗତିଶୀଳ ସାହିତ୍ୟ ଯୁଗର ଉତରଣ ବେଳକୁ, ନିଜେ ନିଜର ସଠିକ ପରିଚୟ ଦେବା ନିମନ୍ତେ ଯାହା ଯେପରି ଖୋଜୁଥିଲି, ଉତ୍ତର ଜୀବନରେ ଛଅ ଦଶକ ମଧ୍ୟରେ ମୁଁ ତାହାର ନୈବେଦ୍ୟ ବାଢ଼ିଛି ।

ପ୍ରଗତି ଯୁଗର କାବ୍ୟ ଚେତନା ମଧ୍ୟରେ, ବିଜ୍ଞାନାଶ୍ରୟୀ ମାନସିକତା ଆରମ୍ଭ ହେଲା । କବିତା ଜଗତକୁ ଶୁଦ୍ଧ ବିଜ୍ଞାନ ଏବଂ ପ୍ରୟୋଗବାଦୀ ବିଜ୍ଞାନ; ଉଭୟେ ଆକ୍ରାନ୍ତ କଲେ । ପ୍ରଚଳିତ ସମାଜ ବିଜ୍ଞାନର ସୂକ୍ଷ୍ମତର ବିଶ୍ଳେଷଣ ଆରମ୍ଭ ହୋଇଥିଲା ।

ବହୁ ରାଜନୈତିକ ତତ୍ତ୍ୱର ମନ୍ଥନ ଏବଂ ଆନ୍ଦୋଳନ ପ୍ରଗତି କବିତା ଜଗତରେ, ମୁଖ୍ୟସ୍ଥାନ ଗ୍ରହଣ କରିଛି । ପୁରାତନ ଇତିହାସର, ହେତୁବାଦୀ ସଞ୍ଜ୍ଞାଗୁଡ଼ିକ ଉଦ୍‌ଘାଟିତ ହେଲେ । ଏତେଗୁଡ଼ିଏ ପ୍ରଭାବଶାଳୀ ଚେତନାକୁ ଏକାଠି କରି, ମୌଳିକ ଶିଳ୍ପକର୍ମର ନିୟମ ଶୃଙ୍ଖଳା ମଧ୍ୟରେ, ପ୍ରକାଶ କରିବା କଠିନତର ହେଲେ ମଧ; ମୁଁ କଦାଚିତ ଆବାରା ହୋଇ ନାହିଁ ।

ବ୍ୟକ୍ତିଗତ ଜୀବନର ପରିଚୟ ମଧ୍ୟରେ, ମୁଁ ନିଶ୍ଚିତ ଭାବେ ଜଣେ କବିତା-ଶ୍ରୟୀ ଶୃଙ୍ଖଳିତ ବ୍ୟକ୍ତି । ରଚନା କରିଥିବା କବିତା ଗୁଡ଼ିକ ମୋର ନିଜ ଜୀବନର ପ୍ରତିଲିପି । ମୋ ପାଖରେ ଛନ୍ଦର ଆସକ୍ତି ତଥା ପଦ୍ୟ ରଚନାର ମୌଳିକ ବୁନିଆଦି ଅପ୍ରତିହତ । ଛଅଦଶକ କାଳ ମଧ୍ୟରେ ମୋ ନିଜର ସାରସ୍ୱତ ଜୀବନ, ଆତ୍ମା ଭିତରେ ପ୍ରବେଶ କରି ମୂର୍ତ୍ତିମନ୍ତ ହୋଇଗଲା ।

ରଜନୀକାନ୍ତ ଦାସ

# କୁମକାମୋଡି

# ମୁଖବନ୍ଧ

କିଛିକିଛି ଶବ୍ଦ ପ୍ରୀତି, ଭାବ ପ୍ରୀତି ଏବଂ ଛନ୍ଦ ଅନୁରାଗକୁ ନିଜର କଳ୍ପନା ପ୍ରବଣତାରେ ଏକାଠିକରି ପୁସ୍ତକର ନାମ "କୁମ୍ଭ-କାମୋଦା" ରଖୁଚି ।

ନିଜ ଭୂମିକାରେ ଚିତ୍ରଣ କରିଥିବା, ମନ ଭିତରର ସରାଗଭରା କଳ୍ପନାର; ପୂର୍ଣ୍ଣ କୁମ୍ଭକୁ ପ୍ରଦର୍ଶନୀର ମଣ୍ଡପ ଉପରେ ଥୋଇ ଦେଲି । କେଉଁ ଅଜ୍ଞାତ ପଥର ଟିପିରେ ଘାତ ପାଇଯିବ । ତାହାରି ଚିନ୍ତା ଲାଭ ହେବ ନାହିଁ ।

ଶୁଭଦିନ ନବବଧୂଙ୍କ ହାତରେ କୁମ୍ଭାର ଘରୁ କିଣାହୋଇ ଆସିଥିବା କଳା କି ନାଲି ରଙ୍ଗର ନୂଆ ମାଠିଆ ଦିଆଯାଏ । ସେମାନେ ସେଥିରେ ଏକାଗ୍ର ମନରେ କୂଅ ଭିତରୁ ପାଣି କାଢନ୍ତି । କ୍ୱଚିତ ତାହାରି ମାଠିଆ ଭାଙ୍ଗିଯାଏ । ପ୍ରଦର୍ଶନୀ ମଣ୍ଡପରେ ରଖାଯାଇଥିବା ଚିତ୍ରିତ ମାଠିଆର ଅବସ୍ଥା ସେଇପରି ।

ଚିତ୍ରିତ କଳ-କୁମ୍ଭକୁ କେବେ ନା କେବେ, ଚିହ୍ନା କି ଅଚିହ୍ନା ନାଦ-ଶିଳା ଛନ୍ଦ ତୋଳିବେ । ସେଥିପାଇଁ ସମସ୍ତ ଗୌରବ କୁମ୍ଭକାରର । ଧ୍ୱନିତତ୍ତ୍ୱ ତ ମାଠିଆ ଭିତରେ ଜନ୍ମ ନେଇଛି । ମାଠିଆକୁ ଚିତ୍ର କରିବାର ଶିଳ୍ପୀ କଦାଚିତ୍ ସେ ଗୌରବର ଅଧିକାରୀ ।

ବୃତ୍ତିଗତ କର୍ମଗୁଡ଼ିକ ସାରା ଜୀବନ ଗତାଗତ ରହିଥିଲା । ଗଦ୍ୟରେ ମଧ୍ୟ ଛନ୍ଦ ରହିଛି । ବୁଝି ବସିଲେ ଜୀବନର କୌଣସି କର୍ମ ବିଛନ୍ଦ ନୁହେଁ । କଞ୍ଚା ମାଠିଆକୁ ଧ୍ୱନି ନିର୍ଗତ କରିବା ଲାଗି ଗ୍ରାମ୍ୟ କୁମ୍ଭାର ସଂଘାତ ଜାଣେ ନାହିଁ । ଛନ୍ଦ ବି ଜାଣି ନାହିଁ । ଓଦା ମାଟି ପିଣ୍ଡୁଳାକୁ ହସ୍ତକର୍ମର କୌଶଳରେ ଧରି, ଚକରେ ଘୂରାଇ ଦେଲେ ଲୋଡ଼ାଏଡ଼ ମାଠିଆ ପ୍ରସବ ହୁଅନ୍ତି । କୁମ୍ଭକାରର ହସ୍ତକର୍ମରେ କଳା ରହିଛି ଏବଂ ରହିଛି ଓସ୍ତାଦୀ । ଚକ୍ରର ଘୂର୍ଣ୍ଣନରୁ ଛନ୍ଦ ଜାତ ହୁଏ । ମାଠିଆ ପୋଡ଼ିଦେଲେ ବି କଞ୍ଚା ଘଟରୁ ନାଦ ବାହାରେ । ସଂଘାତ ସୃଷ୍ଟି ହୁଏ । ତାହା ହେଉଛି ଓସ୍ତାଦର ନିପୁଣତା ।

ସଂଗିନୀ କବିତା ମୋ ପାଖରେ ବହୁବେଳେ ଦ୍ୱିତୀୟ କୋଠରୀରେ ବସିଥିଲେ । ଆମେ ଦୁହେଁ ଏକାଠି ହୋଇଛୁ । ସାରା ରାତ୍ର ଜାଗରଣ ରହି କବିତା ଲେଖିଛୁ ଏବଂ ପଢ଼ିଛୁ । ଥରେ ହେଲେବି ସଂଗିନୀ ମତେ ରାଜଦରବାରକୁ ଯିବା ପାଇଁ ଛାଡ଼ି ନଥିଲେ ।

ଈର୍ଷା ପରାୟଣ କବିଗଣ ମହାକବି କାଳିଦାସଙ୍କ ପାଖକୁ ରାଜାଙ୍କ ଭଣ୍ଡାରରୁ ଆସୁଥିବା ସିଧାସଂଗା ଓ ରସଦକୁ କୌଶଳ କ୍ରମେ ବନ୍ଦ କରାଇ ଦେଇଥିଲେ । କାଳିଦାସ ପ୍ରତ୍ୟେକ ଦିନ ରାଜ ସଭାରେ କବିତା ପଢ଼ି ଭୋଜ ରାଜାଙ୍କ ହାତରୁ ରତ୍ନମାଳ ପିନ୍ଧନ୍ତି । ଅନ୍ୟ କବିଗଣ ନିରାଶରେ ଫେରି ଯାଉଥିଲେ । ଶେଷକୁ ସେମାନେ ଗୋଟିଏ ପ୍ରକାର ଷଡ଼ଯନ୍ତ୍ର ପାଞ୍ଚି ରାଜନଅରରୁ କବିଙ୍କ ପାଇଁ ଆସୁଥିବା ରସଦକୁ ବନ୍ଦ କରାଇଦେଲେ ।


ଏହା ଗୋଟିଏ କିମ୍ବଦନ୍ତୀ । କବି କାଳିଦାସ ରାଜ ସଭାକୁ ଆସିଲେ ନାହିଁ । ଭୋଜରାଜଙ୍କ ଦରବାରରେ କବିତାର ମାନ ଖସିପଡ଼ିଲା । ରାଜା ଶେଷରେ କବି କାଳିଦାସଙ୍କ ପାଖକୁ ଆସିଲେ ।

କବି କହିଲେ, "ଅନ୍ନଚିନ୍ତା ଚମତ୍କାରା/କାତରେ କବିତା କୁତଃ ?" ଭୋଜ ରାଜା ଲଜ୍ଜିତ ହୋଇଗଲେ ।

କବିମାନେ ଯଶପ୍ରାର୍ଥୀ ହେବେ ନାହିଁ । କିନ୍ତୁ ମନକବି ଯଶପ୍ରାର୍ଥୀ ହୁଅନ୍ତି । ମୋ ପାଖରେ ସଂଗିନୀ କବିତାଙ୍କ ନାଡ଼ିବାଣୀ ସେଇପରି ।

**ରଜନୀକାନ୍ତ ଦାସ**

ଜୁଲାଇ-୨୦, ୧୯୯୨



ପିତୃସ୍ମୃତି : ଦୀନବନ୍ଧୁ ଦାସ

(ଆପଣ ମିଷ୍ଟଭାଷୀ, ବନ୍ଧୁବତ୍ସଳ, ସ୍ୱାଧୀନଚେତା, ସାହସୀ, ସବଳବାହୁ ଏବଂ ଶରୀର ତେଜରେ ଶକ୍ତିଶାଳୀ, ମେହେନତୀ, ଶ୍ରମ-ମର୍ଯ୍ୟାଦାର ସ୍ୱୀକୃତିକାମୀ ଅଭିଜାତ ।)



ମାତୃସ୍ମୃତି : ସୁନ୍ଦରମଣି ଦେବୀ

(ଶେଷ ଜୀବନରେ ଦାରୁଣ ପକ୍ଷାଘାତ ରୋଗ ପୀଡ଼ିତ ଦେହରେ ଆମ ପାଖରୁ ବିଦାୟ ନେଇଗଲେ । କାହାକୁ ଥରେ ନିନ୍ଦା ବି କରିନଥିଲେ, ଥରଟିଏ କାହା ପ୍ରତି କୁବାକ୍ୟ ପ୍ରୟୋଗ କରିନଥିଲେ; ସର୍ବଂସହା ଦେବୀ ମୂର୍ତ୍ତି ।)

# ଉତ୍ସର୍ଗ

ପ୍ରଣପତ୍ୟ ମହାଶୟ !
ପତ୍ର ପୁଷ୍ପ ଦାନେ,
ତୁମରି ସମ୍ମାନେ ।
ଯିଏ ଆଦିଗତ ବିଶ୍ୱ
ପୁନଶ୍ଚ ବିଗତ ;
ଆଦିମନ୍ତ, ଶେଷ ମନ୍ତ
ବିଲୟ ପର୍ଯ୍ୟନ୍ତ ।।
ବୀଜ ଓ ବୀଜଗଣିତ
ଜ୍ଞାନଗମ୍ୟ ଅଥବା ଅଗମ୍ୟ
ବିଜ୍ଞାନ ଓ ଅବିଜ୍ଞାନ
ଫଳିତ ଗଣିତ ।।

ଉତ୍ସର୍ଗ ମହୋଦୟଙ୍କୁ :
ପ୍ରାଣର ସର୍ବସ୍ୱ
ଦୁରାଶା ଓ ଆଶାମୟ
ଅନନ୍ତ ବିଶ୍ୱାସ ।।

ଅଶେଷ ଚିନ୍ତା କଳ୍ପନା
ସବୁ କାୟାହୀନ
କାୟା ଭିତରୁ ବି ଜନ୍ମ
କାୟାକଳ୍ପ ତଥାପି ନିର୍ଜନ ।

ବହୁ ମନୁଷ୍ୟ ସହିତ
କା' ଉପରେ ଭରସା କରିବି,
ଚାରଣ ଭୂମି ମଧ୍ୟରେ
ସଂସାରକୁ ପ୍ରେମ କି କରିବି ?
ବାକ୍‌ଶକ୍ତି ବିହୀନ ପ୍ରାଣ,
ପୁନଃ ପଶୁ ପକ୍ଷୀ
ଉତ୍ସର୍ଗ ପତ୍ର କାହାକୁ
ଯୋଡ଼ ହସ୍ତେ ଦେବାକୁ ଏକାକୀ ।
କଳ୍ପନା ସର୍ବସ୍ୱ ଯିଏ
ଚିରନ୍ତନ ବିକଳ୍ପ-କଳ୍ପନା ।
ସର୍ବମୟ ଜୀବପ୍ରାଣୀ
ପୁନର୍ବାର ମୃତ୍ୟୁ ଓ ସର୍ଜନା ।

ଅମୃତ ବୃକ୍ଷ ଓ ତୃଣ
ମୃତ୍ୟୁହୀନ ପଶୁପକ୍ଷୀଗଣ
ତଥାପି ମନୁଷ୍ୟ ଆସେ,
ବାରମ୍ବାର ହେଲେ ବି ନିର୍ଜନ ।
ପଥପ୍ରଦର୍ଶନ ପାଇଁ
ନତଜାନୁ କରୁଣାନିଧାନ
ଅନ୍ଧକାରେ ଆଲୋକର
ସଂଭାବନା ଏକାନ୍ତ ନିଦାନ,
ମୋ କବିତା ସଂଗୀତ' ବା
ପାଠ୍ୟକି ଅପାଠ୍ୟ ଆପାତତଃ
ନୀଳ ସମୁଦ୍ର ବେଳାରେ
ପୁନର୍ବାର ପରୀକ୍ଷା ପର୍ଯ୍ୟନ୍ତ !

ଦାନ ପ୍ରତିଦାନ ଭରା
ଅନୁରାଗୀ ମିଳିତ ଜୀବନ ।
ଯଦି କେବେ ହୋଇଗଲା
ଶ୍ରଦ୍ଧାଶୂନ୍ୟ, କୁଣ୍ଠିତ, ବିଷର୍ଣ୍ଣ ।
ଦୀପରେ ଦୀପ ଜଳାଇ
ପୁଣି ଥରେ କରି ଆଲୋକିତ,
ତୁମେ ଅନ୍ଧକାର ନାଶୀ
ଆଶା ତରୁ କର ପଲ୍ଲବିତ ।

ଅବରୋହ ଆରୋହଣ
ସବୁଦ୍ୱାର କରି ଉନ୍ମୋଚନ ।
ଅନର୍ଗଳ ଅଧଃ ଊର୍ଦ୍ଧ୍ୱ
ତିର୍ଯ୍ୟକ ଓ ବକ୍ର ପଥ ମାନ ।
କରି ଦିଅ ସାବଲୀଳ
ମୋ ନିମନ୍ତେ ସାଧ ଅତିକ୍ରମ ।
ବାହୁରେ ବାହୁକୁ ଛନ୍ଦି
ଦିଅ ମୋତେ ନୂଆ ପରାକ୍ରମ ।
ତୁମ ବଂଶୀ ମୋ ବଂଶୀରେ ,
ଭରିଦିଏ ସ୍ୱର, ଲୟ, ତାଳ ।
ମିଳିତ ଜୀବନ ଛନ୍ଦ,
ତୁମେ ସଖା, ମୁଁ ମଧୁମଙ୍ଗଳ ।
ପତ୍ର ହୀନ, ପୁଷ୍ପ ହୀନ
ଦେହଶୂନ୍ୟ ଅଶରୀରୀ ଜ୍ଞାନ ।
ତୁମେ ଦେବ ମହାବାହୁ
ମୁଁ ତୁମର ଉଦ୍ଧବ ସମାନ ।।

# ମାର୍କଣ୍ଡେୟ

ସାତଶହ ଶ୍ଳୋକାୟିତ
ଅଙ୍ଗୀକାରବଦ୍ଧ ଆରଣ୍ୟକ
ମାର୍କଣ୍ଡେୟ ମହାଋଷି ।
ମୁଁ ତୁମରି ଶିଷ୍ୟ ନାବାଳକ ।

ପ୍ରତିଶ୍ଳୋକ ପ୍ରତିପଂକ୍ତି
ପ୍ରତ୍ୟାଦେଶ ବିହୀନ ନିଃସର୍ଗ ;
ଅଭ୍ୟୁଦୟ ସଂଗ୍ରାମର
ପ୍ରତ୍ୟୟର ସ୍ୱୀକୃତି ବିଧୃତ ।
ସ୍ନେହେ ବାଧାତୀତ ଯଦି
ଦୁରାଗ୍ରହେ ମହା ଭୟଙ୍କର
ଚିତ୍ତରେ କରୁଣାମୟୀ
ସମରରେ ଅତ୍ୟନ୍ତ ନିଷ୍ଠୁର ।

ଅୟୁତ ନିୟୁତ ନିଦ୍ରା
ସାନ୍ଦ୍ରବନ ଅସାଧ୍ୟ ସପନ ।
ଝରଣାର ନାଦ ଭରା
ଚତୁର୍ଦ୍ଦିଗ ମହୁମାଛି ପୂର୍ଣ
ଫୁଲର କାମନା-ବିଦ୍ଧ
ଝୁଣାଧୂପ କସ୍ତୁରିକା ଗନ୍ଧ
ଯିବାପାଇଁ ପଥ ନାହିଁ । କେଉଁଠାରେ
ବସିଚ ଦୁର୍ଭେଦ୍ୟ ।

ସମୁଦ୍ର ଗର୍ଜନ ଭେଦି
କଂଠେ ତୁମ ଅନର୍ଗଳ ଛନ୍ଦ,
ମଣିଷି ବେକର ଟିପା
ବେଳେବେଳେ ଆଣୁଛି ବିଚ୍ଛେଦ ।
ମହାଭାର । ... ଶ୍ରାନ୍ତ ଭୂମି
ସ୍ୱାମୀ ପୁତ୍ର ମାୟା ବିବର୍ଜିତ
ନୀଳ ଜହ୍ନ ଉପତ୍ୟକା
ଛିଡା ହୋଇ ନିଃସଙ୍ଗ ମୁହୂର୍ତ୍ତ ।

ଷୋଡଶୀ ସୁନ୍ଦରୀ ନାରୀ
ଶୁଣୁଅଛି ତୁମ ଛନ୍ଦଧ୍ୱନି,
କି ଉଦ୍ବୋଚ' ଦେଉଥିବ
ଏକାନ୍ତରେ ତୁମକୁ କେଜାଣି !

ଘୋର ଅନ୍ଧକାର ପୂର୍ଣ୍ଣ
ଜନପଦ, ନାରୀ ରୂପ ଦେଖ,
ମନେହେଲା! ଲୁଟିଯାଉ
ଆକାଶର ଅସ୍ତମିତ ସୂର୍ଯ୍ୟ
ଏ ନାରୀର ପଣତରେ
ଚଳମାଣ କଟାକ୍ଷ ମଧ୍ୟରେ
ଦୁଷ୍ଜନ ଆଖିତାକୁ
ଭାଙ୍ଗିଦେବ ଆସିଛି ସାଧନେ ।

ଅସଂଖ୍ୟ ଫୁଲ୍ଲ ଶତଦ
ଚାହୁଁଡିରେ ଭରି ମହାଶୟ !
ପ୍ରତି ଶ୍ଳୋକ ପ୍ରତିଛନ୍ଦ
ଶ୍ରବଣରେ ଏକାନ୍ତ ତନ୍ମୟ ।
ଉଚ୍ଚାରଣ ଜ୍ଞାନବୋଧ
ତୁମେ ତାର କ୍ଷମିବ ନିଶ୍ଚୟ
ସାତଶହ ଶ୍ଳୋକାବୃତ୍ତ
ଅଙ୍ଗୀକାରବଦ୍ଧ ସମୁଦାୟ ।

ନଦୀ ପୁଷ୍କରିଣୀ ଶୁଷ୍କ
ତୃଷାମୟ ସକଳ ଧରିତ୍ରୀ
ଇନ୍ଦ୍ରହୀନ ଦେବାଳୟେ
ଶୁଣୁଅଛି ତୁମରି ଆବୃତ୍ତି ।
କର୍କଶ କୋମଳତର
ଭୀତିପୂର୍ଣ୍ଣ ରାତ୍ରିର କାଳିମା
କାରୁଣ୍ୟର ଅଙ୍ଗହାର
ତାରୁଣ୍ୟର ଦିଗ୍‌ବିଜୟ ସୀମା ।
ଗାନ୍ଧାର, ଭୈରବ, ରୌଦ୍ର,
ଧ୍ରୁପଦ ଓ ମହ୍ଲାର, ଧୈବତ

ତୁମ କଣ୍ଠେ ଢାଳିଦିଆଏ
ଧ୍ରୁବତାରା ଶେଷ ପରିଚୟ ।

ଅଭ୍ୟୁଦୟ, ପ୍ରତ୍ୟୟର,
ସଂଗ୍ରାମର, ସୁକୃତିବନ୍ତର,
ଶାନ୍ତତା ଓ ଲଜ୍ଜା, ପ୍ରୀତି,
ଶ୍ରଦ୍ଧା, ଧୈର୍ଯ୍ୟ, କ୍ଷମା, ବିନୟର ।
ହେ ନିଷାଦ ମାର୍କଣ୍ଡେୟ !
ଆରଣ୍ୟକ ଆର୍ଯ୍ୟ ଓ ଦ୍ରାବିଡ଼
ବିଶାଳ ଭାରତବର୍ଷେ
ଶାଶ୍ୱତର ଶେଷ ପିରାମିଡ୍ !!

# ସର୍ପ ଓ ସରୀସୃପ

କି କରିବି ମୋ ଆଶ୍ରମେ
ବଳ୍କଳରେ ସନ୍ନ୍ୟାସୀଙ୍କ ମତି
ଜରାଜୀର୍ଣ୍ଣ ବଲ୍କଳରେ
ସନ୍ନ୍ୟାସିନୀ ଯେତେ ପୁଷ୍ପବତୀ ।
ଝିନ ବସନର ଶୋଭା
ପୁରୁଷେ ସେ'ବେଣି ବୀତସ୍ପୃହ
ଏବେ ସବୁ ଖୋଲିଲେଣି
ଚତୁର୍ଦ୍ଦିଗେ ଉଲଙ୍ଗ ବିଗ୍ରହ ।

ପ୍ରସ୍ତରର ମୂର୍ତ୍ତି ସବୁ ବିଗଳିତ
ହିମ-ଜଡ଼ ଦେହ ଜ୍ୱାଳାମୟ
ଜଳ,ସ୍ଥଳ,ବାୟୁ, ଅଗ୍ନି
ଚତୁର୍ଦ୍ଦିଗେ ନିର୍ଲିତ ପ୍ରବାହ ।
ଗୋଟିଏ ନାରୀ ଦେହରେ
ସନ୍ନିହିତ ଯେତେ ଭର୍ତ୍ତାଶକ୍ତି
ବୈଷ୍ଣବୀଙ୍କୁ ନିନ୍ଦା କରି
ହେବ କିଏ ନିଜ ପାପ ମୁକ୍ତି ?

ତୁମକୁ ମୁଁ ଢାଙ୍କିଦେଲି
ମୋ ଦେହର କାର୍ପାସ ବସନେ,
ପ୍ରଥମ ମଧୁର ରାତ୍ରି
ଯେବେ ଆମେ ଥିଲୁ ଉଦ୍‌ଯାପନେ ।
ଖୋଲିଲ ବଲ୍କଳ ଦେହ
ପ୍ରତ୍ୟୟର ଅଙ୍ଗୀକାର ଭରି ;
ଆମେ ଦୁହେଁ ରହିଥିଲେ
ଦୁଇ ନଦୀ ମୁହାଣେ ସେପାରି ।

ମୋ କାର୍ପାସ ବସ୍ତ୍ର ମଧ୍ୟେ
ଭରିଥିଲା ଯେତେ ପତିଆରା
ଏ ଝିନ-ବସନ ଦେଖି
ଭୁଲିଗଲ ପ୍ରଥମ ଦେହେରା !
ଶୋଷର ସାପ ଦେହରେ
ଝିଲିମିଲି ଖରା ତେଜ ଯେବେ
ବିରହ ବିମୁଗ୍ଧ ରାତ୍ରି
ଶେଷ ହେଲା ସରୀସୃପ ମେଳେ ।

ସାରା ଦିନ ଖଟି ଖଟି
ନାଗସାପ ବସା ବିଳ ଭରି
ତୁମରି ମସୃଣ ଦେହ
କ୍ଳାନ୍ତ ହେଲା ଅବସାଦ ଭୋଗୀ ।
ଉପବାସେ ସରୀସୃପ
ବନ୍ଧ୍ୟା ହେଲେ, ପୀଡ଼ିତ ସନ୍ଧ୍ୟାରେ

କାମନାର ଇନ୍ଦ୍ରଧନୁ
ମଉଳିଲା ଯାନ୍ତବ କ୍ଷୁଧାରେ ।
ପୁନର୍ନବା ଶିରସରେ
ହେବା ଲାଗି ଆଉ ଥରେ ଜାତ
ପୁଣି ଥରେ ହାତ ଧରି
ଚାଲିବାକୁ ମୁହାଣ ପର୍ଯ୍ୟନ୍ତ ।
ତୁମ ଦେହ ମୋ ଦେହର
ଗର୍ଭାଶୟି ଗହନ ବନସ୍ତ
ଗୋଟିଏ ଜୀବନ ବ୍ୟାପୀ
ଅବୁଝା-ବୁଝାର ସୂର୍ଯ୍ୟ ଅସ୍ତ ।
ଦିନ ଶେଷ ସବୁବେଳେ
କି'ତାଲିକା ଲେଖା ନାଁ ଅଲେଖା,
ଘର ଖର୍ଚ୍ଚ ଖାତା ବହି
ବିଛଣାରେ ପଡ଼ିଥାଏ ଏକା ।

ପଇସା ନଥାଏ ହାତେ
ସକାଳ ଚାହିଁଲେ ଆବଶ୍ୟକ,
ଦେଇ ଋଣ ସଂସାରରେ
ନିଅଣ୍ଟିଆ ହୋଇଯିବା ଦୁଃଖ ।

ବଲ୍କଳର ଦେହ ସବୁ
ଯେତେବେଳେ କାର୍ପାସ-ବସନ
ଢାଙ୍କିଦେଇ ଶୋଇଥିଇ
ଏକାକିନୀ ନୈମିଷ-ଅରଣ୍ୟ ।
ଅଜସ୍ର ଜ୍ୱାଳାରେ ଏକ
ନାଗସାପ ମାରିଥିଲା ଚୋଟ
ତାମ୍ର ହଳାହଳ-ଦେହୀ
ଯନ୍ତ୍ରଣାରେ ସ୍ପଷ୍ଟ ଛଟପଟ ।
ଦ୍ୱାରକା ଯିବା ପାଇଁକି
ଉଦ୍ଧବଙ୍କୁ କହୁଥିଲେ ସତ
ଶ୍ରୀକୃଷ୍ଣ ବାହୁଡ ଶିଶୁ
ଯୁବା କାଳେ ରସିକ ନିର୍ଲଜ ।
(ବେଳେବେଳେ କହିଦେବା
ତାଙ୍କ ପକ୍ଷେ ବୈରାଗ୍ୟ ସହଜ) ।।

ସରୀସୃପୀ କାମନାର
ଅଜସ୍ର ଜ୍ୱାଳାରେ ସ୍ୱେଦଯୁକ୍ତ
ସଂସାରରେ, ଯେଉଁମାନେ
ବସିଛନ୍ତି ପାପ-ତାପ ମୁକ୍ତ ।
ଯୋଗୀଜନ ସେଇମାନେ
ଦେହ ମନ ମିଳିତ ଶାଖାରେ
ଅବିଚଳ ରହିଛନ୍ତି
ନାଗସାପ ଦଂଶନ ଜ୍ୱାଳାରେ
ଐଶ୍ୱର୍ଯ୍ୟର ପାଶ ବାନ୍ଧି
କାଳିନ୍ଦୀରେ ସ୍ନାନ କରିବାକୁ
ପିତୃ ପୁରୁଷଙ୍କ ବଂଶେ
ପୁନର୍ବାର ସାକାର ହେବାକୁ ।

ପୁନଶ୍ଚ ପୃଥକ୍ ଦେହୀ
ଜ୍ୱଳନ୍ତ ଈଶ୍ୱର ସର୍ପମୟ
ସହସ୍ର ବର୍ଷ ପର୍ଯ୍ୟନ୍ତ
ପାର୍ବତୀଙ୍କ ତପମାନ ଦେହ
ଗୋଟିଏ ଶୃଙ୍ଖଳା ପତ୍ରେ
କରିଥିଲେ, ଜୀବନ ରକ୍ଷଣ
ସର୍ପଦେହୀ ଈଶ୍ୱରଙ୍କ
ପ୍ରତିବାଞ୍ଛା ନିଷ୍ଠୁର କର୍ଷଣ ।

ଈଶ୍ୱର ହିଁ ସବୁଦିନେ
ଦେହ ମନେ ଅନୁତପ୍ତ ଦୋଷୀ
ଅଦୃଶ୍ୟ ସଂଭୋଗଶୀଳ
ଦୃଶ୍ୟମାନ ବୈରାଗ୍ୟ ବିଳାସୀ ।

# ଈଶ୍ୱର

ମୋ ପ୍ରୀତିର ଚମତ୍କୃତ
ତୁମ ଓକିଲାତିନାମା ସଂଗେ
ଗୁଡା ହୁଏ ବାରଂବାର
ଛାଡ଼ପତ୍ର ବିଧାନ ପ୍ରସଙ୍ଗେ ।
ମୋ ଦେହ ପ୍ରସ୍ତର କରି
ତୁମ ଦେହ କରି ଧାତୁପିଣ୍ଡ
ଆନୁଭବ୍ୟ କିଂବଦନ୍ତୀ
ସବୁ ଛାଡ଼ି ପ୍ରାଚୀନ ବ୍ରହ୍ମାଣ୍ଡ ;
ତଥାପି ଥରକୁ ଥର
ମୋ ପ୍ରସଙ୍ଗେ ଅର୍ଜି ବରଖାସ୍ତ
ସତେ ଅବା ମାନ୍ୟବର
ଅଦାଲତ ନିଜେ ପକ୍ଷ ଭୁକ୍ତ ।

ଦେଖାକି ଅଦେଖା କହ,
ଅଙ୍ଗ ଦେଖା ଅନୁଭବୀ ଦେହ ।
ସ୍ଥୂଳ ସୂକ୍ଷ୍ମ ଆକର୍ଷଣେ
ବ୍ୟକ୍ତ ଅବା ନୈର୍ବ୍ୟକ୍ତ୍ୟ ସମ୍ମୋହ !
ଦୈବିକ କି ଜଡ଼ମୟ
କାମଦଗ୍ଧ ଅଥବା ନିଷ୍କାମ !
ବୁଝିତ ପାରିନି ଜମା
ସ୍ନେହୀ କି ନିଷ୍ଠୁର ପ୍ରିୟତମ !!

ତଥାପି ପ୍ରସ୍ତର ଅବା
ଧାତୁ ପିଣ୍ଡ ପୂର୍ବ ପରିଚିତି,
ଗୁଣହୀନ ରୂପହୀନ
ସ୍ପର୍ଶକୁଣ୍ଠ ବସ୍ତୁ ପରିଣତି ।
ଯଦି ଅକ୍ଷରର ତତ୍ତ୍ୱ
ଶୁଣିଥିଲି ଯେତେ ବାରଂବାର,
ରହିଥିଲା ମନେ କିଛି
ବାସ୍ତବତା କଲା ତିରସ୍କାର ।

ବିପନ୍ନ ବିଷଣ୍ଣ ମନ
ପରିତ୍ୟାଗୀ ସମାଧି ପୀଠରେ,
ବାରଂବାର ଅର୍ଜି ଦେଇ
ଅଦାଲତେ କ୍ଷମା ଭିକ୍ଷା କରେ ।
କ୍ରୁଶବିଦ୍ଧ ମଣିଷର
ଶାନ୍ତି ପାଇଁ କର ମୋତେ କ୍ଷମା,
ଘୁମନ୍ତ ପର୍ବତ ତଳେ
ମୁଁ ଖୋଜୁଛି ସାଂଧ ଅରୁଣିମା ।
ଆପାତ ଉଠିବେ ଚନ୍ଦ୍ର
କେତେ ଘଡ଼ି କେତେବା ପ୍ରହରେ
ମୋ ପ୍ରେୟସୀ ଖୋଜୁଥିବେ
ସୂର୍ଯ୍ୟ ଦେବ କିଆଁ ଉହ୍ଲେଇରେ ।

# ବଗ

ମୃତ-ନଦୀ ସ୍ରୋତ ପୁଣି
ଆଉଥରେ ଫେରିବା ପର୍ଯ୍ୟନ୍ତ,
ଅପେକ୍ଷା କରି ବସିବେ
ମୋ ଦୁଆରେ ପାତିହଂସ ଯୂଥ ।
ଆମ ଗାଆଁ ନଈ ଧାରେ
ଖୋଜି ଖୋଜି ଖାଦ୍ୟ ଓ ପଙ୍କ,
ଅଣତଣେ ଚଳୁଛନ୍ତି
ଯେମିତି ପରି ଛଟେଇ ଶ୍ରମିକ ।
ବଗମାନେ ପହଞ୍ଚିଲେ,
ଖୁସିମାନେ ସିଧା ଓ ସଳଖ ।
ସେମାନେତ ସିଆଣିଆ
ପିନ୍ଧିଛନ୍ତି ସଫାରୀ ପୋଷାକ !

ନବାଗୋଡ଼ ପାଉଡ଼ାମାଃ
ଢିଲା ଟୋପା ଧଳା କୁର୍ତ୍ତା ଚିହ୍ନି,
ସପକ୍ଷମାନେ ଫେରିଯିବେ
ପୁଣି ତାଙ୍କ ପୃଥକ ଚୌହଦୀ ।

ବଗର ବନ୍ଧୁଣି ଦେକ
ଭାସିଯାଏ ନୀଳ ଆକାଶରେ,
ଠିକଣା ରଖିଚି କେତେ
ନଦୀହ୍ରଦ ଭିନ୍ନ ପ୍ରଗଣାରେ ।
ପ୍ରବାଦ ପୁରୁଷମାନେ
ସଂସାରରେ ପୂର୍ବ କିଂବଦନ୍ତୀ,
ଧର୍ମରାଜ ଯୁଧିଷ୍ଠିର
ଦେଇଥିଲେ ଅସୀମ ସ୍ୱୀକୃତି ।

ବନ୍ଧୁଘାଟ, ବନ୍ଧୁ ତୁଠ,
ନଖ ଅଷ୍ଟ ପ୍ରାକୃତ ବିଜେତା,
ବଗମାନେ ପିନ୍ଧିଛନ୍ତି,
ନିଜ ଦେହେ ଯାମକ କୁହୁଡ଼ା ।
ଭୂମିରେ ଧୂସର ବର୍ଣ୍ଣ
ଆକାଶରେ ସଫେଦ ଧବଳ,
ନଗରବାସୀଙ୍କ ପରି
ଅଶାନ୍ତ୍ୟ-ବିପଦ-ସଂକୁଳ ।
ଧବଳ ଭୂଷଣ ମଧ୍ୟେ
ବଗମାନେ ଦ୍ୱୈତ ଓ ଅଦ୍ୱୈତ,
ଦୁଇ ରୂପ ହୋଇଯାଏ
ଯେତେବେଳେ ଶିକାର ପ୍ରମଦ ।

ଶୈବାଳ ସୈକତେ ମିଶେ
ଧୂସର ଓ ସବୁଜ ରେଖା,
ଶ୍ୱେତର ଛାବଳର
ଲାଗିଯାଏ ପୂର୍ବ ପରିଆରା ।

ପୁନଶ୍ଚ ବିଜୟୀ ବଗ
ଦେଖାମେଲି ଉଡ଼େ ଆକାଶରେ;
ଧବଳ ବସନେ କେତେ
ଲାଗେ ନାହିଁ ପାପ ପୃଥିବୀରେ ।

ଗାଆଁ ବାସୀ ସାନପୁଅ
ରସୁଣ ପାଖୁଡ଼ା ପାଳକରି,
ହାଟରେ ବସିଚି ବିକି
ଭାଉ ଭାଉ ରାମୁଣ୍ଡା ପ୍ରସାରୀ ।
ନଦୀ କୂଳେ ମାଦା ମାଦା
ସେଇପରି ମୀନ ମାଛ ଯାକ,
ଯେତେବେଳେ କାର୍ତ୍ତିକରେ
ପାଳୁଥିବେ ବଗ ଶ୍ରୀପଞ୍ଚକ ।

ବଗ କହେ ଧର୍ମତତ୍ତ୍ୱ
ଧର୍ମରାଜ ପ୍ରଥମେ ଚାଟକା,
ଯୋଜନାରେ ବାର୍ତ୍ତା ଶୁଣି
ଗ୍ରାମବାସୀ ଯେପରି ଅବାକା ।
କିଂବଦନ୍ତୀ ଅପେକ୍ଷାରେ
ଆମ ଗାଆଁ ପାତିହଂସ ଯୂଥ,
ସେଇପରି ବସିଛନ୍ତି
ମୃତ-ନଦୀ ଫେରିବା ପର୍ଯ୍ୟନ୍ତ ।

# ମୁକ୍ତି

ସବୁ ସୈନ୍ୟ ସେନାପତି,
ଯଦି ବିଶ୍ୱେ ସୀମିତ ଆୟୁଷ;
ଅକ୍ଷୟ ଈଶ୍ୱର ହିଁ,
ବଂଚିଥା'ନ୍ତି ଅନନ୍ତ ବୟସ ।
ସମସ୍ତେ ଭେଟନ୍ତି ତାଙ୍କୁ,
ନିତିଦିନ ବ୍ୟାଙ୍କ କାଉଣ୍ଟରେ,
ସମୟ ଲାଗୁଛି ସେଠି,
ଯାହା ପାଇଁ ଟଙ୍କା ଗଣତିରେ ।

ଈଶ୍ୱର ସବୁଠି ଚିହ୍ନା,
ଚେନା-ଚେନା ଚିହ୍ନା କ୍ୱଚିତ ଅଚିହ୍ନା
ବ୍ୟାଙ୍କ କାଉଣ୍ଟର ମାତ୍ରେ,
ଈଶ୍ୱରତ ସବୁଠାରେ ଚିହ୍ନା
ଝାଳୁଆ ଦୁର୍ଗନ୍ଧ ଦେହ,
ସବୁଯାକ ମଫସଲ ବ୍ୟାଙ୍କ,
ଈଶ୍ୱର ଜଗନ୍ତି ସେଠି,
ଯେଉଁମାନେ ବରିଷ୍ଠ ଗ୍ରାହକ ।

ବୁଢ଼ା ତେଲ ମାଲିସରେ,
ପରୁ ବୋଳା ପଥର କାଠରେ,
ଗ୍ରାମୁଁ ନଗର ପର୍ଯ୍ୟନ୍ତ
ଚତୁର୍ଦ୍ଦିଗେ ଈଶ୍ୱର ସେଠାରେ ।

ସୈନ୍ୟ ସେନାପତି କରି,
ଜମିବାଡ଼ି ଦଖଲ ନେବାକୁ;
ଧନୀକୁ ସମ୍ଭ୍ରାନ୍ତ କରି,
ଉଦବୃତ୍ତ ଆୟୁଷ ଦେବାକୁ ।

ଘାସ ତରୁଲତା-ଗୁଳ୍ମ
ମୋ ଉଦ୍ୟାନ, ଈଶ୍ୱରଙ୍କ ଘର;
ମାନକି ନମାନ କେହି
ରାଜି ଅବା ଅରାଜି ଈଶ୍ୱର ।
ଅସଂଖ୍ୟ ଫୁଲ ପାଖୁଡ଼ା,
କ୍ଲାନ୍ତିହୀନ ଆତ୍ମ-ପ୍ରତ୍ୟୟରେ,
ଈଶ୍ୱର ଛଟି ବସନ୍ତି
ନିତି ନିତି ପ୍ରୀତି ପୁଲକରେ ।

ଜାଣେ ମୁଁ ଈଶ୍ୱର କିଏ,
ଅର୍ଥବଳେ, ଧାତୁ ପରିଣତ;
ଜାଣେ ମୁଁ ଈଶ୍ୱର ସାଥୀ
ସବୁ ରାଜା, ଧନୀ ଓ ସମ୍ଭ୍ରାନ୍ତ ।
ଜାଣେ ମୁଁ ଈଶ୍ୱର ପ୍ରେମ :
ନଶ୍ୱରର ଆତ୍ମ-କେନ୍ଦ୍ରୀ ଗୁଣ,
ତେଣୁ ନିଜେ ବନ୍ଦୀଗଲି
ଖୋଲିଦେଲ ସମସ୍ତ ତୋରଣ ।

# ରୂପକଳ୍ପ

ଦ୍ୱାଦଶ ଇନ୍ଦ୍ରିୟ ଅଗୋଚର
ନିର୍ବିବାଦ ଯଦି ମାତ୍ର ଚକ୍ଷୁ ଓ କର୍ଣ୍ଣର
ସ୍ପର୍ଶ ଘ୍ରାଣ ପ୍ରତିକ୍ରିୟା ଶୂନ୍ୟ,
ବାସ୍ତବ ଓ ଅବାସ୍ତବ ପ୍ରତିଦ୍ୱନ୍ଦ୍ୱୀ
ସକଳ ମଉଜ ।
ସମସ୍ତ ହୃଦୟ କୁଣ୍ଠା
କାର୍ପଣ୍ୟ ଓ ଅବିବେକୀ ପଣ
ତୁମେ ତାର ସ୍ୱୟଂ ସମାଧାନ ।

ଗୋଟିଏ ପାତାଳସ୍ପର୍ଶୀ
ଅନନ୍ତ ବିବର,
ଘନୀଭୂତ ମୃତ୍ତିକା-ପ୍ରସ୍ତର

ଆଗମନ ପ୍ରତ୍ୟାଗମ
 ବିହୀନ ପ୍ରାନ୍ତର,
ସମସ୍ତ ଜଡ଼ତା ମୟ
 ଶୂନ୍ୟ ନିରାକାର
ତୁମେ ଏଠି ପରିଚିତ
ନିର୍ବିଘ୍ନରେ ଏକାନ୍ତ ଈଶ୍ୱର ।

ଶୃଙ୍ଖଳା ଓ ବିଶୃଙ୍ଖଳ
ଜିମାଦାର ନିଜ ସର୍ଜନାର
ଯଦ୍ୟପି ସେ ବାରଂବାର
କରୁଛନ୍ତି ତାକୁ ଅସ୍ୱୀକାର,
ପ୍ରବୃତ୍ତି ଓ ନିବୃତ୍ତିର
କାମନା ଓ କଳ୍ପନା ସବୁର ।

ସମୟ ଓ ମହାକାଳ
ପ୍ରକୃତିର ସୀମାରେଖା ଭେଦି,
ତୁମେ ଶୂନ୍ୟ ମହାଶୂନ୍ୟ
ନାଦହୀନ ସ୍ୱର ଅନ୍ତର୍ଭେଦୀ ।
ପଦାର୍ଥ ନୁହଁ ବିକଳ୍ପ ...
ରୂପ କଳ୍ପ ନୁହଁ: ନିର୍ବିକଳ୍ପ

ଅନୁଭୂତି ନୁହଁତ ସଂକଳ୍ପ ...
କାୟା ବିହୀନ ହେଲେବି ...
ସ୍ୱୟଂ କାୟାକଳ୍ପ ।

କାଳ ଓ ପ୍ରବୃତ୍ତି ମଧ୍ୟେ
ଅବିଭାଜ୍ୟ ସଂଶୟ ଦ୍ୱନ୍ଦର,
ସୃଷ୍ଟିଶୀଳ ମନୁଷ୍ୟର
କ୍ରିୟାଶକ୍ତି ସମତା ରକ୍ଷାର ।
ତୁମେତ ପରାକାଷ୍ଠାର
ବାରମ୍ବାର ଡାକୁଛି ଅର୍ଜୁନ,
ତୁମେ ଚିର ନିର୍ବିକଳ୍ପ
କଳ୍ପନାର ଦିବ୍ୟ ମୂର୍ତ୍ତିମାନ ।
ତୁମେ ଚିର ନାଦହୀନ ବାଣୀହୀନ
ପୁଣି ଅବାଙ୍ମୟ,
ତୁମ ପାଇଁ ସବୁ କଂଠେ
ସବୁବେଳେ ଛନ୍ଦର ସମ୍ମୋହ ।।

# ମୋ' ସହର

ପଙ୍ଗପାଳଙ୍କ ପ୍ରେମ ଚିଟାଉରେ
ଭରି ଗଲା ଏବେ ମୋ ସହର
ସିନ୍ଧୁକ ଭିତରେ ନାଚି ଖେଳିବୁଲେ
ରଜାଘର ପୋଷା ଅଜଗର ।

ବେଶରମ ପଡୁଛି ହଜାର ହଜାରେ
ବଢୁଛି ମୂଲ୍ୟର ଅମାପ,
ରଜାଙ୍କ ଆଗରେ ଖୋଲା ହେବାଯାଏ
ଲୁହା ସିନ୍ଧୁକର କୋଳାପ ।
କିଏବା ଜାଣିଛି ସହର କିମତ
ଅଧିକ ହେବ କି ଅମାପ ?

ଛକାଛକି ଗଛ, ଗହଳ ବନସ୍ତ,
ପୁରୁଣା ଜୀବନ ଶୀତଳତା
ଶରତ ମଧ୍ୟାହ୍ନ ଘାସଫୁଲ ଗନ୍ଧ
ଭୁଲି ଗଲିଣି ସେ ମାଦକତା ।
ନୂଆ ମାଟି ପଡ଼ି ପୋତି ହୋଇଗଲା
ପୁରୁଣା ଜୀବନ ଆଦିମତା,
ଭଙ୍ଗାଦେଛି ଲୋକ, କଟାକଟି ଜାତି,
ପୃଥକ କରିବା ଚତୁରତା ।

ନାଲିପାନଦିଦି ସଭାଗ ବଢ଼ିଚି,
କଳାପାନଦିଦି ସହରକୁ

ଠିକିରି ତିଢ଼ିଆ ନିଲାମ ଡାକିବେ
ଗୋଲାମ ବଇଁଶ ମହଲକୁ ।
ବଢୁଛି ସହର, ବଢ଼ି ଯାଏ ଦର
ତାଡ଼କା ରାକ୍ଷସୀ ପାଟରାଣୀ,
ହବାକୁ ଶରଧା, ଗାମ ତଡ଼ି ଦେଲେ-
ତଥାପି ଅଯୋଧ୍ୟା ନବ କିଣି ।

ସାରା ଭାରତର ଲୋକଶୋଷ ବାଣ୍ଟି
ପତାକା ହଲାଏ ମୋ' ସହର
ବଛା ଖାନଦାନୀ ନୂତନ ସହରୁ
ଅନାଡ଼ି ମଣିଷ ବହିଷ୍କାର ।

ଶଶୁରଙ୍କ ଘରୁ ତଡ଼ା ଖାଇଥିବା
ଜ୍ୱାଇଁଙ୍କ ପିଲାଏ ଥରେ ଥରେ
ଚୋରମୁହାଁ ହୋଇ ପଶଂତି ଯାଆନ୍ତି
ଅଲୁହା ଅପୁଆ ମାମୁ ଘରେ ।
ବସ୍ତି ଅଗଣାରେ ଅଚିହ୍ନା ଚଢ଼େଇ
ସେହିପରି କେବେ ଥରେ ଥରେ
ଇନ୍ ବଗିଚା ବୁଲି ଆସୁଛନ୍ତି
ସହରବାସୀଙ୍କ ଅଗୋଚରେ ।

କୁଆଁରୀ ମୃତ୍ତିକା ବିଦୀର୍ଣ୍ଣ କରି
ନିଜ ଶକ୍ତିରେ ସାତଥର
ସମତଳ ଭୂମି ବାଣ୍ଟି ଦେଇଥିଲା
ଯନ୍ତ୍ର-ଦାନବ ବଳିଆର ।
ମଣିଷ ହୃଦୟ ପତିଆରା-ଶୂନ୍ୟ
ତାଲିକା କାଢ଼ିଲା କମ୍ପ୍ୟୁଟର ।

ରୂପବତୀ ନାରୀ ସ୍ନାନାଗାର ପାଶେ
ସହର ଆପାତ ଲଜ୍ଜାଶୀଳ
ସେତିକି ସୁରୁଚି ଅନୁକୂଳ ।

ତାହାପରେ ଖାଲି ଦ୍ରବ୍ୟ ବିନିମୟ
ହୃଦୟ ନିବିଡ଼ ଅନ୍ଧକାର
ସ୍ପଷ୍ଟ ଅଙ୍ଗୀକାର ସବୁ ଅସ୍ୱୀକାର
(ମାନସିକ-ସୃଷ୍ଟି କୋମଳ ଭଣ୍ଡାର)
ସବୁ ହୋଇଗଲା ହତାଦର ।
ମୁଣ୍ଡେ ପାଦ ରଖି ବସିଛୁ ସକଳେ
ଏକାଠି ଜଗିଛି ଡାକୁଆର ।

ଈଶ୍ୱର ଆସନ୍ତି ହାତୀ ଓଟ କାନ୍ଧେ
ଆମରି ମୁଲକେ ଥରେ ଥରେ,
ତାମସିକ ବୃତ୍ତି, ମାଫିଆ ସଂସ୍କୃତି,
ନିମନ୍ତ୍ରଣକରି ଆଣିପାରେ;
ନିର୍ଲିପ୍ତ ଅନ୍ଧାର ପଡ଼ିଆରେ ଠିଆ
କରି ଦିଏ କେଉଁ ନିର୍ବିକାରେ ।

ତସ୍କର ଆସିବେ, ଆଖି ଖୋଳିନେବେ,
ବିନିମୟ-ସାଧ ମୂଲ୍ୟରେ ବିକିବେ,
କିଏ ସେ ଶୁଣିବ ଅନାଡ଼ି ମଣିଷ
କାହିଁ ରହିଗଲା କେତେ ଦୂରେ,
ହେଟାବାଘ ସଂଗେ ପଳାଇ ଗଲାକି
ଜଂଗଲ ଉଜୁଡ଼ି ଯିବା ପରେ ।

ନୂତନ ସହର ସୌଦାଗରୀ,
କ୍ରେତା ଓ ବିକ୍ରେତା ଏକାଠି ଅଛନ୍ତି,
ଗୋଟିଏ ସୂତ୍ରରେ ଧରାଧରି ।
ଗୋଟିଏ ଚରିତ ଆସିଛି ଯାବତ
କିଏସେ ଶୋଷକ କିଏ ସେ ଶୋଷିତ
ଜାଣି ହେଉ ନାହିଁ ପରିଷ୍କାର,
ଦୁଇମୁଣ୍ଡେ ସାପ ରକତ ଶୋଷୁଛି
ନିଜ ଶରୀରରୁ ନିରନ୍ତର ।

# ନିର୍ବାଚନ-୯୫

ଭୋଗୀ ଦେହ ଭୋଗୀମନ,
ଅଣସର ବିଳାସୀ ଶଯ୍ୟାରେ,
ଗୋଲାମି ବର୍ଦ୍ଧିଣ ଛୁଆ,
ସାଥୀଟିଏ ଚିର ମିଛାସରେ ।

ଅନ୍ଧସରେ ଥାପାସରେ,
ଫୋଡି ହୋଇ ଯିବାର ସପନ,
ଖୋଳାପାଏ ଅଧାପୋତା
ବନ୍ଦରରେ ସବୁ ଖରାଦିନ ।

ଚରିତ୍ର ଅନୁକୂଳ
ପ୍ରତିକୂଳ ଦୋହଳି ପଥରେ,
ଭେଜାଲି ଜାତୀୟ ଖାଦ୍ୟ -
ପରଖୁଚା ଭାରତବର୍ଷରେ :
ମୁକ୍ତ ଏକ ବନ୍ଧାଶାଳା ଘରେ ।

ଚାଳିଶ ବରଷ କାଳ
ସ୍ୱଦେଶୀ ତହାଙ୍କ ଅମାନତ,
ଆମେ ଏବେ ଛିଣ୍ଡା ଗୁଡ଼ି
ମାତା ମହାଫେଇଙ୍କ ଦୁହିତ । (୧)
ଶାସନ ପୋଷଣ ପାଇଁ
ବିଦେଶୀ ରାଜାଙ୍କ ସନ୍ଧିପତ୍ର :
ଆମେ ସବୁ ନିଜ ଜମାନତ ।

ଭୋଗୀ ଦେହ ଭୋଗୀ ଶଯ୍ୟା
ଚତୁର୍ଦ୍ଦିଗେ ବାନ୍ଧିଛି ତୋରଣ,
କନ୍ୟାର ବିଭା ବୟସେ
ଯମ ଦ୍ୱାରେ ପିଟିଛି ନିଦାନ ।
ଏବେ କି କରିବା କହ
ସମୟଟି ଅତ୍ୟନ୍ତ ଦାରୁଣ ।

ଚଉଦ ପଚାଶ ବର୍ଷ
ସ୍ୱାଧୀନତା ବଜାଉଛି ଘଣ୍ଟି,
ପୃଥିବୀର ଚତୁର୍ଦ୍ଦିଗେ,
ଭାରତର ନାମରେ ଅରଷ୍ଟି ।
ବନ୍ଧୁ ଶୃଗାଳଙ୍କୁ ରଖି
ଏକତ୍ର, ମଞ୍ଚରେ ମହୁଫେଣା :
ଆମେ କି' କରିବା କହ,
ସୁଝିବାକୁ ପିତୃତ୍ୱ ଦେଏଣା ।

ମାରକ ମାଣିକ ଲଖ
ଡାକିଗଲେ ମଣିଷଙ୍କ ଧାଡ଼ି,
ଠେକା ବାନ୍ଧି ଚାଲିଛନ୍ତି
ଖାତରାତି ଅଜସ୍ର କୁହୁଡ଼ି ।

ପାଣି ଥୋପା ଥୋପା ଝରେ
ସତେ ଅବା ମହୁଫେଣା ଫାଟି :
ଦେଖାଯାଏ ହେଲା ମନ,
ରାତ୍ର ତାରା ସ୍ୱର୍ଗର ଏକାଠି ।

ଆସନ୍ନ ପ୍ରସବା ନାରୀ
ଆମେ ସବୁ ଅଭିଜାତ ବଂଶ,
କି ସନ୍ତାନ ଜନ୍ମ କଲେ
ନିଜ ଦେହେ ଲାଗିବ ପୌରୁଷ :
ଚିର ମନ୍ଦ ଦୂର ହେବ,
ଗତଦଂଶ ସଂକ୍ରମଣ ଦୋଷ ।

ଧାଡ଼ିଧାଡ଼ି ଫେରୁଛନ୍ତି,
ସତେ ଅବା ଛଟେଇ ଶ୍ରମିକ,
ପୁଣି ଅଭିଜାତ ବଂଶ
ଆକାଶକୁ ଦେଇ ଦୋଷଯାକ ।

ଅନ୍ଧକାର କୋଠରିରୁ
ଯେଉଁଠାରେ ଆଖି ପଡି ବାନ୍ଧି;
ଦେଖାଇ ସେ ଦେଇଥିଲେ
ଦୁଇସହସ୍ର ଭାରତ ଶତାବ୍ଦୀ ।
ଅଥବା କେଉଁଠି କରି
ନେଉଥିବା ଭୂତ ଡାକି ଡାକୁ,
ରାତି ଅଧେ : ଉଚ୍ଚାଧର
ଆଖି ଖେଦେ ପାଣି ଦେଖିବାକୁ ।

ସଉଦୁଣୀ ମୁଣ୍ଡେ ଲାଦି
ଅଠାଯାକ ସାନବୋହୂ ଟୋକୀ,
ଭାବୁଛି ସ୍ୱାମୀ କୋଳରେ
ମନେ ମନେ ପ୍ରତିଶୋଧ ନେଲି ।
ଅଥବା ଆଉ କେଉଁଠି,
ବୃଦ୍ଧା ରାଣୀ ସନ୍ଧ୍ୟା ମନରେ,
ପ୍ରତି ପାଞ୍ଚବର୍ଷେ ଖୋଜେ
ପୁତ୍ର ଜନ୍ମ ନିଜ ଉଆସରେ ।

---

(୧) ଘଣିଷାଗାରଙ୍କ ଶାସନ ଧାର

# ରାଉରକେଲା

ବୃତ୍ତ, ତ୍ରିଭୁଜ, ଆୟତ,
ବର୍ଗକ୍ଷେତ୍ର ଆଦି,
ଯେତେ ଯେତେ ରେଖାଚିତ୍ର
ତୁମ ଆଖି ଦେଖୁଛି ଅବଧି-
ଅସଂଲଗ୍ନ, ଅସଜଡ଼ା, ଅସନଖ
ତିର୍ଯ୍ୟକ ରେଖାର,
ସବୁତ ବିନ୍ଦୁରୁ ଜାତ
ହାତେ ଗଢ଼ା ନିଜ କମ୍ପ୍ୟୁଟର ।

ତୁମକୁ ମୁଁ ଚିହ୍ନିଥିଲି
ଊନବିଂଶ ତାଉବନ ସାଲେ,
କଳାକେଳା ବସ୍ତ୍ର ତୁମ
ମାର୍ଜିସିଆ ଥିଲା ସେତେବେଳେ ।
ନଉଳଣ ପଡ଼ୁଥିଲା
ଆଗ କିଛି ପ୍ରଥମ ଯୌବନ,
ଦ୍ୱିତୀୟ ଜୁଆର ଆସି
ଭରି ଦେଲା ମୋର ମନପ୍ରାଣ ।

ଦୁହିଁଙ୍କର ପ୍ରେମ ହେଲା,
ଆମେ ଦୁହେଁ ଏକାଠି ଚଳିଲେ,
ଚାଳିଶ ବରଷ କାଳ
ଅସଂଲଗ୍ନ ରେଖାକୁ ଯୋଡ଼ିଲେ ।
ବୃତ୍ତ ଓ ତ୍ରିଭୁଜ କଲେ
ଘର, ପାର୍କ, କୋଠାବାଡ଼ି ଭରା
ଅନେକ ସନ୍ତାନ ଆମେ
ଜନ୍ମ କଲୁ ମିଳିତ ଚେହେରା ।

ଗୋଟିଏ ବିନ୍ଦୁରୁ ଜାତ
ବଢ଼ିଗଲା ଏତେବଡ଼ ବଂଶ,
ଭାବୁଥିଲି ଉପାଖ୍ୟାନେ
ଏ ଯୁଗର ଯଯାତି ନହୁଷ ।
ମାତ୍ର ଚାଳିଶ ବର୍ଷରେ
ସତେ ଅବା ପୁରୂରବା ଋଷି

ନୂତନ ମଣିଷ ବଂଶ
କରିଦେଲେ ସଂପୂର୍ଣ୍ଣ ନୀରସୀ ।
ବୟସ, ବୃତ୍ତି ଓ ପ୍ରେମ
ପରସ୍ପର ଆକର୍ଷଣ ଶକ୍ତି
ସଂସାର ମାଧ୍ୟାକର୍ଷଣେ
ଯଦି ତାର ନ ହେଲା ବିରତି :
ଏପରି ବିଶ୍ୱାସ ଥିଲା :
ଚାଳିଶ ବରଷେ ତୁମେ ବୃଦ୍ଧା,
ବିଜୁଳି ଚମକ ହୀନ
ଅନ୍ଧକାର ସକଳ ବସୁଧା ।

ଉତ୍ପାଦନ ବେଗଶୂନ୍ୟ,
ଏବେ ପୁଣି ଖୋଜା ହେଲା,
କୌଶଳର ନବ ସଂସ୍କରଣ
ବେଗ ଓ ଶକ୍ତିର ତେଜ ଭରିବାକୁ
ନବ ଇଲେକ୍ଟ୍ରୋନ !
ମୋ ଦେହ ଅନନ୍ତ କ୍ଷୁଧା
ପୂର୍ବ-ଶଯ୍ୟା ପ୍ରତ୍ୟୟ ବିହୀନ
ଚାଳିଶ ବରଷେ ଦେଖେ,
ବିନ୍ଦୁ ସବୁ ବିସର୍ଗର ଚିହ୍ନ !

କଳ୍ପନା ପୁରୁଣା ନୁହେଁ,
ସେମାନେ ତ ସୁଯୋଗେ ପଳୁଆ,
ସମୟ ଖସିଯାଉଛି
ଅପହଂତ ଆକାଶ କଣ୍ଢିଆ ।
ସବୁଠାରେ ବଂଚିତଙ୍କ ସଂଖ୍ୟା
ଏବେ ବଢ଼ୁଛି ବହୁତ
ବାର୍ଦ୍ଧକ୍ୟ ଘୋଡ଼େଇ ଚାଲେ
ଦିନ ରାତି ସେମାନେ ବିବ୍ରତ ।
ଅସଜଡ଼ା, ଅସଂଲଗ୍ନ, ଅସନଖ
ତିର୍ଯ୍ୟକ ରେଖାର
ମଣିଷ ଗୁଡ଼ାକ ଏବେ
ପରିତ୍ୟକ୍ତ ବୃତ୍ତ ତ୍ରିଭୁଜର ।

---

* (ଓଡ଼ିଶାରେ ପ୍ରଥମ ଶିଳ୍ପାୟନ ରାଉରକେଲାକୁ ୪୦ ବର୍ଷର ବାର୍ଦ୍ଧକ୍ୟ ଘୋଟିଗଲା । ଆଧୁନିକୀକରଣ ଶେଷ ହେବା ପରେ ବି, ଉତ୍ପାଦନ ବେଗଶୂନ୍ୟ । ୪୦/୫୦ ବର୍ଷରେ ରାଉରକେଲାର ବୃହତ ଶିଳ୍ପ ଅଥର୍ବ ବିକଳାଙ୍ଗ ।)

# ବୃହନ୍ନଳା

ତୁମ ଅପତ୍ୟ ସ୍ନେହ ବଳିଆର,
ମୁଁ କେବେ ହେବିନାହିଁ ଛାରଖାର ।
ଜନ୍ମ ଦେଇଛ ମତେ ନୈ-ରାଜ୍ୟେ
କର୍କଶ ତୃଣହୀନ ବାଲି କ୍ଷେତ୍ରେ ।
ତବ ଭୁଜରେ କରି ଆଲିଂଗନ
ନାମ ଦେଇଛ ମୋର ଜନାର୍ଦ୍ଦନ ॥

ମୁଁ କିଂପାଁ କାହାର କି' ଶତ୍ରୁ ହେବି
ନିଜ ଅପର ଜନ ଭେଦଭାବି ।
ସମସ୍ତେ ଭୟଙ୍କର ପ୍ରେମମୟ
ମତେ କରନ୍ତି ଯଦି ବରାଭୟ ।
ସାରା ଜୀବନ ପଡ଼ି ଆହ୍ୱାନରେ
ଚାଲିଚି ଛାୟାପଥ ଧାରେ ଧାରେ ॥

ଜାଣେନାଁ କିଏ ସେଇ ପାର୍ଥିବ,
ମୋ ସଂଗେ କଲେ ମିତ୍ର ବନ୍ଧୁଭାବ ।
ହାତେ ନଥିଲା କିଛି ପ୍ରତିଦାନ
କି ଦେଇ କରିବାକୁ ସନମାନ ॥

ଡାକିଲି ଯେତେବେଳେ ହାତଠାରି
ଜାଣିଚି ଯଦି ତୁମେ ବାରନାରୀ ।
ପ୍ରେମ ଭକ୍ତିରେ ପଡ଼ି ଆମେ ଦୁହେଁ
ମହତ ସରି ନାହିଁ ଆଜିଯାଏ ।
କାହିଁକି ଦ୍ୱାକେଶୁଣି କଳାଦେଇ
ସେମାନେ ଫେରିଗଲେ ମନମାରି ॥

ଭୂମି ଓ ବାସଗୃହ ପୁରାତନ,
ମୁଣ୍ଡ ଉପରେ ହସେ ନୀଳକଣ୍ଠ ।
ବାସର ରାତି ଛାୟା ଛଳି ଛଳି
ଧୂସର ମେଘ ଯେବେ ଗଲା ଭାଙ୍ଗି ।
ତୁମେ କଲ କବାଟେ ମୁଦୁଘାତ
ବିତାଇ କାହିଁ ନିଜ ମହୁରାତ ॥

ଭରସାହୀନ ଏଇ ପୃଥିବୀରେ
ଯେତେ ନିର୍ମଳ ମନ ଦୃଢ଼ତରେ ।
ମୃଦୁ ଭଜନ ସଂଗେ କରି ପ୍ରୀତି
ସାରିଲି ଯୌବନ ସବୁ ତିଥି ॥

ମନେ ରହିଲା ଖାଲି ଅଭିମାନ
କେବଳ ଋଣଭାର ବିଶୋଧନ ।
ତୁମକୁ ଡାକି ଡାକି ଗଲି ଥକି
ହବାକୁ ଅଦାଲତେ ରାଜସାକ୍ଷୀ ।
କଚେରି ଅଦାଲତେ ଉପସ୍ଥାନେ
ନଦେଇ ବାଲିଶର ଉଦାସୀନ ॥

ସବୁ ବିପତ୍ତି ଆଉ ସଂପତ୍ତିର
କେ ଦେଇଥିଲା ତୁମ ଅଧିକାର ।
କିପରି ସେଇଁଦିନ ସୌଦାଗର
ଭରସା ଦେଇ ହାତ କଲା ଛୁର ॥

ପର୍ବତ ଉପତ୍ୟକା ଶୂନ୍ୟକରି
କେ ବୈଦାନ୍ତିକ ଫୁଲ ନେଲା ତୋଳି
ଛଡ଼ି ବସିଚି କାଳି ସାରା ରାତ୍ର
ପିତୃ ଓ ମାତୃ କୂଳ ପରିଯନ୍ତ ।
ପଢ଼ି ସକଳ ଶାସ୍ତ୍ର ସ୍ତବସ୍ତୋତ୍ର
ହେବାକୁ ଛାନ୍ଦସିକ ପ୍ରାଣବନ୍ତ ॥

ବିଶ୍ୱାସ ଅବିଶ୍ୱାସ କେନ୍ଦ୍ରବିନ୍ଦୁ
ଖୋଜି କରୁଣାତମ ସପ୍ତସିନ୍ଧୁ
ପ୍ରାଣ କୋମଳତମ ସହୃଦୟ
ଯଦି ଶଠତା ଦେଲା ପରାଜୟ ।
ବିରାଟ ଉପବନେ ବୃହନ୍ନଳା
ତଥାପି ନିଜଦର୍ପେ ବଞ୍ଚିଥିଲା ॥

# କୁଣ୍ଠିତା ଚନ୍ଦ୍ରମା

କଳାପଡ଼ି ଆସୁଥିବା,
ଲଣ୍ଠନକୁ ଅଚିରାତ୍ ଦେଖି
ଉଦାସୀ ଚନ୍ଦ୍ରମା ମୁହଁ
ଦିଶିଗଲା ମୋ ପଲଙ୍କେ ଆଜି ।
ବୃତ୍ତାନ୍ତ ହୋଇନି ମୋର
ପରାଜୟ ଉପସିଲା ଚୁକ୍ତି
ଆସିବେ କି ନଆସିବେ
କହୁଥିଲେ ଭୀଷଣ ଦ୍ୱିରୁକ୍ତି :
ମୋ ପ୍ରେମିକା ବାରଂବାର,
ବୈଦୁର୍ଯ୍ୟର ମାଳ୍ୟ ଦେଇ
ଯେବେ କଲେ ଆମ ସ୍ୱୟଂବର ।

କୁଣ୍ଠିତା ଚନ୍ଦ୍ରମା ମୁହଁ
ଦିଶୁଥିଲା ବିଳଂବିତ ରାତି,
(ମୋ ପ୍ରିୟା କଂକଣ ନାଦ
ଶୁଭୁଥିଲା ଭୀରୁ ଅଟକନ୍ତି) ।
କାହାଣିବି ଅସ୍ୱୀକାରେ-
ଦୁଃଖ ମୋର ନଥିଲାତ କେବେ,
ଅବସ୍ଥାରେ ପାଉଥିଲି
ମୋର ସଙ୍ଗୀ ନିଜ ଅନୁଭବେ ।

କୃତକର୍ମ ସବୁ ବ୍ୟର୍ଥ,
ଈଶ୍ୱରୀୟ ସ୍ତୁତି ବି ମୃତଖଣ୍ଡ,
କବିତାର ଭ୍ରୂଣ ନାଶ
ଦ୍ୱାରକାରୁ କାଶୀ ପର୍ଯ୍ୟନ୍ତ ।
ଉଜ୍ଜୟିନୀ ନଗରକୁ
କେବେକେବେ ବାଲିଗଲେ ଥରେ
ଚନ୍ଦ୍ରମା ମୁହଁ ଲୁଚାଇ
ରହୁଥିଲା ନିଜ ଉଆସରେ ।

ମୋ ସଙ୍ଗୀତ ଉଦାସିଆ
ଦେଖେ ତାର ବିଗତ ଯୌବନ,
ଚମତ୍କାର ଖୋଳ ମଧ୍ୟେ
ରହିଗଲା ବିସ୍ମୃତ ସପନ ।

ମୋ ପଦ୍ମାର ନୀଳ ଶେଯେ
ଲିଭିଗଲା ଲଣ୍ଠନର ବତୀ
ହାତରୁ ଛାଡ଼ିଦି ଛାଇ
ବୋଲୁଥିଲେ ପ୍ରେମେ ମଞ୍ଜୁଆତି ।

ମୋ' ପଲଙ୍କେ ପାରିଦେଇ
ଧଳା ଶେଯ ଥରେ ଥରେ ସିଏ,
କେଜାଣି କାହିଁକି ପୁଣି
କାହାପାଇଁ ଭ୍ରୂଲତା ନଚାଏ ।

କରବୀର ଉଦ୍ୟାନରେ
ଗଭା ତାର ଖୋଲିବା ଆଗରୁ
କେଜାଣି କିପରି ଶୁଖେ
ମଲ୍ଲୀମାଳ ନିତି ସକାଳରୁ ।

ମୋ କବିତା ଅନାବନା
ପଢ଼ିଥିବ ତାକୁ କେତେ କେବେ,
ମୋ କାହାଣୀ ଶ୍ରୋତାଙ୍କୁ
ଭେଟିଥିବ ବନସ୍ତରେ ଯେବେ,
ସେମାନେ କହିବେ ନିଜେ
ଥରିଥରି କେଉଁପଦ କଥା,
ସବୁଜ ଜହ୍ନକୁ ଚାହିଁ
ମୋ ମନର ଝାଉଁଳିବା ବାର୍ତ୍ତା ।

ଭଙ୍ଗା ଦର୍ପଣର ଛବି
ଦିଶେନାହିଁ ଚହଟ ବିକ୍ଷଣ
ଶୃଙ୍ଗାର ବିହୀନା ନାରୀ
ଯେଉଁ ପରି ଦିଶେ ମ୍ରିୟମାଣ ।
ଉଚ୍ଛ୍ୱାସ, ଅବଶ୍ୱାସ,
ନିଃଶ୍ୱାସର ପ୍ରତିଟି କାହାଣୀ
ମୋ ସଙ୍ଗୀତେ ସ୍ୱରବନ୍ଧା
ଯଦି ତୁମେ ପାରିଥିବ ଶୁଣି ।

# ପ୍ରେମ

ସନ୍ଧ୍ୟା: ହେଲେ ବି ତ ପ୍ରେମ,
ଅନୁରକ୍ତା ପତ୍ନୀଙ୍କ ସହିତୀ
ପ୍ରେମ ଏକ ବେଦଖଳି
ମହାତୃପା ନହେବା ପୌଢ଼ତା ।

କେଉଁ ନୀଳ ସମୁଦ୍ରର
ପଥେ ଏକ କିଳ୍ପିଥିଆ ନଦୀ
ପ୍ରେମକୁ ବୁଝିବା ଲାଗି
ବେବେବେବେଳେ ପ୍ରେମୀ ବୃହନ୍ନଦୀ ।
ଅଥବା ପାତାଳଖାନା
ନବାଗତ ଅଭିଜ୍ଞା କହତୀ
ପ୍ରେମ ସମର୍ପିତ ଆତ୍ମା
ଯଦ୍ୟପି ତା' ଅନାଗ ବସାଦୀ ।

ପ୍ରେମ ଦିନେ ଲାଜହୀନ
ନଗ ପରି, କଳାପାଣି ସ୍ରୋତେ
ଭସାଇ ନେଲା ମୋ ଡଙ୍ଗା
ପଡ଼ିଗଲି ଘର୍ଘରୀ ଆବର୍ତ୍ତେ,
ଡିମି ମାଛ ପେଟ ଚିରି
ବାହାର କରିଲେ ପ୍ରିୟାମତେ

ତଥାପି ବାନ୍ଧିବେ ନାହିଁ
ଚିରକାଳ ଆପଣା ପଣତେ ।
କହିବାକୁ ନିଜ ଲୋକ
ମାତା କି ଭଗିନୀ ଚିହ୍ନିବାକୁ
ପତ୍ନୀ ତ ଦୂରର କଥା
ଦେହ ଘଷା ପଥର ହେବାକୁ ।

ତୃପ୍ତି ଓ ଅତୃପ୍ତି ମଧ୍ୟେ
ପ୍ରେମ କେଉଁ ମଧ୍ୟବର୍ତ୍ତୀ ସ୍ଥାନ
ସ୍ମୃତି ଓ ବିସ୍ମୃତି ମଧ୍ୟେ
ସବୁବେଳେ ଘଟଣା ପ୍ରଧାନ ।
ପ୍ରେମ କେଉଁ ଶଙ୍ଖ ଧ୍ୱନି
ହୃଦୟର ନିଭୃତ ଅନ୍ଧାରେ
ଦେବତା ମନ୍ଦିରେ ଅବା
ଅପ-ଦେବତାର ସ୍ୱୟଂବରେ ।

ପ୍ରେମ ଏକାନ୍ତ ମନର
ଇତିହାସ ନୈରାଶ୍ୟ ଦୁଃଖର
ଅଥବା କଠିନତମ
ଅସହଣି ନିଷ୍ଠୁର ଖାପଚ ।

# ସଂପ୍ଲବ ଓ ଉତ୍ପ୍ଲବ

(ପ୍ରଥମ)

ଶିକାରୀ ଓ ବାଘ ଭ୍ରମଣ
ଧରାଶାୟୀ ସକଳ ଜନ୍ତୁ
ପକ୍ଷୀଗଣ ନିଦ୍ରାହୀନ
ବାରମାସୀ ମୈଥୁନେ ପ୍ରବୃତ୍ତ ।
ସହସା ଏପରି ହେଲା:
ସମୟ କି ଅତି ଅବାଂଛିତ
ବାଂଛିତ ପୁରୁଷଗଣେ
ହଠି ହେଲେ କାଳ ବିବର୍ତ୍ତିତ ।

ସବୁ ଅଘଟଣ ମଧ୍ୟେ
ବର ବେଶେ ଶୃଗାଳ କେବଳ
ସମସ୍ତ ବଂଶର କେହି
ରକ୍ଷାକର୍ତ୍ତା ନାହିଁ ଆଦିମୂଳ ।
ରାଜପୁତ୍ରଗଣେ ଯଦି
ବହିର୍ଭୂତ ରାଜ ସିଂହାସନେ
କାଳକୁ ଧରିବା ଲାଗି
ଧାଇଁଛନ୍ତି ଏକା-ଅରଣ୍ୟେ ।

ଚେତନା ଓ ଜଡ଼ତାର
ପ୍ରତିକେନ୍ଦ୍ରେ ଜାଗେ ପ୍ରତିକ୍ରିୟା
ଧାତୁର ଓଜନ ହ୍ରାସ
ବିଶୃଙ୍ଖଳ ବେଗର ପ୍ରକ୍ରିୟା ।
ଦୃଶ୍ୟ ଓ ଅଦୃଶ୍ୟ ଯେତେ
ଗୁଣ, କର୍ମ ବସ୍ତୁ ଓ ଶକ୍ତିର
ଅବଚେତନ ମାନବେ
ଯଦି ତାକୁ କର ଅସ୍ୱୀକାର ।

ଏପରି ଅନ୍ଧାରମୟ
ସମୟରେ ବହୁ ଦୂର ବ୍ୟାପୀ,
ସମସ୍ତ ଜଗତ ବୁଲି
ପାଦ ମୋର ଥକିନି ଅଦ୍ୟାପି ।

(ଦ୍ୱିତୀୟ)

ଉଦ୍‌ପ୍ଳବ ଅବାରିତ ରକତ ନଈ
ଶତ୍ରୁ ଶିବିରେ ବଢ଼େ ମୁହାଣ ଡେଇଁ
ମୋ ବାଂଧୁ ଜ୍ଞାତିଜନ ଦୂରେ ରହିବ
ଅକ୍ଷତେ ଫେରିଆସେ ଯଦି ଦେଖିବ ....
ବାହାବା ନବ ତାଙ୍କ ତୁମେ ସମସ୍ତେ
ଧରମ-ପଦ ଥାପି କରି ନମସ୍ତେ ।

ବିବର୍ତ୍ତନର ଜାଳ ଶକ୍ତି-ସଂପ୍ଲବ
ମୋ ବେଗ ବୃଦ୍ଧିକରି ତାଙ୍କ ରାଣ୍ଡିବ
ଝସିପଡ଼ି ମୋ ହାତେ ବିନ୍ଧିଲେ ଶର
ତୁମେ ବିକ୍ଷତ ଯଦି ମୁଁ ତ ନାଚାର !

ଚଳିତ ଶତକର ଦ୍ୱିଧା-ମିତ୍ରତା
କେଜାଣେ କି' ଦେବ ତା' ବିଜୟ ବାର୍ତ୍ତା ।
ଖୋଜେ ମୁଁ ଆଶାବାନ୍ଧି, ସଂଦେହାଚ୍ଛନ୍ନ
ବେନି ଶିବିରେ ଦେଖି ବିବେକ ଲୁଣ୍ଠଣ !
ଶତ୍ରୁ ଶିବିର ଅବା ମିତ୍ର ଶିବିର
ଉଭୟେ ଆପେକ୍ଷିକ ଦ୍ୱନ୍ଦ୍ୱେ ଅଧୀର
ଯଦ୍ୟପି ଉଦ୍‌ବେଳ ଶଂକା ପ୍ରବଳ,.
ଶତ୍ରୁ ଶିବିରେ କଳା ଶକ୍ତି ଉଦ୍‌ବେଳ ।
ଲୁହର ସ୍ରୋତେ ମିଶି ରକତ ନଈ
ସବୁ ସବୁଜ-ପଠା କରା ଉଚ୍ଛୁଳ
ସଂକଳ୍ପ ବଦ୍ଧମୂଳ ବିଜୟାକାଂକ୍ଷା,
ଉଦ୍‌ପ୍ଳବ ସ୍ରୋତ ଧାରେ ଯଦି ଅପେକ୍ଷା ।

# ମରାଳର ଅପମୃତ୍ୟୁ

ପୁଷ୍କରେ ସନ୍ତରିବାକୁ
କେ ଜାଣିଛି ଉତ୍ତୁଙ୍ଗ ବିଭ୍ରାଟେ ?
ଜତୁହୀନ ପୁଷ୍କରଣ
କେ ଜାଣିଛି ବିଶ୍ୱାସ ସଂକଟ ?
ଈଶ୍ୱରଙ୍କ ସଭା ମଧ୍ୟେ
ମନୁଷ୍ୟର ପଡ଼ିଆରା ଯେଣି
କେ ଜାଣିଛି ଋତୁ ଆସେ
କୁଣ୍ଠିତରେ, ଅକୁଣ୍ଠିତ ପ୍ରାଣୀ-
ଦ୍ୱନ୍ଦ୍ୱ କି ନିର୍ଦ୍ୱନ୍ଦ୍ୱ ମନ-
ସବୁଦେବଙ୍କେ ସମୟର ତାପେ,
ଉଜୁଡ଼ା ବନସ୍ତ ମଧ୍ୟେ
ଜ୍ୱଳୁଅଛି ଭୀଷଣ ସନ୍ତାପେ ।

ଚଳମାଣ ବିଚଳିତ
ସ୍ଥିର ମନ ଧର୍ଷିତ ବିବେକ:
ଭୁଲି ଯାଇ ନିଜ ସ୍ଥିତି
ଯେଉଁପରି ଗୃହୀ-ନପୁଂସକ
ପଢ଼ା ପିନ୍ଧା ଶାଢ଼ୀ ପିନ୍ଧି
ନଗରରେ ଫୁଲ ବିକିବାକୁ

ରପ୍ତିକର୍ତ୍ତା କରୁଥାଏ
ଗ୍ରାହକଙ୍କ ମନ ଜିଣିବାକୁ ।

ଫୁଲରେ ସଜେଇବାକୁ
ରକ୍ତ ଝଡି ଯାଉଥିଲା ପେରି
ତା'ପଣତ କାନି ଫିଙ୍ଗି
ଗହଳିଆ ବନସ୍ତ ସେପାରି ।
ସୁଳକ, ବିଟପୀ ନାରୀ
ମେଳବାଣ୍ଟି ମରାଳ ଦଳଙ୍କୁ
ଆତଙ୍କର ବାର୍ତ୍ତା ଦେଇ
କହୁଥିଲେ ହ୍ରଦ ଦେଖିବାକୁ ।

ଗୋଟିଏ ସାରସ ଦେହେ
ତୀରଟିଏ ବାଜିବା ଆଗରୁ
ପଳାଇ ସେ ଯାଇଥିଲା
ଅନ୍ୟ ହ୍ରଦେ, ନିଜ ଡାଳିକାରୁ,
କେହି ତାକୁ ମାରିବାକୁ
ପଣକରୁ ଅଥବା ନକରୁ,
ପଳାଇ ସେ ଯାଇଥିଲା
ମନଦର୍ପେ ସୁରକ୍ଷା ଶିବିରୁ ।
ରାଜାଙ୍କ ଉଆସ ଦେଇଁ

ଉଡ଼ି ଉଡ଼ି ଅନେକ ଦିଗନ୍ତ
ରାଣୀ ଚାହିଁ ରହିଥିଲେ
ନିଦଆଖି ଘାରିବା ପର୍ଯ୍ୟନ୍ତ ।

ହେ ମରାଳ ଫେରିଆସ
କଣ୍ଠେ ରାଜା ଧରିଛନ୍ତି ତୀର
ଅପମୃତ୍ୟୁ ହୁଏ ଯଦି
ଘାରିଲାଣି ଏତେ ଡରବର
କାହିଁକି ପଳାଇଗଲ
କହ କିବା ଦେବ କଇଫତ ?
ଚାପଧାରୀ ବସିଛନ୍ତି
ରାଣୀ ମହାଅଭିମାନ କ୍ରୁଦ୍ଧ ।

ଈଶ୍ୱରଙ୍କ ରତ୍ନଶୂନ୍ୟ
ମନ୍ଦିରରେ ପଡ଼ିବ କିଳିଣି
ପୂଜକ ଯାଉଛି ଚାଲି
ମହୋତ୍ସବ ନିମନ୍ତ୍ରଣ ମାନି,
ଜାଣି ସେ ନ ଥିଲା ଜମା
ମହୋତ୍ସବ ଏକାଦଶ ତିଥି
ଈଶ୍ୱର ଯେଉଁଠି ମରି
ସମୁଦ୍ରରେ ଫିଙ୍ଗା ହୋଇଛନ୍ତି ।

✤

# ତିଲୋତ୍ତମା ସହର

ମାତୃତ୍ୱ ସରଳ ରେଖା
ପିତୃତ୍ୱ ତିର୍ଯ୍ୟକ,
ବୃତ୍ତାକାର କରିବାକୁ
ବହୁଦିନୁ ସବୁ ପ୍ରବଂଧକ ।
ତିଲୋତ୍ତମା ସହରରେ
ବାରଂବାର ଭୂକମ୍ପନ ପରି
ଧୂଳିସାତ କରିଦିଏ
ସେମାନଙ୍କ ଅବସ୍ତ କୌଶଳ ।

ପିତୃତ୍ୱ ବାଦଳ ଥିଲା
ଯେତେବେଳେ ତୁମରି ସହରେ
ସମୟର ଭଗ୍ନ-ସେତୁ
ଖସି ପଡ଼ି ନିମଜ୍ଜ ଜଳାରେ
ପିତୃତ୍ୱର ପରଂପରା
ବହି ରଣ କରଜର ବୋଝ
ମଧ୍ୟବିତ୍ତ ଚେତନାକୁ
ବୋହିବାରେ ଅତ୍ୟନ୍ତ ସରଳ ।

ବର୍ତ୍ତିବା; ବେଦନାମୟ
ବୋହିବା ବି କଷ୍ଟ,
ମଧ୍ୟବିତ୍ତ ଚେତନାର
କୌତୁକିଆ ପାଷାଣ ମୁକୁଟ ।
ବେକାରୀ, ବେ-ରୋଜଗାରୀ
ଭଡ଼ାଘର, କ୍ଷୁଦ୍ର ପରିବାର,
କମିଲାନି ଯାହା କଲେ
ଓଜନ ସେ ନିଦା ମୁକୁଟର ।

ପିତୃତ୍ୱ ବିପତ୍ତି ପୂର୍ଣ୍ଣ
ଭଗ୍ନ ଜାନୁ ମଧ୍ୟବିତ୍ତ ଘରେ,
ବୁଝି ନପାରିଲ ଯଦି
ବୁଝିଯିବ ଶତାବ୍ଦୀ ଶେଷରେ ।
ପ୍ରତିଧ୍ୱନେ ପିତୃତ୍ୱର
ଦସ୍ତାବିଜ କରୁଛି ଆହ୍ୱାନ,
ପରବର୍ତ୍ତୀ ବଂଶଧର
ତୁମଠାରୁ ଭଲ ଆଶାବାନ ।

ପିତୃତ୍ୱ ସଂକଟମୟ
ତିଳୋତ୍ତମା ସହର ମଧ୍ୟରେ
ପିତୃତ୍ୱ ଉଲୁଟିଯାଏ
ପଚମାନ ଲାଗି ନର୍ଦ୍ଦମାରେ ।
ପିତୃତ୍ୱ ବି ବିପରୀତ
ସାଧୁସଂଘ ଧର୍ମଗୁରୁ ମତେ,
ଭ୍ରୂଣ ହତ୍ୟା ପରିସରେ
ପିତୃପଣ ରହିଛି ସଂକଟେ ।

ପିତୃତ୍ୱ ବାହକ ତୁମେ
ତିଳୋତ୍ତମା ପିତୃତ୍ୱ କଳଙ୍କ,
ମଧ୍ୟବିତ୍ତ ସଂସାରରେ
ଭଡ଼ାଘର ଯାହାର ଖରଚ ।

# କୃପଣ

ବହୁନାମ ସମାହାର:
ଏକାର୍ଥ ବୋଧକ,
ଭଗ୍ନାଂଶ ବିୟୋଗ କଲେ
ହୋଇଯାଏ ଏକ ।
ବିଶେଷ୍ୟ ଓ ବିଶେଷଣ
ପାର୍ଥକ୍ୟ ନଥାଏ-,
ଏକେଶ୍ୱର, ନିଶାଶ୍ୱର
ପ୍ରାଣେଶ୍ୱର ଧାଏ .... ।

ମୁଁ ନହେଁ ପିତା-ପୁତ୍ର,
ସ୍ୱାମୀ ପତ୍ନୀ, ଭ୍ରାତା-ଭଗ୍ନୀ ହେବି,
କେହି ନାହିଁ ତୁମ ଘରେ
ମୋ ପାଖରେ ବନ୍ଧୁ ନା ବାନ୍ଧବୀ ।

ଏକାକୀ ବକ୍ଷ କିହିଣି
　　　　କାରାରୁଦ୍ଧ ଅକିଂଚନ ଜନ,
ହେଲେ ପକ୍ଷୀ ପର ଲାଗି
　　　　ବାରମ୍ବାର କରୁଛି କ୍ରନ୍ଦନ ।

ମୋ ବକ୍ଷ ଶୂନ୍ୟ ନୁହେଁ,
　　　　ଉଡୁଛନ୍ତି ବହୁତ ଚଢ଼େଇ,
ଆକାଶରେ ଉଦାସିଆ
　　　　ପବନରେ ଭାସି ଉଡ଼ିଯାଇ ।
ଯେଉଁଠାରେ ଶେଷ ବିନ୍ଦୁ
　　　　ସେଇଠାରେ ପୁନଶ୍ଚ ଆରମ୍ଭ
ସବୁରି ଆରମ୍ଭ ଶେଷେ
　　　　ମୁଁ ଏକ ଅକିଂଚନ ଜୀବ ।

ଚିକି ଚଢ଼େଇର ଡେଣା
　　　　ତାହା ମଧ୍ୟେ ସୂର୍ଯ୍ୟଙ୍କ ନିବାସ
ଚାହିଁନା ସୌରଭ ଭରା
　　　　ଯଦି ତାହା ରୁଦ୍ଧ କାରାବାସ ।
ତଥାପି ହେ ସର୍ବନାମ
　　　　ପୃଥିବୀର ସର୍ବରସ ପୂର୍ଣ୍ଣ
ତୁମରି ସଂଗୀତ ମଧ୍ୟେ,
　　　　ନଦୀ ତୁମେ ଏକାନ୍ତ ମଗନ !

## ପ୍ରାର୍ଥନା

ମୋର ଉଦ୍ୟାନେ
　　　　ଏବେ ତୁମ ପାଇଁ
କି ଫଳ ଫୋଟିବି ମୁଁ
　　　　ଜାଣେ ନାହିଁ ।
ତଥାପି ବହୁ ଫୁଲ
　　　　ଆପେ ଆପେ
ଫୁଟନ୍ତି ଚତୁର୍ଦ୍ଦିଗେ
　　　　ସମା ସମାପେ ॥

ସ୍ୱତନ୍ତ୍ର ଫୁଲରାଜି
　　　　ପଲେଣାପି
କେଉଁ ତିଥି ତାରିଖ
　　　　ବାରମାସି ।
ଅଛିକି ଦିନଟିଏ
　　　　ଫୁଲ ନାହିଁ
ମାଳି, ପିଆଡା ଭଲେ
　　　　ଲାଗ ପାଇଁ ?

ପାଣିରେ ଫୁଟେ ଫୁଲ
ଅଗ୍ନିରେ ବି
ଅଙ୍ଗାରେ ଫୁଲ ଅଛି
ଜହରେ ବି;
ଦୁର୍ଭିକ୍ଷ ମହାମାରୀ
ହାହାକାରେ
ଫୁଲ ଫୁଟଇ ସବୁ
ଉଦ୍ୟାନରେ ॥
ଦେବତା ଶୂନ୍ୟ ଥିବା
ଦେବ-ସ୍ଥାନ
ଫୁଲ ଫୁଟେ ସବୁଠି
ପ୍ରତିଦିନ ।
ଅନ୍ଧାରେ ଫୁଲଫୁଟେ
ଆଲୋକରେ
ଫୁଲ ଫୁଟୁଛି ନିତ
ପୁଲକରେ ।

ବାୟାଣୀ ଫୁଲ ଶୁଂଘେ
ବିଳାପରେ
ଯୁବତୀ ଫୁଲ ଶୁଂଘେ
ବିଳାସରେ ।
ରସିକ ଫୁଲ ଖୋଜେ ଭରମରେ
ଅରସିକ ଖୋଜୁଚି ସରମରେ ॥
ବହୁ ବନସ୍ତେ ଫୁଲ ଅନ୍ୱେଷଣ
ଦେବତା କାହିଁ ପାଇଁ ଅଭିମାନ ?
ପ୍ରାଣୀ ପଚାରେ ତାଙ୍କୁ ଅବିରତ
ଚକ୍ଷୁ ନଥାଇ ତୁମେ, ଦୀନ-ନାଥ ?...
ଘ୍ରାଣ ଶକ୍ତି ନଥାଇ ଫୁଲ ବନ
ନିତିକରୁଛି କିଂପା ବିଚରଣ ?
ଅବିବେକୀ ମଣିଷ ଚେତନାରେ
ଭ୍ରମଣ ମଣିଷ ଦୃଢ ଯାତନାରେ ।
ବିଜ୍ଞାନୀ ମଣିଷ କାଂକ୍ଷନାରେ
ତୁମେ ସୁଖ୍ୟାତ ଖାଲି ପ୍ରାର୍ଥନାରେ ॥

# ଇତିହାସ

(୧)
ମୁଗ୍ଧାନା:ରା: କୁଟପଥି
ମୋ ମନର ସ୍ନିଗ୍ଧ ଦେବାଳୟ
ଅଗମ୍ୟ ବନସ୍ତେ ଠିଆ
ନିକାଂଚନ ଅନ୍ଧକାର ଗର୍ଭ ।
ହଠାତ୍ ଦେଖିଲି ଦିନେ
ଘେରିଥିଲା ପ୍ରସ୍ତର ବଳୟ,
ଶାଳ, ପିଆଶାଳ, ଶିଶୁ,
ସାଗୁଆନ, ଅନେକ ଗଛର
ମୁନିଗଣ ଠିଆହୋଇ
ପଢୁଛନ୍ତି ତ୍ରିସଂଧ୍ୟାରେ ସ୍ତୁତି ।

(୨)
ସମଗ୍ର ପ୍ରକୃତି ମଧ୍ୟେ
ଯେତେ ଦ୍ୱନ୍ଦ୍ୱ ଯେତେ ପରାଭବ,
ସବୁ କିଛି ପ୍ରତିହତ
ବଂଶପରେ ବଂଶ ଅଗଣିତ ।
ଯାଯାବର ଆରଣ୍ୟକ
ପ୍ରବାହିତ ନଦୀ ଝରଣାର
ଚଳମାଣ ଇତିହାସ
ସ୍ମୃତି ଆଉ ଲୌକିକ ବିଶ୍ୱାସ ।

(୩)
ଅନନ୍ତ ବର୍ତ୍ତୁଳ ପ୍ରେମ
ଏକମୁଖୀ ବିରହ ମିଳନ
ପୁରୁଷ ଓ ଭାର୍ଯ୍ୟା ଦୁଇ
ସଂସାରରେ ଅଙ୍ଗୀକାରବଦ୍ଧ ।
ଐହିକ ଓ ପାରତ୍ରିକ
ଆପାତତଃ ବହୁତ ପୁରୁଷ
ମୃତ ଦେହ ପୋତି ଦେଇ
ବଂଚିଛନ୍ତି ପିତୃବଂଶ ଗର୍ବେ ।

(୪)
ଏମନ୍ତ ସଂକ୍ଷିପ୍ତ ବାର୍ତ୍ତା
କ୍ଷୋଦ୍ର ବଂଶ ବହୁ ପ୍ରସାରିତ
ବିଶ୍ୱାସ ଓ ଅବିଶ୍ୱାସ
ପରମ୍ପରା ଅନେକ ନିବିଡ଼ ।
ଇତିହାସ ପୋଷା ହେଲା
ଧଳା ଆଉ ମଶାମଳି ଶେଯେ
ପ୍ରଭାତ କାକଳି ମଧ୍ୟେ
ପ୍ରତିଦିନ ମୁହଁ ଦେଖା ଦେଖି
ସ୍ୱର୍ଗ ଆଉ ପୃଥିବୀର
ବିଶ୍ୱାସ ଓ ଆତ୍ମ ପ୍ରତ୍ୟୟରେ ।

(୫)
ବହୁ ଯୁଗ ବହୁ ସତ୍ୟ
ବହୁ କ୍ଷୁର୍ଣ୍ଣ ପ୍ରତାରିତ ପ୍ରାଣୀ
ଅନ୍ତତଃ କେବେବି ଥରେ
ଖୋଜିବାକୁ ପ୍ରାଚୀନ ବିଭବ ।
ଗଛ ଓ ପୃଥିବୀ ମେଳେ
ଅଥବା ଏ ଭଗ୍ନ ପଥରରେ
ବର୍ଷା ଯଦି ପାଣି ଢାଳି
ପ୍ରେମକଲା ଘୁମନ୍ତ ଶ୍ରାବଣେ ।

(୬)
କିଛି ବି ସ୍ମରଣ ଥାଏ
ବିସ୍ମୃତ ଅନେକ ବର୍ଷର
ବହୁ କଥା ଆଖ୍ୟାୟିକା
ଛନ୍ଦଗାତ ଲୌକିକ କାହାଣୀ ।
ଖାତିମୟ ସ୍ମୃତିମୟ
ସବୁ ପୁଣି ହୁଏ ଅବାଙ୍ମୟ
ବହୁ ପୀଡା ବେଦନା ଓ
କାମନାରେ ଭଙ୍ଗିତ ମାତୃକ ।

# ରାଜକୀୟ

ମୋ' ଦ୍ୱାରେ କାଗଜ ଗଛ
ବୁଣିଅଛି ଗହନ ବନସ୍ତ,
ମାଟି କାନ୍ଥେ ଲିପାପୋଛା
ଆଦିଗନ୍ତ ଯେତେ ମାନଚିତ୍ର ।
ବସ୍ତି, ପ୍ରଗଣା, ତାଲୁକ
ତହସିଲ, ଯେତେ ଅଙ୍କାବଙ୍କା,
ସପ୍ତ ପୁରୁଷ ନାମ
ନବଧିକି ରହିଛି ଅବିକା ।

ପୁରାତନ ବଂଶଲତା
ପୁରୋହିତେ କି' ଘେନିବ ଦାନ ?
ସପ୍ତ ପୁରୁଷ ପିଣ୍ଡ
ଦେବାଲାଗି ଅମୋଷ୍ୟ ସନ୍ତାନ
ଦେବେଛା ନଈକୁ ସିଧା –
ସହଖ୍ରବା ରାଜମିସ୍ତ୍ରୀଗଣ
ଏବେ ପୁଣି ରାଜା ଲାଗି
ବାନ୍ଧୁଛନ୍ତି ନୂତନ ତୋରଣ ।
ବାପ୍ୟାଙ୍କର ନାମ ଜାଣି
ରାଜା ମତେ ପାରିବେକି ଚିହ୍ନି :
ସେ ବେଳତ ଆଉ ନାହିଁ
ଏବେ ସବୁ ବଂଶ ଗଣାଗଣି ।
ସବୁଜାତି ପାଟକର
ତଫସିଲ ଅଠର ବର୍ଷରେ,
ମିଶାଣ ହେଉଛି ଏବେ
ନୂଆ ଛାତି ଉଚ୍ଚ ତାଲିକାରେ ।

''ବହୁଜନ ହିତାୟ ଓ
ବହୁଜନ ସୁଖାୟ'' ରୀତିରେ

ଜାତିବଂଶ ବଦଳୁଛି
ତାଲୁକରେ ପୁଣି ପ୍ରଗଣାରେ ।
ଟେରେଛା ନଈର ବାଙ୍କ
ଯେତେଥର କରାଗଲା ସିଧା,
ପ୍ରତିଥର ବଦଳିଲା
ସାଂସଦ ଓ ବିଧାନ କାଇଦା ।
ବସ୍ତି, ପ୍ରଗଣା, ତାଲୁକ
ସପତ ପୁରୁଷ ନାମ କାଟି
ନୂଆନାମ ଯୋଡ଼ି ତାଙ୍କୁ
ପ୍ରତିଥର ବଢୁଛି ଅଗଣ୍ଡି ।
ଟେରେଛା ନଦୀରେ ଡଙ୍ଗା
ଚାଲିଥିଲା ସିଧା ଓ ସଳଖ,
ଦେଖେଦେଖେ ଲାଗେ ଯଦି
ସୂର୍ଯ୍ୟ ଥାଇ ପୃଥିବୀ ତିର୍ଯ୍ୟକ ।

ଗ୍ରାମ ଭୂମି ଅଙ୍କା ବଙ୍କା,
ଜାତି ଗୋତ୍ର ଅସମାନତାଭାବ,
ତଥାପି ଶତାବ୍ଦୀ ଶେଷେ
ପହଞ୍ଚିଲା ନୂତନ ସମାଜ ।

ସମତାର, ନିର୍ଭୟର-
ନିର୍ଭରଶୀଳତା ଅଙ୍ଗୀକାର,
ଯୌବନ ଆଶା ପୁଲକ
ରୋମାଞ୍ଚକ ପ୍ରେମ-ପଲ୍ଲବର ।

ଶୋଷଣ ବର୍ଜିତ ତନ୍ତ୍ର
ରାଜା ତାଙ୍କୁ ବହୁ ଉପଚାରେ
ଛନ୍ଦିଦେଇ ଟାଣି ନେଲେ
ଚଳନ୍ତାରେ ନିଜ ପଲଙ୍କରେ ।
ନିଷ୍ପାପ କୁଆଁରୀ ମନ,
ନିର୍ବନ୍ଧ, ଚଞ୍ଚଳ, ନିର୍ବିକାର ।
ରାଜା ତାଙ୍କୁ ପିଆଇଲେ,
ଉତ୍କଣ୍ଠାର ତରଳ ଗରଳ ।
ବଳାତ୍କାର ଭୋଗ ସଂଯୋଗରେ
ଜରାଗ୍ରସ୍ତ ଲୋମଶ ଦେହରେ
ଶିକ୍ଷା ଦେଲେ ରାଜନୀତି ସାର,
ବାନ୍ଧିଦେଲେ ରାଜକାର୍ଯ୍ୟ
ଉତ୍ତରୀୟ, ଉଲଗ୍ନ ଶରୀର ।

ଟେରେଛା ନଈକୁ ସିଧା
କରିଥିବା ରାଜମିସ୍ତ୍ରୀ ଦଳ,
ଏବେ ଭୁଲି ପ୍ରତିବାଂକେ
କରୁଛନ୍ତି ନଦୀକୁ କାଗଜ ।
ବାନ୍ଧିବା ତୋରଣେ ଲେଖି,
ତିନିଥର ସ୍ୱାଗତ, ସ୍ୱାଗତ !!
ତଲାକ୍, ତଲାକ୍ ଶୁଭେ
ଅଦାଳତ ଘର ପରିସର ।

# ଫୁଲବାଣୀ କନ୍ଧ

ପଡ଼କା ପୂଜାଅ ନାହିଁ,
ଚତୁର୍ଦ୍ଦିଗେ ବାଘ ଡରକିବ,
ଘୁମନ୍ତ ପ୍ରେମ କାହାଣୀ
ଅକାରଣେ ବ୍ୟର୍ଥ ହୋଇଯିବ ।
ସାରା ରାତି ଶୃଗାଳର
ସ୍ତୁତି ପଢ଼ି ହୋର୍ ହେଲାବେଳେ,
ଅକସ୍ମାତ ବାଘ ଆସି
ଶେଯ ପାଖେ ବସିଲା ପହିଲେ ।

ଅଘୋର ବନସ୍ତ ଗନ୍ଧ
ଭୁରୁ ଭୁରୁ କରି ଆମୋଦିତ,
ନିଷ୍ଠୁର କର୍କଶ ଦେହୀ

ବାଘ ଆସି ଶୁଣୁଥିଲା ମନ୍ତ୍ର ।
ପୋଷା ମାନିବାକୁ ଯଦି
ବାରଂବାର କରିଦେଲା ନାସ୍ତି
ତଥାପି ସେ ଦେହ ଗଂଧେ
ପ୍ରାଣ-ମନୁ ଘୁଂଚିଗଲା କ୍ଲାନ୍ତି ।

ମୁଁ ଦେଖିଲି ବାଘ ଦେହେ
ହେମନ୍ତର ଔଦ୍ଧତ ଯୌବନ,
ପାଚିଲାଃ ଧାନ କ୍ଷେତର
ଝଲମଲି ରଂଗଭରା ସ୍ୱପ୍ନ ।
ଆମ ଅନ୍ତରଙ୍ଗ ପ୍ରୀତି,
କର୍କଶ ଓ ସବୁଜ ଧରିତ୍ରୀ ।
ବେଳେବେଳେ ଅଭିଭଠେ
ବାଘ ଯଦି ହେଲା ଋତୁମତୀ ।

ମୁଖଶାଳା ଭାଙ୍ଗିପଡ଼େ
ଦୂରବର୍ତ୍ତୀ ଅବନ୍ତୀ ନଗରେ,
ନୈରାଜ୍ୟ ଉଦ୍ଭବ ହିଂସ୍ର
ବନଭୂମି ଦେବାଳୟ ଥରେ ।
ଫୁଲହୀନ ଫୁଲବାଣୀ
ଆରଣ୍ୟକ କର୍କଶ ଦୁର୍ଦ୍ଦାନ୍ତ,
ବାରିମେଘ ଏକାକାର
ସଜ୍ଞାହୀନ ବିଦ୍ରୋହ ଘୁମନ୍ତ ।

ସମଗ୍ର ଭଗ୍ନାଂଶ ମଧ୍ୟେ
ଅର୍ଥହୀନ ଏକ ବିସ୍ଫୋରଣ,
ସ୍ୱରଭଙ୍ଗ ହେଲେବି'ତ
ତାହା ଏକ ବିଜ୍ଞପ୍ତି ଦାରୁଣ
ମାନବିକ ବେଦନାର ।
ଅବଜ୍ଞାର ହତାଶା କୁଣ୍ଠାର ।
ଭାଷାହୀନ ବକ୍ତବ୍ୟର ....
ପ୍ରସ୍ତର କୋଟର ଅନ୍ଧକାର ।

ବିପ୍ଳବର ବଜ୍ରଗତି ....
ଆମେ ସବୁ ବୁଝିବା କଠିଣ
ଭାଷାହୀନ 'କୁଇ' ଯଦି
ମାରିଦେଲା ନିଜ ଅଭିଧାନ ।
କେଉଁ ପରି ବୁଝାଇବ
ବ୍ରାହ୍ମଣୀୟ ପୈତୃକ ଶାସନ
ବୈତାଳିକ ପୃଥ୍ୱୀ ଯଦି
ରାଜା ଆଜ୍ଞା କରୁଚି ଲଂଘନ ।

ଫୁଲ ବଣ୍ଡଳବେଣୀର
ଗ୍ରାମ ଦାଣ୍ଡ ପିଣ୍ଡିକ ଶ୍ମଶାନ,
ପୁରୁଣା ପାଗଳ ବାଘ
ଖୋଜେ ଆଜି ଫୁଲବାଣୀ ଚିହ୍ନ ।
ସହସ୍ର ସହସ୍ର ହୃଦ
ନିପୀଡ଼ିତ ଅତିଷ୍ଠା ଅସ୍ଥାନ ।
ଯାହାଙ୍କର ଭାଷା ନାହିଁ
କେ ବୁଝିବ ତା' ମନ ଗହନ ?
ଅନ୍ଧକାର-ବିପ୍ଳବର
ପୃଥିବୀରେ ଆଦ୍ୟ ଭେଟା ଭେଟି
ବାଘ ଯଦି ଖୋଜି ବସେ
ନିଜ ଭାଷାଃ ନିଭୃତ ସଂଗୋଷ୍ଠୀ ।

---

(ଘୁମନ୍ତ ବନପର୍ବତ ଘେରା ଫୁଲବାଣୀ ଜିଲ୍ଲାରେ ୧୯୯୪ ମସିହାରେ କୁଇ ଜାତି ବିଦ୍ରୋହ କରିଥିଲେ । ରଚିତ କବିତା ତାହାରି ସ୍ମରଣିକା ।)

# ପୁରସ୍ତମ

ଲୁହ ଯାକ ପଣତରେ ତୋଳ,
ଏ' ସହରେ, ଦୋଳା ଚଳେ ନାହିଁ :
ବହୁ ଦୂରୁ ଆସିଥିବ ଶକଟରେ,
ବଧୂ ହେବ, କଣ୍ଠ-ବର ଚାହିଁ ।

ଶରଧାବାଲିର ସେସେ, ଅଧୁଷିତ
ମଧୁଶଯ୍ୟା ରାତି-ଅପରାଧୀ :
ରହିଗଲା ଜନ୍ମପୂର୍ବା ତୁମେମାନେ
ବୃଦ୍ଧ-କନ୍ୟା-ସୁତେ, ନିରବଧି ।

ଦେବଦାସୀ ଅଭାପ୍ସାର ରତ୍ନକାନ୍ତ,
ଜଗନ୍ନାଥେ ଏକ-ପତ୍ନୀ-ବ୍ରତ :
ଦେହାତୀତ ଭୋଗ୍ ପାଇଁ,
ଯେଉଁମାନେ ସର୍ବଦା ଅର୍ପିତ ।

ଅସଂଖ୍ୟ ଉପକଥାଣ,
ସମୁଦ୍ରର ଢେଉ ଅବାରିତ:
ଯୁଗେ ଯୁଗେ ସମାବେଶ,
ସାଧକ ଓ ଭକ୍ତ,
ଅୟୁତ ନିୟୁତ ।
ସବୁରି ପ୍ରାର୍ଥନା ମିଶେ
ସମୁଦ୍ର ଗର୍ଜନେ ଅବିରତ ।

ଏ' ସହର ଏବେ ଭୁଗଣେ,
ପୁଣି ପାରତ୍ରିକ
ସ୍ୱର୍ଣ-କୁମ୍ଭ, କପଟୀ,ଲୁଣ୍ଠକ ।
ଆତ୍ମ-ଜ୍ଞାନ ଶୂନ୍ୟ କେଉଁ
ଭଦ୍ରଧର୍ମୀ, ବିଜ୍ଞାନର ମେଳା,
ନକଲି କୋଲପ କିଣି
ମୁଦି ଦେଲା ନିତ ବନ୍ଦୀଶାଳା

ଏ' ସହରେ ନିଦ୍ରା ନାହିଁ
ଚତୁର୍ଦ୍ଦିଗ ଆବର୍ତ୍ତନା ପୂର୍ଣ୍ଣ :
ଅହଂକାର ଉଦାସୀନ,
ଆତ୍ମ-ସେବୀ କାହାଣ କାହାଣ ।
... ପୁରୁଷୋତ୍ତମ ଠିକଣା
ଖୋଜି ଖୋଜି ଢଳିଛି ମଧାହ୍ନ ।

ଏ'ସହରେ ଦୋଳା ନାହିଁ,
ସୀମନ୍ତିନୀ ବାରଦଣ୍ଡା କେବଳ :
ସ୍ୱୟଂବରା ସ୍ୱତଃସ୍ଫୁର୍ତ୍ତ,
ଗବାକ୍ଷରେ ଜଳୁଛି ଅନଳ ।
ଲାବଣ୍ୟ ନୁହନ୍ତି ବଧୂ,
ସୌନ୍ଦର୍ଯ୍ୟ ସଚେତା ...
ଗୃହିଣୀ ନୁହନ୍ତି କେହି ...
କାମିନୀ ଓ ଭାର୍ଯ୍ୟା ।

ଆମେ ସବୁ ଫେରିବାକି
ପୁରସ୍ତମ୍ ନିଜ ଲୁହ ଧରି
ହୁଏତ ପାଉଛି ଚିହ୍ନି,
ପୁରାତନ ତମସୁକ ଧାରା ।

ବିଚାରୁଛି, ପୁରୀ ଏବେ,
ପରିବେଶ କୁଆଡ଼ିକି ଆଭା :
କୈବଲ୍ୟ କୁଡ଼ର ମଧ୍ୟେ,
ଘନମାଛି - ନୀଳମେଘ ବୁନ୍ଦା ।
ସମୁଦ୍ର କୂଳେ ହୋଟେଲ,
ମାଛମାଳ ଭୋଗ ସଂଭୋଗରେ :
ନୀଳରକ୍ତ କଙ୍କଡ଼ାଙ୍କ,
ରାଜନୀତି-ବଂଶ ବଢିଆର ।

# ମୁଖା

ନାକେ ଛିଦ୍ର ନଥିବା ମୁଖାପିନ୍ଧି,
ବସିଛି ତୁମ ଘରେ ପଣବନ୍ଦୀ ।
କାଗଜ ଠୁଙ୍ଗା ନୁହେଁ ଫାଟିଯିବି
ପ୍ଲାଷ୍ଟିକ ଖୋଳେ କଳ ଦୀର୍ଘଜୀବୀ ॥

ଅବିଚଳିତ ରହି ବିଚଳିତ
ପରୀକ୍ଷା ଫଳ ସବୁ ଅନିଶ୍ଚିତ ।
ବାଉବୁଲା କୁକୁର ସ୍ୱଭାବତଃ,
ତରକା ଦେଖା ମୋଠୁଁ ଅବିରତ ॥

ଅବଧି, କାଳାବଧି, କାଳାନ୍ତର,
ଅନ୍ତରାଳ ଓ ମଧ୍ୟ, ଅଭ୍ୟନ୍ତର ।
ଏ' ସବୁ ଅନ୍ୱେଷଣ ହୃଦୟର,
ତୁମେ ରହିଚ ତା'ଠୁଁ ବହୁଦୂର ॥

ଦ୍ରବ୍ୟର ବ୍ୟବହାର ସଂଖ୍ୟାବଢି,
ମଣିଷ ଚାଟିକଲା ଛଡ଼ା-ଛଡ଼ି...
ଶବ୍ଦ, ଆଲୋକ, ଗତି, ଅଣୁତତ୍ତ୍ୱ
ପଞ୍ଚଭୂତ ପ୍ରକୃତି ଆଧିପତ୍ୟ :

ତୁମେ ହୋଇଚ ତା'ର ମହାଜନ
ଆତ୍ମା ହୃଦୟ କରି ମୂଳଧନ ॥

ସମୟ ଅବଧିକୁ ସଂକୁଚିତ,
ମାଧ୍ୟାକର୍ଷଣ କରି ପରାଜିତ,
ତୁମେ ନୁହଁ ନାରଦ, ହନୁମାନ :
ମତେ କହୁଚ ପୁଣି ଦିବ୍ୟ-ଜ୍ଞାନ ?
ଗୋଟିଏ ପାଣିକୁଣ୍ଡ ଅବା କୂପ
କହିଲ ଏହା ତୁମେ ବିଶ୍ୱ ରୂପ !

ଆମ ବିବାହ ଥିଲା ସପ୍ତପର୍ଣ୍ଣୀ,
ଦେଖୁଛି ଦେହଭୋଗ ମାନହାନି...
ତଥାପି, ଛାଡ଼ପତ୍ର ଅକର୍ମଣ୍ୟ-
ଯଦି ଛାଡ଼ିବ କରି ନିର୍ବାସନ ।

ଦାରିଦ୍ର୍ୟ ବୁଭୁକ୍ଷା ଓ ଅସମତା
ମୁଖା ପିନ୍ଧିଲେ ଶୁଣେ ମୂଳବାର୍ତ୍ତା ।
କାନରେ ପଶି କହେ ହେ ଭଦ୍ରବ
ଏ' ମୁଖା ପିନ୍ଧିଦେବା ଅସମ୍ଭବ ।

✤

# ସଂବିତ୍

ଅପତ୍ୟ ବୈରାଗ୍ୟ ମାତା
ସଂସାରରେ ରହିଥିଲେ କେହି
ଦେହରେ ହରିଦ୍ରା ମାଖି
କିହ୍ଲାଭିଆ ନଦୀ ପାରିହୋଇ
ଯାଉଥିଲେ ଥରେ ଥରେ
ଅନ୍ୟ କେଉଁ ପୁରୁଷ ଆଶାରେ
ବୋତାଲୁଣୀ ସ୍ୱୈଚାରିଣୀ :
ପୁନଶ୍ଚ ଫେରିବେ ନିଜ ଘରେ ।

କ୍ଷମା କି ଅକ୍ଷମା କହ
ଆଦର କି ନିରାଦର ଦେହ

କ୍ଷଣକର କ୍ଷମାନିଧି
ଅଯାଚିତ କଠୋର ହୃଦୟ
ଭାଙ୍ଗି ପଡ଼ିଥିବା ଧନୁ
ସତେ କିବା ସାଜି ପୁଣିଥରେ
ଉଜୁଡ଼ା ବନସ୍ତେ ରାଜା
ପଶିଗଲ ମୃଗୟା ବିଧିରେ ।

ସନ ଓ ତାରିଖ ସବୁ
ବଦଳାଇ କେବେ ଥରେ ଥରେ
କାଲେଣ୍ଡର ପୃଷ୍ଠା ଚିରି
ଖାତା ବାନ୍ଧି ରଖି ମଲାଟରେ,

ଯେପରି ନିଜର ଭ୍ରମ
ବୁଝେ ନାହିଁ ଅବୋଧ ବାଳକ :
ଏବେ ମୋର ପଲଙ୍କରେ
ତୁମ ଛାଡ଼ି ଯିଛିଲା ତାରିଖ
ସେଇପରି ଭରିଦେଲା
ମୋ ମନରେ ନୂତନ ପୁଲକ ।

କିଏ ଜାଣେ ସଂସାରରେ
କବି ଜଣେ ତୁମରି ପାଖରେ
ଦେହରେ ହରିଦ୍ରା ମାଖି
ଅବଗଣୀ ବେଦୀର ଉପରେ
ଅନାହୂତ ବରଯାତ୍ରୀ
ବସିଥିଲା ନିଜ ସ୍ୱୟଂବରେ ।

ବିବାହ ମଣ୍ଡପ ପାଖେ
ସ୍ନାନସାରି ଯେବେ ସୁଲକ୍ଷଣୀ
ଫୁଲଶଙ୍ଖା ପିନ୍ଧିସାରି
ତୁମ ପାଖୁ ନେଲେଣି ମେଲାଣି
ସବୁରି ସତେକି ମନ
ଛାଡ଼ିଦେଇ ଅପାଶୋରା ସ୍ମୃତି,

ମୋ କବିତା ତାଙ୍କ ଲାଗି
ନିତିପ୍ରତି କରୁଛି ଭଣିତି ।

ହେ ବିଚିତ୍ର ନଦନଦୀ
ମୋ ସଂବିତ୍ ଜଣୀ ତମ ପାଇଁ
ସକଳ ତୀର୍ଥର ଜଳେ
ଅଧରେ ମତେ ଦେଇଛ ଭସାଇ
ହରିତ ବନସ୍ତ କରି ନୀଳାୟିତ
ଚତୁର୍ଦିଗେ ଚୌହଦୀ ପର୍ଯ୍ୟନ୍ତ,
ସନ, ମାସ ତାରିଖକୁ
ବାରଂବାର କରି ନବୀକୃତ ।

ସୁକଳ୍ପିତ ବିକଳ୍ପିତ
ମୋ କବିତା ମନ ଜଗତରେ
ନୀଳ ନମ୍ର ମେଘଧାରେ
ସଂବିତ୍ର ଦ୍ରବୀତ କଂଠରେ ।
ମୋ କବିତା ଅକସ୍ମାତେ
ଅନ୍ୟ ଜଣେ କିଏ ହେଲା ଲେଖି
ପଦ୍ମାବତୀ କହିଥିଲେ
ସ୍ୱାମୀଙ୍କର ଆତ୍ମିକ ପାର୍ଶ୍ୱକି ??

# ଯାଜ୍ଞସେନୀ (୨)

କେଉଁ କୁମ୍ଭାରଶାଳରେ
ଆରଣ୍ୟକ ଦେହ ଉତ୍ପାଦନ
ପାଉଁଶ ଗଦାରେ ତୁମେ
ନିଦ୍ରାଗତ ପଲଙ୍କ ବିହୀନ ।
ପ୍ରଥମ ଉଜ୍ଜ୍ୱଳା ରାତ୍ରି,
ସାଥୀହୀନ କୁଶ ମଧୁଶଯ୍ୟା;
ହେ ଅନନ୍ୟ ସିତିବାନ ରାଜ୍ଞୀ,
ଅର୍ଦ୍ଧ ବିଶ୍ୱ ପ୍ରଥମ ଐଶ୍ୱର୍ଯ୍ୟା ॥(୧)

ତୁମେ କେଉଁ ପ୍ରତୀକ' ବା
କେଉଁ ସ୍ମୃତ ବ୍ୟଙ୍ଗ ସମାଚାର
ମୋ' ଚିତ୍ର ଛବି ପୃଷ୍ଠାରେ
ଦିଶୁଥିଲା ଉଲଗ୍ନ ଶରୀର ।
ତୁମେ ତାକୁ ନିଜ ହାତେ
ଚିରିଫିଙ୍ଗି କରିଦେଲ ଦୂର ॥

ସକାଳୁ ପୋଡ଼ିବ ଦେହ
ଆଉଥରେ ସଂଜରେ ପୋଡ଼ିବ

ଛଉପାତିଆ ପୁରୁଷର
ଯେଉଁଦିନ ପାଳିଟା ପଡ଼ିବ ।

ସେ ଚାହିଁବ ଦେହଭୋଗ
ନିତପାକି ଖାତା ସଂଶୋଧନ
ଜ୍ୟେଷ୍ଠ ଭ୍ରାତା ଦରବାରେ
ସ୍ଥିର ହେଲା ପତ୍ନୀ ପାଞ୍ଚଦିନ ।।
ସକାଳେ ପେଟ୍ରୋଲ, ଘୃତେ
ଦେହକୁ ଢାଳିବ ରକ୍ତବର୍ଣ୍ଣ
ପୂର୍ବରାତ୍ରି ସ୍ୱାମୀଠାରୁ
ହେବା ଲାଗି ସଂପୂର୍ଣ୍ଣ ବିଚ୍ଛିନ୍ନ ।
ଅଗ୍ନିରେ ଦେହକୁ ପୋଡ଼ି
ଶେଷେ ପୁଣି ବରେ ଅନ୍ୟସ୍ୱାମୀ ।
ଏପରି ଅବଳା ଜଣେ
ଅନ୍ତଃପୁରେ ରହିଥିଲା ଜଳି ।
ନପୁଂସକ ସ୍ୱାମୀ ସାତପାରେ
ନିର୍ବିକାର ଅମ୍ଳାନ ଶରୀରେ ।।

ଶିଖିଥିଲେ ଧନୁର୍ବିଦ୍ୟା
ନିଜେ ସିଏ ବିନ୍ଧିଥାନ୍ତା ଯଦି
ଯେଉଁ ବାଣେ ସ୍ୱାମୀ ତାଙ୍କୁ
ଆଣିଥିଲେ ପ୍ରତିଦ୍ୱନ୍ଦ୍ୱୀ ବଧି ।

ଓଲଟାଇ କରିଥାନ୍ତା
ସ୍ୱାମୀଙ୍କର ଶାପ ବିମୋଚନ
ନିଜେ ହୋଇ ଅଂଗାରେ ଦହନ ।।

ଝଇରାତି ଶରୀରକୁ
ଦୁଇଥର ତପ୍ତ ଘୃତେ ଢାଳି
ଦେବଶ୍ୱଶୁର ଦେଇଥିଲା
ସିଏ ଯେଉଁ ବିବାହିତା ନାରୀ ।
ଦୋଚାରୁଣୀ ନୁହେଁ କେବେ
ସେତ ପୁଣି ସ୍ୱୈ-ଚାରିଣୀ ନୁହେଁ ।
କେମିତି ଜାଣିବା ତାର
ଭୂରତିରେ ଥିଲା କି ସନ୍ତୋଷ ?

ପ୍ରଣୟ ଛନ୍ଦର ମନ
ତା' ପାଖରେ ଥିଲା ଅବା ନାହିଁ ?
କେମିତି ଜାଣିବ ସିଏ
ପତିବ୍ରତା ଅବିଚଳ ଦେହୀ ।।

ସ୍ଥିତିବାନ ସ୍ୱାମୀ ପାଇଁ,
ଭାଙ୍ଗିଗଲା ମଧୁଶଯ୍ୟାଃବାଧି,
ପୁନଶ୍ଚ ଦ୍ୱାଦଶ ବର୍ଷ
ଅଭିଶପ୍ତ ବନଚାରି ବାଘୀ
ଭ୍ରମେ ଉଲ୍ଲଂଘନ କରି
ଅନାୟସେ ଅଙ୍ଗୀକାର ସୀମା,
ପତ୍ନୀ ଛୁରେ ଦିନରାତି
ବୟସର ଅଷ୍ଟାଂଶ ଦ୍ରାଘିମା ।।

(୧) ଐଶ୍ୱର୍ଯ୍ୟା ରାଏ, ବିଶ୍ୱ ସୁନ୍ଦରୀ ୧୯୯୪
(୨) ସମାନ ଶିରୋନାମାରେ ଏହି ଲେଖକର ପ୍ରଥମ କବିତା ୧୯୫୦ରେ ପ୍ରକାଶିତ ।

# ଗ୍ରାମ୍ୟ ବିବାହ

ସଜ୍ଜୁ ନଈ ଧାର ବାଛି ଚଢ଼ିଯାଏ
ଯଉତୁକ ନାହା ଅପ୍ରମିତ ।
କିପରି କରିବୁ ଝିଅ ବାହାଘର
ବାପ-ମାଆ ଦୁହେଁ ଅସ୍ତବ୍ୟସ୍ତ ।।

ଘାଟଯାକ ଖାଲି ତୃଷାମୟେ
ପାଣି ଶୁଖିଗଲେ ଗଣ୍ଡଯାଏ ।
ପଣ୍ଡ ହୋଇଗଲା ଧୀବର ଜାଲନା
ଘାଟ ଠିକା ଗଲା ବାଏଁ ବାଏଁ ।।

ବିଲୁଆ ପାତିରେ ନିଆଁ ହୁକା ଛଳେ,
ପାଣି ଖୋଜି ଖୋଜି ଗଲା ପ୍ରାଣ ।
ଜାତି ଗୋତ୍ର ଭୂମି ବନସ୍ତ ଭିତରୁ
କିଏ ପାଇଁ ପାତ୍ର ଅନ୍ୱେଷଣ ॥
ସବୁଠି ଶୃଙ୍ଖଳା ନଇଧାର
ତାହା ହୋଇଗଲା ଅଜଗର ।
ବାପା-ମାଆ ଦୁହେଁ ଠେକିରେ ମୁତିଲେ
ଚୌଦିଗେ ଘୋଟିଛି ଅନ୍ଧକାର ॥

ଖୋଳମାସ ନାହିଁ ବାହାଘର ଭାଇ,
ବଅସ ବଢୁଛି ଝିଅଙ୍କର ।
ପାଣ୍ଡୁ ପାଟଡାଣି ନିଲାମ ହେଲାଣି
ଖୋଜୁଛନ୍ତି ହେଲେ ବୁଢାବର ।
ଯଉତୁକ ଲାଗି ଧନ ନାହିଁ
ନାହା ମୁଲଚାଲ କାହିଁପାଇଁ ?
ପାଣି ଗଣ୍ଡ ନାହିଁ ତାହାକୁ ପୋତିବ
ଖରାଦିନେ ଯିବ ଫାଟହୋଇ ॥

ମେହନତୀ ଯୋଡ଼ି ହାତ ଧରାଧରି
ସେମାନେ ଏଠାରେ ବରାଭୟ ।
ତାହା ତଣ୍ଟା କିଛି ଅମାନତ ନାହିଁ
ଜୀବନରେ ନାହିଁ ପରାଜୟ ।
ଅଛବ ଅନାଡ଼ି ଯାହାକେହ
କାହିଁକି କହୁଚ ଅସହାୟ ।

ଈଶ୍ୱର ଏପାଖେ, ନଦୀ ଆରପାଖେ
କିଛି ନାହିଁ ତାଙ୍କ ପରବାୟ
ବାହୁବଳ ପରା ଜୟଜୟ ।

ହେ କରାଣବର, ଅଜର ଅମର
କେତେ ପୋଥିପତ୍ର ମୁଖସ୍ତ ତମର,
ମାସ ବର୍ଷ ବିତି ପଦୁତୋଳା ବୋଲି,
ରାତା ଲୁଅ ତର ପାଟଳର ।
କ୍ଷୁଦ୍ର ସର୍ପ ଯଦି ବର୍ତ୍ତୁ ବାହାରିଲା
ଆଉ କାହିଁ ପାଇଁ ଡରବର ।
ପାଣି ଯଦି ନାହିଁ, କଣଟା ଲୁଚିଲା
ନାହା ତୁଣ୍ଡା ସବୁ ତ୍ୟାଗକର ।

ହେ ବନସ୍ତ ରାଜା ଏଡ଼ିକି ବେଲଜ୍ୟା
ସାମାନ୍ୟ ଶୃଗାଳ ଏତେ ଗଣ ସଜ୍ଜା
ସବୁ ବଂଶର ନାମ ଉପାଧିରୁ
ମାଛମାନେ ଚୋପି ପାନୁସର ।
ଖୋଲଠିପି ସିନା ଦେଖ ପିଇପିଇ
ଦିଶୁଥିଲା ନିତି କଳା ମୁହଁ,
ବୋତଲ ବଦଳି ଠିପି ବଦଳିଲା
ପାହୁଂଚି ଗଲାଣି କଷ୍ଟେନର
ଆଉ କାହିଁ ପାଇଁ ଡେରିକର ।
ତଣ୍ଟା ନାହା ଯଦି,
ନଦୀ ପୋତି ଦେଲା
ମୃଗୟା ବିହୀନ ବାଘାଘର ॥

# ସିଁଢ଼ି

ନାକ-କାନ୍ଦୁରୀ ବୋହୂର...
ପାଣିଚିଆ ହସ ପରି-ଆକସ୍ମିକ
ଭାଗ୍ୟେ ମୁଁ, ସହର ବାସୀ,
ବିଦ୍ୟୁତ-ଚଳ ପଢ଼ି, ସଂକ୍ରାମକ ।

ଗ୍ରାମରୁ କଟିଚି ଯାଏ :
ବିଶ୍ୱାସ କି ଅବିଶ୍ୱାସ
-ସବୁ ପାଖ ଲୋକ,
ସଂସ୍କାର ଆସିଚି ଦେଖେ ଅଚାନକ :

କମ୍ପ୍ୟୁଟର ଡିଆରି କରୁଚି ଏବେ
ନୂତନ ଜାତକ ।

ଅନନ୍ତ ଅୟୁତ ବର୍ଷ
ପିତୃକୁଳ ମାତୃକୁଳ ସ୍ମୃତି,
ରୂପକଥା, ଲୋକକଥା,
ଗୀତ, ଛାନ୍ଦ, ମଙ୍ଗଳ ଆଳତି;
ପୁରାତନ, ଚିରନ୍ତନ,
ଭାଗ୍ୟବାଦୀ ଭାରତ ସଂସ୍କୃତି ।

ଭାଗ୍ୟ ଆମ ଛାଡ଼ି ନୁହେଁ,
ବାରମ୍ବାର ଆସିବ ଶଙ୍ଖୁଳି;
ଭାଗ୍ୟ କି ଭିଖାରୀ ନୁହେଁ
ଚିରଦିନ ବସୁଥିବ ଖାଲି ।
ସେମାନେ ତ ପରଦେଶୀ,
କେବେ କେବେ ପହଂଚିବେ ଥରେ
ପହଂଚିଲେ ରହିଯିବେ,
କିଛିଦିନ ଏ ଘରେ ସେ ଘରେ ।

ଭାଗ୍ୟ ଆମ ପ୍ରାକୃତିକ :
ମାଦକା ପାଣିର ତମସୁକ,
ଭାଗ୍ୟକୁ କରିଛୁ ଆମେ,
ବହୁକାଳୁ ନିଜ ଅଭିଲେଖ ।

ଭାଗ୍ୟ ଆମ ନୀଳ ହସ୍ତାକ୍ଷର,
ମାନୁଛି ନମାନୁ କେହି,
ଋଣଦାତା କରିଛି ସ୍ୱୀକାର ।

ଭାଗ୍ୟ ଆମ ହସପାତାଳେ
ପ୍ରସୂତିର ଅବାଗିଆ ମୁଖ,
ଭାଗ୍ୟକୁ କରିଛୁ ଆମେ
ନବଜାତ କପାଳ ଫଳକ ।
ଭାଗ୍ୟ ଆମ ବିଦ୍ୟାଳୟେ,
ଯଉବନ ପୁଷ୍ଟ ହସ୍ତରେଖା;
ପରିଚୟ କରିଦେଲା,
ଶକୁନ୍ତଳା ପିନ୍ଧିବା ମୁଦ୍ରିକା ।

ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା,
ଅର୍ଥଶାସ୍ତ୍ର, ବାଣିଜ୍ୟ ପ୍ରଜ୍ଞାନ
ସବୁ ବୈଦେଶିକ ମୁଦ୍ରା :
ଖୋଲିଦେଲେଣି ସଂକଟ-ମୋଚନ ।
ଚଢ଼ିବାକୁ ଯେତେ ସିଢ଼ି
ଉଠିବାକୁ ଗୋଟିଏ ପାହାଚ
ସାଧାରଣେ ମୂଢ଼ ଅପହଂଚ ।।

## କମୋଡ୍

ବଡ଼ ଡାକ୍ତରଖାନାର
ସର୍ବରୋଗ୍ୟ-ଲାଭାରୋଗୀ ପରି,
ସଫା କି ମଇଳା କିଛି,
ଅଚିରାତ୍ ବିଚାର ନକରି ।
ଯେପରି ନିରତ ରୋଗୀ
ଖୋଜୁଛନ୍ତି ଅଜସ୍ର ଶରଣ,
ସମନ୍ୱିତ ବ୍ୟୁରୋକ୍ରାସି
ସେଇପରି ଅତ୍ୟନ୍ତ ଦାରୁଣ ।

ଗର୍ଭ-ଶୂଳ ରୋଗ ପାଇଁ
ଲୋଡ଼ା ଯଦି ସ୍ୱତନ୍ତ୍ର କମୋଡ୍,
ଅସଂଖ୍ୟ କୋଠରି ମଧ୍ୟେ
ତାହା କିଏ ପାଇବାକୁ ଭିଡ଼ ।
ସ୍ୱତନ୍ତ୍ର ଶ୍ରେଣୀର ପ୍ରାଣୀ
ବ୍ୟୁରୋକ୍ରାସି ଔରସେ ଗର୍ହିତ,
ଅନାୟାସେ ଗଣତନ୍ତ୍ର
ଆମେ ତାକୁ ମାନିଛୁ ବହୁତ ।

ଅସମାନ ଦନ୍ତପାଟି
ଗୁଡ଼ାଖୁ ଓ ତମାଖୁ ପୂରିତ,
ପୁରାତନ ରୁଚିବୋଧ
ସଂକ୍ରମଣ ଯଦି ଅପସୃତ ।

ତଥାପି ରହିଛି ଶଙ୍କୁ
ପୁରାତନ ଚିହ୍ନ, ଅପ୍ରମାଦେ,
ଗମନା ଓ ଥୁକଦାନୀ
ସିଡ଼ି-ଲିଫଟ୍ ଅମାପ ସୌହାର୍ଦ୍ଦ୍ୟେ ।

ସର୍ବେ କି କରିବା କହ
ସଂସ୍ଥା! ଦୃଢ଼ ଆଦାନ-ପ୍ରଦାନ,
ଏବେ ବଦଳି ଗଲାଣି,
ଦେବତାଙ୍କ ଶିକ୍ଷା ପୂର୍ବ-ମାନ ।
ସେମାନେ ତ ଏବେ ସବୁ
ଦପ୍ତରର ମୂର୍ଦ୍ଧା ଅଫିସର ।
ଅକଟେ ସକଟେ ଆଉ
ଚଳିବନି ନିଦା କାରବାର ॥

ପାନରେ ବହୁ ମସଲା,
ମହମହ ନିର୍ମୋହ ଗନ୍ଧରେ,
ନିର୍ମାୟା କିରାଣି ଗଣ,
ବସିଛନ୍ତି ଆପଣା! ସାଧରେ ।
ସିଗାରେଟ ଧୂଆଁ ଫୋକି,
ଫାଇଲର କାନ ନାକ ମୋଡ଼ି;
ସଳଖ କରନ୍ତି ତାକୁ,
ତନ୍ଦ୍ରାଭାବେ କାଳାନ୍ତକ ସିଡ଼ି ।
ଯେପରି ଆସର ବେଳେ
ଏସରାଜ ଘସି ନାକ-କାନ,

ଓସ୍ତାଦ ବାହାର କରେ
ନିଜ ଇଚ୍ଛା, ଏକ ସମତାନ ।

ଉର୍ଦ୍ଧ୍ୱମୁଖେ ବସିଛନ୍ତି,
ଅଷ୍ଟବସୁ, ରୁଦ୍ର, ଯାତୁଧାନ
ଦଶଦିଗପାଳ ଗଣ
ମହାକାଳ ମର୍ଯ୍ୟାଦା ଶାସନ ।
ସଚିବ ଆଳୟ କୋଠା
ଭାଗ ଭାଗ ଅସଂଖ୍ୟ କେବିନ୍,
ବାତାନୁକୂଳିତ ଗୃହେ
ସବୁ ଦେବ ଆତ୍ମ-ଅଭିମାନୀ ।
'ଅଳ୍ପ କଥା ବେଶୀ କାମ'
ଶାସନର ପୃଥୁଚ୍ଚ ମୂର୍ଦ୍ଧନୀ ॥

ଗଣତନ୍ତ୍ର ଶାସନରେ
ଅଗଣିତ ଦୀନ ଅକିଂଚନ,
ବ୍ୟୁରୋକ୍ରାସି ଲେଖୁଅଛି,
ଗର୍ଭ-ଶୂଳ ରୋଗର ନିଦାନ ।
ଯେପରି ଚିକିତ୍ସା ତାକୁ,
ଅନାୟାସେ କରିବେ ଡାକ୍ତର,
ସାଧାରଣ ଲାଭାଚୋରୀ
ଜମିଗଲେ ହେବ ବାମାଚାର ।

# ଗଜପତି ଅଭିଯାନ

(୧)

ମହେନ୍ଦ୍ର ପର୍ବତ ଶୃଙ୍ଗେ
ଠାବକଲେ ଲବଣ ସମୁଦ୍ର
ସିଂହଳର ରତ୍ନଖାଲ ।
ଯେଉଁଠାରେ ଦୋହଗା ବିଦ୍ରୋହୀ
କଟାମୁଣ୍ଡ ଝୁଲୁଥିଲା
ଶତାବ୍ଦୀରେ ଦାଉ ଦାଉ ହୋଇ ॥

(୨)

ଶେ'ଫିଲଡ୍ ତରବାରୀ
ଅସ୍ତ୍ରାଗାରେ କରି ସୁରକ୍ଷିତ ।
ଘୁରୁଥିଲା ଓଡ଼ା ମାଟି
ଗ୍ରାମ ଦେଶ କ୍ୟାମ୍ବେଲ ପ୍ରେତ ।
ଅପ୍ରେଲ ଉତ୍କଳ ଶାଖା ....
ଅଶ୍ୱପୃଷ୍ଠେ ହେ ଉରାଳପାଦ,

ତାଙ୍କ ଆମେ ପଚାରିବା
ତାଙ୍କ ଜାତି ସୀମା ସରହଦ ॥

(୩)

ଝାମ୍ ଝାଡ୍ : ଝାମ୍ ଝାଡ୍ :
ଆସୁଛନ୍ତି ଓଡ଼ିଶାର ରାଜା ।
ଫିରିଙ୍ଗ ଦେଶରେ ଆଜି
ଘୋଡ଼ାବାଡ଼ି ଧାଡ଼ି ଧାଡ଼ି ସଜା ।
କଳା ଶବରର ବାଣେ
ଏଇ କ୍ଷଣି ବହୁ ରକ୍ତ ହ୍ରଦ
ଭରୁଛି ଭାରତବର୍ଷ .....
ନୂଆକରି ଦେଖିବେ ଜହ୍ଲାଦ ।
ତୀକ୍ତ ଢାଲିର ମୁଣ୍ଡ
କାଟିଆଣି ଫିରିଙ୍ଗିଙ୍କ ମୁଣ୍ଡ
କଳମି କରନ୍ତି ସେଥିଁ
କାପାଳିକେ ପରମ ଆହ୍ଲାଦେ ॥

(୪)

ସୀତାଦେବୀ ଠାବକରି
ରାମଚନ୍ଦ୍ର ମହେନ୍ଦ୍ର ଶିଖରେ,
ନାରାଚର ପିରାମିଡ୍
ବାନ୍ଧିବାନ୍ଧି ସିଂହଳ ମାଟିରେ,
ଡେଇଁ ପଡ଼ି, ଜାଳିଦେବେ
ଲଙ୍କାଗଡ଼, ଅଶୋକ ବନସ୍ତ
ସମୁଦ୍ରରେ ତିମିମାଛ
ଆଖିକୋଣୁ ଝରିବ ରକତ ॥

(୫)

ଦୟାନଦୀ ପାଣିକିବା
ଆରଥରେ ହୋଇଯିବ ନାଲି ?
ଧରନ୍ତି ଶିଖର କମ୍ପି
ଥରିଯିବ ନିଖିଳ ଦେହଳି ।

(୬)

ସାବଧାନ... ହୁସିଆର...
ଓଡ଼ିଶାର ଗଜପତି ରାଜା,
ଖୋଜୁଛନ୍ତି ଇତିହାସ
ପୂର୍ବପୃଷ୍ଠା ସକଳ ଓ୍ୟାରିଜା ॥
ଦେହୋଲର ଜଗନ୍ନାଥ
ଖୋଜୁଛନ୍ତି ପୁରୁଣା ଫସିଲ
କୋକୋଡର ଇତିହାସ
ଭୁଲିଗଲା ନିଜ ତପସିଲ ।
ମାଦଳା ପାଞ୍ଜିର ପୃଷ୍ଠା
ପଢ଼ାହୁଏ ଓଲଟ ପାଲଟ
ବୈଦିକ ଦେବତା ଅବା
ଖୋଜୁଛନ୍ତି ମଣିଷର ଘଟ ।

(୭)

ମହେନ୍ଦ୍ର ପର୍ବତ ଶୃଙ୍ଗେ
ଇନ୍ଦ୍ରଦ୍ୟୁମ୍ନ ଶବର ସନ୍ତାନେ,
ଡେଇଁପଡ଼ି ହସ୍ତୀ ପୃଷ୍ଠେ
ଖୋଜୁଛନ୍ତି ସେନାପତି ଜଣେ ।

(୮)

ସାବଧାନ : ହୁସିଆର :
ଲୋକ ନେତା ଅଭିଯାନ ପଥେ
ଓଡ଼ିଶାର ମାନଚିତ୍ର
ଫିଟିଯାଉ ପରସ୍ତେ ପରସ୍ତେ ।

---

(ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ମହେନ୍ଦ୍ର ପର୍ବତର ଶିଖର ଉପରୁ ରାମଚନ୍ଦ୍ର ସିଂହଳ ଦ୍ୱୀପକୁ ଠାବ କରିଥିବା କିମ୍ବଦନ୍ତୀ ପ୍ରଚଳିତ । ଇଂରେଜ ବିଦ୍ରୋହୀ ଦୋହରା ବିଶୋୟୀଙ୍କୁ ମହେନ୍ଦ୍ର ପର୍ବତ ପାଖରେ ଫାଶି ଦିଆଯାଇଥିଲା । ଗୋଟିଏ କିମ୍ବଦନ୍ତୀ ଏବଂ ଅନ୍ୟଟି ଐତିହାସିକ ବିବରଣୀକୁ ଆଶ୍ରୟକରି କବିତାଟି ରଚିତ )

# କବି

(୧)
ନିଃଶ୍ୱାସ ଛନ୍ଦ କି ତାଙ୍କ
ବିଶ୍ୱାସ କି' ଅନାଗତ ଶୂନ୍ୟ ?
ଥର ଥର କହିଗଲା ନୀଳ ସଂବେଦନ
ବିଗଳିତ ଦୟାପ୍ରୀତି କୁଣ୍ଠିତ କୃପଣ ।
ତଥାପି ବଂଚିତ କବି;
ଏ ବନସ୍ତେ ଅଂଗୀକାର ବନ୍ଧ
ଶୀତଋତୁ ପଲ୍ଲବନେ ଢାଳୁଥାଏ
ପରମ ଆହ୍ଲାଦ ।

(୨)
କବିଗଣ ସଂସାରରେ
ନିଜପାଖେ ନିଜେ ଆସ୍ଥାବାନ
ତୃପ୍ତିପୂର୍ଣ୍ଣ, ସର୍ବହୀନ
ସୃଜନର ଲୋହିତ ସ୍ୱପନ ।
ପ୍ରତିଟି ଚରଣ ପାତେ
ଅଭିଳାଷ ଅଭିମାନବଶ,
ଛନ୍ଦିତ ଉଜ୍ଜ୍ୱଳ ଛନ୍ଦେ
ନିଜେ ନିଜ ସାହାନାର ମୁଗ୍ଧ ।

(୩)
ବାଳିବନ୍ତ ପଡ଼ିଆରେ
କବି ବସି ଘୁମନ୍ତ ନିଶ୍ଚୁପ
ସାହାନାଇ ଶୁଣୁଥିବା
ନିଜେ ଅବା, ନିଜ ଚିତ୍ରକଳ୍ପ ।
ସେ କେଉଁ ବିସ୍ମୃତକାଳ
ଅରଣିକେ, ....ଛନ୍ଦ ସୌଦାଗର
ଟ୍ରେନ-ଯାନେ (୧) ଭାସିଯାଇ
ବୁଡ଼ିଗଲେ ସମାଧି ତାଙ୍କର !

(୪)
କବିର ସମାଧି ପାଖେ
ଫୁଲ ଯେତେ ପଡୁଥିବ ଝଡି
ସାଉଁଟି କେ' ନେବନାଇଁ,
କହିଚି ମୁଁ ଅନୁନୟ କରି ।
ଅପେକ୍ଷା କରି ବସିବ
ଅପରାଏ ବର୍ଷା ହେବ ଯେବେ,
ହୁଏତ ବା' ଭାସିଯାଇ,
ମିଶିଯିବ ନୀଳ ନଦୀ ଗର୍ଭେ !

(୫)
କବି ନୁହେଁ ଖାଲି ଋତୁପତି
ଷଡ଼ରସ ବିପୁଳ ପ୍ରକୃତି ।
ପୁଣି ଚିର ଋତୁମତୀ
ସବୁଜିମା ରଜସ୍ୱଳା ପୃଥ୍ୱୀ ।
କବି ନୁହେଁ ନିଃସ୍ୱ;
କବି ମହାବିଶ୍ୱ ।
ସଂଭୋଗମୟ ସଂସାରେ,
କବିଗଣ ଯଦି ଉପହାସ୍ୟ
ତଥାପି ତ ନିଜ ପାଖେ
କବି ଏକ ଅଟଳ ବିଶ୍ୱାସ ।

(୬)
କବିମାନେ ସବୁବେଳେ
ବିତଦ୍ଧୀକ ଭୋଗ ସଂଭୋଗରେ,
କବିମାନେ ସତଦ୍ଧୀକ
କେବେ ନୁହେଁ, ବରି ପ୍ରବୃତ୍ତିରେ
ପରିଚୟ, ପରିଣୟ, ଦେହ ବିଦେହରେ
ଆତ୍ମା ଓ ପ୍ରଜ୍ଞାରେ !

(୭)
ତଥାପି ବି ବେଳେବେଳେ
ଅକସ୍ମାତ କବି ଲକ୍ଷ୍ୟହରା
ଲକ୍ଷ୍ୟହୀନ କବିଗଣ
ଦର୍ପଣରେ ଦେଖନ୍ତି ଚେହେରା ।।

---
(୧) କୋବେଲ

# ଶିକ୍ଷା-ବାଣିଜ୍ୟ

(୧)
ମନ, ଚେତନା, ଆଖି ତିନିଜଣ
ବିଦ୍ୟାଳୟ ଯାଆନ୍ତି ପ୍ରତିଦିନ ।
ସ୍ଥୂଳ ଶରୀରେ ପିନ୍ଧି ୟୁନିଫର୍ମ
ଶିକ୍ଷକ ଦେଖୁଛନ୍ତି ସର୍ବନାମ ।
ବିଶେଷ୍ୟ ବିଶେଷଣ ଯୋଡ଼ା ଅଛି
ପିତୃଦତ୍ତ ନାମରେ କିଛି କିଛି ।
ମିଶିଛି ସଂସ୍କାର ଓ କୁସଂସ୍କାର
ଶିକ୍ଷକ କରିଦେବେ ନିର୍ବିକାର ।

(୨)
ମନ, ଚେତନା, ଆଖି ସମନ୍ୱୟ ।
ବିଦ୍ୟାଳୟ ହେବକି' ବିସ୍ମୟ ।
ଶିକ୍ଷକ ଦେଖେ ଆଖି ତେଜୀୟାନ
ଜାଣେ ବଂଶ ଗରିମା ବଳୀୟାନ ।
ଶିକ୍ଷକ ଦିଅନ୍ତେ ସୂତ୍ର, ବିଦ୍ୟା ସୂତ୍ର,
ଚରିତ୍ର ଗଣପତି ପୃଥୁଳ ।

(୩)
ମନ, ଚେତନା, ଆଖି ତିନିଜଣ
ଏକ ଅପରଠାରୁ ବଳୀୟାନ ।
ସୂକ୍ଷ୍ମ ତାରରେ ତାଙ୍କ ସଂଯୋଜନ
ଏମିତି ଏକ ଦେହ ଅଭିନ୍ନ ।
ଇନ୍ଦ୍ରିୟ ଗୁଣ କର୍ମ ଭିନ୍ନ ଭିନ୍ନ
ଶିକ୍ଷକ ଗଣିତିରେ ଏକଜଣ ।

(୪)
ଆଖି ଓ ମନ ନୁହେଁ ଏକାକାର
ଚେତନା କରୁଥାଏ ଦୁର୍ସିଆର ।
ଶ୍ରବଣ ଦୃଶ୍ୟ ଦୁଇ ଇନ୍ଦ୍ରିୟର
ଶିକ୍ଷକ ସ୍ଥୂଳ-ସ୍ଥାନ ପରିସର ।
ସୂକ୍ଷ୍ମ ଅବଚେତନ ସନ୍ଧାନ
ଶିକ୍ଷକ ଜାଣେନି ତା ସଂଧାନ ।
ବିଦ୍ୟାଳୟ ଗୋଟିଏ ଅନ୍ଧକୂପ
ଶିକ୍ଷକ ଦଉଡ଼ି ବା ମେକାପ ।

(୫)
ଆଖି, ଚେତନା, ମନ ଏକାକାର
ଗୋଟିଏ ଛନ୍ଦ-ଲୟ ଦରକାର ।
ବିଦ୍ୟାଦାୟିନୀ ହାତେ ଏସରାଜ
ସରସ୍ୱତୀ କରନ୍ତି ବାଣିଜ୍ୟ ।
ଶିଶୁ-ବାଣିଜ୍ୟ-କେନ୍ଦ୍ର ବିଦ୍ୟାଳୟ
ଜାତି ଗଠନ ଏକ ବିସ୍ମୟ ।

# ନୂତନ ପ୍ରାର୍ଥନା

ହସ୍ତହୀନ ହେ' ପାଣିନି,
ଶିରହୀନ ଆହେ ଶୀର୍ଷାସନ,
ପାଦହୀନ ପଦାତିକ,
ବର୍ଣ୍ଣହୀନ ତୁମେ ଅସବର୍ଣ୍ଣ ॥

ନାଭିହୀନ ପଦ୍ମନାଭ
ଶ୍ରୁତିହୀନ ଶ୍ରବଣ-କୁମାର,
ସ୍ୱର୍ଣ୍ଣହୀନ, ରୂପହୀନ
ଦୃଶ୍ୟହୀନ, ଆହେ ଦିଗମ୍ବର ॥

ସ୍ମୃତିହୀନ ପଦଚିହ୍ନ,
ହଜିଥିଲା ଅନେକ ତୋରଣେ;
ଯେଉଁମାନେ ଚିହ୍ନିଥାନ୍ତେ,
ରଖିଦେଲ ଭୀଷଣ ଅରଣ୍ୟେ ।
ବହୁ ଛବି, ବହୁ ନକ୍ସା,
ମାନଚିତ୍ର ଖୋଜାହେବା ବେଳେ,
ଅନେକ ବି ରୂପକଳ୍ପ
ହଜିଗଲା,-କଳକୋଳାହଳେ ।।

ହସିବାର ଜଉଘରେ
କାନ୍ଦିବାର ଅଦ୍ଭୁତ ଖରଚେ,
ସମସ୍ତ ଉଧାରପଟା
ତମସୁକ କବଚର ସ୍ତୂପେ ।
ତୁମରି ଆଶ୍ରିତ ଜନେ
ଠକିବାର ସନ୍ମାନ ମଧ୍ୟରେ
ଯେଉଁମାନେ ରହିଛନ୍ତି,
ସେମାନଙ୍କୁ ବାଧ କରିବାରେ ।

ମୁଁ କିସ କରିବି କହ !
ଦସ୍ତାବିଜ ତୁମହସ୍ତେ ଦେଖି
କିଛି ହେଲେ ସର୍ତ୍ତ ଯଦି,-
ଭାବିଥିଲି ନପାରିଲି ଲେଖି ।।

(ରଚନା : ୨୪.୫.୮୩)

# ଆମୁଖ

ଶୁଣିବାକୁ ମିଠା ଲାଗେ କବିତାଟି ମୋ'ର
ସନ୍ଧ୍ୟା ଛଅଟାରେ କିନ୍ତୁ ରାତ୍ରି ହେଲା ଭୋର ।
ଜର୍ଦ୍ଧମାତ୍ର ଜନପଦେ ନଗରର ତରୁଣୀ ବନିତା
ଚାଲି ଚାଲି ଥକିଲେଣି ପାଦେ ନେଖା ଲକ୍ଷ୍ମୀଓଷାଡିତା
ଗ୍ରାମରେ ତୋରଣ ସଜା, ପିଚୁଢ଼ଳା ରାସ୍ତାକଡ଼ ଫୁଲ
ସତେକିରେ ଦକିଦକି ପାଖୁଡ଼ାର ଅତସ୍ର ଜମକ

ଚାଲିଛନ୍ତି ନୂଆ ଛୁରି, ନୂଆ କିଛି ରୂପକଳ୍ପ, ଧରି
ବନ୍ଧୁ ଶିଳ୍ପୀ ବହୁବାର ଲେଖୁଲେଖୁ ଯାଉଛନ୍ତି ଫେରି ।

ଶୁଣିବାକୁ ମିଠା ଲାଗେ କବିତାଟି ମୋର ।
ଉତେଜିସେ ସନ୍ଧ୍ୟା ମେଘ ଫେନୀଳ ଅଧିର ।
ମୋ ଘୁମନ୍ତ ଲନ୍ ପରେ କିଛି ଝିଟି ବାଷ୍ପ ଦେଇ ଝାଡ଼ି
କହିଛନ୍ତି ମାର୍ଚ୍ଚ ମାସେ ଆସିବାକୁ ପ୍ରଚାରକ ଧରି ।
ଭୀଷଣ ବର୍ଷା ଉତ୍ତର, ହଂସ ଆଉ କେଦାରଙ୍କ ମେଳେ
ଆଣିବାକୁ ଡେନାବୁର ବାଉମଜା, ନାଗରା ସାଥିରେ ।
ଖୋଲାପାର୍କ ଚଉକିରେ କରିବାକୁ ଉଦ୍‌ଘାଟନୀ ସଭା
ଭରପୁର ଦର୍ଶକଙ୍କୁ ନିବେଦନ ଯଦିଚ କିଛିବା
କରିବାକୁ ନାହିଁ ତାର । ତଥାପିବି ଟେପ୍ ହେଲା ଖୋଲା
ପିତା କଟା ସଂଗେ ସଙ୍ଗେ କତୁରିର ନିଲାମ ଚାଲିଲା ।

ରାମକଳା କାହିଁଗଲା ଧର ତମ ବାଡ଼ି ନଳଚଣ
ନଦୀ ସେପାଖରେ ଦେଖ, ଡାକୁଛନ୍ତି ବୋକା କେତେ ଜଣ ।
ପବନରେ ଝୁଉତାଙ୍କ ଭାସି ଆସେ ତୁହାଇ ତୁହାଇ
ବୁଝି ହେଉ ନାହିଁ ଗୀତ, ଅବା କିଛି ନୂଆ ଲଳବାଇ ।

ପକ୍ଷୀଆଟା ଯୋଡ଼ିହୁଅ ବର୍ଷାପାଣି ପବନ ପିତୁଚି
ଅରଣାକୁ ଭୟ ନାହିଁ ଆମ ଗାଁ ସଫେଇ ଚାଲିଛି ।
ସାପ ନାହିଁ, ବେଙ୍ଗ ନାହିଁ, ତକ୍ଷକ କି ତମସାପ ନାହିଁ
କାଲି ତାଙ୍କ ଖଂକଣିରେ କହିଗଲେ ପ୍ରଚାରକ ଭାଇ ।
ବାହାରେ ମଇଳା ସଫା, ମନରେ ଯେ କିଂଚିତ ମଇଳା
ସଫାକର ଗ୍ରାମବାସୀ ଏଦେଶର ମିଳିତ ବେବହରା ।
ଗ୍ରାମ ଆଉ ସହରକୁ ଏକାକାର କରିବାକୁ ହେବ
କରିବାକୁ ହେବ ବୋଲି ହରିବୋଲ ହୁଳହୁଳି ଦେବ ।
ଯୋହଳା କଣ୍ଠରେ ଅଡି ଉଡ଼ିଗଲା ଫୁଲର ସୁରଭି .
ସେ କବିତା ଭଲ ଲାଗେ ଶୁଣିବାକୁ ତୁମକୁ ମତେବି ।
ପିକଦାନୀ ଫାନବଟା ଯେଉଁଦିନ ପିଙ୍ଗା ହେଲା ଘରେ
ସାଆଁତଙ୍କ ମନସ୍ତାପ, ସାରାଦିନ ପୋଖରୀ ତୁଠରେ ।
ଯେତେବି କହିଲେ ଆଉ ନଦୀଘାଟ ପୋଖରୀ ହୁଡ଼ାର
ସଫେଇକି ହେବାନାହିଁ ଉଇନାହିଁ କାହାକୁ କାହାର ।

ନର୍ମାଭ ଜନପଦେ ନଗରର ତରୁଣୀ, ବନିତା
ଯେତେ ଯୁବା ଚାହିଁଛନ୍ତି ଧରିହାତେ କୋଦାଳ ଶଗିତା
ଛବିରେ ଅନେକ ନାହିଁ ରୂପକଲ୍ପେ ଚାହିଁବି ଅନେକ
ଯଦି ତୁମ ବିଚାରଟା ରାମାଙ୍କ ହେଉଛି ଅଚଳ ।

ପୋଥି ମଧ୍ୟେ ଥିଲାନାହିଁ, ଏବେ ପୁଣି କେଉଁଠୁ ଆସିଲା
ରାତି ନପାହୁଣୁ ପୁଣି ସନ୍ଧ୍ୟା ତାରା କେମିତି ଦିଶିଲା ।
ପ୍ରଚାର କାହିଁକି ହେଲା, କାହିଁକି ବା ତୋରଣ ବସିଲା
ରାମାଙ୍କ ଭାବ ନାହିଁ, ବେଦ କିଛି ଅଶୁଦ୍ଧି ଘଟିଲା ?
ପ୍ରଚାର ଯଦିବ ବେଶୀ, କାମଧୋଡ଼ା, ତେବେ ବି କହେଲ
ରାମଚନ୍ଦ୍ର  ବନସ୍ତକୁ ଗଲାବେଳେ କିଛି ନେଲେନାହିଁ ।
ତଥାପି ପ୍ରଚାର ହେଲା, ହେଲା ପୁଣି ପୁରାଣର ଲେଖା
ରାମାଙ୍କ ଭୁଲିଗଲ ସବୁକଥା କେମିତି ଅଚିକା ?

# ଅନ୍ୱେଷଣ

ସ୍ୱର୍ଗେ ଲାଗେ ଡେର ଭାଇ ମର୍ତ୍ତ୍ୟେ ଲାଗେ ତାଳ
ମୁଁ ଖୋଜୁଚି ରେଳଡବା, ଟ୍ରାମବସ, ବିମାନ ବନ୍ଦର ।
କାହାକୁ ଖୋଜୁଚି ପୁଣି ବର୍ଷ ବର୍ଷ ଯୁଗ ଯୁଗ ଧରି
ପୁରୁଷ ପୁରୁଷ ଗଣ୍ଠି ଶତାବ୍ଦୀର ଛିପ୍ର ବୃକ୍ଷ ଚିରି ।
ମୁଁ ଖୋଜୁଚି, ମୁଁ ଖୋଜୁଚି, ଖୋଜିବାର ଶେଷ କାହିଁ ହାୟ;
କାହାକୁ ଖୋଜୁଚି କିନ୍ତୁ ମନେ ମୋର ନଯାଏ ପ୍ରତ୍ୟୟ ।

ସ୍ୱର୍ଗେ ଲାଗେ ତାଳ ଭାଇ ମର୍ତ୍ତ୍ୟେ ଅଛି ଡେର
ମୁଁ ଛାଣିଲି ସବୁ ଧୂଳି ଖୋଦ୍ଦିମାଟି ବାରୁଣାବନ୍ତର ।
ଖୋଜିଲି ଅଜନ୍ତା ପୁଣି ଏଲୋରା ଓ କୋଣାର୍କ ମନ୍ଦିରେ
ଉଜ୍ଜୟିନୀ ମୁଖଶାଳା ନାଳନ୍ଦାର ବିଲୁପ୍ତ ସହରେ ।

ବିଦ୍ୟାଳୟ ପରିସରେ, ଖୋଜିଲି ମୁଁ ପୁଣି ପାଠାଗାରେ
ପଚାରିଲି ବହୁତ ଜ୍ଞାନୀ ତାର୍କିକଙ୍କ ମହାସମାରୋହେ

ଖୋଜିଲି ମଦିରାଶାଳେ ପୁଣି କେବେ ଶ୍ମଶାନ ଘାଟରେ
ମୁଁ ମାଗିଲି ଖୋଜିବାର ପ୍ରତିଦାନ ବହୁ ଅବସରେ,
ଦୁଃଖେ ଶୋକେ ବଡାଇଥେ   ଅଭିମାନେ ପ୍ରୀତି ପୁଲକରେ ।

ମୁଁ ଖୋଜିଲି ନିତଶେଷେ ପ୍ରେମିକାର ଅଳସ ଯୌବନେ
ମୁଁ ଖୋଜିଲି କଟିପାତ୍ରେ ପ୍ରତ୍ୟୁଷର ସ୍ନେହ ସଂଭାଷଣେ
ମୁଁ ଖୋଜିଚି ବଟବୃକ୍ଷେ ଅଥବା ସେ ଶାଳ୍ମଳୀ କଂଟକେ
ମୁଁ ବସିଛି ବହୁବିଧ ତପସ୍ୟାର କୁଣ୍ଡ, ଅଭିଷେକେ ।
ମୁଁ ଖୋଜିଚି ସ୍ଥାଡ଼ିୟମେ ବଡ଼ା ବଡ଼ା ଖେଳୁଆଡ଼ ମେଳେ
ମୁଁ ପଶିଚି ମନ୍ଦିର ଓ ମସଜିଦ ପୁଣି ଗାର୍ଜାଘରେ ।
ଖୋଜିଚି ମୁଁ ପୃଥିବୀରେ ଗୀପବନ ସୂର୍ଯ୍ୟ ରଶ୍ମି ପାଳେ

ଦେଖୁଚି ମୁଁ ଚନ୍ଦ୍ର ନାଇଁ ଯଦି କେବେ ଚନ୍ଦ୍ରଶାଳା ମୁଖେ
ଶୁଣିଚି ଗୁଞ୍ଜନ ମଧୁ ସଂଚୟନେ ମଧୁମକ୍ଷୀକାର
ଅନ୍ଧକାରେ କରୁଚି ମୁଁ   ଅଭିନୟ ଅନଂତ ଆଶାର ।

ଅସଂଖ୍ୟ ଜନମ ଶେଷେ ସମୟର ଘର୍ଷିତ ଦର୍ପଣେ
ମୁଁ ଖୋଜୁଚି ନିଜରୂପ ମନୁଷ୍ୟର ନିର୍ଭିକ ଅରଣ୍ୟେ ।
ମୁଁ ଖୋଜୁଚି ପୂର୍ଣ୍ଣାକୃତି ଅବୟବ ସଂପୂର୍ଣ୍ଣ ଦେହେରା
ଭସା ଭସା   ବାଦଲର ବିଖଂଡିତ ନୁହେଁ ହାତୀ ଘୋଡ଼ା ।

✤

# ମାଟି

ପ୍ରଭାତୀ-କୁଙ୍କୁମ ସ୍ୱର୍ଣ୍ଣ ନଈଁ ଆସେ ଲଜ୍ୟା-ବଧୂ ସାଜି
ବାଦାମୀ ଏ ମୃତ୍ତିକାର ସଚେତିବା ପରିଶର ଆଜି ।
ପୁଞ୍ଜିତ ଜାଗଲି ହସେ ନିଦ୍ରା-ଶିଶୁ ଅପମାନ ହେରି
ଦୁର୍ଦ୍ଧର୍ଷ ଜୀବନସ୍ରୋତେ ଯଥାଚଣେ ସୃଷ୍ଟି ବ୍ୟଙ୍ଗକାରୀ ।
ହସି ଉଠେ ଗ୍ରାମବିଲ, ହସେ ନଦୀ, ହସେ ଉପତ୍ୟକା
ସବୁଜ ବନାନୀ ସାଜେ ସେ ହସର ଧନାଢ୍ୟା ନାୟିକା ।
ଦୂର୍ବାଦଳେ ରଚେ ନିଜ ଶିଶିରାକ୍ତ ପ୍ରେମ ଉପନ୍ୟାସ,
କର୍ଷିକ ନରମ ଖରା ନିଜମୁଖେ ଗାଏ ତା' ପୌରୁଷ ।

ମାଟିର ଏ ବିସ୍ତୀର୍ଣ୍ଣ ଭୂଧରେ,
ଯେ କେଦାର ତୋଳେ ମଥା
ଗତରାତି ଅଭିସାର କରେ ।
ମଣିଷର କହ୍ଲୁହ ମଣିଷର ଅପମାନ ଛୁଇଁ
ଲହୁ, ଝାଳ, ଅସ୍ଥି, ମାଂସ, କ୍ଷୁଧା, ତୃଷ୍ଣା ସତ୍ୟ-ମିଥ୍ୟା ଚାହିଁ
ଭୋକରେ ଯାଉଛି ତା'ର ତାଳୁ ଫାଟି
ଶୋଷ ନିଜ ତେଜିଛି ଗରଳ ।
ସତ୍ୟ ସ୍ୱପ୍ନ ଦୁହେଁ ମିଶି, ଏଠି କରେ ସମ୍ମୁଖ ସମର ।
ମାଉଁସ- ଗଢ଼ିଛି ଏଇ ମାଟିଟାକୁ
ହାଡ଼ଗୁଣ୍ଡ ଯୋଗାଇଛି ସାର,
ଛାତିର କାଳିଆ ଲହୁ
ଆଦ୍ର ପୁଣି କରିଛି ଉର୍ବର !
ବ୍ୟଥା ଦେଇଛି ଉତ୍ତାପ
ଦୀର୍ଘଶ୍ୱାସ ସିଂଚିଛି ବ୍ୟଜନ
ଆଶାର ଆଲୋକେ ଏଠି
ଜନ୍ମନେଲା ମାଟିର ନନ୍ଦନ ।
ଦାଆ ଓ ହାତୁଡ଼ି ଘାରେ ପୃଥିବୀର ମେରୁଦଣ୍ଡ ଚିରି
ଯେ ଶିଶୁ ପଡ଼ିଛି ଥକି, ଏଇ ପରା ନିଶାଣି ତାହାରି ।
ଏଇ ତା' ଶ୍ରେଣୀର ସଭା, ଏଇ ତାର ଛିନ୍ନ ଇତିହାସ,
ଏଇ ତା' ସାହସ ଦୀପ୍ତି ଏଇ ତାର ପୈତୃକ ପୌରୁଷ ।
ଏଇତାର ନିଜ ବାର୍ତ୍ତା, ସତ୍ୟଠାରୁ ରୋମାଞ୍ଚ ଓ ଶ୍ରେୟ,
ତିମିର ସମାନ ଯହିଁ ଘନୀଭୂତ ଘଟଣା ପର୍ଯ୍ୟାୟ ।
ଫୁଲେ ଫୁଟେ ଏଠି କର୍ମୀ, ଧାନଗଛେ ଫଳେ ରାଜନୀତି,
ଜୀବନ ପ୍ରବାହେ କେତେ ଭାସିଯାନ୍ତି ଶାସ୍ତ୍ର ନୀତିପନ୍ଥୀ ।
ଜୀବନ୍ତ କବିତା କାଟେ ଲେଖନୀର କଳ୍ପନା ବିଳାସ,
ସତ୍ୟକୁ ଦିଏ ନା ଛାଡ଼ି, ଅତୀନ୍ଦ୍ରିୟ କଳ୍ପନା ରହସ୍ୟ ।
ତେଣୁ ଏହି ଶ୍ୟାମଳ ଭୂଧରେ –
ଏ ମାଟି ପାଇଛି ସ୍ଥାନ ସମାଜ ଓ ଜାତି ଅଭ୍ୟନ୍ତରେ ।
ଟିକିଟିକି ଗୋଟି ଗୋଟି ଜୀବନକୁ ରହିଅଛି ଘେରି,
ସୃଷ୍ଟି ସ୍ଥିତି ପ୍ରଳୟର ଚିରନ୍ତନ ସ୍ଥିର ଅଧିକାରୀ ।
ଏ ମାଟି ବିରାଟ ମାଟି, ଯାର ପାଦେ କୋଟି ନମସ୍କାର,
ଏ ମାଟି ଜୀବନ୍ତ ହସେ ଝରେ ଚିର କବିତା ନିର୍ଝର !

ରୋଷ ଯାର ମହାରୋଷ, ତହୁଁ ବଡ଼େ ଭୂକମ୍ପର ସୀମା,
ନେତ୍ରର ଉଦ୍ଦୀପ୍ତ ଭସେ ନାଚି ଉଠେ ଉଲ୍କାର ଗରିମା ।
ପଲକରେ ଅଗ୍ନି ତାର, ଅଟ୍ଟହାସେ ଝଡ଼, ଝଂଜା, ବଜ୍ର,
ପ୍ରଳୟ ସମାନ ଏହା ଭୟଙ୍କର, ଶାନ୍ତି ସମ ସ୍ଥୈର୍ଯ୍ୟ ।
ଧୂଳି ତାର ମାତୃସ୍ତନ୍ୟ, ଗୋଡ଼ି ମାଟି ଆହାର ତଣ୍ଡୁଳ,
ହସି ହସି ଭାସିଯାଏ ସ୍ରୋତ ମୁଖେ ଜୀବନ ମଂଜୁଳ ।
ଏ ମାଟି ମହାନ ମାଟି, ଶ୍ରେୟଃ ଶ୍ରେଷ୍ଠ ଅନନ୍ତ ସୁତାରୁ
ଉଦାର ଐତିହାସିକ ଆଜିମୋର ନବଯୁଗ ଗୁରୁ ।

# କୋଣାର୍କ

ଅନେକ ପ୍ରାଣର ବାସ୍ନା-
ଯଦି କେବେ ବ୍ୟର୍ଥ ହୋଇଗଲା,
ଅନେକ ହୃଦର ମାଛ,
ଖୋଜିହେଲେ ପୋଖରୀ, ତହଲା
ଅନେକ ଜନର ବିଂବେ,
ପ୍ରତିଧ୍ୱନି ଉଠିଲା ବହୁତ,
ସବୁଜ ଡୋଙ୍ଗା ପିକା,
ଲୁଟିଗଲା ଫୁଲ-ମହୁରାତ ।
ଅନେକ ନଦୀର ଜଳେ,
ଦିଗହଜା ଅସଂଖ୍ୟ ନାବିକ,
ଯାତ୍ରା ଯୋଗ ଭାଙ୍ଗିଗଲେ
ପଢୁଥିବେ ''ଢେମାଦେଇ ଶୋକ'' ।

କାନରେ ଝୁଲୁଚି କେଶ,
ଚିହ୍ନା-ଚିହ୍ନା ପ୍ରାଚୀନ ଚେହେରା,
ଛିନ୍ନ ଥିଲା ଇତିହାସ,
ହସୁଥିଲେ ଶ୍ରୀଦଳବେହେରା !

ସବୁରି ଧର୍ଷିତ ଛାଇ
ସମୟର ନଖ-ଦରପଣେ,
ଦିଶୁଥିଲା କଦାକାର,
ପୁରାତନ ମାର୍ବଲ ଚଟାଣେ ।
ଲେଖାଥିଲା ବହୁ ନାମ,
ପଢ଼ିଥିଲା ଅନେକ ପଲକ,
ରୋଗୀ କେହି ନଥିଲେ ବି
ଶମଶାନେ ଘାରିଥିଲା ଶୋକ !

ମଧ୍ୟଦେଶ ପୋତବାହୀ,
ଇଚ୍ଛା-ନଦୀ ନିର୍ଜନ ପଠାରେ
ସ୍ମୃତିର ବନ୍ଦରଠାରୁ
କେତାଣି ବା କେତେକୋଶ ଦୂରେ ।
ଅଟକିଛି ନାଉରିଆ,
ଖୋଲୁଅଛି ସୁବର୍ଣ୍ଣ କୁଣ୍ଡଳ,
ପରିଚୟ ହାନ ଏକ
ତାମ୍ରପାତ୍ରେ ଧରି କିଛି ଜଳ ।

ପରିଚୟ କହ ତା'ର,
କହ କିଏ କେଉଁ ଦ୍ୱୀପବାସୀ,
ସ୍ମୃତିର ପିଙ୍ଗଳ ହ୍ରଦେ
ତୁମେ ଯିଏ କଳ୍ପନା ବିଳାସୀ
ଖୋଜୁଅଛ ଆଉ ଥରେ
ହଜିବାର ପୁରୁଣା ରତନ,
ଗାଡ଼ିରେ ଫୁଟୁଛି ଘାଡ଼ି
ଯେଉଁପରି ଯାତ୍ରୀ ଅକିଂଚନ...
ପଶିଯାଏ ଏ ଡବାରୁ
ସେ ଡବାକୁ । ସବୁ ଏକାକାର,
ସବୁଠାରେ ସଂଚରଣ
ଯାତ୍ରୀ ମେଳେ ହସ ତିରସ୍କାର ।

ଅଥବା ସମସ୍ତେ ଆମେ,
ପୋତାଶ୍ରୟେ ବେସୁରା ଖଲାସୀ
ଚରିଥାଉ ପାଣି ମାପି,
ମନେ ମନେ ହେଉଥିଲୁ ଖୁସି ।

ହୀରା, ନୀଳା, ମୋତିମାନେ,
ପୋହଳା କି ପଦ୍ମରାଗ ପାଇଁ
ଅବେଇବ ବଜରରେ
ମତିଭ୍ରମେ, ରହିଛୁ ପଛାଇ ।
ଆମେ କି'ର ଶେଷ ପିଢ଼ି,
ପିଣ୍ଡଦାନ କରୁଛ କେବଳ
ଚୌପଦିରେ ବାଢ଼ିଦେଇ
ତୀର୍ଥ କ୍ଷେତ୍ର କମଣ୍ଡଳୁ ଜଳ ।

ସମୟର ପେଟିକାରେ
ବିଗଳିତ ଯେତେ ହସ୍ତାକ୍ଷର,
ପୁରାତନ ଦସ୍ତାବିଜ
ନଥିପତ୍ର ଅଜ୍ଞାତ କାଳର,
ଶତାବ୍ଦୀର ଯାଦୁଘରେ
ସମର୍ପିତ ଯେତେକ ପୋଷିକ୍
ସେ ସବୁ ତମାଦି ପ୍ରାପ୍ତ
ସମୟର ପୂର୍ବ ତପସିଲ ।
ଚାରିଟି ଶତାବ୍ଦୀ ପଛ,
ସମୟର ସୁବର୍ଣ୍ଣ ହରିଣ
ଖେଳୁଥିଲା, ଆମ ଆଗେ,
କିଏ ତାକୁ ବିନ୍ଧିଦେଲା ବାଣ
ସମୟର କଟାହାତ
କଟାମୁଣ୍ଡ ଯୋଡ଼ିବାକୁ ପୁଣି,
ଆମେ ଯିଏ ହତ୍ୟାକାରୁ
ପୃଥିବୀର ଅଦ୍ଭୁତ ବିଜ୍ଞାନୀ !

ଆମରକି ଇତିହାସ
ଅଭିଶପ୍ତ, ବିଚିତ୍ର, ଅମେଳ
ପୁରୁଣା ସ୍ମୃତିର ହ୍ରଦେ
ହଜିଗଲା ସୁବର୍ଣ୍ଣ କୁଣ୍ଡଳ ।
ତଥାପି ଆସିଛୁ ଆମେ
ନୂଆ ଏକ ପଦାତିକ ଦଳ,
ସମୟର ସେତୁବନ୍ଧେ
ଶୀଘ୍ର ତମ ନୌବହର ତୋଳ ।

ଆମରି ଗାଉଣୀ ପାଶେ,
ଫୁଟୁ ଫୁଲ, ଫୁଟୁରେ ବହୁତ,
ସବୁଜ ତୋଷକା ସାଥେ,
ହସୁଥାଉ ଫୁଲ ମହୁରାତ ।

ଅନେକ ଢଙ୍ଗର ବିମ୍ବେ
ପ୍ରତିଛବି ହେଉ ବୃହତ୍ତର,
ଅନେକ ଧ୍ୱନିରେ ଉଠୁ
ପ୍ରତିଧ୍ୱନି   ଆଶା-ବିଶ୍ୱାସର ।

ସମୟର ସବୁ ଦାବି
କେତେବେଳେ ବ୍ୟର୍ଥ ହେବ ନାହିଁ,
ଅନେକ ହ୍ରଦର ମାଛ
ଆସିଯିବେ ସମୁଦ୍ରକୁ ତେଣଁ ।

ଇତିହାସ ଦାସୀ ନୁହେଁ,
ପିନ୍ଧିଥିବ ନୂତନ ପୋଷାକ ।
ମାଳିକର ବାହାଘରେ,
ରଖିବାକୁ ତାଙ୍କ ବଂଶତେଜ ।
ଝଡ଼ରେ ଦୋହଲା ଗଛ,
ସବୁପତ୍ର ଝରିଯିବ ଯେବେ,
ତଥାପି ଥିବା ଗଛଟି
କଅଁଳିବ ନିଜ ମହତବେଁ ।

# ମଧ୍ୟବିତ୍ତ

ଦୀର୍ଘକ ଓ ବକ୍ରାକାର
ସମରଥ ହେ ପୁରୁଷଗଣ ।
ତୁମେମାନେ ଅନୁରକ୍ତ
ଦେହଭୋଗେ ଏପରି କୃପଣ... ।
ଆତ୍ମାରେ ବୈରିତା ଭାବ
ପ୍ରାଣ ପ୍ରତି ନିଷ୍ଠୁର ବିଦ୍ରୂପ ।
ସଜାଉଛି ରଂଗ ସଭା
ତୁମଲାଗି କଂସର ମେକାପ ।
ତାସଲ୍ୟ କାହାକୁ କର
ମେଣ୍ଟିବାକି ନିଜ ତାସଲ୍ୟରେ ।
ତୁମେମାନେ ବସିଥିଲ
ଲାବଣ୍ୟ-ନଦୀ ମୁହାଣ ପାଖରେ ।
ନିହ୍ନତ ସମୁଦ୍ର ବେଳା,
ଏବେ ପୁଣି ବିବାକ ଅଚିହ୍ନା ।

ଶୁଷ୍କନଦୀ ଶୁଭ୍ର ଶଯ୍ୟା
ବାଲି ତୃଣ ସବୁ ଦୋଦୋ ଚିହ୍ନା ॥
ବନ୍ଧୁ ହସ୍ତ ଶୂନ୍ୟଗରା
ନିଭୁଥିଲା ଲୋଭଟାଣି ଖରା ।
ବାଲି-ହରିଣଟି ଦେଖି
ହୋଇଗଲା ଭୟେ ଦିଗହରା ।
ଅଶ୍ରୁ ଯେତେ ତା ଆଖିରୁ
ରାତି ସାରା ବେଳଟି ବୁହାଇ
ତଥାପି ନହେଲା ଜଳ
ବଢିଲା କ୍ଷୁଧାର ଚାହିଁ ଚାହିଁ ॥

କୋଇଲା ଚୁଲିର ନିଆଁ
ଜଳୁଥିଲା ପୋଖରୀ ତଟରେ ।
ତମେ ସବୁ ଲାଗିଥିଲ
ପରସ୍ପରେ ଚାହିଁ ବାପରାରେ ।

ଅନୁରକ୍ତ ଦେହ ଲୋଭେ
ପରସ୍ପରେ ସବୁରି ବେଶ୍ୟାପ,
ଦେଶ-ପ୍ରୀତି ଉପବନ
ପ୍ରଦର୍ଶନୀ ଚିହ୍ନିଲା ଗ୍ରାହକ ।।

ଆତ୍ମତୃପ୍ତ ଅହଂମନ୍ୟ
ସଂସାରରେ ଅବିମୃଶ୍ୟ ସ୍ଥାନ ।
ସମୁଦ୍ର ପାଣିରେ ଯେତେ
ମଣିମୁକ୍ତା କରିବ ସଂଧାନ !
ଦିନସାରା ଚୌର୍ଯ୍ୟ ବୃତ୍ତି
ରାତି ସାରା ସାଜିବ ପୁଲିସ ।
ଅଭୁକ୍ତ ବୁଭୁକ୍ଷା ମଧ୍ୟେ
ମେଳବାନ୍ଧି ତୁମେ ଅହର୍ନିଶ ।।

ହସ ପରିହାସ ସୁଖ
ସବୁବେଳେ ସଂଗ୍ରାମ ବିମୁଖ ।
କିଂବଦନ୍ତୀ ତାଲିକାରେ
ତୁମେମାନେ ମହାଅଭିଲେଖ
ଆତ୍ମ-ତୃପ୍ତ ଆତ୍ମ-କେନ୍ଦ୍ରୀ
ମୂଲ୍ୟବୋଧ ବର୍ଜିତ ଉଦାସ ।
ସମସ୍ତ ଦମ୍ପତି ମଧ୍ୟେ
ସାରସ୍ୱତ ପ୍ରଜ୍ଞା ଅପଘଣ ।
ଅଭିଜାତ କ୍ଷୁଦ୍ରମନା
ମଧ୍ୟବିତ୍ତ କୃପଣ କୌଶଳୀ
କୁଳୀନ ଜନ ସଭାରେ
ତୁମେମାନେ ଅପଂକ୍ତି ବୃଷଳୀ ।।

# ପ୍ରଧାନମନ୍ତ୍ରୀ

ବିପତ୍ତି ଓ ଅଟ୍ଟହାସ୍ୟ,
ମଧ୍ୟେ ଯେଉଁ ଅବିଚଳ ପ୍ରାଣୀ ।
ନିଜ ଅପମାନ ଭୁଲି
ଅନାହତ ରାଜାଙ୍କ କାହାଣୀ...
ସଂଳାପ ଆବୃତ୍ତି କଲା
ଅପେରା ନାୟକ ପରି ଆପେ ।
ପୂର୍ବବର୍ତ୍ତୀ ବଂଶ ଥୋଇ
ପରବର୍ତ୍ତୀ ବଂଶର ସମୀପେ ।
ଇତିହାସ ଯୋଡ଼ି ଦେଲା
ଭୂତକାଳୁ ଭବିଷ୍ୟତ ଯାଏ ...

ସେଇ ଏ ଦେଶର ରଜା
ତା' ବୃତ୍ତାନ୍ତ ନାଟକୀୟ ହୁଏ ।।

ନାଟକ ଚାଲିଛି ପ୍ରତିଦିନ ।
ସମସ୍ତେ ମୋହିତ ଅନୁମାନ ।
ସିଏ ଥିଲା ଜଣେ ଉଦାସୀନ ।
ସବୁରି ପ୍ରଶଂସା ଶୁଣି
ସିଏ ଏବେ ନୃତ୍ୟରେ ମଗନ ।।

ଅନ୍ୟଥର ଅପେରାରେ
କିଣିନେବ ପ୍ରଥମ ଆସନ

ନର୍ତ୍ତକର ମୁଖ ଭଙ୍ଗୀ
ଅଭ୍ୟାସ କରିବ ପ୍ରତିଦିନ ।
ବଢ଼ିଗଲା ଅଚିରାତ୍
ଦର୍ଶକଙ୍କୁ ଛାଡ଼ି ପ୍ରେକ୍ଷାଳୟେ
ସମସ୍ତେ ଅପେକ୍ଷା କଲେ
ମଂଚମାୟା ସେଦିନ ବିସ୍ମୟେ ॥

ଏତେ ଦିନ ବସିଥିଲା
ମୁହଁମାଡ଼ି ଚୁପ ସଇତାନ ।
ଉଦାସୀନ ଦିଶୁ ଥିଲା
ମନେ ମନେ ସବୁ ଜାଣୁଥିଲା
ମୌକା ଦେଖି କୁଦିପଡ଼ି
ନର୍ତ୍ତକଙ୍କ ମଝିରେ ବସିଲା ॥

ଚାରିଆଡ଼େ କୋଳାହଳ
ଚର୍ଚ୍ଚାପଡ଼ି ଆଶୁ-ନର୍ତ୍ତକର
ଅନେକ ପ୍ରଶଂସା ବାଣୀ
ଭରିଗଲା ମଦିର ସହର ।
ସମସ୍ତେ କରିଲେ ତା'ର
ପାରିବା ପଣକୁ ଧନ୍ୟଧନ୍ୟ

କିଏ କହିଲା ଓସ୍ତାଦ
କେ ଭାବିଲା ଅପେରା ନାୟକ
ଦର୍ଶକ କହିଲେ ଏତ
ଦେଶ ଭୂମି ମହା ବିନାୟକ ।
ସେ ହେଲା ପ୍ରଧାନମନ୍ତ୍ରୀ ...
ରାଜନୀତି ଚରିତ୍ର ନାୟକ ॥

---

*(ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି.ନରସିଂହରାଓ ପ୍ରଧାନମନ୍ତ୍ରୀ ହେବା ସମୟରେ ରଚିତ)*

# ପଦ୍ମ ପଲାଶ

# ଆତ୍ମ ସଂଳାପ

ବହୁ ସଂଳାପ ମଧ୍ୟରେ ଅଭିନେତାର ଆତ୍ମ-ସଂଳାପ ମଧ୍ୟ ରହିଛି । ମୋ ନିଜର ପରିଚୟ ଏବଂ ପରିସର ସାହିତ୍ୟରେ ସୀମାବଦ୍ଧ ରହିଲେ ବି, ରଂଗମଂଚର ମୁଖ୍ୟ ଅଭିନେତା ଯାତ୍ରାଦଳର ଓସ୍ତାଦ କହାଉଛି; ସବୁ କର୍ମର ବିବିଧତା ମଧ୍ୟରେ ମୋ ନିଜ ଭୂମିକା ମଧ୍ୟ ନାଟକୀୟ ହୋଇ ଯାଇଛି ।

ଅଭିନେତାର ଆତ୍ମ-ସଂଳାପ କେହି କେବେ ଶୁଣିପାରନ୍ତି ନାହିଁ । ରାମଚନ୍ଦ୍ରଙ୍କ ବେଶପୋଷାକ ପିନ୍ଧି ଅଭିନେତା ରାମଚନ୍ଦ୍ର ଗ୍ରୀନ-ରୁମ୍ ଭିତରେ ପଶି ବାଦ୍ୟକାର ମାନଙ୍କ ସହିତ ଗିନି ବଜାଇ ତାଳ ଦେଉଥିବା ଦେଖାଯାଏ । ବେଳେବେଳେ ଖଦାଣୀଙ୍କୁ ପଶିଆସି ପାଠକମାନଙ୍କୁ ସାହାଯ୍ୟ କରନ୍ତି । ତେଲ ମହଙ୍ଗାର ଭାର ବିଚାର କରନ୍ତି । ଦରକାରି ତାଙ୍କୁ ମତାମତ ଦିଅନ୍ତି, ଅଥବା ଦ୍ୱିମତ ହେଲେ କ୍ରୋଧ କରନ୍ତି ।

ରାଜା ରାମଚନ୍ଦ୍ରଙ୍କ ସଂଳାପ ବାହାରେ ଏହା ହେଉଛି ଅଭିନେତାର ଆତ୍ମ-ସଂଳାପ । ଅଭିନେତା ରାମଚନ୍ଦ୍ର ସାଧାଦେବାକୁ ସାରା ରାତ୍ର ଖୋଜିଖୋଜି ଦର୍ଶକମାନଙ୍କୁ ଆତ୍ମହରା କରନ୍ତି । ସକାଳ ପାହିଲା ବେଳକୁ ଟେଣ୍ଡା ଉପରେ ଚଢ଼ି ଯାଇ ନିଜ ଚାଷ ଜମି ଉପରେ ବି ପାଣି ମଡ଼ାଇବାକୁ ଲାଗି ପଡ଼ିଥାନ୍ତି ।

ଅଭିନେତା ରାମଚନ୍ଦ୍ରଙ୍କ ଭଳି, ମୋ ଭୂମିକା ସାହିତ୍ୟ ଜଗତରେ ନାଟକୀୟ ଏବଂ ମୁଁ ସେଥିରେ ମସଗୁଲ । ସବୁକର୍ମର ବିବିଧତା ନିଜ ଭାବନାକୁ, ମୋ ପାଖରେ ସାହିତ୍ୟର କୌଣସି ବିଶେଷ କର୍ମ କରିଦେଲା ନାହିଁ, ଯାହାଫଳରେ ମୁଁ ନିଜେ ଅଲଗାକରି ପାଠକମାନଙ୍କୁ ଚିହ୍ନାଇ ହେବି ।

ଭୂସଂସ୍କାର ହୋଇନଥିବା ଇଲାକାରେ ମୋ ନିଜର ଚାଷଜମି ରହିଛି । ମୋ ଖେତର ଚକବନ୍ଦୀ ହୋଇନାହିଁ । ତଥାପି ଚାଷୀ ନିଜର ଚିରନ୍ତନ ଅଭ୍ୟାସ ମଧ୍ୟରେ ନିଜ ଜମିରେ ଚାଷ କରେ । ମୁଁ ତାହା କରୁଥିବି । ଟ୍ରାକ୍ଟର ଚାଲୁ ବା ହଳ ଲଂଗଳ ଚାଲୁଥାଉ; ପାର୍ଥକ୍ୟ ନାହିଁ ।

ନାଟକ ବାହାରେ, ଅଭିନେତାର ନିଜ ସଂଳାପ ପୃଥକ ହେଲେବି, ତାହା ନାଟକ ଭିତରେ କିଛି କିଛି ମିଶିଥାଏ, କିଛିକିଛି ବାହାରେ ମଧ୍ୟ ରହିଥାଏ, ଯାହାକୁ ଦର୍ଶକମାନେ ଲକ୍ଷ୍ୟ କରି ନଥାନ୍ତି ।

ରଜନୀକାନ୍ତ ଦାସ

୧୨।୧।୧୯୯୬

# ରେଖା ଗଣିତ

ନିତି ଦିନ ତୁମ ସଂଗେ
ଦୁଃଖ ଓ ସଂଘର୍ଷ,
ହୁଏତ କାଳ-ବୈଶାଖୀ
ଅବା ମଧୁମାସ ।
ହୁଏତ ବା ନୀଳ ବନ୍ୟା
ଅବା ବାଲୁଚର,
ହୁଏତ ସମୁଦ୍ର ମଧ୍ୟେ,
ଗୋଟିଏ ବନ୍ଦର ।
ହୁଏତ ଗୋଟିଏ ପୁଷ୍ପ
କଂଟକିତ ବୃକ୍ଷେ,
ଅଥବା ସହସ୍ର ଫୁଲ
ମଣ୍ଡପ ସମକ୍ଷେ ॥

ତୁମ ମୋର ଚିହ୍ନା ନାହିଁ
କିଏ କେଉଁଠାରେ,
କାନ୍ଥବାଡ଼ ଚତୁର୍ଦ୍ଦିଗେ
ଅଜସ୍ର ପୋଷ୍ଟରେ ।
ପ୍ରତ୍ୟେକ ବସ୍ତିରେ, ପୁଣି -
ପ୍ରତ୍ୟେକ ଗଳିରେ,
ଘାଟ, ହାଟ, ପ୍ରାସାଦ ଓ
କୁଟୀର ଦୁଆରେ ।
ତୁମକୁ ଚେଟିଚି ବୋଲି
ଅପବାଦ ଘୋର,
ଯିଏ ସେ କରୁଚି କରୁ,
ଆମେ ତ' ନାଚାର ॥

ପ୍ରତିଦିନ ସଂଜେ
ଅବା ସକାଳର ବେଳା,
ଯେତେ ଫୁଲ ଫୁଟେ
ଯାହିଁ, ହୋଇ ଅବହେଳା,
ସେ ସବୁ ତୁମରି କଂଠେ
କରି ମାଳାୟିତ
ସଂପାଦନା କରୁଅଛି
ନିଜ ବୃତ୍ତି ପତ୍ର ॥

ବହୁ ସାଥୀ, ବହୁଜନ
ଶୁଣିବା କଥାରେ,
କେ ବିଶ୍ୱାସ ଯିବ କହ,
ମୋଅରି ସାଥିରେ ।
ତୁମେ ଥିଲ ପବନର
ଅରିବା ପଥରେ,
ନଦୀ ଘାଟ, ନୀପବନ,
ବୁଲାଣି ଘାଟରେ ॥

ତୁମେଥିଲ ମୃତ୍ତିଜନ
ଜନ୍ମ ପତ୍ରିକାରେ,
ତୁମେ ଅଛ ଅବିଶ୍ୱାସେ
ଅବା ବିଶ୍ୱାସରେ ।
ତୁମେ ଅଛ କୁସଂସ୍କାରେ
ଅବା ସୁ-ସଂସ୍କାରେ
ତୁମେ ଅଛ କେଉଁ ଦିନ
ଘାତକ ଶିବିରେ ॥

ମନ୍ଦିର ଓ ବିଦ୍ୟାଶାଳା
ପାଣିନି ସୂତ୍ରରେ,
ଗଣିତ ହିସାବ ପର୍ବେ
ଯୋଗ ଗୁଣନରେ ।
ତୁମେ ଏକ ମହାବଳୀ
ବାଳକ ହସ୍ତରେ
ଗଣନା ଯୋ' ଶିଖୁଥିଲା
ସ୍ଲିଲଟ ପଟାରେ,
-ବିୟୋଗ ହରଣବେଳେ
ଚକ୍ଷୁ ବିସ୍ଫାରିତ,-
ତୁମେ ତା' ପାଖରେ ଥିଲ
ପ୍ରଶ୍ନବାଚୀ ମାତ୍ର !

ତୁମେ ଆଧୁନିକ ମୁହିଁ
ଅଙ୍ଗ ପୁରାତନ,
ତୁମେ ଭ୍ରଷ୍ଟାଚାରୀ ମୁହିଁ
ଅସାଧୁ ଦୁର୍ଜନ ।
ତୁମଠୁ ଶିଖିଛି ମୁହିଁ
ସକଳ ଅନାସ୍ଥା
ଯେତେକ କପଟାଚାର
ଅବା ଦାମ୍ଭିକତା ।।

ତୁମ ମୋର ଦେଖାହେବ
ଯଦି, କେବେ କେବେ-
ଭିକ୍ଷାପାତ୍ର ହାତେଧରି
ବୁଲୁଥିବି ଯେବେ ;
ଅଥବା ମ୍ଳାନ ବସନେ
ହୋଇ କଣ୍ଟକ୍ବର,
ମାଗିବି ଭିକଟ, – ତୁମେ
ନ ଦେଇଣ ହୋଇଯିବ ଦୂର ।।

(ରଚନା : ୩।୧୧।୨।୮୨)

# ଡାକ୍ତର ଆରୋଗ୍ୟ !

ମୁଁ କହୁଛି ସତ୍ୟପାଠ-
ଜୀବଥାଉଁ ଈଶ୍ୱରଙ୍କ ଦ୍ୱାରେ
ଶଙ୍ଖନାଭି ମଣ୍ଡଳରେ
ଝରାପତ୍ର ଅଶ୍ୱତ୍ଥ ବୃକ୍ଷରେ-
ପଲ୍ଲବ ଆସିବ କାଲି
ଶୂନ୍ୟ ଆଜି ଔଷଧ ଭଣ୍ଡାର
ଚିକିତ୍ସକ ପ୍ରକୋଷ୍ଠରେ
ପୁଣି ହେବ ଶ୍ୱାସରୁଦ୍ଧ ମୋର ।

ହେ ରୁଗ୍ଣ ଚିକିତ୍ସାଳୟ !
ରୋଗୀମାନେ ଅସୀମ ଉତ୍କଣ୍ଠ
ଖଟିଆରେ ହାରପୋକ
ବିଛଣାରୁ ଦୁର୍ଗନ୍ଧ ଉଦ୍‌ଭଟ ।
ପାଡ଼ୁ ତାଙ୍କ ଗୁହାରର
ତୁମ ପାଖେ ଶାଣିତ ଆ ଛୁରି,
ଶୌର କର୍ମ ହେଉ ନାହିଁ
ତାହିଁ ଖଣ୍ଡେ ଦେଇ ଶ୍ରମ କରୁଛି ?

ନିଦାନ ପଞ୍ଜିକା ତୁମେ
ଛାଡ଼ିଦେଇ ଲାଲକଟା ଘରେ,
ନିହଣ ମୁରୁର ଛାଡ଼ି
ଏକୁଟିଆ ପେଷିତ ରାତିରେ ।
ଲଣ୍ଠନର କାଚ କଳା
ତୁଳା ଆଉ ବ୍ୟାଣ୍ଡେଜ ନଥିଲା
ରୋଗୀମାନେ ଯନ୍ତ୍ରଣାକୁ
ଭୁଲିଗଲେ, ସକାଳ ପାହିଲା ।

ଚତୁର୍ଦ୍ଦିଗେ ଲାଞ୍ଛ୍ୟ ବୃଦ୍ଧି,
ଶକ୍ତିବୃଦ୍ଧି, ଅଜସ୍ର ଘୋଷଣା,
ଲାଲ-କଟା ଘରେ ଖାଲି
ବାଜୁଥିଲା ଈଶ୍ୱରଙ୍କ ବୀଣା !
କାନ୍ଥର ଅନେକ ଚିତ୍ର
ପୁରାତନ ବସ୍ତି ଓ ଗ୍ରାମର
ଝରକାର ଅନ୍ଧକାରେ
ଲୁଚିଥିଲା, ପ୍ରାଚୀନ ଶୃଗାଳ
ନେବାପାଇଁ ମୁର୍ଦାରଙ୍କୁ,
ପେଟି ମଧ୍ୟେ କଂଟା ଠୁକିଦେଇ,

ଡାକ୍ତର ଆସିଲେ ଫେରି
ମୁଁ କାନ୍ଦୁଛି ଲୋତକ ଭସାଇ ।

ମୋ' ଛାତି କୁଟୁମ୍ବ ଯିଏ
ଚାହିଁ ଚାହିଁ ଡାକ୍ତର-ଆରୋଗ୍ୟ,
ପରମାୟୁ କ୍ଷୟକଲ
ଖଟିଆରେ ଶୋଇ ହତଭାଗ୍ୟ !
ସେମାନଙ୍କ କଥା ମୋର
ମନେ ପଡ଼େ ଛାଇଜଟା ଘରେ,
ସତେ ଯଦି ତୁମେମାନେ
କାଲି ପୁଣି ଖୋଜିବ ଅଧାରେ

ସେମାନଙ୍କୁ କହିଦେବ
-ହେ' ଈଶ୍ୱର ଉଦ୍ବୋଧ ନକରି,
ମୋର ଅପମୃତ୍ୟୁ ଲାଗି
ଦାୟୀ ନୁହେଁ ପ୍ରେତାତ୍ମାର ନାରୀ ।
ରାଜଦାଣ୍ଡେ ଥୋଇଦେଇ
ମୃତଶିଶୁ ରାଜାଙ୍କୁ ଡାକିଲା
ସମୟର ଦରବାରେ
କଇଫତ ଅଗ୍ରୁଟିଏ ନେଲା ।

(ଭଦ୍ରକ : ୧୨।୫।୮୩)

# ମଧ୍ୟବିତ୍ତର ଆତ୍ମନେପଦୀ

ହେ ସ୍ମରଣି !
ଗଳାତୁମ ସାଜିବ ଏଥର,
ଆସିଲାଣି ବଜାରକୁ
ସାଲ୍‌ସବ୍ଲି ନୂଆ ପଞ୍ଜିକା ।
ଧଳାପାରି, ଚକାମେଳି
ବତାଖଣ୍ଡ ସାଜିତ ପୃଥିବୀ,
ତୁମ ପରିଚିତ ମୁହଁ;
କାଲେଣ୍ଡରେ ନିତିଦିନ ଛବି ।

ଗୋଧୂଳି ଲୋହିତ ଛକେ
ଅଭିସାର ନିତ୍ୟ ନିମନ୍ତ୍ରଣ
ବଜାରର ବତାଖଣ୍ଡ
ଆମର ସେ' ମିଳନ ସାୟାହ୍ନ-
କେଜାଣି କେଉଁଠି ଆଦ୍ୟ
କେଉଁଠାରେ ହେଲା ପୁଣି ଶେଷ
କେଉଁଠାରେ ଲେଖାଜିତ,
ତୁମ ପାଇଁ ମୋ ଭାରତବର୍ଷ ?

ଚାହୁଁଥିବେ ଅରସିକେ
ଉଦାସିଆ, ଅସ୍ନେହୀ ଗ୍ରାହକେ,
ପାଖକୁ ଆସିଲେ ପୁଣି
ଫୁଟିପଡ଼ି ଫେରୁଥିବେ ଥୋକେ ।
ଘୂରିବେ ବିପଣି ସାରା
ଲକ୍ଷ୍ୟହୀନ ବିତର୍କିତ ମନ,
ଗୋଟିଏ ତାରିଖ ଲାଗି
ହରାଇବେ ଅନେକ ସୁଦିନ ।

ଜାଣେନା କିଏ ସେ ତୁମେ,
ମାନମୟୀ ଦୁର୍ଘଟଣା ଦେବୀ,
କେଉଁଠାରେ ଲୁଚାଇଲ
ମୋ ମନର ଶ୍ୟାମଳ ପୃଥିବୀ ।
ତୁମରି ନୂତନ ପଠା,
ଫୁଲଫଳ ଉଦ୍ୟାନ ରଚନା
ଅତର୍କିତେ କେ ଦେଲାଣି
ତୁମକୁ ମୋ ସହର ଠିକଣା ।

ଡାଲିରେ ଶଷଟ୍ ଚୋଡ଼ି
ତେଲଡ଼ବା ଗଷଟ୍ ଘସରା
ଦୁର୍ଯ୍ୟୋଧନ ଗଦାଘାତେ
ହୁଏତ ବା' ଶତଗ୍ରାମ୍ ଖଲା !
ଗୁଣ୍ଡ ଦୁଧ ଘଣା ହେଲା
କେ ଗୃହିଣୀ ଲଜ୍ଜାଶୀଳା ନାରୀ,
ପ୍ରେରକଙ୍କୁ ଦୋଷଦେଇ
ଅପରାଧ କରିବ ଗୁହାରି ?

ପ୍ରତ୍ୟୁଷ କାକଳି କଂଠେ
ମୂଲ୍ୟସୂଚୀ ନିତ୍ୟ ବିବର୍ଦ୍ଧନ,
କାହିଁ କିଏ ଡାକିଦେଲା
ଅଜ୍ଞାତରେ ଏ' ଶୁଭଲିଖନ ।
ହାକିମ ବିବାହ ଭୋଜି,
ନୃତ୍ୟଶାଳା ଶୁଭ ଉନ୍ମୋଚନ,
ଏ' ସବୁରେ ବଢ଼ିଗଲା
ସହରର ନିତ୍ୟ ତାପମାନ !

ମନେ ମୋର ଖେଦ ନାହିଁ
ହେ ସୁରଭି ! ସତ୍ତା ତୁମ ଭରା,
ନାଉଲାନ ଜାଲ ଛାଡ଼ି
ଚାଲ ଆମେ ମାଛ ମାରି ଯିବା,
ବଜାର ନର୍ଦ୍ଦମା ପାଣି
ମାଛ ଚାଷ ଯାଆଁଳ ପୋଖରୀ,
କୃଷ୍ଣପଟ ଶ୍ୟାମବେଣୀ,
ଉର୍ବଶୀର କୁଚ ସ୍ପର୍ଶକରି
ତୁମ ଅସଂଲଗ୍ନ ବେଶ
ବଡ଼ାଖୁଣ୍ଟ ଅଳସ ଚକୋରୀ,
ମଧ୍ୟବିତ୍ତ ମଣିଷର
ବିଳଂବିତ ଆଶା ଆଶାବରୀ ।

ହେ ସୁରଭି, ଶସ୍ତା ହେଉ
ମୋହ ପାଇଁ ଗଭା ଫୁଲହାର,

ଅସହାୟା ଜନନୀର
ମାତୃସ୍ନେହ କରୁଚି ଚିତ୍କାର !
ଲହୁଣୀ ଗୋଦାମ ଘରେ
ଶୀତାତାପ ନିୟନ୍ତ୍ରିତ କକ୍ଷେ
ପଶିବାକୁ ଭୟଲାଗେ
ସହରର ଚେସାବୋଡ ଫାଙ୍କେ,
ବଡ଼ାଖୁଣ୍ଟ ନର୍ଦ୍ଦମାର
ପରିଚିତ ଅନ୍ଧାର ଗଳିରେ
ଫେରିଆସ, ଫେରିଆସ
ଅସହାୟ ମଣିଷ ଶିଶୁରେ !
ତୁମରି ଭାରତବର୍ଷ
ହରିତାଭ ଜନଭରା ଦେଶ,
ସୂର୍ଯ୍ୟୋଦୟ କେବେ ହେବ
ଅପେକ୍ଷାର କରିବ ଅବଶ୍ୟ !

ତୁମ ପାଖ ରେସ୍ତୁରାଁର
ଫୁଟ୍‌ପାଥ ଧାରେ କେବେ କେବେ,
ରାଜାପୁଅ, ମନ୍ତ୍ରୀପୁଅ,
ବୈଶ୍ୟପୁତ୍ର ସମେତ ମିଶିବେ ।
ଦୁର୍ଗନ୍ଧ ବସ୍ତିକୁ ଦେଖି
ଯିବାଲାଗି ନୂତନ ବନ୍ଦର
ସେମାନେ ଯେ ସଜବାଜ
ମଣକଙ୍କ ପୂର୍ବ ସହୋଦର !

ବୈଦୁର୍ଯ୍ୟର ହାର ତୁମ
ଶ୍ୟାମାଙ୍ଗିନୀ ଭୁଲିଯାଉଥାଉ,
ପୋହଳାର ମାନପତ୍ରି
ଚାଲିଯିବା 'ସୁରଭି-ବଜାର' ।
ଯେଉଁଠାରେ ପ୍ରେମ-ଶଯ୍ୟା
ପୁଷ୍ପହୀନ, ପଣ୍ୟ ପ୍ରେମହୀନ
ଯେଉଁଠାରେ କାଚ ହୀରା,
ହୀରାମାନେ କାଚରୁ ମଳିନ ।

ଯେଉଁଠାରେ ଦୁଷ୍ଟ-ବାଙ୍କେ
ଅତର୍କିତ ସର୍ପର ଗରଳ,
ସେଇଠାରେ ମଣିଷଙ୍କ
ଚିରନ୍ତନ ବିଶ୍ୱାସର ମୂଳ

ଖୋଳାହୁଏ, ପୋତାହୁଏ
ନୂଆତଳୁ ନୂତନ ବନସ୍ତ
ଚାଲ ଆମେ ଝୁଣ୍ଟିପଡ଼ି
କିଣିନେବା ଫସଲ ସମସ୍ତ ।

(ରଚନା : ୧।୯।୧୯୮୭)

# ବିଦୀର୍ଣ୍ଣ ପଳାଶ

ବାହାନୁଗା ବଜାରରୁ
ଆସିଛନ୍ତି ବର;
ବେପାରରେ ବଡ଼ ପକ୍କା
ମିଳି ସୌଦାଗର ।
ବର ଓସ୍ତ ବେନି ବୃକ୍ଷେ
ପତ୍ରମାନ କରିବେ ସୁମାଧି
ଯେତେ ଫଳ ଫୁଲ ତାଳ
ବନସ୍ତରେ ଉଠିବେ ଶିହରି ।
ଉଡୁଥିବ ଗେଣ୍ଡାଳିଆ
ଗାଉଥିବେ ସମସ୍ତଙ୍କ ପର,
ଗୋରୀ ଝୁଅ କାନ୍ଦିବନି
ଏ ଦୂରରେ ଦେଖ୍ ବୃନ୍ଦାବନ ।

ବାହାନୁଗା ବଜାରରୁ
ଆସିଛନ୍ତି ବର;
ବେପାରରେ ବଡ଼ ପକ୍କା,
ତାଙ୍କ ବାପା ବଡ଼ ସୌଦାଗର ।
ଭାରିକବା କଣା ଅଛି,
ପିତଳର ଖାଣ୍ଟି ବଟକରା,
କଷଟି ପଥର ଖଣ୍ଡେ
ଆଣିଛନ୍ତି ଶ୍ରୀ ଦନ ବେହେରା ।
ମଧବିର ମଣିଷକୁ
କରିବାକୁ ଅଭିଶାପୁଁ ମୁକ୍ତି,

ଛାତିର ପଞ୍ଜରାହାଡ଼
ଟାଣିଦେବେ ଆଜି ବରଯାତ୍ରୀ ।

ଆମ ଘର ଅହଲ୍ୟାକୁ
ପଦ୍ମବନୁ ଉଦ୍ଧରିବା ପାଇଁ,
ପାଦ ମାଡ଼ି ସ୍ୱର୍ଣ୍ଣକୋଡ଼ା,
କଂସରାଜା ବନ୍ଦିଶାଳେ ଯାଇ
ହେ ନିରୀହ ବସୁଦେବ
ତୁମେ ପରା କରିବ ଗୁହାରି
ସାତ ଜନ୍ମ ଘଣାପେଲି
ହେବାଲାଗି କନ୍ୟା-ଦାୟୁ ପାରି ।

ବାହାନୁଗା ବଜାରରୁ
ଆସିଛନ୍ତି ବଡ଼େ ସୌଦାଗର,
ବେପାରରେ ଧୁରନ୍ଧର
ଭାଉ ମୂଲେ ଅତି ସୁଚତୁର ।
ସବୁ ଗୋଟିଗୋଟି ଦ୍ରବ୍ୟ
ତାଲିକାରୁ ଦେଖନ୍ତି ମିଳାଇ,
ଖାତକ ଉଧାରପଟା
ଘାତକର ତମସୁକ ବହି,
ଖୋଲି ଦେଖ୍ ମିଳାଉଛି
ସତେ ଅବା ବ୍ୟାଙ୍କ ମେନେଜର

ନିଚ୍ଛକ ଖାତକ ହାତେ
ପିନ୍ଧାଇବ ଲୁହାର କଂଟିଲ !

ନୂଆ ରାଜଦୂତ ଗାଡ଼ି
ଶ୍ୱଶୁରଙ୍କ ଅଙ୍ଗୀକାର ମାତ୍ର,
ହଂସଦୂତ ଚୋଇଁ ତାଙ୍କ
ଖୋଲୁଛନ୍ତି ମହା ଐରାବତ ।
ବିଦୀର୍ଣ୍ଣ ପଳାଶ ଫୁଲ
ହେମଶସ୍ୟ ଗ୍ରାମର ସୀମାନ୍ତେ,
ଶାଶୁ ନଣନ୍ଦ ଗଂଜଣା
ସହିବାକୁ ପରଦିନ ପ୍ରାତେ ।
ଅହଲ୍ୟା ଭଉଣୀ ମୋର
ଗାଁ-ଦାଣ୍ଡ ହୋଇଗଲା ପାରି,
ଝାଉଁଳିଲେ ବନସ୍ତର ଫୁଲ ସବୁ
ପତ୍ରଗଳା ଝରି ।

ମୃଗୁଣୀର ସ୍ମୃତିପଢ଼ି
ପିତୃଦେବ କରୁଛି ତର୍ପଣ,
ଊନବିଂଶ ଶତାବ୍ଦୀର
ସୁଝିବାକୁ ପୁରାତନ ଋଣ ।
ଦୁର୍ମୂଲ୍ୟ ସୁବର୍ଣ୍ଣ ଆଜି
ସତୀଦାହ ପୁନଃ ଆବଶ୍ୟକ,
ନାରୀଶିକ୍ଷା ସ୍ୱାଧୀନତା
ଏ ଦେଶର ସାଦା ତମସୁକ ।
(ରଚନା : ୪।୨।୧୯୮୭)

# ଟଙ୍କାକିଆ ନୋଟ

ଆମେ ଶ୍ରାନ୍ତ,
ଆମେ କ୍ଲାନ୍ତ,
ବିଦାୟ ଦିଅ ମା !
ଈଶ୍ୱର ବନ୍ଦନୁ ସିଢ଼ି
ବନ୍ଧୁ ତାଙ୍କ ସଂଚୟର ଜମା ।
ବସନ୍ତ ପବନ ବାଜୁ
ଝରୁଥାଉ ବଉଳର ଫୁଲ,
ମାକାଳାର ଫୁଲ ଗୁଂଥୁ
ବନ୍ଧାଇବି ଅତ୍ୟନ୍ତ ଦୁର୍ମୂଲ୍ୟ ।

ଅସଂଖ୍ୟ ଚରିତ୍ର ହାତ,
ସମୟର ଘନ ଆକର୍ଷଣ
ଲାଗିଥିଲା ପାନପିକ
ଦିଶୁଥିଲା କୁଙ୍କୁମର ଚିହ୍ନ ।

ମଇଳା ମସୃଣ ଗାଲ,
ରେଖାଙ୍କିତ ବିବର୍ଣ୍ଣ ଚିବୁକ
ମୂଲ୍ୟହୀନ ହୋଇଗଲା,
ଭୟ ପାଇଁ ଯେତେ ଭଦ୍ରଲୋକ
ବାଟ ଭାଙ୍ଗି ଚାଲିଗଲେ
ରିକ୍ସାବାଲା ଛାଡ଼ିଯାନେ ଓଦା,
ଭାର-ସାମ୍ୟ ହରାଇଲା
ଗୃହିଣୀର କ୍ଷୁଦ୍ରତମ ମୁଦ୍ରା ।

ସମୟର ସବୁଠାରୁ
ଦ୍ରୁତଗାମୀ ପକ୍ଷୀମାନେ ଶୁଣ,
ବନ୍ଧୁ ହସ୍ତେ ରାଖୀ ବାନ୍ଧି
ତୁମେ ଆଜି ଶ୍ରାନ୍ତ ଅକର୍ମଣ୍ୟ ।
ଜତୁ ଗୃହ ଜଳିଗଲା
ପଣ୍ଡୁପୁତ୍ରେ ପଶାପାଲି ହାରି
ଦ୍ରୌପଦୀଙ୍କ ବସ୍ତ୍ର ସବୁ
ନେଇଗଲା ଦୁର୍ଯ୍ୟୋଧନ ହରି ।
(ରଚନା : ୧୧.୬.୧୯୮୩)

# ଆସାମ

ଗୋଟିଏ ଲିପିର କଣ୍ଠେ
    ଦୁଇ ଧ୍ୱନି, ଦୁଇଟି ଝଂକାର
ଯଦ୍ୟପି ସମ୍ଭବ ନୁହେଁ
    ଏକ ଭାଷା, ଚାରି ବେଦସ୍ୱର ।
ଯଦିବା ସମ୍ଭବ ନୁହେଁ,
    ଏକ କୋଷେ ଦୁଇ ତଲବାର,
କାମରୂପ ବନସ୍ତରୁ
    ତୋଳି ଆଣି ରକତ ମନ୍ଦାର
ସମୁଦ୍ରେ ଭସାଇ ଦେଇ
    ତୁମେ ଯଦି ଅପେକ୍ଷା କରିବ,
ଦେଖିବ ଭାରତବର୍ଷ
    ସବୁ ନଦୀ ଲାଲ ହୋଇଯିବ !

ଧଳାଜାଙ୍ଗି ଫୁଲ ଦଳି
    ତୁମେ ତାଙ୍କୁ ଦେଇ ଜୀବନ୍ୟାସ,
ଦିବସରେ କୃଷ୍ଣ-ମେଷ
    ଯାମିନୀରେ ମକର-ମଣିଷ ।
ମଣିଭାର ବେରାବାଡ଼େ
    ଲୁଚିଥିଲେ ଯେତେ ଆଗନ୍ତୁକ,
ଦ୍ରାକ୍ଷାର ବନସ୍ତେ ଆଜି
    ଅଜଗର ସବୁ ଭୟାନକ ।

ତୁମରି ଭୂଲୋକ ଖୋଲି
    ଅବାରିତ ଅନନ୍ତ ତୋରଣ
ଇତିହାସ ଶ୍ଳଥପତ୍ରେ
    ବିଚ୍ଛେଦର ବହୁ ଅଶ୍ରୁ ଚିହ୍ନ ।
ପ୍ରେମ ଓ ସଂଘର୍ଷ ଭୂମି
    ଶତାବ୍ଦୀର ତୁମେ କାମରୂପ,
ତୁମରି ପୀଡ଼ିତ କଣ୍ଠେ
    ବାଗ୍‌ଦେବୀର ଅଜସ୍ର ବିଳାପ ।

ଏକ ବୃନ୍ତେ ଦୁଇ ଫୁଲ
    ଏକମାତ୍ର ଭାଷା ପରିବାର,
ଗୋଟିଏ ଲିପିର କଣ୍ଠେ
    ଦୁଇଗୋଟି ପ୍ରତିବାଦ ସ୍ୱର ।
ସାମ୍ରାଜ୍ୟର ଆତଙ୍କକ
    ବୃଷ୍ଟି-ଘନ-ସବୁଜ ପ୍ରାନ୍ତରେ
କାଛାରର ମାଟି କାଂଥେ
    ବ୍ରହ୍ମପୁତ୍ର ଉପତ୍ୟକା ଧାରେ ।
ପୁରୁଣା ସମ୍ଭ୍ରାନ୍ତ-ବୋଧ
    ମାଂଚେଷ୍ଟର ଲୁଗାଧଡ଼ି କୁଂଚେ,
ଅନେକ ସଂଗୀତ ସ୍ୱର
    ଉଠିଥିଲା ଆକାଶର ମଂଚେ ।
ମେଖଳାର ନୂପୁରରେ
    ବଂଗଲିପି କୋମଳ ଗାଂଧାରେ
ଚେରାପୁଞ୍ଜି ବନସ୍ତରେ
    ଚାହାକ୍ଷେତ, କଫି ଉଦ୍ୟାନରେ !
ସାହେବୀ ବୈଠକଖାନା
    ଧୂମାୟିତ ସ୍ନିଗ୍ଧ ଚୁରୁଟିରେ
ସବୁରେ ଅଦୃଶ୍ୟ ଥାଇ
    ଅଟକିଛି ବେଦନା ଛାତିରେ !!

*'ଶେଫିଲ୍ଡର ତରବାରି'
    ଭାଷାଶିକ୍ଷା ଦେଉଥିଲା ଆଗେ,
ଆମେ ତାକୁ ବରିନେଲୁ
    ବଂଚିବାର ସନନ୍ଦ ସାଥିରେ ।
ପୁରାତନ ଥୁକଦାନୀ
    ସୁନାପ୍ରେମ ଦେଉଛି ଚାହାଣୀ,
ଅଙ୍ଗ, ବଙ୍ଗ, କଳିଙ୍ଗର
    ଛିନ୍ନ ପୃଷ୍ଠା ସୂର୍ଯାସ୍ତ-ଆଇନ ।

ସେ ସନନ୍ଦ ଅବଲୁପ୍ତ,
    ତରବାରୀ ଆଜି ଛଦ୍ମମସ୍ତ;
ପଞ୍ଚଦଶ ଭାଷା କଣ୍ଠେ
    ସ୍ୱୀକୃତିର ନବ ସଂବିଧାନ ।

ଭାରତ-ଭାରତୀ କଂଠେ
ପଞ୍ଚଦଶ-ମୁଖୀ ବେଦସ୍ୱର
ପଦଭଟି ନାଗୁଣୀଙ୍କୁ
ଖେଳାଉଛି ଏକ ନାଗେଶ୍ୱର ।

ଏକ ବୃନ୍ତ ଦୁଇ ଫୁଲ :
ଏକମାତ୍ର ଭାଷା ପରିବାର
ଏକାକୀ ଗାୟକ ନୁହେଁ
ଲୋଡ଼ା ସାଥି - ନିହିତ ଆଶର !
(ବଂଗ ଆସାମ ରାଜନୈତିକ ଭାଷା
ବିବାଦର ସ୍ମୃତି ।)

ରଚନା କାଳ : ୬.୩.୧୯୮୩

*ଇଂଲଣ୍ଡ ଦେଶର ଷେଫିଲ୍ଡ ସହରରେ ନିର୍ମିତ ଉତ୍କୃଷ୍ଟ ଇସ୍ପାତ ତରବାରୀ

# ମାଲୁଣୀର ସଂକଟ

ଗୀତପଦେ ଶୁଣିବାକୁ
ଆସିବ ନାଗର,
କଂଟଦେଇ ଆସିଥିଲା
ମନ ସୌଦାଗର ।
ଉଚ୍ଛୁଳା ଜହ୍ନ ରାତିରେ
ଆସନ୍ତକୁ ଆସି
ବୁଝି ନପାରିଲ, କହିଁ,
ରହିଲ ଉଦାସୀ !
ମାଲୁଣୀର ଫୁଲ ଗଭା
ଝୁରିଁଦେଇ ଥରେ,
ଫୁଲହାଟ ପସରାକୁ
ଜଉଡ଼ି ହାତରେ
ଆସି ନାହିଁ ବୋଲି,
କଲ ଛଳନା ଅପାର
ଗୀତ ପଦେ ଶୁଣି ମୋର,
ଫେରିବ ନାଗର !

ଆଶା ଭଗ୍ନ ସେ ନାୟିକା
ମନର ଆକୁଳେ
ସୁବର୍ଣ୍ଣ ମୁହୂର୍ତ୍ତ ଗିଣି
ବସିଥିଲା ତଳେ ।

ଆଖିରେ ଟେକାଏ ନଣ
ବିଦୀର୍ଣ୍ଣ କଜ୍ଜଳ,
ସତେ ଅବା ପାଖୁଡ଼ାଏ
ଲୋହିତ କମଳ !

ସବୁଜ ସ୍ୟାହିରେ ଭିଜା
ଶ୍ୟାମ ଦୁର୍ବାଦଳ,
ତୁମେ ଦେଲ ପାନପିକ
ପିଙ୍ଗିଦେ ନାଗର !
ସିଗାରେଟ ଧୂଆଁ ଛାଡ଼ି
ପ୍ରଥମ ପ୍ରହର
ଉଠିଗଲ ଗାଲିଚାରୁ
ଭାଙ୍ଗି ଲୟ ସ୍ୱପ୍ନ ।

ଆସରଟି ସରି ନାହିଁ,
ତାସରଟି ବାକୀ,
ପୁରୋହିତ ଆସି ନାହିଁ
ମାଳିନି ବିଦାକି
କଂଠସ୍ୱର ଖୋଲି ନାହିଁ-
କବି ଗାୟକର

ନାୟେ ଉଠିଥିବ
ତୁମେ କି ନାଗର !

ଆଳାପୀ କାରଙ୍କେ ରେଖା,
ନୀଳ ହସ୍ତାକ୍ଷର
ଅଙ୍ଗୁଳିରୁ କିଛି ରକ୍ତ
ଝରିଥିଲା ତାର !
ଫୁଟିଥିଲା ନୀଳପଦ୍ମ
ମନର ମୃଣାଳେ;
ଗୁଂଥିଥିଲା ମାଳାଟିଏ
ହୃଦର ମରାଳେ,
ଡାକୁଥିଲା ହାତଠାରି
ଦେବାକୁ ପଠାଇ
ଦୂର ଦିଗନ୍ତର ମାଝି
ଠିକଣା ନପାଇ !

ଝୁରିଁଦେଲା ସ୍ୱର୍ଣ୍ଣଚୂଡ଼ା
ମୂକ ହେଲ ନାଇଁ,
ଜିପାଥାରେ ଯାହା କିଛି
କହିଲା ସେନାଇ !
ସଜୁଥିଲା ରୂପକଳ୍ପ
ମଙ୍ଗଳାଚରଣ,
ବହୁନୃତ୍ୟ ନଖକ୍ଷୁଣ୍ଣ
ହେଇ ଅନ୍ତର୍ଦ୍ଧାନ !

କିଛି କିଛି ହସ୍ତ ମୁଦ୍ରା
ଅଙ୍ଗର ଚାଳନା,
ନ ବୁଝିଲେ କେ' କରିବ
ରସିକେ ଗଣନା !
ସମୟ ବଦଳି ଚାଲେ
ନବ-ଶିଳ୍ପାୟନେ,
ଅନେକ ପରୀକ୍ଷା ମଧେ
ଅନେକ ମଂଥନେ !

ସାତଟି ସମୁଦ୍ର ପଣ୍ଟା-
ଜଳ ନିରୀକ୍ଷଣ
ଅନେକ ବଂଦର ଘାଟ
ଅନେକ ତୋରଣ !

ଭାଷାର ମୁହାଣ ସ୍ରୋତେ
ଆମ୍ଭ ନିବେଦିତ
ସାଧକର ପୁଷ୍ପାଞ୍ଜଳି
ଅନେକ ବି ବ୍ୟର୍ଥ !
ତଥାପି ସେ' ଆଶୁସାର
ନୂଆ ଯାତ୍ରୀ ଦଳ
ତୀର୍ଥକରି ଫେରିଛନ୍ତି
ଶଙ୍ଖକ୍ଷେତ୍ର ଜଳ;
ତୁମେ ତାଂକ ପାତ୍ରେ ଦିଅ
ସପ୍ତଗଙ୍ଗା ଧାରେ -
ସେ କରିବେ ପ୍ରତ୍ୟର୍ପଣ
ଅସୀମ ଶ୍ରଦ୍ଧାରେ !

କବିତା ଶ୍ରୋତାର ସ୍ନେହ,
ମୋହାବିଷ୍ଟ ମନ
ଶ୍ରଦ୍ଧାହୀନ ଜଗତରେ
ଆମ୍ଭ ନିବେଦନ-
ବ୍ୟର୍ଥହୁଏ, କବିତାର-
ମହତ ଆସର
ତାହାଠାରୁ ଚେନାଚୁର
ଚାନା ମଜାଦାର !
କବିତା ବନିତା ଲତା
ତଥାପି ଏବେ ବି,
କବିତା ବନିତା ମୋର
ଧର୍ଷିତା ପୃଥିବୀ !
ଲତା ପାଇଁ ହର୍ମ୍ୟଶାଳା
ଚଢୁଙ୍କ ପ୍ରାଚୀର

ଦରିଦ୍ର କୁଟୀରେ ଭୂଷଣ
ସାହିତ୍ୟ କାଞ୍ଚନ !!

କବିତା ମୋ ଛନ୍ଦତୋଳେ
ମନର ବୀଣାରେ;
ନିର୍ଜନରେ, ଏକାନ୍ତରେ
ବହ୍ନିଶିଖା ଘରେ ।
ଦୁଃଖେ ଶୋକେ,ଅବସାଦେ
ଗ୍ଲାନି ଓ ବ୍ରୀଡ଼ାରେ
କବିତା ପ୍ରଲେପ ଦିଏ
ମାନସ ପୀଡ଼ାରେ ।

ଜୀବନ ଉଦାସମୟ ।
ବିଚ୍ଛିନ୍ନତା ବୋଧ-
ଦୁର୍ବଳତା, ସଂକୀର୍ଣ୍ଣତା
ପରାଜୟବାଦ
କବିତା ହରଣ କରେ
-ଅବମୂଲ୍ୟାୟନେ,
ସକଳ ସ୍ତରର ଜ୍ୱାଳା
ରସଶୂନ୍ୟ ପ୍ରାଣେ ।
ଦିଏ ପୁଣି ବଂଚିବାର
ପରମ ଅହ୍ଲାଦ :

କବିତା ହିଁ ଜଗତରେ
ଜୀବନର ଛନ୍ଦ ।

ଗୀତପଦେ ଶୁଣି ମୋର
ଫେରିବ ନାଗର,
ମୁଦି ବଂଧାଦେଇ ଆଜି
ମାଲୁଣୀ ପାଶର ।
ସେ' କିସ କବିତା ଲେଖା
ମନ ନ ପୂରିଲେ,
ସେ କିସ କବିତା ହେବ
ଛନ୍ଦ ନ ତୋଳିଲେ !

ଅବୋଧ ରହିବେ କବି
ସୃଷ୍ଟି ଅଭିମାନୀ
ଯଦି ହେବେ- ଶ୍ରଦ୍ଧାହୀନ
ପାଠକଙ୍କ ଶ୍ରେଣୀ ।
ପ୍ରଣୟୀ ଲମ୍ପଟ ହେଲେ
ବଢ଼ିଯିବ ଦ୍ୱନ୍ଦ୍ୱ
ମନ ଫାଟିଗଲେ ହେବେ
ନାୟିକା ଦୁର୍ବୋଧ !

(ରଚନା : ୧।୭।୧୯୮୧)

# ଭିଏତନାମ୍

ଶୃଙ୍ଖଳିତ ଜୀବନର ସ୍ମରଣିକା
ଗୋଟିଏ ଦେଶର,
ବାଢ଼ିଛନ୍ତି ପଢ଼ିବାକୁ ସାମ୍ବାଦିକ
ଖରେନ୍ ସକାର,
କ୍ଷୁଦ୍ର ଏକ ଅଭିଲେଖ
ତୁମେ ତାକୁ ପଢ଼ିଥାଇପାର,
କହିବକି ତା' ଭିତରୁ
କିଛି କିଛି ନୂଆ ଆବିଷ୍କାର

ତୁମ ମହାଜାତି ପାଇଁ
କେବେ କେତେ ଥର ?

ସ୍ଲୋଗାନରେ, ଭାଷଣରେ
ବିବୃତିରେ, ସଭା ସମିତିରେ,
ଅବା ପ୍ରତିରକ୍ଷା କୋଷେ
ସ୍ୱର୍ଣ୍ଣ ରୌପ୍ୟ ଦାନ ଦାତନରେ

ଯେଉଁ ଦେଶ ରକ୍ଷାକରେ
  ସ୍ୱାଧୀନତା, ଆଣେ ସାମ୍ୟବାଦ
ସେ ଦେଶର ନଗରୀ,
  ଶୁଣବାରେ ହାନୋଇ ସଂବାଦ ।

ପ୍ରତ୍ୟୁଷର ପୂର୍ବାଭାଷେ
  ନିଦ୍ରାତେଜେ ହାନୋଇ ନଗରୀ
ସକାଳ ଛଅଟା ବାଜେ
  କର୍ମକେଂଦ୍ରେ ମଣିଷକୁ ଘେରି ।
ଖୋଲେ କଳକାରଖାନା
  ମେଳିଯାଏ ଅଫିସ ଦସ୍ତର
ସୁଦକ୍ଷ ଜାତି ବୋଲି
  ତୁମେ କିଛି ଜାଣିନାହିଁ ପାର !
ଚାରିଆଡ଼େ ଚଂଚଳତା
  ମଣିଷଙ୍କ କର୍ମ କୋଳାହଳ ।

ରାସ୍ତାରେ ପୁଲିସ ନାହିଁ
  କଟକଣା, ଜଞ୍ଜାଳ ହାନ-
ସହରରେ ଚାଲିଅଛି
  ଅବାରିତ ଯାନ ଓ ବାହନ !
ଆତ୍ମ-ସଚେତନ ଜାତି
  ଶୃଙ୍ଖଳିତ ଜାଗ୍ରତ ମଣିଷ,
ଜୀବନର ପଦେପଦେ
  ଖୋଜେ ନାହିଁ ଶାସନ ଅଙ୍କୁଶ !
ପୁରାତନ ଜାତି ଅବା
  ଗୃହପୋଷା ଜାନୁଆର ପରି
ଲୋଡ଼େନାହିଁ ରାସ୍ତାଧାରେ
  ଚାବୁକର ଘଂଟି ହୁଇସିଲ ।

ହୋ-ଚି-ମିନ୍ ଦେଶେ ଯାଇଁ
  ଦେଖାନାହିଁ ପ୍ରାଇଭେଟ ଗାଡ଼ି
ଅୟୁତ ମଣିଷ ଭରା
  ରାଜଧାନୀ ବିଶାଳ ନଗରୀ

ଆଭିଜାତ୍ୟ ଶ୍ରେଣୀ ଶୂନ୍ୟ !
  (ମାନ ଅବା ତୁମେ ନାହିଁ ମାନ)
ସରକାରୀ ଟ୍ରାମବସ୍
  ଏକମାତ୍ର ଜନତା ବାହନ ।

ନଭଚୁମ୍ବୀ କୋଠାନାହିଁ
  ସାମନ୍ତଙ୍କ କେତେଟି ପ୍ରାସାଦେ
ଫରାସୀ ଉପନିବେଶ
  ସ୍ମୃତି ଯାହା ମଣିଷକୁ ବାଧେ !
କିନ୍ତୁ ଏ' କି ପୃଥିବୀର
  ନବତମ ବିସ୍ମୟ ସହର
ପ୍ରତିଟି ମଣିଷ ଲାଗି
  ଅଛି ଖାଦ୍ୟ ଅଛି ବାସଘର !

ମନ୍ତ୍ରୀ ଆଉ ସାଧାରଣ
  ଏଠି ତାର ନାହିଁ ବ୍ୟବଧାନ,
ଏ' ବିଚିତ୍ର ଦେଶେ ନାହିଁ
  ସରକାରୀ ବିଶାଳ ଭବନ ।
ମୂଲ୍ୟବାନ ଗାଡ଼ି ନାହିଁ,
  ଦେଖିବେ ନାହିଁ ଆଡ଼ମ୍ବର
ଅର୍ଦ୍ଦଳି, ପିଅନ ଅବା
  ଗୃହରକ୍ଷୀ, ସନ୍ତ୍ରୀ ଦଳବଳ ।
ମଂତ୍ରୀଙ୍କ ବାସ ଭବନେ
  ଲାଗେନାହିଁ ପୁଲିସ ପହରା,
ମନ୍ତ୍ରୀ ଆଉ ସାଧାରଣ
  -ଏ ଦେଶରେ ଗୋଟିଏ ଚେହେରା !

ଜନତାର ଦେଶ ଏଇ-
  ଚତୁର୍ଦ୍ଦିଗେ ଏକ ପରିଧାନ
ଶ୍ରମିକ ହାକିମ ସର୍ବେ
  ଏକାକାର । କାର୍ପାସ ବସନ
-ରଂଗୀନ, ସରଳ, ସାଦା !

ଆଜି ଅଜା ଗାଲି ଟୋକା
ଏ ବର୍ଷ ସେ କଲେଜକୁ ଗଲା,
କଳା ଟୋକା ଲୋଡ଼ା ହେବ
କାଲି ମତେ ଝିଂଗାସି କହିଲା
ନାତୁଣୀ ଘରକୁ ଯିବ,
ଅଷ୍ଟମୀର ନୂଆ ସୁଏଟର,
ଘରଭଡ଼ା ବାକୀ ହେଲା,
ବାରମ୍ବାର ଆସୁଚି ଖବର ।
ବାଣ୍ଟଘରର ବାତାୟନେ
ନେପଥ୍ୟରୁ ଗୃହିଣୀ ଈସରା,
ନୂଆ ବନ୍ଧୁ ବିଭାଘର
କାହେଁ ତୁମେ ଭୁଲିଯିବ ପରା !

ଶେଯରୁ ଉଠିଲାକ୍ଷଣି
ଈଶ୍ୱରଙ୍କୁ ଡାକେ ବାରମ୍ବାର,
ଆଜି ହେଲେ ନବାହାରୁ
ଗୃହିଣୀଙ୍କ ନୂଆ ଇସ୍ତାହାର ।
ନିତି ଗୁଣୁଗୁଣୁ ହୋଇ
ସ୍ତୁତି ପଢ଼ି ସହସ୍ର ନାମର,
ଫୁଲ ଦେଇ, ଧୂପ ଜାଳି
ଡାକୁଥାଏ ପ୍ରଭୁ ରକ୍ଷାକର !
ହେ ଦେବତା ମଧ୍ୟବିତ୍ତ
ମଣିଷର ସ୍ୱତନ୍ତ୍ର ଓକିଲା
ଜାଣେ ତୁମ ବାଛୁ ନାହିଁ
ଖାଲି ଦେହରେ ବିଂଶସୂତ୍ରଧାରୀ
କରୁଛନ୍ତି ତାଣ୍ଡା ପୁଣି,
ଉପବାସୀ ଅଭାବ ପୂରଣ
ବାରଂବାର ଘୋଷୁଛନ୍ତି
'ଦୁର୍ବଳଙ୍କ ସଂକଟ ମୋଚନ' ।
ଦିନବାର କଷାକଷି
ସପ୍ତାହର ଶେଷ ଭାଗଫଳ
ଘରେ ମାତ୍ର ରହିଥିଲା
ମାଠିଆରେ କେଇଟି ଚାଉଳ ।

ତାହା ପରେ ସଂବାବାନ୍ଧି
ସକାଳର କୁଣ୍ଡ ଅଡ୍ଡାଘର,
ପଣ୍ଡା ତୋଳେ କି ହୋଇଛି
ଦିନକର ପଢ଼ି ସମାହାର ।

ସକାଳ ପାହିଲେ ତୋଳେ
ଖାଇବାରେ ଜୀବନର ଛନ୍ଦ,
ଦେଇ କୁଣ ସଂସାରର
ପ୍ରତିଧ୍ୱନି ଆଉ ପ୍ରତିବାଦ ।
ଏ ମୋର ଭାରତବର୍ଷ !
ଅଭାବର ଦୀର୍ଘ ଇସ୍ତାହାର,
କିଏ ନିମ୍ନ ମଧ୍ୟବିତ୍ତ
କିଏ ପୁଣି ଦରିଦ୍ର ଦୁର୍ବଳ ।
ଏ ଦେଶର କୋଣକଣି
ଗ୍ରାମମାନଙ୍କ ସହରକୁ ଯାଇ,
କେ ଶୁଣିବ ଜୀବନର
ଇସ୍ତାହାର କଚାଳି ମାଧ୍ୟାର ?
ତୁମରି ଭାରତବର୍ଷ
ପାତଡାଳ ପଙ୍କର ଗଭୀର,
ଗୋଡ଼ ତୁମ ପଡ଼ିଛିକି
ଦାରିଦ୍ର୍ୟର ପାତାଳ ବିବର !

ତୁମ ବହି ଖାତାପତ୍ର
ହେ ସର୍କାରୀ ପଣ୍ଡପାଳ ଦଳ,
ବାହାକର ! ଫିଙ୍ଗି ଦିଅ
ସାଙ୍ଖ୍ୟିକ ପରିସଂଖ୍ୟାନର ।
ଅଙ୍କସ୍ତ ହିସାବ ଛାଡ଼ି
ଗ୍ରାମଦାଣ ଦୁର୍ବଳ କୁଟିର
କର ଆସି ମୂଲ୍ୟାୟନ
ଆଉ ଥରେ ମୂକ ମନୁଷ୍ୟର ।

କିଏ ତୁମେ ଶୋଭାଯାତ୍ରୀ
ତୁମ କଣ୍ଠେ ଅଦ୍ଭୁତ ଘୋଷଣା,

ହୁଏତ ଭାରତବର୍ଷେ
ତୁମର ଏ ଶାସ୍ତ୍ରୀୟ କଳ୍ପନା
ଅନେକଙ୍କୁ ମୁଗ୍ଧ କରେ
ସହରର କଂକ୍ରିଟ ପଥରେ ।

ତୁମରି ସ୍ଲୋଗାନ ବାଜେ
ଜରାଜୀର୍ଣ୍ଣ ଦେଉଳ କାନ୍ଥରେ ।
(ଗ୍ରାମ ବରଯାତ୍ରୀ ଦଳ
ଘୋଷଣା ଓ ପ୍ରତିଧ୍ୱନି ସ୍ୱରେ) ।

# ଖଲିସ୍ତାନ

ଗୋଟିଏ ଗ୍ୟାଲନ୍ ରକ୍ତେ
କି ହେବ ସର୍ଦ୍ଦାର !
ଦେଶଟା ତମାମ ମରୁ
ଖଣ୍ଡ ଧରଣୀର ।

ସମସ୍ତ ଖଟିଆ ପୂର୍ଣ୍ଣ
ପଞ୍ଚଭୂତ ଚିକିତ୍ସକଗଣ,
ଚଳନ୍ତି ବା ଅଚଳନ୍ତି
ରୋଗବ୍ୟାଧି ସକଳ ନିଦାନ ।
ସଂଶୟରେ ଦୋହଲାୟିତ
ତୃଣଭୋଜୀ ଶୃଗାଳ ସକଳ,
ପ୍ରତ୍ୟେକ ଖଟିକି ପାଖେ
ଆଳସ୍ୟରେ କାଟୁଛନ୍ତି କାଳ ।

ଗୋଟିଏ ଗ୍ୟାଲନ୍ ରକ୍ତେ
କି ହେବ ସର୍ଦ୍ଦାର !
ଖଇରାତି ଗୁଳି ସବୁ
ଛୁଟୁଥିଲେ ପବନ ଭିତର ।
ନିଃଶ୍ୱାସ ବିଶ୍ୱାସ ଭୂମି
ଭିନ୍ନ କେଉଁ ପ୍ରତ୍ୟୟର ଲାଗି
ହୋଇଥିଲେ ଚୁକ୍ତିବଦ୍ଧ
ନିଜ ହତ୍ୟା ନିଜେ ସମଭାଗୀ
ସଂସଦ ଓ ଛାଉଣୀର
ଚିରନ୍ତନ ମର୍ଯ୍ୟାଦାର ପାଇଁ,
ଦେଶ ଓ ବିଦେଶ ଦଳ
ଲଢୁଥିବ ତୁହାଇ ତୁହାଇ ।

# ଶାଲ୍ମଳୀ ବନସ୍ତ

ଅନେକ ଶାଲ୍ମଳୀ ତରୁ
ଅଯାଚିତେ, ନିଭୃତ କାନନ
ମୁଁ ଲଭୁଚି ଦିନରାତି
ବାରମ୍ବାର ତାର ପ୍ରଦକ୍ଷିଣ ।
ଅଜସ୍ର ମଳିନ କଣ୍ଠ
ପୁଣି ପିଣ୍ଡା ବାସିଥୋବ ଲଗା,
କିଏ ସେ ଆହତ ସୂର୍ଯ୍ୟ,
କିଏ ଅବା ହତ ଚନ୍ଦ୍ରଭାଗା ।
ତୁମ ଗ୍ରାମ ସେ ପାରିକି,
ତାଙ୍କ ଗ୍ରାମ ପୋଖରୀ ତୁଠରେ
ଅନେକ ନାଗରୀ ମେଳେ
ଚାହିଁଥିଲେ ଉଦାସ ଆଖିରେ ।
ଅବୁଝ ଗ୍ରାମ୍ୟ ବାଳିକା,
ଶୁଣିବାକୁ ବିସ୍ମୟ ପଞ୍ଜିକା,
ଅନେକ ପାଗଳ ଯେବେ
ରାଜଦାଣ୍ଡେ ପ୍ରୋଷିତ ଭର୍ତ୍ତୃକା ।

ଅଜସ୍ର କିରାଣି ଗଲେ,
ବଦଳିଲା ଅସୀମ ସ୍ୱାକ୍ଷର;
ଭାଙ୍ଗିଲା କଲମଦାନୀ
ପଶିଗଲା କ୍ଷୁଦ୍ର କମ୍ପ୍ୟୁଟର ।
ବାଜୁଥିଲା ଝୁଣ୍ଟୁଝୁଣ୍ଟୁ
ମେସିନର କି'ବୋର୍ଡ ଘଣ୍ଟି,
ଅକସ୍ମାତ ଅଭି ଉଠେ
ହାକିମଙ୍କ ମୁଦ୍ରିକା ଆଙ୍ଗୁଠି ।

ଅନେକ ଯତର ଚିହ୍ନ
ଝାଉଁବଣେ ନିସ୍ତବ୍ଧ ସକାଳ,
ଯେମାଙ୍କ ବିବାହ ତିଥି
ପୂର୍ବରାତ୍ରେ ଶେଷ ହେବାବେଳ ।
ସୀମିତ ତାଲିକା ଦେଖି
ସରୁସରୁ ଅଙ୍ଗୁଳି ଫୁଟାଇ,
ଅଳସ ସେ ଭାଙ୍ଗୁଥିଲେ
ପୋଟିକୋରେ ନିଜେ ଠିଆହୋଇ ।

ଦ୍ରାଘିମାର ଚାହିଁଥିଲା,
ମାଳଦାଳ ଖାଲେର ଶୃଙ୍ଖଳା,
ନାଉରୀଆ ଫେରୁଥିଲା
ଗତରାତି ବ୍ୟର୍ଥ ହୋଇଗଲା !

ମନ୍ତ୍ରୀଙ୍କର ଭଉଣୀଙ୍କ
ବିଭାଗର ତିଥିର ପହିଲେ,
ଗୋଦାମ ଚାଉଳ ଯାକ,
ମୂଷାମାନେ ନିଲାମ ଡାକିଲେ !
ଅଦୃଶ୍ୟରେ ପଙ୍ଗପାଳ
ଦଣ୍ଡକ୍ଷେତେ ଗହମ ସବୁଜ,
କିଏ କାହିଁ କରିଦେଲା
ମଣିଷର ହୃଦୟ ନିବୁଜ ।
କେ' ଲେଖିଲା ଫାଇଲରେ
ଶେଷ ରେଖା ରକ୍ତ ସୂତ୍ର ବାନ୍ଧି,
କେ' ଦେଲା ଗୋଟିଏ ବୀଣା
ସପ୍ତସୁରେ ଅନେକ ଧ୍ରୁପଦୀ ।

କୁସନର ଗଡ଼ିମାତ୍ରେ
ପଲକରୁ ଖସିଚି କିଂଚିତ;
ପୁରୁଣା ତମାଦି ସ୍ମୃତି,
କି'ହୋଡ଼ା ତା'କରି ଆଲୋଡ଼ିତ ।
ମଇଳା ଚାଦର ଖଣ୍ଡେ
ରାତିପିଣ୍ଡା ଝାଳୁଆ ପୋଷାକ
ରଜକକୁ ଗଣିଦେଲେ
ବଦଳିଲା ଗୋଟିଏ ତାରିଖ ।

ସୂତାବନ୍ଧା ଚଷମାରୁ
କିରାଣିର ଖସିଗଲା ଡୋର
ବାର୍ଦ୍ଧକ୍ୟର ଛଳାଏବେ
ଗଣିଦିଅ ତାଙ୍କୁ ସରକାର ।
ପ୍ଲାଷ୍ଟିକ ଫାଇଲ ଏବେ
ଖାକିଯୁଗ ତିମିର-ଚନ୍ଦ୍ରମା,
ଉହାଡ଼ରେ ବସିବସି
ଚାଲିଲାଣି ନୂତନ ତର୍ଜମା !

ନିରେଖୁ ଆପଣା ଛବି
ବେଢେବେଢେ ଲାଗିବ କାଇଲ ।
ଆଶା ମାଇକିଏ ମାତ୍ର,
ଦୁରାଶାର ଦୁକାଣି ରାସ୍ତାରେ
ମୁଁ କରୁଚି ପ୍ରଦକ୍ଷିଣ
ସବୁଦିନେ ସଂସାରକୁ ଥରେ ।
ଅନେକ ବେଦନା ସିଦ୍ଧି
ଯନ୍ତ୍ରଣାରେ ବିଦୀର୍ଣ୍ଣ ପାହାଡ଼,
ଲମ୍ବ ମୀନାର ଡେଇଁ
ଭରସାର ଶ୍ୱେତ ପିରାମିଡ୍ ।
ସଂଧ୍ୟାରେ ଫେରିଚି ଘରେ
ମୋ ଦେହର କ୍ଷୁଦ୍ର କ୍ଷତଚିହ୍ନ,
ବିଷପିତ୍ତ ବାଣ ବିଂଧି
କିଏ କାହିଁ ହେଲା ଅନ୍ତର୍ଦ୍ଧାନ ।

ଯେତେବାଣ ମାରିପାର
ମାରିବାର ପରମ କୌଶଳୀ,
ମତେ ଯେତେ କ୍ଷତକଲେ
ମୁଁ ସେତିକି ହେବି ଧୈର୍ଯ୍ୟଶାଳୀ ।
ମନେକରି ସମୟର
ସବୁଠାରୁ ଅଭ୍ରାନ୍ତ ଶୀକାର,
ମୁଁ ହୋଇବି ତୁମ ହାତେ
ଗଣିତର ନୂଆ କମ୍ପ୍ୟୁଟର ।

ତୁମରି ହାତରେ ଗଢ଼ା
କଣ୍ଢେଇଟି ଖାଲିଦେଇପାର
ଅନ୍ୟ ଉପାଦାନ ଲାଗି
କୋଡ଼ାଯଦି ମାଟି କାଦୁଅର ।
ମୋ ତୃପ୍ତିର ସ୍ୱାକ୍ଷରକୁ
ମୋ ବିଷାଦ ଦାଘ ରକ୍ତାହାର,
ତୁମେ ଯଦି ଲିଭାଇବ
କରିଥିବା ସଂକ୍ଷିପ୍ତ ସ୍ୱାକ୍ଷର ।

ଭୟ ନାହିଁ, ଦୁଃଖ ନାହିଁ,
ଅବଶେଷ ତିଳକ ମାତର,
ସମୟର ଚାଲିଚଂଧେ
ମୁଁ ବଂଚିବି ଶ୍ୟାମ ଦୁର୍ବାଦଳ ।

ଅଂହକାର, ମୀନାରରେ
ଆସକ୍ତିର ଗଚ୍ଛବାଡ଼ି ଧରି
ଚାଲୁ ଚାଲୁ ଖସିଗଲା
ମସ୍ତକରୁ ଜରିର ପଗଡ଼ି ।
ବିଦୀର୍ଣ୍ଣ ମୋ ଶିରସ୍ତ୍ରାଣ
ପରାଜିତ ମୋ ମନ ବାସନା,
ଅବରୁଦ୍ଧ ବନ୍ଦୀଶାଳେ
ମୋ ହୃଦର ଆହତ ଚେତନା ।
ଲେଖିଛି ଗୋଟିଏ ଗୀତ
ପଢ଼ିବାକୁ କାଳି ଦରବାରେ,
ଜାଣେ ନାହିଁ ପଠାଇବ
ନିମନ୍ତ୍ରଣ କେବେ କା' ହାତରେ ।
(ରଚନା ୧୪।୪।୧୯୮୭)

# କ୍ରୁଶବିଦ୍ଧ

ରୋଗ, ଶୋକ ଦୁଃଖରେ
ଆସ୍ଥାବାନ୍ ଅନ୍ତିମ ଈଶ୍ୱର;
ନିର୍ଦ୍ଦୟ ହାତରୁ ଦିଅ
ମୋ ହାତକୁ ଗଦା କୁଞ୍ଚଧାର !
ତୁମରି ବଇଁଶୀ ଖଣ୍ଡେ
ସୁରଧରି ନିଚେ ମୁଁ ଫୁଙ୍କିବି;
ବେସୁରା ରାଗିଣୀ କିଛି
ତୁମ ସଂଗେ ଆଳାପ କରିବି ।
ପରିତ୍ୟକ୍ତ ଦୁନିଆରେ
ମାଡ଼ି ତୁମ ବିଶ୍ରୀ ଚଲାପଥ;
ଏକାଠି ଗଡ଼େଇ ନେବି
ତୁମ ସଂଗେ ଘୃଣାର ପର୍ବତ ।

ହେ ଖଣ୍ଡୁ କୌପୀନ-ବନ୍ଧ
ସଂସାରର ଅଭିଶପ୍ତ ଜନ,
ଏକା ସଂଗେ ନିଦ୍ରା ହେବ
ତୁମେ ଯେତେ ନେଇଛ ବିଶ୍ରାମ ।
ଏ ଧୂମକ ଉପତ୍ୟକା
ଶିବିରର ପ୍ରଥମ ସତର୍କ;
ରାତି ପାହାନ୍ତାରେ ଏଠି
କେହି ତୁମ ନ ଚାହିଁବେ ମୁଖ ।

ଏ ସହର ଉପତ୍ୟକା
ତୁମେ ସବୁ ଅସ୍ତ୍ରେ ସଂଘିଯିବ,
ଶୁଭ୍ର ସକାଳେରେ ଯେବେ
ମନ୍ଦିରରେ ଶଂଖଧ୍ୱନି ହେବ ।

ଲୁଟେଇ "ରାହତ-ପତ୍ର"
ଏବେ ଧରି ଫେରନ୍ତି ସହର୍ଷେ
ପରଶୁରାମ ନିକ୍ଷେତ୍ରୀ
କରିବାକୁ ପ୍ରତି ପାଞ୍ଚବର୍ଷେ ।

ଯଉବନ ଭାରେ ଦାସୀ
ମଦନରା ଅଛନ୍ତି ପ୍ରେମିକ,
ଫାଟକର ତାଲା ଭାଙ୍ଗି
ବେଳେବେଳେ ବହୁ ନପୁଂସକ
ଗୋଲାମି-ଶିକଡ଼ା ବାନ୍ଧି
ଆପେ ଆପେ ଆସନ୍ତି ପାଖକୁ
ଦାସୀର ଅଧର ମଧ୍ୟେ
ମଧୁପାନ ଭ୍ରମେ କରିବାକୁ ।

ସ୍ୱାହିର ଶାଲ୍ମଳୀବନ
ଜଙ୍ଗଲର ହରିତ ଅରଣ୍ୟ
ଚରିଗଲେ ପଙ୍ଗପାଳ
ଜଳିପୋଡ଼ି ଏକାନ୍ତ ବିବର୍ଣ୍ଣ ।
ବିଶ୍ୱାସ ଭରସା ଭ୍ରୁଣ...
ଆକାଶରେ ଲୋହିତ ବାଦଲ,
ସିଗାରେଟ୍ ଧୂଆଁ ସଂଗେ
ମିଶିଯାଇ ଦିଶିଲା ଧବଳ ।

ଦାସୀଥିଲା ଶ୍ୱେତପଦ୍ମ
ଏବେ ସିଏ ହରିତ, ପିଙ୍ଗଳା
ନାତ୍‌ବିନୀ ନାରୀ ଏବେ
ମାତଂଗିନୀ ସ୍ୱଦେଶ-ବତ୍ସଳା ।
କେବେ ଥିଲା ସିଂହାସନୀ
ଏବେ ସିଏ ଖଦଡ଼ୀ-ବାଘୁଣୀ
ମଂତ୍ରୀଣୀ ପଣତ ତଳେ
ଶୋଇଖେଳି ଦିବସ ଯାମିନୀ ।

ପତ୍ନୀ ମୋ ଆତଙ୍କବାଦୀ...,
ଦାସୀମୋର ଓସ୍ତାଦି ଶିକାରୀ
ସେବାର ବନସ୍ତ ମଧ୍ୟେ,
କାମଧେନୁ ଅତ୍ୟନ୍ତ ଦୋହାରୀ...
ଧନପର ଆଶା-ତରୀ
ହ୍ରଦମଧ୍ୟେ ଖିଳିଛି ମରାଳ
ଚପଳ ହରିଣୀମାନେ
ଚାହିଁଛନ୍ତି ଖାଲି ଜଳଜଳ ।

# ଡାଆଣୀ

ତୁଳିଲେ ଗୋଡ଼ ପଶିରେ
ନିଆଁଜଳେ ଡାଆଣୀର ଘର,
ପିଲା ଯେବେ ବାରଂବାର
ବହୁ ମଂତ୍ର ପଢ଼େ
ରାତିସାରା ପ୍ରୀତି ମଂଚି ଭୁଣିଭୁଣି
ସକାଳୁ ଉହୁଡ଼େ ।

ଛିଅକୁ କରେ ଧରିତ୍ରୀ
ପୁଅକୁ ଆକାଶ,
ଡାଆଣୀର ବଢ଼େ ନିଜ ବଂଶ
ଶକ୍ତି ନିରଙ୍କୁଶ
ସ୍ୱଜାତିର ପରମାୟୁ
ଯେତେ ଦୀର୍ଘ ସେତିକି ଆୟୁଷ,
ସ୍ୱଦେହେ ଯୌବନ ବଢ଼େ
ପ୍ରତି ପାଞ୍ଚ ବର୍ଷ ।

ଡାଆଣୀର ରକ୍ତକାନେ
ଶୁଦ୍ଧ ରକ୍ଷ ରତି କ୍ରିୟା ପାଇଁ
ସବୁ ଘରେ ଲିଭିଯାଏ
ଏକାବେଳେ ନିଆଁର ଉହ୍ଲେଇ ।

ହୁକା ଖସିପଡ଼େ ହାତୁ
ଦନ୍ତାବିକ୍ତ କରିହୁଏ ଧୂଆଁ
ଡାଆଣୀର ପ୍ରତି ଠାଇଁ
ଗ୍ରାମବାସୀ ଏକାନ୍ତ ଛାନିଆ ।
ଡାଆଣୀ ଆସୁଚି ମାଡ଼ି
ଗଣତନ୍ତ୍ର ହାତୀଶୁଣ୍ଢ ଚଢ଼ି,
ପବନର ବେଗେ ନଗ ବଢ଼ି ।
ହାତୀ ସଂଗ କହରା ଓ ଶେତା,
ସଂଗରେ ଆଣିଚି ତାର
(ଅନେକ ଗୁମାସ୍ତା) ।
ସର୍ବେ ଛିନ୍ନମସ୍ତା
ଟୋପି ପିନ୍ଧି ଢାଙ୍କିଛନ୍ତି,
ମୁଣ୍ଡ ପ୍ରତି ସବୁରି ଅନାସ୍ଥା ।

ଡାଆଣି ଆସୁଚି ମାଡ଼ି,
ଏକ କିଂବଦନ୍ତୀ,
ଛାନିଆରେ ବୋହୂମାନେ
ଲୁଆଧରି ପର୍ବତେ ଲୁଚନ୍ତି ।
ଡାଆଣୀ ରକତ ଶୋଷେ
ଅପବାଦ ବହୁ ପୁରାତନ,
ଏବେ ସେ ଖୋଜୁଚି ମାତ୍ର
ମାଆ ହାତ ଏକ ଟିପ ଚିହ୍ନ ।

# ଅପ୍ରେଲ

ରାଣୀଙ୍କର ଆଗମନ,
ରାଜାଙ୍କର ଶୟନ କକ୍ଷରେ;
ମେଳେଭିଆ ଗବେଷଣା
କେନ୍ଦ୍ରପାଖେ ଅତି ସରାଗରେ ।
ଛୁଣ ଛୁଣ ଗୁଣିଆଣୀ,
ଧନୀମାନୀ ଭାରତବର୍ଷର,
ଶୁନା ତାରକସି କାମ
ପ୍ରଦର୍ଶନୀ ଅପ୍ରେଲ ମାସର ।

ପହଂଚିଲା ଗ୍ରୀଷ୍ମ ଋତୁ,
ଅସମାପ୍ତ ରସିକତା କାଳ,
ବଂଧା ହେଲା ମହାଦେଶ
ପାତହାତୀ ବୈଠିକ ସକାଳ ।

ଫୁଟିଛି ସୁନାରି ଫୁଲ,
ଅପର୍ଯ୍ୟାପ୍ତ - ବିବାହ ଉଁଥିରେ,
ସୁବର୍ଣ୍ଣର ଭାଉ ତେଣୁ
ବଢ଼ିଗଲା ରାତି ପାହାନ୍ତାରେ ।

କଦଂବ ଗଛର ମୂଳେ
ଗତସନ ଝୁଲାଇ ମାସରେ,
ସଂପାଦିଲେ ଦସ୍ତାବିଜ
ରାଜାରାଣୀ ମିଳିତ ସ୍ୱାକ୍ଷରେ ।
ରାଜାଙ୍କର ପ୍ରେମ ଚିଠି
ଯେତେ ସବୁ ଯୌବନ କାଳର,
ରାଣୀଙ୍କ ପାଖରେ ଥିଲା,
କିଣିନେଲା ବିଦେଶୀ ଡଲାର ।

ଅସହାୟା ପାଟରାଣୀ,
ନିଜ ଚିଠି ମାଗେ ବଜାରରେ;
ଯେତେ ବି ଯତେଇ କରେ,
କେହି ତାକୁ ନକିଣେ ସାଦରେ ।
ରାଜା ଯେବେ ନପୁଂସକ
ରାଣୀଙ୍କର କାମନା ଦର୍ପଣେ,
ଭାରତର ରୋଡିମାଟି,
ସର୍ଣ୍ଣମାତ୍ରେ ଅଳ୍ପ ପରିମାଣେ....
ସୁବର୍ଣ୍ଣ ପାଲଟି ଯିବ
ରାଜାହାତ ଲେଖା ଦସ୍ତାବିଜ,
ଡଲାର ବଜାରେ ତାକୁ
ବିକିଦେବେ ରାଣୀ ମହାପିଂଡ ।

ରାଜାଙ୍କ ପ୍ରଥମ ଭାର୍ଯ୍ୟା,
ହାତପାଣ୍ଡି - ସ୍ୱଦେଶୀ ମୁଦ୍ରାର,
ମୂଲ୍ୟ ଥିଲା ଯାହା କିଛି
ହ୍ରାସ ହେଲା ଏକାଧିକ ଥର ।
ବିଦେଶୀ ବଣିକ ପାଖେ,
ବିକି ଭାଙ୍ଗି ନିଜ ସାମରଥ
ରାଜପୁତ୍ରେ ଆଣିଛନ୍ତି,
ଏ' ଦେଶକୁ ବଜାର ଗଣିତ (୦) ।

ରାଜାରାଣୀଙ୍କ ବିବାହ
ଭୋକିଲାଙ୍କ ଦାଣ ଘୋଷଣିରେ,
ମେଳେରିଆ କେନ୍ଦ୍ର ପାଶେ
ଯେଉଁ ଦିନ ଅତି କାର୍ପଣ୍ୟରେ,
କ୍ଷୁଧା ଓ ଦାରିଦ୍ର୍ୟ ବାର୍ତ୍ତା,
ଉଚାରିଲା ମର୍ତ୍ତ୍ୟପୁର ବାସୀ,
ଅସହାୟ ଅଜଗର,
ସେଇଦିନୁ ଯଂତ୍ରାର ନିବାସୀ ।

ବଂଚାଅ ବଂଚାଅ ଆମ
ମଧ୍ୟବିତ୍ତ ନଗରଶାହୀ,
ବଂଚାଅ ବଂଚାଅ ଆମ
ରାଜଗାଦି ପାଞ୍ଚ ବର୍ଷ ପାଇଁ ।
ହେ ଡଲାର୍, ହେ ରୁବେଲ
ତ୍ରିଦିକର ଭାରତବର୍ଷକୁ
ପ୍ରତ୍ୟେକ ଅପ୍ରେଲ ମାସେ,
ଆମେମାନେ ଡାକିବୁ ତୁମକୁ ।

ବହୁରଂଗୀ ବହୁଢଂଗୀ
ଅର୍ଥନୀତି ପାଗଳ ଦେଶରେ,
ମେରୁଦଣ୍ଡ ଭାଂଗିଗଲା,
ସବୁରାଣୀ ଅସତୀ ଏଠାରେ ।

---

(୦) ମାର୍କେଟ ଏକୋନମି ।

# ମୃଣ୍ମୟୀ ମୌସୁମୀ

ହେ' ମୃଣ୍ମୟୀ-ମଉସୁମୀ
ଘନକୃଷ୍ଣ ମୃଦୁ ମେଘବର୍ଣ୍ଣ
ଅବିନାଶୀ ଦୈତ୍ୟ କୁଳ
କଟାକ୍ଷରେ କରିବ ମର୍ଦ୍ଦନ ।
ତ୍ରି-ନୟନ ଭେଦକରି
ପୃଥିବୀର ଅକ୍ଷାଂଶ ଦ୍ରାଘିମା
ସମସ୍ତ ଆୟୁଧ କରେ,
ବାରମ୍ବାର କରି ପରିକ୍ରମା-
ଆଶ୍ୱିନ ସକାଳେ ଦିନେ
ମୋ ଘରକୁ ଶାରଦା ଆସିବ
ଶାରଦ ଧାନର ଶିଂଷା
ଯେତେବେଳେ ମଥା ଢାଳୁଥିବ
ରଜୋବତୀ ନାରୀପାଶେ
ଖାରକଟା ପଗଡ଼ିକୁ ବାଂଧି
ବୃହନ୍ନଳା କ୍ଷେତପାଶେ
କୃଷିକାରୀ ଥିବ ପଣ-ବଂଦୀ ।

ଘୁମଂତ ପାହାଡ଼ ଡେଇଁ
ଆମ ଗ୍ରାମ କରମା ଯାତରା
ସାତ ଭାଇ ରଉଣୀଙ୍କ
ହୃଦୟର ସ୍ନେହ ପତିଆରା
ଉଚ୍ଛୁଳିଲା ହ୍ରଦେତକ
ଗାଃଭାସ୍ତନେ ଭଗିରଥା ସାର
ଚତୁର୍ମାସ୍ୟା ଫଲଗନ୍ଧ
ଆଣିଥିଲା: ଆଦ୍ୟ ସମାଚାର ।
ପଦ୍ମଭୂଜ୍ ନଗରୀରେ
ପାଦଦେବ ତୁମେ ଆଦି-ମାତା
ବୋନସ କଳସୀ ଭାଂଗି
ସବୁ ବଧୂ ନବ ପରିଣିତା
ବିପଣୀର ମେଖଳାରେ
ଜୀବନର ଅମୁହାଁ ଗଳିରେ
ସମୟର ଭାରସାମ୍ୟ
ଯେଉଁମାନେ ସଦ୍ୟ ଭୁଲିଗଲେ ।

ଧାତୁର ଦେଖିଲା ଗାଈ
　　　　ଶ୍ରମଜୀବି ଅତ୍ୟନ୍ତ ନିର୍ଜନ
ବଣିକ ଖାତାରେ ମାତ୍ର
　　　　ଚାଲିଅଛି ନିତ୍ୟ ମୂଲ୍ୟାୟନ ।

ବୋନସ କେ' ଦେବ ତାଙ୍କୁ
　　　　ଖାଉକଟା କାଳି ପଣତରେ -
ଶାକମ୍ଭରୀ ଦେବୀମାନେ
　　　　ଶାକାହାରୀ ହେବେକି ସତରେ !
ଘୁଂଚିଯିବ ଅଂଧକାର
　　　　ମଣିଷଙ୍କ କବଂଧ ଉପରୁ
ତଡିତ-ବରଣ. ଯଦି
　　　　ଭାଂଗିଦେବ ଅସୁରଂକ ଜରୁ ।

କର୍ଦ୍ଦମାକ୍ତ ଜନପଦ
　　　　ଶୁଖୁଥିଲା ଆଶ୍ୱୀନ ଖରାରେ
ଆଶା ଓ ନିରାଶା ମଧ୍ୟେ
　　　　ମୌସୁମୀର ଧୀର ପ୍ରତ୍ୟାହାରେ
ପହଂଚିଲା ଶ୍ୟାମବର୍ଣ୍ଣୀ
　　　　ଫସଲର ମାନସାଂକ ବହି
ମାତୃକୋଳେ ଘୋଷୁ ଘୋଷୁ
　　　　ଶିଶୁ ଏବେ ପଢ଼ିଟି ଦୁଲେଇ ।
ଖୋଲି ତୁମ ସ୍ୱର୍ଣ୍ଣସ୍ତବ
　　　　ସହରର ରେଶମୀ ଚାବଳେ
ହେ' ମୃଣ୍ମୟୀ ମଉସୁମୀ
　　　　ଓହ୍ଲାଇବ ପ୍ରାକୃତିକ ମଂଚେ
ମୃଦୁଳ ପଲ୍ଲବ କୁଂଜ
　　　　ଫଳହୀନ ତୁମେ ଉଦୁପର୍ଣ୍ଣୀ
ପତ୍ରଧ୍ୱଜା କଳାହାଣ୍ଡି
　　　　ବଳସ୍ତରେ ତୁମେତ "ଅ-ପ-ର୍ଣ୍ଣୀ"* !

ଆଦିମ ଚାରଣ, କୃଷି
　　　　ଭ୍ରାନ୍ତି-ବ୍ୟାଧି-ନିଦ୍ରା-କୁଳୁଷାର

ତୁମେ ପରା ବିଧାୟିକା
ଜଗଦ୍ଧାତ୍ରୀ ସର୍ବ ପୁରସ୍କାର ।
ସୁବର୍ଣ୍ଣ ବିହୀନ କିନ୍ତୁ :
ଅ-ସୁବର୍ଣ୍ଣା ତେଣୁ ଅ-ପ-ର୍-ଣ୍ଣ
ମୃଣ୍ମୟ ଗଠିତ ତନୁ
ହେବ ନାହିଁ ବୀମାରେ ଗ୍ରହଣ !!

* ମହାଦେବଙ୍କୁ ସ୍ୱାମୀରୂପେ ବରଣ କରିବା ଲାଗି ଗୌରୀ ତପସ୍ୟା ରତ ଥିଲାବେଳେ ଖାଦ୍ୟ ଜଳ ନିରୋଧ କରିଥିଲେ । ଗୋଟିଏ ମାତ୍ର ବୃକ୍ଷରୁ ଝଡୁଥିବା ଶୁଷ୍କପତ୍ର ଆହାର କରି ରହୁଥିବାରୁ ଶାସ୍ତ୍ରରେ ତାଙ୍କ ନାମ 'ଅପର୍ଣ୍ଣା' ରଖାଯାଇଛି । -(ତୁଳସୀ ରାମାୟଣ)

❖

# ନୀଳ-ସେତୁବନ୍ଧ

ସବୁ ରାତି ଶେଷ ଏବେ
ନିରାମିଷ ପୂଜା ଓ ପାର୍ବଣ
ପଶୁ ଜଗତରେ ଯେତେ
ଅପବାଦ ବ୍ୟର୍ଥ ଅକାରଣ
ହେ ପ୍ରଚଣ୍ଡ କଳ୍ପନାର
ପ୍ରତିମୂର୍ତ୍ତି, -ଶୋକ ଅନ୍ଧକାର
ସବୁଜ ଲୋହିତ ତୁମେ
ବରବପୁ ନିଷ୍ଠୁର ପୃଥ୍ୱୀର !
ସମ୍ମିଳିତ କରୁଣା ଓ କଟାକ୍ଷର
- ହିଂସା ଓ ପ୍ରଜ୍ଞାର
ଲଜ୍ଜା, ଶ୍ରଦ୍ଧା, ଭ୍ରାନ୍ତି, ତୃଷ୍ଣା,
ଶୀଳ, ଶାନ୍ତି, କ୍ଷମା ଅବସ୍ଥାର ।

ବିଚଳିତ ଯୌବନର
ଶକ୍ତିମତୀ ହେ ଷୋଡ଼ଶୀ ନାରୀ,
ଏକାଧାରେ ଭାର୍ଯ୍ୟା, ଭଗ୍ନୀ
ମାତା ପୁଣି ସେବିକା ସବୁରି ।
ଯୌନପ୍ରକ୍ରିୟା ଯେତେ
ପ୍ରମାଦ ଓ ବିଷମ ସ୍ଥିତିର
ତୁମେ ସବୁ ଉଚ୍ଚାରିତ
ମନ୍ତ୍ରଧ୍ୱନି ପ୍ରବଳ ଶକ୍ତିର ।

କ୍ରୋଧ ଆଉ ବର୍ବରତା
ଉତ୍ପାଦନ କରାଇ ଜଗତେ,
ପୃଥ୍ୱୀ ବିଦାରଣ କରି
ବରାଭୟା ନିଜ କରବାତେ ।
ଲୋହିତ ହାତରେ ଲେଖି
ସକାଳର ସବୁଜ ସନନ୍ଦ,
ତୁମେ ତାଙ୍କୁ ଦେଇଥିଲ
ବଂଚିବାର ଅବିଛିନ୍ନ ସ୍ୱାଦ ।

ବିଜ୍ଞାନ ଓ ବ୍ୟାକରଣ
ଜ୍ୟାମିତିକ ତୁମେ ରେଖାଚିତ୍ର,
ଧାରଣାହୀନ ବିଶ୍ୱର
ଅବିଚ୍ଛେଦ୍ୟ ଏକାନ୍ତ ମୁହୂର୍ତ୍ତ
ତୁମ ଉଚ୍ଚାରଣ ମଧ୍ୟେ
ସ୍ୱରତୋଳେ ଆଦ୍ୟ ସଂବେଦନ
ଭାଷାର ଜନମ କାଳେ (°)
ସଂପ୍ରେଷକ ତତ୍ତ୍ୱର ସଂଧାନ ।

ତୁମରି ମୂର୍ଚ୍ଛନା ଦିନେ
ଯୋଗକଲା ବିକ୍ଷିପ୍ତ ସମୁଦ୍ର,
ହୃଦୟ କୋମଳ ତନ୍ତ୍ରୀ
ସୃଷ୍ଟିକରି ଅପରୂପ ଛନ୍ଦ ।
ବୀଣାର ତାନରେ ତୁମେ
ସ୍ୱୟଂବରା ନିଜେ ସରସ୍ୱତୀ
ବୃତ୍ତି ଆଉ ଜୀବିକାର
ସଂରକ୍ଷଣେ ଲକ୍ଷ୍ମୀ ଭଗବତୀ ।

ଆସମୁଦ୍ର ହିମାଚଳ
ଅବିଭକ୍ତ ଭୂଗୋଳ ବୃତ୍ତର,
ଚରିତ୍ର ଓ ପ୍ରକୃତିର
ତିନିଗୁଣ ବିଭାଜକତାର
ଧାତୁ ପୁଣି ପାଷାଣର
ବସ୍ତୁ ଆଉ ଆଧିଭୌତିକର

ଶକ୍ତି, ଊର୍ଜ୍ଜା, ରଶ୍ମି, ବାଷ୍ପ
ଶୀତ, ବର୍ଷା, କର୍କଶ ରୌଦ୍ରର
ରୋଗ, ବ୍ୟାଧି ଯନ୍ତ୍ରଣାର
ଦାରିଦ୍ର୍ୟ ଓ ଅପାରଗତାର
ତୁମେ ହେ ସ୍ମରଣାତୀତ
ବିସ୍ମରିତ କାଳର ସ୍ୱାକ୍ଷର ।

ପ୍ରତ୍ୟୟ ବା ଅପ୍ରତ୍ୟୟେ
ତୁମ ସ୍ଥିତି ଆଦିମ ପ୍ରାକ୍ତନ
ଋକ, ସାମ, ଯଜୁର୍ବେଦେ
ପ୍ରାମାଣିତ ବିପୁଳ ମହାନ ।
ପ୍ରାତ୍ୟହିକ ଜୀବନରେ
ତୁମେ ନିଦ୍ରା ନିର୍ଭର ସଂପଦ
ଭୟ ଓ ନୈରାଶ୍ୟ ମଧ୍ୟେ
ଏକାଧାରେ ନାକ-ସେତୁବଂଧ ।

(*) ଦେବୀଂ ବାଚମଜନୟନ୍ତ ଦେବାସ୍ତାଂ
ବିଶ୍ୱରୂପାଃ ପଶବୋ ବଦନ୍ତି । ...ଶ୍ରୀଚଣ୍ଡୀ

## କିଂବଦନ୍ତୀ

"ଉପସ୍ଥାନ ମହାଶୟ !"-
କିଂବଦଂତି ହେଲାଣି ଆଜିର
ଆପାତ ପଚାଶ ବର୍ଷେ
ଧରଣୀର ନବ କଳେବର ।

ଆପାଦ ମସ୍ତକ ନିଜ
ଶରୀରର ତାପମାନ ନେଇ
ଏକାଥରେ ପାଳିବାକୁ
ଦୁଇକୋଟି ରଜତ ଜୁବୁଲି
ଆଜି ସେ ଆସିଛି ଆମ
ବିଦ୍ୟାଳୟ ବିତାଡ଼ିତ ଛାତ୍ର

ଫାଶବାନ୍ଧି ପହଂଚିଛି
ଚଢ଼ିପୁଣି ନିଜେ ଦିବ୍ୟରଥ ।

ତା' ରଥରେ ଘୋଡ଼ା ନାହିଁ
ହାଂଡ଼ାମାନେ ପିଂପୁଡ଼ି ପରିକା
ଦଳ ଦଳ ଟେଲୁଚନ୍ତି
ସେ ରଥକୁ ଅୟୁତ ଗଣିକା
ଇନ୍ଦ୍ରସଭା ପରିଯନ୍ତେ
ପରିବ୍ୟାପ୍ତ ତାଙ୍କର ନାହୁଡ଼
ସେମାନଙ୍କ ଅଭିସାରେ
ଆମେମାନେ ଦେବା ରକ୍ତ ଖାଦ୍ୟ ।

ଗୁରୁଦେବ କ୍ଷମାକର,
ଆସେ ଏକ ଅପୂର୍ବ ବିନ୍ଧାଣୀ
କିଏ ସେଇ ପଦାତକ
ରାଜ୍ୟ ମଧ୍ୟେ ଥାପିଛି ଛାଉଣୀ
କରିଛି ସମର ସଜ୍ଜା
ପୋତିଦେଇ ବାରଣର ଖୁଂଟି
ଚଢ଼ିବୁ ଯେତେ ପାହାଚ
ଖସି ପୁଣି ଅଟକିବୁ ସେଠି ।

ଏହି ବିଦ୍ୟାଳୟ ପାଠେ
ତାହାପାଇଁ ଯେତେକ ନିଷେଧ
ହାତେ ଧରି ଆସିଅଛି
ସେ ସବୁର ଖଣ୍ଡେ ବର୍ଣ୍ଣବୋଧ
ଯେତେକ ଗର-ହାଜିର,
ମାଡ଼ଗୋଳ, ନିନ୍ଦା ଅପମାନ
ଭରଣା କରିବା ପାଇଁ
ସେ ଆସିଛି ଗୁରୁଦେବ ଧନ୍ୟ ।।

ସେ ଆସିଛି ଆମ ଗ୍ରାମେ
ବରବେଶେ ଆଜି ଅଳାଜୁକ
ହାତେ ଧରି ବୋକଶାସ୍ତ୍ର
ଖୋଲିଲାଣି ରାଧାଙ୍କ ପଲଙ୍କ

ଦୁଇଟି ସନ୍ତାନ ପୋତି
ବୃକ୍ଷତଳ ପଥର ଚଟାଣେ
ସେ ଆଜି ଆସିଛି
ତାଙ୍କ ଶ୍ରାଦ୍ଧଦେବ ନୈମିଷା ଅରଣ୍ୟେ ।

ବାବୁଦର ସେତୁ ଡେଇଁ
ତେଲଟାଙ୍କି ଛାଉଣୀ ପାଖରେ
ଆଜି ସେ ଖୋଜୁଛି
ଅଣୁ-ପରମାଣୁ ନିକ୍ଷିପ୍ତ ବଜାରେ
ପ୍ରସିଦ୍ଧ ସଡ଼କ ମାଡ଼ି
ଅବଶିଷ୍ଟ ଯେତେ କଚାଘର
ସେ ଖୋଜୁଛି ତାଙ୍କ ମଧ୍ୟେ
ଆତ୍ମାବାନ ମଣିଷ କବର !!

ସମୁଦ୍ରର ଖାଡ଼ି ମଧ୍ୟେ
ସେ ଖୋଜିଛି ପେଟ୍ରୋଲର ଶଙ୍କୁ
ବ୍ୟାରେଲ ଓ ପିମ୍ପା ମଧ୍ୟେ
ଲୁଚିଥିଲେ ଯେତେକ ତ୍ରିଶଙ୍କୁ
ଆରବ ସାଗର ପାଣି
ହେବାପାଇଁ ଚଳିଭର ଘୋଡା
ଯାହାର ପିଠିରେ
ଲଦି ହୋଇଥିଲା ନିଜେ ଭୁଲିଗଲା ।

ବହୁ ବର୍ଷ ବହୁଦିନ
ରହିଛନ୍ତି ଚିର ବଶଂବଦ
ଦୁଇଟି ସଭ୍ୟତା ମଧ୍ୟେ
ଈଶ୍ବରଙ୍କ କଂକାଳ ବିବାଦ
ସେମାନଙ୍କୁ କରିଥିଲା
ମଧ୍ୟେ ମଧ୍ୟେ ପରସ୍ପର ଦ୍ରୋହୀ
ତଥାପି କୌଣସି ଦିନ
ବଂଧୁତାର ସୂତ୍ର ଛିଣ୍ଡି ନାହିଁ !
ମକ୍କା ଓ ଜେରୁଜେଲମ
ମଧ୍ୟେ ଯେତେ ମଣିଷର ଜାତି

ଦୁଇଟି ବିଶ୍ୱ ଯୁଦ୍ଧରେ
ଅଛି ନାହିଁ କେବେ ତାଙ୍କ ଛାତି
ଯଦ୍ୟପି ଗୋଟିଏ ଖୋଳରେ
ପଶେନାହିଁ ଦୁଇ ତଲବାର
ତଥାପି ପେଟ୍ରୋଲ ସଂଗେ
ରକ୍ତ ଯଦି ମିଶିଯାଇ ଭଲ ।

ଯୁଦ୍ଧର ମାତୃଭୂମିରେ
ଅଯାଚିତ ତୋରଣକୁ ବାନ୍ଧି
ମଧ୍ୟପ୍ରାଚ୍ୟ ଘାଟିଯାଏ
ତଟସ୍ଥତା ଛିଡିବାର ଯଦି
ପିଟିଲା ବିଶ୍ୱ ଯୁଦ୍ଧରେ
ଯଦି ତାଙ୍କ ନଫୁଟିଛି ନାମ
ଚିରଦିନ ଗୁମନାମୀ
ସେଇମାନେ ପୃଥିବୀରେ ଧନ୍ୟ ।

ବିଶ୍ୱର ତୃତୀୟ ଯୁଦ୍ଧ
ସର୍ବନିମ୍ନ ସମୟ ମିଆଦ
ସଦ୍ଦାମ ହୁସେନ ତୁମେ
କରିନାହଁ କିଛି ଅପରାଧ
ନାସେର ହେବା ବାଂଛାରେ
ବାସ୍ତବତା ତୀବ୍ର ତିରସ୍କାର
କୁଏତ୍ ମାଟି ମୁଠାରେ
ଦେଖିବାକୁ ତୁମ ହସ୍ତାକ୍ଷର ।

ହିରୋସିମା ନାଗାସାକି
ପୁରାତନ ପ୍ରସ୍ତର ଚଟାଣ
ତା ମଧ୍ୟରେ ପୋତିଥିଲେ
ମାଧ୍ୟମିକ ଅବୈଧ ସନ୍ତାନ
ବିକଳାଙ୍ଗ ପୃଥିବୀର ମୁଖଶାଳା
ଭାଂଗି ଦେଇ ହାତେ
ଯୁଦ୍ଧକୁ ଡାକିବା ପାଇଁ
ବହୁଦିନୁ ଡରିଲେ ସମସ୍ତେ ।

ଅବାସ୍ତବ ପୃଥିବୀରେ
ଯଦି କେବେ ପ୍ରାଣକୁ ଧକ୍କାରୀ
ଅଠର ହଜାର ଟନ
ବାରୁଦର ବିଦୀର୍ଣ୍ଣ ପାଦେରି
ଅକସ୍ମାତ ଠେଲିଦେଇ
ନବ ଶିଶୁ ପ୍ରସୂତି ମାନଙ୍କୁ
ନିରାପଦ କରିବାକୁ
ଯେଉଁମାନେ ବିଶ୍ୱାସେ ତୁମକୁ ।

ବୋଧଦେଇ ଯାଇଥିଲେ
ନିରାପତ୍ତା, ଶାନ୍ତି ଆଦି ମନ୍ତ୍ର
ଆତ୍ମ ସମର୍ପଣ ଭଳି
ଦାଭୂଭୂତ କାରୁଣ୍ୟ ବୃତ୍ତାନ୍ତ
ଜାନରେ ପଢ଼ିବା ଆଗୁ
ତାଙ୍କ ଜଣେ ପଦାର୍ଥ ବିଜ୍ଞାନୀ
କହିବାକୁ କିଛି ଆଶା
କରିଥିଲା ପୁଣି ହେଲା ତୁନି ।

ଷାଠିଏ ଦଶନ୍ଧି ଭୋଗ
ଏବେ ସେହି ଦୈତ୍ୟପାଇଁ ଶଙ୍କା
ପୃଥିବୀର ଚତୁର୍ଦ୍ଦିଗେ
ଯାହାଙ୍କର ଅସରନ୍ତି ଭାର୍ଯ୍ୟା
ବମାଣ ବନ୍ଧୁକ ତୋପ
କ୍ଷେପଣାସ୍ତ୍ର ମୃତ୍ୟୁବାହୀ ଟ୍ୟାଙ୍କ
ଚଳନ୍ତି ଭଣିକାମାନେ
ଦେହେ ତାଙ୍କ ମାପନ୍ତି ଉତ୍ତାପ ।
କୁଟକୁମ୍ଭ ବନସ୍ତରେ
ଅସୁରୁଣୀ ବୁଢ଼ୀର କରାଟ
ଆମ ପାଇଁ କିମ୍ବଦନ୍ତୀ
ତାଙ୍କ ପାଇଁ ପ୍ରଣୟ ଆକର୍ଷ ।

# ରତ୍ନବେଦୀ

ନିଶ୍ଚିତରେ ତୁମପାଇଁ ଲୋଡ଼ା ଘର, ପଲଙ୍କ, ମଶାରୀ
ବଡ଼ ପୋଖରୀ ପାଖରେ ପ୍ରକାଶିତ ଶତବର୍ଷ ପୂର୍ତ୍ତି
ପଙ୍କ ତଳୁ ରତ୍ନବେଦୀ ଉଦ୍ଧରିବା ପାଇଁ ହେବ କାହିଁ
କୋଡ଼ିଏ ଶତାବ୍ଦୀ ଖୋଳେ ନିଜ ପାଇଁ ଅସୀମ ଧୈର୍ଯ୍ୟ ।

ରକ୍ତହୀନ ପରିବାରେ ଶୋଥ ରୋଗୀ ବିଛଣା ଉପରେ
ନାମହୀନ ଶିଳ୍ପୀଗଣେ କେଉଁଗାଁର ମୃତ୍ୟୁଦଣ୍ଡ ଭରେ
ଚିକ୍କଣ ପଥରେ ଖୋଳି ତୁମଦେହ ପେଲବ ଯୌବନ
ଅନ୍ଧାରରେ ଥୋଇଦେଇ କେଉଁ ଦିନେ ହେଲା ଅନ୍ତର୍ଦ୍ଧାନ ।

ବୁଝିବାକୁ ଅବସର ଅଲ୍ଲାଙ୍କୁ ପାଇକ ରାଜନ
ପଣ-ବନ୍ଦୀ ଘଣ୍ଟେ ଡାକି ସମର୍ପିଲା କାନନ ପାବନ
ଧର୍ଷିତା ଧରଣୀ ତଳୁ ହୋଇଗଲା ଚୈତନ୍ୟ, ତାପହୀନ
ବୃକ୍ଷମାନେ ଯଉବନ ହଜାଇଲେ ନାରୀପ୍ରେମ ଶୂନ୍ୟ ।

ସାତତାଳ ପଙ୍କ ମଧ୍ୟେ ପୋତାହେଲା ତୁମ ଅବୟବ
ସେମାନେ ଖୋଳନ୍ତି ଏବେ କାନ୍ଧେ ବହି ନିଜ ନିଜ ଶବ
ସେମାନେ ଆସନ୍ତି ହାତେ ଶୂନ୍ୟଖୋଳ ତୁଲେଇବାକୁ ଧରି
ଚିଲମ ଟାଣିବା ପାଇଁ ବୃକ୍ଷମୂଳେ ଶ୍ୱାସରୋଧକରି ।

ମେଲେରିଆ ପ୍ଲୀହାରୋଗୀ ମୁଣ୍ଡମାନ ପଗଡ଼ିରେ ବାନ୍ଧି
ସେମାନେ ଆସନ୍ତି ଏବେ ଖୋଳିବାକୁ ନିଜସ୍ୱ ଶତାବ୍ଦୀ
ରାଜାଡାକି ତାଙ୍କ ହାତେ ଧରାଇଲେ ମୁଠିଏ ସୋରିଷ
ବାଟଖୋଳି ବୁଣିବାକୁ, ଫୁଲଫୁଟି ହେଲା ଅଙ୍କୁରିତ ।

ରତ୍ନବେଦୀ ଖୋଳିବାକୁ କ୍ରୀତଦାସ ଦିନରାତି ବ୍ୟସ୍ତ
ବହୁ ଯନ୍ତ୍ର ଗୁମ୍ଫାଦେଇ ଶେଷହେଲା ଏରକା ବନସ୍ତ
ସମସ୍ତେ ଖୋଳିଲେ ମାଟି କିଷ୍କିନ୍ଧ୍ୟାରୁ ହରପ୍ପା ପର୍ଯ୍ୟନ୍ତ
ଶିକାରୀ ପୋଷାକ ଦେଖି ରାଜାମାନେ ବହୁ ଉଲ୍ଲସିତ ।

ଶୋଥରୋଗୀ ବିଛଣାରୁ ସେଇଦିନ ପ୍ରଥମ କଏଦ
ଅଜ୍ଞାତରେ ଖସିଗଲା ପଣ-ବନ୍ଦୀ ଏକାନ୍ତ ବିଶୁଦ୍ଧ
ଦି'ଥର ମରିବେ ବୋଲି ଭୟପାଇଁ ରାଜାଙ୍କ ହାତରେ
ଅକାରଣେ ନିଜହାତେ ମରିଗଲେ ସ୍ୱେଚ୍ଛାରେ ଥରେ ।

ଏସିଆର ଅଭିଧାନେ ସେତେବେଳେ ସହିତ ପ୍ରବାଦ
ଶୁଣାଉ ନଥିଲା କାନେ ହେବାଯାଏ ଯିଶୁ ଜନ୍ମବିନ୍ଦ
ସିନ୍ଧିକୁ ଅଣାକି ହୋଇ ପାଞ୍ଚ ସହସ୍ର ବର୍ଷର ଐତିହ୍ୟ
ଅଯୋଧ୍ୟା ଓ ହସ୍ତିନାପୁର ନାଳନ୍ଦା ଓ ପୁଷ୍ପଗିରି ପଦ ।

ଖୋଜା ହେଲା ଉତ୍ସବେଦୀ ପୁରାତନ ବାଞ୍ଛାପ୍ରି ଠିକଣା
ଦ୍ୱିସହସ୍ର ବର୍ଷ ପରେ ଯେତେ ଗ୍ରାମ ଥାନା ପରଗଣା
ଲୁଚିଆ ହୋଇଛି ଜାତି କାହିଁଗଲା ସ୍ୱଜନର ଶିକ୍ଷା
ଶୋଧବୋଧ ବିଚକ୍ଷଣାରେ ଖୋଲିଦେଇ ଆପଣା ଭୂମିକି ।

# ସାଲବେଗ

କାଲି ଆମ ବୃଦ୍ଧାଂଗୁଷ୍ଠି
ଟିପଚିହ୍ନ ପ୍ରଭୁ ତ୍ରାମେଶ୍ୱର
ମୋ ବଂଶର ଶେଷ ପିଣ୍ଡ
ଦେବାପାଇଁ ଅଛି ମୁଁ ତିଆର ।
କାହିଁ ମୋର ତୃଷାପଥ
କାହିଁ ଗଲା ସ୍ୱପ୍ନ, ଦିଗହଜା,
କାହିଁ ଗଲା ଅସମାପ୍ତ
ଜୀବନର ସକଳ ଓ୍ୱାରିଶା,
ଜ୍ୟୋତିଷଙ୍କ ତାଳପତ୍ର
ଲିଭାଲିଭା କରଣି ଅକ୍ଷର,
"ଶତ ବିଂଶୋତ୍ତର ଆୟୁ"
ଆଶୀର୍ବାଦ ଶୁଣି ବାରଂବାର,
ପିତାମହ, ପିତାମହୀ,
ପିତୃଦେବ, ହେଉଥିଲେ ମୁଗ୍ଧ,
ମୋ ଦେଶରେ ଚଳୁଥିଲା
ବିଶ୍ୱାସର ଗୋଟିଏ ଶକାବ୍ଦ ॥
ଗୋଟାକିରେ ଅଙ୍କ କଷା
ହେଉଥିଲା ଏକାଧିକବାର,
ପଢ଼ିଲେ ସଂକେତ ଗ୍ରାମେ
ଆସୁଥିଲେ ଗଣକ ପ୍ରବର ।
ଜ୍ୟୋତିଷ ଓ ପୁରୋହିତ
ବିଶ୍ୱାସର ଆଦ୍ୟ ପ୍ରତିନିଧି,

ଡାକୁଥିଲେ ମିଳୁଥିଲା
ଦେବତାଙ୍କ ଅଚଳ ସମାଧି-
ପୁରୁଣା ବ୍ୟାଂକର ମୂର୍ତ୍ତି
‘‘ଶୁକ୍ଳାମ୍ବରଂଧରଂ ବିଷ୍ଣୁ’’ ସ୍ତୁତି
‘‘ପ୍ରସନ୍ନ ବଦନଂଧ୍ୟାୟେତ୍’’
ଘୁଂଚୁଥିଲା ସକଳ ଦୁର୍ଗତି ।।

ମୋ ଜାତିର ବିଶ୍ୱାସର
ବୃଦ୍ଧାଙ୍ଗୁଷ୍ଠି ଟିପଚିହ୍ନ ଯଦି
ତୁମକୁ ମୁଁ ଡାକି ଡାକି
ଥକିଲିଣି ଶତାବ୍ଦୀ ଶତାବ୍ଦୀ ।
ଯିଶୁଖ୍ରୀଷ୍ଟ ଜନ୍ମ ମୃତ୍ୟୁ,
ପୃଥିବୀର କ୍ଷୁଦ୍ର ବ୍ୟବଧାନେ,
ତାହାଆଗୁ ବଂଚିଥିଲା
ଜନଶ୍ରୁତି ଅନନ୍ତ ଶୟନେ ।
କାହାପାଇଁ ‘‘ଶ୍ୟାମ-ମେଘ’’
କାହାପାଇଁ ‘‘ବଳବାନ ହସ୍ତୀ’’
ବହୁ ସାଲବେଗ ଭକ୍ତ
କାନ୍ଦି ଗଡ଼ି ଗାଇଲେ ପ୍ରଶସ୍ତି ।
ପୃଥିବୀର ବହୁ ଗ୍ରନ୍ଥେ
ତୁମନାମ ଘୋଷା ପଦ ଶୁଣି,
ବହୁବାର ଭୁଲେ ପଡ଼ି
ମୁଁ କରିଛି ଅଜସ୍ର ମାଗୁଣି ।

ଅନନ୍ତ ବେଦନା ମୋର
ଅବାରିତ ଅସୀମ ଉତ୍କଣ୍ଠା,
ବହୁ ଫୁଲମାଳ ଗୁଂଥି
ମୁଁ କରିଚି ନିଜ ବୃକ୍ଷ ଥୁଣ୍ଟା ।
ହାତ କାଟି, ଜିଭ କାଟି
ବେକ କାଟି କରିଛି ଜଣାଣ
ମତେ ତୁମେ କୃପାକର
ବିଶ୍ୱାସର ମଳିନ ସାୟାହ୍ନ !!

ମନ ମୋର ମତ୍ତ ହସ୍ତୀ
ଅମାନିଆ ଅକ୍ଷମ ଶାସନେ,

ଆଉର ମୁଁ କରେ ତାକୁ,
ବିଭିଷଣ ତୁମରି ସଂଧାନେ ।
ତୁମରି ଆକାଶ ମାର୍ଗେ
ଘୁଡ଼ି ମୋର ଉଡ଼ିଯାଏ ପ୍ରଭୁ,
ପବନରେ କାଟିଯାଏ
ଛିଂଡିହୋଇ ସୂତାଯାକ ସବୁ ।
କୋଠାରୁ ତଳକୁ ଖସି
ମୁଁ କରିଚି କରୁଣ ଚିତ୍କାର,
ମୋ ଦେଶର ଭଗବାନ
ବିଶ୍ୱାସର ହେ ଉପସଂହାର !
କାନ ମୋର ବେଳେବେଳେ
ଶୁଣିବାକୁ ଚାହେଁ ଯେଉଁ ସ୍ୱର,
ଜିଭ ମୋର ବେଳେବେଳେ
ଯେଉଁ ସ୍ୱାଦେ ଆସକ୍ତ ପ୍ରବଳ ।

ଇଂଦ୍ରିୟର ଭୋଗ ପାଇଁ
ବଳବାନ ଯେଉଁ ଉପସର୍ଗ,
ମୁଁ କରୁଚି ବେଳେବେଳେ
ତୁମନାମେ ସେ ସବୁ ଉତ୍ସର୍ଗ ।
କର୍ଣ୍ଣକୁ ଆସକ୍ତ କରି
ସଙ୍ଗୀତର ସ୍ୱର ମୂର୍ଚ୍ଛନାରେ,
ମୁଁ ପଢୁଚି ବହୁ ଗୀତ
ବହୁ ଶାସ୍ତ୍ର, ବହୁ ଗ୍ରଂଥ ପାଠେ ।
ମୁଁ ଗଢ଼ିଚି ଏକ ସୃଷ୍ଟି
ମନାଇଚି ଆଖି, କାନ ମୋର,
ମଣିଷ ପାଇଁକି ଏକ
ଚକାବାକ କରି ଆବିଷ୍କାର,
ମୁଁ କରିଚି ସତ୍ୟପାଠ
ତୁମନାମେ ଅଦାଲତ ଘରେ,
ବହୁ ମାସୁ ବହୁ ଦିନୁଁ
ବାଂଧି ହୋଇ ରହିଚି ପଘାରେ ।।
ଶୁଣିଚି ତୁମରି ବଂଶୀ
ପୁଣି ତୁମ ଗୁହାର ମୁରଳୀ,
ନିଜ ବଂଶ ଧ୍ୱଂସ କରି
ଚନ୍ଦ୍ରିକାକୁ ଗଳ ଦନ୍ତାଘାତ ।

।୧୯୯୦।

ତୁମେ ପୂର୍ଣ୍ଣ ଦାରୁ ମୂର୍ତ୍ତି
ପାଷାଣର ପାଡ଼ିତ ପ୍ରତିମା,
କାଠୁରିଆ ହାତ ଗଢ଼ା ।
ମୋ ଚିନ୍ତାର ଅଷ୍ଟାଂଶ ଦ୍ରାଘିମା ।

କେ କହେ ତୁମର ସୃଷ୍ଟି
କେ କହୁଛି ତୁମର ଭୂଗୋଳ,
କେ ମାନିବ ରେଖାହୀନ
ମୋ ରେଖାକୁ କର ଉଚ୍ଛୃଙ୍ଖଳ ?
ତୁମେ ଏକ ଶୂନ୍ୟ ବିନ୍ଦୁ
ମୁଁ ଏକ ବ୍ୟାପ୍ତ ମାନଚିତ୍ର,
ତୁମେ ମୋ ମଲାଟ ବହି
ମୁଁ ମୂଳ ବୃହତର ଗ୍ରନ୍ଥ ।।

ବନସ୍ତର ଫୁଲ ତୁମେ
ମୁଁ ତା'ର ସୁବାସ ମହକ,
ତୁମେ ହେ ଅରଣ୍ୟ ସ୍ରଷ୍ଟା
ମୁଁ ତା'ର ମହା ସଂରକ୍ଷକ ।
ମୁଁ କୃଷି ମୁଁ ସୃଷ୍ଟି
ତୁମ ନାମେ ଉତ୍ସର୍ଗ ଯଦ୍ୟପି,
ମୁଁ ଲିଖିଛି ନିଜ ଗ୍ରନ୍ଥ
ଚିରକାଳ ବିଶ୍ୱାସ ତଥାପି ।
ସଂଗୀତ ମୋ କାନେ କହ
ଗଢ଼ିଦେଲ ମୋ ସୂକ୍ଷ୍ମ ଚେତନା,
ମଣିଷର ଜ୍ଞାନେନ୍ଦ୍ରିୟେ
ତୁମର ସେ ଅଜସ୍ର ରଚନା,
ମୁଁ ତା'ର କମ୍ପ୍ୟୁଟର
ମୁଁ ତା'ର ଚିତ୍ରଶିଳ୍ପୀ ମାତ୍ର,
ମୋ ହାତରେ ତୂଳିଦେଇ
ମୋ ଇଚ୍ଛାକୁ କରିଛ ମହତ !!

ତୁମେ ହେ ଠିକଣା ହୀନ
ବାସହୀନ, ଦେହହୀନ ବ୍ୟକ୍ତି,
ସାକାର କରିଛ ତୁମେ
ପୃଥିବୀର ଅନେକ ବିଭକ୍ତି ।
ଅନେକ ସଂଗୀତ ଛନ୍ଦ
ମୋ କଣ୍ଠରେ ଫୋଟିବାର ପାଇଁ,

ତୁମେ ମତେ କ୍ରୀଡ଼ନକ
 କରିଅଛ ଅଭଙ୍ଗା କଷେଣ ।
ହୋଇପାରେ ଭକ୍ତ ମୁଇଁ,
 ହୋଇପାରେ, ଜଣେ ସାଲବେଗ,
କିନ୍ତୁ ଏ ଶତାବ୍ଦୀ ଉର୍ଦ୍ଧ୍ୱେ
 ମୋ ମନର ଅନନ୍ତ ଉଦ୍‌ବେଗ ।
ମୁଁ ଖୋଜୁଛି ନୂଆ ପଥ
 ମୋହପାଇଁ ନୂଆ ବିଶ୍ଳେଷଣ,
ହେ ଈଶ୍ୱର, ଭୟ ନାହିଁ
 ତୁମେ କିନ୍ତୁ ନହେବ ନିର୍ବାଣ ॥

ସୂର୍ଯ୍ୟ, ଚନ୍ଦ୍ର, ଗ୍ରହଗଣ
 ଯେ ପୃଥିବୀ ଚିର ଦୃଶ୍ୟମାନ,
ତା' ମଧ୍ୟେ ଅଦୃଶ୍ୟ ମାତ୍ର
 କିଏ ତୁମେ ହେ ମାଧ୍ୟାକର୍ଷଣ ?
ତୁମେ ଯେ ଇଂଗିତ ମାତ୍ର
 ତୁମେ ମାତ୍ର ସ୍ୱର ପରିଚୟ,
କଥାକୁହା ଯଂତ୍ର ମୁଇଁ
 ମୋ ମନରେ ଅନନ୍ତ ସଂଶୟ ।

ଅସୀମ ବର୍ଷର ସ୍ମୃତି
 ପିତୃପିତା ପ୍ରପିତାଙ୍କ କାହ୍ନୁ,
ଏ ସଂସାରେ ଜନ୍ମହେଲେ
 ଯେତେ ଦମ୍ଭୀ, ଯେତେକ ଭୟାଳୁ,
ସମସ୍ତଂକ ଦୀପ-ସ୍ତଂଭ
 ସମସ୍ତଂକ ଉଜ୍ଜଳ ତାରକା,
ତୁମରି ଦୂରବୀକ୍ଷଣେ
 ନୁହେଁ କେବେ କ୍ଷୁଦ୍ର ପିପୀଲିକା !!
ମୁଁ ଏକ ଅନଂତ ଶକ୍ତି
 ସୂର୍ଯ୍ୟ, ଚନ୍ଦ୍ର, ଗ୍ରହଗଣ ପାଇଁ,
ମତେ ତୁମେ କ୍ଷୁଦ୍ର କଲେ
 ନିଜେ ଯିବ କ୍ଷୁଦ୍ରତର ହୋଇ !
ଅଜଣା ରହିବ ତୁମେ
 ପୃଥିବୀର ଅଶୁଣା କଥାରେ,
ତୁମକୁ ବାଧିବ ବ୍ୟଥା
 ମନୁଷ୍ୟର ପ୍ରଳୟ ଭାଷାରେ ।

# ବିରଳ ମୃତ୍ତିକା

# ଅଭିମତ

''ସଂଘର୍ଷ''ର କବି ରଜନୀକାନ୍ତ ଦାସଙ୍କ ଦ୍ୱିତୀୟ କାବ୍ୟଗ୍ରନ୍ଥ 'ବିରକ୍ତ ମୃତ୍ତିକା' । ''ସଂଘର୍ଷ''ରେ ବାମପନ୍ଥୀ ଦୃଷ୍ଟିକୋଣକୁ ଅବଲମ୍ବନ କରି ଯେଉଁ ଆର୍ଥନୈତିକ ଏବଂ ଚାରିତ୍ରିକ ବିପ୍ଳବ ଦ୍ୱାରା ସମଗ୍ର ସମାଜ ସଭ୍ୟତାର ନୂତନ ମୂଲ୍ୟାଙ୍କନ କରିବାର ପ୍ରଚେଷ୍ଟା ଥିଲା, 'ବିରକ୍ତ ମୃତ୍ତିକା'ରେ ତାହା କେତେକାଂଶରେ ବ୍ୟକ୍ତିଗତ ଆଦର୍ଶ ଏବଂ ପାରିପାର୍ଶ୍ୱିକ ଅବସ୍ଥାର ସଂଘର୍ଷରେ ପରିଣତ ହୋଇଯାଇଛି ।

ଏହି ପ୍ରକାର ସଂଘର୍ଷର ପଶ୍ଚାତରେ ଯେଉଁ କାବ୍ୟ ଅନୁଶୀଳନା କବି ମନକୁ ପାରଂପରିକ ରୀତି ବର୍ଜନ ପାଇଁ ଅନୁପ୍ରେରଣା ଯୋଗାଇଛି, ତାହାର ପରିଚୟ ଦେବା ବୋଧହୁଏ ବିଧେୟ । ରୋମାଣ୍ଟିକ କବିତାକୁ ସମର୍ଥନ କରୁଥିବା ୱାର୍ଡସୱାର୍ଥଙ୍କର ଗୋଟିଏ ବାକ୍ୟ:-

*"Poetry takes its origin in emotion  recollected in tranquility"*

ପ୍ରଶାନ୍ତ ଆବେଗରେ ଯେ ସ୍ମୃତି ଜାଗରିତ ହୁଏ ତହିଁରୁହିଁ କାବ୍ୟର ଉଦ୍ଭବ ହୁଏ - ଏହା ପ୍ରାୟ ସର୍ବସମ୍ମତି କ୍ରମେ ଗୃହୀତ ହୋଇଯାଇଛି । ପ୍ରାକୃତିକ ସଂଦର୍ଶନରେ ଯେଉଁ ସଂବେଦନର (Sensation) ସଂଚାର ହୁଏ, ପ୍ରଥମେ ତାହା ହୁଏ ଦେହାଶ୍ରୟୀ - ସେଥିରେ ରକ୍ତ ସଂଚରିତ ହୁଏ (felt in the blood) ପରେ ତାହା ସ୍ଥାନାନ୍ତରିତ ହୁଏ ହୃଦୟରେ (felt along the heart) ଏବଂ ସେଠାରୁ ଶୁଦ୍ଧତର ମନରେ (Purer mind) । ମନର ଏକ ଶାନ୍ତ, ସମାହିତ ଅବସ୍ଥା କାବ୍ୟ ସୃଷ୍ଟିର ଉପଯୋଗୀ ହୁଏ ।

'ଦି ସେକ୍ରେଡ୍ ଉଡ୍'ରେ ଟି.ଏସ୍.ଏଲିଏଟ୍ ଉପରୋକ୍ତ ମତକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି କବିତା ଆବେଗରୁ ଉଦ୍ଭୂତ ହୁଏ ନାହିଁ, ଆବେଗର ସ୍ମୃତିର ବି ନୁହେଁ । କାବ୍ୟ ଉତ୍ପତ୍ତି ସମ୍ବନ୍ଧରେ ସେ ମନ୍ତବ୍ୟ କରିଛନ୍ତି :

*"It is a great concentration, and a new thing-resulting from a great number of experiences which to the practical and active person could not seem to be experiences at all."*

ଆଉ ଅଧିକ ଦୂର ରୋମାଣ୍ଟିସିଜିମ୍‌ର ବିରୁଦ୍ଧରେ ଏଲିଏଟ୍‌ଙ୍କ ମତ ନେଇ ମୁଁ ଆଲୋଚନା କରିବି ନାହିଁ - କାରଣ କବି ରଜନୀକାନ୍ତଙ୍କ 'ସଂଘର୍ଷ'ର ସୃଷ୍ଟି ଏକ *concentration, and a new thing - resulting from a very great number of experiences*ରୁ ଏବଂ ତାହାର ଅବରୋଧ ପରିଣତି ହିଁ 'ବିରକ୍ତ ମୃତ୍ତିକା' । ଏହି କନ୍‌ସେନ୍‌ଟ୍ରେସନ ବା କେନ୍ଦ୍ରୀଭୂତ ଅନୁଭୂତିର ଏକରୂପ ଦେଖ : -

କେକ୍‌କ୍ୟାଣ୍ଡ ଦୃଶ୍ୟପୁରୀ/ହାଇଲ୍ୟାଣ୍ଡ ସଂଭାର ବାଲୁ/
ଗଙ୍ଗା ଅବବାହିକାର/ ଶ୍ୟାମଳ ରୋମାଞ୍ଚ/
ତୁଚ୍ଛ କରି ଦେଲା ଏସ/ ଅନ୍ଧକାର ଭୂତ ।।
ଇଲିଅଟ୍ ଡିଲାଇଟ୍ କମେଡ଼ିରେ/ ଚଲିଯାଏ ଭଲ/ ଶଂକର ଉଆରେନ୍‌ସ ପ୍ରପୋଜନ/
ଖ୍ୟାତି ଆଉ ନାହିଁ/
ଆଜିକାଲି ଟିଣ ନକା ତଳେ ସେଠେ/ ବୋଟଲର ନାମ୍

ଭରାନୀ ମଦିରା ଖାଲେ/ ମଥାବଳେ ଜନାଶ ଖାୟାନ

(ନିରାଶିନୀ କଣ୍ଢୋଲ)

ରୋମାଣ୍ଟିସିଜିମ୍ ଏଠାରେ କିପରି ଭାବେ ବ୍ୟର୍ଥ, କବି ରଚନାକାର ସାବାଲିଆ ଭାବରେ ପ୍ରକାଶ କରିଛନ୍ତି । ରୋମାଣ୍ଟିକ କବିଗଣ ଅତ୍ୟଧିକ ମାତ୍ରାରେ ଅନ୍ତର୍ମୁଖୀନ ହେତୁ ସେମାନଙ୍କର ରଚନା ସାର୍ଥକ ହୋଇ ପାରିନାହିଁ ବୋଲି ଟି.ଏସ୍. ଇଲିଅଟ୍ ପ୍ରମୁଖ ଯେଉଁ ମନ୍ତବ୍ୟ ପ୍ରକାଶ କରିଛନ୍ତି, ଉପରୋକ୍ତ ପଙ୍କ୍ତି ସମୂହ ସେପରି ତାହା ଉପରେ ଆଧାରିତ ।

କବି ରଚନାକାରଙ୍କ ଆଧୁନିକତା ଆଉ ଗୋଟିଏ ଏଲିଅଟୀୟ ଯୁକ୍ତି ଉପରେ ଦଣ୍ଡାୟମାନ । ତାହା ହେଉଛି objective correlative-ଆବେଗର ସହିତ ସଂପର୍କିତ ବସ୍ତୁ । କଥାଟିକୁ ବୁଝାଇଲେ ନିମ୍ନରୂପର ହେବ :-

*"The only way of expressing emotion in art by finding an objective correlative in other words, a set of objects, a situation, a chain of events which shall be the formula of that perticular emotion and that when the external facts, which must terminate in sensory experience, are given, the emotion is immediately evoked"*

ଏଲିଅଟଙ୍କ ମତରେ objective correlative (ଆବେଗର ସହିତ ସଂପର୍କିତବସ୍ତୁ) ହିଁ ଭାବପ୍ରକାଶର ମାଧ୍ୟମ, ଏବଂ ଏହାର ଉପସ୍ଥିତିରେ ଆତ୍ମରୋପଣକାରୀ ପାଠକ ସଂଗରେ ଭାବ ଆଦାନ ପ୍ରଦାନ କରନ୍ତି ।

କବି ରଚନାକାରଙ୍କ ''ପାଗଳ'' କବିତାର objective correlative ବସ୍ତୁ ନିମ୍ନପ୍ରକାରର :-

ସିଂହକଟା ମଣିଷଂକ (Lions' Club)
ଚକ୍ରଧାରୀ ନୈଶକ୍ଲବ (Rotary Club)
ପଦ୍ମ-ଭୋଜୀ (Lotus eater)
କର୍କୋଟକ ନାଗ (କ୍ରୁର-ବିଷ ମଣିଷ)
ଦ୍ରୌପଦୀଙ୍କ ଅସଲଗା ବସ୍ତ୍ର ମାଇକିଏ ।
କ୍ଷୁଦ୍ରପାଦଚାରିଣୀ ।

ଏହି ସମସ୍ତ ବସ୍ତୁ ମଧ୍ୟରେ କବିଙ୍କୁ (ବିଷୟବସ୍ତୁ 'ପାଗଳ') ଖୋଜି ବାହାର କରିବାକୁ (Finding) ଗଲେ ଯେଉଁ କାବ୍ୟ ପ୍ରୟାସ (ସ୍ୱଦେଶୀ ଓ ବିଦେଶୀ) ଆମେ ପାଉଁ, ତାହା ପ୍ରାୟ ଏଲିଅଟ୍‌ଙ୍କ କାବ୍ୟ ପ୍ରୟାସ ସଂଗେ ସମାନ - ଯାହାକି ଏକ ଯାନ୍ତ୍ରିକ ପ୍ରୟାସ କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଗୋଟାଏ କଥା ଏହିଠାରେ ଅନୁଭୂତ ହୁଏ ଯେ, କବି ରଚନାକାରଙ୍କ ଏହି ପ୍ରୟାସ ଅନୁକରଣ ନୁହେଁ - ଅନୁଭୂତି ପ୍ରବୃତ୍ତିରୁ ପ୍ରସୂତ ମାତ୍ର *'He makes the pattern comply with what he has to say'*. ଦ୍ୱିଧା ବିଭକ୍ତ ଆଜିକାର ସମାଜର ମଣିଷର ଯେଉଁ ସତ୍ତା ଖଣ୍ଡିତ, ତାହାରି ଚୈତନ୍ୟ ନେଇ କବିଙ୍କ କାରବାର ।

ଗ୍ରାହ୍ୟ ଅନୁକୃତିବାଦ ଠାରୁ ପ୍ରାଚୀନତ୍ୱର ଦାବିରେ ପ୍ରତୀକତା ଯଦିଓ ଏହାର ତାତ୍ତ୍ୱିକ ପରିଣତି ଆମେ ଦେଖୁଁ ଊଣେଇଶ ଶତକର ଶେଷ ଆଡ଼କୁ ବଦଲେୟାର୍, ମାଲାର୍ମେ,

ଭ୍ୟାଲେରୀ ପ୍ରମୁଖ ଫରାସୀ କବି ମାନଙ୍କର ଶିଳ୍ପ ସମାଲୋଚନାରେ । ସଂଘାତର ପ୍ରଧାନ ଲକ୍ଷଣ ବାହୁଲ୍ୟ ଜଟିଳତା । ଭାବ, ତାଳ, ଛନ୍ଦ ଓ ନିୟମ ସମୟରେ ଯେଉଁ ସୁରସଂଘାତ ସୃଷ୍ଟି ହୁଏ, ସେଥିରେ କଳାରୂପ ଓ ବିଷୟବସ୍ତୁର ଚରମ ଐକ୍ୟ ଲାଭ ହୁଏ, ଯାହାକି ଗାଦ୍ୟରୀତି ଅନୁପାସୀ ଶବ୍ଦ ପ୍ରୟୋଗ ଦ୍ୱାରା କୌଣସି ପ୍ରକାରେ ସମ୍ଭବ ହୁଏ ନାହିଁ । ପକ୍ଷାନ୍ତରରେ ଶବ୍ଦ ଯାହାକି କବିତାର ଭିତ୍ତି ସ୍ୱରୂପ-ସବୁ ସମୟରେ ଅର୍ଥାଶ୍ରୟୀ । କବି ରଜନୀକାନ୍ତ ରୋମାଣ୍ଟିସିଜିମ୍‌ର ଗୀତିମୟତାକୁ ପରିତ୍ୟାଗ କରିଛନ୍ତି ଯେଣୁ ସେ ପ୍ରତୀକର ପ୍ରୟୋଗ କରିବାକୁ ପ୍ରାୟ ସର୍ବତ୍ର ଚେଷ୍ଟିତ । ଅତି କଥା (myth) ଓ କିମ୍ବଦନ୍ତୀ ମୁଖ୍ୟତଃ ପ୍ରତୀକ ଧର୍ମୀ । ଏଗୁଡ଼ିକ ତାଙ୍କର ସମଗ୍ର ଅଭିଜ୍ଞତା ତଥା ସମଷ୍ଟିଗତ ଚୈତନ୍ୟର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି । ଯଥା :-

'ଧୂର୍ଜଟିର ସାଥେ ଆଜି/ ଖେଳିବି ମୁଁ ରଜତ କଂସାଇ/...../ ରାହୁ ଗ୍ରହ ଗ୍ରାସିବି ଆଲୋକ/ ଶନିଗ୍ରହ ରଚିବି ମୁଁ ଲୋକଲୋକେ ବ୍ୟାପିବ ବିପାକ/...../ ରକ୍ତର ଖର୍ପର ମୋର ଶୂନ୍ୟ ଆଜି/...../ ସୟତାନ ଦୁଃସ୍ୱପ୍ନ ଦେଖଇ ।''

କିନ୍ତୁ ଅତିଆଧୁନିକ କବିତାର ଏ ''ଲୌକିକ ବାହାବା ଶିରେ ଘୃଣା ଭରେ ପାଦଟି'' ରେ ଥୋଇଥିଲା ପରି ମନେହୁଏ, କାରଣ କବି ଔଦ୍ଧତ୍ୟ ସହକାରେ ଆତ୍ମ ଘୋଷଣା କରି କହୁଛନ୍ତି :-

''ମୋ ସୃଷ୍ଟିର ମୁଁ ସମ୍ରାଟ
ମୋର ଇଚ୍ଛା ଆପଣା ଆଦର୍ଶ
କିନ୍ତୁ ମୋ ମାନସହ୍ରଦରେ
ପରାଜୟ ନ ଲିହିଛି ଲେଖ ।
(ଦେହର ଛାଇ)

କବିତା କେବଳ ବୁଦ୍ଧି ଗ୍ରାହ୍ୟ ନୁହେଁ, ଅନୁଭବବେଦ୍ୟ ମଧ୍ୟ । ଏହି 'ଅନୁଭବ ବେଦ୍ୟ'ଟି ବାକ୍ୟ ମଧ୍ୟ ଦେଇ ପ୍ରକାଶ କରାଯାଏ ନାହିଁ - ଏହା ସାଧିତ ହୁଏ କବିଙ୍କ ହୃଦୟ ସଂଗେ ପାଠକର ହୃଦୟର ସଂଯୋଗ ସ୍ଥାପନ ସମୟରେ । କବିଙ୍କ କବିତାରେ ପ୍ରକାଶିତ ଆବେଗ ଯେତେବେଳେ ସହୃଦୟ ପାଠକଙ୍କର ଚିତ୍ତ ମଧ୍ୟରେ ସଂକ୍ରମିତ ହୁଏ, ସେତେବେଳେ ସେ କବିଙ୍କର ଅନ୍ତର୍ଜଗତରେ ପ୍ରବେଶ କରେ । ମୁଁ କବି ରଜନୀକାନ୍ତଙ୍କର ଏକ ବିଦଗ୍ଧ ପାଠକ, ତେଣୁ ତାଙ୍କ ଶିଳ୍ପରୀତି ଯାହା ହେଉନା କାହିଁକି, ସହୃଦୟତା ନେଇ ତାଙ୍କର କାବ୍ୟରୀତି ଯେ ଉଜ୍ଜ୍ୱଳ ତାହାର ତେଜସ୍କ୍ରିୟତା ମୁଁ ଉକ୍ତ କଣିକା ମଧ୍ୟରେ ବାରମ୍ବାର ଅନୁଭବ କରିଛି ।

୨୫-୧୦-୧୯୭୪ ବିନୋଦ ନାୟକ

# କାକ-ଜ୍ୟୋସ୍ନା

କାକଜ୍ୟୋସ୍ନା, ନିଦଭାଙ୍ଗ । ନିଶିହେଲା ଭୋର,
ଜୀବନଟା ନୁହେଁ ସଖା! ଖାଲି ସ୍ୱୟଂବର...
ତୁମ ପାଇଁ ଅବା କାହା ପାଇଁ ।
(ହୋଇପାରେ ଅଭିଶାପ ଅବା ଅଭିସାର) !!

ଜୀବନଟା ପ୍ରଣୟ ଦଗା, କେତେ ରାଗ-ରୁଷା ପାଞ୍ଚାପାଖି
କେତେ ଟକ୍କା, କେତେ ଭଂଗା, କେତେ ଛାଡ଼ପତ୍ର, ଧମକି
ଦୁଇଟି ବିଛଣା କେବେ, ଅବା ପୁଣି ଗୋଟିଏ ସୋଫାର
ଜୀବନଟା ସ୍ୱୟଂବର ନୁହେଁ ସଖା; ଯଦି ଅଭିସାର ।

କେବେ ବା ଗୋଲାପୀ ଖାମ୍, କେବେ ପୁଣି ଘରଖର୍ଚ୍ଚ ଚିଠି,
ପାଖେ ଧୋତି, ପାଖେ ଶାଢ଼ୀ, ଗଛତଳ ନଳ-ଦମୟନ୍ତୀ,
କେତେବେଳେ ଜତୁଗିରେ କାଟି ପୁଣି ପଡାଏ ଦଧିତ,
ଦୁଃଖ ନାହିଁ, ଶୋକ ନାହିଁ, ଜୀବନଟା ଜୀବନ ନୁହେଁ ତ !

ଜୀବନଟା କାକ-ଜ୍ୟୋସ୍ନା ! ତୁମଲାଗି ହେବ ସ୍ୱୟଂବର,
ପାଣିକୁଣ୍ଡେ ଛାଇଦେଖି ମାଛ ଆଖି ଯଦି ବିଂଧିପାର !
ଲାଖବିଂଧି ଆଣିନେବି ଉପଭୋଗ ଏକାଂତ ନିଜର
ନୁହେଁ; ତେଣେ ଚାହିଁଛନ୍ତି ଜୀବନର ବହୁ ଅଂଶୀଦାର !

ଜୀବନଟା ଅଭିସାର, ପରିଣୟ, ଯାହା କିଛି କୁହ,
ସ୍ୱୟଂବର ନୁହେଁ କେବେ କାକଜ୍ୟୋସ୍ନା, ସ୍ୱୟଂବର ନୁହଁ !
ଦିନ ନୁହଁ ରାତି ନୁହେଁ, ନୁହେଁ ବର୍ଷା, ଶିଶିର, ହେମନ୍ତ,
ଜୀବନଟା ସବୁ ଋତୁ ମିଶାମିଶି - ଗରଳ - ଅମୃତ !

ସୂର୍ଯ୍ୟ ଉଠେ ଅସ୍ତଯାଏ, ଜୀବନର ବଡ଼ାଘର ପାଶେ,
ଗୋଧୂଳିର ଛାୟାଘେରା ନଦୀ ଯଥା ସମୁଦ୍ରରେ ମିଶେ ।
ସଂଗ୍ରାମୀ ମୁହାଣକି ଜୀବନଟା ଜୁଆର-ଭଟ୍ଟାର
କିଛି ବାଧେ ନାହିଁ ତାକୁ, ସୁଖ ଦୁଃଖ ସବୁ ଏକାକାର ।

ଜୀବନଟା କାକଜ୍ୟୋସ୍ନା ! ହୋଇଥାଂତା "କାକଜ୍ୟୋସ୍ନା" ଯଦି
ତୁମ ତୁଳେ ନିଦକୋଳେ ଲଭନ୍ତି ମୁଁ ଦୁରନ୍ତ ସମାଧି !

(ନବପତ୍ର - ୧୯୬୭)

# କମଳା ଲେଂବୁ

ସୂର୍ଯ୍ୟ ଉଠେ, ସୂର୍ଯ୍ୟ ବୁଡେ, ଆକାଶଟା ଲାଲ୍
ପୂରୁବ, ପଶ୍ଚିମ ଅବା ଉତ୍ତର ଦକ୍ଷିଣ
ଯେଉଁଠି ଦେଖ ଚାରିଆଡ଼େ ଏକାଭଳି ଗୋଲ୍
ଏକାଭଳି ଲାଲ୍ ।

ପୃଥିବୀ କମଳାଲେଂବୁ ଆକାର ପ୍ରକାର,
ସବୁଜ ନାରଂଗୀ ମିଶି ଫେଣ୍ଟାଫେଣ୍ଟି ରଂଗ
କାହିଁ ବେଶୀ ଗାଢ଼ ଅବା କେଉଁଠି ତରଳ,
ପୃଥିବୀ କମଳା ଲେଂବୁ ସୂର୍ଯ୍ୟ ଫୁଟବଲ୍ ।

ଏ ବର୍ତ୍ତୁଳ ସୂର୍ଯ୍ୟ-ପେଣ୍ଡୁ ଖେଳ ପଡ଼ିଆରେ
ଗଡ଼ାଇ ମୁଁ ନେବି ଆଗ, ସବୁରି ସାମ୍ନାରେ
ମୁଣ୍ଡରେ ମୁଁ ହେଡ୍‌କରି, ଲଂଗ୍ କିକ୍ ମାରି
ଖେଳାଳୀ ଦଳଙ୍କୁ ଦେବି ପୁରାଇବି ଗୋଲ-କିଆରୀରେ ।

ତାପରେ ଦେଖିବ ଯେବେ ଖେଳ ଶେଷେ, କମଳା ଲେଂବୁଟା
ଆସିବ ହାତକୁ ମୋର...
ଲାଗିବ ତା' କେମିତିଆ ମିଠା !

(ସାଧନା, ଫେବୃଆରୀ, ୧୯୬୭)

# ସଂଧ୍ୟା ତାରା

ନିସ୍ତବ୍ଧ ଏ ସଂଧ୍ୟାତାରା ଦେଖି
ଜାଗି ଉଠେ ଶତ ଅଭିସାର
ଗୋଟିଏ ଗର୍ଭିଣୀ ରାତି
ତାର କୋଳେ ଜଗିବ ନିସ୍ତାର !
ଗୋଟିଏ ସୁଦୀର୍ଘ ଦିନ
ହତ କ୍ଳାନ୍ତ ବ୍ୟଥିତ ପରାଣେ
ଆଜି ଯା' ଦବାଇ ଦବ
କ୍ଷଣିକ ଏ ଗୋଧୂଳି ଲଗନେ ।

ଅତୀତର ମ୍ଲାନ ଆଶା
ହତାଶାର ଛାୟା ବ୍ୟଥାରାଶି
ଆଜି ତା' ଆକାଶ ଭାଲେ
ଝଲିବରେ ଶତ ସ୍ୱର୍ଣ୍ଣ-ଶଶୀ ।

ସଂଧ୍ୟାସମ ଘୋଟିଯିବ
ଏକ୍ଷଣି ଯେ ଦୁରନ୍ତ ଯାତନା
ସେଇ ତାର ଇତିହାସ
କୀର୍ତ୍ତି-ହୀନ ଅଦେଖା ଅଶୁଣା... ।
ଦୁର୍ବୋଧ ଏ ନୁହେଁ ବଂଧୁ,
ଏହାକୁ ଯେ ବୁଝିବାକୁ ହେବ
ଦରଦୂତା କ୍ଷୀଣ ବୋଲି
ସହେଜି ଗୋ ଘରଦ୍ୱାର ଦେବ ?
ଅଣହେଳା କରିବ ଏ
ଜୀବନର ରୁଦ୍ର ଅପମାନ
ଆଜି ଯା' ତା' ଶ୍ରାଂତି କୋଳେ
ମାତେ କାୟା ଭାଷାର ବଂଧନ ।

ଅଶ୍ରୁର ସାଗର ତଳି
ଆଣିଚି ଯେ କମଳ ପାଖୁଡ଼ି
ତୁମ ପାଦେ ଭେଟି ଦେବି
ସତେ ତାର ସ୍ନେହ ଯିବ ଏଡ଼ି ?
ସଉରର ଶୋଭାହୀନ
ଜାଣି ଯାହା ନିଅ ମୋ ଶ୍ରୀକରୁ,
ଛିଡ଼ାଇ ତା' ଦେବନାଇଁ
ଫେରି ମୋତେ ଦେବା ପୂରୁବରୁ ।
ଅବଜ୍ଞା ଗୋ ନକରିବ,
ତାରେ ପଛେ କରିବ ନିନ୍ଦିତ,
ହେଉ ନୁହେଁ, ସେଇ ତାର
ଅନୁପମ ଖ୍ୟାତି ମହୀୟାନ ॥

ନିବେ ସେ ତା' ଜୟମାଲ୍ୟ
ବାଧାହୀନ ଅନନ୍ତ ସମ୍ମାନ
କାଲି ଯାଁକୁ ହେଳା କଲ
ତୁମେ କହି କିଂଶୁକ ପ୍ରସୂନ !
ଗୋଟିଏ ଜୀବନ ବ୍ୟାପୀ
ଅଶ୍ରୁ ଆଉ ବେଦନାର ମୂଲ
କ୍ଷଣିକ ଆନନ୍ଦ ସଂଗେ
ତାକୁ କିଆଁ କରି ବସ ତୁଲ ?

ଏ ନୁହେଁ କ୍ଷଣିକ ବ୍ୟଥା
କ୍ଷଣିକ ଯା ନୁହେଁ ଉପହାର
ପରିପୂର୍ଣ୍ଣ ସମୟର
ସନ୍ନିହିତ ଅନନ୍ତ ସଂଭାର !!
ମଣିଷର ଶ୍ରେଷ୍ଠ ବୀର୍ଯ୍ୟେ,
ଅନାହତ ଅଦମ୍ୟ ପରାଣେ,
ଯେ ମୁହୂର୍ତ୍ତ ଜନ୍ମିଥିଲା,
ଅଧା ବିଆଁ ରାକ୍ଷସ ପ୍ରମାଣେ ।
ଅନାବନା ଫୁଲ ବୋଲି
ଫୁଟୁ ଫୁଟୁ ବୃନ୍ତ ଦେଲ ମୋଡ଼ି
ଭ୍ରୁଣ ବୋଲି ଉଡ଼ିଦେଲ
ଯା'ରେ ଚିର ଅପବାଦେ ଭରି !
ସେ ବେଳର ଶିଶୁ ଯିଏ
ଲୁଚିଥିଲା ଲଭି ଅପମାନ
ଖୁନା ତରବାରୀ ହସ୍ତେ
ଆଜି ସେହୁ ଗଢେ ଅଭିଯାନ ।

କ୍ରାନ୍ତି ଏ ନୁହଁଇ ବନ୍ଧୁ
ନୁହେଁ ଏତ କେବେ ଅଗ୍ନିକଣା
ଏଇ ତାର ଅନାହୂତ
ମୁକ୍ତି ବାଞ୍ଛା, ଅନେକ ପୂରୁଣା !

ଏଇ ତାର ଅଶ୍ରୁସିକ୍ତ
ଅନୁମତି ଶତ ଜନମର
ଝଡ଼ର ଯାମିନୀ କୋଳେ
ଢାଳେ ଅର୍ଘ୍ୟ ନିଜ ଅଭିସାର ।
ମଉଳା ଅତୀତ ପାଙ୍କୁ
ଅସମାପ୍ତ ଅନଂତ ଇଂଗିତ
କାନେ ତାର କହିବସେ
କହୀ କାନେ, ଯଥା ପରଭୃତ ।

ଉଲ୍ଲସେ ଜାଗି ଉଠେ
ତା' ଅଂତରେ ଲୋଲୁପ କାହାଣୀ
ମାସଳର ରକ୍ତ ପିଇ
ବୀର୍ଯ୍ୟସ୍ୱିନୀ ଆଜି ଏ ରଜନୀ !
ଜାଗି ଉଠେ ମହା ଦଂଭେ
ଶତ ପଶୁ ବାସନା ମଉଳ
ଏଇ ତାର ଜୀବନର ଅନୁରକ୍ତି
ଶେଷ ସମାଧାନ... !
ଏଇ ତାର ଶେଷ ଯାତ୍ରା
ବିଜୟର ଆଦ୍ୟ ଉପହାର
ପଥ ଯାର ରୋଧିବାକୁ
ଆଜି ହେଲେ ଶକ୍ତି କହ କା'ର ?

ଚପଚପ ଜଳିଉଠେ
ସଂଧ୍ୟା-ତାରା ନଭସୀମା କୂଳେ
କ୍ଷୁଧାର ଆତୁରେ ଆଜି
ନିଶାଚରୀ କ୍ଷିପ୍ର ପଦେ ଚଳେ ।
ବାଣୀର ଦେଉଳେ ପୁଣି
ଜାଗିଅଛି ଅପବିତ୍ର କ୍ଷୁଧା
ମାସାଂତର ଶେଷ ଯାମେ
ସଂକ୍ରାନ୍ତିର ଏ ଦୃପ୍ତ ପ୍ରବୋଧା !

କର୍ପୂର ଆରତୀ ଢାଳେ
ସୟତାନୀ ନିଶ୍ୱାସ ପ୍ରଖର
ସଂଧ୍ୟାର ସୀମାଂତ ତୀରେ
ଝଡ଼ର ଏ ଦୃପ୍ତ ସ୍ୱୟଂବର !
ହେ ବାଳିକା ଭୀରୁ ଯଦି ତୁହି
ତୁଳୁର ଅଳତା ରଂଗେ
ପ୍ରେମ-ପତ୍ର ଲେଖିଲୁ କିପାଁଇ ?
(ସହକାର - ଦ୍ୱାତ୍ରିଂଶ ଭାଗ, ୧ମ ସଂଖ୍ୟା, ୧୯୪୧)

# କିରାସିନି କଂଟ୍ରୋଲ

ଲେକ୍ ଲ୍ୟାଂଡ ଦୃଶ୍ୟ ପୁଣି
ହାଇ ଲ୍ୟାଂଡ଼ ସଂଗୀତ ବାଦିତ୍ର
ଗଂଗା ଅବବାହିକାର
ଶ୍ୟାମଳ ରୋମାଂଚ
ଦୂର କରିଦେଲା ଏଇ
ଅଂଧକାର ଭୂତ ।

ଇଲିୟଡ ଡିଭାଇନ କମେଡିରେ
ଚରିଯାଏ ଷଣ୍ଢ
ଶ'ଙ୍କର ଲଅରେନ୍ସ ପ୍ରଫେସର
ଖ୍ୟାତି ଆଉ ନାଇଁ ।

ଆଜିକାଲି ଦିନ ନଢାଦଲେ ଯେବେ
ବୋତଲର ଜାମ୍
ଇରାନୀ ମଦିରାଣୀକେ
ଯଥା ଦଳେ ଓମାର ଖୈୟାମ୍ ।
ସଂଧ୍ୟା-କ୍ଲାଂତ ଅଧରକୁ ଚିରି
କାଠ ଅଡ଼ା ଚାରିଆଡ଼େ ଶଦ ଉଠେ
'ଦିଅ ତେଲ, ଦିଅ ହେ ବେପାରୀ' ।

ସଂଧ୍ୟା ହେଲା, ଅଫିମ ଦୋକାନୀ ନିଜ
                    ମୁଦିଲା ପହଡ଼
ରେକ୍ସାଚଣା ଝୋଟାମରା କରୁଥାନ୍
                    ଆଲୋଚନା ଭିଡ଼
ତାହା ଦୋକାନରୁ ଧୀରେ
                    ଖଇଣି ନରମି
ବନ୍ୟାପାଣି ନର୍ଦ୍ଦମାର ଗର୍ଭୁ ଉଠି
                    ଫୁଟ୍‌ପାଥ୍‌ରେ ଜମି
ଘର ପରେ ଘର ବଢ଼ି
                    ମହାଦେବରେ ପଡ଼ିଛି ଉଛୁଳି
ଦେଖାକୋଠୀ, ଗାର୍ଡ଼ ଅଗ୍ର ଛିଳି
                    ଆକାଶକୁ ଚୋବିଲାଣି ଶିର
ତିମିରର କରାଳ ମୁଖରୁ ଆଜି,
                    ଟଂଟିବାର ନାହିଁ ପ୍ରତିକାର
ଖାଲ୍‌ନଗର ବିକି ଚିତା ଛାଡ଼ି
କିରାସିନ୍ ବିପୁଳ ଅଭାବ ଯା'ର
                    ପ୍ରତିରୋଧ ପାରେନାହିଁ କରି ।

ବସ୍ତି ଘରା ତେଲର ଅଭାବ ବେଳେ
                    ରଣିକାର ବାତାୟନ ଦେଇଁ
ଲ୍ୟାଂପର ରଶ୍ମି ଅଂଶ
                    ଯାଉନାହିଁ ଫୁଟ୍‌ପାଥ୍ ଛୁଇଁ
ବଢ଼ିବାକୁ ସୌଖୀନ ପ୍ରଣୟ...,
ସମାଜର ଦାମିକା ବିକାଶ ଯାଚି
                    ଉଚ୍ଚ ଶ୍ରେଣୀ ପାଇଁ ।
ନିମ୍ନବର୍ଗ ସର୍ବହରା ପାଇଁ କିଛି
                    ରଖିଲାନି ସଖା,
ଶୋଷିତବର୍ଗର ସେଇ ଶେଷ ପ୍ରାଣୀ,
                    ନାହିଁ ପଦ୍ମା, ନାହିଁତି ଗଣିକା ।
ଏ' ବିରାଟ ତେଲର ଅଭାବବେଳେ
                    ଅମାବାସ୍ୟା ପକ୍ଷ
କର୍ଣ୍ଣେଲ ହାର୍କୋଟ୍' ସଂଗେ
                    ଯଥା ତବେ ଓଡ଼ିଆ ପାଇକ ।

ଲାଲ୍‌ବାଗୁ ବାରବାଟୀ କିଲ୍ଲାଯାଏ,
ହେବାଆଗୁ 'ଲାଲ୍ କ୍ଷେତ୍ରେ'✤ ଗଣା
ବସ୍ତିସାରା ଘୋଷଣା ପାଇବା ଆଗୁ
ବିପଦ ସୂଚନା ।
ଶୋଷିତ ଏ ମଧ୍ୟବର୍ଗ ପ୍ରାଣୀ
କବି ଜଣେ, ଗଢେ ଯେଉଁ ଜନତାର
ଉତ୍ସାହର ବାଣୀ
ଖାନ୍‌ନଗର ଚିତା ତଳେ
ପରୀକ୍ଷା ସରିବା ଆଗୁ
ତହିଁରେ କି ମ୍ଲାନ-ଲିପି ଜଳେ,
ଅସି-କୋଷେ ବଂଚିବାକୁ
ଦିଅ ଆଜି ତାଙ୍କୁ ହେ ସମସ୍ତେ,
ଯଦି ଆଶ୍ରା ନାହିଁ ମିଳେ
କାର୍କ୍ଷୋନ୍+ କବରର ଖାତେ ।

(ରଚନା : ୧୯୪୪ - ପ୍ରକାଶନ : ନବପତ୍ର - ୧୯୬୬)

* ଓଡ଼ିଶା ଆକ୍ରମଣକାଳୀନ ଇଂରେଜ ସେନାପତି । ✤ Red Area । + ମୁଦ୍ରା ଯନ୍ତ୍ରର ଆବିଷ୍କର୍ତ୍ତା ।

# ପ୍ରତିମା ମହାନ୍ତି

ପ୍ରତିମା ମହାନ୍ତି !
ଯାଉଥିଲି ତୁମ ଘରେ
ରବିବାରେ
ସଂଗେ ଥିଲେ ଅପ୍ରତିମ ପତି ।
ଛୋଟ ତୁମ ଘର ସାମ୍ନା,
ବଗିଚାରେ ଡାହାଲିଆ ଫୁଲ,
ଲିପ୍‌ଷ୍ଟିକ୍ ବୋଳା ଓଠେ
ତୁମାଖାର ଚିହ୍ନଥିଲା ଲାଲ୍ ।
ଦୁଆରରେ ଝୁଲୁଥିଲା,
ଛୋଟ ଏକ ଉଡ଼ହେଲ୍ ତାଲା,

ରାସ୍ତାହୀନ ନେମ୍-ପ୍ଲେଟ,
ଇସାରାରେ ଆମକୁ କହିଲା,
ଯାଉଥିବ ତୁମେ କାହିଁ,
ପିକ୍‌ନିକ୍ କରି କାହା ସାଥେ,
ରବିବାର ଛୁଟି ଦିନେ,
ଏଠି ଯାହା କରଂତି ସମସ୍ତେ ।

ପ୍ରତିମା ମହାଂତି,
ଗାଆଁ ନାଇଁ ଘର ନାଇଁ,
କେହି ବଂଧୁ ସୋଦର ନାହାନ୍ତି ।
କେଉଁ ଜାତି, କେଉଁ ଗୋତ୍ର,
ଭଲଭାବେ ଜଣାନାହିଁ ବେଶି,
ଜଣାଥିଲା ସେବାଶ୍ରମେ,
ଜଣେ କିଏ ଥିଲେ ତ ମାଉସୀ,
ଗଲେଣି ସେ ମରି ।
ଅନାଥାଶ୍ରମରୁ ତୁମେ,
ପାଠ ପଢ଼ି ଆସିଚ ବାହାରି ।
ଟାଇପିଷ୍ଟ ଜଣେ,
ଖୋଜି ଖୋଜି ଯେଉଁଦିନ,
ମିଳିଗଲା ଚାକିରି ପ୍ରବାସେ ।

ପ୍ରତିମା ମହାଂତି,
'ଟାଇପ୍ ଏଫ୍'ର ଏକ ଜଣକିଆ,
କ୍ୱାଟରେ ରହଂତି ।
ସାମ୍ନାରେ ବାରଂଡା ଅଛି,
ଛୋଟ ଛୋଟ ପାଂଖାପେଟ ସହ,
ଭିତରେ ଗୋଟାଏ ରୁମ୍,
ସେତିକିତ, ଅଛିଥାଡ଼ି ଜିଅ !
ଅଗଣା ଖଂଡକ ଛୋଟ
ଇଲେକ୍ଟ୍ରିକ୍ ପାଚେରୀ ବଳୟ,

ଭିତରକୁ ସାନିଟେରୀ ପାଇଖାନା,
ବାଥ୍‌ରୁମ୍ ଦ୍ୱୟ ।
ଘରର ଭିତର ପାଖେ,
ବାରଣ୍ଡାରେ କିଚିନ୍ ଓ ଷ୍ଟୋର୍,
ସୁଷ୍ଠୁ ଅବତାର :
କେତେବେଳେ ହିଟରରେ କାମ ଚଳେ,
କେବେ ବା କୁକର ।

ପ୍ରତିମା ମହାନ୍ତି
ଛୋଟ ତୁମ ଧଂଘାରଟି,
କେତେ ଖଣ୍ଡ ଶାଢ଼ୀର ସମଷ୍ଟି,
ବ୍ଲାଉଜ୍ ଓ ସାୟା କିଛି,
ଲିପିଷ୍ଟିକ୍ ସ୍ନୋ ପାଉଡର,
ନାଇଲୋନ କେଶଗୁଚ୍ଛ.
କିଛି ବାସ୍ନା ତେଲ ଓ ଅତର,
ଟିକି ହାତେ ଛୋଟ ରିଷ୍ଟୱାଚ୍
ସତେ ଅବା ଗଢ଼େଇଛି,
କଂପାନୀକୁ ଦେଇକରି କଷ୍ଟ...
ଅଳଂକାର ବିହୀନ ସେ ରୂପସଜ୍ଜା
କ୍ରୋଟନର ଗଛ !!

ପ୍ରତିମା ମହାନ୍ତି,
ଯଉବନ ନଈ ତୁମ,
କେଉଁ କୂଳେ ଅଟକା ଖାଉଛି ?
ଦପ୍ତରର ସାଥି ମେଳେ
ଫାଇଲ୍‌ର ଅଳସ ପତରେ,
ଅବା କେବେ 'ଫେମିନା' ମେଗାଜିନ୍‌ର
ପ୍ରଣୟ ଶରରେ ।
ଖୋଜିଚି କି ନାହିଁ କହ,
ସମାଧାନ କୌଣସି ଶଂକାର,

ପିକ୍‌ନିକ୍ ଚଳାବେଳେ,
ଝୁଂଟି ପଡ଼ିଚକି ନାଇଁ,
ଅନ୍ୟ ମନସ୍କର ?

ଝୋନା କଲମ କି କେବେ,
ଝୋପିଦେଲ ବ୍ଲାଉଜ୍ ଭିତରେ,
ଅଫିସ୍‌କି ଆସିଥାଅ ଚାଲି,
ଅବା ଟିଫିନ୍ ଡବାଟା ଛାଡ଼ିଦେଲ,
ଘର ଟେବୁଲରେ,
ବହୁବାର ଆସ ଖାଲି ଖାଲି !
ଓଭର ଟିଉଟି ବେଳେ
ଯାଇଚକି ମୂର୍ଚ୍ଛା,
ରେଡ଼ିଓ ସଂଗୀତେ,
ସେକ୍ରେଟେରୀ ଘଂଟି ଶୁଣି
ଚମକି ପଡ଼କି
ଆଶା ଆଉ ଆଶଙ୍କା ସଂଘାତେ ?

ପ୍ରତିମା ମହାନ୍ତି,
ଅନୁରୋଧ ଚୋପଦାର,
ଅର୍ଘ୍ୟ ରାୟ, ଅପ୍ରତିମ ଚଂଦା,
ଅବନୀକର ସାନ୍ୟାଲ,
ଅନୁନୟ ପ୍ରଧାଣ ଓରେଇର,
ଚାହିଁଚନ୍ତି ତୁମ ପଥ,
ଯିବାପାଇଁ ଆଜିବା ପିକ୍‌ଚର,
କାହାସାଥେ ଯିବ ଅବା ନାହିଁଯିବ,
ଆଗ ସ୍ଥିର କର ।
ହେଉଚି ଉତ୍ସୁକ ।
....ଅବା ଦିଅ ଖବର ପଠାଇ,
ରହିବାରେ ଦେଖାହେବ ମ୍ୟାଟିନ୍‌ରେ -
ତା' ପୂର୍ବରୁ ନାଇଁ !

(ନବପତ୍ର : ଜୁଲାଇ, ୧୯୬୬)

# ନିଶି-ପଦ୍ମା

ମୃଣାଳିନୀ ସେନଗୁପ୍ତା
ଦିବସେ ସ୍ୱପ୍ନିକା ନାରୀ
ରାତ୍ରେ ବିମର୍ଷିତା ।
ସକାଳ ପାହିଲେ ପୁଣି
ସଦ୍ୟଫୁଟା ଫୁଲତୋଡ଼ା ଧରି,
ଆସନ୍ତି ଫାଟକ ପାଖେ,
ଆମେ ଦୁହେଁ ହାତ ଧରାଧରି ।
ବ୍ଲୁ ପାର୍କ ବଗିଚାରେ
ରାସ୍ତା ମୋଡ଼ ଛୋଟ ରେସ୍ତୁଁରାରେ ।
ଛିଟାଟେବୁଲ୍ ଉପରେ,
କଫି ପାତ୍ର ବାଷ୍ପ ମୌସୁମୀରେ,
ଆମେ କରୁ ପରସ୍ପରେ
ସ୍ନେହ ପ୍ରତ୍ୟର୍ପଣ;
ପ୍ରତ୍ୟୁଷର ହସବୋଲ
ଦିବସର ଆଦ୍ୟ ସଂଭାଷଣ ।

ମୃଣାଳିନୀ ସେନଗୁପ୍ତା,
ଦିବସେ ଚପଳ-ଛନ୍ଦା,
ରାତ୍ରେ ମନ୍ଦାକ୍ରାନ୍ତା ।
ସାରା ଦିନ ବାଧାହୀନ,
ଯୌବନର ହସ ହସନ୍ତିକା,
ଦପ୍ତର ଓ ରେସ୍ତୁଁରାରେ,
ସବୁବେଳେ ପ୍ରଗଲ୍‌ଭା ନାୟିକା ।
ସନ୍ଧ୍ୟାଗମେ କରନ୍ତି ସେ
ପ୍ରତ୍ୟାଖ୍ୟାନ ସବୁ ନିମନ୍ତ୍ରଣ,
କ୍ଲବ୍ କିମ୍ବା ନାଚ ଘରେ,
ଯେତେ ପାର୍ଟି ଡିନର ବର୍ଜନ ।

ମୃଣାଳିନୀ ସେନଗୁପ୍ତା,
ଦିବସରେ ସୂର୍ଯ୍ୟସ୍ନାତା,
ଶୁଭ୍ରା ସୁଚରିତା,
ରାତ୍ରି ଘନ ଅନ୍ଧକାରେ
ଶୈବାଳିନୀ ମଳିନା ବିବ୍ରତା ।

ସେ ହୁଅଂତି ସ୍ୱର୍ଣ୍ଣହୀନା
ସ୍ନେହହୀନା କୁଂଠିତା ବିବର୍ଣ୍ଣା,
ତୁମର ସେ ନିଷ୍ଠି-ପଦ୍ମା
ମୋହଲାଗି ଅଂଗୀକାର ହୀନା !!

(ନଭେମ୍ବର, ୧୯୭୩)

# ଖଂଡେ ସିଗାରେଟ୍

ଲୁଂଠିତ, ଲୁଂଠନକାରୀ;
ବିଜୟୀ, ବିଜିତ
ଶୋଷକ, ଶୋଷିତ ଆମେ –
ଶାସକ, ଶାସିତ
କିଂତୁ ହୁଇ ମିତ୍ର !

ପୃଥିବୀ ପରିଧି ତଳେ
ଯେତେ ଜାତି ଗୋତ୍ର,
ଧବଳ, ପିଂଗଳ, ଶ୍ୱେତ,
କୃଷ୍ଣକାୟ, ପୀତ
ଖର୍ବ ଓ ଉନ୍ନତ ତନୁ,
ସୁଂଦର କୁତ୍ସିତ
ଆମେ ସବୁ ମିତ୍ର !

ତମାକୋର ଶୁଷ୍କ ପତ୍ରେ,
ସବୁଜାତି ମୈତ୍ରୀ ନିବଂଧନ,
ସବୁ କର ପ୍ରସାରିତ,
କରିବାକୁ ପ୍ରୀତି ଆଲିଂଗନ ।
ସବୁ ରଂଗ ଏକାକାର,
ଶ୍ୱେତ, ପୀତ, ଲୋହିତ, କଜ୍ଜ୍ୱଳ
ନୂତନ ରଂଗର ସୃଷ୍ଟି
ଅନଳରେ ଗର୍ବିତ ଉଜ୍ଜ୍ୱଳ !

ସବୁ ସ୍ୱାଦ, ସବୁ ଗନ୍ଧ
ମିଶାମିଶି ପୀୟୁଷ ବିଷର,
ସବୁ ରସ ପିଇ ଯଥା,
ନୀଳକଣ୍ଠ ଚିର ନିର୍ବିକାର !!
ଯେତେ ସ୍ୱପ୍ନ, ଯେତେ ଚିନ୍ତା,
ଯେତେ କ୍ରିୟା, ଯେତେ କର୍ମସୂଚୀ
ଆମୋଦ ପ୍ରମୋଦ ଯାହା,
ତୁମ ବିନା ବ୍ୟର୍ଥ ସବୁ କିଛି ।

ନୂଆ ପୃଥିବୀର !
ଯେତେ ଚୁକ୍ତି ଯେତେ ମେଣ୍ଟ,
ଯେତେ ସଖ୍ୟ, ବନ୍ଧୁତା ଆବର
ଯେତେ ହତ୍ୟା, ଷଡ଼ଯନ୍ତ୍ର,
ଯେତେ ରାଜ୍ୟ ଉତ୍‌ଥାନ ପତନ,
ଶୀତଳ ଗରମ ଯୁଦ୍ଧ
ଯହିଁ ଚାଲେ ସବୁରି ଇନ୍ଧନ,
ଟବାକୋ କାଗଜ ବନା
ଶ୍ଳଥ ତନୁ ସରଳ ରେଖ··ରେ,
ଲାଇଟ୍‌ର ସଂଯୋଗରେ ଜଳୁ ଜଳେ,
ଭାବିଚି କି ଥରେ ?

ଲୁଣ୍ଠାର ଛାଡି ପକେଟେ,
ରାଜନୀତି ଠକ ପକେଟରେ,
ଏକାଭଳି ତୁମେ ଥାଅ,
ଶୁଭ୍ରାଙ୍ଗିନୀ ଧୂମାଂତ ବେଶରେ ।
ଠିକାଦାର ଇଂଜିନିୟର,
ଟିଣ ଡବା ତଳେ ତୁମେ ଥାଅ,
ଦେଶେ ଯେତେ ନଦୀ ବନ୍ଧ,
ରେଳ ରାସ୍ତା, କାରଖାନା ପାଇଁ,
ଚାଲେ ଅର୍ଥ ଅପଚୟ,
ତା'ରେ ଦିଅ କଳ୍ପନାର ବଳ !

ବଜେଟ ଭାଷଣେ ତୁମେ,
ଲୋଡ଼ାହୁଅ ମଂତ୍ରୀ ଟେବୁଲରେ
ଯେଉଁ ବେଶ ଧରି,
ସେଇ ବେଶ ଧରି କେବେ ଆସିଚକି
ମେହେଂତ୍ରାଣୀ ପାଖେ ।

ଆହା ସେ ବିଚାରୀ !
ନିଜ ଭାଂଡ଼ ଧରି
ଝୋପ ମିଶା ପିକା ଖାଂତେ ଓଠେ ଜାକି
ଯାଏ ଯେବେ ବସ୍ତିକୁ ବାହାରି ।
ଏକୁଟିଆ ନିଛାଟିଆ ପଥେ ।
(ଭ୍ରମରବି ଉଡ଼ିଯିବେ
ସେଠି ଫୁଲ ଫୁଟିଥାଉ ଯେତେ) ॥

କିଏ କହେ ନିକୋଟିନ୍,
କିଏ କହେ କ୍ୟାନ୍‌ସର ବୀଜ,
କିଂତୁ ଆହେ ଶକ୍ତିର ଅଗ୍ରଜ !
ପାନାମା, ଚାର୍‌ମିନାର୍,,
ଗୋଲ୍‌ଡଫ୍ଲେକ୍, ଷ୍ଟେଟ୍‌ଏକସ୍‌ପ୍ରେସ୍,
ସିଜାର୍ସ ଓ କ୍ୟାପ୍‌ଷ୍ଟାନ୍ -
ଯାହା କିଛି ବଜାରକୁ ଆସେ ।
ମୋହ ପାଇଁ ଆଉ ନାହିଁ
ଭିନ୍ନ ରୂପ ଭିନ୍ନ ନାମ ଧରି
ମଂତ୍ରୀ ଆଉ ମେହେଂତ୍ରାଣୀ ପରି !
ମାର୍କସ୍, ଏଂଗେଲସ୍ ଅବା
ଷ୍ଟାଲିନ୍ ଓ କେନେଡି ଯୁଗାଂତେ,
ଆଜି ବି ରହିଚ ବଂଚି
ଧୂମ୍ରମୟୀ ସବୁ ଓଷ୍ଠ ପ୍ରାଂତେ !
ଗାଂଧୀ ଓ ବିନୋବାବାଦ,
ଯୁଗେ କରି ବିଜୟ ହାସଲ,
ଆଜି ବି ବଂଚିଚ ପୁଣି,
ବଂଚିଥିବ ବଂଧୁ ଚିରକାଳ ॥

ହାସ୍ୟମୟୀ ଲାସ୍ୟମୟୀ,
ଶତ ଶଯ୍ୟା ନାୟିକା ତୁମେ ହିଁ,
ଅମଳିନ ତନୁ ତୁମ,
ଶତସହସ୍ର ଆଲିଂଗନ ସହି ।
ସବୁକାଳେ ସୁ-କୁମାରୀ
ବି-କୁମାରୀ ହେଲେ ବି କୁମାରୀ,
କଳୁଷର ପ୍ରସାରଣେ
ବିକଶିତ ପ୍ରଣୟ ତୁମରି ॥

ନବ ବଧୂ ଓଷପରି ଭରସ୍ତ କୋମଳ...
କିନ୍ତୁ ତୁମ ଚୁମ୍ବନ କେବଳ
ପ୍ରୀତିମୟୀ ପୁରାତନ ବାରାଂଗନା ପରି
ତୃପ୍ତିହୀନ ଉନ୍ମାଦନାକାରୀ !!
ହେ ପ୍ରେମିକା ମୋ'ରି !
ଖୋରାକ ପୋଷାକ ଲାଗି,
ମୋହସଂଗେ ବିବାହିତା ସାର,
ବିଚ୍ଛେଦଟା ଅତି ଭୟଂକର !

(ନବପତ୍ର - ଅକ୍ଟୋବର, ୧୯୬୬)

# କ୍ଲବ୍'

ମୁଁ ଦିନେ କ୍ଲବ୍'ରେ,
ଠିଆ ହୋଇଥିଲି !
ବାଂଧବୀ ମୋ ଦେଖୁଥିଲେ ଦୂରେ ।
ସଂଗେ ମୋର ମାଆ ଥାଇ
କରୁଥିଲା ଖାଲି ହାଇ ହାଇ !
ବାପାଙ୍କରର ମୃତ୍ୟୁ ପରେ,
ଏତେ ଦୁଃଖ କେବେ ଦେଖି ନାହିଁ,
ଯେପରି ସେ ।
ମନେ ଭୟ ଆସେ
ବୁଢ଼ୀ, କାଳେ ପଡ଼ିଯିବ

ହାର୍ଟଫେଲ୍ କରି ।
ସାମନାରେ ଦେଖି ଏତେ,
ପୁଅ ବୋହୂ,
ନାତି ନାତୁଣୀଙ୍କ,
ଘୋର ଦୁଃଖ !

କ୍ଲବ’ ଠାରୁ ଦୂରେ ଥାଇ,
ପ୍ରେମିକା ମୋ ମାରୁଥିଲେ ଆଖି;
ଚାଲିଆସ କବିବର,
ନିଜ ସ୍ଥାନେ ଛଡ଼ା ଷଂଢେ ରଖି,
ସଂକେତ ତୁମ ସିଟିର,
ଖାଇଯାଅ ଚୁମାଟିଏ ମୋର !
ଅବା ଗ୍ଲାସେ ଦୁଧ,
ଠିଆ ହେବ କେଡେ ନାହିଁ କେତେ କାଳ ,
ନାହିଁଟି ଉପ୍ରୋଧ ।
ସରକାରଂକର,
କବି ବୋଲି କିଛି ନାହିଁ କନ୍‌ସେସନ,
ସାହିତ୍ୟ ଏକାଡେମୀର ଚଉଁଆରେ,
ପର୍ମିଟ ବଂଟନ !
ଅବା ସାଂସ୍କୃତିକ ବିଭାଗରୁ,
କବିଂକ ଘରକୁ କିଛି କଂଦମୂଳ, ସାରୁ
ପୁଷ୍ଟିକର ଦେଶୀ ଖାଦ୍ୟ,
ଅବା ଗୁଂଡ ଦୁଧ,
ଦେଶୀ ଅବା ବିଲାଇତି ମଦ !

ସେଦିନ କ୍ଲବ’ରେ ଥାଇ
ଦେଖିଲି ମୁଁ ସାହିତ୍ୟ ପତନ,
ଏ ଦେଶରେ ଜନ୍ମୁ କବି,
ଜନ୍ମ ହେବା ଉଚିତ, କାରଣ :
କବିଗଣି ବେକାର ଓ ନିର୍ବିକାର ଜୀବ
ନଥିଲେ କ୍ଲବ’ରେ କିଏ
ଘଂଟା ଘଂଟା ଅପେକ୍ଷା କରିବ ?

କ୍ୟୁ'ରେ ଚାଉଳ ପାଇଁ,
ମାଆକୁ ମୋ ଧରି,
ଆସିଲି ମୁଁ କ୍ୱାଟରକୁ ଫେରି ।
ପ୍ରେମିକା ମୋ ଅସ୍ତବ୍ୟସ୍ତେ,
ଫ୍ଲାଟ୍‌ପରୁ ଚାଲିଆସି ପାଶେ :
କହିଲେ ବିଶ୍ୱାସେ-
-"ହୁଏତ ଅଳପ ଦିନେ କ୍ୟୁ' ଯିବ ଭାଂଗି"-
ପଚାରିଲି କାବା ହୋଇ :
ମୁଣ୍ଡ ତମ ଠିକ୍ କଣ ନାହିଁ ?
ସେ କହିଲେ,
ରେଡ଼ିଓ ଶୁଣିଲେ,
"ନଂଟ୍ରାବମ ଏଇ ଦିନ ଦଶଟାରେ-
ଆମେରିକା ଗଢ଼ଲେ !"

ପରିହାସେ ମୁଁ କହିଲି,
"ପ୍ରିୟତମା ଶୁଣ !
ପ୍ରତଳିତ ଉତ୍ପାଦନ
ବଂଟନ ନୀତିରୁ -
କ୍ୟୁ' ଏକ ଅନିର୍ବାର୍ଯ୍ୟ ଗୁଣ !"
ସେ କହିଲେ, "ତା' ବି ଏକ କଥା, -
ଅନ୍ୟ କଥା ଜନ୍ମ ନିୟନ୍ତ୍ରଣ !
ପ୍ରତି ଘଂଟା ମିନିଟ୍‌ରେ,
ନୂଆ ନୂଆ ମୁଖ ଅସୁମାରି,
ଖୋଜୁଚନ୍ତି ଖାଦ୍ୟ ତାଂକ,
ଜନନୀଙ୍କ ବୁକୁକୁ ବିଦାରି ।
କି ଦାରୁଣ ଦୃଶ୍ୟ ହାୟ,
କ୍ୟୁ' ତା'ଠୁ ଶତଗୁଣେ ଶ୍ରେୟ !"

ମୁଁ କହିଲି, "ପ୍ରିୟତମା"
ବୃଦ୍ଧା ମାତା ଆଡ଼କୁ ଅନାଇ ।
"ତୁମେ ସେ ଏପରି ଦିନେ;
ବୁଢ଼ୀ ହେବ, ଭାବୁଚ ନା ନାହିଁ ?

ବ୍ୟକ୍ତିଗତ ସଂପତ୍ତିର ମାଲିକାନା
ଚଳୁଥିବା ଯାଏ
ରେସନ ଓ କ୍ୟୁ' ଯଦି ରହେ
ମାଆ ପାଇଁ ପୁଅ ଲୋଡ଼ା
ପୁଅ ଲାଗି ମା' ଲୋଡ଼ାହୁଏ !''

ବାଂଧବୀ ହସିଲେ
ହସିକି କହିଲେ-
-''ପତ୍ନୀ କଥା ଭୁଲିଲ କିଂପାଇ'' ?
ମୁଁ କହିଲି, -''ଧେତ, ପତ୍ନୀ ନାହିଁ...।
ଥାଏ ଯଦି କେହି
ଆମେରିକା ଖାଦ୍ୟ ଦେଖି
ଆସିବନି ଛାତରୁ ଓହ୍ଲାଇ !
ରେସନ କ୍ୟୁ'ରେ -
ଲୁପ୍ତ ପ୍ରଥା ପ୍ରଚଳନ ପରେ
ଜାଣେ ନାହିଁ
ପତ୍ନୀ ସଂଖ୍ୟା କି ହେବ ଦେଶରେ ?
ଯଦି ବି ରହିବ
ପତ୍ନୀ ନୁହେଁ ପ୍ରେମିକା ସେ ହେବ !''

(ନବପତ୍ର - ଜାନୁୟାରୀ, ୧୯୬୭)

# ବାଘ

ଛପିଛପିକିଆ ଜନ୍ତୁ...... ମଳିଚିଆ ପାଗ,
ବଂଧୁବର କିଏ କେବେ ଭେଟିଛକି ମୋ ମନର ବାଘ ?

ନଦୀଘାଟେ, ବଣବାଟେ, ଅବା କାହିଁ ଗହନ ବନସ୍ତେ,
ବସିଥାଏ ଚିତ୍ରଦେହୀ ମିତ୍ରସ୍ନେହୀ ପଥ ଜଗି ମତେ-
ଲଂଫଦେଇ କରିବାକୁ ସମାଦର ପ୍ରେମ ଆଲିଂଗନ
ବହୁଥର ଖୋଜିଲିଣି (ଭଗବାନ!) ଆସୁନି ସେ ଦିନ !

ବାଘ କଥା ଭାବୁଅଛି ମନେ ମୋର, 'ମିଛ ବାଘ' ନୁହେଁ,
କେତେ ଥର କହିଲିଣି ମନ ଖୋଲି, ନକର ପ୍ରତ୍ୟୟ !
ନୁହେଁ ଏହା ଭ୍ରମ ବଂଧୁ, ନୁହେଁ ମିଥ୍ୟା, ଅଥବା ବଂଚକ
(ଭାବନାହିଁ ଏ ସଂସାରେ ତୁମପରି, ମୁଁ କି ପ୍ରବଂଚକ ?)
ମୁଁ ନୁହଁର ଭାଲୁ-ପ୍ରେମୀ କେହି ମୋର ଦୁର୍ବଳ - ସେନେହୀ,
ଭାବ ଯଦି ଭାବୁଥାଅ, ମୁଁ ଦୁଷ୍ମଂତ : ବାଘର ପ୍ରଣୟୀ !

ପ୍ରୋଷିତ-ଭର୍ତ୍ତୃକା ମୋର ପ୍ରେମୀ-ବାଘ ବସିଚି ବନସ୍ତେ
ମନର ହରିଣୀ ଚାହେଁ ବାଂଧି ମତେ ରଖିବ ପଣତେ ।
ଜୀବନର ପଦ୍ମପତ୍ରେ ଯୌବନର ବାଢ଼ି ମଧୁପର୍କ,
ଅଂଧକାରେ ଭୁଂଜାଇବ ଭର୍ତ୍ତୃହରି ବୈରାଗ୍ୟ-ଶତକ ।
ଡକାଇବ ବ୍ରହ୍ମଚାରୀ ଆରଣ୍ୟକ ବ୍ୟାଘ୍ର ନିଂଦାକାରୀ,
ଅଥବା ଶିକାରୀ ପେଷି ଅଣାଇବ ବ୍ୟାଘ୍ରଟିଏ ମାରି ।
ଅବା ଶିଶୁ ବ୍ୟାଘ୍ରଟିଏ ଧରିଆଣି ପଂତାର ଭିତରେ,
ଭୁଲାଇବା ପାଇଁ ମନ ! ଭୁଲିକି ମୁଁ ବନ-ବ୍ୟାଘ୍ର ପାରେ ?
ବନ-ବ୍ୟାଘ୍ର, ମନ-ବ୍ୟାଘ୍ର, ବଂଧୁ କେତେ ରହିଚି ଫରକ
ବୁଝି ନପାରିଲ ଯଦି ହାୟ ତୁମେ ଏତେ ଅରସିକ ?
କଂଟା ଯଦି ଫୁଟି ନାହିଁ ଦରାସୁପ ନାହିଁ ଯଦି ଭେଟି,
ଅଭିସାର କରିବାରେ ବଂଧୁବର ସାର୍ଥକ କେଉଁଠି ?

ଆସ ବଂଧୁ ହାତ ଧରି ଅଭିସାର ଯିବା ଆମେ ରାତି,
ମଖମଲି ବାଘ ଦେହେ ମୌସୁମୀର ପ୍ରଣୟ ଜାଗିଚି ।
ଦେହୁ ମଦ ଗଂଧ ଝରେ, ଯତେ ଅବା ପଦ୍ମିନୀ ନାୟିକା,
ବିପ୍ରଲବ୍ଧା କରୁଅଛି, ଆପଣାର ପ୍ରଣୟୀ ପ୍ରତୀକ୍ଷା ।
ଟିକିଂବ ହେଲାଣି କଂଠ, ରୋଷଭରେ ନାସା ରଂଧ୍ର ସ୍ଫୀତ,
ଲୁହଁରେ ଚାଟୁଚି ଗାତ୍ର, ଫେଡିବାକୁ ଅଥବା ଉଦ୍ୟତ ।

କବିର କଳ୍ପନା ବଂଧୁ; ବାଘ ନୁହେଁ ତମ ଲାଗି ନାରୀ,
ସେ ପରା ପୁରୁଷ-ସିଂହ, ମଣିଷର ପ୍ରଣୟ ଭିକାରୀ ।
ଆଦିମ ଅନାଦି ଶାଶ୍ୱ ସନାତନ ନ୍ୟାୟୀ ଅବିନାଶୀ,
ଅନାର୍ଯ୍ୟ-ଦ୍ରାବିଡ଼-ଆର୍ଯ୍ୟ ଉପେକ୍ଷିତ ବନଗିରି ବାସୀ !
ନଖ-ଦଂତ ସଭ୍ୟତାର ଅଧିକାରୀ ଉଦାତ ମହାନ୍,
ମେଘାତନ ତୋମାଠାରୁ ଅଣହିଂସ୍ର ସୁଧୀ ନ୍ୟାୟବାନ୍ ।

'ବ୍ରାହ୍ମଣ କଂକଣ ଚୋରା' ଉପକଥା ପଢ଼ି ଯଦି ତୁମେ,
ଭାବୁଥାଅ ପ୍ରତାରକ ବ୍ୟାଘ୍ରକୁଳ ମନର ଭରମେ ।
ପ୍ରତାରକ ନୁହେଁ ବନ୍ଧୁ, ଯଥା ତୁମ (କେନେଡି-କ୍ରୁଶ୍ଚେଭ)
ସଭ୍ୟତାର ଗଂତା ଘରେ ବାଘ ଏକ ବିଚିତ୍ର ବିଭବ,
ଚିରଂତନ ପ୍ରବୃତ୍ତିର । ହିଂସା ବୋଲି ତୁମେ ନିଂଦା କର
ନିବୃତ୍ତିର ଭଂଡାମୀରୁ ମୋ' ବିଚାରେ ସିଏ ଶ୍ରେୟସ୍କର ।

(ନବପତ୍ର - ଅପ୍ରେଲ, ୧୯୬୫)

# ରିକ୍ସାବାଲା

ପଶୁଟି ଟାଣୁଛି ଗାଡ଼ି,
ମଣିଷ ଦେହରେ ଜୀବନ ନାହିଁ,
ଟାଣୁଚି ସିନା ଗାଡ଼ି !
ଗାଡ଼ିକୁ ଟାଣଂତି ଘୋଡ଼ା ଓ ବଳଦ,
ମଇଁଷି ବି ଟାଣେ ଗାଡ଼ି,
କୁଆଡେ କୁଆଡେ ଓଟପକ୍ଷୀ ପୁଣି
କୁକୁର ବି ଟାଣେ ଗାଡ଼ି ।
ମେରୁ ପ୍ରଦେଶରେ ଗାଡ଼ି ଟାଣୁଥାଂତି,
ତୁଷାର ମିରିଗ ଦୁଇ,
କିଂତୁ ସେ ଗାଡ଼ିରୁ ମଣିଷର ଗାଡ଼ି,
ଆହୁରି ଶସ୍ତା ଲାଗେ !
ଯେହେତୁ ଏ' ଗାଡ଼ି ମଣିଷ ଟାଣୁଛି,
ସବୁଠାରୁ ବୁଦ୍ଧିମାନ,
ତେଣୁ ଏ ଗାଡ଼ିରେ କେତେ ଦର ମୂଲ,
ଥରେ ତୁମ ମନେ ଘେନ !

ଘୋଡ଼ା ଗାଡ଼ିଠାରୁ ବଳଦ ଫେଡ଼ିଲେ
ହେବ ଯେ ଫେଡ଼ାଣ ଫଳ,
ତାଆରି ସାଥିରେ ମିଶାଇ ଦିଅନ୍ତେ
କୁକୁର ଗାଡ଼ିର (!) ବଳ !

ଏ ଦୁଇ ନିଶିରେ ଯାହା ହେବ ତହିଁ
ମଣିଷ ଗାଡ଼ିକୁ ରକ୍ଷା,
କାରଣଟା ସବୁ ଲୋକଙ୍କ ନିକଟର
ରହିବି ସେ ଗାଡ଼ି ଟେକ !

ମଣିଷ ଗାଡ଼ିଟା ସବୁଠାରୁ ଶସ୍ତା,
ମହଂଗା ସହର ତଳେ,
ତେଣୁ ଏ ଜାତିଟା ଗାଡ଼ି ଟାଣିବାରେ
ଘୋଡ଼ା ବଳଦଙ୍କୁ ବଳେ !
ମଇଁଷିଠାରୁ ବି ବଳୁଆ ଅଟଇ,
ଗାଡ଼ି ଟାଣିବାର ପାଇଁ,
'କାରଣ'ଟା ତାକୁ ଶିଖାଇ ଦେଇଛି
ସେଇପରି ହେବା ପାଇଁ !

ଘୋଡ଼ା'ଙ୍କଠାରୁ ତ ଅଭାବ ହେତୁରୁ
ପଇସା ପାଇଁକି ରଂକ,
ତେଣୁରେ ଭାଇ ହେ, ଗାଡ଼ି ଟାଣିଚାଲେ
ଘୋଡ଼ାଠାରୁ ଆଂଟଣିକି !
ବଳଦ'ଙ୍କଠାରୁ ପଡିଯାଇଛିରେ
ଶସ୍ତା କିମତ ଦାମ,
ତେଣୁ ସେ ଟାଙ୍ଗା ପ୍ରତିଯୋଗିତାରେ,
ବଳଦଙ୍କଠାରୁ ଖର !
ଘୋଡ଼ା ବଳଦଙ୍କୁ ଦବାଇ ନଦେଲେ,
ଦେଖାଇ ତା' ଶ୍ରମ ରୂପ,
ଦୁନିଆରେ କହ ରହିବ କାହିଁକି
ମଣିଷ ଗାଡ଼ିର ଟେକ ?

କହରେ ମଣିଷ ସତରେ କି ଭୁଲ,
ଘୋଡ଼ା ବଳଦଙ୍କୁ ଶସ୍ତା,
ଗାଡ଼ି ଟାଣିବାକୁ ଯାଚିଦେଲୁ ତନୁ,
ଏତ ଅସଂଗତ କଥା !
କହରେ ମଣିଷ ଶ୍ରେଣୀକି ହରିବ,
ଘୋଡ଼ା ବଳଦଙ୍କୁ ଦେଖି,

ଦୁନିଆରେ ଖାଲି ବଂଚି ରହିବାର
ସାଧାରଣ ପ୍ରଶ୍ନ ନେଇ ।
କହରେ ମଣିଷ ଧାନ ତୁ ଫଳାଉ,
କପାରୁ ଟିଣାଉ ସୂତା
କାହିଁପାଇଁ ପୁଣି ଲଂଗଳା ଦେହରେ
ଶୋକରେ ପୋତିବୁ ମଥା ?
ହାଇରେ ଅଭାଗା କେଉଁଠାରେ ପୁଣି,
ଗାଡ଼ିଟାଏ ଯାଉ ଠେଲି,
ବାବୁ ମଣିଷଟା ବସିଥାଏ ତୋର,
ବେହେରା ଉପରେ ଝୁଲି ।
ମଣିଷ ପାଇଁକି ଗାଡ଼ିଟାଏ ଲୋଡ଼ା,
ମଣିଷ ବସିବ ବୋଲି
ସବୁଠାରୁ ମଜା ମଣିଷଟା ଯଦି,
ଟାଣିଥାଏ ତାକୁ ଠେଲି !!
(ଉଦୟ – ଅପ୍ରେଲ, ୧୯୪୮)

# ଗଣ

ଡାକ୍ତରୀ ଔଷଧ ଖାଲି କଂଚାପାଣି, ପଇସାର ସେଠି ଦାଉ
ଅଫିମଠାରୁ ବି ମହଂଗା ହେଲାଣି, କୁଇନାଇନ୍‌ର ଭାଉ !

ଜାତ ଆଇମାରା ନାଟି ବୋତଲରେ, ଆମରି ରକତ ଭରା
ଧନୀଙ୍କ ଚିଅଣ ସୋରୁଆ ତାଆରି, ପୁଷ୍ଟିକ ଯେତେକ ସୁରା ।
ଆମରି ରକତ, ଆମରି ମାଉଁସ ଦବାଇ ଯୋଗାଏ ଦେଶେ
ଆମ ପାଇଁ ତାହା ତୁଚ୍ଛା କଂଚାପାଣି – ଲଂଡାମି ପରକାଶେ ।

ଆମରି ଡାକ୍ତର ଆମରି ପଇସା – ଆମକୁ ଦିଏନା କିଛି
ଆମ ମୂଳ-ଧନ କହି ପାରୁ ନାହିଁ, ତହିଁରେ ବି ଭାଗ ଅଛି !
ଓକିଲ ମୁକ୍ତାର, କାଛି ଜମାଦାର – ବୁଢ଼ୋଇ ମୋଡ଼ଂତି ମୁହଁ
ଆମରି ପଇସା ଖାଆଂତି ଏମାନେ – ଆମେ ପୁଣି ତାଂକ ନୁହଁ ?

ଆମରି ଜଂଗଲ ସଫାର ଉଠିଲା, ମଟାଳ ଖେତରେ ଧାନ,
ତାକୁ କାଟିବାକୁ ବାଆଧରି ଗଲୁ, - କାନୁନ ଘେନିଗଲା ଚନ୍ଦ !!
ତେଣୁରେ ଉଠିଲେ, ଦେଶରେ ଗଢେଇ - ଓକିଲ, ମୁକ୍ତାର, କାଢି
ଆମରି ଆସ୍ଥାନ, ଲୁଟି ନେଇଗଲା - ରାଜନୀତି ଚାଲବାଜି ।

ଆମରି ନାମରେ ଦୁଆ ଉଠାଇଲେ, ଶାଂତି, ସଂଗ୍ରାମ ଦେନି,
ଆମେ ନନଂଗିଲେ ଲଢ଼େଇ ବାଜିଲା - ଶାଂତି ହୋଇଲେ ଦୁନି ।
ଧନୀଙ୍କ ଖଟାଏ ନିଜ ମୂଳ-ଧନ ଯୁଦ୍ଧ - ବେଉସା କରି,
ଲଢ଼େଇ ଜିତିଲେ ତଙ୍କାର ମିଳିବ - ଆମେ ବି ମିଳିବୁ ଭାଗି ।
ଆମକୁ ଜିତିଲେ ମଉଜ ଲୁଟିବେ - ଯେସନ ସ୍ୱାମୀ-ଭୃତ୍ୟ
ଆମରି ସାଂଗରେ ତୁଳା ହେବ ସିନା ଆମରି ଧାନଖେତ !!
ଆମ ଧାନ ବିକି ପଇସା ସଂଚିବେ ଯେସନ ଏ' ଆମ ସାହୁ,
ଆମରି ଖେତରେ ମଜୁରିଆ ଆମେ - ଅନ୍ୟକି କଥା ଆଉ !
ଦେଶଯାକ ଦେଖ, ଗଢି ଉଠିଲାଣି ଇସ୍କୁଲ କଲେଜ ଭାଜି,
ଆମରି ପଇସା ଆମରି ଶ୍ରମ, ତହିଁରେ ଉଠଇ ଗଢି ।
ଆମରି ବେପାରୀ ବାଂଟିଲା ଏ' ଯେତେ - ଦାତବ୍ୟ ଅନୁଷ୍ଠାନ,
ଶତ ସାହସରେ ଗଢ଼ିଲୁ ଯେତେକ ଶିକ୍ଷା ଶିବିର ମାନ -
ହାୟରେ ସେଥିରେ ବଂଚିତ ହେଲୁ, ''ମୁର୍ଖ ଗାଉଁଲିପାଟି...''
ଫକୀର ସମାନ ବିଶ୍ୱେ ବୁଲିଲୁ ନିଃସ୍ୱ ହୋଇଣୁ ଆଜି !

ପାଠ ପଢ଼ିବାକୁ ପଇସା ନ ମିଳେ, ପେଟକୁ ପାଡୁଛି ଭୋକ,
ଘରର ଗୃହିଣୀ କଅଁଳ ବାଳୁତ, କେଉଁଥିରେ ନାହିଁ ସୁଖ !
ସାହୁ ମହାଜନ ଶୁଝି ରଖିବାକୁ ବଅସ ଶୋଷାକ ନାହିଁ,
ରାଜା ରାଜସ୍ୱ ଧର୍ମ ଦୃଷ୍ଟିରୁ ନିଶ୍ଚୟ ଯିବୁ ଦେଇ !

ଆମକୁ ପାଡୁଛି ଧର୍ମ ସମାଜ ଆମକୁ ପାଡ଼ୁଛି ରାଜା,
ଆମରି ଉପରେ ବଂଚିବେ ଏମାନେ ଯେଣୁ ସବୁ ଆମେ ପ୍ରଜା !!
ଇସ୍କୁଲିଆ ପିଲା ଢେଲା ଫୋପାଡ଼ନ୍ତି ଡାକ୍ତର ପଡାଏ ହାତ
ଆକଟ - କଠୋର ପୁଲିସ କ୍ଷମତା, ଧରିଚି ଯାଉଁଳି ବେତ ।

କବି ଲେଖୁଥାଏ ଆମରି କବିତା, କଳ୍ପନା ରଂଗ ଢାଳ,
ଆମରି ଜୀବନ ପ୍ରେତ ଥିଲେ ଥିବ, ଆମେତ ନାହୁଁରେ ତହିଁ ।
ବଡ଼ ସୁକୁମାର କବିତ୍ୱରେ ସେତ ଅଳିଅଳ ରାଜ ଶିଶୁ,
ଦୁଧସର ଯାକୁ ଲୁଚେ ନାହିଁ ପୁଣି, ଜହ୍ନଣୀ ଯେସନ ତସ୍ତୁ !

ଦୁର୍ଭାଗ୍ୟ କାହିଁ ବୁଝିବେ ଆମକୁ, ଲାଂଗଳା ମୁଣ୍ଡ ଛାଡ଼ି,
କଳ୍ପନାରେ କାହିଁ ଉଠିବ ସେତେକ କର୍କଶ ଭାବ ପଂକ୍ତି ?
ତେଣୁ ସେ ଆମକୁ ବାସଂଦ କରିଲେ, 'ଯୋଗ୍ୟ ମଣିଷ ନୋହୁଁ'
ଦୟାରେ ଖାଲିତେ ମନେ ରହିଗଲେ, ଆମରି ଜିଅ ହୋହୁ !
ବଡ଼ ଉଦାରତା - ଥାଂକିଲେ ଯେଦିନ, ପଲ୍ଲୀ-କଳସୀ କାଖ...
ଆଦ୍ର ବସନେ ଫୁଟିଥିଲା ଯା'ର ସଲ୍ଲଜ ନଗ୍ନ ରୂପ !!
ଧନ୍ୟ ଆମେରେ କୃତାର୍ଥ ହେଲୁ, ଉଚ୍ଚ କରିଲୁ ଛାତି,
ଆମରି କବିତା ଗାଉଲେରେ ଭାଇ କବି ଶିଳ୍ପୀର ଜାତି !
ଆମେକି ଜାଣୁଚୁ କବିତା ହେ' ବାବୁ, ଆମେକି ଜାଣିଚୁ ଚିତ୍ର,
ତୁମେ ସିନା ସବୁ ପଢ଼ିଣ ଜାଣିଲ, ତୁମରି ସେ ହେଲା ବୃତ୍ତ !
ଆମେତ ନଜାଣୁ ଶିକ୍ଷା ସଂସ୍କୃତି, ଉଚ୍ଚ-ମହତ ପୂଜା,
କେବଳ ଜାଣିଚୁ ଗଂଡି ନବାପାଇଁ ଏମାନେ ବି ଜଣେ ରଜା !

ଓକିଲ, ମୁକ୍ତାର, ଡାକ୍ତର, କିରାଣୀ, ମାଷ୍ଟର, କବି ଆଦି,
କିଏ ସେ ଲୋଡ଼ିବ ଆରାମ କୁରୁଚି, କିଏ ଖୋଜେ ତୁଳା ଗଦି !!
ମାତୃସମାନ ବଂଚାଇଲୁ ଆମେ, ପିତୃସମାନ ପାଳି,
ହାୟରେ ଏମାନେ ଏତିକି ବେମାନୀ, ମାନେଂତିନି ଯାହାଖାଲି !
ଏଇତ ଆମକୁ ପେଷଂତି ଶୋଷଂତି ଭକ୍ଷଣ କରଂତି ତନୁ,
ଅଥଚ ମାନେନା ପୃଥ୍ୱୀ ସମାନ, ଆମେ ତା'ର କାମଧେନୁ ।

ଆମରି ପାଇଁକି କଲେଜ ଚାଲିଲା, ଶିକ୍ଷାସଂସ୍କୃତି ଗତି,
ଓକିଲ, ମୁକ୍ତାର, କବି ଶିଳ୍ପୀର ଆମେ ପରା ସାପକାତି !
ଆମରି ଗରଭେ ରହିଲା ଯେତକ ଜ୍ଞାନ ଅଜ୍ଞାନ ଘନେ
ଆମକୁ ଚିହ୍ନିକେ ପାରିଲେ ନାଇଁରେ, ''ଅଣବାବୁଆ''ର ପଣେ !

କବି ଲେଖିକାନି ତେଣୁରେ କବିତା, ଡାକ୍ତର ନ କହେ କଥା,
ପାଠୁଆ ଯୁବକ କେତିଲେ ପଢ଼ିଲା 'ପଶୁ ଶ୍ରେଣୀର ଗାର୍ଥା...'
ସରକାର ହେଲା, ସମାଜ ହୋଇଲା, ଏ ସବୁରେ ନାହିଁ ଥାନ,
ଆମେଇ ଯେସନ, ଦେଶଟା ଯାକରେ, ଆମରି ଠାରୁ ବି ହୀନ !

ତେଣୁ ନପୁଛନ୍ତି ଆମକୁରେ କେହି ଯଥାର୍ଥ ଦାବି ମାନି
ଆମ କଥା ଯିଏ ପୁଛିଲା ବୁଝିଲା କ୍ରାଂତିର ସରା ଘେନି
ଦୁନିଆରେ ନବ ରଘୁ ମହାନ୍ତି ସେ, ବାଡ଼ିଆ ଭାରତ ରୂପ,
ତାଆରି ପାଇଁକି ଜାଳିଥାନାବାର ଗୌରବ ଅଭିଷେକ !

ଶାନ୍ତି ସମାନ କାଂଧେଇ ଚାଲିଲୁ, ଶାସନ ଗାଡ଼ିର ଅଖ,
ଆମ ପାଇଁ ଯିଏ ଆହା ଉଚ୍ଚାରିଲା, ତାଆରି ନରହୁ ଭେକ !
ସାମ୍ୟ ଦେଖାଇ ଯିଏ ସେ କହିଲେ, ମଣିଷ ଥାଇ ଏହୁ
ଦେଖରେ କେମିତି ସାଜିଛି ବହୁଆ - ରାଜନୀତିଆଙ୍କ ସାହୁ !
ଜାଣରେ ତା ପାଂଛି ପୋଛିଦେଲା ତେଣେ ଯମରାଜା ବଡ଼ଦୂତ
ତାଂକରି କବରେ ପୋତାହେବ ଯେତେ ବ୍ୟବସ୍ଥାସଭା ଖାତ !

ପାଂଚ ଜଣଂକର ସୁବିଧା ପାଇଁକି, ଦଶ ଜଣ କରି ରହି
ଦେଶରେ କିମିତି ଚାଲିଚି ବହୁଆ ଅଂଧାରୀ କାରସାଦି !
ସରବେ ଖୋଲିବେ ଆଖିପତା ଯଦି, ଅହରହ ଦେବେ ଡାକ,
କେଉଁଠି ରହିବ କହ ଏ ବାଣୁଆ ଶୋଷଣବାଦର ଭେକ ?
ସାମଂତ, ମୁରବୀ, ଅଭିଜାତଗିରି, ଭଦ୍ରରାଜନୀତି ପାହ୍ୟା
କଉଁଠି ଟିକିବ ସରବେ ଲୋଡ଼ିଲେ, ନିଜ ପାଇଁ ନିଜ ରାହା ?

ତେଣୁରେ ଆମକୁ ଦୋଳଂଡ଼ି ଚଢ଼ୁରେ ପଶୁଠାରୁ ହୀନକରି
ଆମରି ପାଏଦା ଉଠାନ୍ତି ଯେତେକ ଭଦ୍ର ଖେତାବଧାରୀ !
ଯୁଗ ଯୁଗ ହେଲା ଶୋଷି ଚାଲିଚଂତି ଆଜିବି ଶୋଷିବେ ରହୁ
ହାୟରେ ଆମେ, ଅର୍ଜିତ ଜୀବ, କେତେ ବା ସହିବୁ ଦାଉ !
ପଶୁପରି ଆମ ଗଳାରେ ବସିଲେ ଶୋଷଣର ଛୁରୀ ନେଇ
ଆମେକି ଜାଣିବୁ ଯୁଗଯୁଗର ଏ' ଅଭ୍ୟସ୍ତ ଭାରବାହୀ !

ମଣିଷକୁ ଯଥା ମଶାକାମୁଡ଼ନ୍ତି, ଜୋକୁଂକ ଦେହରେ ଟିଂକ
ମଶା ଡାଆଂଶରୁ ବଳି ହେଲେ ବେଶୀ ନିଦ୍ରାର ଛାରପୋକ !
ଆମେ ଯାଂକ ଯଥା କଂଚାମାଲ ଭାଇ, ଶୋଷଣ ତାଙ୍କର ପେସା
ତେଣୁରେ ବାଂଧିଲା ଆମରି ଉପରେ ପୁଞ୍ଜାକର୍ତ୍ତୃତ୍ୱ ବସା !
ତଥାପି ଭାବୁଚୁ ଉଦାର ଆକାଶ, ବ୍ୟାପ୍ତ ଧରଣୀ ତଳେ
ଆମେକି ଆସିବୁ ରହିଯିବୁ ବୋଲି ତରୁଲତା ବୃକ୍ଷମେଳେ ?
ପଶୁପକ୍ଷୀଠାରୁ ଅବୋଧ ହେବକି ଆମରି କଂଠର ଶବ୍ଦ
ଆମେକି ନୁହଁଉ ମଣିଷ ହେ ବାବୁ - ଆମର କି ନାହିଁ ହୃଦ ?
ତେଣୁ ଏ ଅଗ୍ରଲେଖ !
ହେ ମଣିଷ ତମେ ବିଚାର କରିବ ଆଗାମୀ ରୂପରେଖ !!

(ଗାତ୍ରକଥା : ୧୯୪୮-୪୯)

# ଚଷା ସରକାର

ଖବରକାଗଜ ରଟିଗଲା ଦେଶେ
ଚଷା ସରକାର ଆସିଲା,
ବଂଧ ବାଡ ଭାଂଗି ଆନଂଦ ସୁଅକି
ଦରିଆରେ ଯାଇ ମିଶିଲା !
ଦୁର୍ଭିକ୍ଷ, ମରୁଡ଼ି, ଧୋଇ, ଉପବାସ
ରାଜା ରାହୁସଂକ ଅଡୁଆ,
ତଣ୍ଟିକଟା ପଣ ସରିଯିବ ସବୁ
ସମୟ ଆସିଚି ଚଢ଼ିଆ !
ଭୋଟ୍ ହେଲାଣି, ଘୁନା ପକାଇବ
ଭୋଟ୍‌ରେ ଧାନ କିଆରି,
ଭୋଟ୍‌ରେ ଇଂଦ୍ର ପାଣି ବରଷିବ
ପଡ଼ିଆ ନଯିବ କାହାରି...!
ଭୋଟ୍‌ରେ ହେବ ଧାନ ଭାଉ ଠିକ୍
ଭୋଟ୍‌ରେ ଦବା ଖତଣା,
ଖତଣାତ ଦବା ଆମ ହାତକଥା
ଭୋଟେ ଚଷିବା ମାଗଣଃ !!

ଭୋଟ୍ ସମୟ ଆସିଲା,
ନଳିତା ଖେତର ମଜୁରିଆ ଘରେ
ସରକାର ଆଖି ପଡ଼ିଲା
ଦାଆ ହାତୁଡ଼ିର କରାମତି ଏବେ
ଶେଷକୁ ରଖିଚି ମହୁକୁ
ମିଠା ମୁହଁ କରି ଛାଡ଼ିଦେବ ଦେଶେ
ଝାଳବୁହା ତନୁ ବହୁକୁ !
ଗୋଟିଏ କଥାଟା ଜାଣେଣି ହେଲାଣି
ଯିଏ ଦେବ ଭାଗ୍ୟ ଏତେତେ,
ସରକାର ହେଲେ ଛାଡିବାକୁ ହେବ
ଚିରଦିନ ତା'ର ହାଥୁରେ ।
ଏତେ ଆଦରର ଧାନଖେତ ଯା'କୁ
ଝାଳ ଓ ମଖଳ ଗଢ଼ିଚି,
ସରକାର ହେଲେ ଚାଲିଯିବା ତାକୁ
ଭୋଟ୍ ବିକଲେ ମୁଣ୍ଡି ।

।୧୯୪୩।।

ଏଡ଼େ ନିରିହର ଭୋଅଟ-
ଅଦ୍ଭୁତ ପରିକା ବାଂଧିନେବ ରଥେ
ଛଡ଼ାଇ ମମତା ଅତୁଟ ।
ସରକାର ହେଲେ ମିଳଇକି ଛୁଟି
ବରଷ ଦିନଟା ସେଥିରୁ
ତେତଷଣ ଯାରି ମିଛିଯାନ୍ତୁ ଭଲା
ଭୋଟୁଅ ପୂନେଇ ଘରାକୁ ।
ତେଖିରେ ବୁଣିଲେ ବୁଢ଼ାକାଳ ପିଲା
ପଢିକା ଅକର୍ମା ହୋଇବ,
ରାଜା ସାହୁକାର ଖଜଣା ନପୂରେ
ପିଲାକି ଖାଇବେ ଦଇବ !
ଯାହା ହେବ ହେଉ ସେକଥାକୁ ପଛେ
ଭୋଟ୍‌ରେ ଥିବ କରିବା,
ସରକାର ପଣ ଦିଶା-ସପନରେ
ଆସିଚି ଜାଗିଁକି ଛାଡ଼ିବା ?
ଆମରି ହାତରେ କେନାଲ ରହିବ
ଜଳକର ଦାଉ ତାଆରି,
ପଥକର ଆଉ ବନକର ସାଥେ
କନକରୁ ଯିବା ଉଧୁରି ।
ବେଠି ବେଗାରିରେ ମାଲୁଟି ନିଇତି
ସଂଗୀନ ମୂନର ଶାସନ,
ସରକାର ହେଲେ ଆମେରେ କିଣିବା
ଯେତେକ ଅନ୍ୟାୟ ଶୋଷଣ ।
ସ୍ୱାୟତଶାସନେ ହାତକୁ ଆସିବ
ଯେତେକ ଶୋଷଣ କିଳିଣୀ,
ଚଷାଜାତି ଯା'କୁ କର ଗଣିଗଣି
ଆଜିଯାଏ କରେ ଭାଜେଣି !
ଏତେ ଦିନପରେ ଆତ୍ମ-ନିର୍ଭର
ଚଷାଜାତି କଲା ବଢ଼ାଇ,
ଭୁଖ, ପଇସା ଚଷାପରି ହେଲା
ବିପ୍ଳବବାଦ ବଢ଼େଇ ।

‘ଉପାୟ ଶାସ୍ତ୍ର’ର ଶିକ୍ଷ କହିବ
ଚଷା ଭଗତର ନାଆଁକୁ
ସାତଦିନ ଖଟି ମୁନିବ ସେବିବା
ଅଷ୍ଟମ ଦିନ ବିଭୁଂକୁ ।
ଏଣିକି ତା’ ନାହିଁ - ଠାଠ ସଂସ୍କୃତି
ମନଭଣ୍ଟା ଯେତେ ଭାଷବା,
ବୁର୍ଜୁଆବାଦୀ ସାମଂତ-ସାହିତ
ଦୁର୍ଗୁଣ ଯେତେ କହିବା ।

ଏଇପରି ଭାବି ମାଟିର ସଂତାନ
ଚଷାପୁଅ କହେ ବଢ଼େଇ,
ଖବର କାଗଜ କିଣିନେଲା ଖଂଡେ
ଯେଉଁଠି ଅଛି ତା’ ବଢ଼େଇ ।
ଖବରକାଗଜ ଛାପିଲା ନିଇତି
ମୋଟା ହରଫରେ ଉଗାଡ଼ି,
‘‘.......... ଶୋଷଣବାଦର ବିଷଦାଂତ ଏବେ -
ଚଷାପୁଅ ଦେଲା ଉପାଡ଼ି ।’’
ଦେଶୁରେ ଦେଶରେ ଭୋଟ୍ ବାଜିଲା
ଘମାଘୋଟ ହେଲା ଲଢ଼େଇ,
ଜମିଦାର ପୁଏ ଭୋଟ୍ ପାଇଲେ
ଚଷା ଭଗତେ ଭୁଲୁଡ଼େଇ ।
ଶାସନ ରହିଲା ତାଂକରି ହାତରେ
ପରଂପରା ଯା’ର ସରଣୀ,
‘ଲୋକଂକ ପାଇଁକି ଲୋକ-ଶାସନ’-ଏ’
ଅଳସୁଆଂକର କାହାଣୀ ।
ବ୍ୟବସ୍ଥା ସଭାରେ ଚଷାପୁଅ ପାଇଁ
ଚାଲିଚି କୁଂଭୀର କାଂଦଣା,
ଚଷାପୁଅ ତୁହି ହଳଧରି ଚାଲ୍,
ତୋହର ଏ’ସବୁ ଅଲଣା ।।
(ଉଦୟ - ଫେବୃୟାରୀ, ୧୯୪୯)

# ଚାଳିଶ ବର୍ଷ

ଚାଳିଶ ବରଷ ପରେ ଆଜି ଥରେ ଆଉ ବାରେ ଯାଏ
ଏ' ଜାତିର ଚିତ୍ତ-ମନେ ପୁଣ୍ୟ-ଶ୍ଳୋକ ଗୋପବନ୍ଧୁ ଦାସ ।

ଅପୂର୍ଣ୍ଣ ଅନେକ କର୍ମ, ଅସଫଳ ଅନେକ ବାସନା,
ଅନେକ ପ୍ରାଣର ବ୍ୟଥା ଖୋଜି ବୁଲେ ତୁମରି ସାନ୍ତ୍ୱନା !
ବହୁଜନ, ବହୁଧନ ସମାକୀର୍ଣ୍ଣ ଏ ବିଶ୍ୱ ମୁଲକେ
ତୁମରିତ ଯୋଦ୍ଧା ବନ୍ଧୁ ବିଦଳିତ ଦୁଃସ୍ଥ ଜନ ପାଖେ ।
ଦରିଦ୍ର ଅବଚେତନ ଅବଲୁପ୍ତ ପ୍ରାଣର ମର୍ମର
ଖୋଜେ ଗାନ୍ଧୀ ଗୋପବନ୍ଧୁ, ଖୋଜି ବୁଲେ ମାର୍ଟିନ ଲୁଥର ॥

ବରଷ ବରଷ ପରେ ଦିନୁଟିଏ ଥରୁଟିଏ ଆସ,
ଏ' ଜାତିର ଚିତ୍ତମନେ ବିଶ୍ୱପ୍ରାଣ ଗୋପବନ୍ଧୁ ଦାସ !
ଖୋଜିବାକୁ ବୁଝିବାକୁ ଭାବିବାକୁ ଦେବାପାଇଁ ସ୍ଥାନ,
ଦେଢ଼ କୋଟି ମଣିଷରେ ତୁମପରି ଆଉ କେ ସନ୍ତାନ ?
ଖୋଜିଥିଲା ଖୋଜି ବୁଲେ ତମିସ୍ରାର ପଥଶ୍ରାନ୍ତି କାଟି
ନିପୀଡ଼ିତ ମଣିଷର ବାର୍ତ୍ତା-ଭୁକ୍ତ ଅପନ୍ତରା ମାଟି !
ଗ୍ରହ ଗ୍ରହାନ୍ତରଗାମୀ ମଣିଷର ପରି କେଉଁ ଜନ,
ଅବଜ୍ଞାତ ଜନପଦେ ଦେଇଥିଲା ପ୍ରଥମ ଦର୍ଶନ ।
ଚକିତ ମଣିଷ କାନେ କହିଥିଲା କୌତୁହଳୀ ବାର୍ତ୍ତା,
ଜଣକର ମୃତ୍ୟୁ ପାଇଁ ଦାୟୀ ଗଣ ବିଶ୍ୱର ଜନତା !!

ଆସ ଗାନ୍ଧୀ, ଗୋପବନ୍ଧୁ ଆସ ରାଜା ମାର୍ଟିନ ଲୁଥର
ବରଷକେ ଥରେ ଆସ ଅବା ଆସ ଶତବର୍ଷ ପର ।
ଧନର ପ୍ରାଚୁର୍ଯ୍ୟ ଆଜି ସ୍ଥାନର ଏ' ମହା ସ୍ୱୟଂବରେ
ମନର କାରୁଣ୍ୟ କଥା କହିବାକୁ, କହିବାକୁ କାତେ;
ମଣିଷ ଖୋଜୁଛି ପରା ଆତ୍ମାଟିଏ ଏକାନ୍ତ ବିଶ୍ୱସ୍ତ
ଛଳନା ଓ ଚକ୍ରାନ୍ତର ମରୁ-କୁଞ୍ଜେ ରାଜନୀତି ପ୍ରେତ,
ଅଟ୍ଟହାସ କରେ ବନ୍ଧୁ ! ଯେତେବେଳେ ସବୁ ଜାଣିବାର
ସବୁ ପାରିବାର ଅବା ସବୁ କିଛି ବଦଳି ଦେବାର !!
ସେତେବେଳେ ଲୁହ ତାର ପୋଛିବାକୁ ସାନ୍ତ୍ୱନା ଦେବାକୁ
ହେ ପୁରୁଷ କିଏ କାହିଁ ଦୂରେ ଅଛ ଆସ ତା ପାଖକୁ ।
ବର୍ଷକେ, ଦଶକେ, ଅବା ଅର୍ଦ୍ଧଶତ, ଶତବର୍ଷେ ଦିନେ,
ଥରେ ତୁମ ନାମ ମାତ୍ର ଶୁଭିଯାଉ ହତାଶର କର୍ଣ୍ଣେ ।

ନେତ୍ରୋଷବ ଯେଉଁଦିନ ନେତୃହୀନ ମଣିଷ ଜାତିର
ମଂଚୁ ଛୁଟିଥିଲା କ୍ରଂଦେ ଝରାପତ୍ର କରୁଣ ମର୍ମର,
ନିର୍ବାତ ପବନେ ଲୋଟି ଚହଲାଇ କୋଟି ମନପ୍ରାଣ
ନିଖିଳ ବିଶ୍ୱର କାନେ ଦେଇଥିଲା ଯେ ବ୍ୟଥା ଦାରୁଣ !
ସେ ବ୍ୟଥାର ଅବସାନ ହୋଇଛିକି ଚାଳିଶ ବର୍ଷରେ
ଗାଂଧୀ ମୃତ୍ୟୁ ଅଂତେ ଅବା ନିଗ୍ରୋ ଶିଶୁ ମାର୍ଟିନ ରକ୍ତରେ ?
ବିଶ୍ୱ ଆଜି ଅଗ୍ରଗାମୀ ଅଭାବ ଓ ଅନଟନ ଦ୍ୱାରା
କରାଯାଇ ମଣିଷର ? ବିଜ୍ଞାନର ସମସ୍ତ ମେଖଳା-
ଅସିମୁକ୍ତ, କରିବାକୁ କ୍ଷୁଧା ଆଉ ଅଭାବର ଶେଷ
ଏତେବେଳେ ମନେ ପୁଣି ପଡକିଆଁ ଗୋପବନ୍ଧୁ ଦାସ ?

ଅବଲୁପ୍ତ ଚେତନାର ପ୍ରତିନିଧି ତୁମେ ସୁମହତ୍
ଜାତି ମହାଜାତି ତେଣୁ ତୁମ ପଦେ କରେ ପ୍ରଣିପାତ ।
ଅମଳିନ ଅଖଂଡିତ ଅକପଟ ମାନବତା ପ୍ରେମୀ
ତୁମରି ସାନିଧେ ତେଣୁ ବ୍ୟକ୍ତି ପାଏ ସାମାଜିକ ଭୂମି !
ତାରତମ୍ୟ ଭେଦାଭେଦ ଗୋଷ୍ଠୀ ଦଳ ଜୀର୍ଣ୍ଣ କୁସଂସ୍କାର
ମଣିଷ ଜାତିର କାନେ ରାଜନୀତି ବିକୃତ ଚିତ୍କାର
ଶେଷକରି ତୁମେ ଡାକ - 'ଆସ ବଂଧୁ ଆସରେ ମଣିଷ-
ସେବାର ଅଂଗନେ ନାହିଁ ଜାତି, ଗୋଷ୍ଠୀ, ଦଳ ଅବକାଶ ।'
ବନ୍ୟା ଆସେ ବନ୍ୟା ଯାଏ, ଅନାହାରେ ପୀଡ଼ିତ ଜନତା,
ତୁମ ଆଖି ଅଶ୍ରୁ ଦେଖେ ଶୁଣେ ନାହିଁ ରାଜନୀତି ବାର୍ତା ।

ତେଣୁ ବଂଧୁ ବିଖଂଡିତ ବିକଳାଂଗ ଜାତି ଦେଶ ପାଇଁ,
ଯେଉଁ ଡାକ ଛୁଟିଆସେ ପୃଥିବୀର ନାଭାକେନ୍ଦ୍ରୁ କାହିଁ ।
ମଣିଷର ମର୍ମସ୍ଥଳେ ଦେଶ ଜାତି ଅଂତର କଂଦରେ
ଯେଉଁ ନାମ ଭାସି ଉଠେ ଦୁର୍ଦ୍ଦିନରେ ଅବା ସୁଦିନରେ ।
ଅଗ୍ରଗାମୀ ପଶ୍ଚାତ୍‌ଗାମୀ ଜାତି ଦେଶ ମାନସ ପଟଳେ
ଯେଉଁ ଅମଳିନ ମୂର୍ତ୍ତି ଭାସମାନ ଚିତ୍ରପଟ ତୋଳେ
ସେଇ ଗାଂଧୀ, ଗୋପବଂଧୁ, ସେଇ ରାଜା ମାର୍ଟିନ ଲୁଥର,
କ୍ଷୁଧା ଓ ଦାରିଦ୍ର୍ୟ କର୍ଣ୍ଣେ ଯେଉଁ କଂଠୁ ପ୍ରତିବାଦ ଗୀର
କ୍ଷୀଣ କ୍ଷୀଣତର ହୋଇ ଲିଭିଥିଲା ଧ୍ୱସ୍ତେ ବି ଦିନେ,
ଯେଉଁ କଂଠେ ଦଳିତର ଭୁବିଶ୍ୱାସ ଚଯୋନେ  ମୁନେ,

ଜଳିଥିଲା ରକ୍ତ ବାଂତି ପୃଥିବୀର ମର୍ମର ଚଟାଣେ,
ବାରେ ନୁହେଁ ବହୁବାର, ଲଭିଛାଉ ରଖିଥିବ ମନେ !!

ଆଜିଠାରୁ ଶତବର୍ଷ ଆଜିଠାରୁ ସସ୍ରବର୍ଷ ପରେ
କବି କଂଠେ ତୁମ ନାମ ରଟୁଥିବ ଦେଶ ଦେଶାଂତରେ ।
ପ୍ରକୃତି ହରିତ ପତ୍ରେ ଯେତେ ଦିନ କୋମଳତା ଥିବ,
ଯେତେ ଦିନ ବର୍ଷେ ଥରେ ନୀପବନେ ମଳୟ ବହିବ
ଯେତେ ଦିନ ରହିଥିବ ମଣିଷର ମନେ ନିଷ୍ଠୁରତା
ଦଳିତ ପୀଡ଼ିତ ପାଇଁ ଦେଶେ ଦେଶେ ପଡ଼ିଥିବ ଚିଂତା
ଯେତେଦିନ ପୃଥିବୀରେ ଥିବେ ବଂଦୀ ଥିବ କାରାଗାର
ଥିବ ଶକ୍ତ ଲୁହାକଡ଼ି ଫାଶୀ ଖୁଂଟ ଅକୁଂଠ ସହାର
ନେଉଥିବେ ନବଜନ୍ମ ବହୁବାର ବହୁ ଅବତାର
ଗାଂଧୀ ଗୋପବଂଧୁ ଦାସ ନିଗ୍ରୋ ରାଜା ମାର୍ଟିନ ଲୁଥର !!

(ସମାଜ-ଗୋପବଂଧୁ ଶ୍ରାଦ୍ଧ ବାର୍ଷିକୀ, ୧୯୬୮)

# ନୌକାରୋହୀ♣

ବରଷା ଯାଇଛି ଛାଡ଼ି...
କାର୍ତ୍ତିକ ଆକାଶୁଁ ଉଭେଇ ଗଲାଣି, ଫେନିଳ ବଉଦ ବଢ଼ି !
ଖେତର ନୀଳିମା, ଆକାଶ ନୀଳିମା, ଆବୋରି ବସିଛି ମହୀ
ଏସନ ସମୟେ ଚାଲିଚି କିଏରେ, ନିର୍ଭୀକ ନୌକାରୋହୀ !
କିଏରେ ନାଉରୀ, ନାଆ ବାହି ଚାଲ, ଚଉଦିଗ ଶୂନଶାନ
ପୂର୍ବ ବଂଗଳା ପିଇଚିରେ ଖାଇ, ଧର୍ମର ଅହିଫେନ ।

ମଧ୍ୟ ଯୁଗର ଛଦ୍ମ-କବଚ, ଡାକେ ମାରପଡଦାର
'ଧର୍ମ ଉପରେ ଆଘାତ' ଉଠେଇ ଗୋଲାମୀର ସହଚର ।
ଚାଂଦିପୁର ଚାନ୍ଦ ନିଭିଗଲା ଦେଖ, ଉଦଭୃତା ଶୂନଶାନ*
ନୂଆ ଖାଲି ,ରେ ଲୁଲିଗଲେ ବାଂଧୁ, କର୍ବଲା ସନମାନ ।
ହସନ ହୋସେନ କୁର୍ବାନୀର କି, ପରିହାସେ ଗଲା ମତି,
ତେଣୁରେ ବାଂଧବ ପରଶି ବସିଲା, ଆନର ଧରମ ପ୍ରୀତି !

ମାଟିଆ ବୁରୁଜ ଅନ୍ଧ କିଛିନି, ଯାଉନି କୋଳୁଆ ରାୟ
ବଂଗଳା ନଦୀରେ ଚାଲିଚିତ ସେଇ, ଭଗତ ଲୁହର ସୁଅ ।

ଏମନ ସମୟେ ଆସିଚ କିଏ ସେ, ନିର୍ଭୀକ ଅନାଗର,
ହିଂସା-ଦାବାଗ୍ନି ଦାଉଦାଉ ଜଳେ, ପ୍ରେମ-ଗଂଗା ଭଗୀରଥ ।
ଶାନ୍ତି-ନାଦରାତେ ବଂଶଭୁଲା ସ୍ମୃତି, ମନରୁ ଦେଲକି ଠେଲି
ମନେ ପଡ଼ିଲା କି ବୁଦ୍ଧ ବଣିଆର, ଅହିଂସା ନିକିତି ଥାଳି ?
ହେଜ ପଡ଼ିଲାକି ଖିଲାଫତ ତେଜ, ତହିଁରେ ହଲା କି କାର୍ଯ୍ୟ
ଅନିବାର୍ଯ ସ୍ମୃତି ହଜାଇ ଦେଇଚି ହତଭାଗ ଇଂରେଜ !!

ନୀଳନଦୀ ତୀରେ ବ୍ୟାସ୍ତ୍ର ଅଟବୀ, ସମ୍ମୁଖେ ମହାବୋଧି
ଅଶ୍ୱ ଫେରାଅ ଛଂଦକ ! - ତାକେ ତରୁଣ ତାପସ ବୁଦ୍ଧ ।
ଆଜିକି ପଡ଼ିଲା ବାପୁର ଶ୍ରବଣେ, ସେ ମହାନିର୍ବାଣ ଧ୍ୱନି,
ବଂଧୁ ପରିଜନ ଫେରିଗଲେ ପଛେ, ଅଗ୍ରେ ଧାଇଁଛି ଜ୍ଞାନୀ ।

ବଂଗଳା ମାଆର ସ୍ତନ୍ୟ-ପିଆସୀ, ଇସଲାମ ସହଚର
ସମ୍ମୁଖେ ତମ ଦଳିତ ବଂଗଳା, କ୍ଲାଇବର କ୍ରୀଡ଼ାଗାର ।
ପଶ୍ଚାତେ ଡାକେ ଫିରିଂଗୀ ବିଦ୍ୱେଷୀ, ପୂର୍ବ ପୁରୁଷର ମାଟି,
କବର ଖାତରେ ଟିପୁ ସିରାଜର ଅମଳିନ ଛବିବୁଲି ।
କହ-କହ ଭାଇ 'ପ୍ରାସାଦ ଦେଶରେ'** କିଂପାଇଁ ବିଷାଦ ଅଶ୍ରୁ,
'ସଲାମ ଆଲେକ ଉଠିଗଲା କିହେ ବଂଗଳା ଇତିହାସୁ ?'***

ଜାଗିଲା କି ମନେ ବିଦଳିତ ସ୍ମୃତି, ଦିଗ୍‌ବିଜୟୀ ଜଳାଂବସ
ଜାଗିଲା ତୁମର ହୃଦୟ ଆକାଶେ, ଆଲୋକର ପୂର୍ବାଭାଷ ।
ପଡ଼ିଗଲା ମନେ ଭାରତ ଆଶୀର ଧ୍ରୁବ ହେବାଲାଗି ଜିତା,
ତେଣୁରେ ଡେକିଲ ତମସାର ପଥେ ଆଲୋକର ଜୟଯାତ୍ରା ।
ବାତ୍ୟା-ଉଦ୍‌ବେଳ ସାଗର ତୀରର ଶାନ୍ତି-ନଉକାରୋହୀ
ଦେଶଟା ଯାକର ଧମନୀ ରକତ ତୁମ ପଛେ ଚାଲେ ବହି ।

(ରଚନାକାଳ - ୧୯୪୬,
ପ୍ରକାଶନ : 'ଆଶାର' ବିଜୟା ବିଶେଷାଂକ, ୧୯୬୮)

---

*୧୯୪୬ ମସିହା ନଭେମ୍ବର ୭ ତାରିଖ ଦିବା ୧୧ ଘଟିକା ସମୟରେ ହିଂସା-ପ୍ରପୀଡ଼ିତ ପୂର୍ବ ବଂଗରେ ଶାନ୍ତି କାର୍ଯ୍ୟ କରିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ମହାତ୍ମା ଗାନ୍ଧୀ ପରିଚାରକ ସାଥୀ ପରିଜନଙ୍କ ନୋଆଖାଲି ଦେଖଣକୁ ଉପେକ୍ଷାକରି ନୌକାଯୋଗେ କାଜୀରଖିଲଠାରୁ ଶ୍ରୀରାମପୁର ଯାତ୍ରା କରିଥିଲେ । ସାମ୍ପ୍ରଦାୟିକ ସଦ୍‌ଭାବ ସୃଷ୍ଟି କରିବା ଲାଗି ଗାନ୍ଧିଜୀଙ୍କର ଏଭଳି ଜୀବନର ଏକ କଠୋର ଉଦାହରଣ ସହିତ ଭାରତ ଇତିହାସରେ ଅନ୍ୟ କୌଣସି ଲୋମହର୍ଷଣକାରୀ ଘଟଣା ସମକକ୍ଷ ହୋଇପାରିବ ନାହିଁ ।
*ନୁଆଖାଲିର ବଂଗ.ଦେଶ ରେ ବର୍ଷ ଉତ୍ସବ ପାଳିତ ହୋଇ ପାରିନଥିଲା ।
**ଟେଗୋର ବଂଗଳା ଦେଶକୁ 'ପ୍ରାସାଦର ଦେଶ' ବା ସ୍ୱପ୍ନଲୋକର ମୁଲକ ବୋଲି ବର୍ଣ୍ଣନା କରିଥିଲେ ।
***ଆବେଗ ଭରା କଣ୍ଠରେ ପ୍ରାର୍ଥନା ଶିବିର ସମୟରେ ଦଂଗା ବିଧ୍ୱସ୍ତ ବଂଗଳା ବାସୀଙ୍କୁ ସେ ଏଭଳି ପ୍ରଶ୍ନ କରିଥିଲେ ।

✤

# ଚଉଦ ତାରିଖ

ଚଉଦ ତାରିଖ ଚଉଦ ଆକାଶେ ଚଉଦ ମନୁର ଶେଷେ
ଆସିଥିଲେ ଆଜି ବନ୍ଧ୍ୟା ଆକାଶେ ବନ୍ୟା! ଉତ୍କଳ ଦେଶେ !
ପ୍ରଳୟ ପୟୋଧି ଛୁଇଁଲାକି କାଇଁ ଦିଲ୍ଲୀ ଶିବିର ସୀମା
ଉଠିଥିଲେରେ ଯହିଁ ରକ୍ତ-କମଳ ଭାରତର-ଅଗ୍ରଯମା ।
ଏମନ ସମୟେ କିଏ ସେଇ ବୀର କିଏ ସେ ମହତ୍ ଛାମା
ବାରିଧାରା ଢ଼ାଳି ଲିଭାଇ ପାରିଚି ବିପ୍ଳବର ଏ ବହ୍ନି ।
ତାହାର କଂଠର ସୃଷ୍ଟି ଶୃଂଖଳେ ଥରିବ ବିପୁଳ ବିଶ୍ୱ,
ଅନନ୍ତ - ସଙ୍ଗୀତ ଏକାକାର ହେବ ଝୁରୁଚିବ ଆଦି ବଂଶ !
ଦିଲ୍ଲୀ ଆକାଶ ପ୍ରଳୟ ଲହରୀ ଥମାଇ ଦେଲାଣି କିଏ
କିଏ ଆରେ ସେଇ ଗୈରିକ ଯୋଗୀ ମୁକ୍ତି ସଂଗୀତ ଗାଏ ?

କିଏସେଠେ ସେଇ ବିପ୍ଳବୀ ବୀର ଚରମ ତ୍ୟାଗର ବେଶେ
କିଏ ସେ ଗୈରିକ ଶ୍ୱେତ-ସବୁଜ ତ୍ରିଗୁଣ ପରକାଶେ !
ଚକ୍ର - ଚରଖା ସ୍ୟଂଦନେ କିଏ ସାରଥୀ ମହାଯାନ
ଜୟ ଜୟ ତୁଇ ଯନ୍ତ୍ର-ଦାନବ ବିଧ୍ୱଂସୀ ଉଡ଼ାଯାନ ।
ଜୟ ଜୟ ତୁଇ ପ୍ରାଚ୍ୟ ସଂସ୍କୃତି ଶୋଧକ ଯୁଗ କଳ୍ପା
ଜୟ ଜୟ ତୁଇ ଆର୍ଯ୍ୟ ପ୍ରଗତି ମଂଦିର ବିଶ୍ୱକର୍ମା !

ଚଉଦ ତାରିଖ ଚଉଦ ଆକାଶେ ଚଉଦ ମନୁର ଶେଷେ
କହ କି କହିବି କରାଚୀ ବାଂଧବ ନୂଆଖାଲି ଭାଇ ପାଶେ ?
କହ କି କହିବି ବଂଗ ମଶାଣୀ ପଂଜାବ ଗୁରୁଦ୍ୱାରା
କି ବାଣୀ ଦେଉଛି ରମଜାନ ମାସ ଇସଲାମ ପରଂପରା ?
ସନ ଚୌରାଳିଶ ଗାଂଧୀ-ଜିନା ପ୍ରୀତି ହବେ କି ହୋଇଛି ଚିର
କହ କହ ଆହେ ଚର୍ଚ୍ଚିଲ ଆମେରୀ ଗଦାୟୁ ସରକାର ?
ଉଦର ବାରତା ଗାଂଧୀ ପଠାଏ ଜିନ୍ନା ଦୁଆରେ ଆଜି,
ପେଡ଼ ପେଡ଼ବାରେ ଚଉଦ ତାରିଖ ଇତିହାସ ପୃଷ୍ଠା ଗାଛି !

ଚଉଦ ତାରିଖ ଚଉଦ ବରଷ ଚଉଦ ମନୁର ଶେଷେ
ଭାଦବ ଆକାଶେ ରୁଧିର ମେଘର ଶୋଭା ଆଜି ପରକାଶେ ।
ଅଙ୍କିତ ହଉଚି ଲଂଘି ଦି'କୂଳ ସିଂଧୁ-ଯମୁନା ଦେଶ
ମଣିଷ ଘଳତେ ଆଜ୍ର ଥାଳିରେ ମଣିଷର ଇତିହାସ ।

କଉଡ଼ି କୁଆର    ମୁକୁତା କୁଆର    ମାଣିକ୍ୟ ବଂଦରେ କାହିଁ
ଖାଦ୍ୟ ହତ୍ୟାର    ଭସ୍ମ ପ୍ଲାବନେ    ଉର୍ବର ହେଲା ଭୂଇଁ ।
କହ କହ ଆରେ    ମହେଂଜୋଦାରୋ    ହରପ୍ପା ଶୁଭ୍ର ଦେଶ
କହ କହ ଆହେ    କୋରାନ ସରିଫ୍    ଗ୍ରଂଥ ସାହେବ ଶିଷ୍ୟ ।
କହ କହ ଆହେ    ଜିନ୍ନା-ଜବାହାର    ସ୍ୱାଧୀନ ଭାରତ କଥା
ଚଉଦ ତାରିଖ    ଚଉଦ ତାରିଖ    ପୋତି ଦିଅ ନାହିଁ ମଥା ।

ଚଉଦ ତାରିଖ    ଚଉଦ ଆକାଶେ    ଚଉଦ ମନୁର ଶେଷେ
ଆଜିକି ଆସିଚି    ସତାବନସାଲ    ସ୍ୱପ୍ନ ସଫଳ ବେଶେ ।
ଆଜିକି ଆସିଚି    ଜାଲିଆନାବାଗ    ବିପ୍ଳବ ଅଟ୍ଟହାସେ
ଆଜିକି ଆସିଚି    ଆଜାଦ ସରକାରୀ    ଇଂଫାଲ ରଣାବେଶେ ।
ଆଜିକି ଆସିଚି    ବୟାଳିଶ ସାଲ    ବୋଟେଲ୍‌ହାମର ଭକ୍ତି
କଇଫତ ତାର    ଦେବାକୁରେ ଏହି    ଚଉଦ ତାରିଖ ରାତି ।

ଚଉଦ ତାରିଖ    ଚଉଦ ଆକାଶେ    ଚଉଦ ମନୁର ଶେଷେ
ମନେ ପଡ଼େ ସେଇ    କଂପାନୀ ବୋଇତ    ମସଲା ବୋହେଇ ବେଶେ ।
ମନେପଡ଼େ ଭାରି    ଜିକିତି କିପରି    ବାଇବେଲ ରୂପ ନେଲା
ମନେ ପଡ଼େ ପୁଣି    ବାଇବେଲ ପରା    ବଂଧୁକ ତୋପରେ ମଲା !
ଫିରିଂଗୀ ବୋଇତ    ମସଲା ବୋଇତ    ବୁଡ଼ିଲା କିପରି କହ
କପଡ଼ା ବୋଇତ    ନିମକ ବଂଦରେ    ରୋଧି ଦେଲାକି ତା' ସୁଅ ?
ଫିରିଙ୍ଗୀ ଜାହାଜ    ନିମକ ଜାହାଜ    କେଉଁଟି ପଡ଼ିଚି ଥାକି
କଳା ତିମି ମାଛ    ଧାରୁଆ ଆଖିରେ    ଲୁହା ତାରେ ଗଲା ଭାଜି !
ତେଣୁରେ ଆଜିକି    ବଦଳି ଯାଇଚି    ବଂଗୋପସାଗର ହୀରା
ବାହାଦୁରଶାହା    କବର ଭୂଇଁଟା    ଚମକି ପଡ଼ିଚି ପରା !
ଦୁଇଶ ବରଷ    ତାଆସ-ନଅର    ସମୂଳେ ଯାଉଚି ଭାଜି
ଭୋକା ଲଂଗଳାର    ସ୍ୱରାଜ୍ୟ ଦିବସ    ପନ୍ଦର ତାରିଖ ଆଜି !!

(ଉଦୟ : ପୂଜା ବିଶେଷାଂକ, ୧୯୫୭)

---

(୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ମଧ୍ୟ ରାତ୍ରରେ ସ୍ୱାଧୀନ ଭାରତବର୍ଷ ଜନ୍ମ ହୋଇଥିଲା)

# ଚର୍ଚ୍ଚିଲ*

ଗୋଦର ଗୋଡ଼ର ପୁଳକଟା ଟିକିଏ ଝିଟାରୁ ମଣି
ଭାବିଥିଲୁ ବନ୍ଧୁ ଗୋଲଗଠା ମାରିବା ଯିବଣି ଭୁଲି ।
ତୁଟି ଯାଇଥିବ ପୁରୁଣା ସପନ, ଦାରୁଣ ଭ୍ରାନ୍ତି
ଦୁରନ୍ତ ସରସ କୋଡ଼ ଦେମାଗଟା ହେବାରୁ ଇତି !

ଭାବିଥିଲୁ ଚଷ୍ଟା ଚଷମା ତମର ଦବଣି ଫିଂଗି,
ମଧ୍ୟ ପ୍ରାଚ୍ୟ ଓ ସୁଦୂର ପ୍ରାଚ୍ୟର ଘଟଣା ଲାଗି ।
ବର୍ଲିନ ଭିତର ଘନଘଟା ଦିଗେ ଚେତାଉଥିବ
ସାଇବେରିଆର ଖାଲୁକରେ ମୁଣ୍ଡ ବଥାଉଥିବ ।

ଧକ୍କା ଦଉଥିବ ଇଉରାଲ ତଳ ଅଣୁ ବମିକା
ମାର୍କିନ ବେଂକରେ ଉଧାରୀ ଖାତାର ଦାରୁଣ ଦଫା !
ଜାତି-ମହାସଭା ଗୋଡ଼ାଣିଆ ପଣ କାନରେ ପଡ଼ି
ଛାଡ଼ି ଦିବଣି ହେ ପଟାପଟ ନେତା ଭାଳି ଭୁଷୁଡ଼ି ।

ହେଂପା କରିବଣି ହାତତା ତମର ପାଣି ପବନ
ତଥାପି ଭରସା ରହିଛି ଯଦିଚ ନିର୍ବାଚନ ।
ଏବେ ବି ଭାବୁଚ ଫୋଟକା ଭିତରେ ଗିଳିବ ନିଆଁ
ସାମରାଜଶାହୀ ଗୋଦର ଗୋଡ଼ଟା ଏବେ ବି ତାହାଁ ?

ସିଂଗାପୁର ବେକ ବାହୁନା ଟିକିଏ ବାହୁନିବକି
ଆମେରୀ କଂପାନୀ ଦେଉଳିଆ ବ୍ୟାଂକ ପୁରୁଣା ହୁଣ୍ଡି ।
ପଟିଗଲା ହାତେ ଉଠିଲ ମାଟିକି ବେକାର ନେତା
ମନେ ପଡ଼ିଲାକି ସାଂପେନ ସୁନ୍ଦରୀ ବିରହ ବ୍ୟଥା ?

ଇତିହାସ କଥା ପରତେ ନଯାଅ ରାଜନୀତିକ
ଭୂଗୋଳ ଖାତାର ବଦଳିବା ରଂଗ ନାଇଁକି ଦେଖ ।
ବିଜ୍ଞାନ ତେଣ୍ଟରେ ହରାଇଚି ଆଶା ତୁମରି ଚର୍ଚ୍ଚି
ଚିହ୍ନିଥାଗେ ତମ ଦିବା ସପନର ଆଦର କାଇଁ ?

ଏବେ ବି ଭାବୁଚ ହିନ୍ଦସ୍ଥାବାଦ ଛଡ଼କବାଟି
ନବାବ ଜିନ୍ନାର ପାରଶ୍ୟ କାହାଣୀ କିମିଆ ବଟି ।
ଉଦ୍ଧାର ଆଣିବ ଭାରତକୁ ସେହି ଗୋଦର ଗୋଡ଼
ଏବେ ବି ଭାବୁଚ ଭାରତେ ବ୍ୟାପିବ ପୁରୁଣା ବୋଡ଼ ?

।୧୯୫୨।

ଗିଲ୍‌ଗିଟ୍ ଘାଟେ ଉଠିଲା ସେଦିନ ଉରମେ କାର୍ଗ
ସାଉଦିରି ଗାଲୁ ଛାଡିଲା ସେଇଠି ମାରିଲା ହାଇ ।
ସେର୍-ଇ-କାଶ୍ମୀର ହାତରେ ପଡ଼ିଲା ସବୁଠି ତ୍ରୁଟି
ତେଣୁ ହେ ଖୋଜିଲ ହାଇଦରାବାଦ ଖଳକବାଟି ।

ଗୋଡର ଗୋଡ଼ଟା ଛିନ୍ଦିବାର କଥ ତାହା କେଉଁଠି
ସାମରାଜ୍ୟଲୋଭୀ ଦେଖିଲିଆ ବ୍ୟାଂକ ପୁରୁଣା ହୁଣ୍ଡି ।
ଭଂଗାଇବା ଭ୍ରାନ୍ତି ଆସିନା ସତେକି ତେଣୁ ଏ ସତ୍ୟ
ଇତିହାସ କହେ ଅଂଗୁଳି ଦେଖାଇ - "ଆହେ ନିର୍ଲଜ" !

(ଉଦୟ - ନଭେମ୍ବର, ୧୯୪୯)

*ହାଇଦ୍ରାବାଦ ସଂପର୍କରେ ଭାଷଣ ଦେଇ ସର୍ଦ୍ଦାର ପଟେଲ ଚର୍ଚ୍ଚିଲଙ୍କୁ
ପ୍ରଥମେ "ନିର୍ଲଜ ସାମ୍ରାଜ୍ୟବାଦୀ" ଅଭିହିତ କରିଥିଲେ ।

## ମେଥ୍ୟୁସ*

ମେଥ୍ୟୁସ !...
ବୋଇତ ଡମାଳି ତାକେ
ବହେ ନଦୀ ଦଂଷ୍ଟପାଦ ଅଶ୍ରୁ !
ଫୁଲି ଉଠେ କାଳ ନଦୀ
ଭିଜେ ତମ ଫାଇଲ ଦପ୍ତର
ବାସି ଆସେ ମଲ୍ଲୀ,
ଓଷ୍ଠ, ଗୋଲାପଙ୍କ ସ୍ମୃତ ମୁର୍ଚ୍ଛାର,
ଅସ୍ୱୀକାର କର ?...
ହେ ଶାସକକୁଳ ?...
ହେ ଫିରିଙ୍ଗୀ ଦପ୍ତରର ପୁରାତନ ଖଂଡିତ ଦିଓ୍ୱାଲ !

ଜରାଜୀର୍ଣ୍ଣ ଆମେରୀର
ନିର୍ବାପିତ କ୍ଷୀଣ କଂଠଧ୍ୱନି
ଚଲା ଶୁଣାଇଲ ବଂଧୁ
ଆମେ ଯିବା ଯାଇଥିଲୁ ଭୁଲି ।

ଭୁଲାଇଡ ଦେଖଥିଲା
ଖାଲି ଆମ ଷ୍ଟର୍ଲିଂ ପାଉଣ୍ଡ
ସନ ଚୌୟାଳିଶ ସାଲ
କୋରାପୁଟ କ୍ଷୁଧିତ ବଂଗଳା ।

ପଢ଼ିଥିବ ଇସ୍ତାହାର
ଦୁଇ ଲକ୍ଷ ପଂଚପାଡ଼ ବାସୀ
ସରକାରୀ ଫାଇଲ୍‌ରେ
ତୁମ ଗାଁଅ ମୁର୍ଦାର ବଂଚିଛି ।
ଆମେ ସିନା ଜାଳି ପୋଡ଼ି
କାହିଁ ଦେଲୁ ଘାଉ ନାହିଁ ଠାବ
ଜୀବନ୍ୟାସ ଦେଉଛନ୍ତି
ପରା ତମ ମେଥ୍ୟୁସ୍ ସାହେବ ।

ରାମନାମ ସତ୍ୟ ହେଉ
ସତ୍ୟ ହେଉ ମେଥ୍ୟୁସ୍ ଦସ୍ତୁର
ସତ୍ୟ ହେଉ ବେନି ଲକ୍ଷ
ବେନିଜଣ ଆସେମ୍ବ୍ଲି ମେଂବର ।
ମିଥ୍ୟା ହେଉ ଦୁର୍ଭିକ୍ଷ ଓ
ମହାମାରୀ, ମିଥ୍ୟା ହେଉ ମୃତ୍ୟୁ
ସତ୍ୟ ହେଉ ମନ୍ତ୍ରୀବର
ଭତ୍ତା ଆଉ ରସ୍ତା ଖର୍ଚ୍ଚ କିନ୍ତୁ ।

ଶୁଣ ଶୁଣ ଦୁଇଲକ୍ଷ
ରଂଗଭୂମି ପଂଚପାଡ଼ ବାସୀ
ବଡ଼ଗା ଓଡ଼ିଶା ଦେଶେ
କିଏ କହେ ଦୁର୍ଭିକ୍ଷ ପଡ଼ିଛି ?
ଦୁର୍ଯ୍ୟୋଧନ ମେଥ୍ୟୁସ୍
ରକ୍ତନଦୀ ସଂତରଣ କରି
ବାଢ଼ିଛନ୍ତି ଇସ୍ତାହାର
ନାଇଁ ମୃତ୍ୟୁନାଇଁ ମହାମାରୀ ।

ଦେଶେ ଦେଶେ କୁଶାସନ
ସତ୍ୟ କାହିଁ ? ସତ୍ୟ ପ୍ରହସନ ॥
ସତ୍ୟଲୋଡ଼େ ଦୁଃଶାସନ,
ସତ୍ୟ ଲୋଡ଼େ ମାନୀ ଦୁର୍ଯ୍ୟୋଧନ ।
କହ ମଲ୍ଲୀ, କହ ଉଷା,
କହ ଗୋଛି ଆକାଶେ ତାପୁଚା
ସରକାରୀ ଦସ୍ତରରେ
ତୁମ ନାଲା ମୁର୍ଦାର ବଂଚିଛି ॥

---

*ଦେଶରେ ଦୁର୍ଭିକ୍ଷ ଓ ଅନାହାର ମୃତ୍ୟୁ ଘଟିଲେ ସରକାର ତାହାକୁ ଅସ୍ୱୀକାର କରନ୍ତି । ୧୯୪୯-୫୦ ମସିହାରେ ମୟୂରଭଂଜ ପଂଚପୀଢ଼ ସବ୍‌ଡିଭିଜନରେ ଦୁର୍ଭିକ୍ଷ ପଡ଼ିଲା । ସ୍ୱାଧୀନତା ପରେ ତାହା ଓଡ଼ିଶା ରାଜ୍ୟରେ ହୁଏତ ପ୍ରଥମ ଦୁର୍ଭିକ୍ଷର ପଦଧ୍ୱନି । ସେଇ ଦୁର୍ଭିକ୍ଷରେ ଗୋଲାପ ମହାନ୍ତ, ମଲ୍ଲୀ ଦେଈ, ଉଷା ଦେଈ ପ୍ରମୁଖ ବହୁ ଜୀବନର ଅବସାନ ଘଟିଲା । ତତ୍କାଳୀନ ଜିଲ୍ଲା ମାଜିଷ୍ଟ୍ରେଟ୍ ମେଥ୍ୟୁସ୍ ସାହେବ ଦୁର୍ଭିକ୍ଷ ଅନାହାରକୁ ଅସ୍ୱୀକାର କରି ଯେଉଁ ଇସ୍ତାହାର ଦେଇଥିଲେ ସେଇ ସଂପର୍କରେ ଏ କବିତା ସେତେବେଳେ 'କୃଷକ' ପତ୍ରିକାରେ ପ୍ରକାଶିତ ।

# ଖଦଡ଼ ବ୍ୟାଂକ୍

ଖଦଡ଼ ବ୍ୟାଂକ୍ । ଖଦଡ଼ ବ୍ୟାଂକ୍ ॥
ଦେଉଳିଆ ତମେ ହେଲଣିକି ନାହିଁ କହ ହେ ସାଫ୍ ?
ହେଲେଣିତ ଏବେ ବହୁ ମାଢୁଆଳି ତମ ଗ୍ରାହକ
ଡାଲମିଆ, ଟାଟା, ବିରଳା, ପଟେଲ ମିଲ୍ ମାଲିକ ।
ଖଦୀ ପିନ୍ଧି ଭାଇ ଗାଆଁ ଟାଉଟର କଂଗ୍ରେସ ବାଲା
ଚିନି କିରାସିନି ବଂଟନ ଚାଲିଚି ଖାସା ସେ ପାଲା ।
ନାଂଗଳ ଲୁହାରେ ଗାଁଆ ରାଜନୀତି ମରଦେ ତେଜ
ଶଗଡ଼ ଜାରିତ ନମିଳିବା ଭାଇ କିସ ସ୍ୱରାଜ ?

ଚଉଦୁଆରର ଚିମିନା ଧୂଆଁର ହେ ସରକାର
ଧନ୍ୟହେ ତମେ ଖଦଡ଼ ବେପାର ହାତକୁ ନେଲ ।
ବୁଢ଼ା ବଣିଆର ଦେଉସିକ ସର୍ତ୍ତ ସୂତାର ହାର
ଚୋଧୁରିଆ ଭାଇ କେତେ ପ୍ରେମିକଂକୁ କଂଗ୍ରେସ ଦ୍ୱାର ।

କେତେ ନାରଙ୍କୁ ଆଦର୍ଶ ନଥିଲା କାଳାବ୍ ସଭା,
କିମ୍ବା ବୋଗଡ଼ର ତପରାଶୀ ଖୋଜେ ଖଦଡ଼ ଲୁଗା ।
ଚଉଦୁଆରର ଚିମିନୀ ଧୂଆଁର ହେ ସରକାର
ଧନ୍ୟ ହେ ତୁମେ ଖଦଡ଼ ଲୁଗାର ପ୍ରସାର କଲ ।

କହ ମହତାବ, ପଂଥ, ପଟିଲ୍ ସାତାର:ମୋୟା
ପୁରୁଣା ପାଂଠିରେ ଅଛି କି ହେ ନାଉଁ କିଛି ବକେୟା ।
ମୁଖା ଆକାଶକୁ କନିଗଲା କିହେ ପିଂଧାଳି ମୁଖ
ଦେଉଳିଆ ହୋଇ ମାରିଲାକି ତମ ଖଦଡ଼ ବ୍ୟାଂକ୍ ?
ବୟାଳିଶ ତ୍ୟାଗ ଲୁଣ-ମରା ଯୋଗ ଦାଂଡି ଯାତରା,
ବୁଢ଼ା ବଣିଆର ପୁରୁଣା ପୁଟୁଳି ଚାଲିଚି ଝରା ।
ଦଳ ଖଣ୍ଡୁ ଖଣ୍ଡୁ ବଢ଼ିଗଲା କି' ହେ ବିଲାତି-ଦଳ
'ମାଛ ଓ ଭୁଟି'ର ଲୋଭରେ ଛୁଟିଲେ ପଂଗପାଳ ।
କଂଗ୍ରେସ ଖାତା ବଢ଼ାଇଲା ହାୟ କଂଟ୍ରୋଲ ଯୁଗ,
ଟିକି କିରାସିନି ଲୋଭରେ ପଶିଲେ 'କର୍ମଠ ସଭ୍ୟ' ।
କଳା ବଜାରୀଙ୍କୁ ସାଜିଲାରେ ଭଲା ଧଳା ଖଦଡ଼
କଂଗ୍ରେସର ଭାଲେ ନୂଆ ପିରାମିଡ଼ ଦିଶିଲା ବଡ଼ ।

ଖଦଡ଼ କିଣିବ ଖଦଡ଼ ପିଂଧିବ ଆସରେ ଭାଇ
ଖଦଡ଼ ପିତାର ଶ୍ରାଦ୍ଧ ବାସରେ ଡାକୁଚି ମୁହିଁ ।
କବି କହେ, ମୁହିଁ ଖଦଡ଼ ପିଂଧେରେ କଂଗ୍ରେସ ଦାଲାଁ
ନଥୁରାମ ଭାଇ ପୁରୁଣା କାମକୁ କରୁଚି ପୁରା ।
ଗାଂଧୀ ମରିଚି ଖଦୀବି ମରିବ ସରିବ ଯୁଗ
ଗାଂଧୀ ରୁଧିର ଖଦଡ଼ରେ ଯାଦୁ ଘରକୁ ଭୋଗ ।।

(ଝଙ୍କାର - ଅପ୍ରେଲ, ୧୯୫୦)

## ସଂପାଦକ

ସାହିତ୍ୟ ସଂହଳା ଯାଇଁ ମଞ୍ଚଦାନ ସଭା ସମିତରେ
ଫୁଲମାଳ ସଂବର୍ଦ୍ଧନା ମାନପତ୍ର ରୀତି ପ୍ରଗତିରେ ।
ଭାଷଣ ଗର୍ଜ୍ଜନ ପୁଣି ଡାକବାଜି ଯନ୍ତ୍ର ସମାରୋହେ
ସାହିତ୍ୟ ବସିଲା କାହିଁ ଗସ୍ତ ଖର୍ଚ୍ଚ ଭତ୍ତାର ଆଗ୍ରହେ ।।

ସାହିତ୍ୟ ଭାସୁଚି ଆଜି ଦେଶେ ଦେଶେ ଚସଂତା ପ୍ରବାହେ
ପେସାଦାର ଲକ୍ଷ୍ମୀକଂଠେ ଚାଂଦାଖାତା ରସିଦ ଆଗ୍ରହେ ।
ସାହିତ୍ୟ ଫୁଟୁଚି ପୁଣି ବର୍ଷିକିଆ ଉତ୍ସବ ବିକାଶେ
ଦେଖୁଁଚି ମଂଚରୁ ତଳେ ମନତୋଷୀ ଉପାୟନ ହର୍ଷେ ।।

ସାହିତ୍ୟ ଶଢୁଛି, ଆଜି ଅଂଧାରିତ ସହର ତଳିରେ
ପ୍ରକାଶକ ଶୋ-କେସ ବେଂଚତଳେ ନର୍ଦ୍ଦମା ଗଳିରେ ।
ମାଡୁଆରି ବହିଖାତା ହିସାବର ବର୍ଜିତ ପୃଷ୍ଠାରେ
ସାହିତ୍ୟ କରୁଛି କାହିଁ ଆତ୍ମହତ୍ୟା ଅପବାଦ ଡରେ !

ସାହିତ୍ୟ ପଶିଛି ପୁଣି ପ୍ରକାଶକ ଦୋହରା ଖାତାରେ,
ଆୟକର ଫାଂକି ବୁଲେ ବହି ତା'ର ବଜାର ରାସ୍ତାରେ ।
ତଥାପି ପାଏ ନାଁ ନିଜ ପ୍ରାପ୍ୟଧନ କୃତଜ୍ଞତା ପାଶେ
ମଥା ତାର ଭାରାକ୍ରାଂତ, ବହି ଯେଣୁ ବଜାରକୁ ଆସେ ।।

ସାହିତ୍ୟ ପିଂଧିଛି କାହିଁ ଖଦୀ ଜାମା, ଅବା ଟେରେଲିନ୍
କେଉଁଠି ସେ ନବ୍ୟ ଧର୍ମୀ, ଅବା କାହିଁ ପଂଥୀ ସନାତନୀ ।
କେଉଁଠାରେ ଗାଂଜା-ସେବୀ କେଉଁଠାରେ ବୋତଲ-ଆଗ୍ରହୀ
କେଉଁଠିବା ନଳିଗୋଡ଼ ପାଇଜାମା ଧୋତି କୁର୍ତ୍ତା ସ୍ନେହୀ ।।

ସାହିତ୍ୟ ସାଜିଛି କାହିଁ ଧର୍ମବକ ଅବା ଧର୍ମପାଳ
ପ୍ରକାଶକ ପ୍ରତାରଣା ପରିଗ୍ରହେ ଭୋଗୀ କର୍ମଫଳ ।
ଅବା କାହିଁ ସାହିତ୍ୟିକ ଭ୍ରମେ ଖୋଜେ ରାସ୍ତା ଚଉଛକି
ନଗ୍ରଗ୍ରାମ ଜନପଦ ଭୁଲି ହେଜା ଆଶ୍ରମିକ-ପକ୍ଷୀ ।।

କେଉଁଠି ନିର୍ବାଣ ପଂଥୀ କେଉଁଠି ବା ସ୍ୱଜନ ପ୍ରେମିକ
କେଉଁଠି ସେ ପୁଂଜିବାଦୀ ଗୁପ୍ତଚର, ବିଦ୍ରୋହୀ ଶ୍ରମିକ ।
କେଉଁଠି ମାର୍କିନ ପଂଥୀ, ଋଷ୍ ପଂଥୀ ଶିବିକା-ବାହକ
କେଉଁଠାରେ ମାଓ ପଂଥୀ ବିପ୍ଳବର ସ୍ୱପ୍ନଚାରୀ ଯକ୍ଷ ।।

କେଉଁଠି ଆରାମ-କୁର୍ସି ପଂଖାତଳେ ସାହିତ୍ୟ ନିଦ୍ରିତ
କେଉଁଠି ବା ରଦ୍ଦାଦାତା ଦୁରାଗ୍ରହେ ହାଲତ ପୀଡ଼ିତ ।
କେଉଁଠାରେ କାରଖାନା ମଜଦୁର, ଅବା ମ୍ୟାନେଜର
ମଣିଷର ବହୁବିଧ ବେଶେ ଆଜି ସାହିତ୍ୟାବତାର ।।

।୧୯୫୭।

ସାହିତ୍ୟ କେଉଁଠି ଆଜି ସଂପାଦକ, ଅବା ପୋଷ୍ଟମ୍ୟାନ
କେଉଁଠାରେ ନିଜ ଗୁଣ ନିଜ ମୁଖେ କରୁଛି କୀର୍ତ୍ତନ ।
କେଉଁଠାରେ ଲେଖିବସେ ଅନ୍ୟ ବହି ପ୍ରଶଂସା ଟିପ୍ପଣୀ
ନିଜ ବହି ପୃଷ୍ଠ-ବଂଧ କରି ବଂଧେ ଅନ୍ୟ ନାମ ଭଣି ॥

ସାହିତ୍ୟ ପାଇଁକି ଆଜି ରାଜନୀତି ଲଘୁଚାପ ସୃଷ୍ଟି
ତୈଳ-ହ୍ରଦ ଘେରେ ଯଦି ଶିବଲିଂଗ କରେ କେହି ତୁଷ୍ଟି ।
ଏକାଡେମୀ ଲେକବିଲେ ସାରୁପତ୍ର ଛତ୍ରାକ ଉଡ଼ାଳେ
ତେବେ ଯାଇଁ ଅଭିଷେକ ହେବ ତାର ସଭା ମଂଚ ତଳେ ॥

ସାହିତ୍ୟ ଦ୍ରୌପଦୀ ଆଜି ବିବସନା ବ୍ରୀଡ଼ାବତୀ ନାରୀ
ପ୍ରକାଶକ, ପ୍ରଶାସନ ଦୁହେଁ ମିଶି ନିଅଂତି ଘୋଷାରି ।
କେଶ ତାର ମୁକୁଳିତ ବକ୍ଷ ତାର ବସନ ବର୍ଜିତ
ଦଶନେ ତିରଣ ଧରି ତାକନ୍ତାଡ଼େ ଲେଖକ ଅର୍ପିତ ॥

ଅଥବା କେଉଁଠି ବସି ସାହିତ୍ୟିକ କରୁଛି ତୋଷ୍ୟାଜ
ପାଉଛନ୍ତି ପାଦପୂଜା ଯେଉଁଠାରେ ମଂତ୍ରୀ ମହାଜିଙ୍କ ।
ଅବା ସର୍କାରୀ ହାକିମ, ଠିକାଦାର, ଚାଂଦାଦାତା ସର୍ବେ
ଯେଉଁଠାରେ ଅଭ୍ୟର୍ଥନା ପାଉଛନ୍ତି ସାହିତ୍ୟ ଉତ୍ସବେ ॥

ଏବଂବିଧ ବହୁ ରୂପ ବହୁ ବେଶେ ସାହିତ୍ୟ ସର୍ଜନା
ଚାଲିଛି ଦେଶରେ ଆଜି, କିଏ ତାର କରିବ କଳନା ।
ସାହିତ୍ୟିକ କିଏ ନୁହେଁ, ମଂତ୍ରୀ ରାଜା, ଭୃତ, କବୁଆଳ
ଶୋଷକ ଶୋଷିତ ଆଜି ସବୁଶ୍ରେଣୀ ସାହିତ୍ୟ ପାଗଳ ॥

ସାହିତ୍ୟିକ କିଏ ତେବେ, କେଉଁଠାରେ ରହିଲା ସାହିତ୍ୟ
କେଉଁ ପରିଚୟ ନେଇ ସାହିତ୍ୟର ହେବ ଗର୍ଭପାତ ।
କିଏ କହିବ ଏକଥା, କାହା ମୁଖେ ଚାହିଁବା ଆଜିରେ
ସାହିତ୍ୟତ ରହିଲାଣି ମହାନେତା ଉସବ ମର୍ଜିରେ !

ଏତେବେଳେ ମନେ ପଡ଼େ ସଂପାଦକ ଜଣେ ତୁମପରି
ଆସଂତା ଏ ଦେଶେ କିଏ ମଣିଷର ସୌମ୍ୟତନ୍ତୁ ଧରି ।
କରିବାକୁ ଆଲିଂଗନ ସୃଷ୍ଟି ଶିଳ୍ପ ଭେଦାଭେଦ ହୀନ,
ବାଢ଼ିବାକୁ ନୂଆ ଯୁଗ ଗୋଷ୍ଠୀଭେଦ ପରିଚୟ ଶୂନ୍ୟ ।।

କୁଂଭକାର ଚକ୍ରପରି ମୃର୍ତ୍ତିକାର ପେଣ୍ଡୁଳା ମଧ୍ୟରେ
ଗଢ଼ଂତାସେ ନାନା ରୂପ ଯୁଗରୁଚି ମାର୍ଜିତ ବିଧିରେ ।
ହୁଅଂତା ସେ ସଂପାଦକ ସମ୍ମାନିତ ସମର୍ଥିତ ପ୍ରାଣ
(ସଂପାଦକ ହୁଅଂତା ସେ, ନହୁଅଂତା ଖାଲି ପୋଷ୍ଟମ୍ୟାନ) ।।

(ନବପତ୍ର - ଅକ୍ଟୋବର, ୧୯୬୮)

---

(ସ୍ୱର୍ଗତ ସଂପାଦକ ବାଳକୃଷ୍ଣ କରଙ୍କ ସ୍ମୃତି ଉପଲକ୍ଷେ)

# ନିଲାମ*

ନିଲାମ ଚାଲିଛି ଗୋଟିଏ ନାରୀର ଦେହ
ନିଲାମ ଚାଲିଛି ଯଉବନ ତାର
ଧରିବ କିଏ ସେ କହ ?

ତନୁରେ ତାହାର ବିଜୁଳି ବର୍ଣ୍ଣ
ରଜନୀ-ଗଂଧାର ଅଧର ଚିକ୍କଣ
ଚତୁର ଚପଳ ଚୁଂବନାସକ୍ତ
ଉଦାମ ରସମୟ
ନିଲାମ ଚାଲିଛି
ଏସନ ନାରୀର ଦେହ ।

ଅନଂତ ଜନମେ ଅନାଦି ଜନନୀ
ଅଗଣିତ ମାତା ଧାତ୍ରୀ ସଂଗିନୀ
ସେଇ ଶେଷ ପୁଣି
ସେଇ ଆଦିମୂଳ
ଅନଂତ ସଂଖ୍ୟାର
ପୂର୍ଣ୍ଣ ଯୋଗଫଳ ।

ନିଲାମ ଚାଲିଚି
          ଗୋଟିଏ ପୁରୁଷ ଦେହ
ନିଲାମେ କିଏ ସେ ବଢ଼ିବରେ ଭାଗ
          ନିଲାମ ବଢ଼ିର ସୁଅ ।
ସବଳ ତନୁ ତା' ସଭାଂଗ ପ୍ରହରୀ
ବୁକୁରେ ଛପିଚି ଆଗ୍ନେୟଗିରି ।
ବଳାଭୟ-ଦୀପ୍ତ ମାଂସପେଶୀରେ
ରକତ ଲୁଆର ଛୁଟେ ଧମନୀରେ ।
ଚକ୍ଷୁର ହ୍ରଦରେ ବିରାଜୁଚି ଭାରି
          ନୀଳ କମଳର ଛାୟା
ନିଲାମ ଚାଲିଚି
          ଏସନ ପୁରୁଷ କାୟା !

ଆଦି-ଅଂତର ଦ୍ରଷ୍ଟା ପୁରୁଷ,
ରାଷ୍ଟ୍ରତଂତ୍ରର ସ୍ରଷ୍ଟା ପୌରୁଷ,
ସର୍ବାଧିନାୟକ ପୁଣ !
ଦେଶ ଓ ଜାତିର ମେରୁଦଂଡ
          ତାଙ୍କୁ ନିଲାମେରେ କିଏ କିଣ ?

ଭଲ ପାଉଥିବ
          ନାରୀର ମାଦକ ଗଂଧ,
ଭଲ ପାଉଛି ସେ
          ପୁରୁଷ ଦେହର ସ୍ୱାଦ ।
ଅନାଦି ପୁରୁଷ
          ଆଦିମ ମିଳନ
ଭେଦ ନାଶିଁକିରେ
          ଚାଂଡାଳ ବ୍ରାହ୍ମଣ ।

ସସାଗରଧରା ବିଷୁବ ରେଖାରେ
          ମେରୁ ପ୍ରାଂତର ହିମେ
ପ୍ରେମର ମଂଦିର ଲୁଷ
          କିଆଁରେ ଛୁଆଁ ଅଛୁଆଁର ନାମେ ?

ଚାଲିଛିରେ ଭାଇ, ଚାଲିବ ନିରନ୍ତ
ନବ ସୃଷ୍ଟିର ଖେଳ
ପୁରୁଷାର୍ଥର ମେଳ...।
ପୁରୁଷ ଔରସେ, ନାରୀର ଗର୍ଭେ...
ନିଷ୍ପତ୍ତି ନାହିଁ ତାର
ନିଷେଧ କିଆଁରେ କର ?

ଲମ୍ପଟ ଅବା ମହାଗଣିକା
ନିନ୍ଦିତ ଅବା ବନ୍ଦିତ ଆତ୍ମା
ପୁଣ୍ୟଶ୍ଳୋକ ଏ' ଦେହ ।
ନିଲାମ ବଢ଼ିରେ କର ନାହିଁ
ତାର ଆତ୍ମାର ଅବକ୍ଷୟ ।

କୋଟି ଯୁବକର ପୌରୁଷ ଗରିମା
କୋଟି ରୂପସୀର ମୋହିନୀ ମହିମା
ଢଳିଗଲା ତୁମ ଜହର ଜ୍ୱାଳାରେ ହାୟ
ନିଲାମ ଡାକିଚି ନାରୀ ପୁରୁଷର ଦେହ !

(ଉଦୟ : ଜୁଲାଇ, ୧୯୫୦)

---

*Whitman's A Woman's Body at Auction କବିତାର ଅନୁସରଣରେ

# ମାଥିଆ ଭାଇ

ମାଥିଆ ଭାଇରେ ମାଥିଆ ଭାଇ !
ସବୁ କଥାବୁଡ ହୋଇଗଲେ ହୋଉ
ରଣ ତଂତରକି ବଣ ତଂତରରେ
ବୁଝ ନବୁଝ ତୋହରି ପାଇଁ ।

ତୋହରି ପାଇଁ ସେ ଭୋଟ ବାକସ
ନିଶ ଉଠା ପାଠ ତୋହରି ପାଇଁ ।
ନଟକୁଟ ବାଟ ଗ୍ରାମ ପଂଚାୟତ
ଛାର ମେଳିଚିରେ କପିଳା ଗାଈ ।
ଆରେ ରେ ବାଣିଆ ଗୋଲୁ ଜଗିଥାଆ
ଭୋଟ୍ ଆସିଲେ ଭେଟ୍ ଯାଇଁ !!

ଷଠି ପୂରଣରେ କଥାଟି ବିଲକ୍ଷଣ
ନଥାଟି ବାଂଧିବା ଜାଣଂତି ସେଇ ।
ନରେବା କୁଂଜରେ ଅଶ୍ୱଥମା ହତ
ଜମିଦାରୀ ଉଠା କଥାଟି ସେଇ ।

ମାଧିଆ ଭାଇ !
ସବୁତ ଚାଲିଚି ତୋହରି ସଂଗକେ
ଖବର ମୋହର ଦେଉଚୁ ତୁହି ?

ମାଧିଆ ଭାଇରେ ମାଧିଆ ଭାଇ
ଦେଖା ଦରଶନ ତାଂକର ନାହିଁ
ଆସିଥିଲେ ଥରେ ହଳଦି ଲଗାଇ
ପିଚିଂଗାକୁ ଛାଡ଼ ପତର ଦେଇ ।
କେତେ ଚାଟୁକଥା, କେତେ ପଟୁକଥା
କଟୁକଥା ତାଂକ ତୁଂଡରେ ନାହିଁ
ଗରବ ହେଲାକି ଗରଭ (?) ହେଲାରେ
ଆଉ ନପଶଂତି ପାଖରେ ସେଇ !!

ଆଖି ମାରି ହାତ ଠାରି କହୁଥିଲେ
ସଭିଏଁ କହିଲୁ ହୋଇରେ ହୋଇ ।
ହଳଗଲା ବାଟ, ଖଳା ହେଲା ପାଟ
ଅଣସର ଘାଟ, ଅଲଟପାଇ ।
ଓଳେଇ ପୋଛେଇ, କେତେ କେଉଥିଲେ
ସବୁତ ପଡ଼ିଲା ଅମୋକ୍ଷ ହୋଇ ।
ପିଠିରେ ଖଂତିଆ ଚମଖା ଓ ତୁଳା
ଲୁଣିଆ ଛୁରାଟି ହାତରେ ବହି !
ଘୂରି ବୁଲୁଥିଲା, ପୁଲିସର ଡୋରା
ଆଜିତ ପୁଲିସ ତାଂକରି ସହୀ ।

ଏଇବାଟେ ଦିନେ ଗଲେ ସେଇବାବୁ
ମଟରରେ ଚଢ଼ି ହର୍ଣ ଦେଇ
ଚିହ୍ନିଲା ମୋ ନାନୀ ''ରାଜୁ ଭାଇ'' ବୋଲି
ଧରମ ଭଉଣୀ ଚିହ୍ନିଲେ ନାହିଁ ।

ମନ୍ତ୍ରୀ ହେଲେଣି ବଡ଼ଲୋକ ସିଂ
କାଳା ବାରବାଟି କାହିଁରେ ତହିଁ
ରେନ୍‌ସା ବାଲାଙ୍କି ଠିକଣା ନଜାଣେ
ଭଉଣୀ ଦର୍ଶନ ପାଇବ କାହିଁ ?
ନିରାଶେ ମେଲାଣି ଭାଇ ଓ ଭଉଣୀ
ହଣଛାଟି ପାଠ ପଢ଼ିଲେ ଯାହିଁ ।
ଇତିହାସ ପୋଥି ଖେଳାଘର ଖୋଜିବ
ମାମୁଁ ମହାରାଜ ଅଛନ୍ତି କାହିଁ ?

ମାଧୁଆ ଭାଇରେ ମାଧୁଆ ଭାଇ
ଶୁଣିଛୁ କି ନାହିଁ ହାଟରୁ ତୁହି ।
ବରଷା ନହେଲେ ହୀରାକୁଦ ବନ୍ଧ
ପାଣି ଯୋଗାଇବ ନଈକୁ ନଷ୍ଟ !
ନାଳକୁ ନାଳତ ପାଣି ଉତୁରିବ
ଖେତକୁ ଝରିବ ସୋଠରୁ ପାଣି,
କହିଛି ହାଟରେ ସର୍କାରୀ ରେଡ଼ିଓ
ରେଡ଼ିଓ ନୁହଁରେ ଆକାଶବାଣୀ !
ଭୁବନେଶ୍ୱରରେ ନୂଆ ରାଜଧାନୀ
କଟକେ ବସିବ ଇଷ୍ଟେଡିୟମ ।
ସଡ଼କେ ଭାସୁଛି ଆଣ୍ଠୁଏ କାଦୁଅ
ଚାହିଁଲେ ଦେଖିବା ହତାଙ୍କ ଦମ ।
ଅନ୍ଧାରୀ ମୁଲକ ଆଲୁଅ ଭାସିବ
ଅପସରି ଯିବେ ପ୍ରେତଙ୍କ ରଜା !
ଖସ୍ତା ଭଜା ଗସ୍ତ ଘରଦେ
ଚାଲିଥିବ ଭାଇ କେସନ ମଜା ।
ମାଧୁଆ ଭାଇରେ ମାଧୁଆ ଭାଇ
ସବୁତ ଚାଲିଛି ତୋହରି ସଂଗକେ
ରବର ମୋହର ଦେଲୁ ଚଢ଼ାଇ ।

ମାଧୁଆ ଭାଇରେ ମାଧୁଆ ଭାଇ
ସବୁ କଥାକୁତ ହୋଇଲେ ହୋଇ
ଗୋରା ଶାସନରୁ କଳା ଶାସନର
ପେଦ୍ୱାଣ ପକଙ୍କି ଜାଣିଲୁ ତୁହି ?

ଜାଣିଲୁ କି କିସ ଲୁଗା କଂଟ୍ରୋଲ
ଜାଣିଲୁ କି ଟାଟା ବିରଲାଂକ ଖେଳ ।
ଜାଣିଲୁ କି କେତେ ମୁନଫା ଲୁଟାଳୀ
ସରକାର ସଂଗେ ପୀରତି ମେଳ ।

ଖାସା ଶୁଭୁଥିଲା ପାଣୀର ଡାକରା
ବେଡମାଡ଼ ଡର ଖାଳି ଓ ଟାପରା
ବତାଖୁଂଟ ଝିନା ଶୁଣିଥିବ ସବୁ
କି ଲୋଡ଼ା ଶୁଣିଲେ ଗାଇଁଲା ଭାଇ ।
ପାରିହେଲେ ଯିଏ ଡପ୍ସ ବୈତରଣୀ
ଥାଳି ସେ ନାରଂଡି ସ୍ୱର୍ଗରେ ହାଇ ।
ସରକାର ଲୋଡ଼େ ସହଯୋଗ ତାଂକ
ଧରମ ଘଟିଂକୁ ବୁଲେଟ ଦେଇ ।
ମାଧିଆ ଭାଇରେ ମାଧିଆ ଭାଇ
ମାପିଚୁକି ଲେଖେ "ସରଗ ଉପୁଜା"
ନଭକଳସାହା" ପକେଟ ପୁହି ?

ମାଧିଆ ଭାଇରେ ମାଧିଆ ଭାଇ
ଶ୍ୟାମ ପିଉସାଂକୁ" ଚିହ୍ନିଲୁ ନାଇଁ ?
ଚରଚିନ୍ ଚଛା ଚିହ୍ନିଲୁ ନାଁ ମୂଢ଼
ସମରର ଇଷ୍ଟ ଦେବତା ସେଇ ।
ଭାଙ୍ଗ୍ୟରୋଷ୍ଟା କଥା ଛାଡ଼ିସଂଘ ବାରା
ବଦ୍‌ବଢ଼ କଥା ମୁଂହରେ କାହିଁ ।
ପଣ୍ଡିତ ନେହେରୁ ଭାସ୍କୋଡ଼ାଗାମା
ଚଷମା ପିଂଧିଲେ ଦେଖିଲୁ ନାହିଁ ?

ସାଇବିରି ଭାଲୁ, 'ଲୁହାପରଦା'ର
ଭଲୁଗୁଣା କିସ ବୁଝୁନାଁ କିଛି ।
ହାୟରେ ଦେଶରେ 'ଶୀତଳ ସମର'
ଶୀତଳ ତୋରାଣି ପିଉଟୁ ବସି ?
ବୋଲିଆ ଲଢ଼େଇ ଶୁଣିଯା'ରେ ଭାଇ
ବିରିବୁଣା ପାଗ ଦେଶିକି ଥାଉ ।
ମରିଚ କପୂର ଭାଉ ଦେଖିଲାଣି
କି' ପିଣ୍ଡ ବଢୁରେ ବାପର ଆଉ ?

ଦୋହଲିବା କିଳା ପୋତାହବ ପୁଣି
ଶୁଭ ଦେବେ ତାଙ୍କୁ ଶାସକ ଦଳ ।
ଲାଂଗଳ କୁଠାର ଶଗଡ଼ ନାଲିଆ
ଏମିତ ମିଳିବ ଭୋଟ୍ ବେଳ ।
ଗ୍ରୋ-ମୋର ଫୁଡ ଚାଲିବ ବଢ଼ିଆ
ଛତିଶା ବେଳର ଚାଣ ଶାସନ ।
ଟଇତେ ମିଳିବ ଆଳୁ କୋବି ମଂଜି
କାର୍ତ୍ତିକ ମାସକୁ ଧାନ ବିହନ ।
ଜମି ପାଣି ମଡ଼ା ତଗାବି ଟଙ୍କାରେ
ଟମିକି ଉଠିବ ବାହା ବରତ ।
ଅଫିସରଙ୍କର ବାଁ ଆଂଗୁଠିର
ଟିପ ଚିହ୍ନେ ଶେଷ, ପିଢ଼ିଆ ଖତ !
ମାଧିଆ ରାଇଜେ ମାଧିଆ ଭାଇ
ତୋହରି ରକତ, ତୋହରି ଖଟଣି
କି ହେଉଛି ତହିଁ ଦେଖିଲୁ ନାହିଁ ?

ମାଧିଆ ଭାଇରେ ମାଧିଆ ଭାଗ
କାଶ୍ମୀର ଦେଶ ଶୀତଳ ବନସ୍ତ
ଶିବଂକ ତ୍ରିଶୂଳ ମୁନରେ ଯାଉ ।
ସେ ଦେଶରେ ଯଦି ଫୁଟିବ ବାରୁଦ
ସମ୍ମୁଖେ ମାନସରୋବର ହ୍ରଦ ।
କୁରୁକ୍ଷେତ୍ର ଠାରୁ ଅଳପ ଦୂରରେ
ଭୂଗୋଳ ପଢ଼ିଲେ ଜାଣଂତୁ ତୁହି ॥

ରାଇ-କଲ୍ଲପର ଚାଲିଚି ଲଢ଼େଇ
ଉର୍ଦ୍ଧ୍ୱେ ଗରୁଡ଼ ଜାତିସଂଘ ଥାଇ ।
ଶ୍ୟାମ - ପିଉସା, ଚଉଚିନ୍ - ଚଚା!
ରୁଷ୍-ପିତା ହେବେ ଧଇଁ ସଇଁ
ମାଁକଟନ୍ ଆଉ ଡିକସନ୍‌ଙ୍କର
ମାଁକଡ଼ ବାଂଟରା ସରିଲା ନାହିଁ ।
ପାକ୍-ଭାରତ ଚୁକ୍ତି ଦୋରସ୍ତ
ରହି ଟୋକେଇରେ ଛାରା ବା ଜାଇଁ ?

।୧୯୫୧।

ଆରେରେ ମାଧିଆ ଏକରାମ ଖାଁ
ହିଂଦୁ ପଠାଣ ସାଧାରଣ
ତୁମେ କି ଲୋଡ଼ିତ ସମରରେ ଭାଇ
ପ୍ରଶ୍ନ ଉପରେ ପ୍ରଶ୍ନ ବାଣ ।
କାହିଁ ଗଲା ତାଂକ ମୂଳ ପ୍ରତିଶ୍ରୁତି
ଶିକ୍ଷା, ଚିକିତ୍ସା, ଦାନାକନା ସିଧି ।
ତୁମରି ପିଲାଂକ ପଂଜରା ଉପରେ
ଚାଲୁଛିରେ ତୋପ କମାଣ ରାକ୍ଷୁତି ।
କମିଶନ ପରେ କମିଶନ ନେଲେ
ନେଲେରେ ପଞ୍ଛ ପଲଟଣ ।
ଗଲା ଖରଚ! ଉଲା କଟିଲା
ଆଉ କି ରହିଲା ନେଂବୁଲୁଣ ?

ପୁଂଜିପତି ଦଳ ବିଭୂତି ଶୋଷଂତି
ଯୁଦ୍ଧ କରଂତି ନିମଂତ୍ରଣ ।
ସରକାରୀ ଟେର ଟାଣ କରିବରେ
ଯୁଦ୍ଧ ବରାଣ ବରଣଣ !
କନାର ମାଲିକ ସରକାରୀ ମେଂଟେ-
ଯୁଦ୍ଧ କଂପାନୀ ବଡ଼ ଟାଣ ।
ଆରେ ରେ ମାଧିଆ ଖାଲି ମାରୁଥାଅ
ବାଆଁ ଆଂଗୁଠିର ଟିପ ଚିହ୍ନ ।

(ଜନତା : ଅଗଷ୍ଟ, ୧୯୫୦)

---

*ଭାରତୀୟ ଆଇ.ସି.ଏସ୍. ଚାକିରକୁ Heavenly Bornn Service କହଂତି ।
**Uncle Shamର ଅନୁବାଦ ।

✤

# ଭୋଟ୍ ବାକ୍ସର କବିତା

ବିନୀତ ଏ' ଦେଶବାସୀ
ଅବିନୀତ ଭୋଟ ଅଧିକାରୀ,
ଆହେ ସୁବିଦିତ ପ୍ରାର୍ଥୀ !
ହ୍ୱାଟଂଟିଲ ପ୍ରାଚୀର ପତ୍ରର
ସିଂବଲ ଓ ସଂକେତର
ନାଲି, ନେଳୀ, ପିତୁକଳା-
ହରିରଂଗୀ ଶସ୍ତା ଚେହେରାର

ବିକୃତ କାଂଥ ବାଡ଼ର
ଜଡ଼ାଟିଆ ମାଇକ୍ର
କ୍ଷଣସ୍ଥାୟୀ ପ୍ରତିନିଧି ସମୟର,
ଅବା କେଉଁ ରେଖାଂକିତ ମଣିଷ ଜାତିର ।

ଅବିଦିତ ମଣିଷର, ସୁବିଦିତ-
ଭୋଟ ଅଧିକାରୀ,
ଆହେ ସୁବିବେକୀ ପ୍ରାର୍ଥୀ !
ଜାଣିଚ ନା ନାହିଁ ?
ଜିଣିବାର ଆଦ୍ୟ ଦିନ
ହାରିବାର ଇତିହାସ ବହି;
ଲେଖାହୁଏ ତୁମ ନାମେ
ଅବିଭକ୍ତ ମଣିଷ ହାତରେ ।
ସଂକୁଚିତ ସମୟର ପ୍ରତିନିଧି
ଶୁଣିଥାଅ ବାରେ ।

ଆ-ଶିଶୁ ତରୁଣ ବୃଦ୍ଧ
ଅସୁମାରୀ ଜନ ଅକଜନ,
ଦୁର୍ବଳ ନିର୍ବଳ ଅବା
ବାସହୀନ ପରିଚୟ ହୀନ,
ଦୀନ ଅକିଂଚନ ଅବା
ଅଂଧ କୁବ୍ଜ ପଙ୍ଗୁ ନିପୀଡ଼ିତ,
ବୟସ ଓ ସମୟର ଦିଗ୍‌ବଳୟେ ଚିର ଅସ୍ତମିତ,
ଯାଂକଲାଗି ସୂର୍ଯ୍ୟଦେବ !
ତାଂକୁ ତୁମେ କି ଆଲୋକ ଦେବ ?
ସୁବିଦିତ ପ୍ରତିନିଧି
ନିବେଦିତ ମଣିଷ ଜାତିର !
ସାଧୁ ସଂଥ ପ୍ରତାରକ
ଯାହା କିଛି ତୁମେ ହୋଇପାର !
ହୋଇପାର ଖଦୀଧାରୀ
ହୋଇପାର ବେଟରେଲାନ୍ କାମୀ,
ହୋଇପାର ସାଇବାବା ଭକ୍ତ
ଅବା ପଂଡିଚେରୀ ଗାମୀ ।

ନାରୀ ହୁଅ, ନର ହୁଅ
　　　　ଜାତି କିଂବା ଉପଜାତି ହୁଅ
ନାବାଳକ ନୁହଁ କେହି
　　　　ସାବାଳକ ମନେ ରଖିଥାଅ !

ସାବାଳକ ନାବାଳକ
　　　　ବୟସର ବିଭାଜକ ସୀମା
ଆଣିଚି ଯା' ତୁମ ଲାଗି
　　　　ସ୍ୱୀକୃତିର ନିଶ୍ଚିତ ଗରିମା ।
ସମ୍ମାନିତ ସଂବିଧାନ
　　　　ପୁସ୍ତକର ପୃଷ୍ଠାର ଉଦରେ
ସଂରକ୍ଷିତ ଯେଉଁ ସୀମା
ତାର କି ହେ ପ୍ରତିବାଦ,
　　　　ଶୁଭ୍ରତାଙ୍କ, ଶୁଭ୍ରତାରଁ ଜମା ?

ଶୁଭ୍ରତାଙ୍କ ଶୁଭ୍ରହାନ
　　　　ପଦାତିକ ଦାବି ପଟୁଆର
ଶୁକ୍ଳକେଶୀ ବିଧାୟକ
　　　　ସଂରକ୍ଷିତ ବୟସ ସୀମାର ।
ପୁରାତନ ଜେଲଯାତ୍ରୀ !
ସ୍ୱାଧୀନତା ଆନ୍ଦୋଳନ
　　　　ତ୍ୟାଗବାଣୀ ପୁରୁଣା ବିବୃତି,
ଆଉ ଚଳିବନି ବନ୍ଧୁ !
　　　　କରିଦିଅ ତାଙ୍କୁ ବାରେ ଶେଷ
ହେମନ୍ତ ବସ୍ତ୍ରର ରଙ୍ଗେ
　　　　ପୁରାତନ ଆଶା ଅଭିଳାଷ !

ଅଭିଳାଷୀ ଦେଶବାସୀ
　　　　ଅଭିଳାଷ-ଶିଖରୀ-ଶେଖର
　　　　ଆହେ ପ୍ରାର୍ଥୀବର !
ଆଇପାରେ ତୁମ ପଛେ
　　　　ରାଜନୀତି ବିପୁଳ ସଂସାର !

ହୋଇପାର ଗାନ୍ଧୀବାଦୀ
ଅବା ମାର୍କସ୍, ଲେନିନ ଦାୟାଦ
ହୋଇପାର କେଉଁଦଳ ଉପଦଳ
ସୌଭାଗ୍ୟ ସଂପଦ ।

ହୋଇପାର ନୀଳାକାଶ ତାରା !
ଅବା ଦାଆ ହାତୁଡ଼ିରେ
ଆଣିପାର କିଛି ପତିଆରା,
ଚାଷୀ ମଜଦୁର ପ୍ରାଣେ !
(ନିଜେ ତମେ ଖଟିଖିଆ ନ ହେଲେ ବି...
କିଛି ନାହିଁ ମାନେ !...)

ରାଜଧାନୀ ତର୍କସଭା
ଶୀତତାପ ନିୟଂତ୍ରିତ ଘରେ
ଚଳିଯାଏ ସବୁ କଥା !
ରାଜା ସେଠି ଜନ ପ୍ରତିନିଧି
ଯଦି କିଛି 'ତ୍ୟାଗ' କଲେ
ପାରିଲା ସେ ସଂକେତ ସଂପାଦି ।
ସନାତନୀ ଦଳର ବା
ନବତନୀ ଗାଣ୍ଡି ବାହୁବଳ
ଅବା ଯଦି ବଟମୂଳେ ବସିପାର
ହେଲା ସାମ୍ୟବାଦୀ !
ଅବିଜିତ ଦେଶବାସୀ
ସୁବିବେଚନା ପ୍ରାର୍ଥୀଙ୍କରେ ଶୁଣ
ତୁମରି ବିଜୟୀ ଅଶ୍ୱ
ଖୁରାଘାତେ ନବାଂଶୁ ତୋରଣ-
ନିର୍ବାଚନ ମଂଡପର ।
(ଯଥା ମୃଣ୍ମୟର ପାତ୍ର
ଗାଂଗିଦେଇ ଚତୁର୍ଥୀର ବର
ଲୁଚେ ଗୃହ ଅଭ୍ୟଂତରେ ବାସର କକ୍ଷରେ )
ସେଇପରି ଭୋଟ ବାକ୍ସ
ନ ଯାଉଣୁ ଅଂଧକାର ଘରେ ।
ଭୁଲିଯାଅ ନାହିଁ ତହିଁ
ଲକ୍ଷ ହସ୍ତ କଂପିତ ସ୍ପଂଦନ

କି ମାଗିଚି ଅଂଗୀକାର
ପ୍ରତିଶ୍ରୁତି ଅବା ପ୍ରତିଦାନ ।

ନିଲାମର ଇସ୍ତାହାର
ପରି ଏକ ଘୋଷଣାର ପତ୍ର,
ଧରିଚ ନିଲାମ ତୁମେ
ଲକ୍ଷ ଲକ୍ଷ ମଣିଷର ହାତ ।
(ନାବାଳକ ନୁହେଁ ବଂଧୁ
ସାବାଳକ ଘୋଷିତ ପ୍ରବୀଣ-
ମାଗିଚି ବିଚାର-ସିଦ୍ଧ
ସମ୍ମତିର ମୁଦ୍ରା ଅକଳନ ।)
ସୂର୍ଯ୍ୟୋଦୟୁ ସୂର୍ଯ୍ୟାସ୍ତର
ନିରୂପିତ କାଳ ଖସଡ଼ାରେ
ଶେଷ କରି ଦିନିକିଆ କୁରୁକ୍ଷେତ୍ର
ମାରି ଜୟଦ୍ରଥ
ଘୋଷିତ ବିଜୟୀ ତୁମେ ।
ମନେରଖ ମନେ ରଖ ବାରେ,
ଲକ୍ଷ ଲକ୍ଷ ମଣିଷର
ପଦାତିକ ବାହିନୀ ପଛରେ ।
(ରକ୍ତ ମାଂସ ସ୍ୱେଦ ଗନ୍ଧ
ସ୍ମୃତି ଶକ୍ତି ଅନୁଭବ ଶକ୍ତି
ପରିପୂର୍ଣ୍ଣ ମଣିଷର ଜାତି )
ମାଗେ ପ୍ରତିଶ୍ରୁତି ।
ଦିଅ ତାକୁ ଅଧିକାର
ବିଧାନ ସମ୍ମତ
ତୁମକୁ ସେ
କରିଦେବ ପଦଚ୍ୟୁତ
ଯଦି ଲାଗି ନିଜ ବୁଦ୍ଧି ସର୍ତ୍ତ ।
କିଣା ବିକା ହୁଅ କାହିଁ
ଗଧ ମୂଲେ ଅବା ଘୋଡ଼ା ମୂଲେ ।।

(ନବପତ୍ର : ଅକ୍ଟୋବର, ୧୯୭୧)

---

*ହେମ'ନ୍ତ ବସୁ ପଶ୍ଚିମ ବଂଗଳାର ଜଣୈକ ଖ୍ୟାତନାମା ବୃଦ୍ଧ ବିଧାନସଭା ସଦସ୍ୟ । ନିର୍ବାଚନ ପ୍ରାର୍ଥୀ ଅବସ୍ଥାରେ ତାଂକୁ ଅଜ୍ଞାତ ଯୁବକମାନେ ହତ୍ୟା କରିଥିଲେ ।

# ଅନ୍ନଛତ୍ର

ଆଂଗୁଳିର ଶେଷ ଲୁହ ବିନ୍ଦୁ
ଚାଟି ଚାଟି ଆସୁଛନ୍ତି
ଶିଶୁ ଭାରତେନ୍ଦୁ
ସ୍ୱଦେଶୀଙ୍କ ଷଂଢାଣୀଙ୍କୁ
ବିଦେଶୀଙ୍କ ମହାଳୟା
ଦାନରେ ଦୟାଳୁ
ଭାରତ ସର୍କାର
ଗର୍ଭିଣୀ ମାତାର ବୁକେ
ବାଳୁତ ଶିଶୁର
ଯେ କରନ୍ତି ସମ ଖାଦ୍ୟ
ସୁଷମ ବଂଟନ
ଖେଳୁଛି ମୁଠାକ ଲାଗି
ସାମ୍ୟବାଦ ଜୟ ଜୟ ଗାନ ।
ଆଂଗୁଳିର ଶେଷ ଲୁହ-ବିନ୍ଦୁ
ଚାଟି ଚାଟି ଆସୁଛନ୍ତି
ଶିଶୁ ଭାରତେନ୍ଦୁ !
କଲମ ସିଲଟ ଖଡ଼ି
ରେଖାଙ୍କିତ ମସୃଣ ଆଂଗୁଳି
ଖେଳୁଛି ଚଉଡି ଧରି
ଚାଟି ଚାଟି କରୁଛି ପାଙ୍ଗୁଳି ।
ପଛରେ ଜନନୀ କାଖେ
ଅନ୍ୟ ଶିଶୁ ଅନାଗତଙ୍କର,
ନାଭୀ,କେନ୍ଦ୍ର ମାଗେ ପାଦ
ରୋହି ମାଛ ମୁଣ୍ଡର ଓଜନ
ଝୁଲୁଛି ସେ ନାରୀ ବକ୍ଷେ,
ହୁଏତ ତା' ମୂଲ୍ୟହୀନା ଶେଷ ଯୌବନର ।

ଛାତିରେ ସେମିଜ ନାହିଁ,
ଦେହେ ନାହିଁ ପୂର୍ଣ୍ଣ ଆଭରଣ
ଛିଡିଛି ଆବୃତ ଚର୍ମେ,
ଲୁଚିଗଲା ନାରୀତ୍ୱ ଲାବଣ୍ୟ !

ପ୍ରାଚୀନ ମଂଦିର ଶିଳ୍ପେ,
ଯଥା ଏକ ବିକଳାଂଗ ମୂର୍ତ୍ତି
ସେ' ନାରୀକୁ ଛୁଇଁ ନାହିଁ
ସମୟର ସକଳ ବିସ୍ମୃତି ।
ସଭ୍ୟତାର ଆଗମନ,
ଛୁଇଁ ନାହିଁ ଛୁଇଁ ନାହିଁ ଜମା;
ଖେଳୁଡ଼ି ଚଉଠି ହାତେ
ଜୀବନର ସକଳ ତର୍ଜମା।
ହାୟ ଏଠି ଶେଷ !
ଏ' ନାରୀ ଉଦରେ କିଂତୁ
ରହିଅଛି ଲୁହାର ଲୁହିଣ !
ଜନମିଲେ ଶେଷ ଗର୍ଭେ
ଯଦୁବଂଶ କରିଦେବ ଧ୍ୱଂସ ।
ଆଂଗୁଳିର ଶେଷ ରକ୍ତବିଂଦୁ,
ଚାଟି ଚାଟି ଆସୁଛଂତି
ଶିଶୁ ଭାରତେଂଦୁ !
ଶୁଖିଲା ଅଶ୍ୱତ୍ଥପତ୍ରେ
ସମୟର ନୀରସ ଜାତକ,
ଯାଂକ ଲାଗି ଛେଷିଦେଶ
ଅଂତର୍ଦ୍ଧାନ ହୋଇଛି ଗଣକ ।
ଏଇମାନେ ମଂତ୍ରୀ ହେବେ
ଏଇମାନେ ହେବେ ବିଧାୟକ
ଇତିହାସ ପରିଶିଷ୍ଟ
ପୃଷ୍ଠାଂକରେ ଯାଂକ ଅଭିଷେକ
ହେବ ଦିନେ ଷୋଳବର୍ଷ
ଶୋକ ମାସ ପରେ
ଶୁଣିବି ବିଧବା-ରାଣୀ
ବାରଂବାର ଉଚ୍ଚାରଣ କରେ ।

(ନୀଳ ଜ୍ୟୋତି : ୧୯୭୩)

# ସ୍ପୁଟ୍‌ନିକ୍

ଲକ୍ଷ ଲକ୍ଷ ଯୋଜନକୁ
            ଚିତ୍ତହରଣ ଘେନ ନମସ୍କାର
ମୂଷିକ ମୁଁ ଆସିଅଛି
            ଗ୍ରହାନ୍ତର ଅଭିଯାନେ
            ମନେ ବହି ଆଶା ଅସୁମାର ।

କୋଟି କୋଟି ଯୁଗ ଧରି
            ନିମ୍ନ-ଗାମୀ ଜୀବ
            ଊର୍ଦ୍ଧ୍ୱଗାମୀ ହୁଏ ଆଦ୍ୟବର
ଶିକା ଓ ମଂଚାକୁ ଛାଡ଼ି
            ସୀମାହୀନ ପଥେ
            ଆଜି ମୁହିଁ କରୁଛି ବିହାର ।

ପିତୃଦତ୍ତ ଇଚ୍ଛା ଆଉ ଅଭିଜ୍ଞାନ
            ଧ୍ୟାନ ଓ ଧାରଣା
            ବଦଳିଛି ମୋର
            ବଦଳୁଛି କର୍ମ ପରିସର ।

ତେଣୁ ଆଜି ପରିତ୍ୟାଗି
            ଆସିଛି ମୁଁ
            ପୁରାତନ ଧାନର ଅମାର ।

ଗହମ ଗୋଦାମ ତଳେ
            ହାଟ ବିପଣୀରେ
ଛାଡ଼ି ମୋର ପରିବାର
            ଅଭାଗା ଦଳଙ୍କୁ
ଯାଉଛି ମୁଁ ରେସନ ଓ କ୍ୟୁ-ଲିନ
            ଅତିକ୍ରମି ନୂଆ ପୃଥିବୀକୁ ।
ଖୋଜିବାର ପାଇଁ
ଚାଉଳ ଗହମ ଛଡ଼ା
            ଆଉ କିଛି, ଅଛି ଅବା ନାହିଁ ।

ଛାଡ଼ିଦେଲ ଧକାଧକି
            ପୃଥିବୀର କ୍ଷୁଦ୍ର ପରିସର
ଉଡ଼ିଯିବା ଆକାଶକୁ
            ଆଜି ଆହା କେଡ଼େ ଚମତ୍କାର !

।୧୯୬୩।

ଦେଖିବା ପଥକୁ ଫେରି
ଅନ୍ଧାରିଆ ଗର୍ଭ ଭିତରକୁ
ମନହୁଏ ନାହିଁ ଜମା
ତୁମେ ଯଦି ଟାଣିବି ପଛକୁ ।

ସୂର୍ଯ୍ୟ ଚନ୍ଦ୍ର ଦୁହିଁଙ୍କର
ଏକାବେଳେ ସମାନ ଆୟୁଷ
ଭୋଗିବାର ପରେ ।
ଚନ୍ଦ୍ରକୁ ଯେମିତି ଦେଖେ -
ସୂର୍ଯ୍ୟଠାରୁ ବଡ଼, ମହା ପୃଥିବୀରେ ।

ସେ ଦେଶ ମୁଁ ଛାଡ଼ି ଯାଇ
ଯିବିନାହିଁ, ତୁମ ଗ୍ରାମେ ଫେରି
କରିବାକୁ ଖାଦ୍ୟ ଦ୍ରବ୍ୟ ଲୁଟି ।
ପୁରାତନ ଖେତ ବାଡ଼େ
ସୂର୍ଯ୍ୟ-ଚନ୍ଦ୍ର ପୃଥକ୍ ଯେମିତି ।
ମରିବାକୁ ମୂଷାମରା ବିଷ ଖାଇ
ଟାଣି ଅବା ଯନ୍ତା ବନ୍ଧା ଲୁଟି
ମହା ପୃଥିବୀର ଲୋକେ
ଭୂତନୈକ୍ ଘୂରୁଥିବେ ଚିର ଦିନ ଏଠି ।

(ଫେବୃଆରୀ, ୧୯୬୬)

# ଫାଇଲ୍

ଅସଂଖ୍ୟ ଚେନ୍ଦୁଆ ବନ୍ଧା
ଫାଇଲର ଗଳିତ ପୃଷ୍ଠାରେ
ମୋ ଶିଥିଳ ହସ୍ତାକ୍ଷର
କିଛି କିଛି ବହୁ ଶତାବ୍ଦୀରେ,
କାହା ସିରସ୍ତାରେ ଅବା,
ଅଚିହ୍ନା କା' ଅଫିସ ଦପ୍ତରେ
ମଣିଷ କି ଅମଣିଷ
ଦରବାର ସୁପ୍ତ ସିଂହ ଦ୍ୱାରେ ।

ଚିର ଅବହେଳା ଗ୍ରସ୍ତ
ଉପେକ୍ଷିତ ଅନାଦୃତ ଜୀବ,
କାହିଁ ଗଲା ମୋର ନାମ
ଫାଇଲରୁ କିଏ ସେ କହିବ ?

ଶତ-ସୂତ୍ରେ 'କ୍ରୁଶ-ବିଦ୍ଧ'
ମଣିଷର ଯେତେ ଆର୍ତ୍ତନାଦ
ଶତାବ୍ଦୀ ଶତାବ୍ଦୀ ଲଂଘି
ମ୍ରିୟମାଣ ଆଶା, ଅବସାଦ
କ୍ଷୟ ରୋଗୀ ପାଠ ରକ୍ତେ
ମୁମୂର୍ଷୁର ଅକୁହା କାହାଣୀ
ତା' ଭିତରେ ଲିପିବଦ୍ଧ
କରିଥିଲା ଦୟାର୍ଦ୍ର କିରାଣୀ ।
ଦପ୍ତରୀ ଶିରାର କଂଧେ
ଅତିକ୍ରମି ଅସଂଖ୍ୟ ମାଇଲ୍
ପବ୍ଲିକ୍ ଅଫିସର
ସତେ କି ସେ ଗିଳିଲା ଫାଇଲ୍ ?

ମୋ ଫାଇଲ୍ କାଇଁଗଲା
ସୂର୍ଯ୍ୟସ୍ନାତ ମସୃଣ ଉଷାରେ
ଘଳକ୍କ ମୁଁ ମେରୁ-ବାସୀ
ଆସିଥିଲି ଆଲୋକ ଆଶାରେ ।
ଆଲୋକର ବନ୍ୟା କାହିଁ
କାଇଁ ମୋର ଉତାପ ବଳୟ
ସୃଷ୍ଟିର ମେଖଳା ତଳେ
ବିଗଳିତ ନବ-ସୂର୍ଯ୍ୟୋଦୟ !!

ହେ ମଣିଷ ଅଗ୍ରଗାମୀ
ଦିଅ ମତେ ତୁମ ପରି କ୍ଷୁଧା
ଚଳନ୍ତା ହରିଣର ମାଂସେ
ବଂଚିବାର ସୀମିତ ବସୁଧା-

ଅତିକ୍ରମି ଆସିଛି ମୁଁ,
ପୃଥିବୀର ସତ୍ୟ ଜନମେଳେ
ମୋ ପଂଜିକା ଖୋଜିଦିଅ
ଆଲୋକର ବିସ୍ତୀର୍ଣ୍ଣ ସକାଳେ !

ସିଂହ ଛଟି ମଣିଷଙ୍କ*
ସଂଗେ ମତେ କରି ସମ-ସ୍କଂଧ
ନାଚିବାକୁ ଦିଅ ତାଂକ
କ୍ଲବ ଘରେ, ବିପୁଳ ଆନଂଦ ।
ଚକ୍ରଧାରୀ** ନୈଶ କ୍ଲବେ
ମୋ ଗୃହିଣୀ ବିଳସିବା ପାଇଁ
ଦିଅ ତାଙ୍କୁ ଦ୍ରୌପଦୀଙ୍କ
ଅଂଗଲଗା ବସ୍ତ୍ର ମାଗିନିଏ !
ଶିଖାଛି ବନସ୍ତେ ବିନ୍ଦ
କୃଷ୍ଣପାଦ ତାରଟିଏ ତୋଳି
ମୁଁ ଆସିଛି ଖୋଜିବାକୁ
ମୃତପ୍ରାଣୀ ଭାବଂତ ପାଗଳ୍ !
ଭଗ୍ନ ସୂତ୍ରେ 'କୃଷ-ବିନ୍ଦ'
ମୋ ପାଗଳ ଅଂତିମ ପୃଷ୍ଠାରେ
ତୁମେ କି ଲେଖିଚ ବଂଧୁ
ସଚକିତ ସଂତର୍ପଣେ ଥରେ ?

ପଦ୍ମନାଭ ବଂଧୁ ଯେତେ
ପାଗଳର ଆହେ ଭାଷ୍ୟକାର
ପଦ୍ମ-ଲୋଭୀ ହାକିମ ପ୍ରବର !
ଶୁଣି ମତେ ବ୍ୟଥା ଲାଗେ
ତୁମେ କହ, 'ବିପ୍ଳବ' କି ରଙ୍ଗ ?
ତୁମରି ପାଗଳ୍ ଘାତେ
ଏ ଦେଶରେ ବିପ୍ଳବର ରଂଗ
ସବୁଜ, ଧବଳ, ପୀତ
ସୂର୍ଯ୍ୟ ତେଜ ବିବର୍ଣ୍ଣ ନାରଂଗ ।

ତୁମରି ଯୋଜନା ପ୍ରାଂତେ
ଅକଳ୍ପିତ ଅର୍ଥ ମଂଜୁରୀରେ
ଏ ଦେଶେ ଜୀବନ ସୃଷ୍ଟି,
ମୃତ୍ୟୁ ସୃଷ୍ଟି, ଜରା ବ୍ୟାଧି ଘାରେ !
ତୁମେ 'କର୍କୋଟକ ନାଗ'***
ଦଂଶନର ସୁତୀବ୍ର ଜ୍ୱାଳାରେ
ସୃଷ୍ଟି ହୁଏ ହାହାକାର
ଦାରିଦ୍ର୍ୟର ଉତ୍ତାଳ ବେଳାରେ
ଆସେ ଗ୍ଳାନି, ଅବକ୍ଷୟ,
ଅବସାଦ, ଅସୀମ ଯଂତ୍ରଣା
ଅନଂତ ଶୁଭେଚ୍ଛା ଘେନି
ମୃତ୍ୟୁ କରେ ବିଫଳ ମଂତ୍ରଣା ।।

('ଭେଟାଳି' କବିତା ସଂକଳନ, ୧୯୭୪)

---

* ଲାୟନ୍ସ କ୍ଲବ
** ରୋଟାରୀ କ୍ଲବ
***ଯେଉଁ ନାଗ ନଳରାଜାଙ୍କୁ ଦଂଶନ କରିବାରୁ ସେ କଦାକାର ହୋଇ ଯାଇଥିଲେ ।

# କାଠହଣା ଚଢ଼େଇ

ମେଘେ ଯଦି ବିପ୍ଳବର
ଚିହ୍ନ ଲିଭିଯାଏ,
ବନ୍ୟା ଜଳେ ରକ୍ତ ଆସି
ମିଶିଯାଏ ସମୁଦ୍ରର ସୁଏ,
ସେତେବେଳେ ମୁଁ ଆସିବି,
ହାତେ ଧରି ପତାକା ଚେନାଏ
ତୁମରି ଅରଣ୍ୟ ପାଶେ
ଜ୍ୱାଳାମୁଖୀ ଭସ୍ମ ପ୍ରସ୍ରବଣେ
ଦୁହେଁ ଯିବା ସାଥି ହୋଇ
ବିକ୍ଷୁବ୍ଧ ଶ୍ରାବଣେ ।

ତୁମେ ନୁହଁ ତୁଚ୍ଛ ତୃଣ
ହାତ ଧରି ସବୁଜ ଅରଣ୍ୟେ
ଚାଲନ୍ତିବା, ଯେଉଁଠାରେ
ତରୁଶାଖା କାଠହଣା ହାଣେ ।
ଏକାଂତ ନିଜସ୍ୱ ତାର
ପିତୃଦତ୍ତ କ୍ଷୁଦ୍ର ଚଂଚୁମୁନେ
ନାହି ପାରିବକି ଏକ
ମହାରୁହ ସଜଳ ଜୀବନେ
ତଥାପି ଚଂଚଳ ଚଂଚୁ
ନିରଂତର କରୁଛି ପ୍ରହାର
ଝରିଯାଏ ପୁରାତନ ବନ, ସୃଷ୍ଟି
ଶ୍ୟାମଳ ଭୂଧର !

ଏକାଂତ ନିଜସ୍ୱ ସ୍ଥାଣ
ଇତିହାସେ ପରିଚୟ ହୀନ
କ୍ଷୁଦ୍ର ଜୀବ କରେ ନାହିଁ
ବ୍ୟର୍ଥମନେ ବିଶ୍ୱାସ ବର୍ଜନ ।
ବିଫଳତା ଭ୍ରୁକୁଟିରେ
ସମୟର ପିଚ୍ଛିଳ ସିଢ଼ିରେ
ଯଦି କେବେ ଖସି ପଡ଼ି
ଏକୁଟିଆ ମୃତ୍ୟୁଂଜୟୀ ମରେ !

ଅକିଂଚନ କ୍ରାଂତିସଭା
ବନଚାରୀ କ୍ଷୁଦ୍ର ବିହଂଗମ
ପ୍ରମାଣିତ କରି ଦିଏ,
'ବିପ୍ଳବତା' ଚରିତ୍ର ସଂଗମ !
ପେଷା ଓ ପ୍ରଚାର ନୁହେଁ
ତାମ୍ରପତ୍ର, ଇସ୍ତାର ଘୋଷଣ
କରେ ନାହିଁ ବନଭୂମି
ପ୍ରକଂପିତ ହେ କର୍ମୀ ମହାନ୍ ।

(ଜୁନ୍, ୧୯୭୩)

# ଶ୍ରାବଣ

ମେଘର କୁଡ଼ାକୁ ଫିଟି
 ମଲ୍ଲୀ ମାଳତିଏ
ହଠାତ୍ ଆକାଶ ସାରା
 ବିଞ୍ଚି ହୋଇଗଲା ।
ଅସଂଖ୍ୟ ପାଖୁଡ଼ା ମେଲି
 ଛୋଟ ଛୋଟ ଡେଣାରେ ଉଡ଼ିଲା,
ସେ ଫୁଲରେ ବିରହର
 ଅଫୁରଂତ ଜ୍ୱାଳା ଖେଳିଗଲା ।

ଫୁଲରେ ଯୌବନ ଥିଲା
 ସମୁଦ୍ରରେ ଥିଲା ଉଦ୍‌ବେଳନ
ନଦୀର ମୁହାଣେ ଥିଲା,
 ପ୍ରତୀକ୍ଷାର ବେପଥୁ ଗର୍ଜନ ।
ବୃଷ୍ଟି ଛଂଦେ ନହବତ ବିପୁଳ ରାଗିଣୀ-
ଉଡ଼ିଲା ବେଲୁନ୍ କେତେ
 ମେଘେ ମେଘେ ବାଜିଲା ଘୋଷଣି ।
ବିବାହ କଳସୀ ଭାଂଗି
 ବରକନ୍ୟା ହୋଇଗଲେ ବିଦା
ଆକାଶୁ ଝରିଲା ଜଳ
 ରସାପ୍ଲୁତ ସକଳ ବସୁଧା ।

(ଜୁନ୍, ୧୯୬୩)

# ମୁଦ୍ରା

ଦେଖ, ଯଦି କିଛି ଆବିଷ୍କାର କରେଁ
ପୁରୁଣା ପୃଥିବୀରେ ।
ଜରାଜୀର୍ଣ୍ଣ ମଣିଷର ହୃଦ୍-ପଂକଜରେ,
ବୃଦ୍ଧ ଜଲ୍ଲାଦର ମେଲୁ ହାତରେ,
ଯାଦୁ ଘରେ ସାଇତା,
 ଅତଳ ମୁଦ୍ରାର କାଳ ସଂଧିରେ,
ଦେଖ ଯଦି କିଛି ଆବିଷ୍କାର କରେଁ ।

ଏ' ଘସରା ମୁଦ୍ରାରେ
ଛବି କାହାର ?
ଛବି ମହାରାଣୀ ଭିକ୍ଟୋରିଆର
ନାଁ ମୋନାଲିସାର ?
ସୁଲତାନା ରେଜିୟାର
ନାଁ ଇଂଦିରା ଗାଂଧୀର ?

ଏ' ଛବି କାହାରି ନୁହେଁ ।
ଛବି ସାହାଜାହାନର ବି ନୁହେଁ ।
ଛତ୍ରପତି ଶିବାଜୀର ନୁହେଁ ।
ଆକବର ନୁହେଁ କି ପଞ୍ଚମ ଜର୍ଜର ନୁହେଁ !
ଏ ଛବି ସପ୍ତମ ଏଡୱାର୍ଡ଼ର ନୁହେଁ ।
ମହାତ୍ମା ଗାଂଧୀର ବି ନୁହେଁ ।

ଏ' ମୁଦ୍ରାକୁ ନିରୀକ୍ଷଣ କର ।
ସେ ଛିଦ୍ରରେ ମଂତୁରା ସୂତାର ଦୃଶ ।
କେତେ ଗୁଣୀ ଗାରୁଡ଼ୀ ଦେବ-ଦେବୀଙ୍କ ରାଣ ।
ପ୍ରାଣ ରକ୍ଷାର କବଚ ହୋଇ
ଝୁଲୁଥିଲା ଯାହା ଗଳାରେ
ସେ ଆଜି କାହା ପାଖରେ ନାହିଁ ?

ଏ ଘସରା ମୁଦ୍ରାର ଛବି କାହାର ?
ସାହାଜାହାନ ନାଁ ଇଂଦିରା ଗାଂଧୀର ??
ନାଁ - ସେଇ ଅଗଣିତ ଭୂଷଣ ଚାଂଦ୍ରର
କାହାର ପ୍ରାଣରକ୍ଷା କବଚ ହୋଇ
ମୁହାଁ ବେକରେ ଯାହାର ଝୁଲୁଥିଲା
ସେ ଆଜି ନାହିଁ !

(ଜୁଲାଇ, ୧୯୭୭)

# ନିର୍ବସଂତ

ଏ ବନେ ବସଂତ ନାହିଁ
ଏ ବସଂତେ ଫୁଲ ନାହିଁ ଜମା,
ମଣିଷର ଚଲା ପଥେ
ବିଚଳିତ ଅକ୍ଷାଂଶ ଦ୍ରାଘିମା,
ଫୁଲର କଂକାଳେ ଭରା
ସେ ଫୁଲରେ ବାସ୍ନା ନାହିଁ କିଛି,
ଭୂଗୋଳର ପାଖୁଡ଼ିରେ
ଇତିହାସ ଶେଷ ଅନୁସ୍ମୃତି,
ସେ ଫୁଲକୁ କରୁଅଛି
ଯାଦୁଘର ନିର୍ଜୀବ ପଥର,
ଏ ବନସ୍ତେ ଫୁଲ ଯେତେ ଫୁଟିଥିଲା
ସେ ସବୁ ଅଂତର ।

ଏ ନଦୀରେ ଜଳ ନାହିଁ
ଏ' ଜଳରେ ନାହିଁ ମତ୍ସ୍ୟ କନ୍ୟା,
ଅସଂଖ୍ୟ ନଦୀର ବାଂକେ
ମତ୍ସ୍ୟଗଂଧା ଏକାଂତ ବିମନା,
କେତେକ ସାରସ ପକ୍ଷୀ
ଯେତେ ହଂସ ଯେତେ ଚକ୍ରବାକ,
ନଦୀ ଜଳେ ପଦ୍ମ ନାହିଁ
ହ୍ରଦତୀରେ ସକଳେ ବିମୁଖ !

ଏ' ଆକାଶେ ଚନ୍ଦ୍ର ନାହିଁ
ତାରା ନାହିଁ, ନାହିଁ ଉଲ୍‌କାପାତ,
ଚକ୍ଷୁ ଓ ବିଦ୍ୟୁତ୍‌ହୀନ ନୀଳ ନଭେ
ଶିଶୁ ଐରାବତ,
ପବନେ ମିଳାଇ ଯାଏ
ଝରିପଡ଼ି ତୁଷାର ପାହାଡେ,
ଅଭିସାର ଶୂନ୍ୟ ଏଇ
ଧରଣୀର ଦୃଶ୍ୟ ହୀନ କାଡେ,

ମିଶେ ସେଇ ଧଳା ଛାଇ
ରଂଗହୀନ ନିରସ ବିବର୍ଣ୍ଣ,
ଏ ବନସ୍ତେ ଫୁଲ ଯେତେ
ଫୁଟୁଥିଲା ସବୁ ଗଂଧହୀନ ।

ଏ' ମାଟିରେ ସ୍ନେହ ନାହିଁ
ପ୍ରେମ ନାହିଁ, ଅନୁକଂପା ନାହିଁ,
ଶ୍ରାଂତ ମଣିଷର ଆଶା
ଶୁଷ୍କ ବୃକ୍ଷେ ନିଷ୍ପନ୍ଦ ଚଢ଼େଇ,
ଉଡ଼ି ଉଡ଼ି ଯାଏ କାହିଁ
ଦେବାଳୟ ମଂଦିର ପ୍ରାସାଦେ,
କେବେ କେବେ ଅବଗାହି
ମଣିଷର ନିଃସ୍ୱ ଅଶ୍ରୁ-ହ୍ରଦେ ।

ଫୁଲବନ ଦଗ୍ଧ ମୋର
ଜଗନାହିଁ କରନାହିଁ କିଏ,
ବିଶ୍ୱରେ କୋଟିଏ ଶିଶୁ
ନିଃସ୍ୱ ମୂର୍ଖ ସଂଗୀତରୁ କିଏ ,
ମୋ କଂଠରେ ଫୁଟେ ଯଦି...
ପୃଥିବୀର ସକଳ ବିଭୂତି,
ସୁବର୍ଣ୍ଣ ମୁକୁଳ ବିଂଚି
ଛନ୍ଦ ନିଏ ନବ ବନସ୍ପତି ।
ସେ ସୃଷ୍ଟିରେ ଫୁଲ ମୋର
ତୁମ ପାଇଁ ଫୁଟିବ ଅନେକ,
ନିର୍ବସଂତେ, କେବେ ଯଦି
ଥିବ ତହିଁ ଗଂଧ ଓ ମହକ,
ଥିବ କିଛି ପତିଆରା
ଅବିଚ୍ଛିତ ଅକ୍ଳାଂତ ମନର,
ବିଷଣ୍ଣ ମଣିଷ ଲାଗି
ଥିବ କିଛି ବାର୍ତ୍ତା ଜୀବନର !

(ନଭେମ୍ବର, ୧୯୬୩)

# ଆତ୍ମିକ ସଂଶୟ

ପୃଥିବୀଟା ଶୂନଶାନ୍ ଯେବେ ହେବ,
ଚନ୍ଦ୍ର ଯେବେ ଆକାଶେ ଡୁବିବ
ସିନେମା ଭାଙ୍ଗିବ ପୁଣି
ଶରାବୀର ଦୋକାନ ଉଠିବ ।
କ୍ଲବ ଘରେ ନାଚଗାନ ଶେଷ ହେବ
କାରଖାନା ଫାଟକ ପଡ଼ିବ
ରିକ୍ସା-ଟ୍ୟାକ୍ସି ନିଦ ଘୁମେ
ରାସ୍ତା ମୋଡ଼େ ଅଟଳ ହୋଇବ ।
ସେତେବେଳେ ଯେ ଆସିବ
ମୋର ଗୃହେ କରାଘାତ କରି
ସେ ମୋର ଆତ୍ମିକ-ସତ୍ତା
ଦ୍ୱାର ଖୋଲ ନିଦ୍ରିତ ପ୍ରହରୀ ।

ପୃଥିବୀଟା ଶୂନଶାନ୍ ଯେବେ ହେବ,
ଚନ୍ଦ୍ର ଯେବେ ଆକାଶେ ଢଳିବ
ଷ୍ଟେସନର ଶେଷ ଗାଡ଼ି
ବିଦାବେଳ ହୁଇସିଲ୍ ଦେବ ।
ପେଟ୍ରୋଲ ପୁଲିସ୍‌ବାଲା
ବିଡ଼ିଟାଣି ନିସ୍ତେଜ ଓଠରେ
ମାରୁଥିବ ହୁଇସିଲ
ଚୋର ଭ୍ରମେ ଅକାରଣଟାରେ ।
ସେତେବେଳେ ଖୋଲି ଦ୍ୱାର
ଖୋଲି ମୋର ଫାଟକ କବାଟ,
ଅଂଧକାରେ ଯଦି କେହି
ଖୋଜୁଥିବ ନିଜ ନେମ-ପ୍ଲେଟ !

ପୃଥିବୀଟା ଶୂନଶାନ୍ ଯେବେ ହେବ,
ଚନ୍ଦ୍ର ଯେବେ ଆକାଶେ ଡୁବିବ
ସାନ୍ଦ୍ର ଅଂଧକାର ଯେବେ
ଘନ ମେଘ କୁଂତଳ ଚୁମିବ ।
ଅଂଗନ ରଜନୀଗଂଧା
ସଜନୀର ଛଡ଼ାବିନ୍ଦୁ ଝରି,
ଶିଥିଳ କବରୀ ପାଶେ
ଯଦି କେବେ ଆତ୍ମହତ୍ୟା କରି ।

ଖସିପଡ଼େ ପଲ୍ଲବରୁ...
ସେ କ୍ରନ୍ଦନ ଶୁଣି ମାଳାକାର
ପଶିଗଲେ ମୋ ଉଦ୍ୟାନେ
ହେ ପ୍ରହରୀ କ୍ଷମା ତାଙ୍କୁ କର ।

ପୃଥିବୀଟା ଶ୍ମଶାନ୍ ଯେବେ ହେବ
ଚନ୍ଦ୍ର ଯେବେ ଆକାଶେ ଡୁବିବ
ରାସ୍ତାକଡ଼ ବଟ ତଳେ
ଯେତେବେଳେ ପତଙ୍ଗର ଶବ !
ପୋଷଣା କଂଠିରେ ବଂଧା
ନିଦ୍ରା ଶିଶୁ ମୁଦ୍ରିତ କପୋଳେ,
ପଡୁଥିବ ଝରି ଝରି
ମାତୃସ୍ତନ ଦେବାଳୟ ଧାରେ ।
ସେତେବେଳେ ଫେଣ୍ଟୁ ଫେଣ୍ଟୁ
ଅନ୍ୟ ଏକ ମହୋତ୍ସବ ଶେଷେ,
ମୋ ତରଳ ଦୀର୍ଘଶ୍ୱାସ
ଯଦି କେବେ ପବନରେ ମିଶେ ।
ଭୁଲ କର ନାହିଁ ତାରେ
ଦ୍ୱାରପାଳ କବାଟ ଝରକା
ମଲ୍ଲୀ ଜୁଇଁଅନା ଗଂଧେ
ସେ ନିଶ୍ୱାସ ମିଶିଛି ଅଳୀକା ।

ପୃଥିବୀଟା ଶ୍ମଶାନ୍ ଯେବେ ହେବ
ଚନ୍ଦ୍ର ଯେବେ ଆକାଶେ ଡୁବିବ
ଅଳସ ପ୍ରେମିକା କାନେ
ସଂଗୋପନେ କବିତା ଫୁଟିବ ।
ନାହିଁ କରବୀର ଓଠେ
କ୍ରନ୍ଦନର ଲଭାର ଆଶ୍ଲେଷ,
ଆଣୁଥିବ କଂଟକିତ
କେତକୀର ମନେ ଅବଶୋଷ ।

ସେତେବେଳେ ଶୁଭେ ଯଦି
          ଚପା ଚପା ଗାଢ଼ି ହର୍ଷ ମୋର,
ସିଂହଳା ପ୍ରାସାଦ କୋଣେ...
          ହେ ପ୍ରହରୀ ଦ୍ୱାର ରୁଦ୍ଧକର ।
କେଜାଣି ଦୁର୍ବଳ ଭୀରୁ
          ମଣିଷଟା ଆତ୍ମିକ-ସଂଶୟେ
ପଶି ଆସି ଲୁଚି ଯିବ ଅଂତପୁରେ
          ଆଭିଜାତ୍ୟ ମୋହେ ।

ପୃଥିବୀଟା ଶୂନଶାନ୍ ଯେବେ ହେବ
ଚଂଦ୍ର ଯେବେ ଆକାଶେ ଢଳିବ
ରଜନୀ ଗଭୀର ହବ
ସମୁଦ୍ରର ଗର୍ଜନ ଶୁଭିବ ।
ପର୍ବତର ସାନୁ ଦେଶେ
          ବଳସିତ ଲୁହୁଫୁଟି ସେନାର,
ରଭସାରୁ ଖସି ପଡ଼ି
          ମୋତି ବିଂଦୁ ହୋଇଥିବ ଠୁଳ ।
ନିର୍ବୀତ ପବନ ତଳେ
          ଚେତନାର ଅବସ୍ତ୍ର ମର୍ମର
ଯେତେବେଳେ ତୋଳୁଥିବ
          ପତ୍ରେ ପୁଷ୍ପେ ଅଶ୍ରୁତ ଝଂକାର ।
ସେତେବେଳେ ତୁମେ ଯଦି
          ଦ୍ୱାରପାଳ ନିଜ ଦୁର୍ଭାଗ୍ୟରେ
ମତେ ନିଅ ବଂଦୀ କରି
          ଅଟିଖାଡ଼୍ ପଚାରି - କିଏ ସେ...?
ମୋ ପାଖରେ ଥିବ
          ସ୍ନେହ, ଅନୁକଂପା, ଶ୍ରଦ୍ଧା-ଉପହାର
ପ୍ରଚୁର ଶୁଭେଚ୍ଛା ବାଣୀ
          ମଣିଷର ବିନମ୍ର ସ୍ୱାକ୍ଷର ।
ବେଲୁନ, ଔଷଧ ଶିଶି
          ମାଛତେଲ, ଗୁଂଡ଼ ଦୁଧ, ଛତା
ପକେଟରେ ଥିବ ଯୋଡ଼ି
          ହାତେଥିବ 'ଧମାଦାର' ଖାତା ।
               (ନବପତ୍ର : ୯ମ ବର୍ଷ ୧ମ ସଂଖ୍ୟା, ୧୯୬୩)

କା' କଫିନ ବାକ୍ସ ତଳେ
ଅବା କେଉଁ ବଙ୍କର୍ ଖାନାରେ
ମଣିଷର ଆଶା-ବିନ୍ଦୁ
ପଚମାନ ଜଳ ନର୍ଦ୍ଦମାରେ ।
ଯଦି ଭାସେ ପୁନର୍ଭବ
ଶିଶୁର ମୁଣ୍ଡରେ
ସେତେବେଳେ ମୁଁ ଧାଇଁବି
ବଜ୍ର ଧରି ପୃଥିବୀକୁ ଥରେ ।
ଝଡ଼ ମହାବୃଷ୍ଟି ଆଣି
ନଦୀ ସଂଗେ ନର୍ଦ୍ଦମାର ଜଳ
କରିଦେବି ଏକାକାର
ମୁଁ ଜନ୍ମିବି ଶେଷେ ମହାକାଳ ।

✤

# ଯାନ୍ତ୍ରିକ ଭାରତ

ଲୁହାର ଫାଟକ ପାଖେ
ଦିଗ୍‌ବିଜୟୀ ଅଶ୍ୱାରୋହୀ ଦଳ,
ଧାଡ଼ି ଧାଡ଼ି ସାଇକେଲ୍,
ଧାଡ଼ି ଧାଡ଼ି ସ୍କୁଟର, ମୋଟର ।
କର୍କଶ ପିଂଗଳ ପଥେ
ନବତମ ସୂର୍ଯ୍ୟର ଉଦୟ,
ସକାଳର ହିମ-ସ୍ନାତ
ପୁଲକିତ ହସରେ ତନ୍ମୟ ।
ଆଜିର ଏ ପ୍ରତିଶ୍ରୁତି
ନୂଆ ଲକ୍ଷ୍ୟ, ନୂତନ ଘୋଷଣା,
ହେଲାଣି କେ କାରିଗର
କାଲି ଯଦି କଲ ମନଖଣା ।
ଯାଅହେ ବିଶ୍ରାମେ ବନ୍ଧୁ !
ବିନିଦ୍ର ଓ କ୍ଳାନ୍ତ କାରିଗର,
ଆଜି ଆମେ ଗଢ଼ିଦେବୁ
ନିଜ ହାତେ ଅପୂର୍ଣ୍ଣ ମିନାର ।

।୧୯୮୮।

ଆଳସ୍ୟ-ଅଫିମ-ନିଦେ
ସମୟର ଘୁମନ୍ତ ପାହାଡ଼,
ବହୁଦିନୁ କରିଥିଲା
ଜୀବନରୁ ସ୍ୱର୍ଗକ ଉହାଡ଼ ।
ମଳିଚିଆ ଜହ୍ନ ରାତି
ଅଳାବଙ୍କା ଟେରା ବାଡ଼ତଳେ,
ତାଙ୍କପାଇଁ ବଦଳିଲା
କ୍ୟାଲେଣ୍ଡର ରାତି ବାରଟାରେ ।

ବିପ୍ଳବ ଭାରତବର୍ଷ
ଗାଁ ଦାଣ୍ଡ ଶ୍ୟାମଳ ପ୍ରାନ୍ତର,
ଧର୍ମ ପୂଜା ଆହ୍ୱାନ ବା
କୃଷିକ୍ଷେତ୍ର ଅବା ଶିକ୍ଷାଗାର ।
ଆମେ ସବୁ ଆସିଥିଲୁ
ସେ ଯେଉଁଠି ନୂତନ ସହରେ,
ଲୁହାର ଫାଟକ ଆଡ଼ି
ଖୋଲ, ଖୋଲ ଅର୍ଗଳିକୁ ଥରେ,
ଆମେ ସବୁ ମୁକ୍ତି ମାଗୁ
ଶତାବ୍ଦୀର ଶେଷ ପ୍ରଭାତରେ ।

ସବୁ ଲକ୍ଷ୍ୟ ଡେଇଁଯିବେ
ଆଛି ଉଗ୍ର ଅଶ୍ୱାରୋହୀ ଦଳ,
ଆମରି ଘର୍ଘର ଚକ
ଭାଙ୍ଗିଦେବ କରତ ଅର୍ଗଳ ।
ସହସ୍ର ଘଟିକା ସେନା,
ପଦାତିକ, କମାଣ ବାହିନୀ,
ଆମେ ଆଜି ଲଂଘିଯିବା
ଶତାବ୍ଦୀର କ୍ଳେଶମୟ ବାଣୀ ।

ବିଦୀର୍ଣ୍ଣ ମାଟିର ବୁକେ
ଆମେ ପରା ସଗରର ପଲ,
"ବାଘନଖ" କ୍ଷତ ଚିହ୍ନ
ଶିରେ ବାନ୍ଧି ଅପୂର୍ବ ମସାଲ ।

।୧୯୮୯।

□ ଚିରନ୍ତନ ମୁକ୍ତିକ: □

ଏ ଦେଶ ଧମନୀ ତଳେ
ଅବଲୁପ୍ତ ବିସ୍ମୃତି ହୃଦରେ,
ତୁମଲାଗି ପଥରୁଦ୍ଧ
କାହିଁ ଯାହା ଥିଲା ଅନ୍ଧକାରେ ।
ଦୈନ-ଦେଣା ଉଷ୍ଣ-ଶ୍ୱାସ
ଲୌହବଦ୍ଧ ସୁପ୍ତା ରାଜକନ୍ୟା,
ଅବଜ୍ଞାତ ସୌନ୍ଦର୍ଯ୍ୟରେ
ଆଜି ଯିଏ ପୃଥିବୀ ଅନନ୍ୟା ।
ଆମେ ତାଂକୁ ଖୋଜି ଯିବୁ
ଯେ ଯେଉଁଠି ପଂକ ପାତାଳରେ,
ଅବରୁଦ୍ଧ ହୋଇଛନ୍ତି
ଅସୁରୁଣୀ ଘରୁଆ ଭିତରେ ।

ଶୁଣିବାକୁ ହସକାରେ
ସଂଖ୍ୟା ବୃଦ୍ଧି ପଢ଼ିବି ଖାତେଣି,
ଏ' ଦେଶେ ମଣିଷ ପାଇଁ
ଗଂଗା ନଦୀ ବହୁଛି ଉଜାଣି ।
କ୍ଷୁଧିତ ଗହମ ଖେତେ
କ୍ଷୁଦ୍ର ଶିଖା ଅଭୁଟି ପବନେ,
କିଏସେ ରେ କୃଷିଜୀବୀ
କେଉଁଠାରେ ଆମ୍ଭ ଅଭିମାନେ ?...
କିଏ ଅଛ କାରିଗର
କାହିଁ ଅଛ ନିଦ୍ରିତ ଅଚଳ,
ବିସ୍ମୃତ ବର୍ଷର ସ୍ମୃତି
ମନେ ତୁମ ନାଇଁରେ ପାଗଳ ?

ନଦୀ ଶଯ୍ୟା ବହିଯାଏ
ମରୁଭୂମି ଅଯାଚିତ ଦାନ,
ନୂତନ ପ୍ରେମ-ଚିଠିରେ
କିଣିବାକୁ ଉପତ୍ୟକା ମନ ।
କିଏ ତୁମେ ସ୍ୱପ୍ନଚାରୀ
ଲଫାଫାକୁ ପକେଟରେ ଥୋଇ,
ବହୁଦିନ ଶୋଭାବାନ
ଧୋବାଘରେ ପଡ଼ିଲା ପତେଇ ।

।୧୯୦।

ତୁମ ଆମ ପିତୃ ଗ୍ରାମେ
ଯାହା ଥିଲା ପୁରାତନ ଗାଥା,
ନଦୀ, ନାଳ ଗତିପଥ
ଯାହା ଥିଲା ଯେଉଁଠି ସର୍ବଥା ।
ସମୁଦ୍ର ଯେଉଁଠି ଥିଲା
ଘୁଂଚିବାଗେଁ ପାହୁଂଚେ କି ଜମା,
ବାଳିବନ୍ତ ହରିଣ କି
ମନେ ମନେ କରୁଛି ତର୍ଜମା ।

ଚଉଛକି ରାସ୍ତା ପାଶେ
ଜଳା ଜଳା ସବୁଜ ମଶାଲ,
ହେ ରାତ୍ରୀର ଶେଷ-ରକ୍ଷୀ
ଆଲୁଆଗ କର୍ମକାର ଦଳ ।
କାରଖାନା ଭୁଂଗା ବାଜେ
ଫରନେସ୍ କରୁଛି ଗର୍ଜନ,
ଚଉଦିଗେ ଅଶ୍ୱାରୋହୀ
ପଦାତିକ ଚଳୁଛି ଚରଣ ।
ବଂଶଧର ଛାତି ରକ୍ତ
ଝକମକ ଫୁଟୁଛି ଦେହରେ,
ଲୋହିତ ସୁବର୍ଣ୍ଣ ଆଜି
ଲଦାହେବ ଜାହାଜ ଖୋଳରେ ।

ଚରଣରେ ମୃତ୍ୟୁ ଦଳି
ପୁରାତନ ଦୁର୍ବଳ ସନଂଦ,
ପାହାଡ଼ର ଗଡ଼ ଭାଂଗି
ଆମେ ସବୁ କରିଦେବା ଖଣ୍ଡ ।
ଯାହା କେବେ ରହିଥିଲା
ତମ୍ବା ପରା ଅମୃତା ମୁଣ୍ଡିରେ,
ଆଜି ତାର ପରୀକ୍ଷଣ
ଶତାବ୍ଦୀର ଆଲୋକ ବର୍ଷରେ ।
ବିପୁଳ ଭାରତବର୍ଷ
ବିସ୍ତାରିତ ବିସ୍ତୃତ ବକ୍ଷରେ,

ଭାଂଗିଦେଲୁ ଦିଗ୍‌-ବାରେଣୀ
ଖୁଂଟ ବାଡ଼ ସଂକୀର୍ଣ୍ଣ ସିଡ଼ିରେ ।
ପୁରାତନ ପ୍ରସିଦ୍ଧିର
ସଂକୁଚିତ ପଥକୁ ବିସ୍ତାରି,
ଆମେ ସବୁ ଦିଗ୍‌ବିଜୟୀ
ଆଜି ଯିବା ଚତୁର୍ଦ୍ଦିଗେ ଘେରି ।

ଆମେ ସବୁ ଖୋଦି ଯିବା
କର୍କଶ ଓ ବଂଧୁର ଇଲାକା,
ଅନୁର୍ବର ତୃଣହୀନ
ଜଳହୀନ ପ୍ରୋଷିତ-ଭର୍ତ୍ତୃକା ।
ତୃଷାମୟ ଧରିତ୍ରୀରେ
ଶୁଣିବାକୁ ବାର୍ଦ୍ଧକ୍ୟ କ୍ରଂଦନ,
ଆମେ ସେଠି ତୋଳିଦେବା
ବିଶ୍ୱାସର ନୂତନ ସ୍ପଂଦନ ।

ଆମେ ନୂଆ କାରିଗର
ଆମେ ଯଂତ୍ରୀ, ଆମେରେ ମାନ୍ତ୍ରୀକ,
ନବାଗତ ତାରୁଣ୍ୟର
ପଦଧ୍ୱନି କରିବା ସାର୍ଥକ ।
କୁତ୍ସିତକୁ ସୁଂଦର କରି
ସଂକୀର୍ଣ୍ଣକୁ କରି ବୃହତ୍ତର,
ଅନ୍ଧକାର ଗର୍ଭେ ଯିଏ
ହାରିଦେଲା ଦୀନ ଜୀବନର ।
ଖର୍ବ ହୋଇ ବଂଚୁଥିଲା
ତିଥି, ବାର, ଦିନ ସନ୍ନିର୍ବନ୍ଧେ,
ଆମେ ତାଂକୁ ତୋଳିନେଲୁ
ସମୟର ଏକ ସେତୁବଂଧେ ।

ବହୁ ଜାତି, ଉପଜାତି
ବହୁ ଫାଙ୍କ, ପାର୍ଥକ୍ୟ ସଂକଟ,
ପ୍ରଗତିର ଇସାରାରେ
ଯେଉଁମାନେ ଥିଲେ ପରିଶିଷ୍ଟ ।

ଆରଣ୍ୟକ ବେଳାଭୂମି
ସୂର୍ଯ୍ୟ-ବନ୍ଦୀ ପ୍ରାଚୀନ ତୋରଣ,
ଆମେ ଲଂଘି ଭୂଖୋଳକୁ
ରଚିଥାଉ ସଂକଟ ମୋଚନ ।
ଆମେ କଲୁ ଶତାବ୍ଦୀର
ଦୂର ସୀମା ଦୁର୍ଲଭ ଉପକୂଳ,
ଆମେ ହେଲୁ ଲଂକାଜୟୀ
ସେତୁବଂଧ ଡିଙ୍ଗାୟା ପାହାଡ଼ ।
ପୃଥ୍ୱୀ ବିଦାରଣ କରି
ଆମେ କଲୁ ସମୁଦ୍ର ମଂଥନ,
ମେଘର ବେଣୀରେ ବାଂଧି
ରଥ ଚକ୍ର ଆମେ ବେଗବାନ ।
ଆମେ କଲୁ ମୌସୁମୀର
ଗତିପଥ ଆବିଷ୍କାର ନୀତି,
ଆମେ ଖୋଜୁ ଅଂତରୀକ୍ଷେ
ମଣିଷର ଅସୀମ ବିସ୍ତୃତି ।
ମଂତ୍ରହୀନ ତଂତ୍ରେ ଆମେ
ନବ ଯୁଗ ନୂତନ ମାଂତ୍ରୀକ,
ଆଣିବୁ ବିଜ୍ଞାନ ବାର୍ତ୍ତା
ସଂସାରରେ ନବ ବିଧାୟକ ।
ଭାଂଗିଦେବୁ ପୁରାତନ
ଜଗଗଡ଼ ସ୍ଥିତ ଉପଚାର,
ମଣିଷର ମୂଲ୍ୟବୋଧେ
ଆଣିଦେବୁ ନୂତନ ସଂସ୍କାର ।

ଆମେ ଖୋଜୁ ଜୁଆରିଆ
ନଦୀ ପଥେ ସମୁଦ୍ର ମୁହାଣ,
ଆମେ ଏକ ଜାତି ନୁହଁ
ମହାଜାତି କରିବା ନିର୍ମାଣ ।
ଆମେ ଏକ ଶକ୍ତି ନୁହଁ
ମହାଶକ୍ତି ସମ୍ମିଳିତ ଧ୍ୱନି,
ଆମେରି ଧ୍ରୁପଦୀ ସ୍ୱରେ
ଉନ୍ମାଦିତ ସକଳ ମେଦିନୀ ।୦

୦ ରାଉରକେଲା ଇସ୍ପାତ କାରଖାନାର ଯାନ୍ତ୍ରିକ ପରିବେଶରେ ଉଦ୍‌ବେଳିତ ଜନଜୀବନର ପ୍ରାଥମିକ ଅନୁଭୂତି ।

# ଅସତ୍ୟ ସହର

ଅସଂଖ୍ୟ ମଇଁଷିପଲ ପହଁରିଲା
                    ପରି ଅଣାୟତ୍ତ
କଳା ମଟମଟ ପାଣି ବହିଯାଏ
                    ଗୁରାଡିହ ସ୍ରୋତ[*] ।
ଚହଟିଆ ତେଲ-ପାଣି ମିଶାମିଶି
                    ଖାର ରସାୟନ
ଜୀବାଣୁ ବିହୀନ ଏଇ ଜଳଧାର
                    ପ୍ରଗତିର ଦାନ ।

ପୁରାତନ ଏ ମୃର୍ତ୍ତିକା ନିଜ ଗୁଣେ
                    ବୃକ୍ଷ ଚାଆଁସିଆ,
ଅଧିକାରୀ ପହଁଚିଲେ ପ୍ରାଣମନ
                    ତାଂକ ସାଆନ୍ତିଆ ।
ବୁନିଆଦି ଜନପଦ ନିଜ ହାତେ
                    କରିଦେଲେ ଉଲଗ୍ନ
ଲୁହାମଇ ଚୁଲିଗଲା ଗ୍ରାମସବୁ
                    ବନସ୍ପତି ଶୂନ୍ୟ ।

ଆସିଲା କଳାପାହାଡ଼ ପିଇଦେଲା
                    ବ୍ରାହ୍ମଣୀର ନୀର
ସୁବର୍ଣ୍ଣ ଥାଳିରେ ହୀରା ଚଉଣିଲେ
                    ଓଡ଼ିଶା ସର୍କାର ।
ଉଧାରି ଖାତାରେ ଯେତେକ ଯନ୍ତ୍ରପାତି
                    ଆସିଲା ବିଦେଶୁ
ଜଳସ୍ରୋତ ବଂଧାହେଲା ତାହାପାଇଁ
                    ଊନବିଂଶ କ୍ରୋଶୁ ।
ମହତ ଉଦରୁ ପୁଣି ଜଳ ପେଟେ
                    ନଦୀକୁ ସକାଶ,
ଦୁର୍ଯ୍ୟୋଧନ ଭୂମିଜଂର[°] ଛାଡ଼ିଦେଲା
                    ସ୍ମୃତିର ଫଳକ ।

---

[*] ରାଉରକେଲା ଇସ୍ପାତ କାରଖାନାରୁ ନିର୍ଗତ ହେଉଥିବା ବିଷାକ୍ତ ମଇଳା ପାଣିର ସ୍ରୋତ ବହିଯାଉଥିବା ପୁରାତନ ଗୁରାଡିହ ଗ୍ରାମ ପାଖର ନାଳ

[°] ଦୁର୍ଯ୍ୟୋଧନ ଭୂମିଜ ଥିଲେ ପୁରାତନ ଗୁରାଡିହ ଗ୍ରାମର ଗଂଜୁ ବା ଜମିଦାର

ଅଚିହ୍ନା ଏ କଡ଼ଖାଇ ଏବେ ଏକ
ବୈଜ୍ଞାନିକ ନାଳ,
ତେଲ ଓ ବାଲିର ମିଶା ଏଥି ପାଣି
ସ୍ୱଦେଶ-ବନ୍ଧନ ।

ଏ' ହ୍ରଦରେ ଡଙ୍ଗା ନାହିଁ କାଢେ କାଣେ
ସଦ୍ୟ ଆଲକାତରା,
କୈବର୍ତ୍ତଙ୍କ ପ୍ରାଣମନ ହୋଇଗଲା
ସଂପୂର୍ଣ୍ଣ ତୋପରା ।
ମତ୍ସ୍ୟରକ୍ଷା କ୍ଷୋଭ କିଆଁ ପାଣିପାଗ
ଏବେ ଋତୁ ହୀନ,
କାରଖାନା ଧୂଆଁ ଧୂଳି ଦୃଷ୍ଟିକରେ
କୁହୁଡ଼ି ସଘନ ।

ତେଣି ଗାଁର ବାସୀ ଶୂନ୍ୟ, ତାଙ୍କୁଆଙ୍କ
ଜୀବିକା-ଆହାର,
ମତ୍ସ୍ୟକୂର୍ମ ଅବତାର ସବୁକରି
ବିଜ୍ଞାନ ସଂହାର ।
ସମୁଦ୍ର କୋଣ ପର୍ଯ୍ୟନ୍ତ ତୀରବାସୀ,
ପ୍ରତାରଣା ଛାର,
ମୃତ୍ୟୁଭୟୀ ବଳଦାନ କରିବାକୁ
ହେଲେଣି ଭାଜନ ।
ଦେଖିବକି କେଉଁଠାରେ ବିଜ୍ଞାନର
ଅସତ୍ୟ ସହର,
ନେପାଳଙ୍କ ଗଗଲ ହ୍ରଦେ ଯାଂପେ ଆପେ
ଭାସୁଛି ପଥର ।
ଶୋଷଣିଦା ବୁଡ଼ିଥିଲା ହାତବେଳେ
ଯେଉଁ ମାନଙ୍କର,
ସେମାନେ ଚଢ଼ୁଛନ୍ତି ଏବେ ମୁଣ୍ଡ ଟେକି
ପ୍ରଗତି ମିନାର ।

ବିଜ୍ଞାନ ଓ ପ୍ରକୃତିର ଭେଟା ଭେଟି
ଏ ମାଟିରେ ଘଟା,
ପୁରାତନ ନୂତନର ଅବିମିଶ୍ର
ମିଳିତ ଚେହେରା ।

ଅଙ୍ଗ, ବଙ୍ଗ, ମାଳବ ଓ ବିଦର୍ଭାଦି
ଜନ ସମାହାର,
ଏ' ଜନ ନେଉଛି ବହି ଅଭିଶାପ
ଭାରତବର୍ଷର ।
ସମତା ଓ ମମତାର ସ୍ୱ-ବିରୋଧୀ
ସ୍ୱଭାବ ଚରିତ୍ର,
ଆମଦାନି ହେଲା ଯେଉଁ ବୈଷୟିକ
ବିଜ୍ଞାନର ତତ୍ତ୍ୱ ।
ସେ ତତ୍ତ୍ୱ କଲୋନୀବାଦୀ, ଶ୍ରେଣୀବାଦୀ,
ସାମନ୍ତ-ସେବିତ
ଅଳ୍ପଜନେ ସିଦ୍ଧିଯାଚି ବହୁଜନେ
ହଉଛି ବଂଚିତ ।

ବହୁବାର ଶୁଣିଥିବ ତୁମେ ସବୁ
ପରିବେଶ ତତ୍ତ୍ୱ
ଶୀତତାପ ନିୟନ୍ତ୍ରିତ କୋଠରୀରେ
ଚର୍ଚ୍ଚାବି ବହୁତ ।
ପରିବେଶ ଯେଉଁ ଦେଶେ ମଣିଷର
ଦ୍ୱିତୀୟ ବିବେକ,
ସେ ଦେଶ ଏ' ନୁହେଁ ଯଦି
ତଥାପି ହେ' ଜଡ଼-ବୈଜ୍ଞାନିକ ।
ବହୁତ ଦିନରୁ ଏବେ ଭାଳିଲଣି
ପରିବେଶ କଥା,
ନିଏ ସେ ପ୍ରକୃତି ଠାରୁ ସୃଜିଥିଲେ
ଭୀଷଣ ଦୂରତା ।
ଭାରତେ ଦୁଇଟି ତତ୍ତ୍ୱ ଭୋଗପାଇଁ,
ଘରୋଇ, ପବ୍ଲିକ୍,
ଭାରତର ଦୁଇଟି ତନ୍ତ୍ର ମୋକ୍ଷ ଲାଗି
ଅଜ୍ଞ ଓ ଚଲାଖ ।
ଭାରତେ ଦୁଇ ଆଦର୍ଶ ଉଦ୍ୟୋଗର
ଦୁଇ ସ୍ରୋତଧାର,
ଏକସ୍ରୋତେ ଫୁଲଭାସେ ଅନ୍ୟ ସ୍ରୋତେ
ଭାସୁଛି ଅଙ୍ଗାର ।

# ରଘୁ ମହାନ୍ତି

# ମୁଖବନ୍ଧ

ସର୍ବ ଶ୍ରୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କର ଇତିହାସ, ବିପ୍ଳବର ଏକ ଲୁପ୍ତ ଇତିହାସ...

ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ଅଭ୍ୟୁଦୟ ଏବଂ ପ୍ରାଣପାତରେ, ଖାଲି ୧୯୩୮ ମସିହାର ରଣପୁର ପ୍ରଜା-ଆନ୍ଦୋଳନ ନୁହେଁ; ଓଡ଼ିଶାର ବିଦ୍ରୋହ ଓ ବିପ୍ଳବର ଶହେ ବର୍ଷ ବ୍ୟାପୀ ଦୀର୍ଘ ପରଂପରା ଲାଗି ରହିଛି ।

୧୯୩୮ ମସିହାର ଘଟଣାବଳୀରେ ସୀମିତ ରହି, ତାହା ଇତିହାସରେ ଏତେ ଗୁରୁତ୍ୱପୂର୍ଣ୍ଣ ହୋଇ ପାରି ନଥାନ୍ତା ।

ଫରାସୀ ବିପ୍ଳବ ଏବଂ ଋଷୀୟ 'ବଲସେଭିକ୍-ଆନ୍ଦୋଳନ'ର ଐତିହ୍ୟ ତାକୁ କେବଳ ବିଶ୍ୱ ଇତିହାସରେ ସଂଲଗ୍ନ କରୁନାହିଁ; ଗୌରବାନ୍ୱିତ କରୁଛି ମଧ୍ୟ ।

ଜାଗ୍ରତ ପ୍ରଜାପୁଞ୍ଜର ଦାବି ପାଖରେ ମୁଣ୍ଡ ନୁଆଁଇ, ତ୍ରୟୋଦଶ ଶତାବ୍ଦୀର ଇଂଲିଣ୍ଡ ରାଜା ଜନ୍, ରୟତଙ୍କ ପ୍ରାରମ୍ଭିକ ଦାବି ସର୍ତ୍ତ ସଂବଳିତ 'ମାଗ୍ନାଚାର୍ଟା' ସ୍ୱାକ୍ଷର କରିବାକୁ ବାଧ୍ୟ ହେଲେ । ଫରାସୀ ବିପ୍ଳବ ଏବଂ ଋଷୀୟ ବଲସେଭିକ୍ ଆନ୍ଦୋଳନର ମୂଳରେ; ଜନ ଜାଗରଣର ସେଇ ବଳିଷ୍ଠ ଓ ଦୁର୍ଦ୍ଧର୍ଷ ଶକ୍ତି ସବୁ ପ୍ରକାଶ ପାଉଥିଲା ।

କିନ୍ତୁ ରଣପୁରର ରଘୁନାଥ ଓ ଦିବାକର ପରିଡ଼ାଙ୍କ ଅଭ୍ୟୁଦୟ ଓ ପ୍ରାଣପାତରେ ଯେ, ସେଇ ଇତିହାସର ପୁନରାବୃତ୍ତି ହୋଇ ନାହିଁ, ଏହା କିଏ ଅସ୍ୱୀକାର କରିବ ?

**ରଘୁ ମହାନ୍ତିର ଜୟହେଉ -**

**ବିପ୍ଳବ ଦୀର୍ଘଜୀବୀ ହେଉ !!**

*

# ଦ୍ୱିତୀୟ ସଂସ୍କରଣ

ଏଇ କବିତା ବହି ୧୯୪୬ ମସିହାରେ ସାରସ୍ୱତ ଭଣ୍ଡାର, କଟକ, ଏକ ହଜାର ସଂଖ୍ୟା ପ୍ରକାଶନ କରିବାପରେ ମାତ୍ର ଏକ ବର୍ଷ ମଧ୍ୟରେ ବିକ୍ରୀ ଶେଷ ହୋଇଥିଲା । ପ୍ରକାଶକ ମତେ ସେତେବେଳେ ୫୦/- ରୟାଲଟି ଦେଇଥିଲେ । ପୁସ୍ତକର ମୂଲ୍ୟ ଥିଲା ଛଅ ଅଣା ମାତ୍ର । ପୁସ୍ତକଟି ଦ୍ୱିତୀୟ ଥର ପ୍ରକାଶନ ପାଇଁ ସାରସ୍ୱତ ଭଣ୍ଡାର ଆଉ ଉତ୍ସାହ ନଥିଲା । ଦ୍ୱିତୀୟ ସଂସ୍କରଣ ପୂର୍ବରୁ, ମୁଁ ନିଜର ଅଭ୍ୟାସ ବଶତଃ, ପୂର୍ବ କବିତାକୁ ବଦଳାଇ ଦେଇ ଅଧିକ ପ୍ରସାରଣଶୀଳ କରି ଦେଇଛି ।

**ରଜନୀ କାନ୍ତ ଦାସ**

# ରଘୁ !

ତୁମେ ମର ଦେଶ ଲାଗି
କ୍ଷୁଦ୍ର ଏକ ଜନପଦ ବାର୍ତ୍ତା;
ଯେଉଁଠାରେ ହାତୀ, ବ୍ୟାଘ୍ର,
ବନ୍ଧୁକର ଗୁଳିସବୁ ଶବ୍ଦ,
ମଣିଷ ଶିକାରେ ପାଇଁ ।
ସେଇଠାରେ ଠେଙ୍ଗାର ପ୍ରହାର
ହୋଇଥିଲା ଚଳଣାଳୀ
ଥରିଥିଲା ବ୍ରିଟିଶ ସର୍କାର ।

ଜାତିର ଶତାବ୍ଦୀ ଅନ୍ତେ,
ଇତିହାସ ମ୍ଳାନ ପୃଷ୍ଠା ଧାରେ,
ରଘୁ ତୁମ ରକ୍ତ ଟିକା,
ଆଣୁଥିବ ଘାତକ ଶିବିରେ;
ଆତ୍ମ-ଗ୍ଳାନି, ଆତ୍ମ-ଲଜ୍ଜା
ଅନ୍ତର୍ଦ୍ଦାହ ଅନୁଶୋଚନାର
ଅବନତ କରି ଶିର
ଅବିନୀତ ଇଂରେଜ ଜାତିର ।

ଇତିହାସେ କ୍ଷୁଦ୍ରବାର୍ତ୍ତା
ଚିରଦିନ ରହିଥିବ ମନେ
ଆଣୁଥିବ ପ୍ରତିଧ୍ୱନି
ପୃଥିବୀର ନିର୍ଜନ ପ୍ରାଙ୍ଗଣେ ।

# ରଘୁ !

ଶତ ଶତ ସାଥୀ ମେଳେ
ଶତଶତ ଯାତ୍ରୀଜନ ସାଥେ,
ରଚିଗଲ ପଟୁଆର
ଦୁର୍ଗମ୍ୟ ଦୁରାରୋହ ପଥେ ।
ଆହା ତୁମ ପାଦେ ଗଲା ଜୀବାହୁତି,
ଦୁକୁ ହେଲା ମୁକ୍ତି ଆଶାୟୀ;
ଧୂଳିପଟେ ଶୋଇଗଲ
ତେଣୁ ତୁମେ ମନମରା ହୋଇ ।

ଶତାବ୍ଦୀର ଜୟମାଲ୍ୟ
ମୃତ୍ୟୁଞ୍ଜୟ ଗରିମାର ଛବି
ଆଜି ନେଇ ସ୍ୱଶରୀରେ
ବ୍ୟଥା-କ୍ଳାନ୍ତି-ଜ୍ୱାଳା ଅନୁଭବି ।
ଆହା, ସେହି ବ୍ୟଥାଭାର
ତୋଳିବାକୁ ଆଉ କିଏ ତାଙ୍କ,
ଆଉ ଜଣେ ସାଥୀ କିଏ
ତୁମ ସଂଗେ ସମର୍ପିତ ହୋଇ,
ଚଣ୍ଡସମ ଦିବାକର ପରି;
ସଂଗ୍ରାମର ଫାଶୀ ଖୁଣ୍ଟେ
ଚିରକାଳ ହାତ ଧରାଧରି ।

# ରଘୁ !

ସରି ନାଇଁ ଦେଶୁ ଯୁଦ୍ଧ
ଆଉ ଅଛି ବହୁବେଳ ବାକି
ଅସମୟେ ତଂଧୁବଣ
ମୃତ୍ୟୁ ନେଲା ହାତଧରି ଡାକି ।

ଜୀବନର ନଇବେଦ୍ୟ
ଢାଳିଦେଇ ଜନସ୍ରୋତ ତୀରେ
ଅତ୍ୟାଚାର ଶୋଷଣର
ରଥଚକ୍ର ଥାପି ବୁକୁପରେ ।

ପିଇଦେଇ ହଳାହଳ
ଶୋକବାର୍ତ୍ତା ନିଜେ ହିଁ ନିଜର:
ଦେଶପାଇଁ ଛାଡ଼ିଗଲ
ଜୀବନର ଶ୍ରେଷ୍ଠ ଉପହାର ।
ଏ' ଧରାରେ ଚିରକାଳ ପାଇଁ,
ସହିଦର ଶେଷ ରକ୍ତେ ଉଲ୍ଲସିତ
ରଣପୁର ଭୂଇଁ ।

# ରଘୁ !

ଏ' ଦେଶରେ ଶୋଷଣର ରାଜପଥ,
ଯଜ୍ଞ-ବେଦୀ ତଳେ ରକ୍ତସ୍ରୋତ ।
ଅନାୟସେ ବହିଯାଏ,
ଯୁଗେ ଯୁଗେ ହୋଇ ଅଣାୟତ୍ତ ।
ଦେଖି ଦେଖି ସହିଯିବା
ଦେଶବାସୀ ନିୟତ ଅଭ୍ୟସ୍ତ ।

ତୁମକୁ ବାଧିଲା ଦୁଃଖ
ସମୟର ଅଜସ୍ର ଯାତନା,
ଘାତୁକର ପ୍ରାଣ ତେଣୁ ନାଶକରି
ଆପେଦେଲ ଚିହ୍ନ ଚିହ୍ନା !

ସତେକି ବାଧିଲା ଲଜ୍ଜା,
ଜୀବନର ଅପମାନ ଗ୍ଲାନି;
ମରଣକୁ କ୍ଷିପ୍ର ପଦେ
ତେଣୁ ତୁମେ ବରିନେଲ ଧାଇଁ !
ମରିବାରେ ତୁମରି ପୌରୁଷ
'ଛାଣିବା ମରିବା ପରି'
ମରଣରେ ତୋଳିନେଲ ଯଶ ।

✤

# ରଘୁ !

ଅତ୍ୟାଚାରୀ ଶାସନର କ୍ରୀତଦାସ
ତୁମେ ଥାଏ କ୍ଲୀବ,
ରଘୁ-ରକ୍ତ ଯାଚିବୁଲେ,
ଇତିହାସେ ତୁମରି ଖେତାବ ।
ମାରିବାକୁ ତୁମରି ନିଯୁକ୍ତି
ତେଣୁରେ ମାରିଲ ତାଙ୍କୁ
ପୂର୍ଣ୍ଣକଲ ଦରବାରୀ ଚୁକ୍ତି ।

ହତ୍ୟା କରିବାକୁ ହେବ
ସତେ କିଆଁ ଡରିଗଲ ଏତେ;
ମୃତ୍ୟୁରେ ସାବ୍ୟସ୍ତକରି
ସଂପିଦେଲ କାଠଶୂଳୀ ହାତେ ।

ମାରିଦେଲା ସେଇ,
ସିଏତ ନିର୍ଜୀବ ଜଡ଼:
ମଣିଷର ଦୟାପ୍ରୀତି ନାହିଁ ।

ମଣିଷର ଚଣାନାହିଁ
ଆଚରଣ, ଆଚାର, ବିଚାର,
ଅସଭ୍ୟତା ଅନ୍ଧକାରୁ
ବଂଚିଛନ୍ତି ଦୁଷ୍ଟ ଜାନୁଆର ।

## ରଘୁ !

ମରିଗଲେ ତା'ର ଯେତେ ଛୁଆ,
ଲୁଟିଗଲେ ଅଂଧାରୀ ଯୁଗର
ସବୁ କଂଚା ମାଂସଖିଆ ।

କିନ୍ତୁ ଏଇ ଷଡ଼ଯନ୍ତ୍ର
ବ୍ୟବଧାନ ଲଂଘି
ବଂଚିଲା ବର୍ବର ଦୈତ୍ୟ
ଫୁଂକିପଡ଼ି କୋଠଘର ଜଳି ।

ଜାତିନିଏ ଛିନ୍ନମୂଳ
ଖୋଳିନିଏ ଆଖି ତୋଳା ପୁଣ
ରାଜଦ୍ରୋହ ଅପରାଧେ
ଯେଉଁ ବ୍ୟକ୍ତି ହୋଇଛି ଚାଲାଣ ।

ଏଠି ସବୁ ଦୋଷ ଦଣ୍ଡ
ଖୁଣ୍ଟିନାଟି ବିଚାର ବିହୀନ
ମାରିବାକୁ ହେବ ତେଣୁ
ମାରିଦେଲା ଜଣପଦ ଶୂନ୍ୟ ।

# ରଘୁ !

ଛାଅନା ମଣିଷ ଗଣ,
ଆମ ଦେଶ ତାଙ୍କରି ଶାସିତ
ମାରିଦେଇ ଗଲେ ତାଙ୍କୁ
ରକତରେ ଧୋଇ ନେଲେ ହାତ ।

ମାରିଦେଲେ ସତ, କିନ୍ତୁ
ଜୀବନର ନଦେଲେ ପାଉଣା
ଦ୍ୱୈତ ଅପରାଧୀ ରୂପେ
ଜଗତରେ ସେଇମାନେ ଗଣା ।

ତାଙ୍କରି ଅନ୍ୟାୟ ବଳେ
ଘାତୁକର ଜଗବାଳ ଦୋଳି:
ଯେତେ ହାଣ, ପାରିନେବି
କରିବାକୁ ପବନରେ ଧୂଳି;
ଜାଇଁ ପୁଣି ଉଠିଲେ ବିଦ୍ରୋହୀ
ବିଶ୍ୱର ସହସ୍ର ହୃଦେ
ଅଭିଷେକ ଜାଣିବ ନା ନାଇଁ ?

# ରଘୁ !

ନୀରବ ଭାବନା ମେଳେ
ଶତପ୍ରାଣ ଗୁପ୍ତ ମର୍ମସ୍ଥଳେ
କିଣି ନେଇଛି ନିବାସ୍ଥାନ,
ଆହାଭରି ଜୀବନର ମୂଲ୍ୟ ।

ଗୋଟିଏକୁ ହତ୍ୟାକରି
କୋଟି ମନେ ଆଣି ଅବସାଦ
ବିଜିତର ପ୍ରାଣଭରି
ତୁମପାଇଁ ଆଣେ ବିସମ୍ବାଦ;

ତାଙ୍କରି ପ୍ରେତାତ୍ମା !
ତୁମରି ଅନ୍ୟାୟ ବ୍ୟୂହେ
ଛିଦ୍ର ଖୋଜେ ହେ ପାପୀ ଶଠାତ୍ମା ।

।୨୦୩୩।

# ରଘୁ !

ରକ୍ତପାତ ଦେଖିନେଇ
ଚିରକାଳ ଆତତାୟୀ ପ୍ରାଣ
ନୀରବେ ପାଉନି ଶାନ୍ତି
ତେଣୁ ଖୋଜେ ଆଉରି ଜଘନ୍ୟ;
ଶୂକରର ସମ !
ନିଜର କୁତ୍ସିତ ବପୁ
ଶାନ୍ତି ଲୋଡ଼େ ଘୃଣିତ କର୍ଦ୍ଦମ ।

ଚିତା ତାଙ୍କୁ ଦେଇ ନାହିଁ
କିଏ କହ ହେ ତୁମେ ବାଟୋଇ
ଅଜଣା କବର ଖାତେ
କାହିଁଗଲେ ନୀରବରେ ଶୋଇ ।

ଧୂଳି ତଳେ ଲୋଟିଗଲା
ମୃତ୍ୟାସନ୍ନ ବିଗଳିତ ପ୍ରାଣ,
ଜୀବନ ଯାହାଙ୍କ ଲାଗି
ମୁହ୍ୟମାଣ ଦଳିତ ଲାଞ୍ଛନ ।

ଦୀର୍ଘ ଏକ ଅଭିଶାପ ପରି !
ତେଣୁ ତାର ଅନ୍ତ ପାଇଁ
ସ୍ୱଘାତକ ମୃତ୍ୟୁ ନେଲା ବରି ।

# ରଘୁ ଦିବାକର !

ରଘୁ ଦିବାକର !
ବୁକୁ ଭରି ଆଲିଙ୍ଗି ନେଲ,
ଯନ୍ତ୍ରଣା ଆକଣ୍ଠ ମରଣର !
ତିଳ ତିଳ ମରିବାର
ଆଳସ୍ୟକୁ କରି ପରିହାର ।

ମୂର୍ତ୍ତିମାନ ଯକ୍ଷ ସମ
ତୁମେ ଦୁହେଁ ଗଳାରେ ମିଳାଇ,
ଦର୍ଶକର ଭାବମାନ
ସ୍ମୃତିପଟେ ରଖି ଯାଇଛ ଝର ।

।୨୦୪।

ଅସମାପ୍ତ ଦିବା-ସ୍ୱପ୍ନ
ଯମ ଖାଲି ବ୍ୟଥା ଟିକ ଦେଲ,
ଆଲୋକ ମିନାର ଆଡ଼େ
                    ହାତ ଟେକି, ଧୀରେ ଉଭେଇଲ ।

ଦାରୁଣ ଏ ମୃତ୍ୟୁ ଥିଲା,
ନ୍ୟାୟାଳୟେ ପାଇବାରୁ ରାୟ
ଅସହାୟ ମଣିଷର
                    ବସ୍ତାବିକ୍ ହୋଇଗଲା ବିଳୟ ।

# ରଘୁ ଦିବାକର !

ମୃତ୍ୟୁର ଘୋଷଣା ହେଲା,
ମୃତ୍ୟୁ କିନ୍ତୁ ନ ଦେଖିଲା କେହି,
ମୃତ୍ୟୁ ଆଗୁ କାନ୍ଦୁଥିଲେ
                    ଯେଉଁମାନେ ନ ଜାଣିଲେ ସେଇ ।

ଜୀଅନ୍ତା ମଣିଷ ପରେ
ଜାରି ହେଲା ମୃତ୍ୟୁର ଘୋଷଣା
ଜୀବନର ସ୍ନେହ ଯେତେ
                    ବାଣ୍ଟିବାକୁ ତୁରିତେ ଆପଣ ।

ବାଣ୍ଟି ମାତ୍ର ପାରିଟିକି ନାଇଁ,
ବାଣ୍ଟିବା ଆଗରୁ ତାଙ୍କୁ
ଧରିନେଲେ ନିର୍ଦ୍ଦୟ କଂସେଇ ।
ଫାଶୀ ଖୁଣ୍ଟେ ଝୁଲାଇଲେ ଦେହ
ଇତିହାସେ ହାତ ଟେକି
               ଡାକ ଦେଇ - "ଦୋଷକର ମାଫ" ।

# ରଘୁ ଦିବାକର !

ଚିତା ତାଙ୍କୁ ଦେଲ ନାହିଁ
ହେ ବାଟୋଇ କେଉଁମାନେ କହ
ତୁମ ଉଦାରତା ମୂଳ
ବୁଝି କି ପାରନ୍ତା ନାହିଁ
ଏ ଜାତିର ପୁଅ ?

ଗାଈ କି ପାରନ୍ତା ନାହିଁ
ତୁମ କାହିଁ ଏ ଜାତି ଲେଖକ
ନିଆଁରେ ନ ପିଙ୍ଗି ନିଆଁ
କୁଢ଼ାଇଲା ମାଟି ଗୋଡ଼ି ଯାକ ।

ଅଜଣା ଏ ଅଗ୍ନିକଣା
ଜାଳି ପୋଡ଼ି କରିନାହିଁ ଭସ୍ମ,
ତମସା ରାତ୍ରିର ତୀରେ
ନିରବଧି ଜ୍ୱାଳୁଚି ପ୍ରକାଶ ।

ଆସିଥିଲା ଅଗ୍ନି ରଙ୍ଗେ
କିନ୍ତୁ କିଛି ଯାଇ ନାହିଁ ଜାଳି
ଇତିହାସ ଛାଡ଼ିଗଲା,
ଖାଲି ତୁମ ଗର୍ଭବତୀ ନାରୀ ।

## ରଘୁ !

ରଘୁ ତୁମେ ମରିନାହିଁ
ଅମର ହୋଇଛ,
ତୁମ ଆଗୁ ଯିଏ ଯେତେ
ମରିଥିଲେ ସବୁ ଜିଆଁଇଛ ।

ଇତିହାସ ତୁମ ଲାଗି
ଚିର ଦିନ ରଖିଲା ସାଇତି
ମାରିବାର ପାଷାଖଣ୍ଡ
ଯଥା ତୁମ ରକ୍ତପ୍ଲୁତ ମୂର୍ତ୍ତି ।

ଇତିହାସେ ହେ ନାଲି ଅକ୍ଷର !
ତୁମେ ଯଦି ମରିଥାଅ
ବଂଚିବାରେ କାର ଅଧିକାର ?

# ରଘୁ !

ବଂଚିବାର କହ ଆଉ
ଏ ଜଗତେ ଦାବିକାର ବେଶୀ
ତୁମେ ଯଦି ମରିଥାଅ
କୋଟି ପ୍ରାଣୀ ଜୀବନ ପାଇଛି ।

ତୁମକୁ ମାରିବା ଲାଗି
ଏତେ ମେଣ୍ଟ ଏତେ ଷଡ଼ଯନ୍ତ୍ର,
ତୁମରି ମରଣ ତେଣୁ
ବଂଚିବାକୁ ଅଧିକ ମହତ୍ତ୍ୱ ।

କେତେ ଲୋକ ଯାଇଁ ଯାଇଁ
ମରଣକୁ ନିତି ପ୍ରତି ଇଚ୍ଛି,
ଚିତା ଲାଗିବାରୁ କେହି
ଜୀବନକୁ ମୁରୁଛି ପାରିଛି ?

କିନ୍ତୁ ତୁମେ ମରଣକୁ
ହାତଧରି ନେଇ କୋଳକରି,
ତୁମରି ନୈବେଦ୍ୟ ସଂଗେ
କୋଟିଏ ପରାଣ ରଂକ
ଜୀବନ କି କେଉଁ ରୂପେ ଧରି ?

# ରଘୁ !

କ୍ଷିପ୍ର ଏ ମରଣ
ରିକ୍ତ କରି ବାନ୍ଧିଗଲା,
ଜୀବନର ବୃହତ୍ତର ସ୍ଥାନ ।
ଏଇ ଖ୍ୟାତି ପାଇବାକୁ
ତୁମପରି ଆଉ ଜଣେ କେହି
ଯିଏ ଥିଲା ସିଏ ଗଲା
                    ସହଚର, ହାତ ଧରି ନେଇ ।

ରଘୁ ସଂଗେ ଗଲା ଯିଏ ମରି
ରଘୁ ତାଙ୍କୁ ଭୁଲିଛି ପାରିଲା ନାହିଁ
ନିତ୍ୟ ସହଚରୀ ।
ହେ' କବୀନ୍ଦ୍ର ଖ୍ୟାତିବାହୀ କବି
ରଘୁ ମହାନ୍ତିଙ୍କୁ ତୁମେ
                    ଭୁଲିବାର ଦୁର୍ବଳତା କିପରି ଭୁଲିବି ?

ଖ୍ୟାତ ପୁଣି ଓ୍ୟାଭଣୀଙ୍କ
ବିଳାସର ହେ' ରସପୁଟିନ୍ (୨)
ତୁମେ ଯେଉଁ ରାଜଶକ୍ତି
ହାତରେ ପୋଷୁଥିଲ ଜୀବ
                    ଛଳନାର ଇନ୍ଦ୍ରଜାଲ ଯେଭି ।

ସେଇ ରାଜଶକ୍ତିର ଯେ
ଓଲଟାଇ ଦେଲା ନ୍ୟାୟ ଭାର
ଯିଏ ତାକୁ ସ୍ୱଚ୍ଛ କଣ୍ଠରେ ଦେଇ
ପ୍ରତିବାଦ ଗୀତ;
କହ ତାହା ପାଇଁ ତୁମ
କେଉଁଠାରେ ଚାତୁରୀ ସାହାଯ୍ୟ ?
ଠିକାଦାର ନ୍ୟାୟ ସଂଗେ
                    କରିଯାଅ ତୁମେ ନିଜ କାର୍ଯ୍ୟ ।

ଚତସ୍କର ମାତ୍ର !
ପରଶା ଦିଆ ମୁକୁଟ
କିଣି ନେଲା ତୁମ ଦେହିଁ ହସ୍ତ ।
କିଣି ନେଲା ଆଖିତାରା
ପୁଣି ଯେତେ କାନର ପରଦା,
ଛାତିର ଭାବନା ଯେତେ
ଘେରାଇଲା ଲୁହାର ଗାରଦ ।

ଖୋଳିଦେଲା ଖାଲ ଏକ
ଧନପତି କୋଠିଘର ଯାଏ
ତୁମରି କଲମରୁ ଯେତେ
ସ୍ୟାହି ଝରେ ସେଇ ପଥେ ଧାଇଁ ।

ନ୍ୟାୟପତି, ଦଣ୍ଡପତି
ଆଦେଶର ତର୍ଜନୀ ଇଂଗିତେ
ଭାସିଯାଅ ହେ କବିନ୍ଦ୍ର !
ଶତାବ୍ଦୀର ଅନୁକୂଳ ସ୍ରୋତେ ।

କବି ରଘୁ ପାରିଲାନି ଭାସି
ତେଣୁ ନିଜେ ମହାଦେଶେ
ବଜାଇଲା ବିଦ୍ରୋହ ବଇଁଶୀ ।
ନିଜର ଲେଖନୀ ତାରେ
ଲେଖିଦେଲା ନିଜ ମୃତ୍ୟୁ ବାର୍ତ୍ତା
ଭାଙ୍ଗି ଚୂରି ଦେଲା ଯେତେ
ରାଜତନ୍ତ୍ର ଉଦ୍ବେଳିତ ମଥା ।

---

(୨) ଗ୍ରୀସ୍ ଦେଶର ହାର ଶାସକ କାଳର ଧର୍ମଧ୍ୱଜୀ ଜନନେତା

# ରଘୁ ଦିବାକର !

ବନ୍ଧୁ ହେ' ଆମକୁ ଦେଇ
ତୁମେ ଭଲ ମୃତ୍ୟୁଞ୍ଜୟୀ ଯାନେ
ବଂଚିବାର ଭାଷ୍ୟ ଯେତେ
ଅଜିଗଲୁ, କୋଟି ଅବଧାନେ ।

ମୁକ୍ତିର ତୋରଣ ବାଧା
ଅଗ୍ରଗାମୀ ଆହେ ପିତୃଗଣ,
ନଗରର ଉପକଣ୍ଠେ,
ଦିନେ ତୁମ ମୃତ୍ୟୁ ଜୟଗାନ ।
ଶତାବ୍ଦୀର ପ୍ରଖର ନିଶ୍ୱାସେ
ଭାସି ଆସି ଜନ୍ମ ନେବ
ଏକ ଶିଶୁ ମଣିଷ ଔରସେ ।

ଦେବ ବାର୍ତ୍ତା
ଜ୍ୱାଳିବ ଆଲୋକ...
ପୁଂଜିତ ଅସ୍ୱସ୍ତି କଣ୍ଠେ
ତୋଳିଧରି ବିପ୍ଳବ ଫଳକ ।
ଦୈବଯାନେ(୩) ଭାସିଆସେ
ପିତୃଗଣ ତବ ଆସ୍ଫାଳନ
ରାଂଚି ଫାଶୀ ଖୁଣ୍ଟ ତାର
ତୋଳିଅଛି ବିପ୍ଳବ ନିଶାଣ ।

---

(୩) ଅଶୁଭ କର୍ମରେ ବ୍ୟବହୃତ ଯାନକୁ ଦୈବଯାନ କୁହାଯାଏ ।

# ସଂଘର୍ଷ

# ଅଭିମତ

"ସଂଘର୍ଷ" ପଢ଼ି ମନ ଯୁଗପତ୍ ଆନନ୍ଦ ଓ ବିସ୍ମୟରେ ଭରି ଉଠିଲା । ସମାଜର ଚଳନ୍ତି ଚିନ୍ତା ଧାରାରେ କବି ଗୋଟାଏ ବିପୁଳ ବିପ୍ଳବ ଆଣି ଦେଇଛନ୍ତି । ଚିର ଚଦାର ଶୀତଳ ରକ୍ତ ଯେପରି ମୁକ୍ତିର ଆଲୁଅ ପବନରେ ଉଦ୍‌ଭସ୍କନ ହୋଇ ଉଠିଛି ।

କବିତା ଗୁଡ଼ିକର ଛତ୍ରେ ଛତ୍ରେ ବିଦ୍ରୋହର ବହ୍ନି, ବ୍ୟଥାର ତପ୍ତଶ୍ୱାସ ଓ ବେପରୁଆର ତୀବ୍ରତା ସଜୀବ ଓ ଜାଗ୍ରତ । ଭାଷାର ପ୍ରବାହ ଏତେ ପ୍ରଖର ଯେ, ତାହା ଛନ୍ଦ ବନ୍ଧ ଭାଙ୍ଗି ମତୁଆଲା ହୋଇ ଧାଇଁଛି ଅନନ୍ତ ମୁକ୍ତି ପଥରେ । ଆମ ସାହିତ୍ୟରେ କବି ଗୋଟାଏ ନୂତନ ପ୍ରେରଣା ଆଣି ପାରିଛନ୍ତି ବୋଲି ମୋର ଧାରଣା ।

ଭଦ୍ରକ
୧।୭।୧୯୪୦

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

---

# ଅଭିମତ

"ସଂଘର୍ଷ" ପାଠ କଲି । ଲେଖକଙ୍କର କଳାକୁଶଳତା ଅଛି । "ଯୌବନ" କବିତାଟି ବିଚିତ୍ର ଗୁମ୍ଫିତ ଗୋଟିଏ କୋଣାର୍କ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭିନ୍ନ ମନୋଭାବ ନୁହେଁ, ଭିନ୍ନ ବେଦନାରେ ଏହି ସଂଘର୍ଷ ଲେଖିବାକୁ ଚେଷ୍ଟା କରାହୋଇଛି । ଜୀବନର ଯେଉଁ ଦିଗରେ ବେଦନା, ଦୈନ୍ୟ, ଅବସାଦ, ସେହି ଦିଗରେ ଦୃଷ୍ଟିକୁ ଜାଗ୍ରତ କରି ସହାନୁଭୂତିରେ ଭରି ଏହି କବିତାମାନ ଲେଖା ହୋଇଅଛି । କବିତା ହିସାବରେ ଏଥିରେ ଭାବ ଅଛି, ଭାଷା ଅଛି; କିନ୍ତୁ ସମସ୍ତଙ୍କର ମନଃପୂତ ହେବାଭଳି ଅଭିରୁଚି ଏଥିରେ ନାହିଁ । ଏହିଠାରେ ହିଁ ସଂଘର୍ଷ । ମୁଁ ଏହି ଜାତୀୟ କବିତାକୁ ମନର ସ୍ୱାଧୀନ ସୃଷ୍ଟିର ରଚନା ବୋଲି ସମାଦର କରିପାରେଁ, କିନ୍ତୁ ଅର୍ବାଚୀନର ଏ ସାହସକୁ ପ୍ରାଚୀନ ମୋର ହୃଦୟ ସମର୍ଥନ ହୋଇପାରୁ ନାହିଁ । ପୁସ୍ତକଟିରେ ନବଭାବ ଅଛି; ଏହା ହିଁ ଏହାର ସରସତା । ମୁଁ ଲେଖକଙ୍କର ଉନ୍ନତି କାମନା କରେଁ । ସମାଜ-ପ୍ରିୟ ସମାଜର ମଙ୍ଗଳ କାଙ୍କ୍ଷେ ସବୁ କରେ । ତାର କଳାସୃଷ୍ଟି ଏହାକୁ ଲକ୍ଷ୍ୟ କରେ । ଲେଖକ ଶୂନ୍ୟ ଆକାଶରେ ମୁକ୍ତ ବିହଙ୍ଗମ ପରି ବିଚରଣ କରିବାର ଆନନ୍ଦ ଚାହାନ୍ତି । ସେଥିରୁ ମୁଁ କାହିଁକି ବଞ୍ଚିତ କରିବି ? ମୁକ୍ତ ବିହଙ୍ଗର ଦୂର ଉଡ୍ଡୟନ ସମୟ ସମୟରେ ମର୍ତ୍ତ୍ୟର ଯାତ୍ରୀକୁ ସେହି ଦୂର ଦେଶକୁ ଇଙ୍ଗିତ କରେ, ଆହ୍ୱାନ କରେ, ଜାଣିବାକୁ ଚେଷ୍ଟା କରେ । କିନ୍ତୁ ମାନବ ପାରେ ନାହିଁ ଉଡ଼ିବାକୁ । ସମାଜ ବାଧାଦିଏ । ବାଧାରେ ବିଧି ଅଛି । ଲେଖକ ଏହା ମାନିବାକୁ ଚାହାନ୍ତି ନାହିଁ । ଅବଶ୍ୟ କେତେକ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ମସୀ ଅସି ଚାଳନା କରିବା ଦରକାର - ତା ବୋଲି କି ମଙ୍ଗଳ ଯାହା, ଯାହା ସଂଯମ ସାପେକ୍ଷ, ତାକୁ ବୃଥା ବ୍ୟର୍ଥ ବିଧିନିଷେଧ ଭାବି ଭାଙ୍ଗିବାର ପ୍ରୟାସ ସନାତନ ମନେ ହୁଏ ନାହିଁ । ତଥାପି ଏ ପୁସ୍ତକ ପ୍ରକାଶରେ ବାଧା ଦେବାକୁ ଚାହେଁ ନାହିଁ, କାରଣ ଏଥିରେ ଚାରୁକଳା ସୃଷ୍ଟିର ଅଭାବ ନାହିଁ ।

କ୍ୟାମ୍ପ ଭଦ୍ରକ
୧୫।୮।୧୯୪୦

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ
(ଭାରତ ସେବକ ସମିତିର ସଦସ୍ୟ)

## ସଜୀବ ଓ ସତେଜ କବିତା

### ସଚ୍ଚିଦାନନ୍ଦ ରାଉତରାୟଙ୍କ ମନ୍ତବ୍ୟ

### ଆରତି : ମାସିକ ପତ୍ରିକା / ପ୍ରଥମ ବର୍ଷ / ଦଶମ ସଂଖ୍ୟା: ୧୩୪୮ ସାଲ (୧୯୪୧)ର ନବପୁସ୍ତିକା ବିଭାଗରେ "ସଂଘର୍ଷ" ପାଇଁ ଅଭିମତ

"ସଂଘର୍ଷ" କେତୋଟି ଖଣ୍ଡ କବିତାର ସମଷ୍ଟି । ଲେଖକ ଉଦୀୟମାନ କବିତା-ଲେଖକ ଶ୍ରୀ ରଜନୀକାନ୍ତ ଦାସ । ଭଦ୍ରକ ଥାନା ଅନ୍ତର୍ଗତ ଜଗନ୍ନାଥ ସାହିତ୍ୟ ସମିତି ପୁସ୍ତକଟିର ପ୍ରକାଶକ । ପୁସ୍ତକଟିରେ ଲେଖକଙ୍କର ଉଗ୍ର ସଂସ୍କାରପନ୍ଥୀ ଆଭିମୁଖ୍ୟର ଯଥେଷ୍ଟ ସୂଚନା ମିଳୁଛି । ଲେଖକ ପରିବର୍ତ୍ତନବାଦୀ କିନ୍ତୁ ବିପ୍ଳବବାଦୀ ନୁହନ୍ତି । ପ୍ରଚଳିତ ସମାଜ ଢାଞ୍ଚାର ସେ କେତେକ ସଂସ୍କାର ବା ପରିବର୍ତ୍ତନ ଚାହାନ୍ତି । ପରିବର୍ତ୍ତନ ଯେଉଁଠି ଆମୂଳଚୂଳ ହବାପାଇଁ ଅଭିପ୍ରେତ ଏବଂ ଐତିହାସିକ ବିଶ୍ଳେଷଣ ଉପରେ ପ୍ରତିଷ୍ଠିତ; ସେଠାରେ ତାହା ବୈପ୍ଳବିକ କିମ୍ବା ଅନ୍ୟଭାବରେ ବୈଜ୍ଞାନିକ । ଲେଖକ ପ୍ରଚଳିତ ସମାଜ ଅନୁଷ୍ଠାନକୁ ଉଦ୍ଭେଦକାରୀ ବୈଜ୍ଞାନିକ କାରଣ ତଥା ପରିଣତି ଦିଗରୁ ଦେଖି ନ ଥିଲେ ମଧ୍ୟ, ଏହାର ଯେଉଁ ଅବର୍ଯ୍ୟତା ଯେତେବେଳେ ତାଙ୍କ ଆଖି ଆଗରେ ଦେଖାଦେଉଛି, ତାହାକୁ ସେ ଆକ୍ରମଣ ନ କରି ଛାଡ଼ି ନାହାନ୍ତି । ଲେଖକ ନିଜର ପରିସ୍ଥିତି ସହିତ ତାଙ୍କର ଉଗ୍ର ଆଦର୍ଶର ଆପୋଷ କରିବାକୁ ଯାଇ, ଭାବାକରି ଠାଏ ଠାଏ ଗୁପ୍ତ ଓ କ୍ଲିଷ୍ଟ ହୋଇ ପଡ଼ିଛନ୍ତି, ବୋଲି ତୀକ୍ଷ୍ଣ ସମାଲୋଚକ ଆଖିରେ ଧରା ପଡ଼ିଯିବ । ଲେଖକଙ୍କର ଏହି ସଚେତନ ପ୍ରୟୋଗ ତାଙ୍କ ଭାଷା ଓ ଭାବର ଅଚେତନ କ୍ଲିଷ୍ଟତା ଓ ମନ୍ଥରତା ପାଇଁ ମୁଖ୍ୟତଃ ଦାୟୀ । ଲେଖକ ବ୍ୟକ୍ତି ସ୍ୱାତନ୍ତ୍ର୍ୟ *(individualism)* ର ପୂର୍ଣ୍ଣ ଅଭିବ୍ୟକ୍ତି ଚାହାନ୍ତି । ଲେଖକଙ୍କ ଚିନ୍ତାରେ ଦୃଢ଼ତା ଓ ଗଭୀର ବ୍ୟଞ୍ଜନା ଅଛି । ଓଡ଼ିଆ ସାହିତ୍ୟରେ ଯେ କଳ୍ପନା ସର୍ବସ୍ୱ ରୋମାଣ୍ଟିକ ଯୁଗର ଜନ୍ମମୃତ୍ୟୁ ଘଟୁଛି, ଏ ବିଷୟରେ ସଂଘର୍ଷ ଆଉ ଏକ ନିର୍ଭୀକ ଉଦାହରଣ । ଆମର ବାସ୍ତବତାକୁ ଆମେ ଉପରଠାଉରିଆ ହେଲେ ମଧ୍ୟ ମୁହାଁମୁହିଁ ଦେଖିବାର ସାହସ ଓ ଯୋଗ୍ୟତା ଯେ କ୍ରମେ ଅର୍ଜନ କରିଛୁଁ, ତାହା ଏହି ବହିଟିରୁ ପ୍ରମାଣିତ ହେବ । ଏପରି କବିତ୍ୱ ଲେଖା ଏ ଯୁଗରେ ଯେତେ ପ୍ରକାଶିତ ହୁଏ, ସେତେ ଏ ଦେଶର ମାନସିକ ସ୍ୱାସ୍ଥ୍ୟ ପକ୍ଷରେ ମଙ୍ଗଳ । ଲେଖକଙ୍କର ଭାଷା ଅନେକ ଜାଗାରେ ତାଙ୍କର ଶକ୍ତିଶାଳୀ ଚିନ୍ତାର ଉପଯୁକ୍ତ ହୋଇ ପାରିନି । ଅଭ୍ୟାସ ବଢ଼ିଲେ ଭବିଷ୍ୟତରେ ଲେଖକଙ୍କର ଭାଷା ଯେ ଅଧିକ ମସୃଣ ଓ ସ୍ୱାଭାବିକ ହୋଇ ପାରିବ, ଏହା ଆଶା କରିବାର ଯଥେଷ୍ଟ ଉପାଦାନ ଲେଖକଙ୍କର ଏହି ପ୍ରଥମ ବହିରୁ ମିଳୁଛି । ଲେଖକଙ୍କର ଆକ୍ରମଣାତ୍ମକ ଆଶାବାଦିତା *(militant optimism)* ପ୍ରଚଳିତ ସମାଜ ବ୍ୟବସ୍ଥାର ଅନ୍ତର୍ଗତ ସଂସ୍କାର ସମ୍ୟକ୍ ଉଚ୍ଛେଦ ସାଧନ କରି ତାଙ୍କର ବୈପ୍ଳବିକ ସୃଜନ ପିପାସା ଏ ଦେଶର ନବ ସାହିତ୍ୟିକମାନଙ୍କୁ ପ୍ରଚୁର ପରିମାଣରେ ପ୍ରଭାବିତ କରୁ, ଏହାହିଁ ଏକମାତ୍ର କାମନା । ଲେଖକଙ୍କଠାରୁ ଦେଶ ଆହୁରି ଅନେକ ଏପରି ସଜୀବ ଓ ସତେଜ ଲେଖା ଆଶା କରେ ।

-ସଚ୍ଚିଦାନନ୍ଦ ରାଉତରାୟ

---

## The Indian P.E.N., ମାର୍ଚ୍ଚ, ୧୯୪୧ ମସିହା ସଂଖ୍ୟାରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର "ସଂଘର୍ଷ" ସଂପର୍କରେ ମନ୍ତବ୍ୟ :

Sangharsa (The Struggle). Oriya poems by Shri Rajanikanta Das. (Jagannath Sahitya Samiti, Bhadrak. As. 8)

The author belongs to the modern group of Oriya poets who are striving with the pen to revolutionise the existing order of human society and who sing the song of liberty, fraternity and equality. The poems "Love and Sin", "Immorality", "In the Hour of Tempest", "Trumpet of Satan" and "Democracy" are particularly interesting for their powerful expressions and thought-provoking ideas.

-K.C.P.

# ଆମୁଖ

*What blurt is this about virtue and about vice ?*

*Evil propels me and reform of evil propels me.*
*I stand indifferent.*

*My gait is no fault-finder's or rejector's gait.*

*I moisten the roots of all that has grown.*

*- Oscar Wild*

# ବ୍ୟଭିଚାରର ପୂଜା

ଦୁନିଆରେ ବାଜେ ତୋ ନାମର ଶିଙ୍ଗା କଳଙ୍କ-ବାଜା,
ମୋ' ପ୍ରାଣ-ମନ୍ଦିରେ ତୋ' ପାଇଁ ଫୁଲର ଆସନ ସଜା ।

ନୀତିବାଦୀ ସିନା ତୋ' ମୁଖ ଦେଖିଲେ ଗଣନ୍ତି ପାପ,
ତୋ' ସ୍ତବ ନ ଶୁଣି ମୁହୂର୍ତ୍ତେ ଚଳିବ ମୋ' ଅଭିଶାପ !!

ଭୟ ନାହିଁ ଯଦି ସମାଜ ଗାଉଛି ତୋ' ଅପକୀର୍ତ୍ତି,
ମୋ' ଚିତ୍ତ-ପୁସ୍ତକେ ତୋ' ପଦବୀ ସହୀ, 'ସତୀ-ସାବିତ୍ରୀ' ।

ଲକ୍ଷ ନିନ୍ଦା ଗାଉ ସମାଜ ପଢେ ତୋ' ରୀତି ନୀତିର,
ସମାଜ କଥାରେ ନର୍ଦ୍ଦମା, ପରା ମୋ' ଦେବ ମନ୍ଦିର ।

ମାନେ ନାହିଁ ମୁଁ ସେ' ପୁରାଣ ପୋଥିର ବନ୍ଧା-ନିୟମ,
ସ୍ୱାର୍ଥ-ସେବକର ଗଠିତ-ସ୍ୱାର୍ଥ ସେ' ତହିଁ କି କାମ ?

ବାରମାସ ମାନି ନୀତି ପୁରାଣର କାଟିବା ଦିନ
ଆପଣା ମନର ଉଚ୍ଚ ଏ ଭାବକୁ କରି ଦମନ,

ଆପଣା ପ୍ରବୃତ୍ତି ଆପଣା ବୁଭୁକ୍ଷା କରି ବିଧ୍ୱସ୍ତ
ପର ମନା ମାନି "ମଣିଷ" ହେବାକୁ ନୋହେ ମୋ ମତ !!

# ବନ୍ଦନା

ଝଡ଼ର ରୋଳେ ଯେବେ ଗାଇଲୁ,
ନାରୀ ଗୋ ! ବିପ୍ଳବର ବାରତା-
ଆପଣା 'କ୍ଷୁଧା' ତଳେ ନଇଁନା
ଦୃପ୍ତ ସମାଜର କରତା !!
ନ ହୋଇ ପରଭୁକ୍ତା 'ଦ୍ରୌପଦୀ'
ଆପଣା ମନେ ହେଲୁ "ଶ୍ରୀରାଧା",
ନମାନି ସତ ଚିରାଚରିତ,
ଅସତ ବନେ ହେଲୁ ଆରାଧା ।

ଆପଣା ପଥେ ଦମ୍ଭେ ଚାଲିଲୁ
ଲକ୍ଷ ମନା ଡିଙ୍ଗି ପଦରେ,
ଦୁନିଆ ଲାଳସାକୁ ନ ବିକି
ଆପଣା ନାରୀପଣ ସାଧରେ ।
ଜାଗିଲା ‘ସ୍ୱ’ତ୍ୱ ତୋ’ ନାରୀ ଗୋ
ଶ୍ରେଷ୍ଠ ଏହି ମାନବିକତା...
ତା’ ପଦେ ମଥା ମୋର ଲୋଟଇ
ଭକତି ବିନୟରେ ଏକତା ।
ସତୀ, ହେ ଆଦରଣୀ ବନ୍ଦେ ଗୋ
ଲଭିବି ପ୍ରଣୟର ବିହାର,
ବନ୍ଦୀ ସମ ମୁହିଁ ରହିବି
ଅମର ସ୍ମୃତି ଆଜି ତାହାର ।।

# ବିପଥୁଁ...

ସୁପଥରେ ଚାଲି ଚାଲି...
ଯାହାର ଚରଣ ଚିହ୍ନ ଦର୍ଶନ ନ ପାଏ ଦିନେ,
ଅପଥରେ ଯଦି ଆଜି ତା’ ସଙ୍ଗ ଲଭିଲି ।
ନୀତି ବାକ୍ୟ ଯଦି ସେଥୁ ନ ଯାଚିଲା ପ୍ରଥମ ଯୌବନ,
ବ୍ୟଭିଚାର ଅନୁସରି ଆଜି ତା’ର ପାଇଲି ଚୁମ୍ବନ,
ପୁଣ୍ୟ-ପଥେ ନିର୍ବାଣ ଯେ କଲା-
ପାପର ପଙ୍କିଳ ପୁରେ ଯେବେ ତା’ର ସନ୍ନିଧାନ ହେଲା ।
ଆଲୋକରେ ଯାକୁ ଲୋଡ଼ି, କାନ୍ଦୁଥିଲି କୁରରୀର ସମ,
ଅନ୍ଧକାରେ ଆପେ ଯଦି ଆସିଲା ସେ’ ମୋ’ ଭାଗ୍ୟ ପରମ ।
ଘୃଣା ପଥେ ଯଦି ସେଥୁ ଯାଚି ଦେଲା ତା’ ପ୍ରଣୟ-ହାର,
କଳଙ୍କର ସାଥେ ଯଦି କରି ନେଲା ସାଦରେ ବିହାର,
ଲୋକ ନିନ୍ଦା ତୀବ୍ର କଶା ସହି-
ମୋ’ର ପାଇଁ ‘ବେଶ୍ୟାଦ୍ୱାରେ’ ଯେ ବସିଲା,
ଆଜି ତା’ର ବନ୍ଦନା ରଚଇଁ ।
ତାହାରି ନାରୀତ୍ୱ ପଦେ ରେଣୁ ସମ
ପୌରୁଷ ମୋ’ ଲୋଟିବାକୁ ଝୁରେ,
ଚରଚିତ ମୁହିଁ ଆଜି ସେ ଯେଣୁ, ‘ଚରିତ୍ର ହୀନା’
ତା’ ପ୍ରେମିକ ପଣେ ମୋତେ ନିର୍ବାଣ ନ କରେ ।

# ପ୍ରେମ ଓ ପାପ

ଭଲ ପାଉଥିଲି ଯେତେ, ଖାଲି ଦକ୍ଷା,
ତାହା ଯେଣୁ ନିୟମ ସୃଷ୍ଟିତ,
ଭଲ ପାଇବାରେ ଯଦି ଥିଲା 'ପାପ'
ସତୀ, ସେ ମୋ' ବାହାର ଦୃଷ୍ଟିର ।
ସ୍ନେହ ପାଶେ ନୀତିର ସମ୍ପର୍କ,
ଥିଲା ଯେଣୁ ଜାଣି ମୁଁ ନଥିଲି,
ସମାଜର ଅନୁମତି, ସମାନ ହୃଦୟ
ନ ଚାହିଁଲା; ଦ୍ୱାର ଦେଲି କିଳି ।
ଦୁଇଟି ପ୍ରାଣର ଯେଉଁ ଆକର୍ଷଣ,
ତାହା କି ଗୋ ଲଜ୍ଜାର ବାରତା,
ଦୁଇଟି ବକ୍ଷର ଯେଉଁ ଭାବୋନ୍ମାଦ,
ସଙ୍ଗମ ତା' ଘୃଣା-ବର୍ବରତା ?
କିଏ ଯା କହିଲା-?
ଲୁହା ଚୁମ୍ବକର ଯେଉଁ ସମ୍ପର୍କ ଗୋ
କେବେ ତାହା 'ବ୍ୟଭିଚାର' ହେଲା ?
ସ୍ୱାଭାବିକ ନିମ୍ନଗତି ତଟିନୀ କି ବିପଥ-ଚାରିଣୀ ?
ସହକାର ପାଶେ କିପାଁ ମାଧବିକା ଚିର ଭିକାରୁଣୀ ?

# ଅନୀତି

ମୋଥିରି ନିର୍ଦ୍ଦେଶେ ଆଜି ଆଗତରେ ବେଶ୍ୟାଙ୍କର ପଦେ-
ଶ୍ରଦ୍ଧାଞ୍ଜଳି ଦେଲା ସେ' 'ସାବିତ୍ରୀ',
ବନ୍ଧା 'ନାରୀତ୍ୱ'ରେ ଦେଖି ଯେ ବରିଲା ମୁକ୍ତ 'ବ୍ୟଭିଚାରେ'
ସେ' ମୋ' ପୂଜ୍ୟା-ସେହି ମହାସତୀ !!!
'ପରର' ବଇଁଶୀ ସ୍ୱନେ ଧାଇଁଲା ଯେ ଭାନୁ-ଦିନୀ ସମ-
ବକ୍ଷ-ତଟ୍ଟ ମଣି ମୋର ପିତା,
ଆପଣାର ତ୍ରୁଟି ବୋଲି ଯେ ଛାଡ଼ିଲା ପତି ବାହୁ-ବନ୍ଧା-
ସେ' ମୋ' ନାରୀ-ପତିବ୍ରତା ସୀତା ।
ଗୁରୁଜନ ଆଜ୍ଞା ମାନି ଯେ 'ଦ୍ରୌପଦୀ' ଆପଣା ନାରୀତ୍ୱ
ପଞ୍ଚ ମଧ୍ୟେ ନ କଲା ବଣ୍ଟରା,
ସମାଜର ରଙ୍ଗ ଚୋବା, ଲୋକ ନିନ୍ଦା ତୀବ୍ର କଷାଘାତ,
ନ ମାନିଛି ଯେ 'ରାଧା' ସେ ବୀରା ।।

# ବ୍ୟଥାର ଦୃଷ୍ଟି

ତୁମେ ଯହିଁ ଦେଖ          ଫୁଟିଲା କୁସୁମେ-
          ରୂପର ସୁଷମା ଗନ୍ଧ ଭରା-
ମୁଁ ଦେଖେ ତାହାରି          ଗୋପନ ଗରଭେ
          କୀଟର ଦଂଶନ ବିଷ ଜ୍ୱାଳା ।।
ତୁମେ ଯହିଁ ପାଅ          ମଳୟ ହିଲ୍ଲୋଳେ
          ଲବଣୀ-କୋମଳ ମଧୁ ସ୍ପର୍ଶ,
ମୋ' ଅନୁଭବକୁ          ତହିଁ ଆସେ ସହା,
          ବୈଶାଖୀ ମଧ୍ୟାହ୍ନ ରୌଦ୍ର ତ୍ରାସ ।।
ତୁମେ ଯହିଁ ଦେଖ          ଚଞ୍ଚଳ ରୂପସୀ
          ବଦନେ ହାସ୍ୟର ମଧୁ ଧାର,
ମୁଁ ଦେଖେ ତା' ହୃଦେ          ତୀବ୍ର ବିଦହନ
          ମରମେ ଧ୍ୱଂସର ହାହାକାର ।।
ତୁମେ ସିନା ଦେଖ          ବୀଣାର ନିସ୍ୱନେ,
          ମଧୁର ମୂର୍ଚ୍ଛନା ପୁରବୀର,
ମୋ' ବୁକୁରେ ଉଠେ          ମନ୍ଦ୍ରେ ଆରାବି
          ଦୈନ୍ୟ ଯାତନା ଜର୍ଜର !
ଶରତ ନିଶୀଥେ          ଶୁଭ୍ର ସୁବିମଳ
          ଚନ୍ଦ୍ରିକା ଯେବେନେ ଧୀର ସ୍ଥିର,
ତୁମେ କିସ ଭାବ,          ମୁଁ ଭାବେ ଦୁନିଆ
          ଶୟତାନୀ ମାୟାର ଖେଳ ଘର ।

# ପ୍ରାଣର କବିତା

କି ବ୍ୟଥା ଗାଉଛି ଆଜି ସଖା ମୋର !
          ଜିହ୍ୱା ମୋର ପାରିଛି କହି ?
ରକ୍ତ ମାଂସ ଦେହ ଧରି - ଦୟା ପ୍ରୀତି ହୃଦେ ଭରି .
          ବୁଝିବ କି ତୁମେ ?
          -ପ୍ରାଣ ତୁମ ନୋହିବ କି ଦାହୀ ?

ତରଳି ପଡ଼ିବ ନି'କି ଦରଦୀ ହୃଦୟ ତମ,
          ଏ ବିଷାଦ ଦୀର୍ଘ ଶ୍ୱାସେ ମୋର,
ପାଷାଣବା ବକ୍ଷ ଧରି ନିଶ୍ଚଳ ରହିବ;
          ଧୈର୍ଯ୍ୟ କାହିଁ ମାନବ ଶିଶୁର ?

ଏ' ଆହତ ବୁକୁ ତଳେ ବାଷ୍ପ ଶତ ଆଶା,
'ଭ୍ରୂଣ' ବୋଲି ମୋଡୁଛି ମୁଁ ଗଳା ଯାହାଙ୍କର
ତନ୍ତ୍ରୀରେ ତନ୍ତ୍ରୀରେ ଉଠେ ଯେ' ଗୀତ ମୂର୍ଚ୍ଛନା
କର୍ଣ୍ଣେ ହସ୍ତ ଦିଏ ମୁଁ ବଧିର !!
ଜିହ୍ୱା ଚିପି ରୋକି ଦିଏଁ ସକଳ ଆକାଂକ୍ଷା
ପାପ କଥା ନ ଶୁଣୁ ତା' ପର !!
ଅତୀତର ଶିଳା ତଳେ ରଖିଛି ଯେ କ୍ଷୁବ୍ଧ ପ୍ରାଣ ଚାପି
ତା ବିକଳ ସ୍ୱର ଆଜି ବାୟୁ ଆଣେ ବହି,
'ଗଲା' ପଥେ ଯା' ଛାଡ଼ିଛି, ଆସିବାର ପଥେ
ତାହା ଲାଗି ରହୁ କାହିଁ ପାଖେଁ ?
କୈଶୋରର ଅଜ୍ଞତାରେ ଦିନେ...
ପଥ ପ୍ରାନ୍ତୁ ଭେଟିଥିଲି ଯେ କୁସୁମ ମାଳ
ସ୍ନେହେ ଯା'ଙ୍କୁ ପିନ୍ଧିଥିଲି ଗଳେ
ଛି, ଛି ବୋଲି ପିଟି ଦେଲେ ମୋ' ହସ୍ତୁ ଛଡ଼ାଇ,
'ପ୍ରିୟ ଗୁରୁଜନେ' ମୋର ତଳେ

ଆଜି ତାର ମାୟା ଆସି, ପଦେ କିଆଁ ଛନ୍ଦିହୁଏ ମୋର ?
ଅନ୍ତରେ କରୁଣେ ଆଜି ଉଠଇ ଆରୋବି
କ୍ରନ୍ଦନ ସେ ଦଳିତ ପୁଷ୍ପର !!

କାନ ମୂନ୍ଦେ କହେ କେ ତା' ବାଣୀ
ଉଚ୍ଛୃଙ୍ଖଳ ହୋଇ ଉଠେ ହୃଦ ମୋର ସେ ଚିତ୍କାର ଶୁଣି !!
ପ୍ରାଣେ ତେଣେ ଉଠେ ଅଭିଯୋଗ
ଫେରି ପାଇବାକୁ ହେବ ସେ' ଅତୀତ
ମିଳନର ଭୋଗ ।

ନୀତିର ଶାସନ ତେଣୁ ମାନେନା ମୋ' ଯଉବନ
ଚିର ଉଚ୍ଛୃଙ୍ଖଳ;
ପରର ଆଦେଶେ ଆଉ ଧୂଳିସାତ ନକରିବି,
ନିଜ ହସ୍ତେ ନିଜ ଖେଳଘର ।

ରକ୍ତରେ ରକ୍ତରେ ଆଜି ଉଠେ ମୋର ବିପ୍ଳବର ଢେଉ
ପ୍ରାଣେ ଉଠେ ରୁଦ୍ର ଅଟ୍ଟହାସ,

ରାତ୍ରିର ପୁଲିନେ ଆଜି ଶାନ୍ତି-ଶାୟୀ ମୂର୍ତ୍ତି
ଦିବସର ତନ୍ଦ୍ରେ ନାହିଁ ଆଶ !!

ଝଡ଼ର ଝଙ୍କାରେ ଆଜି
ପ୍ରାଣ ମୋର କରେ ସହଯୋଗ,
ହୃଦୟର ଦଗ୍ଧ ଅଣଚାଣ-
ଧରେ କିବା ବାତ୍ୟାଠାରୁ ବେଗ !
ଜୀବନର ଦୈନ୍ୟ ଅପମାନ
ସାଥେ ମୋର ନିଜର କଷଣ,
ମେଳ ବାନ୍ଧି ଅଭିଯାନ ରଚିବାକୁ ଚାହେଁ,
ବାଧା ଦଳି ହୁଏ ଆଗୁଆନ୍ !!

ତେଣୁ ଆଜି ମୁଁ ବିପଥଚାରୀ
'ଅନୀତି'ରେ ପେଶଲ ମୋ' ଅନ୍ତରର ବାର୍ତ୍ତା
ପାପର ମୁଁ ପ୍ରଣୟ ଭିଖାରି !!

ଶାସ୍ତ୍ରର ଆଇନ୍ ମାନି ଆପଣାର ପୌରୁଷରେ ହତ୍ୟା-
କରିବାକୁ ମୁହଁ ଆଜି ନାହିଁ ମାନେ ଯେଣୁ,
ତେଣୁ, ଏ ବାତ୍ୟାର ସାଥେ, ଝଡ଼ର ସଂଧାନେ,
ଉତ୍କର୍ଣ୍ଣ ମୁଁ, ନିଦ୍ରାହୀନ ତେଣୁ !

ଅତୀତ କବରୁ ମୋର,
ଶୁଣେ ଯାର କିଳକ ଚିତ୍କାର,
ତାହାରି ସଂଧାନେ ଆଜି ଧାଇଁଛି ମୁଁ
ଉଦ୍‌ବିଗ୍ନ ମାନସେ-
ବକ୍ଷେ ମୋର ଉତ୍କଣ୍ଠା ଅପାର !!

ନୀରନ୍ଧ୍ର ଏ ନିଶା ବିଭୀଷିକା-
ଘୁମ ଘୁମ ଗର୍ଜେ ମେଘମାଳା -
ବହେ ତେଣେ ପ୍ରଳୟର ବାତ୍ୟା,
ଭଲ୍ଲୁକ ଡାକଇ ଆରେଁ ଛଳ ଦେଖି ବ୍ୟସ୍ତ ତାଳ ନାଡ଼େ,
ଶବାଳୟେ ଶିବାପଲ ଉଠନ୍ତି ଗରଜି-
'ସରିନାହିଁ ଶବୁଁ ଅଛି,
ବୁଝିଲ ଏ ଦାଉ କିଆଁ ଏଡ଼େ' !

।୨୨୦।

'ପ୍ରିୟ' ଷାଡି ହତେ ମୋର, ଡାକନ୍ତି ପଛରୁ -
'ଫେରି ଆ'ରେ ବାୟା ଶୀଘ୍ର ଘରେ ।'
ନୀତିବାଦୀ କହେ ବଡ଼ ଜୋରେ-
'ଏ ଅଶୁଭ ଲଗ୍ନେ ବାବୁ,
ଯାତ୍ରା କାର୍ଯ୍ୟ ନିଷିଦ୍ଧ ବିଧିରେ !

ଫେରିକି ପାରିବି ?
ଦଳିତ, ଲାଞ୍ଛିତ ମୋର ସର୍ବହରା ବନ୍ଧୁ ଯେତେ
ଆସୁଛନ୍ତି ଅନୁସରି ମତେ,
ମୁଁ କିପରି ତାଙ୍କୁ ଛାଡ଼ି ଦେବି ?
ଦେଖେ ସେହି ଆର୍ତ୍ତଲୋକେ
ସକରୁଣ ହୁଏ ବେଳୁବେଳ,
ହୃଦ ମୋର ବହି ହୁଏ
ପ୍ରାଣେ ଫୁଟେ ଅବା ଶତ ଶେଳ,
ଆଗେ ମାଡ଼ି ଚାଲେ ବ୍ୟଗ୍ରପଦେ
ଦୁନିଆର ଶତ ବାଧା ପଦେ ଦଳି
ଯୌବନର ମଦେ !

## ଝଡ଼ର ଲଗ୍ନେ

ଅର୍ଦ୍ଧ ଯାହା ଅନାଦୃତ ଆଜି ତା'ର ରଚେ ମୁଁ ବନ୍ଦନା,
ପରିତ୍ୟକ୍ତ ପାଇଁ ମୋର ପ୍ରାଣେ କିଆଁ ଉଠଇ ମୂର୍ଚ୍ଛନା ।
ଅବହେଳିତର ଦାବି କାନେ କାନେ ଘୋଷିଯାଏ କିଏ,
ଅସମାପିକାର ପାଶେ ଅନ୍ତର ମୋ' ବାରତା ପଠାଏ !
କରଣୀୟ ନୁହେଁ ଯାହା, ତହିଁ ଆଣେ ସାଦରେ ମୋ' ପୁରେ,
ଅକଥା କହିବା ମୋ'ର ତାରେ ପୂଜେ ଷୋଡ଼ଶ ବିଧିରେ ।
ଏ ସଂସାରେ ଯାହା କିଛି ଘୃଣା, କଦର୍ଥନା
ଯାହା କିଛି ପାପ ବ୍ୟଭିଚାର,
ଅମଙ୍ଗଳ ପଦେ ପୂଜେ ଧୂମକେତୁ ମୁଇଁ ଦୁରାଚାର ।

ଅନାଦିରେ ବରି ନିଏ ଶୂକର ମୁଁ କର୍ଦ୍ଦମାକ୍ତ ଦେହ,
କଟୁ କୁଟ ନାଡ଼ି, ଯେତେ ସଇତାନୀ
ସକଳ ମୋ' ଚିରବାଞ୍ଛ ପ୍ରିୟ ।

ଦୁନିଆର ସାବାସକୁ ପାମର ମୁଁ ଦୂରୁ ଜୁହାରଇ,
ସମାଜର ଯାହା 'ପୁଣ୍ୟ' - ପ୍ରତୀକ ତା', ପଦେ ମୁଁ ଫିଙ୍ଗଇ !
ନୀତିବାଦୀ ଯାହା କହେ 'ସତ୍ୟ'
ତହିଁ ଦେଖେ ଭଣ୍ଡାମି ମୁଁ
ମାୟା ତାହା ଛଦ୍ମବେଶୀ ସ୍ୱାର୍ଥ !

ପୁରାଣର ସଂଜ୍ଞାମାନି 'ଶ୍ରୁତିବନ୍ତ' ହେବା ମୁଁ ନ ଚାହେଁ
ସାମାଜିକ 'ଜାତି' ମାନି ବଡ଼ାଇ ନେବାରେ
ମୋର ତାରୁଣ୍ୟ ନ କହେ ।
ଆପଣା ବ୍ୟକ୍ତିତ୍ୱ ଛାଡ଼ି ସମାଜର ଧରାବାଂଧା ଛାଞ୍ଚେ,
ପୌରୁଷର ପଦେ ବାନ୍ଧି ବେଡ଼ି,
ପରର ପାହୁଣ୍ଡ ମାପି ଚାଲିବାରେ ଯେଉଁ ବାହାଦୁରୀ,
ସ୍ଥବିରତା, ଯାଏ ତାକୁ ଏଡ଼ି ।

ତେଣୁ ଆଜି ମୁହିଁ ସ୍ୱେଚ୍ଛାଚାରୀ-
ଆପଣାର ପଥେ ଦମ୍ଭେ ମାଡ଼ି ଚାଲେ
ବାଧା ବିଘ୍ନ ଦଳି ।
ଲୋକମତ ମାନେ ନାହିଁ, ଜାଣେ ନାହିଁ ପଥ ଓ ବିପଥ,
ଲକ୍ଷ୍ୟର ମଦରେ ଆଜି ମତୁଆଳ, ଯାତ୍ରିକ ମୁଁ-
ଗତି ମୋର ପୂର୍ଣ୍ଣ ଅନାୟର ।
ବାଧାର ଭଙ୍ଗିମା ଆଜି ମାନେ ନାହିଁ ମୋ' ତାରୁଣ୍ୟ
ଜନମରେ ଦର୍ପେ ଯାଏଁ ଦଳି
ବାର୍ଦ୍ଧକ୍ୟର ମନ୍ଥରତା ପଦେ ଲୋଟେ
ସ୍ଥବିରତା ପଡ଼ନ୍ତ ମଉଳି ।

ଅଶନିଶ୍ୱାସୀ ମୁଁ ଧାଏଁ କ୍ଷିପ୍ର ମଦେ
ଧ୍ୱାନ୍ତ-ଧୂମ-କେତନ ଉଡ଼ାଇ,
ବକ୍ଷେ ଧରି ବହ୍ନି ତେଜ
ମହାକାଳ ଶିଙ୍ଗା ବାଜେ ବାର ।
ଉତ୍‌କ୍ଷିପ୍ତ ଆଗ୍ନେୟଗିରି
ସମ ଆଜି ଛୁଟେ ମୋର ତେଜ,
ନିଶ୍ୱାସରେ ଝଡ଼ ବହେ
ବାକ୍ୟେ ମୋ'ର ଅଶନିର ବୀର୍ଯ୍ୟ !

ମହାତ୍ରାସ-ଉଲ୍କା ମୁହିଁ ବାତ୍ୟାମଦ୍ୟ ପିଇ ଉଦ୍‌ଭ୍ରାନ୍ତେ...
ମହାକାଳ ସାଥେ ଆଜି ରଚିବି ମୁଁ ରଣର ତାଣ୍ଡବ !
ଧୂର୍ଜଟିର ସାଥେ ଆଜି ହସିବି ମୁଁ ଜଗତ କମ୍ପାଇ,
ଭୈରବ ଚିତ୍କାରେ ଆଜି ହୁଙ୍କାରିବି ଗଗନ ଥରାଇ !
ଧ୍ୱଂସର ମୁଁ ଅଗ୍ରଦୂତ ଚକ୍ଷୁରେ ମୋ' ପ୍ରଳୟର ଦୀପ୍ତି
ହାସ୍ୟରେ ମୋ' ଅମଙ୍ଗଳ -
                    କ୍ରନ୍ଦନରେ ବିନାଶର ଗୀତି !!
ଅନଳ ମୁଁ - ଦହି ଦେବି, ଆଜି ଦେଶ ସାରା-
                    ବନ୍ୟା ମୁହିଁ ପ୍ଲାବିବି ଧରଣୀ,
ମଡ଼କ ମୁଁ, ବିନାଶିବି ଏ ଶ୍ୟାମଳ ସୃଷ୍ଟି,
                    ଭୂ-କମ୍ପ ମୁଁ ଡହ୍ଲାଇବି ପୁଣି ।
ରାହୁ ମୁହିଁ ଗ୍ରାସିବି ଆଲୋକ
ଶନି-ଗ୍ରହ ଉଦିବି ମୁଁ, ଲୋକ ଭାଗ୍ୟେ ଫଳିବ ବିପାକ ।

ଦୁନିଆରେ ଯାହା କିଛି 'କଦର୍ଯ୍ୟ', 'କୁତ୍ସିତ'
                    'ଅନୀତି' ଓ 'ଅନାଚାର' 'ହେୟ',
ସେ ସବୁ ସାଧିବି ମୁହିଁ ସମାଦରେ-
                    ସକଳ ମୋ' ପ୍ରିୟ !
ହତ୍ୟା ଆଉ ଖୁଣି ପାଇଁ ନିଶାରେ ମୁହିଁ ଆତ୍ମହାର-
ରକ୍ତର ଖର୍ପର ଆଜି ଶୂନ୍ୟ ମୋର
                    ହସ୍ତେ ଥରେ ବିଷାଣ କୃପାଣ ।
                    ସୁରା ଆଉ ବାରାଙ୍ଗନା ପାଇଁ
ଉଲଙ୍ଗେ ମୁଁ ଶଯ୍ୟାଶାୟୀ ସଇତାନ, ଦୁଃସ୍ୱପ୍ନ ଦେଖଇ ।

ବକ୍ଷରେ ଅନନ୍ତ କ୍ଷୁଧା, ଅତୃପ୍ତ ମୋ' ସକଳ ଆକାଂକ୍ଷା,
ନିଷ୍ଫଳ ବିଫଳ ମୋର ଶତ ଆଶା-
                    ମାଗିଯାନ୍ତି ନିଜ 'ଦାବି' ଭିକ୍ଷା ।
ମୂକ ମୌନ ଇନ୍ଦ୍ରିୟେ ମୋ' ଉଠିଯାନ୍ତି ତାଙ୍କ ପଟୁଆର
ଶରୀର ମନ୍ଦିରେ ଉଠେ
                    ଜୟଜୟ ଆଦିମ ମନର !!
ଉଗ୍ର ମୋ' ପୌରୁଷ ଦେଖେ ଅସମ୍ଭାଳେ ଛାଡ଼େ ସିଂହ ଗଡ଼ି
ଆହତ ଆତଙ୍କ ମୋ'ର ମାନବତ୍ୱ
                    ହସ୍ତ ପଦୁଁ ଛିଡ଼ାଏ ତା' ବେଡ଼ି !

ମୁକ୍ତିର ନିଶାରେ ଆଜି ମତୁଆଳ
　　　　　　ଅବୟବେ ସଉବେ ମୋହିତ
ଝଡ଼ର ଯୋଗରେ ତାଙ୍କ ଅଭିଯାନ ଭଟିବେ ସେ
　　　　　　ବାତ୍ୟାଧାରେ ଗତି ଭଣି, ତାଳ ।
ଉଲ୍କାବେଗେ ନାଚିବେ ସେ' ତାଣ୍ଡ
　　　　　　ସୌର ତେଜେ ଦହିବେ ଜଗତ,
ଅବହେଳିତର ଯୁଗ ଆସିଛିରେ ଆଜି,
　　　　　　'ଅନାଦୃତ' ହୋଇଛନ୍ତି ଜୀବନ୍ତ !!

# ଆବାହନ

ଖୋଲ ଦ୍ୱାର, ଖୋଲ ଦ୍ୱାର,
　　　　　　ବେଗେ ଦ୍ୱାର ଖୋଲ ଗୋ' ସଜନୀ
ମୁକ୍ତ ଏ ମାନବତାରେ
　　　　　　ବରି ନିଅ ଆଜି ଗୋ' ରଜନୀ !
ରକ୍ତ ଏ ପୌରୁଷ ପଦେ
　　　　　　ଅତି ସ୍ନେହେ ଅର୍ଘ୍ୟ ତୁମ ଦିଅ,
ପାତକଙ୍କୁ କୋଳକରି,
　　　　　　'ସତୀତ୍ୱ'କୁ ଭାଗୁ ତଳେ ଥୁଅ !

ଜନନୀଙ୍କୁ ଆଦର ଖୋ,
　　　　　　ଚରିତ୍ରରେ ବୋଳି ଦିଅ କାଳି,
ନୀତିବାଦୀ ସୀମା ବାଧା ଏଡ଼ି
　　　　　　ମୁକ୍ତ ପୁରେ ଆସ ଚଳି ।
ଆଲୋକର କାରା ତେଜି,
　　　　　　ମୁକ୍ତିର ଏ ଅନ୍ଧାର ପ୍ରାନ୍ତରେ,
ଗୃହିଣୀର ସୀମା ଡେଇଁ
　　　　　　ଆଗୋ 'ବେଶ୍ୟା' ଚଳ ସମାଦରେ ।

ତୁମେ ଆଗୋ ଝଡ଼ର ବନିତା-
ତୁମକୁ ଡାକୁଛି ଏଇ ଯୁଗ ପରା-
　　　　　　ତୁମେ ତା' କବିତା !!

ତୁମେ ପରା 'ଅସତୀ' ଗୋ
ଦେବଥାଳେ ନାହିଁ ତୁମ ଥାନ,
ତୁମ ପାଇଁ ସତୀ ଏଇ ଅାଖଡ଼ା ଗୋ,
ତାଉ ତୁଲେ କାଟିବାକୁ ଦିନ ।
ମନ୍ଦିରର ବନ୍ଧାଗତ, ଆଇନ୍ କାନୁନ୍
ନିୟନ୍ତ୍ରିତ ବିଧିବଦ୍ଧ ଗତି,
କଥା କଥାକରେ ଯହିଁ ଜଗିଛନ୍ତି
ଧର୍ମ ଆଉ ସମାଜ ଓ ଜାତି
ସେ' ସବୁଗୋ' ତୁମ ଲାଗି ନୁହେଁ
ଭିତରର ପଶୁ ସେଇ
ବାହାରକୁ ଦେବତା ବୋଲାଏ !!!

ତାହାରି ନୀତିରେ ଯଦି
ତୁମେ ଆଜି 'ଦୁଶ୍ଚରିତ୍ରା' ହୁଅ,
ହେଲେ ହେଉ ତାହା ପଛେ,
ସେ ପଦବୀ ସ୍ନେହେ ବରିନିଅ !
କଳଙ୍କର ଟିକା ପିନ୍ଧି ସାଦରେ ଗୋ !
ସେ ମନ୍ଦିରୁ ହୁଅ ଆଗଭର,
ତୁମପାଇଁ ଏଇ ଖଟି, ଏଇ ଆଡ୍ଡା
ତାକୁ ଆଜି ଘୃଣାରେ ନ ଧର !

ସମାଜର 'ଶ୍ରୀରାଧା' ଗୋ
ନୁହ ପଛେ 'ଜଟିଳା', 'କୁଟିଳା'
ମୁକ୍ତ ଏଇ ବ୍ୟଭିଚାରେ ବରିନିଅ
ନିଷ୍ଠାରେ ଗୋ ବାଉ !
ଏ' ଖଟିର ଆଡ୍ଡାରେ ଗୋ
ଏ ସୈତାନୀ ଆନନ୍ଦ ଭିତରେ,
ମତ ହେବାପାଇଁ ଆଉ ଲଜା କିବା
ଭାବ କି ମନରେ ?
ଏ' ଖଟିର ହାସ୍ୟରେ ଗୋ
ଦଶା କିଛି ନାହିଁ, ସବୁ ମୁକ୍ତ,
ପାପ ଯାହା ପୁଣ୍ୟ ତାହା
ସତ୍ୟ ମିଥ୍ୟା ସମସ୍ଥାନ ଯୁକ୍ତ !

୧୯୭୫।

ଏ ଆନନ୍ଦ ଭାଣ୍ଡାର
ଟିକେ ନାହିଁ ଆଶଙ୍କା ମନରେ,
ସାମାଜିକ ଦାୟିତ୍ୱବାନ୍
ନାକି ଆଖି କାହିଁ କେତେ ଦୂରେ ।
ଆଦିମ ମଣିଷ ମନ
ଏଠି ପରା ଶୀର୍ଷ ସ୍ଥାନ ପାଏ,
'ଧର୍ମ' ନାହିଁ - 'ନୀତି' ନାହିଁ
କୃତ୍ରିମତା ପଦେ ଦଳା ହୁଏ ।

ପାପର ଏ ପୂଜା ଭୂମି
ପୁଣ୍ୟ ପୁଣି ଆଦୃତ ସାଦରେ,
ପବିତ୍ରତା କଳୁଷତା
ସମାଦୃତ ସ୍ୱତନ୍ତ୍ର ବିଧିରେ ।
ଆଗୋ ରୁଦ୍ରା ! ଗୋ' ମଉ ଝଟିକା !
କି ଭାବନା କି ସନ୍ଦେହ
ଦ୍ୱାର ଦେଶେ ହୋଇ ରହ ଥକ୍କା ?

ତୁମକୁ ଡାକୁଛି ପରା ଏ ଆଖଡ଼ା,
ବେଗେ ବେଗେ ଭିତରକୁ ଆସ,
ଗୁଣ୍ଡାମିର ଆଡ୍ଡା ଭୂମି
ମନେ କିଛି ନ ଜନ୍ମାଅ ତ୍ରାସ !!
'ବେଶ୍ୟାର ମନ୍ଦିର' ବୋଲି
ଯଦି କିଛି ଭାବିଛ ମନରେ,
ବିନୟେ କହୁଛି ବନ୍ଧୁ !
ଫେରିଯାଅ - ଯାଅ ଅତି ଦୂରେ !

ସୈତାନୀର ଲୀଳା ଏଠି
ମନେ କିଛି ଆଶଙ୍କା ନ କର,
ପାରିଲେ ଭିତରେ ଆସ
ଅବା ଘେନ ଶେଷ ନମସ୍କାର !

ମାତ୍ର ବନ୍ଧୁ ରଖି ଯାଅ ମନେ
ଆଗାମୀର ରୂପକାର ଏଇ ଆଡ୍ଡା
ସମାଜର ଦିନେ ।

ଏଇ 'ଅରଣ୍ୟ ରୋଦନ'
ଆଜି ଯାହାରେ ପରିହାସ କର,
ତାହାରି ଆଶ୍ରୟେ ଦିନେ
ଇତିହାସେ ହେବ ଯୁଗାନ୍ତର !

# ଦ୍ରୌପଦୀ

ଆଗୋ ଯାଜ୍ଞସେନୀ !
ତୁମରି ପବିତ୍ର ନାମେ ଆଜି ଯେଉଁ କମ୍ପଇ ଅବନୀ,
ତୁମରି ନାରୀତ୍ୱ ନାମେ ହିନ୍ଦୁତ୍ୱର ନମ୍ରେ ଉଚ୍ଚ ଶିର,
ତୁମରି ବନ୍ଦନା ଗାନେ ଶାସ୍ତ୍ର ମୁଖ ଆଜି ତା' ମୁଖର ।।

କୋଟିଏ ହିନ୍ଦୁ ମନ୍ଦିରରେ ଆଜି ରାଜେ ତୁମରି ବ୍ୟକ୍ତିତ୍ୱ,
କୋଟିକଣ୍ଠ ମନ୍ତ୍ରିତରେ ଜୟ ଜୟ ଦ୍ରୌପଦୀ-ସତୀତ୍ୱ
କୋଟିଏ ହିନ୍ଦୁକନ୍ୟା ନତଜାନୁ ବାସ୍ତବର କଣ୍ଠୀ,
ତୁମରି ଆଦର୍ଶ ତଳେ କାନ୍ଦି ଗଢ଼ି ବାଢ଼ନ୍ତି ମିନତି !
ତୁମ ପତିବ୍ରତା ଗାଥା ହିନ୍ଦୁବାଳା ଶିଖେ ବିଦ୍ୟାପୀଠେଁ,
ତୁମ ଆଚରିତ ଧର୍ମ ଆର୍ଯ୍ୟ ବଧୂ ଅନୁସୃତ ବସ୍ତୁ ।।

ପୌରାଣିକା ଆଗୋ ମହାସତୀ,
ମୋହରି ବିଚାରେ ଏକା ତୁମେ ଅଟ ନିଖିଳେ ଅସତୀ !!
ଗୁରୁଜନ ଅନ୍ଧଆଜ୍ଞା ମାନି ଯେହୁ ଆପଣା ନାରୀତ୍ୱ,
ମାଂସସମ କରି ଦେଲ ପାଞ୍ଚ ଭାଗ ନିର୍ବିକାର ଚିତ୍ ।

ସାମାଜିକ ଦୃଷ୍ଟିକୁ ଯେ ଭାଳୁ ସମ ଚଳିଛି ସାଦରେ,
କର୍ଦ୍ଦମକୁ ତାଅଁ ରେଣୁ କରିଲା ଯେ ସମାଜ ବିଧିବଳେ !!
ପୁରାଣକୁ ପୂଜ୍ୟ ବୋଲି ମାନି ନେଲା ପରସ୍ତ୍ରୀ ଲାଗି,
ତାହାରି ବାହାବା ନାମେ ଘୃଣା ନିନ୍ଦା ଉଠେ ମୋର ଲାଗି !

ସେହି ବନ୍ଧା ପୁଣ୍ୟ ଲାଗି,
ସାମାଜିକ ଦେ ସତୀତ୍ୱ ନାମେ,
ମୋହରି ଅନ୍ତରେ କିଆଁ
ତୀବ୍ରେ ଆଜି ଅବସାଦ କନ୍ଦେ ।

।୧୨୨୭।

ମୁରବି ଆଦେଶେ ଯହିଁ ସତ୍ ଭ୍ରମ ସତ୍ୟ ଗଣାହୁଏ,
ସାମାଜିକ ନୀତି ଯହିଁ ପାପକୁ ବି ପୁଣ୍ୟ ବୋଲି କହେ,
ହେଉ ପଛେ ପାପ ତାହା, ବାସ୍ତବରେ ହେଉ ବ୍ୟଭିଚାର,
ପିତୃ ଆଦେଶ ବୋଲି ପବିତ୍ର ଯା' ଘୃଣିତ ପଙ୍କିଳ !!

ମିଥ୍ୟା ପଛେ ସତ୍ୟ ହେବ, ଦିବାହେବ ତାମସୀ ରଜନୀ,
ଧାର୍ମିକର 'ବାକ୍ୟ' ବୋଲି ବିବେକକୁ କରାଗଲା ଖୁନି !

ମନୁଷ୍ୟର ଅଧୋଗତି ସହ୍ୟ ପଛେ ହେବ,
ନ ଟଳିବ ନେତୃତ୍ୱ ବଚନ,
ସଂସାରର ସତ୍ୟ କଲି
ପ୍ରଭୁତ୍ୱର ତରାଜୁ ଓଜନ !

ଆଜି ତେଣୁ ଖୋଜେ ମୋ' ଲେଖଣି,
ସାମାଜିକା ଦ୍ରୌପଦୀଙ୍କୁ, ସତୀ ତଳେ ତେଣୁ ନ ଗଣଇ ।
ତାଙ୍କରି ନାରୀତ୍ୱ ପାଇଁ
ସଦେହେ ମୋ' ଭାଷା ନୀରବିତ,
ବିବେକ ନିଷ୍ଫଳ ଯହିଁ
ସ୍ୱେଚ୍ଛାଚାର ଲଭିଛି ରାଜତ୍ୱ !!!

## ଦେହର ଲୀଳା

ଏ' ଦେହର ଲୀଳା ପାଇଁ ସୃଷ୍ଟି ମୋର
ମୁଇଁ ତା'ର ଦାୟୀ,
ପ୍ରକୃତି ପ୍ରଣୟ ଲାଗି ଲୋଡ଼ା ଯା'ର
ମୁହିଁ ତା' ପ୍ରଣୟୀ ।

ଦେହର ସାଧକ ମୁହିଁ
ଗାଏ ଖାଲି ତାହାରି ବନ୍ଦନା,
ଏ ଦେହର ଚାବି ସ୍ତୋତ୍ର
ଘୋଷିବାକୁ ସୃଷ୍ଟ ଏ ରସନା !!

ଏ ଦେହର ଭକ୍ତି ମୁହିଁ,
ପୁଣି ଏଇ ଆତ୍ମାର ଚାରଣ,
ଇନ୍ଦ୍ରିୟ ପୂଜକ ମୁହିଁ
ତାହାଲାଗି ମୋହରି ଜୀବନ ।

ଏ' ଶରୀର ଅଧିକାରୀ
ମୁହିଁ ପୁଣି ତା'ର ଅନୁଗତ,
ଏ' ଦେହର ସବୁ କ୍ଷୁଧା- ସବୁ ତୃଷ୍ଣା
ମୋ' ପାଖେ ଜୀବନ୍ତ !

ଏ ଦେହର ସବୁ ଦାବି
ମୋର ତୁରେ ସମ୍ମାନ ପାଏ,
ଘୃଣିତ ପବିତ୍ର କିବା
ସକଳ ମୁଁ ସମ ଭାବେ ନିଏ ।
ବୃହତ୍ ସାମାନ୍ୟ ଯାହା
ସମସ୍ତର ସମ ଅଧିକାରୀ,
ମୋର ପାଖେ ମୂଲ୍ୟବାନ୍
ଶରୀରର ସବୁ ଆଶା ଅଛି ॥

ଏ' ଦେହ ପ୍ରେମିକ ମୁହିଁ
ଏ ଇନ୍ଦ୍ରିୟ ପ୍ରଣୟିନୀ ଯେଣୁ,
ସକଳ କର୍ତ୍ତୃତ୍ୱ ତା'ର
ନତ ଶିରେ ମାନି ନିଏ ତେଣୁ ।

ଏ ଦେହକୁ ଭଜେ ଯେବେ
ଏ' ଆତ୍ମାକୁ ଦିଏ ଶ୍ରେଷ୍ଠ ସ୍ଥାନ,
ଏ ଶରୀର ଲୀଳା ଲାଗି
ମୁହିଁ ଆଜି ସର୍ବ-ଶକ୍ତିମାନ୍ ॥

ମୋ ଅଛି ବ୍ୟକ୍ତିତ୍ୱ ସତ୍ୟ,
ମୋ' ବିଚାରେ ମିଥ୍ୟା ଏ ଧରଣୀ,
ତା'ର ଅଭିଯାନ ପାଇଁ
ବାଧା ବନ୍ଧ ନ ପାରୁଛି ଗଣି ॥

ଏ ଶରୀର ଯାତ୍ରା ପାଇଁ
ମାନେ ନାହିଁ ଲୌକିକତା ବାଡ଼,
ସାମାଜିକ ନାସ୍ତି ଲଂଘି
ଧାର୍ମିକର ଭାଙ୍ଗଇ ନିଗଡ଼ !

'ଚିରାଚାର' ମାନେ ନାହିଁ,
ଜାଣେ ନାହିଁ ଶାସନ ପରର,
ମୋଅରି ଜୀବନ ପଥେ
ସଂସାରର ନାହିଁ ଅଧିକାର ।।

ଲୌକିକ "ବାହାବା" ଭିରେ
ଘୃଣା ଭରେ ପାଦଟି ମୋ ଥୁଏ,
ପୌନଃପୁନିକତା ସୀମା
ଦୁନିଆରେ ଡିଙ୍ଗି ମୁଁ ଯାଏ ।।

ମୋ' ବିଚାରେ ମୁହିଁ ଆଗ
ମୋହ ପଙ୍କେ ପଡୁ ସେ' ଧରଣୀ,
ତେଣୁ ହିଁ ପଥର କିଛି ବାଧା ବିଘ୍ନ
ନ ପାରୁଛି ଗଣି ।।

ମୋ' ସୃଷ୍ଟିର ମୁଁ ସମ୍ରାଟ,
ମୋର ଇଚ୍ଛା ଆପଣା ଆଦର୍ଶ,
ଭଗ୍ନ ମୋର ମାନଦଣ୍ଡ
ପରାଜୟ ନ ଲିହିବ ଲେଶ ।।

## ଯୌବନ

ମିଛ ତ କହିଲି,
ସେଦିନ ବନ୍ଧୁ ହେ ମିଥ୍ୟା ତୁମ କଂଠେ ଢାଳିବା ଦୀପାଳି ।
ବାସନ୍ତୀର ମଧୁ-ଲଗ୍ନେ, ଫୁଲ-ହାସେ ଆପଣେ ବିହ୍ୱଳି,
ହୃଦୟର ଅର୍ଘ୍ୟ ଭରି ତୁମ ପୁରେ ବାସର ରଚିଲି ।
ପୁଷ୍ପ-ଚନ୍ଦ୍ର-ଜ୍ୟୋତ୍ସ୍ନା-ଗନ୍ଧ-ମଳୟର ମୃଦୁଳ ହିଲ୍ଲୋଳେ,
କରିଲି ଯେ "ଅଙ୍ଗୀକାର" ଭଜନାର ନିଘଞ୍ଚ ନିରୋଳେ

ରଚିଲି ଯେ 'ପ୍ରେମର କବିତା'
ସ୍ମୃତି ଆଜି ତିଳେ ନାହିଁ ମିଥ୍ୟା କିବା ତାହା ବାସ୍ତବତା ?

ଜୀବନର ଭିନ୍ନ ବ୍ୟଥା ଆଜି ଖାଲି ହୁଏ ଛଟପଟ,
ପ୍ରାଣର ମନ୍ଦିରେ କ୍ଷଣେ ବାଜି ଉଠେ ତାହାରି ସଂଗୀତ ।
ତାହାରି ଗୋ ଅପମାନ, ତାହାରି ଯେ ନିଷ୍ଠୁର ଲାଞ୍ଛନା,
ଦୁନିଆର ନିର୍ଯ୍ୟାତନା ପ୍ରାଣେ ମୋର ଜଗାଏ ଯାତନା ।।

ତେଣୁ ଆସୋ ମୂକ ମୁଁ ବଧୀର
ଜାଣେ ସେ' କୁଟିରେ କେବେ ଗୁଞ୍ଜରେ କି ପୂରବୀର ସ୍ୱର ?
ନିଃସ୍ୱର ଦଳିତ ଶ୍ୱାସ ପତିତର ଆର୍ତ୍ତ ହାହାକାର
ରକତ ଝଙ୍କାରେ ଯହିଁ ସ୍ମୃତିକୋଷେ ପ୍ରଜ୍ୱଳିତ ମୋର
ତହୁଁ ଆଗୋ ତୁମ ନାମ ରାଣୀ !
ନିଷ୍ଠୁରତା ପରାଜୟେ, କାହିଁ କେବୁ ନେଲାଣି ମୋଠାଣି !

କଣ୍ଟକିତ ବନ ପଥେ ତୁମର ଗୋ' ଚାରୁ ପଦ-ଚିହ୍ନ,
ଫୁଲ ଆସ୍ତରଣ ନୁହେଁ, ତାହା ପରା ରୁକ୍ଷ ଶ୍ମଶାନ !!
ଦିନକର ସତ୍ୟ ଯାହା ଆଜି ତାହା ଚିର ଅବିଶ୍ୱାସ,
ଦିନକର ଗର୍ବ ପୁଣି ଆଜି ମହା ଅପମାନେ ହ୍ରାସ ।

ହୁଏତ ବା ହୋଇପାରେ ତୁମ କଥା ସତ୍ୟରେ ଗଣନ,
ଜୀବନର କେଉଁ ଯୋଗେ କାଟିଥିଲି ତୁମ ସାଥେ ଦିନ-
କେତକୀର ଅଗ୍ରମୂନ - ଗୋରଚନା ଲେପପାତ୍ରେ ଦଳି-
ହୁଏତ ମୁଁ ଆଙ୍କିଥିଲି ତୁମ ନାମ "ସ୍ମୃତିର ସଂଖାଳୀ"
ମାତ୍ର ଆଜି, ଅସ୍ୱୀକାର ମୋର-
ତେବେ ସେ ସ୍ମୃତିରେ କହ କିବା ଗୋଡ଼ା କିବା ଅଧିକାର ?

ମୋତେ ତ ଡାକୁଛି ତେଣେ ରୁଗ୍ଣଶିଶୁ ଗଳିତ କଙ୍କାଳ,
ଦୈନ୍ୟର କାତର ବ୍ୟଥା ମୋର ପରା ଆକର୍ଷଣ କର,
ନିଃସ୍ୱ ତା' ଦୁର୍ବଳ କଂଠେ ମୋର ଲାଗି କାନ୍ଦି କାନ୍ଦି ମରେ,
ପୀଡ଼ିତ ଆହତ ସ୍ୱରେ ମୋର ନାମ ଉଚ୍ଚାରଣ କରେ !
ଶୋଷିତ ମୋ' ମୁଖ ଚାହିଁ, ବାରମ୍ବାର ଝରାଉଛି ଲୁହ,
ଏ ସବୁର ପ୍ରତିରୋଧ କେମନ୍ତେ ବା କରିପାରେ କହ ?

ମୋତେ ତ ଡାକୁଛି ଆଗୋ ଶମଶାନ ପ୍ରଳୟ ଅନଳ,
ମରଣର ଲୌହ ହସ୍ତ ଦୃଢ଼େ ମୋର ଆକର୍ଷଇ କର ।
ମୋତେ ତ ଡାକୁଛି ମାଟି, ଶୂନ୍ୟନଭ ଛାଡ଼େ ମହାରଡ଼ି,
ମୋର ରୂପ ଖୋଜି ବୁଲେ ବାୟୁ, ବିଶ୍ୱ ରନ୍ଧ୍ରେ ରନ୍ଧ୍ରେ ରଡ଼ି ।

ମୋତେ ଲୋଡ଼େ ବନଗିରି, ଲୋଡ଼େ ପୁଣି ନଦୀ ଉପତ୍ୟକା,
ପୃଥ୍ୱୀ ତଳେ, ଗିରି ଶୃଙ୍ଗେ ମୋର ପୁଣି ପଡ଼ିଅଛି ଡକା ।
ମୋତେ ଚାହେଁ ଝଡ଼ ବୃଷ୍ଟି, ଚାହେଁ ପୁଣି ରୁଦ୍ର ଘଡ଼ଘଡ଼ି,
ବୈଶାଖର ତତଲା ଝାଞ୍ଜି ମୋ' ଅଙ୍ଗନେ ମରେ କାନ୍ଦି ରଡ଼ି ।
ଶୀତର ଶୀକର ଚାହେଁ - ବସନ୍ତ ତ ଲୋଡ଼େ ନାହିଁ ମୋତେ,
ଏଇତ ମୋ ଜୟ ଟୀକା, ଏଇ ମୋର ପରିଚୟ ସତେ !

ମୋତେ ଚାହେଁ ଧ୍ୱଂସ ପୁଣି ଚାହେଁ ମୋତେ ସୃଜନର ଲୀଳା,
ମୁହିଁ ମହାକାଳ ପୁଣି, ମୋ ଜୀବନ ସୃଷ୍ଟି ଚିତ୍ର-ଶାଳା ।।
ମୁହିଁ ଅଟେ ବଂଶୀ ତାର, ମୋରସ୍ୱରେ ସୃଷ୍ଟିର ରାଗିଣୀ...
ମହାକାଳ ଶିଙ୍ଗା ମୁହିଁ, ମୋ' ଫୁତ୍କାରେ ମୃତ୍ୟୁ ମହାବାଣୀ ।।

ପ୍ରଳୟର ଅଗ୍ରଦୂତ ଅଟେ ପୁଣି ସୃଷ୍ଟି ନଟରାଜ-
ଅଗ୍ନି, ପୁଣି ଶୀକର ମୁଁ, ମୋହ ତୁଳେ ପୃଥିବୀକି ହେଜ ।
ତେଣୁ ଆଗୋ 'କମଳ-କୁମାରୀ'-
ପୁଷ୍ପର କୋମଳ ସୂତ୍ରେ ମୋତେ ତୁମେ ନପାରିବ ଧରି ।
ଗୋଲାପଟି ତୁମେ ରଖ କଣ୍ଟା ତୋଳି ଦିଅ ମୋର କରେ,
ଚନ୍ଦନର ଚିତ୍ର ପୋଛି ରକ୍ତ ଟିକା ଦିଅ ପ୍ରେମ ଭରେ ।
ଆଉ ନୁହେଁ ମୁଁ ଗୋ ଚିତ୍ରକର
'କମଳ-ବିଳାସୀ କବି' ବୋଲି, ବାରେ ନାମ ମୋ' ନଧର ।

ରକ୍ଷ ତ ନୁହେଁ ଆଜି ଧ୍ୱଂସକାରୀ କଂସେର କେବଳ,
ସଙ୍ଗୀତ ମୋ ହୃଦେ ନାହିଁ, ଅଛି ମାତ୍ର ବେଦନାର ରୋଳ ।
ହସ୍ତ ଛାଡ଼ ତେଣୁ ଗୋ ସୁନ୍ଦରୀ !
ପ୍ରଳୟର କମ୍ପନରେ ନାହିଁ ପାରେ ଆଉ ଥୟ ଧରି ।

ବାହୁନି ଲୋଡ଼ଇ ମୋତେ, ଭୋକାମରା କୁଲିର ରମଣୀ,
ରୁଗ୍ଣ ଶିଶୁ କାନ୍ଦି ଉଠେ, କ୍ଷତେ ତାର କୃମୀ ଦଂଶିବେଣୀ;

ନିରନ୍ନ ଶ୍ରମିକ ଯେବେ ମୋ' ଅଭାବେ ପଡ଼େ ତାନ୍ତ୍ର ଝୁରି,
କଳର ମାଲିକ କ୍ରୋଧେ ମୋ' ଉପରେ ଦାନ୍ତ ଘୁଏ ଘୁଣି ।
ସର୍ବହରା ହାହାକାର ଧ୍ୱନି କିବା ଇଙ୍ଗିତ କରଇ,
ନିର୍ଯ୍ୟାତିତ ଖରଶ୍ୱାସ କାନେ ମୋର କିବା ଯାଏ କହି ।
ଚଟକଳ ଶିଶୁ ଭୁଲି ସକରୁଣ ଛଳ ଛଳ ଦୃଷ୍ଟି,
ଏ ସବୁର ବିଭୀଷିକା, ତିକେ ମୁହିଁ ପାରିବି କି ତିଷ୍ଟି ?

ନିଘଞ୍ଚ କାନନ କୋଳେ ଅନାଥିନୀ ଆର୍ତ୍ତ ହାହାକାର,
ମନୁଷ୍ୟତା ଯହିଁ ଖାଲି ଶାସକର ବିଳାସ ସମ୍ଭାର ।
ଭଥାସର ତୁଙ୍ଗ ଶିଖା ମୋତେ କିବା ନିର୍ଦ୍ଦେଶ କରଇ,
ଇତାର ନିର୍ଜ୍ଜୀବ ବକ୍ଷେ, ମୁହିଁ କାର କ୍ରନ୍ଦନ ଶୁଣଇ !
ଶୂନ୍ୟ ଏ କୁଟୀର କହେ, ମୋ'ର କାନେ ଶତ ଅତ୍ୟାଚାର,
ନଦୀର ଲହରୀ ବୋଲେ ଲାଞ୍ଛନାର ମୁହିଁ ସେ ଜବର !!!

ମନୁଷ୍ୟର ବର୍ବରତା ମନୁଷ୍ୟର ହିଂସା ବିବେକ-
ଆଜି ଏ ନଗର ବୁକେ ତୋଳିଛି ତା ନରଘଣ୍ଟୀ ଶିଖ,
ନିସ୍ତବ୍ଧ କୁଟିରରାଜି ଜୀର୍ଣ୍ଣ କେହି ଅବା ଭଗ୍ନ ପ୍ରାୟ,
ସବୁରି ସଂପଦ ଲୁଟି ମନୁଷ୍ୟର ଏ କି ଶେଷ ହାୟ !

ଏ ବାୟୁର ପରମାଣୁ, କହେ ମୋତେ କୁତ୍ସିତ କାହାଣୀ,
ହୃଦୟର ରନ୍ଧ୍ରେ ରନ୍ଧ୍ରେ ଜାଗେ ତେଣୁ ତାର ପ୍ରତିଧ୍ୱାଣୀ !!
ଯାତ୍ରା ଏଣୁ ଥାଣୀ ଶୁଭ ଦିଶେ
ଯୌବନର ଶେଷ ସ୍ନେହ, ରାଣୀ ଆଜି ନେଇ ମୋ' ସହାରେ ।
ଜୀବନର ଶେଷ ଯାମେ ନେତ୍ରେ ତୁମ ଜଳଧାର ଦେଖି,
ସଫଳତା ହେଲ ମୋର ଜୀବନର ଶ୍ରେଷ୍ଠ ଅର୍ଘ୍ୟ ସଖୀ !!

# ଅଭିଯାତ୍ରୀ

ତୁମେ ଚିନା ଦେଖ, ଶୟନେ ସପନେ
ସୁନ୍ଦରୀ ଷୋଡ଼ଶୀ ମଧୁ-ଶୋଭା,
ମୁଁ ଦେଖେ କଂକାଳ-ମାଳିନୀ ମାଆର
ଲୋତକାର୍ଦ୍ର ମୁଖ ମ୍ଳାନ-ଆଭା ।

ତୁମକାନେ ସିନା ବାଜେ ଅହରହ
ନୂପୁର-ନିକ୍ୱଣ ତରୁଣୀର,
ମୋହ କାନେ ବାଜେ ଯୁଗ-ବିପ୍ଳବୀର
ଅଟ୍ଟହାସ୍ୟ-ଅସ୍ତ୍ର ଝଣତ୍କାର !

ତୁମ ପାଇଁ ତମ କାମିନୀ ଗାଛିଛି
ହୃଦୟେ ପ୍ରେମର ପୁଷ୍ପ-ଦୋଳି,
ମୋ' ପାଇଁ ଶତ୍ରୁର ନିର୍ଜନ ଶ୍ମଶାନେ
ଚଣ୍ଡିକା-ମନ୍ଦିର-ଅରଗଳି !

ତୁମକୁ ଡାକଇ ନନ୍ଦନକାନନୁଁ
ପାରିଜାତ ମଳୟର ବାତେ,
ମୋ' ପାଶେ ପେଷଇ ଅଭିଯାନ ବାଣୀ
ମହାକାଳ-ଦୂତ ଝଂଝା ହାତେ !

ତୁମ ପାଇଁ ସଜା ତୁଳାଗଦି ଶେଯ
ଫୁଲ ଆସ୍ତରଣ ଥଥିପର,
ରାଜପୁତନାର ତପତ ବକ୍ଷରେ
ନାଚିବାକୁ ମୋର ଅଭିସାର ।

ତୁମ ଆଗେ ଘୋଷେ ନିକୁଞ୍ଜ-ଶାରିକା
ଦୂର ବିରହିଣୀ ପ୍ରିୟାନାମ,
ମୋତେ ଡାକି କହେ ପିଞ୍ଜରା-ବନ୍ଦିନୀ,
ଜନନୀ, "ବାବୁ, ତୁ କି' ଅଧମ" !

ଆଷାଢ଼ ନିଶୀଥେ ଝଂଝା-ବଜ୍ରପାତେ
ହୃଦେ ତୁମ ଜାଗେ ପ୍ରିୟା-ସ୍ମୃତି,
ମୁଁ ଭାବେ ଆଜିକି ସ୍ୱୟଂ ଧ୍ୱଂସକର୍ତ୍ତା
ହୁଙ୍କାରି ମୋତେ ବା ଲୋଡୁଛନ୍ତି !

ଚଇତ୍ର ରାତିରେ ତୁମେ ସୁଖେ ଶୁଅ,
ପ୍ରଣୟୀ ତନ୍ୱୀକୁ କ୍ରୋଡ଼ କରି,
ମୁଁ ପହୁଡ଼େ ସଖା, ପ୍ରିୟକରବାଳ
ବୁକୁରେ ନିବିଡ଼େ ଜାକି ଧରି ।

ମଳୟ-ଉଦ୍ୟାନୁ ଲୋଧ୍ରରେଣୁ ହରି,
ତୁମେ ତୁମ ପ୍ରିୟା ଉରେ ମାଖ,
ତପତ ଲଲାଟେ ଘଷାଇ ପ୍ରିୟାକୁ
ମୁଁ ବଢ଼ାଏଁ ମୋର ପ୍ରୀତି ସୁଖ !

ଉଲ୍କା ଖସିଲେ, ବାତ୍ୟା କମ୍ପିଲେ,
ହସିଲେ ଆଗ୍ନେୟଗର୍ଭ ଗିରି,
ତୁମ ପାଇଁ ଯାହା ଅଶାନ୍ତି-ନିଳୟ
ମୋପାଇଁ ତାହା ଉତ୍ସବ-ପୁରୀ ।।

# ବ୍ୟଗ୍ରତା

ଛାଡ଼ ହସ୍ତ ଛାଡ଼ ସଖା, ବଡ଼ ଅସମ୍ଭାଳ,
ଆଉ ରଖି ନ ପାରିବି ଅନୁରୋଧ ତବ !
ଗର୍ଜିଲାଣି ଝଂଝା, ଶୁଭେ ଦମ୍ଭୋଳି-ନିନାଦ
(ଦିଗ୍‌ବିଜୟ କାଳେ ମୋର ଫୁଟେ ଅବା ତୋପ) ।
ପଦତଳେ କମ୍ପେ ପୃଥ୍ୱୀ, ସମ୍ମୁଖ ସାଗର
ଫେନ-ପୁଞ୍ଜ ଚୂଡ଼େ ଧରି ମହା ଉର୍ମିମାଳା
ଆସନ୍ତି ଗରଜି ଦର୍ପେ । ତଥିପରେ ଆସେ
ସଧୀରେ ଦୋହଲି ରକ୍ତ ଧ୍ୱଜାରେ ଲାଂଛିତ
ମୋ' ଯାତ୍ରା ବୋଇତ !
ଶୂନ୍ୟ ଅଂକେ ନେବ ମୋତେ ବହି !
ଯାଅ ଫେରି ଗୃହେ ପ୍ରିୟ ମୋର
ଏ ରୁଦ୍ର ତୋଫାନ ତୁମେ କରେ ବିଚଳିତ ।
ତେଣେ ପଥ ଚାହିଁ ଚାହିଁ ବାତାୟନମୁଖୀ
ସୁନ୍ଦରୀ କାତରେ ପ୍ରାଣ ଯିବଣି ଶିହରି
ଏ ପ୍ରଳୟ ବୃଷ୍ଟିପାତେ
ତୁମ ବିନେ ସଖି !
ହେବଣି ଅଧୀରା ଫେରି ଘେନ କୋଳେ ତା'ରେ
ପାଅ ସେ ଆରାମ ! ଯାଅ ଭୁଲି ମୋହ ନାମ ।
ଏ ଚୈତ୍ର-ଯାତ୍ରିକ ଚଳୁ ଏବେ ନିଜପଥେ
ଯଦି ପଡ଼େ ଚୈତ୍ର ଯୋଗ.... ଏ ମରତେ ଦେଖା !

# ସୈତାନର ଡାକ

ରକ୍ତ ଶିଙ୍ଗାରେ ଝୁଣାଇ ଦେଲେଣି
ମହାକାଳ ଦୂତ- 'ଜାଗରେ ସେନା' !
ସୃଷ୍ଟି ଥରାଇ ଭୂକମ୍ପନ ଛଳେ
ଲୁପ୍ତ ପରାଣେ ଦେଇ ଚେତନା ।
ମେଘ ଡମ୍ବରୁ ଗୁରୁ ଗୁରୁ ବାଇ
ଜଣାଉଛି ଲେଖି ବିପ୍ଳବ ମନ୍ତ୍ର,
ବାତ୍ୟା ଆଜିରେ ସେନାପତି ପଣେ
ଉଦ୍ବେଳିତ ପ୍ରାଣେ କରଇ ନୃତ୍ୟ ।

ରାତ୍ରିର ତାରେ ଉଡ଼ିଲାଣି ତେଣେ
ବିପ୍ଳବର ଦୀପ୍ତ ରକ୍ତ ବାନା
ଜାଗରେ ଜାଗରେ ନିଦ୍ରିତ ସୈନିକ
ରକ୍ତରେ ତୋର ଆଣ ଚେତନା !
ମଣିଷର ଶିଶୁ, ମଣିଷ ଡାକରେ
ମଣିଷ କାମକୁ ହୁଅ ତିଆର,
ସ୍ୱାଧୀନ ତୋର ଉଗ୍ର ପ୍ରକୃତି
ଜଡ଼ତା ବନ୍ଧନୁ ମୁକତ କର ।

ମଣିଷ ପ୍ରାଣର ମଣିଷ ରକ୍ତର
ମଣିଷ ପରିରେ ବଞ୍ଚିବା ଦାବି,
ପ୍ରସ୍ତୁତ ହୁଅ ଅମୃତ ଶିଶୁରେ
ତୋ' ଆକାଂକ୍ଷା ଗାଲେ ରକ୍ତ-ଛବି !

ଉତ୍କର୍ଣ୍ଣ ହୋଇ ଶୁଣରେ ଚକିତ,
ତୋ' ଡାକେ ଉଚ୍ଛୁଳେ ସାରା ଜଗତ,
ତୋ' ପିଷ୍ଟ ସମାଜ କରୁଣ କ୍ରନ୍ଦନେ
ପ୍ରତିଧ୍ୱନି ଦିଏ ନିଖିଳ ଚିତ୍ତ ।

ଧରଣୀର ଯେତେ ଦୈନ୍ୟ ଯାତନା
କଳୁଷ ପେଷଣ କଷଣ ରାଜି-
'ଥିଲା' ମଣିଷର ଏତ ମନ ପାଞ୍ଚ
'ନଥିଲା' ପ୍ରାଣର ନୀରବ ରାଜି !!

।୧୯୩୬।

ଶତାବ୍ଦୀ ସହିଛି ମ୍ଲାନ ନୀରବ
ସବଳର ଲୌହ ଆଘାତ ଘାତ;
ଶୁଣରେ ସର୍ବହରା ମହାରୁଦ୍ର ବାଣୀ
ଅନ୍ତର ପ୍ରେତକୁ ଜାଗ୍ରତ କର !

ଜଠରେ କ୍ଷୁଧିତ ଲୁଣ୍ଠିତ ପ୍ରେତ
ମଣିଷ ମଡ଼ାର ଅଙ୍ଗାର ଚକ୍ଷୁ,
ଆସରେ ରଚିବା ଅଭିଯାନ ଆଜ...
ଶବ୍ଦେ ଥରାଇ ଅଚଳ ମେରୁ ।

ଆସରେ ଆସରେ ସୈତାନ ଭାଇଏ
ଦେବତା ଦେଶକୁ ଦେବାରେ ଧାଡ଼ି
ଚୂର୍ଣ୍ଣ କରିବା ଦେବତା କ୍ଷମତା
ପଦବୀ ମସ୍ତକ ପାଦରେ ମାଡ଼ି ।

ଯେ ଦେଶେ ଧନିକ ଦେବତା ବୋଲାଏ
ଶ୍ରମିକ ତାହାର ପୂଜାର ବଳି,
କ୍ଷମତାବନ୍ତର ଖର୍ପର ଯେ ଦେଶେ
ଅକିଞ୍ଚନ ରକ୍ତେ ପଡ଼େ ଢଳି ।
ପରମାଣ ମାନି ନୀତି ପୁରାଣର
ତସ୍କର ଯେ ଦେଶେ ବୋଲାଏ ରାଜା,
ସେ ଦେଶକୁ ଆଜି ଆମର ଚଢ଼ାଉ
ସେ ଦେଶେ ବାଜିବ ରଣର ବାଜା ।

ଦୁର୍ବଳ ବୁକୁର ରୁଗ୍ଣ ଶୋଣିତେ
ଦୈତ୍ୟ ରସନା ନୋହେ ତୃପତ,
ଶୋଷକ ବୁକୁର ଉଷ୍ଣ ରକ୍ତାଧାରେ
ଭୈରବୀ ଆଜି ନାଚିବେ ଶତ !!

ମଣିଷ ବୁକୁର ମଦ୍ୟ ପିଇବେ
ମଣିଷ ମୁଣ୍ଡର ଖର୍ପରେ ଢାଳି,
ଦୈତ୍ୟ ତୃପ୍ତିରେ ନୃତ୍ୟ କରିବେ
ଦୈତ୍ୟ କୁତ୍ସିତ ବାସନା ଧରି ।

ସ୍ୱାଧୀନତା ପାଇଁ କଳହ ଆଜିରେ
ଦେବାଳୟ ହେବ ସୈତାନ-ଖାନା,
ଦୈତ୍ୟ ମନର ପ୍ରତିହିଂସା ସାଧି
ହେବ ଏ ପ୍ରାଣର ତୃପତି ସିନା !

# ଗଣ

ପୁଞ୍ଜିଭୂତ ରାଷ୍ଟ୍ରଶକ୍ତି-ଷଣ୍ଢମତି, ପୁଞ୍ଜିପତି ଧନାଗାର କୋଣେ
ଯାହାରେ ମାରିବା ପାଇଁ ଚେଷ୍ଟାକଲ, ତା'ର ଆଜି ଅଭିଷେକ ଏଣେ !
ବୁର୍ଜୋୟାର କ୍ଷୁରଧାରେ ଯାର ଥରେ କାଟିନେଲ ଜିହ୍ୱା,
ସାମନ୍ତ ସ୍ୟନ୍ଦନ ଚକ୍ରେ ଯାର ଅସ୍ଥି ଚୂରିଥିଲା ଆହା !
ଶାନ୍ତ ନେତା ପଦ-ବର୍ମେ ଯାର ଦେହୁ ଉତାରିଲ ଚର୍ମ,
ଅଭିଜାତ ଅସିରେ ଯା' ମାଂସଛେଦି କଲ ରେଣୁସମ !
ଶାସକ ସଙ୍ଗିନ୍ ଭୁସି ବକ୍ଷୁ ଯାର ଅନ୍ତ ଓଟାରିଲ,
ମୁନିବର କୃପାଣରେ ଅଙ୍ଗକାଟି ବିକଳାଙ୍ଗ କଲ !
ଧର୍ମପତି ପଣେ ହୋଇ ଶ୍ୱାନ ଯା'ର ଭଗ୍ନଦେହୁ ଓଟାରିଲ ମାଂସ,
ବକ୍ଷଖୋଳି ଖୁଣ୍ଟିବାକୁ ନାଡ଼ିଗୁଚ୍ଛେ ସାଜିଲ ବାୟସ !!
ପୁରୋହିତ ଖର୍ପରରେ ଯାର ରକ୍ତ ନିଃଶେଷି ଶୋଷିଲ,
ପୁଣ୍ୟ ଆଉ ଶୌଚପଣେ କୀଟସମ ଯା ମାଂସ ଦଂଶିଲ !!

ଯାହାର ହାସ୍ୟର ରାଶି ଲୁଣ୍ଠାଇଲ ଦୁର୍ବାର ସଇନ,
ଯାହାର ଜୀବନ ସୁଧା ଶୋଷିନେଲା ବେୟନେଟ୍ ମୁନ !
ଯାହାର ମଣିଷ ବୁକେ ଥରାଇଲା ତୋପର ଉଦ୍ଘାତ,
କମାଣ ଚମକେ ଯାର ବକ୍ଷ ପ୍ରାଣ କରିଲା ଅତର ।
ନଳୀର ଗର୍ଜନେ ଯେଉଁ ମଣିଷକୁ ରଚିଥିଲ ମାଛି,
ଅଶ୍ରୁ-ତୀର ପ୍ରାଣେ କରି କୌଶଳରେ ଭୁତଭୟ ସୃଷ୍ଟି !
ମଣିଷକୁ ପଶୁକରି ସୃଜି ତୁମ ଅନ୍ଧାରୀ କୌଶଳ,
ଶୋଷଣବାଦର ଯେଉଁ କରାମତି ଆସିଲାଣି ସମାଧିର କାଳ !

ବୃଥା ଏ ସମାଜ ଆଉ ନୀତି ନାମେ ପାଡ଼ି କୂଟ ଜାଲ,
ଉର୍ଣ୍ଣନାଭ ସମ ତୁମେ, ମଣିଷକୁ ମାଛିରେ ଗଣିଲ !
ଶତାବ୍ଦୀ ଶତାବ୍ଦୀ ହେଲା ତୁମେ ତାକୁ ପଶୁରେ ଗଣିତ,
ଆପଣା ଖିଆଲ ଲାଗି ତା'ର ଶିରେ ଦିହୁଡ଼ି ଜାଳିତ...।

ଆପଣା ମହଲ ଲାଗି-ଆପଣାର ସୌଖୀନ୍ ବିଳାସେ-
ଯାହାକୁ ପିତୁଳା କରି ଖେଳିଥିଲ ଜାଣିଛି କିଏ ସେ ?

ଯାହାକୁ ଜଡ଼ତା ମଣି ଭାବିଥିଲ ଗତପ୍ରାଣ ପ୍ରାଣହୀନ,
ତାହାରି ଭିତରେ ଆଜି ମନୁଷ୍ୟତା କରୁଛି ଗର୍ଜନ ।
ଯାହାକୁ ପାଷାଣ ବୁଝି ତାର ପରେ ଯାତ୍ରା ଥମାଇଲ,
ତାହାରି ଅନ୍ତରୁ ଆଜି ଉଠେ ମନ୍ଦ୍ରେ ପ୍ରାଣ କୋଳାହଳ ।
ଊର୍ଦ୍ଧ୍ୱେଅଧଃ, ଚତୁର୍ଦ୍ଦିଗେ, ଶୂନ୍ୟେ, ନଭେ, ପ୍ରତିରେଣୁ ଗର୍ଭେ,
ମନୁଷ୍ୟତା ଗର୍ଜିଉଠେ ପ୍ରଳୟର ଭୀଷଣ ଆହବେ ।

ମନୁଷ୍ୟର ଉପଦ୍ରବେ ସଂସାରର ନିଷ୍ଠୁର ସଂଗ୍ରାମେ,
ଯେ ସୈନିକ ମରିଥିଲା ଆଜି ସେହୁ ପ୍ରେତରୂପେ ଉଠେ !!
ଅନ୍ୟାୟର ଚକ୍ର ବ୍ୟୂହେ, ନିଃସହାୟ ନିରସ୍ତ୍ର-ଦୁର୍ବଳ,
ଯେଉଁ ଶିଶୁ ଦେଇଥିଲା ପ୍ରାଣ ବଳି ମରି ସେ ଅମର ।
ତାହାରି ସୈତାନ ଆଜି ତୋଳିଅଛି ବିଜୟ ନିଶାଣ,
ତାହାରି କବନ୍ଧ ଆଜି ମାଗିଅଛି "ଦେହି ଦେହି ରଣ !"
ସେହି ସେ, ଦଳିତ ଆଜି ପିଟୁ ଅଛି ରଣର ମର୍ଦ୍ଦଳ,
ଶତବାର ଛିନ୍ନକରି ଯାର ସତ୍ତା ବାୟୁରେ ମେଲିଲ ।
ଯାହାର ହରିଛ ସର୍ବ ଶ୍ମଶାନରେ ପିଞ୍ଜରାଟି ଛାଡ଼ି,
ସେହି ସେ ସର୍ବସ୍ୱ ହରା ଆଜି ଦିଏ ପ୍ରଳୟର ରଡ଼ି ।
ରକ୍ତ ମାଂସ ନାହିଁ ତାର, - ନାହିଁ ପୁଣି ଜୀବନ୍ତ ପ୍ରତିମା,
ତଥାପି ଦୈତ୍ୟର ବୀର୍ଯ୍ୟେ ବଂଚିଅଛି ତାହାରି ପ୍ରେତାତ୍ମା ।।
ଯୁଦ୍ଧ ଆଜି ମାଗେ ଦର୍ପେ ସେହି-
ତାହାରି ଆହ୍ୱାନ ଶୁଣେ, ପଥ ଦିଅ ଆଜ ହେ ବିଜୟୀ ।।

# ଭଗବାନ

ଆଦ୍ୟ ହେ ଭଗବାନ !
ତୁମେର ଗଢ଼ିଛ ଦେଶରେ ଏ' ସବୁ
କୋଟି କୋଟି ହେୟ, ମ୍ଳାନ ।

ଦୁଃସ୍ଥ, ଦୁର୍ବଳ, ରୁଗ୍ଣ, ନିରୀହ
କରୁଣ, କ୍ଷୁବ୍ଧ ଆତ୍ମା,
ତୁମରି କୌତୁକ ତଳେ ତଳେ ଆଜି
ଗଢ଼ିଛି ଆପଣା ସତ୍ତା ।

ଗଢ଼ିତ ସଂସାର ବଢ଼ିଛି ତା' ବଳ
ପଙ୍ଗପାଳ ଦଳ ପରି,
ଖାଇ ଖାଇ ତାର ଉଦର ଉଠିଛି
ଲକ୍ଷ ଏ ଜୁଆଚୋରି ।

ସକଳ କଷଣ, ସକଳ ପେଷଣ
ସକଳ ପୀଡ଼ନ ଧାରା,
ତୁମରି ନାମରେ ବିଶ୍ୱ କରୁଛି
ଏ ସବୁରେ ପଡିଆରା ।

ଭଣ୍ଡାମି, ଗୁଣ୍ଡାମି ଚେଷ୍ଟେ ଉଠନ୍ତି
ଆପଣା ଖାଣ୍ଟା ପାଇଁ,
ତୁମରି ନାମରେ ଜାନୁଆରୁ ଆସେ
ମଣିଷ ଜୁରାଁ ପିଢି ।

ପୁରାତନ ଯେତେ ସ୍ୱାର୍ଥ ସେବକ
ରକ୍ଷଣଶୀଳ ଦଳ,
ପରମ୍ପରା ନାମେ ଆବୋରି ବସନ୍ତି
ଆପଣା ଶାସନ କଳ ।

ସାହୁ, ଜମିଦାର, ରାଜା, ସମ୍ରାଟ
-ଭଗବାନର ଏ ସଖା,
ମୂର୍ଖ ସମାଜ ଆଦରି ରଖୁଛି
ଅନ୍ଧାରୀ ଯୁଗ ବାର୍ତ୍ତା ।

ରେଣୁ ପରିମାଣ ତନ୍ତ୍ରକୁ ଖସିଲେ
-'ନାସ୍ତିକ', 'ଦେଶଦ୍ରୋହୀ'
ବ୍ୟବସ୍ଥା ପଣ୍ଡାଏ ଗର୍ଜି ଉଠିବେ-
'ବାମପନ୍ଥୀଟା କାହିଁ' ?

ଡାହାଣ ପାଖଟା ତୋରାଇ ରଖିଲା!
ଛନ୍ଦ ଓ ପୁରାତନ,
ନୂତନ ପାଇଁ କି ଲୋଡ଼ା ହେବ ସେଇ
କଳଙ୍କିତ ଅଭିଧାନ ।

ଭଗବାନ ପୁଣି ଦେଇଛ ଯେତେକ
ରଖିଦେଲା ପୁଞ୍ଜିପତି,
ଆପଣା ପାଇଁ କି ଗଢ଼ିଲା ନୀତି-
ଶାସ୍ତ୍ର ବିଚାରପତି ।

ଧରମର ହେଲା ଠିକାଦାର ନିଜେ
ନ୍ୟାୟପତିର ବେଶେ,
ଭଗବାନ ନାମ ଅଫିମ ବଟିକା
ବାଣ୍ଟିଲା ଦେଶେ ଦେଶେ ।

ସାମନ୍ତପନ୍ଥୀଙ୍କୁ ସଂଚାଇ ରଖିଲା
ଈଶ୍ୱର ଋଣ ଦେଇ,
ସମାଜ ତାହାରି କିଙ୍କର ହେଲା
ଯେସନ ଭାରବାହୀ ।

ଲୁଣ୍ଠନ ପାଇଁ କି ଖୋଜିଲା ଯେତେକ
ଯୁକ୍ତି, କୌଶଳ, ତର୍କ,
ସମଷ୍ଟି ରକତ ଚିପୁଡ଼ା ହୋଇଲା
ଯେସନ ମଧୁଚକ୍ର ।

ସାହୁ, ମହାଜନ, ଖାଦକ ବେଶରେ
ଚଳାଇ ଶୋଷଣ-ଛୁରି,
ଆପଣା ନୀତିରେ ଶାସ୍ତ୍ର, ବେଦାନ୍ତ
ଖେତାବ୍ କରି ଛାତି ।

ଶାଶୁଣା ପଢ଼ିକା କବାଟ୍ ଖୋଲିବେନି
ମୂର୍ଖଙ୍କ ପୋଷାକ ପାଇଁ,
'ହକ୍ ପାଉଣା' କଥା ବଦଳଡ଼ା
ଯଦି ସେ ନ ଶଣା ଦେଇ ।

ଟଙ୍କା, ସୁନା ପାଇଁ କୋଡ଼ା! ହେବ ଭାଗେ,
ରୁଧିର, ମାଂସ, ହାଡ଼,
ଗର୍ଭିଣୀ ନାରୀ, ପ୍ରସୂତି-ଭୂଗ୍ରଣା
କେହି ନ ପାଇବେ ଛାଡ଼ ।

ଈଶ୍ୱର ମାଲିସ କର୍ଥିକ ପଢ଼ିବ
ଶାଗୁଣା ଖାଇବେ ଚାଟି,
ମୁବତା ଲକତ ସେଇଠି ତ ମଜା
ସ୍ୱାଦୁ ଚର୍ବିଳ ଅତି ।

ମୁଥାନ ଛୋକଡ଼ା ବୁଢ଼ା ହୋଇଯିବ
ରେକେଟିବେ ତାର ହାଡ଼,
ମଣିଷ ସହିବ କେତେରେ ନିଷ୍ଠୁର
ପୁଞ୍ଜିପତି ଦାନ୍ତ ଦାଢ଼,
ଏ ସବୁର କିଏ ଦାୟୀ ?
ତୋ ଦ୍ୱାହିରେ ଯଦି ଶରଣ ମାଗନ୍ତି
ସତ୍ୟ ଅସତ୍ୟ ଦୁଇ ।

ଶୋଷକ କହଇ ଶୋଷିତକୁ ଡାକି
ମୁହିଁରେ ତୋହରି ଯମ,
ଶୋଷିତ ଜୀବନ ଚିର ପରିଣାମ
ଦୀର୍ଘ ନିଶ୍ୱାସ ସମ ।

ମଣିଷ ଡରଇ ମଣିଷ ହେବାକୁ
ମଣିଷର ଆନ ନାହିଁ,
ତୋ ପାଇଁ ସଂଗ୍ରାମ୍ ସବୁଠୁ ଧାଡୁଆ
ଦୁନିଆର ବିଦ୍ରୋହୀ ।

ଭାଗ୍ୟ ତୋହର ନିର୍ମମ କାରା
ଆରେରେ କ୍ରାନ୍ତି-ଦୂତ,
ମୁକତି ମନ୍ତ୍ରର ଘୋଷିଅଛୁ ଯେଣୁ
ଚିର ତୁହି ଅନାହୂତ ।

ଚିର ନିର୍ବାସିତ ରେ' ମୃତ୍ୟୁ-ବାହିନୀ
ଧ୍ୱଂସର ଧୂମକେତୁ,
ଦୁନିଆରେ ସିନା ରହିବେ ନିର୍ଦ୍ୱନ୍ଦ
ଭାତୃ ଅଜାତଶତ୍ରୁ ।

ଶସ୍ତା-କବିତ୍ୱ-ସ୍ୱପ୍ନ-ବିଳାସୀ
ସରଳ ତରଳ ମତି
ବିଶ୍ୱରେ ଖାଲି ବଞ୍ଚିବେରେ ସେଇ
“ସନ୍ଧ୍ୟା-ତାରକା-ପନ୍ଥୀ” ।

୧୯୪୭ ।

ବିଶ୍ୱେ ଚାଲିଛି ଶ୍ରେଣୀ ଯୁଦ୍ଧର
 ସମାରୋହ ଅଭିଷେକ,
ତଳ ତଳନିଆଁ ଲୁହା ବାରୁଦର
 କାରଖାନା ମୁକେ ଶୁଳ୍କ ।

ଜଙ୍ଗଲ ହୁଏ ଇସ୍ପାତ ତାର
 ପେଟ୍ରୋଲ ହୁଏ ଲହୁ,
ଶାନ୍ତି ସଂଗ୍ରାମ କପୋତ ଉଡ଼ିଛି
 ଘୁଣୁ ଲାଗୁ ତାର ଭାଉ ।

ମଣିଷ କି କହ ବଞ୍ଚି ନାହିଁ କେବେ
 ନ ବଞ୍ଚି ପାରିବ ଆଜି,
କଇଫତ୍ ଯା'ର ଦେବେ ନାହିଁ କେବେ
 ସୁଲତାନ୍ ପୁଣି କାଜି ?
ଧନ୍ୟରେ ଭଗବାନ !
ସୃଷ୍ଟି ତୋହର ଗଢ଼ିଅଛି ଯଥା
 ଦଗାବାଜ ସଇତାନ ।

ଜଟିଳ, କୁଟିଳ, କଷ୍ଟ, ଦୁର୍ବୋଧ
 ତିକ୍ତ ବିଷମ ଧାରା
ସରଳ ମଣିଷ ଭାଷା ପାଇବ
 -ଏସନ ନାହିଁ ଚାରା ।

ହଜାରେ ଶିକ୍ଷା, ଲକ୍ଷେ ନୀତୀବାଦ
 କୋଟିଏ ଶୁଦ୍ଧ ସତ୍ୟ
ଆଦର୍ଶକୁ ଯଥା ମଣିଷ କୁଣ୍ଠାଏ
 -ଖଜୁରୀ ଗଛକୁ ଭୂତ ।

ପୁରୋହିତ କରେ ଧରମ ନାମରେ
 ଯଜମାନ ରକ୍ତ ଚକ୍ଷୁ,
ମୁଲା ମୌଲାନା ବେପାର କରନ୍ତି
 ଶାସ୍ତ୍ରର ଖୋଲଥାକୁ ।

ତୀର୍ଥ, ପଣ୍ଡିତ, ମନୁ, ପରାଶର
 ଗର୍ଜନ ଉଠନ୍ତି ଦେଶେ,
ସବୁତ ଏମାନେ ଶୋଷଣପନ୍ଥୀ
 ଚିହ୍ନ ଭାଙ୍ଗ ଅବଶେଷେ ।

ଶିଖ୍, ଡଚଳ, ହିନ୍ଦୁ, ପଠାଣ-
ଯେତେକ ଫାଙ୍କ ଦେଇ,
ସମାଜ ଭିତରେ ଗୋଟିକିଗୋଟି ଏ'
-ସୁପ୍ତ ସମରାନଳ ।

ବାଇବେଲ ଯଦି ତାଗେଇ କରୁଚି
କଳା ଚମଡ଼ାକୁ ଗାଳି,
ହିନ୍ଦୁ ପୁରାଣ ବ୍ୟବସ୍ଥା ବାଢ଼ଇ
କୋରାନ୍ କାଫେର ପାଳି ।

ଖୋଦା କସମ୍‌ରେ ଉଚ୍ଚେଇ ଉଠୁଛି
ସାଂପ୍ରଦାୟିକ ରୋଷ,
ଯୁଦ୍ଧ-ଯୁଦ୍ଧର ଏତିକିରେ ନୁହେଁ
ଚାଲିଥାନାବାଣ୍ ଶେଷ ।

ଯେତେ ପନ୍ଥୀ, ଗୋଷ୍ଠୀ ଭେଦବାଦ୍ ହେଲେ
ଅତୀତଗାଳୁଁ ସ୍ତ୍ରାବ,
ଭବିଷ୍ୟତ ପାଇଁ ପୋତା ଏକେ ଏକେ
ଉପେଲିସ୍ ସନ୍ଧି-ସ୍ତମ୍ଭ ।

ଭଗବାନ ନାମେ ଧର୍ମ ନାମରେ
ଯେତେକ ନୀତି ଭେଦ
ବିଶ୍ୱ ପଥରେ ଚିର ଦିନ ରେଖା
ବାରୁଦ ଭଣ୍ଡାରେ ଶବ୍ଦ ।
ସାମ୍ୟ ମୈତ୍ରୀ ଏକତା ମଡ଼ିଲା
ସଂହତିର ନାହିଁ ସାହା,
ମସ୍‌ଜିଦ୍ ପୁଣି ଗୀର୍ଜା ଦେଉଳ
ପ୍ରମାଣ କରୁଛି ଏହା ।
ତେଣୁ ଏ ବିଯାନ ବାସ୍ପ-
ମଣିଷକୁ ଆଜି କରି ରଖୁଚିରେ
ତାହାଡ଼ି ଅଭିଶାପ ।

ଦକାୟତ ଗଲେ ସିନ୍ଧି ରାତ ଖୋଳି
ଭଗବାନ ନାମ ଧରେ,
ସାଧୁ, ସନ୍ନ୍ୟାସୀ ବାନପ୍ରସ୍ଥ ଯାପୀ
ଆତ୍ମାତାଲ୍ପା ପାଇଁ ମରେ ।

ଖଟୁଛି ପେଟୁଆ ମହନ୍ତ ବି ଦୁଏ
　　　　　　　　ରାଧାକୃଷ୍ଣ ପ୍ରେମେ ଭୋଳ,
ଦେବ-ଦାସୀ କହେ ଲାସ୍ୟ ଠାଣିରେ-
　　　　　　　　ଯମୁନା-ପୁଳୀନ ଦେବ..... ।

ଭଗବାନ ଡାକି ଜାପାନ୍ ସମ୍ରାଟ
　　　　　　　　ତାଏନାଙ୍କୁ ଦିଏ ଭୋଟ,
ଚିନ୍ତିତ ବିଜୟୀ ଉଭୟେ ଡାକିଲେ,
　　　　　　　　କାହାର ପେଡ଼ିର କଷ୍ଟ ?

ହିଟଲର୍ ଡାକେ, "ନାଜୀ ଆକ୍ରମଣ
　　　　　　　　ଜୟ ହେଉ ଭଗବାନ-"
ଫ୍ରାଙ୍କ୍ କହିଲା, "ବର୍ବର ନାଜୀ-
　　　　　　　　ଭଗବାନ ନ ଶୁଣ !"
ଗାନ୍ଧିବାଦ କହେ ଡାକି
ଭଗବାନ କେବେ ନ ଆସେ ଯାଚିଲେ
　　　　　　　　ହିଂସାର ସୁରା ସାକୀ ।

ଭଗବାନ ସିନା ଭଲ ପାଏ ଖାଲି
　　　　　　　　ଖେଳି ଦୁଧ ଆଉ ଖଇ,
ଶ୍ୱେତାଙ୍ଗ ତାଙ୍କୁ ମନାଇ ନ ପାରେ
　　　　　　　　ବିଫ୍ ମଟନ୍ ଦେଇ ।

ନାତ୍ସୀ, ଫାସିଷ୍ଟ, ଗାନ୍ଧୀ, ଅଗାନ୍ଧୀ
ସାଧୁ, ଠଗାବାଜ ଦଳ,
ଭଗବାନ କହି ଏକଙ୍କୁ ଆଖେକ
　　　　　　　　ନିରୀହ ଦୁର୍ବଳ ।

ଭଗବାନ ନାମେ ଏଡୁଥ ବିଶ୍ୱେ
　　　　　　　　ଲାଗିଛି ଖେଳଟା ନାଟ,
ଭଗବାନ ଲାଞ୍ଚ ଧରିବା ପାଇଁ କି
　　　　　　　　ପଣ ପଣ ସିଡ଼ି ବାଟ ।

।୨୪୫।

ବୁଦ୍ଧ ପାଇଲା ଭଗବାନ ପୁଣି
 ମହମ୍ମଦ ହେଲା ଖୋଦା,
ଗାନ୍ଧୀ ଜୀବନ ରୋଟିପଣେ ହେଲା
 ଆଧା-ଭସ ଗଦା ।

ଆଦର୍ଶ ପାଇଁକି ଖୋଜି ବସ ସେଇ
 ବନ୍ଧା ଶଗଡ଼ ଗୁଳା,
"ମହାଜନ ପନ୍ଥା" ଲଗି ଚାଲିଥିବ
 ତେବେ ତ "ମୋକ୍ଷ" ହେଲା ।
ମୋକ୍ଷଟା ଆଗ କଥା
କଣା ବାସ୍ତବ ପଥରେ ପଦାର୍ଥ
 ଜଡ଼ବାଦୀ ସଭ୍ୟତା ।

ଆଧିଭୌତିକ, ଆଧିଦୈବିକ
 ବଡ଼ ବଡ଼ କଥା ପାଡ଼ି,
ନଗ୍ନ ବାସ୍ତବ ଭୁଲିଯାଇ ଆରେ
 ହୁଅ ରହସ୍ୟବାଦୀ ।

ସତ୍ୟ ପାଇଁ କି ଲୋଡ଼ା ହେବ ଭାଇ
 ଅପରର "ଅଭିଜ୍ଞତା"
ନିଜର ଧରା ଅଣୁପରମାଣୁ
 ସମ୍ମୁଖେ କରିବ ହତ୍ୟା ।

ମଣିଷ ବଞ୍ଚୁଛି ଧର୍ମବଳ ପିଇ
 ଆତ୍ମବଳ ହୁଏ ମ୍ଳାନ,
ତେଣୁ ମୁଁ ରଚୁଛି ଆପଣା ସଭାର
 ଅଜସ୍ର ଜୟଗାନ ।
ସ୍ୱଳ୍ପ ଅଶ୍ରୁଲେଖ-
ଭଗବାନ କୁହେ, ପଶୁ ନ ହୋଇବ
 ଆଗାମୀ ମଣିଷ ରୂପ ।।

---

(ତରୁଣ ବିଦ୍ରୋହୀ ଜୀବନର ପ୍ରାଥମିକ କବିତା । ପ୍ରକାଶନ "ସହକାର"
୧।୧୨ ସଂଖ୍ୟା, ୧୩୪୯ ସାଲ)
*ଏହି କବିତା ପ୍ରଥମ ଥର ସଂଘର୍ଷ ବହିରେ ନଥିଲା*

# ଆତ୍ମଘାତୀ

ସୁପ୍ତଝଙ୍କର ଅନ୍ଧାରକଣା ପରି
ଜୀବନର ଯେତେ ପୁଞ୍ଜିତ ହାହାକାର,
ଖୋଜି ଚାଲେ ଯଦି ଆପଣା ରନ୍ଧ୍ରରୂପ
ବିଗତ ମୌନ ସଙ୍କଟ ଅଭିସାର ।

ଲୋଡ଼ି ବୁଲେ ଯଦି ନିଜର ଛିନ୍ନ-ଘର।
ଅବଲୁପ୍ତ ତାର ଚେତନାର ଅବଶେଷ,
ଯୁଗ ଯୁଗ ତଳୁ ଦୁର୍ଲଙ୍ଘ୍ୟ ଅପମାନ,
ବୁକୁମୂଳେ ତାର ଜନ୍ମାଏ ଘୋର ଦ୍ୱନ୍ଦ୍ୱ ।

ବ୍ୟଥିତ ଆକାଶେ ଦୃଷ୍ଟି ଚାତକ ଖାଲି
ଅଣଚାଶ ପଥେ ନିଶ୍ୱାସ ବହେ ଖର,
''କହ ଗୋ, କିଏ ସେ ତାହାର ହତ୍ୟାକାରୀ
କିଏ ସେ ନିହିନା ଅବମାନନା ଘୋର ?''

ଝରା ବକୁଳର କ୍ରନ୍ଦନ ପଥେ ପଥେ
ଆଷାଢ଼ ସଂଧ୍ୟାର ସାନ୍ଦ୍ର ଲୋତକ ଧାର,
ଗଣ୍ଡମୂଳ ତା'ର ଆର୍ଦ୍ର କରିଛି ଆଜି
ବେଦନା-ସିକ୍ତ ଶୋଣିତର ପାରାବାର ।

ଲୁଣିଭରୁ ତାର କାନ୍ଦି ଉଠେ କହିଁ କଇଁ-
କଣପଡ ମାଗେ ପୀଡ଼ିତ-ପ୍ରେତର ଶ୍ୱାସ,
ଭୁଜମୂଳେ ଯାଏ ଘୂର୍ଣ୍ଣି-ତୋଫାନ ନାଚି,
ମଣିଷର ବୀର୍ଯ୍ୟ ଦୈନ୍ୟର ପରକାଶ ।

ପଶ୍ଚାତ୍ ମୁଖର ପାରିଷଦ କହେ ଡାକି,
ମୁହିଁ ଆଜି ତୋର ସବଳ ହତ୍ୟାକାରୀ,

ପରାଜୟେ ତୋର ଦୃପ୍ତ କଂସାଇଖାନା...
ଚିହ୍ନରେ ଅରେ ଆପଣା ଆୟୁଧକି ।

ଶତାବ୍ଦୀ ତଳର ଅଶାନ୍ତି କାରସାଦି
ହତ୍ୟା କରିଚି ତାକୁ ମୁଇଁ ତିଳତିଳ,
ଦୈତ୍ୟ ନାମରେ ମଣିଷ ଖାଇଚି ଚୋଟ
ସୃଷ୍ଟିର କର୍ତ୍ତା ଅନୁଶାସନର କାଳ ।

ପୁରାଣ ପନ୍ଥାର ଘୋର ଲାଗିଆଚି ପଣ,
ମାରିନାଇଁ ଯଦି ରହିଚି ଏବେବି ବାକୀ,
ଛିଡ଼ାଇ ଦେଇଛି ସକଳ ଦନ୍ତାର ତାର
ଖଣ୍ଡ କରିଚି ଜୀବନର ଅବସ୍ଥିତି ।

ଖୋଲାଇ ନେଇଚି 'ଧରମ୍' ତା' ଆଖି କାନ-
ଶାସନ ନେଇଛି ଛିଡ଼ାଇ ଜିଭକୁ ତାର,
ଜୀବନ ରହିନି ମଣିଷ ପାଇଁକି ବାକୀ
ଭାବନତା କେବେ ମଣିଷ ପାଇଁକି ଥାଏ ?

ବନ୍ଧନ ଦେଇଚି ସକଳ ଅଙ୍ଗ ଘାରି
ସକଳ ଚେତନା ମଉଳିଚି ଯଥା ରେଣୁ,
ଅପର ଶୋଷଣେ ଭରସେ ସାହାଯ୍ୟ କରି
ମଣିଷ କରିଚି ଆପଣା ହତ୍ୟା ତେଣୁ ।

ଆତ୍ମଘାତୀ ଏ ମଣିଷରେ ଦେଖ,
ଛନ୍ଦା ଭିତରେ ବଂଚିଥିବା ଖାଲି ସାର,
ନିଜକୁ କରୁଚି ପରପାଇଁ ପ୍ରାଣୋଧିକ
ଅପରକୁ କରି ନିଜ ପ୍ରାଣାଧିକ ସାର ।

୧୯୪୮ ।

ନିଜବଳ ନାଇଁ ମଣିଷ ଛାତିର ଥାଳି,
ଫୁନାହାରେ କେବେ ଆପଣେ ଯାଉଛି ମଜି,
ବାୟୁ ହିଲ୍ଲୋଳେ ଦୋହଲି ଯାଉଛି ପୁଣି
ଖଣିଆ ପତର ପବନେ ମାରୁଛି ଚକି ।

ତରକାନେ କେତେ ଫୁସୁଫୁସୁ କହେ କଥା
ପର ଫୁସୁଫୁସୁ ଶୁଣିବାକୁ ହୁଏ ବାଉ,
ଟାଉଟର ଆଉ ଦଲାଲଙ୍କ ବେଶ ସାଜି
ପରର ବୋଝଟା ନିଜ କାନ୍ଧେ ନିଏ ବହି ।

ନିଛେତ ନିଜର ଦ୍ୱିତୀୟ ହତ୍ୟାକାରୀ,
ଚିହ୍ନିନାହିଁ ଯଦି ଚିହ୍ନାଇ ଦେଉଛି କିଏ,
ବ୍ୟଥିତ ଆକାଶ ଘୋଷଣା କରଇ ତାହା-
ମର୍ମର ଛନ୍ଦେ ଝଂଝା ଉତ୍ତର ଦିଏ ।

ଆକାଶ ବକ୍ଷରୁ ଫାଟି ପଡ଼େ ପୁଚ କାହ୍ନୁ
ବାଦାମୀ ମାଟିକୁ ପ୍ରସବ ଖୋରାକ ଦେଇ,
ମଣିଷର କ୍ଲୀବ ବିଦୀର୍ଣ୍ଣ ରୂପ ଯହିଁ,
ବିଜୟ ଲଭିଚି ଶତାବ୍ଦୀ ସୀମା ଛୁଇଁ ।

ନହକି ଆସନ୍ନ ଅମାବାସ୍ୟା ଅନ୍ଧକାର
ମଣିଷ ଅଙ୍ଗରେ ବିଭୂତି ମାଖିଲା ତାର
ଝଡ଼ର ବନ୍ଧୁ ରକ୍ତ ଦିଅଇ ଡାକି...
ମାଟି ଉଠଇ ତାର ତୃଷିତ ପାରାବାର ।

ଝଡ଼ର ପାନୀୟ ନଦୀ ସମ ଯାଏ ବହି-
ସୁନାପରି ଆସେ ଲୋଲୁପ ଗନ୍ଧ ତାର,

ଦୈତ୍ୟ-ଆଘ୍ରାଣ ଉଠୁଚି ରସନା ଚାଟି
...ସଂଯମ ହୀନ କାମୁକ ପରକାର ।
ଭୂକମ୍ପରେ ଉଠେ ବାଣୀ-
ମଣିଷ ରଚଇ ଦୈତ୍ୟର ସ୍ତବ
ଏହି ସୁଯୋଗ ଜାଣି ।

## ସଂଧ୍ୟା

ଛିପିକରି ରଖି ମୋର ଯେଉଁରୂପ ଯେମିତି ଜନମ
ଭିତରେ ରହିଛି କିନ୍ତୁ ତାହାଠାରୁ ଆହୁରି ଜଘନ୍ୟ ।

ଜନତାର ତୀବ୍ରକ୍ଳେଶ, ଦୁର୍ବଳର ଅପମାନ ଘୋର,
ମୋଅଠି ପାଇଲା ରୂପ ଭୀରୁତାର କରୁଣ ଧିକ୍କାର ।

ଗୋଟି ଗୋଟି ବେଦନାର ଯେତେ ସୂକ୍ଷ୍ମ ବିକ୍ଷିପ୍ତ ସଂପର୍କ,
ବୁକୁମୂଳେ ରଚନ୍ତି ସେ ମୋହ ପାଶ କରୁଣ ପ୍ରତାପ ।

ଆପଣା ରୁଧିର କୋଷ୍ଠେ ନିତି ତାଙ୍କୁ ଦିଏ ସ୍ତନ୍ୟ ଦାନ,
ତିଳେ ତିଳେ ଲଭେ କ୍ଷୟ ତାଙ୍କ ଲାଗି ସେ ମୋର ସନ୍ତାନ ।

କଙ୍କାଳ ଦିଶଇ ଫୁଟି, ଫୁଟି ଉଠେ ଅସ୍ଥିର ପଞ୍ଜର,
ମାଂସର କବଚ ତଳେ ଶତାୟୁର ଚିର ସ୍ୱୟଂବର ।

ଫୁଟି ଉଠେ ବିଦ୍ରୂପିତ, ବିଲୋକିତ, ହେୟ, ମୁହ୍ୟମାଣ,
ଆପଣା ଶ୍ରେଣୀର ସଙ୍ଗୀ ଗାଇ ଉଠେ ଅଗ୍ରାହ୍ୟ ସେ ଦାନ ।।

କିଂଶୁକ ସମାନ ତାହା ରେଣୁ ଭାବେ ମିଶିବା ଆଗରୁ,
ବସନ୍ତ ପୁଷ୍ପିତ ହସ ତାହା ପାଇଁ ଶୂନ୍ୟ ହୋଇପଡୁ ।

ହେଉପଛେ ବ୍ୟର୍ଥ ପ୍ରଶ୍ନ ଶାରଦୀୟ ଶେଷ ଆଶାତୁର...
ନିଜହସ୍ତେ ଟାଙ୍ଗିଦେବି ଆଜି ଏହି ଶ୍ୟାମଳ ଜେଦାର ।

।୧୯୫୦।

ଧାନଗଛେ ପୁଷ୍ପପରେ କରବୀର ମନ୍ଦାର ପାଖୁଡ଼ା,
ତଥାପି ଶୋଷିତ ଦାବି ମଣିଷର ବ୍ୟର୍ଥ ନୋହୁ ପରା ।

ମାଟିର ମନ୍ଦିର ନୋହୁ ମରଣର ଦୁର୍ଲଂଘ୍ୟ ରୋଦନ,
ଜୀବନର ସବୁଦାବି ବ୍ୟର୍ଥ ଯଥା ଅବୈଧ ସନ୍ତାନ ।

ସଂସାରର ଷଡ଼ଯନ୍ତ୍ର ସତ୍ୟପ୍ରତି ଅପମାନ ଘୋର,
ଏକର କାହୁରେ ଯଦି ଆନଲେଖେ ନିଜ ଇସ୍ତାହାର ।

ଲୋହିତ ଜୀବନ ସ୍ତୂପ ଯହିଁ ହୁଏ କରୁଣ କାହିଣୀ,
ନିଃସ୍ୱ ପାଖେ ନିଜର ବି ସାରି ଯାଏ ପରାଜୟ ସୀମା ।

ଆପଣାର ଧୈର୍ଯ୍ୟ ତେଣୁ ମାରିଛଟେ କଇଫତ ତାର,
ସହନର ସୀମା ଦିଏ ଭ୍ରାନ୍ତ ବୋଲି ନିଜକୁ ଧିକ୍କାର ।

ତାହାରି ସ୍ୱପନ ତୁମେ ଦୁଃସ୍ଥ ଦାଗ୍ଧ ଘର୍ମାକ୍ତ କପୋଳ,
ଶିଶୁ ଯଥା ମାତାଅଙ୍କେ ଦିବା ଶେଷେ ଅଳସ ସୁପ୍ତିର...।

ଲେଲିହାନ ଦୀପ ଶିଖା ଦିବସର ବିଦାଅର୍ଘ୍ୟ ପରି...
ତାହା ହିଁ ସୂଚାଇ ଦିଏ ଅମାବସ୍ୟାର ଏ କ୍ଲାନ୍ତ, ଗୋଧୂଳି ।

ଦିବସର ଶେଷ ଆତ୍ମା ଅସହାୟ ବିବର୍ଣ୍ଣ ମଳିନ,
ବିରାଟ ଏ ମାଟିକାନେ ଗାଈ ଚାଲେ ଆପଣା ଦୁର୍ଦ୍ଦିନ ।

ହତ୍ୟା ଯଥା ଦେଇ ଯାଏ ମୃତକାନ୍ତେ ନିତ ଶେଷ ବାର୍ତ୍ତା,
ପ୍ରସୂତି କହଇ କିବା ଗର୍ଭିଣୀକୁ ନିଜ ଅଭିଜ୍ଞତା ।।

ତେଣୁ ଆଜି ଆସେ। ସଂଧ୍ୟା, ହେ ମହାନ ସଂଧ୍ୟା ମୂର୍ତ୍ତିବତୀ
ଆରାମୀର କ୍ଲାନ୍ତିବଧୂ କରେ ତୁମ ଚରଣେ ପ୍ରଣତି ।

ଅନାଗତ, ସ୍ୱାଗତିକା ବାଳେ
ତୁମ ଚରଣେ ଆରତି ।

---

(ସ୍ୱର୍ଗତ ରାଧାକୃଷ୍ଣ ରଥଙ୍କ ସଂପାଦିତ 'ସହକାର'ରେ ପ୍ରକାଶିତ)

# ସୀମା

ଭାଷାର ମନ୍ଦିରେ ମୋର ଯାଚେ ନାହିଁ ଦ୍ୱିଧା ଅପମାନ,
ସିଦ୍ଧାନ୍ତର କ୍ଷୀଣସୀମା ଛୁଇଁବାକୁ ଅକ୍ଷମ ସଂଘର୍ଷ ।
ଯାତ୍ରାପଥେ ଲକ୍ଷିରଖି ତାରତମ୍ୟ ପାର୍ଥକ୍ୟ ବିଶେଷ,
ବିଜୟୀ ହେବାରେ ମୋର ନାହିଁ ଶ୍ରଦ୍ଧା ନାହିଁ ପଥଭ୍ରଷ୍ଟ ।
ତେଣୁ ଯେତେ ଭଣ୍ଡ ଯୁକ୍ତି ହିତବାଣୀ, ଭ୍ରାନ୍ତ ପରମ୍ପରା,
ସେ ସବୁରେ ଖୋଜେ ମୁହିଁ ନିଜଯୁକ୍ତି ନିଜ ପରିଭାଷା ।
ନିତି ନିତି ଲୋଡ଼େ ଖାଲି ନିଜ ପାଇଁ ନିଜ ଅଭିଜ୍ଞତା,
ତେଣୁ ମୁଁ ପ୍ରାଚୀନ ପୁଣି ଭବିଷ୍ୟତ ବିଶ୍ଳେଷଣ କର୍ତ୍ତା ।
ପ୍ରାଚୀନର ଶତ୍ରୁ ନୁହେଁ, ନବୀନର ନୁହେଁ ଚାଟୁକାର,
ଭବିଷ୍ୟତ ମୋହ ପାଶେ ଶୂନ୍ୟନର ସଂଖ୍ୟା ପାରାବାର !
ତେଣୁରେ ପ୍ରାଚୀନ ହେଉ, ବର୍ତ୍ତମାନ ଭବିଷ୍ୟତ ଯିଏ,
ମୋହପାଶେ ମୁହିଁ ବଡ଼ ସବୁଙ୍କୁ ଧରିଥିଲା ଯିଏ ।
ନିଜେ ନିଜ ସ୍ଥିତିଠାରୁ ବୃହତ୍ତର ପୁଣି ଗୁରୁତର,
ସଂଖ୍ୟା ଯଥା ସେଧ୍ରିବିରୁ ବୃହତ୍ତର ପୁଣି ଶୁଣମ୍ୟର ।
ବାଷ୍ପ ଯଥା ଭଳୁଁ ବଡ଼ ଯେଉଁ ବାଷ୍ପ ଜନ୍ମାଏ ଉଦକ,
ବିବାହୁଁ ପବିତ୍ର ଯଥା ଅତ୍ୟଧିକ ବିବାହ ମଣ୍ଡପ !
ତେଣୁ ମୋର ସ୍ଥିତିଯାହା, ଗତ, ଭବ୍ୟ ଅବା ବର୍ତ୍ତମାନ,
ଏ ସବୁ ଗୋ' ମୋରସୃଷ୍ଟି ମୋଅଠାରୁ ସରବେ ନିଜନ ।
ମୁହିଁ ବଡ଼ ଅତିବଡ଼ ଅତୀତ ବା ବର୍ତ୍ତମାନ କୋଳେ,
ବିଜୟ ନିଶାଣ ତଳେ ନିଜେ ନିଜ ଜୟଗୀତି ତୋଳେ ।
ବହୁ ଦୂର ଯିବି ମୁହିଁ, ଯାତ୍ରା ପଥ ମୋର ଦୁର୍ନିବାର,
କ୍ଷଣିକର ବାଧା ତହିଁ ଦିଏ ନାହିଁ ନିଷ୍ଫଳ ଧିକ୍କାର ।
କ୍ଷଣିକ ଏ ଅପମାନ କଣ୍ଟାପରି ବାଜି ରହେ ଖାଲି,
ଜୀବନର ଦୀର୍ଣ୍ଣମୂର୍ତ୍ତି ତାଙ୍କ ପାଇଁ ଦ୍ୱାର ଦିଏ ଖିଲି ।
ତୁମକୁ କହୁଛି ବନ୍ଧୁ ! ମୁହିଁ ଯେଣୁ ବଡ଼ ତୁମଠାରୁ,
ମୋଅ ପାଇଁ ବଡ଼ ନୁହେଁ, ତୁମର ଏ ପ୍ରଣୟ ସୁତାରୁ ।
ମୋଅରି ସପନ ଲାଗି ଖୋଜା ନାହିଁ ତୁମ ଅନୁମତି,
ବୁଝିବାକୁ ଏହା ଯଦି ନପାରିବ ମୋ ପ୍ରଣୟ ସାଥୀ !
ବୁକୁପରେ ମୋର ଯଦି ତୁମ ଗଭା କୁସୁମ ଝରିଚି,
ମାନେନାହିଁ ମୋଅଙ୍ଗନେ ତାହା କେବେ ସାଇତା ରହିଚି ।
ଯାହା ଗୋ' ଗଢ଼ିଚି ଝରି, ଝରିବାରୁ ତାହା କ୍ଷୁଦ୍ରତର,
ତୁମରି କଳଙ୍କ ଡୋଙ୍ଗା, ସୃଷ୍ଟି ନାହିଁ ତହିଁ ରୂପାନ୍ତର ।

ତୁମରି ସର୍ପିଳ ବେଣୀ, ତୁମରି ସେ ଗର୍ବିତ ଭୂଷଣ,
ମନେ ନାହିଁ ପ୍ରିୟା ମୋତେ ଦେଇଅଛି କିବା ଉନ୍ମାଦନ ।
ତୁମରି ଏ' ଉପହାର ଦେଉନାହିଁ, ଦେଉନାହିଁ କିଛି,
କ୍ଷଣିକ ଯା' ଥିଲାଦେଇ - ସୀମାନ୍ତର ଦେହଳି ରହିଛି ।
କାଳସ୍ରୋତେ ଭାସିଯାନ୍ତି, କେତେ ପ୍ରିୟା କେତେ ସୀମନ୍ତିନୀ,
କାହାରି ପାଇଁ କି କେବେ ନୟନରୁ ଲୋତକ ଝରିନି ।
ଏ କବିତା ନୁହେଁ, ମୋର ପ୍ରଣୟିନୀ, ଦିବ୍ୟ ଆଭରଣ,
ତେଣୁ ଏ' କବିତା କୋଳୁ, ହେ ପ୍ରେୟସୀ ଘେନ ତୁ ନିର୍ବାଣ ।
ହଜିଯାଅ ତୁମେ, ମୋର କବିତାର ଅସ୍ମିତା ତଳୁ,
ଜୀବନ କର୍କଶ ଦ୍ୱନ୍ଦେ ତୁମ ପାଇଁ ଦୟା ପ୍ରତିଫଳୁ ।
ଧରିବାର ଗର୍ବମୋତେ ତିଳତିଳ ପାଇଁ ଯାଉ ହ୍ରାସ,
ମୁଇଁ ସେ। ତୁମ ଠୁଁ ବଡ, ଏହା ମୋର ଦିବ୍ୟ ପରିତୋଷ !!

( ରଚନା : ୧୯୫୪ )

---

ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ପ୍ରକାଶିତ ''ସଂଘର୍ଷ'' କବିତା ସଂକଳନ ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାର ଘୋଷଣା କରିଥିବା ଦମନମୂଳକ ଭାରତ ରକ୍ଷା ଆଇନ ବଳରେ ୧୯୪୨ ମସିହା ବେଳକୁ ବାଜ୍ୟାପ୍ତ କରିଦିଆଯାଇ ସମସ୍ତ ପୁସ୍ତକ ବିପଣୀ ମାନଙ୍କରୁ ଉଠାଇ ନେଇ ନଷ୍ଟ କରି ଦିଆଗଲା । ତାହାପରେ ୧୯୪୦ ମସିହାରୁ ୧୯୫୪ ମସିହା ମଧ୍ୟରେ ପ୍ରକାଶିତ ଦ୍ୱିତୀୟ ପର୍ଯ୍ୟାୟର ବିଦ୍ରୋହଧର୍ମୀ କବିତା ଗୁଡ଼ିକ ପତ୍ରପତ୍ର ପ୍ରକାଶିତ ହୋଇଛି । ପ୍ରକାଶିତ ହୋଇଥିବା ସମସ୍ତ ଲେଖା ଦୁଷ୍ପ୍ରାପ୍ୟ ହୋଇସାରିଛି । ଯାହା କିଛି ଉପଲବ୍ଧ ତାହା ମୂଳ ସଂକଳନର କବିତା ଗୁଡ଼ିକ ସହିତ ଯୋଗ କରାଗଲା ।

# ପୁଷ୍ପାଭରଣମ୍

# ସାରସ୍ୱତ ପାରିବାରିକ

କବିତ୍ୱକୁ ନିଜର ନିଜା ପରିଚୟରେ ପରିଣତ କରିବା ଲାଗି ତୃତୀୟ ଦଶକରୁ କଲମଧତ କରିଛି । ମୋର ସମସ୍ତ ରଚନା ମଧ୍ୟରୁ କେତେକ ଦୁଷ୍ପ୍ରାପ୍ୟ ହୋଇ ଯାଇଛି ! ସ୍ୱର୍ଗତ ବାଳକୃଷ୍ଣ କରଙ୍କ ସଂପାଦିତ ''ସହକାର''ରେ ପ୍ରକାଶିତ ଅନେକ କବିତା ସଂରକ୍ଷିତ ହୋଇନାହିଁ । କାରଣ ମୁଁ ସେହି ସମୟରେ ମଧ୍ୟପ୍ରଦେଶରେ ନିର୍ବାସିତ ଅବସ୍ଥାରେ ଥିଲି । ସେହି କାରଣ ମଧ୍ୟରେ ''ଡଗର'' ଓ ''ପ୍ରଗତି'' ପତ୍ରିକାରେ ପ୍ରକାଶିତ କବିତା ଏହି ସଂଚୟନରେ ସ୍ଥାନିତ ହୋଇ ପାରିଲା ନାହିଁ ।

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଡକ୍ଟରେଟ୍ ଲାଭ କରିଥିବା ଦୁଇ ଜଣ ବିଶିଷ୍ଟ ଅଧ୍ୟାପକ ପ୍ରଗତିଶୀଳ ଓଡ଼ିଆ ସାହିତ୍ୟ ସୁଧାର ମାର୍କସବାଦୀ ଚେତନା ସଂପର୍କରେ ଗବେଷଣା ସନ୍ଦର୍ଭ ପ୍ରସ୍ତୁତ କଲାବେଳେ, ମୋର କେତେକ କବିତା ସେମାନଙ୍କ ଦୃଷ୍ଟି ପଥାରୂଢ଼ ହୋଇଥିଲା ! ସେ ଦୁହେଁ ନିଜ ପ୍ରକାଶିତ ସନ୍ଦର୍ଭ ପୁସ୍ତକରେ ତାହାର ଟିପ୍ପଣୀ ଦେଇଛନ୍ତି । ମୁଁ ସେମାନଙ୍କ ପାଖରେ କେବଳ ମାତ୍ର କୃତଜ୍ଞତା ପ୍ରକାଶ କରୁଛି । କିନ୍ତୁ ସେମାନେ ଉଦ୍ଧାର କରିଥିବା କେତେକ କବିତା ମୋ ସଂଚୟନରେ ସ୍ଥାନିତ ହୋଇପାରି ନାହିଁ ।

ପାରିବାରିକ ପରିବେଶ ସାରସ୍ୱତ ଜୀବନର ଅନୁକୂଳ ଥିଲା । ଗୋଟିଏ ପ୍ରକାର ମାନବତାବାଦୀ ଚେତନାର ସାଂସ୍କୃତିକ ପରିବେଶ ମଧ୍ୟରେ ଜନ୍ମଲାଭ କରିଥିଲି । ମତେ ମିଶାଇ ଚାରି ପୁରୁଷ ପର୍ଯ୍ୟନ୍ତ, ସମସ୍ତେ ପାରିବାରିକ ସାଂସ୍କୃତିକ ଜୀବନର ପରମ୍ପରା ରକ୍ଷା କରିଥିଲେ ।

ପୂର୍ବ ତିନି ପୁରୁଷର ଧାର୍ମିକ ପରମ୍ପରା ଗ୍ରାମ୍ୟ ଜୀବନ ଭିତ୍ତିକ ପରିଧି ମଧ୍ୟରେ ଗଢ଼ା ଯାଇଥିଲା । ସେମାନଙ୍କର ଉତ୍ତରାଧିକାରିତ୍ୱ ବଳରେ ଚତୁର୍ଥ ପୁରୁଷ ବେଳକୁ ଆମେ ସମସ୍ତେ ସଚେତନ ଜୀବନ ଯାପନ କରିଛୁ । ପୂର୍ବ ବଂଶର ସାଂସ୍କୃତିକ ଚେତନା ଆମ ପିଢ଼ିର ସାରସ୍ୱତ ଚେତନାକୁ ପ୍ରଭାବିତ କରାଇଛି ମନେ କରୁଛି । ସେହି କାରଣରୁ ନିଜ ଜୀବନରେ ଜଣେ କବି, ଲେଖକ ଏବଂ ସାରସ୍ୱତ ସଂଗଠକ ହେବାଛଡ଼ା ଅନ୍ୟ ଲକ୍ଷ୍ୟ ନଥିଲା ।

ପଣଅଜା ଡମରୁଧର ଦାସଙ୍କୁ ମୁଁ ଦେଖିନାହିଁ ! ସେ ହେଉଛନ୍ତି ଆମ ବଂଶର କିମ୍ବଦନ୍ତୀ । ପ୍ରଥମ ଚିରନ୍ତନୀ ପୁରୁଷ ଭାବରେ ସେ ଆପାତତଃ ନିଜ ବଂଶଧରଙ୍କ ପାଖରେ ଲୌକିକ ପରିଚୟ ବଞ୍ଚାଇଥିଲେ । କଟକ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ବୃହତ୍ତର ଗ୍ରାମ ''ପଞ୍ଚପଲ୍ଲୀ'' ଠାରେ ଏକ ପ୍ରସିଦ୍ଧ ଶିବମନ୍ଦିରକୁ ପଣଅଜା ନିର୍ମାଣ କରିଥିଲେ । ଶିବ ମନ୍ଦିର ନାମ ଲୋକ ମୁଖରେ ''ଗ୍ରାମେଶ୍ୱର'' ! ଏହା କଟକ ଜିଲ୍ଲାର ଏକ ପ୍ରସିଦ୍ଧ ଏବଂ ପୁରାତନ ଶୈବପୀଠ । ଅବଶ୍ୟ ପଣଅଜା ଏହାକୁ ପ୍ରଥମ ନିର୍ମାଣ କରିଥିଲେ କିମ୍ବା ପୁନରୁଦ୍ଧାର କରିଥିଲେ, ତାହା ମୋର ଅଗୋଚର ।

ପଣଅଜାଙ୍କ କୀର୍ତ୍ତି ସଂପର୍କରେ ମନ୍ଦିରର ମୁଖ୍ୟଦ୍ୱାର ଏବଂ ଚଉକାଠ ଉପରେ ତାଙ୍କର ନାମ ତିନି ପୁରୁଷ ପର୍ଯ୍ୟନ୍ତ ଖୋଦିତ ହୋଇ ରହିଥିଲା । ମୁଁ ନିଜେ କିଶୋର ବୟସରେ ତାହା ଦେଖିପାରି ଅଭିଭୂତ ହୋଇଥିଲି ।

ସେତେବେଳେ ବଂଚିଥିବା ପୂର୍ବ ପୁରୁଷ ମାନଙ୍କ ପାଖରୁ ମୁଁ ତାଙ୍କର ଖ୍ୟାତି ଶୁଣିଥିଲି । ପଣଅଜା ଦନଭୁଧର ଦାସ ଉପକୂଳବର୍ତ୍ତୀ ବିଷ୍ଣୁପୁର (ଲୋକମୁଖରେ ବିଶ୍ୱନପୁର) ଜମିଦାରୀର ପରିଚାଳନା କରୁଥିଲେ । ଜମିଦାରୀ ସିରସ୍ତାର ଜଣେ କ୍ଷମତାପ୍ରାପ୍ତ କର୍ମକର୍ତ୍ତା ଭାବରେ ତାଙ୍କର ଅସୀମ ପ୍ରତିପତ୍ତି ଥିଲା । ତାହାରି ଦ୍ୱାରା ସେ ନିଜର କାର୍ଯ୍ୟକାଳ ସମୟରେ ମନ୍ଦିର ନିର୍ମାଣ କରାଇଥିଲେ । ପଣଅଜା ବ୍ୟବହାର କରୁଥିବା ପାଲିଙ୍କି, ହବାଣି ଆଦି ପୁରାତନ କାଳର ଅତିକାୟ ଯାନବାହନ ଗୁଡ଼ିକ ଆମ ଗୃହରେ ସଂରକ୍ଷିତ ହୋଇଥିଲା । କିଶୋର ବୟସ ପର୍ଯ୍ୟନ୍ତ ମୁଁ ତାହା ଦେଖିଛି । ନିଜ ପରିବାରର କିମ୍ବଦନ୍ତୀ ପରବର୍ତ୍ତୀ ଦାରିଦ୍ର୍ୟ କାଳରେ ମୋ ମନକୁ ପ୍ରଭାବିତ କରିଥିଲା ।

ପିତାମହ ଜୟକୃଷ୍ଣ ଦାସ ଏବଂ ତାଙ୍କର ପତ୍ନୀ ଲକ୍ଷ୍ମୀଦେବୀ ଆମ ପରିବାରରେ ଅତ୍ୟନ୍ତ ପ୍ରଭାବଶାଳୀ ଥିଲେ । ଅଜା ଜୟକୃଷ୍ଣ ଦାସଙ୍କ କରଣୀ ଛଟା ଅକ୍ଷରର ଦସ୍ତଖତ ମୋର ଏବେ ମଧ୍ୟ ମନେ ପଡୁଛି । ସେ ନିଜ ଦସ୍ତଖତର ପ୍ରଥମ ଅକ୍ଷର ଅନ୍ତ୍ୟ 'ଯ' ଲିପିରେ ଆରମ୍ଭ କରୁଥିଲେ । ପଣଅଜା ଥିଲେ ପ୍ରସିଦ୍ଧ ନାମଲତକାର । ବ୍ରିଟିଶ ସରକାର ଅମଳରେ ଆମ ଗ୍ରାମରେ ପ୍ରଥମ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହେଲା । ସେ ତାହାର ସ୍ଥାପୟିତା ସେକ୍ରେଟେରୀ ହେଲେ ।

ପଣଅଜାଙ୍କ ପରିଚାଳିତ ବିଷ୍ଣୁପୁର ଜମିଦାରୀରେ ଅଜା ନିଜର ଯୌବନ କାଳରେ ସିରସ୍ତା ପରିଚାଳନା କରିଥିବା ଅନୁମାନ କରୁଛି । ବିଷ୍ଣୁପୁର ଜମିଦାରୀରେ ଆମ ବଂଶର ଭୂସଂପତ୍ତି ରହିଥିଲା । ଆମ ପୂର୍ବ ପୁରୁଷମାନଙ୍କ ପରିଚୟ ବିଶ୍ୱନପୁର ଜମିଦାରୀରେ ଅନେକ ବର୍ଷ ପର୍ଯ୍ୟନ୍ତ ପ୍ରସିଦ୍ଧ ଥିଲା ।

ନିଜ ଜୀବନର ସମସ୍ତ ପ୍ରକାର ସାମୟିକ ଆଜୀବିକା ମଧ୍ୟରେ ମୁଁ ନିଜର ମାନସିକ ଚେତନାରେ କବି ହେବାଲାଗି ସତତ ଚେଷ୍ଟା କରିଛି । ଏହି ପ୍ରବୃତ୍ତି ମଧ୍ୟରେ ସଫଳତା ଲାଭ କରିଛି । କବିତ୍ୱ କାହା ଶରୀରର ବାହ୍ୟ ଖୋଳପା କିମ୍ବା ଆବରଣ ନୁହେଁ । ଏହା ହେଉଛି ଜୀବନ ଦର୍ଶନର ପରିଚୟ । କବିତ୍ୱ ଜଗତରେ ମଣିଷର ବିଶାଳ ଆତ୍ମା ହିଁ ନିଜ ଶରୀରକୁ ଚିହ୍ନିତ କରାଏ । ଅନ୍ୟ ସବୁ ବୃତ୍ତି ଗୁଡ଼ିକରେ ଶରୀରର ଆଧିପତ୍ୟ ବଳରେ ଆତ୍ମାର ପରିଚୟ ପ୍ରକଟିତ ହୁଏ । ଅନେକ ପ୍ରବୃତ୍ତିରେ ଶରୀର ବୃହତ୍ତର ଏବଂ ଆତ୍ମା କ୍ଷୁଦ୍ରତର ହୋଇ ରହନ୍ତି ।

ଜନ୍ମ ହେଲି ୧୯୧୬ ମସିହା ରଜ ସଂକ୍ରାନ୍ତି ତିଥିବାସରେ । ମୌସୁମୀ ବୃଷ୍ଟିର ଆଦ୍ୟକାଳ । ଧରଣୀ ରଜସ୍ୱଳା । ନାମକରଣ ରଜନୀକାନ୍ତ, ଆକସ୍ମିକ ହେଲେ ବି କାବ୍ୟଧର୍ମୀ । ବ୍ୟକ୍ତି ଜୀବନର ପରିଚୟ ମଧ୍ୟରେ କାବ୍ୟିକ ନାମ କରଣର ଯତିପାତ ଘଟିଥିଲା । ପିତା ଦୀନବନ୍ଧୁ ଦାସ ମିଷ୍ଟଭାଷୀ,

ବନ୍ଧୁ ବତ୍ସଳ, ସ୍ୱାଧୀନଚେତା, ସାହସୀ ଏବଂ ଶରୀରର ତେଜରେ ଶକ୍ତିଶାଳୀ । ନିଜକୁ ନିଜେ ଗଢ଼ିତୋଳିବାର ଅଜସ୍ର ସଂଗ୍ରାମ ମଧ୍ୟରେ ସେ ନିଜର କ୍ଷୁଦ୍ର ବ୍ୟବସାୟିକ ବୃତ୍ତିରେ ଅସୀମ କଷ୍ଟ ସହିଷ୍ଣୁ ଥିଲେ ।

ମାତଃ ସୁଦଭମଣି ଦେବୀ ପ୍ରସନ୍ନ ଦେବୀ ମୂର୍ତ୍ତି । ଗୋଟିଏ କନ୍ୟା ସହିତ ପାଞ୍ଚ ପୁତ୍ରର ଗର୍ଭଧାରିଣୀ ମାତାଙ୍କ କୋଳରୁ ଗୋଟିଏ କନିଷ୍ଠ ଭାଇ ଆମ ମେଳରୁ ବିଦାୟ ନେଇଥିଲା । ତାରିଣୀଭାଇ, ରଜନୀକାନ୍ତ, ସୂର୍ଯ୍ୟକାନ୍ତ, କାଳିଚରଣ ଏବଂ ରାଧାକାନ୍ତ ନିଜ ନିଜର ଆତ୍ମଶକ୍ତି ବଳରେ ସାଂସାରିକ ଜୀବନରେ ପ୍ରତିଷ୍ଠାଲାଭ କରିଛୁ ।

## ସଂକ୍ଷିପ୍ତ ପରିଚୟୀକା

**ମୁଖ୍ୟ ପରିଚୟ :** ଆଜୀବନ ସାହିତ୍ୟ ସେବୀ, ସାଂବାଦିକ, ସଂପାଦକ,
ସ୍ୱାଧୀନତା ସଂଗ୍ରାମୀ, ସମାଜ ସେବକ ।

**ପ୍ରକାଶିତ ପୁସ୍ତକ :**

କବିତା - ସଂଘର୍ଷ (୧୯୪୦), ରଘୁ ମହାନ୍ତି (୧୯୪୬),
ବିରଳ ମୃତ୍ତିକା (୧୯୭୪), ପଦ୍ମପଳାଶ (୧୯୯୯),
କୁମ୍ଭକାମୋଦୀ (୧୯୯୯)

ଉପନ୍ୟାସ - ଦିଗ୍‌ବଳୟ (୧୯୫୫), ଦୀପାଳି ସଂଘ (୧୯୭୯),

ନିବନ୍ଧ/ସାହିତ୍ୟାଲୋଚନା : ଜୀବନଧର୍ମୀ ସାହିତ୍ୟର ଭୂମିକା (୧୯୭୫)

ଅନୁବାଦ ଉପନ୍ୟାସ - ବିଂଶ ଶତାବ୍ଦୀର ପ୍ରେତ (୧୯୭୯), ଚରିତ୍ର ହୀନା (୧୯୯୩)

କାହାଣୀ - ମାଟିର ମୁକୁଟ (୧୯୮୧)
ଟିକିଟିକି ପାହାଡ଼ର ଫୁଲ (୧୯୯୩)
ନିଜ ସଂଧାନରେ ସୂର୍ଯ୍ୟ (୧୯୯୬)

ମନୋଗ୍ରାଫ - ମାଓ-ସେ-ତୁଙ୍ଗ (୧୯୫୨)

ସଂପାଦନା - ଉଦୟ (ମାସିକ ସାହିତ୍ୟ) (୧୯୫୦-୫୨)
ନବପତ୍ର (ତ୍ରୈମାସିକ ସାହିତ୍ୟ) (୧୯୬୬ରୁ ୧୯୯୫)
ରାଉରକେଲା ରିପୋର୍ଟର (ସଂବାଦ/ଆଲୋଚନା ସାପ୍ତାହିକ)
(୧୯୭୮ରୁ ପ୍ରକାଶନ ଆରମ୍ଭ)

## ଉପାୟନ ଓ ସମ୍ବର୍ଦ୍ଧନା

☆ ବରିଷ୍ଠ ସାହିତ୍ୟିକ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର ସାରସ୍ୱତ ସମ୍ବର୍ଦ୍ଧନା (୧୯୮୬)

☆ ଓଡ଼ିଶା ସ୍ପଞ୍ଜ ଆଇରନ୍ ଲିମିଟେଡ୍ ପ୍ରଦତ୍ତ "ସଂସ୍କୃତି" ଉପାୟନ (୧୯୯୫)

☆ ଉନବିଂଶ ଶାରଳା ପୁରସ୍କାର ସାରସ୍ୱତ ଉତ୍ସବରେ ଇଣ୍ଡିଆନ ମେଟାଲସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଉପାୟନ ପ୍ରଦାନ (୧୯୯୮)

☆ ଉତ୍କଳ ପାଠକ ସଂସଦ, କଟକ ଦ୍ୱାରା ଆୟୋଜିତ ପ୍ରତିଭା ସମ୍ବର୍ଦ୍ଧନା (୧୯୯୮)

☆ ଅନ୍ୟାନ୍ୟ ୧୨ଟି ଆଂଚଳିକ ସାହିତ୍ୟ ସଂସ୍କୃତି ଅନୁଷ୍ଠାନରୁ ସ୍ୱୀକୃତି ସମ୍ମାନ

## ସ୍ୱାଧୀନତା ସଂଗ୍ରାମ

ଛାତ୍ର ଅବସ୍ଥାରେ କଳାହାଣ୍ଡି ଗଡ଼ଜାତରେ ରାଜଦ୍ରୋହୀ ଷଡ଼ଯନ୍ତ୍ରକାରୀ ଭାବେ ଭବାନୀପାଟଣା ହାଇସ୍କୁଲରୁ ବିତାଡ଼ିତ ଏବଂ କଳାହାଣ୍ଡି ଗଡ଼ଜାତରୁ ବହିଷ୍କୃତ। ୧୯୪୬ରେ କଳାହାଣ୍ଡି ଗଡ଼ଜାତରେ ପ୍ରଥମ କଂଗ୍ରେସ ସ୍ଥାପନା। କଳାହାଣ୍ଡି ଗଡ଼ଜାତ ମିଶ୍ରଣ ଆନ୍ଦୋଳନର ମୁଖ୍ୟ ସଂଗଠକ।

## ସାହିତ୍ୟ ସଂଗଠନ

ଓଡ଼ିଆ ଯୁବ ଲେଖକ ସମ୍ମେଳନର ସଭାପତି (୧୯୬୮)

କଇତରାଲ ଏକାଡେମୀ, ରାଉରକେଲାରେ ଦୀର୍ଘତମ କାଳର ପ୍ରତିଷ୍ଠାତା ସଭାପତି।

ସର୍ବଭାରତୀୟ ପ୍ରଥମ ଶିଳ୍ପାଞ୍ଚଳ ସାହିତ୍ୟ ସମ୍ମେଳନର ଉଦ୍ୟୋକ୍ତା (୧୯୬୮)

ପ୍ରତିଷ୍ଠାତା : ବେଦବ୍ୟାସ ଫାଉଣ୍ଡେସନ ଟ୍ରଷ୍ଟ, ରାଉରକେଲା (୧୯୯୪)

## ପରିଶିଷ୍ଟ (୧)

***ଗ୍ରନ୍ଥର ନାମ : ସବୁଜରୁ ସାଂପ୍ରତିକ***

***ଗ୍ରନ୍ଥକାର : ଡକ୍ଟର ନିତ୍ୟାନନ୍ଦ ଶତପଥୀ***

***୧ମ ସଂସ୍କରଣ : ୧୯୭୯***

***ପ୍ରକାଶକ : ଗ୍ରନ୍ଥ ମନ୍ଦିର, କଟକ।***

**ଶ୍ରୀ ରଜନୀକାନ୍ତ ଦାସ (୧୯୧୬) :**

ସମସାମୟିକ କବି ଶ୍ରୀ ରଜନୀକାନ୍ତ ଦାସ ଏକାଧିକ କବିତାରେ ଏହି ଭାବଧାରାର ସଚେତନ ଅନୁସରଣ କରିଥିବା ଲକ୍ଷ୍ୟ କରାଯିବ। ୧୯୪୦ ମସିହାରେ ତାଙ୍କ ବାମପନ୍ଥୀ କାବ୍ୟଚେତନାର ପ୍ରଥମ ସ୍ୱାକ୍ଷର ବହନ କରି 'ସଂଘର୍ଷ' ପୁସ୍ତକ ପ୍ରକାଶ ପାଏ; କିନ୍ତୁ ଗତ ଦୁଇ ଦଶକର ପାଠକ ଏ ବହି ସହିତ ପରିଚିତ ହୋଇ ପାରିନାହାନ୍ତି। କାରଣ ଏହି ପୁସ୍ତକଟି ବ୍ରିଟିଶ୍ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହେବାର ଆଶଙ୍କା ପ୍ରକାଶ ପାଇବାରୁ ସେତେବେଳେ ପ୍ରକାଶକ ଓ ଲେଖକ ଉଭୟଙ୍କୁ ଏହାର ପରିଣତି ସଂପର୍କରେ ସତର୍କ ରହିବାକୁ ପଡ଼ିଥିଲା। ପ୍ରଥମ ସଂସ୍କରଣର ପୁସ୍ତକ ଗୁଡ଼ିକ

ବଜାରକୁ ଆସି ନ ପାରିବାରୁ ଏହା କ୍ରମେ ଦୁଷ୍ପ୍ରାପ୍ୟ ହୋଇଗଲା । ତଥାପି 'ସଂଘର୍ଷ' ଯେ ଖୁବ୍ କମ୍ ସମୟ ପାଇଁ ଓଡ଼ିଆ ପ୍ରଗତି-ସାହିତ୍ୟରେ ଅବିସ୍ମରଣୀୟ ସ୍ୱୀକୃତିର ଅଧିକାରୀ ହୋଇଥିଲା, ଏହା କବି ଶ୍ରୀ ଦାସ ତାଙ୍କ ଶେଷତମ କବିତାଗ୍ରନ୍ଥ 'ବିରଳମୁରଳିକା'ରେ ସ୍ମରଣ କରିଛନ୍ତି ('ନିଜସ୍ୱ ସଂଳାପ' - ବିରଳମୁରଳିକା) । 'ସଂଘର୍ଷ'ରେ ପ୍ରକାଶିତ 'ଝଡ଼ର ଶିଙ୍ଗା' ଓ 'ଦେହର ରାକା' କବିତା ଦୁଇଟିକୁ ଏ ସଂପର୍କରେ ଉଲ୍ଲେଖ କରାଯାଇପାରେ । ୧୯୪୧ରୁ ୧୯୪୬ ମଧ୍ୟରେ ତତ୍କାଳୀନ ପତ୍ରିକା ମାନଙ୍କରେ ପ୍ରକାଶିତ କେତେକ କବିତାରୁ ଶ୍ରୀ ଦାସଙ୍କୁ ଜଣେ ବିପ୍ଳବୀ ସାମ୍ୟବାଦୀ କବିଭାବେ ଚିହ୍ନିତ କରିବା ପାଇଁ ଯଥେଷ୍ଟ ଉପାଦାନ ମିଳିଥାଏ । ତାଙ୍କ ସୃଷ୍ଟି 'ସଂଧ୍ୟାତାରା', 'ମାଟି', 'ଅଭିଯାନ', 'ଆତ୍ମଘାତୀ', ଆଦି କବିତାକୁ ଅନୁଧ୍ୟାନ କଲେ ଭାବ ଓ ଭାଷାରେ ରାଉତରାୟ କବିଙ୍କ ପ୍ରଭାବ ସ୍ପଷ୍ଟ ହେବ । ସେ ଯେତେବେଳେ ଲେଖିଛନ୍ତି :

"ନିସ୍ତବ୍ଧ ଏ ସଂଧ୍ୟାତାରା ଦେଖି, ଫୁଟିଉଠେ ଶତ ଅଭିସାର
ଗୋଟିଏ ଗର୍ଭିଣୀ ରାତି ଯାର କୋଳେ ଲଭିବ ନିସ୍ତାର !
ଗୋଟିଏ ସୁଦୀର୍ଘ ଦିବା ହତ, କ୍ଳାନ୍ତ, ବ୍ୟଥିତ ପରାଣେ
ଆଜି ଯା' ଦବାର ଦେବ ବ୍ୟଥିତ ଏ ଗୋଧୂଳି ଲଗନେ ।"(୧୪)

'ସଂଧ୍ୟାତାରା' ଏହା ସହିତ ରାଉତରାୟଙ୍କ କବିତାର ଭାବ ଓ ଭାଷାର କେତେ ନିକଟବର୍ତ୍ତୀ ଉପଲବ୍ଧି ହେବ । ପୁଣି କବି ରାଉତରାୟଙ୍କ ପରି ଅତିବାସ୍ତବବାଦୀ ଚେତନାର ସ୍ପନ୍ଦନ ତାଙ୍କ କବିତାରୁ ବାରିହୁଏ । ଏହା ଏକ ଆନ୍ତରିକ ବିପ୍ଳବର ସ୍ୱର - ଯେଉଁ ସ୍ୱର ସମାଜର ତଥାକଥିତ ଧନୀ ଓ ସୁଖିବାଦୀ ମାନଙ୍କ ବିରୁଦ୍ଧରେ କାବ୍ୟ ଚିନ୍ତାର ପ୍ରତିକ୍ରିୟା ମାତ୍ର । (୧୫) ଏସବୁ କବିତାରେ ଶ୍ରୀ ଦାସ ଯେଉଁ 'ଯାତ୍ରା ' ଓ 'ଅଭିଯାନ' ବିଷୟରେ ସୂଚନା ଦେଇଛନ୍ତି, ତାହା ଯେ ଏକ ଦୁର୍ବାର ପ୍ରଗତିବାଦୀ ସାମାଜିକ କାବ୍ୟଚେତନା, ଏଥିରେ ଦ୍ୱିରୁକ୍ତି ନାହିଁ । ତେଣୁ ସନ୍ଧ୍ୟାର ଶେଷ ଲଗ୍ନରେ ସେ ଶୁଣିଛନ୍ତି ଝଡ଼ର ନହବତ । ଏଠାରେ ଯେଉଁ ଭୀରୁ ବାଳିକାର ପ୍ରତୀକ ବ୍ୟବହୃତ, ସେ ଆଉ ପ୍ରେମର ଉପାସିକା ନୁହେଁ, ତା ଆଳଭକ ରେଖାରେ ତାର ପାଦକୁ ରଂଜିତ କରେ ନାହିଁ; ବରଂ

---

୧୪ - 'ସଂଧ୍ୟାତାରା' - 'ସହକାର' ୨୨ ଭାଗ/୧ମ ସଂଖ୍ୟା; ବୈଶାଖ ୧୩୪୮ (ଏପ୍ରିଲ୍ ୧୯୪୧)
୧୫ - 'ଅଭିଯାନ' - 'ସହକାର' ୨୨ ଭାଗ /୩-୪ ସଂଖ୍ୟା, ଆଷାଢ଼-ଶ୍ରାବଣ, ୧୩୪୮ (ଜୁନ୍-ଜୁଲାଇ, ୧୯୪୧)
"ପଥଧାରେ ଚାଲି ଚାଲି ସୁକୋମଳ ସ୍ୱପ୍ନ ଆଉ ସିଧା,
ପାଦ ତା' ହେଲାଣି ପଙ୍କୁ ଅପଥରେ ତେଣୁଟି ଝରଧା ।
ତେଣୁ ଆଜି ଅରଣାରେ ଚାଲିବାର ଦୁର୍ବାର ବାସନା,
ଅଯାଚିତେ ଜାଗିଉଠେ ମନମୂଳେ ଅହିତ କାମନା ।
ଜାଗିଉଠେ ହିଂସା ଦ୍ୱେଷ, ଜାଗିଉଠେ କ୍ରୋଧ ଅମଙ୍ଗଳ
ହତ୍ୟା ଲାଗି ଖୋଜିଉଠେ ମୁମୂର୍ଷୁ ଏ ନିଜ କରବାଳ ।"

ଛାତିର ରକ୍ତରେ ସେ ଏକ ନୂଆ ସମ୍ଭାବନାର ଖାଳିଣା ଖୋଳେ । କବି ଦାସ ସମସାମୟିକ ସ୍ୱର ସହିତ କଣ୍ଠ ମିଳେଇ କହନ୍ତି: ''ମଣିଷ ପାଖିଁ ଆଉ ମଣିଷ ଝୁଙ୍କିପଡ଼ିବ ନାହିଁ, କିମ୍ବା ଭିକ୍ଷାର ଥାଳ ଧରି ସେ ଅନ୍ୟର କୃପାଭିକ୍ଷୁ ହେବ ନାହିଁ ।'' ଏହିପରି ଏକ ମୂଲ୍ୟବାନ ସମୟର ପରିକଳ୍ପନାରେ ତାଙ୍କ କାବ୍ୟସ୍ୱର ଉଚ୍ଛ୍ୱସିତ । ସେ ତେଣୁ ଏଇ ମାଟିର ବନ୍ଦନା କରନ୍ତି, ଯେଉଁ ମାଟିରେ ଦରିଦ୍ର କୃଷକ ଓ ଶ୍ରମିକ ତାର ଆକୁଳ ଅଶ୍ରୁ ଓ ଅକ୍ଳାନ୍ତ ଶ୍ରମ ନିଶେଇଦିଏ । ତାର ଶ୍ରେଣୀସଭାକୁ ସମାଜ ଯେତେ ଅସ୍ୱୀକାର କଲେ ବି, ମାଟି କିନ୍ତୁ ଅସ୍ୱୀକାର କରେ ନାହିଁ । ମାଟି ଅତି ଆଦରରେ ତାକୁ ବକ୍ଷ ପାତି ସ୍ଥାନ ଦିଏ । ଏଇ ମାଟିର ଭିନ୍ନ ମଣିଷଟି ପୁଣି କେତେ କୁଟିଳ-ରାଜନୀତି ଓ ଶୋଷଣର ମସୁଧା କରେ; କିନ୍ତୁ ମାଟି ସେଥିରେ ଅତ୍ୟନ୍ତ ବିଷର୍ଣ୍ଣ । ସେ କେବଳ ତାକୁହିଁ ଆପଣାର କରେ ଯେ ସମସ୍ତ ଲୁହ ଲହୁ ଓ ଅପମାନକୁ ବରଣକରି ତାର ଦେହର ଶ୍ରମରେ ଏ ମାଟିକୁ କରେ ଫଳପ୍ରସୂ (୧୬କ) । ବେଳେବେଳେ କାବ୍ୟ-ଭାବନାରେ ସେ କେତେ ଉଗ୍ରପନ୍ଥୀ ତାହା ତାଙ୍କର 'ଦାପାଳି' ନାମକ କବିତାରୁ ପ୍ରତିପନ୍ନ ହୁଏ । ସମାଜ-ବ୍ୟବସ୍ଥାରେ ବିବ୍ରତ କବି ଏକ ସମୟରେ 'ଦାପାଳି', 'ଏଣ୍ଡୁଡ଼ି' ଓ 'ଚୁଲିର ନିଆଁ' ଜାଳିଦେବାକୁ ଅତି କ୍ଷୋଭରେ କହିଛନ୍ତି :

*''ଜାଳିଦିଅ ଦାପ, ଏଣ୍ଡୁଡ଼ି ଓ ଚିତା ଏକ ସ୍ଥାନେ*
*ଜୀବନର ସବୁ ରସ 'ସବୁ ଜୀବନର ହେତୁ' ପୂର୍ଣ୍ଣତାରେ ମିଶୁ ଦିନେ'' (୧୬ଖ) ।*

ଶ୍ରୀ ଦାସଙ୍କ କବିତାରେ ଭାବଧାରା ଶାଣିତ ଓ ପ୍ରାଞ୍ଜଳ ନୁହେଁ, ଯଦିଓ ଶବ୍ଦ ଗଠନରେ ତଥା ପ୍ରତୀକ ନିର୍ମାଣରେ ତାଙ୍କର ଦକ୍ଷତା ଲକ୍ଷ୍ୟ କରାଯାଏ । ସମାଜର ଯେଉଁ ଦର୍ଶନକୁ ସେ କବିତାରେ ସ୍ୱରାୟିତ କରିଛନ୍ତି, ସେ ସ୍ୱର ଭାରତୀୟ କବିଙ୍କୁ ଅଧିକ ଭାବରେ ଅନୁସରଣ କରିଥିବାରୁ ନିଜର ମୌଳିକତାକୁ ପ୍ରତିଷ୍ଠିତ କରିପାରେ ନାହିଁ ।

କିନ୍ତୁ ୧୯୪୬ ମସିହାରେ ପ୍ରକାଶିତ ତାଙ୍କ କବିତା 'ରଘୁ ମହାନ୍ତି' ଏକ ଐତିହାସିକ ଘଟଣା ଉପରେ ଚିତ୍ରିତ ହେଲେ ବି ତାଙ୍କ ବିପ୍ଳବୀ କାବ୍ୟ ଚେତନାର ଉଦାହରଣ ବହନ କରେ । ରଣପୁର ଗଡ଼ଜାତର ଇତିହାସ-ପୁରୁଷ ରଘୁ ମହାନ୍ତି ଏବଂ ଦିବାକର ପରିଡ଼ା ବେଜେଲ୍‌ଗେଟ୍ ହତ୍ୟା ମାମଲାରେ ଫାଶି ଖୁଣ୍ଟରେ ଝୁଲନ୍ତି । ଇତିହାସର ସେଇ ବେଦନାର୍ତ୍ତ ମୁହୂର୍ତ୍ତର କରୁଣ ବିଷାଦ 'ରଘୁ ମହାନ୍ତି' କବିତାରେ ନିବେଦିତ । ଲେଖକ ନିଜେ ସ୍ୱୀକାର କରିଛନ୍ତି ଯେ ସାମୟିକ ଆବେଗମୂଳକ ସେଇ ବାର୍ତ୍ତା ସେତିକିବେଳେ ଆତ୍ମପ୍ରକାଶ ନକରିଥିଲେ ସୀମିତ ଅବଧି ଅନ୍ତେ ସେ କବିତା ପୁସ୍ତକର କୌଣସି ଗୁରୁତ୍ୱ ରହି ନ ଥା'ନ୍ତା । ତେଣୁ ଏହି କାବ୍ୟ ଅଧିକ ଭାବରେ ଭାବାବେଗ

---

୧୬-(କ)'ମାଟି'-'ସହକାର' ୨୩ଶ ବର୍ଷ/୨ୟ ସଂଖ୍ୟା, ଜ୍ୟେଷ୍ଠ ୧୩୬୯, ମେ' ୧୯୪୨ ।
୧୬ - (ଖ) 'ଦାପାଳି' - 'ଡଗର' ୮ମ ବର୍ଷ/୧୦, ୧୧ ସଂଖ୍ୟା, ୧୯୪୫ ।

ଦ୍ୱାରା ଉଦ୍ଘାଟିତ ହୋଇଥିବାରୁ ଏଥିରେ କୌଣସି ଚିରନ୍ତନ ସାହିତ୍ୟିକ ବିଭୂତି ଖୋଜିଲେ ପାଠକମାନେ ନିରାଶ ହେବେ ।

ସ୍ୱାଧୀନତା ପରେ ପ୍ରକାଶିତ ବହୁ କବିତାରେ ସମାଜ ଓ ରାଜନୀତି ପ୍ରତି ତୀକ୍ଷ୍ଣ ବ୍ୟଙ୍ଗ ପ୍ରକାଶ ପାଇଛି । 'ମାଧିଆ ଭାଇ', 'ଖଦଡ଼ବ୍ୟାଙ୍ଗ' ଓ 'ଚଣ୍ଡାସରକାର' ଏହି ପର୍ଯ୍ୟାୟର ଗୋଟିଏ ଗୋଟିଏ ଚମତ୍କାର ବ୍ୟଙ୍ଗାତ୍ମକ କବିତାରୂପେ ବିବେଚିତ ହେବ । (୧୭) କବି ଏ ସମୟରେ (୧୯୪୯-୫୨) 'ଉଦୟ' ନାମକ ଏକ ପତ୍ରିକାର ସଂପାଦକ ଥିଲେ । ତେଣୁ ତାଙ୍କର ଅନେକ ଦୀର୍ଘ କବିତା ସମସାମୟିକ ପତ୍ରିକା 'ସହକାର' ଓ ନିଜ ସଂପାଦିତ 'ଉଦୟ'ରେ ହିଁ ପ୍ରକାଶିତ ହୋଇଛି । କିନ୍ତୁ ବ୍ୟଙ୍ଗ-କବିତା ଗୁଡ଼ିକରେ ସେ ଶ୍ରୀ ରାଉତରାୟ କବିଙ୍କ 'ହସନ୍ତ'ର କାବ୍ୟଧର୍ମ ଓ ଗଠନଧର୍ମିତା ପ୍ରତି ଅଧିକ ଆସକ୍ତି ପ୍ରକାଶ କରିଥିବାରୁ ନିଜ କାବ୍ୟ ଚେତନାର ସ୍ୱତନ୍ତ୍ର ପ୍ରତିଷ୍ଠା ଏଠାରେ ମଧ୍ୟ ଲୋଡ଼ିପାରି ନାହାନ୍ତି । ୧୯୬୫ ମସିହାରୁ ଏଯାବତ କବି ରାଉରକେଲା କଲଚରାଲ୍ ଏକାଡେମୀ ଦ୍ୱାରା ପ୍ରକାଶିତ ତ୍ରୈମାସିକ ପତ୍ରିକା 'ନବପତ୍ର'ର ସଂପାଦକ ଥାଇ କାବ୍ୟ କବିତା ପ୍ରତି ଅଧିକ ଉନ୍ମୁଖତା ପ୍ରକାଶ କରିଛନ୍ତି । ତାଙ୍କ ଲିଖିତ ବହୁ କବିତା କଲଚରାଲ୍ ଏକାଡେମୀରେ ପଠିତ ଓ ଆଲୋଚିତ ମଧ୍ୟ ହୋଇଅଛି । ତାଙ୍କ ନିଜ ବକ୍ତବ୍ୟ ଅନୁସାରେ ସାହିତ୍ୟ ତାଙ୍କ ପାଇଁ ଏକ ସୌଖୀନ ବିଳାସ ନୁହେଁ; ବରଂ ସାମୂହିକ ଚେତନାର ବାର୍ତ୍ତାବହ । ତେଣୁ ତାଙ୍କ ଶ୍ରେଷ୍ଠତମ ସଙ୍କଳନ 'ବିରଜମଲ୍ଲିକା' (୧୯୬୪)ରେ ଆମେ ତାଙ୍କ ବ୍ୟକ୍ତିଗତ ଜୀବନର କ୍ଷୟକ୍ଷତି ବା ସୁଖଦୁଃଖ ଅପେକ୍ଷା ଅଧିକ ମାତ୍ରାରେ ବହୁ ଅବରୁଦ୍ଧ କଣ୍ଠର ବେଦନାର୍ତ୍ତ ସ୍ୱର ଶୁଣିବାକୁ ପାଇବା । କିନ୍ତୁ ସୃଷ୍ଟିର ସୀମିତତା ଓ ମନ୍ଥରତା ହେତୁ କବି ଶ୍ରୀ ଦାସ ଓଡ଼ିଆ କବିତା କ୍ଷେତ୍ରରେ କୌଣସି ନୂତନ ଶଙ୍କୁ ସ୍ଥାପନରେ ଯଶସ୍ୱୀ ହୋଇପାରି ନାହାନ୍ତି । ତଥାପି ବାମପନ୍ଥୀ କାବ୍ୟଚେତନାର ଇତିହାସରେ ଶ୍ରୀ ରଜନୀକାନ୍ତ ଦାସ ଯେ ଏକ ଅବିସ୍ମରଣୀୟ ନାମ, ଏହା ସ୍ୱୀକାର କରିବାରେ ମୋର କୁଣ୍ଠା ନାହିଁ ।

---

୧୭ - (କ) 'ମାଧିଆ ଭାଇ' - 'ଉଦୟ' - ଅଗଷ୍ଟ, ୧୯୫୦ - ''ମାଧିଆ ଭାଇରେ ମାଧିଆ ଭାଇ.... ସରକାର ସଂଗେ ପାରତି ମେଳ'' ।

(ଖ) 'ଖଦଡ଼ ବ୍ୟାଙ୍ଗ' - 'ଉଦୟ' - ଅପ୍ରେଲ, ୧୯୫୦ - ''ଗାନ୍ଧି ମରିଚି ଖଦି ବି ମରିବ ସରିବ ସୂତା/ଗାନ୍ଧି ଭୂତର ଖଦଡ଼ରେ ଯାଦୁଘରକୁ ଯୋଷ ।''

(ଗ) 'ଚଣ୍ଡା ସରକାର' - 'ଉଦୟ' - ଫେବୃୟାରୀ, ୧୯୪୯ ।

ଧରିତ୍ରୀ **ବିଶେଷ** : ନଭେମ୍ବର, ୧୯୯୭

# ଜୀବନର ଉଷ୍ମା, ମଣିଷର ବାସ୍ନା ଯାହାର କବିତା

*( ସେ ଚିର ସଂଗ୍ରାମୀ, ବିପ୍ଳବର ବହ୍ନି, ସାହିତ୍ୟର ସ୍ରଷ୍ଟା, ଅଦ୍ଭୁତ 'ନବପତ୍ର' । କୈଶୋରେ ରାଜାଙ୍କ ଭୂଷିତ ହୁଏ କଠୋର ରାଜତନ୍ତ୍ରର ପ୍ରତିବାଦ କରେ, ନିଜେ ନିର୍ବାସିତ । ନିଜ ମାଟି ଛଡ଼ା ଆଦର୍ଶର ସଡ଼କରେ ଏକାକୀ ଯାତ୍ରୀ ସେ । ନିର୍ଭୀକ, ଅମାୟିକ, ସ୍ପଷ୍ଟ, ସୁନ୍ଦର ସମାଜର ସ୍ୱପ୍ନରେ ବିଭୋର । ଭବିଷ୍ୟତ ପାଇଁ ଭୟ ନାହିଁ, ଅତୀତ ପ୍ରତି ନାହିଁ ମୋହ, ଅଥଚ ସୃଜନର ସ୍ପନ୍ଦନ ଜୀବନରେ ଚିର ବିଦ୍ୟମାନ ତାଙ୍କର ମାନସ । ପ୍ରଥମ ସଂପାଦକ, 'ନବପତ୍ର'ର ନବଜାତକ । ନିଜ ମାଟିରେ ନିଜେ ନିମଗ୍ନ, କବିତା ଓ ସମାଜ ସେବାର ମନ୍ତ୍ରରେ ଅଭିମନ୍ତ୍ରିତ ଏହି ନିର୍ଭୀକ କବି ରଜନୀକାନ୍ତ ଦାସଙ୍କୁ ତାଙ୍କ ଭାରତନଗରସ୍ଥ ବାସଭବନରେ ସାକ୍ଷାତ କରନ୍ତି* ***ଶଙ୍କର ପ୍ରସାଦ ତ୍ରିପାଠୀ*** *)*

ସେତେବେଳକୁ ରଜନୀକାନ୍ତ ଦଶମ ଶ୍ରେଣୀର ଛାତ୍ର । ପ୍ରକାଶ ପାଉଥାଏ ଭଗବତୀଚରଣ ପାଣିଗ୍ରାହୀଙ୍କ ସଂପାଦିତ ସାପ୍ତାହିକୀ ପତ୍ରିକା : 'କୃଷକ' । ଭବାନୀପାଟଣା ରାଜା ବ୍ରଜମୋହନ ଦେଓଙ୍କ ଅତ୍ୟାଚାର ସଂପର୍କରେ ଏକ ପ୍ରତିକ୍ରିୟାଶୀଳ ଚିଠି ଲେଖିବ ପଠାଉଥାନ୍ତି 'କୃଷକ' ପତ୍ରିକାରେ ପ୍ରକାଶନ ପାଇଁ । ଅବଲୋକ୍ରମେ ତାହା ପଡ଼େ ରାଜାଙ୍କ ହାତରେ । କ୍ରୋଧୀ ରାଜା ତାଙ୍କୁ ସ୍କୁଲରୁ ବାହାର କରନ୍ତି । ଏହିଠାରୁ ହିଁ ଆରମ୍ଭ ହୁଏ କିଶୋର ରଜନୀକାନ୍ତଙ୍କ ସଂଗ୍ରାମୀ ଜୀବନ । ପରବର୍ତ୍ତୀ ସମୟରେ ସେ ସ୍କୁଲ ପରୀକ୍ଷା ଦିଅନ୍ତି, ଇଂରେଜ ସରକାରଙ୍କ ଅନୁମତି ନେଇ, ଗୋଟିଏ ସର୍ତ୍ତରେ ଯେ, ପରୀକ୍ଷା ପରେ ସେ ଆଉ ଭବାନୀପାଟଣାରେ ଦୃଶ୍ୟ ହେବେ ନାହିଁ ।

ସ୍କୁଲ ପରୀକ୍ଷା ପରେ ଛାତ୍ର ରଜନୀକାନ୍ତ ଭବାନୀପାଟଣା ଛାଡ଼ି ଯାଇ ପହଂଚନ୍ତି ମଧ୍ୟପ୍ରଦେଶର 'ସୁର୍ଗୁଜା' ରାଜଧାନୀ ସହରରେ । ସେଠି କଟିଯାଏ ଆଦ୍ୟ ଜୀବନର ବିଦ୍ରୋହୀ ଛଅ ବର୍ଷ । ନିଜର ଭରଣ-ପୋଷଣ ପାଇଁ ସରକାରୀ ଚାକିରିରେ ଯୋଗ ଦିଅନ୍ତି । ଏକାକୀ ଯାତ୍ରୀ ସେ - ଜୀବନର ଆରମ୍ଭରୁ 'ସୁର୍ଗୁଜା'ରୁ ମୋରିସ କଲେଜ୍‌ରେ ଦୁଇ ବର୍ଷର ପାଠପଢ଼ା, କୌଣସି କାରଣରୁ ଶେଷ ହୋଇ ପାରେନା । ବାପାଙ୍କ ଆଗ୍ରହ ହେତୁ ସେ ବାଧ୍ୟ ହୋଇ ଫେରି ଆସନ୍ତି ଭବାନୀପାଟଣା । ଲିଭି ନ ଥାଏ ସଂଗ୍ରାମର ଶିଖା । ରାଜା ବ୍ରଜମୋହନଙ୍କ ଅତ୍ୟାଚାରର କଥା ଭଗବତୀଚରଣଙ୍କ ପତ୍ରିକା - 'କୃଷକ'ରେ ପ୍ରକାଶ ପାଏ ନାହିଁ ସିନା; କିନ୍ତୁ କିଶୋର ରଜନୀକାନ୍ତ ବିଚଳିତ ନ ହୋଇ ବ୍ୟକ୍ତିଗତ ଭାବେ ରାଜାଙ୍କର କ୍ରିୟା କଳାପକୁ ବିରୋଧ କରି ଚାଲନ୍ତି । ଭବାନୀପାଟଣାରେ ରାଜାଙ୍କର ଏକ ଅଦ୍ଭୁତ୍ ଆଦେଶ ପାଳିତ ହେଉଥାଏ । ରାଜରାସ୍ତାରେ ଇଂରେଜ କିମ୍ବା ବ୍ରଜମୋହନଙ୍କ ଗାଡ଼ି ଚାଲିଗଲେ ଲୋକମାନେ ରାସ୍ତାରୁ ହଟିଯାଇ, ରାସ୍ତାକଡ଼ରେ ଠିଆ ହୋଇ ସମ୍ମାନ ପ୍ରଦର୍ଶନ

କରୁଥିଲେ । ଯୁବକ ରଜନୀକାନ୍ତ ଏହାର ଘୋର ବିରୋଧୀ ଥିଲେ ଓ ନିଜେ କୌଣସି ପ୍ରକାର ସମ୍ମାନ ପ୍ରଦର୍ଶନ କରୁନଥିଲେ ।

ସେ ସମୟରେ ଭବାନୀପାଟଣାରେ କୌଣସି ସରକାରୀ ଜେଲ୍ ନ ଥିବାରୁ ଦୋଷୀ ମାନଙ୍କୁ ନୀଚ ଜାତିର ଲୋକଙ୍କ ଦ୍ୱାରା ବାନ୍ଧିଦେବା, ଘର ବିଶେଷରେ ସଂପୃକ୍ତ ବ୍ୟକ୍ତିଙ୍କ ଉପରେ ପରିସ୍ରା କରିବା ଆଦିର ବିରୋଧ କରି ଅନେକ ଥର ଦଣ୍ଡ ପାଇଛନ୍ତି ସେ ।

ନିରୋଳା ସଂଗ୍ରାମୀ ଓ ସ୍ୱାଭିମାନୀ ଜୀବନରେ ରଜନୀକାନ୍ତ କେବେବି ନିଜର ଆତ୍ମ ଅଭିମାନକୁ ବଳି ଦେଇ କାହାଠାରେ ହାତ ପତାଇ ନାହାନ୍ତି । ଜଗତ୍‌ସିଂହପୁର ଜିଲ୍ଲାର ସଂଗ୍ରାମପୁର ଗ୍ରାମରେ, ଚିର ବିପ୍ଳବୀ, ସଂଗ୍ରାମୀ କବି ରଜନୀକାନ୍ତ ଦାସଙ୍କ ଜନ୍ମ । ଚାରି ଭାଇ ଓ ଭଉଣୀଙ୍କ ମଧ୍ୟରେ ସେ ଥିଲେ ଅଗ୍ରଜ । ଗାଁ ଚାଟଶାଳୀରେ ଆରମ୍ଭ ହୁଏ ଖଡ଼ିପାଠ । ସେ ସପ୍ତମ ଶ୍ରେଣୀରେ ପଢ଼ିଲାବେଳେ ତାଙ୍କ ଇତିହାସ ବହିରେ ସ୍ଥାନିତ ହୋଇଥାଏ 'ଅନ୍ଧକୂପ ହତ୍ୟା' । ରାଗରେ ଚିରି ଦିଅନ୍ତି ଅତ୍ୟାଚାର ଦଲିଲ୍ । ସେଥିପାଇଁ ସଂପୃକ୍ତ ଶିକ୍ଷକଙ୍କ ଠାରୁ ସେ ଦଣ୍ଡିତ ହୁଅନ୍ତି । ତଥାପି ତାଙ୍କ ମନରେ ନଥାଏ ଗ୍ଳାନି ।

ପିତା ଦୀନବନ୍ଧୁ ଦାସ ବ୍ୟବସାୟ ଉଦ୍ଦେଶ୍ୟରେ ପହଞ୍ଚନ୍ତି ଭବାନୀପାଟଣା । କିଶୋର ରଜନୀକାନ୍ତଙ୍କର ଗାଁ ଚାଟଶାଳୀର ପାଠପଢ଼ା ଶେଷ ହୁଏ । ''ଆଜି ଆଉ ଗାଁ ମାଟିକୁ ଫେରିଯିବାର ଅବକାଶ କାହିଁ'' – କହି ନୀରବ ରହିଲେ କବି । ଆମେ ତାଙ୍କୁ ତାଙ୍କର ରାଉରକେଲା ବାସଭବନରେ ଭେଟିଲାବେଳେ ତାଙ୍କର ପରିଧାନ ଥିଲା ସଫେଦ୍ ଖଦଡ଼ । ମାନସିକ ମୂଲ୍ୟବୋଧରେ ସଦା ବିଶ୍ୱାସୀ କବି ଶ୍ରୀଦାସଙ୍କୁ ତାଙ୍କ କବି ଜୀବନର ଆଦ୍ୟ ସ୍ମରଣ ଓ ସ୍ମୃତି ଭିତରକୁ ଫେରାଇ ନେଲାବେଳେ, ମୁଖ ଉଜ୍ଜ୍ୱଳ ହୋଇ ଉଠୁଥିଲା । ''ମନ ଭିତରେ ପ୍ରଥମ କବିତାର କମ୍ପନ ଶୁଣିବା ବେଳକୁ ମୁଁ ଦଶମ ଶ୍ରେଣୀର ଛାତ୍ର । ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ, ୧୯୩୬ ବେଳକୁ ମୋର ପ୍ରଥମ କବିତା 'ବ୍ୟଭିଚାରର ପୂଜା' 'ପ୍ରଗତି' ପତ୍ରିକାରେ ପ୍ରକାଶ ପାଏ । ସେ ସମୟରେ ପେଟ ପାଟଣାର ପୀଡ଼ନରେ ଓଡ଼ିଆ ଲୋକ ରେଙ୍ଗୁନ୍ ଚାଲିଯିବା ମୋ ମନରେ ଗଭୀର ଭାବେ ରେଖାପାତ କରିଥିଲା । ମୁଁ 'ଡଗର' ପତ୍ରିକାରେ ସେହି ଘଟଣାକୁ ନେଇ ଏକ ଗଳ୍ପ ଲେଖିଥିଲି, ଗଳ୍ପର ଶୀର୍ଷକ ଥିଲା : 'ଏ ଦେଶରେ ଆଉ ହେବନି' । ତା'ପରେ ନିରବଚ୍ଛିନ୍ନ ଭାବେ ଲେଖା ଲେଖି କରିଛି ।''

ରଜନୀକାନ୍ତଙ୍କ ସାହିତ୍ୟିକ ଜୀବନ ତାଙ୍କ ସଂଗ୍ରାମୀ ଜୀବନ ପରି ପୁଲକପ୍ରଦ । ୧୯୪୦ରେ ପ୍ରକାଶ ପାଏ ତାଙ୍କର କବିତା ସଂକଳନ 'ସଂଘର୍ଷ' । ଏହାର ପ୍ରକାଶନ ପରେ ପରେ ପୋଲିସ୍ ଏହାକୁ ଜବତ୍ କରି ବିକ୍ରୀ ନିଷିଦ୍ଧ କରିଦିଅନ୍ତି । କିନ୍ତୁ ଏହି କବିତା ସଂକଳନ ତାଙ୍କୁ ଖୁବ୍ କମ୍ ବୟସରେ ଆଣିଦିଏ ଖ୍ୟାତି ଓ ସୃଜନର ଅଫୁରନ୍ତ ପ୍ରେରଣା । ପରବର୍ତ୍ତୀ ସମୟରେ କଟକରେ ସେ ସୃଷ୍ଟି କରିଛନ୍ତି 'ଉଦୟ' ଶୀର୍ଷକ ପତ୍ରିକା, ଓଡ଼ିଆ ଲେଖକ ସହଯୋଗ ସମିତି ସାହାଯ୍ୟ ନେଇ । ପ୍ରକାଶିତ ହୋଇଛି 'ଡଗର', 'ପ୍ରଗତି', 'ସହକାର' ପ୍ରଭୃତି ପତ୍ରିକାରେ ତାଙ୍କର ଅଗଣିତ କବିତା, ଗଳ୍ପ ଓ ଆଲୋଚନା ।

୧୯୫୩ ବେଳକୁ ସାହିତ୍ୟ ସହିତ କବି ରଜନୀକାନ୍ତ ଆରମ୍ଭ କରନ୍ତି ସାମ୍ବାଦିକର ଜୀବନ। ୧୯୫୪ ବେଳକୁ ଡଃ. ହରେକୃଷ୍ଣ ମହତାବଙ୍କ ପରାମର୍ଶ କ୍ରମେ ସେ ରାଉରକେଲାରେ ପହଞ୍ଚନ୍ତି ସାହିତ୍ୟ, ସଂସ୍କୃତି ଓ ଜନସେବା ସହିତ ସାମ୍ବାଦିକତା କାର୍ଯ୍ୟ ସମ୍ପାଦନ କରିବାର ଉଦ୍ଦେଶ୍ୟ ନେଇ। ରାଉରକେଲାଠାରେ ସାହିତ୍ୟ ସଂସ୍କୃତିର ପରମ୍ପରାକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଲକ୍ଷ୍ମୀଧର ନାୟକ ଓ ଧନଞ୍ଜୟ ମହାନ୍ତିଙ୍କ ସହଯୋଗରେ ଗଢ଼ା ହୁଏ 'କଲଚରାଲ୍ ଏକାଡେମୀ'। ଲକ୍ଷ୍ୟ ଥିଲା ରାଉରକେଲା ପରି ଏକ ପ୍ରାନ୍ତ ଅଂଚଳରେ ଓଡ଼ିଆ ଭାଷାର ଭବିଷ୍ୟତ ଗଢ଼ିବା। ତାଙ୍କ ସ୍ୱପ୍ନ କିଛି ପରିମାଣରେ ସାକାର ହୋଇଛି ଏହି ଅନୁଷ୍ଠାନ ମାଧ୍ୟମରେ।

କବି ରଜନୀକାନ୍ତଙ୍କ ଅନ୍ୟ ଏକ ଅନବଦ୍ୟ କୃତି, 'ନବପତ୍ର'ର ସଂପାଦନା। କଲଚରାଲ୍ ଏକାଡେମୀ ତରଫରୁ ପ୍ରକାଶିତ ଏହି ପତ୍ରିକା ସେ ସଂପାଦନା କରିଛନ୍ତି ଦୀର୍ଘ ଏକୋଇଶ ବର୍ଷ ଓ ଏହି ପତ୍ରିକାର ପ୍ରାଣପିତା ସେ।

ତାଙ୍କର ସଂଗ୍ରାମୀ ଜୀବନ ପରି ତାଙ୍କର ସାହିତ୍ୟିକ ଜୀବନ ମଧ୍ୟ ଘଟଣା ବହୁଳ, ବ୍ୟସ୍ତ। କବିତା, ଗଳ୍ପ, ଅନୁବାଦ ସାହିତ୍ୟ, ପ୍ରବନ୍ଧ ପୁସ୍ତକ, ଉପନ୍ୟାସ, ଜୀବନୀ, ପତ୍ରିକା ସଂପାଦନା ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ରହିଛି ଉଦାର ମନୋନିବେଶ, ଆତ୍ମତୃପ୍ତି ଓ ସିଦ୍ଧି। ସାମାଜିକ ବିପ୍ଳବ, ରାଜନୈତିକ ସ୍ଥିତି ଓ ବ୍ୟକ୍ତି ଚରିତ୍ରର ବିଶ୍ଳେଷଣ ମଧ୍ୟରୁ ଆସିଛି ତାଙ୍କ ସୃଷ୍ଟିର ପ୍ରେରଣା ଓ ଉପାଦାନ। ସମାଜରେ ଥିବା ଭେଦଭାବ, ଶୋଷଣ, ଅତ୍ୟାଚାର ଓ ରାଜଶାସନର ମନୋମୁଖୀ ମନୋଭାବ ତାଙ୍କୁ କରିଛି ବିପ୍ଳବୀ, ମାନବବାଦୀ। ତାଙ୍କ ସୃଜନର ଫଲ୍‌ଗୁ ପ୍ରବାହିତ ମାନବାତ୍ମାର ବିକାଶରୁ ଆହୃତ ବହ୍ନିଶିଖା।

ପୁରସ୍କାର ପ୍ରତି ଉଦାସୀନ ଏହି କବି ବ୍ୟକ୍ତିତ୍ୱ ରଜନୀକାନ୍ତ ପୁରସ୍କାର ସଂପର୍କରେ ବିରକ୍ତି ପ୍ରକାଶ କରି କହିଲେ: 'ସ୍ଥଳ ବିଶେଷରେ ବହୁ ଅଯୋଗ୍ୟ ଲୋକ ପୁରସ୍କାର ପାଉଛନ୍ତି ଓ ପୁରସ୍କାର ବିଚାରକ ମାନଙ୍କ ମଧ୍ୟରୁ ଅନେକଙ୍କର ସେ ବିଷୟରେ ଯଥେଷ୍ଟ ଧାରଣା, ଶିକ୍ଷା, ପଠନ ନଥାଇ ନିଜର ସ୍ୱାର୍ଥ ନିହିତ ଥିବାରୁ ଏପରି ପୁରସ୍କାରର ପ୍ରହସନ ଲାଗି ରହିଛି।'

ତଥାପି ତାଙ୍କୁ ମିଳିଛି ଆନୁଷ୍ଠାନିକ ସ୍ୱୀକୃତି। ସତ୍ୟଜିତ ରାୟ, ଅସ୍କାର୍ ୱାଇଲ୍ଡ୍, ହୁଇଟ୍‌ମ୍ୟାନ୍ ଓ ମନୋଜ ଦାସ ତାଙ୍କର ପ୍ରିୟ ଲେଖକ। ସମୁଚିତ ସ୍ୱାଭିମାନରେ ଭରପୁର ଏହି କବି ଜଣେ ଭଲ ଛାତ୍ର ହେଲେ ହେଁ ବର୍ଜନ କରିଥିଲେ ଇଂରାଜୀ ଶିକ୍ଷା।

କବି ରଜନୀକାନ୍ତଙ୍କ କର୍ମମୟ ଜୀବନର ଦୀର୍ଘ ପଇଁତିରିଶ ବର୍ଷ କଟି ଯାଇଛି ଗାଁରେ। ଗାଁ ଲୋକଙ୍କର ଆପଣା ମଣିଷ ସେ। ସେମାନଙ୍କ ସହିତ କାମ କରିଛନ୍ତି ସେ, ସ୍କୁଲ, ପଞ୍ଚାୟତ, ପୋଲିସ୍ ଷ୍ଟେସନ୍ ପ୍ରତିଷ୍ଠା ପ୍ରଭୃତି ଗାଁ ପ୍ରତି ତାଙ୍କର ଅନବଦ୍ୟ ଅବଦାନ। ଅତି ଅବ୍ୟବସ୍ଥିତ ଜଙ୍ଗଲ ଜମିରେ ସେ ପନିପରିବା ଓ ଫଳ ଚାଷକରି ଲୋକ ମାନଙ୍କୁ ଚକିତ କରିଥିଲେ। ଗାଁ ଲୋକଙ୍କ ସାହାଯ୍ୟରେ ନଦୀରେ ବନ୍ଧ ନିର୍ମାଣ କରି, ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମାଜରେ ମୂଲ୍ୟବୋଧରେ

ବିଶ୍ୱାସୀ ଶ୍ରୀ ଦାସ ଏବେ ବି ଏକ ଶୃଙ୍ଖଳିତ ସମାଜର ସ୍ୱପ୍ନରେ ସଦା ବିଭୋର । ଅତୀତର ଏକ ଅଭୁଲା ସ୍ମୃତି ଚାରଣ କରି ସେ କହିଲେ: ''ମନୋଜ ଦାସ ଯେଉଁ ଦିନ କଟକ ଛାଡ଼ିଲେ, ଠିକ୍ ତା' ପୂର୍ବଦିନ ଜହ୍ନ ରାତିରେ ଆମେ ଏକାଠି ବସି ଭୋଜି କରି ଖାଇଥିଲୁ । ସେ ମୋର ଦୁଇଟି ବହି ପସନ୍ଦ କରନ୍ତି - 'ସଂଘର୍ଷ' ଓ 'ମାଓ-ସେ-ତୁଙ୍ଗ' । ଅନ୍ୟ ସ୍ମୃତିଟି ମୁଁ କଂଗ୍ରେସ ଛାଡ଼ିବା ପରେ ସୁରେନ୍ଦ୍ର ଦ୍ୱିବେଦୀଙ୍କ ପ୍ରଜା ସୋସାଲିଷ୍ଟ ଦଳ ପ୍ରତି ଆଗ୍ରହୀ ହେଲି ଓ ଦୁଇ ବର୍ଷ କାମ କଲି । କିନ୍ତୁ ପ୍ରତ୍ୟକ୍ଷ ରାଜନୀତି ମତେ କଦାଚିତ୍ ଶାନ୍ତି ଦେଇନି ।''

ପଂଚସ୍ତରୀ ବର୍ଷରୁ ଊର୍ଦ୍ଧ୍ୱ ଏହି ଏକାନ୍ତ କବି ରବୀନ୍ଦ୍ରନାଥଙ୍କ 'ଏକ୍‌ଲା ଚଲୋ' ନିୟମରେ ବନ୍ଧୀ । ପରିଧାନ ଶୁଭ୍ର ଖଦଡ଼ ଲୁଗା । ଅମାୟିକ ବ୍ୟବହାରରେ ଭରା ମନ, ଦୁଃଖ କ'ଣ ପଚାରିଲେ କହନ୍ତି : ''୧୯୪୪ରେ ଆମେ ବେଦବ୍ୟାସ ଫାଉଣ୍ଡେସନ୍ ଟ୍ରଷ୍ଟ ଗଢ଼ିଥିଲୁ, ଆମର ସଂସ୍କୃତି ସଂପର୍କରେ କିଛି ନୂଆ କାମ କରିବୁ, ହେଲା ନାହିଁ । ଦ୍ୱିତୀୟଟି ବଣେଇରେ ମୋର ଅନେକ ଚାଷ ଜମି ରହିଛି । ସେଠି ଲୋକ ମାନଙ୍କୁ ନେଇ ଆତ୍ମ ନିର୍ଭରଶୀଳ ହେବା ଓ ଗଛର ଗୁରୁତ୍ୱ ବୁଝାଇବା ନ୍ୟାୟରେ ଯେଉଁ ଗଛ ଓ ବଗିଚା ସୃଷ୍ଟି କରିଥିଲି, ତାହା ପରବର୍ତ୍ତୀ ସମୟରେ ଲୋକଙ୍କ ଅବହେଳା ହେତୁ ନଷ୍ଟ ହୋଇଗଲା । ମୋତେ ଖୁବ୍ କଷ୍ଟ ହେଲା ଏହି କାରଣରୁ ।''

ଏସବୁ କହିଲାବେଳେ ତାଙ୍କ ମନରେ ପରିବେଶ ପ୍ରତି ଥିବା ଅଦ୍ଭୁତ ପ୍ରୀତି ଆମକୁ ପ୍ରେରଣା ଯୋଗାଉଥାଏ । ଆଜିର ପ୍ରଦୂଷିତ ପରିବେଶରେ କବିଟିଏର ଚିନ୍ତା ଗଛ ପାଇଁ, ଗାଁରେ ଛାଡ଼ି ଆସିଥିବା ବଗିଚା ପାଇଁ, ଆଶ୍ଚର୍ଯ୍ୟ ଲାଗୁଥାଏ ବେଶ୍ ।

ତିନୋଟି ଝିଅ, ଗୋଟିଏ ପୁଅ ଓ ପତ୍ନୀଙ୍କୁ ନେଇ ତାଙ୍କର ପରିବାର । ସଦାକାଳ କବିତା, ସଦା ସଂଗ୍ରାମୀ ଜୀବନ, ବୃକ୍ଷଲତାରେ ମନ, ଆଦର୍ଶ ମଣିଷ ରଜନୀକାନ୍ତଙ୍କ କବିତା ଓ ଜୀବନ ଏକାକାର । ଜୀବନ ଠାରୁ ନେଇଛନ୍ତି ସେ ପ୍ରେରଣା, ମଣିଷ ଠାରୁ ଶିଖିଛନ୍ତି ସ୍ୱାଭିମାନର ସହ ବଞ୍ଚିବା, ତେଣୁ ତ ସେ ସବୁ ମାୟାର ଊର୍ଦ୍ଧ୍ୱରେ ମଗ୍ନ ମୌନ ସନ୍ନ୍ୟାସୀ ପରି କେବଳ କବିଟିଏ । କବିତାର ପୃଥିବୀରୁ ମିଳେ ତାଙ୍କୁ ପ୍ରତିଶ୍ରୁତି, ଜୀବନ ପ୍ରତି ଆହୁରି ବିଶ୍ୱସ୍ତ ଓ ଆହୁରି ଉଦାର ହେବା ପାଇଁ । ମଣିଷ ମାନଙ୍କ ପାଖରୁ ସେ ଆହରଣ କରନ୍ତି ସଂଘର୍ଷର ନିଶା ଓ ଭଲ ପାଇବାର ଭାଷା । ଏକନିଷ୍ଠ ମଣିଷ ପଣିଆର ଦରଦୀ କବି ରଜନୀକାନ୍ତଙ୍କର ଆତ୍ମମଗ୍ନତା ପ୍ରତି ଆମର ପ୍ରତିନିୟତ ପ୍ରଣାମ ।

# ପରିଶିଷ୍ଟ (୩)

## ରାଜଦ୍ରୋହ ଅପରାଧରେ ବିଦ୍ୟାଳୟରୁ ବିତାଡ଼ନବେଳେ ଓଡ଼ିଶାର ତତ୍‌କାଳୀନ ପ୍ରଖ୍ୟାତ ବାମପନ୍ଥୀ ନେତା ଏବଂ ଲେଖକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଆଶ୍ୱାସନା ପତ୍ର

ପ୍ରିୟ ରଜନୀକାନ୍ତ,

ତମର ରେଜେଷ୍ଟ୍ରି ଚିଠିଟି ଆଜି ସକାଳେ ପାଇଲି । "କୃଷକ" ପାଇଁ ଲେଖା Pressକୁ ଦେବା ନିତାନ୍ତ ଜରୁରି ଥିଲେ ମଧ୍ୟ ଆଗ ତମ ଚିଠିର ଉତ୍ତର ଲେଖିବାକୁ ବାଧ୍ୟହେଲି । ତମ ଚିଠି ମନରେ ଯେ ଉତ୍ସାହ ଓ ପ୍ରେରଣା ଦେଲା, ସେଥିରେ ଚିଠି ନଲେଖି ଅନ୍ୟ କାମ କରିବା ସମ୍ଭବ ହେଲା ନାହିଁ । ତମର ଆଗକାର ଚିଠିଟି ମୁଁ ପାଇ ନାହିଁ । ତାହା କିପରି P.A. ହାତକୁ ଗଲା ତାର ଅନୁସନ୍ଧାନ ଆମେ ମଧ୍ୟ କରିବୁ ଏବଂ ତମ ବିଷୟରେଇ ବେଶ୍ ଭଲକମର ଗୋଟାଏ ଆନ୍ଦୋଳନ କରିବା ଉଚିତ ବୋଲି ମନେ କରୁଅଛୁଁ । ଭୟ କରିବ ନାହିଁ । ତୁମଠାରୁ ଚିଠି ପାଇବା ପରେ ଆମେ ଯାହା କରିବୁଁ । ତୁମ ଆଗ ଚିଠିର ମୋଟାମୋଟି Contents ଲେଖି ପଠାଇବ ।

ତମର

**ଭଗବତୀ ଚରଣ ପାଣିଗ୍ରାହୀ**

✿

# ପରିଶିଷ୍ଟ (୪)

## ସାଂଗଠନିକ କର୍ମତତ୍ପରତା

୧୯୬୦ ମସିହା ଜାନୁୟାରୀ ୨୮ ତାରିଖରେ କଲିକତାରୁ ପ୍ରକାଶିତ HINDUSTHAN STANDARDରେ ତତ୍‌କାଳୀନ ଶ୍ରୀମତୀ ଚନ୍ଦ୍ରଲେଖା ଦାସ ନିଜ ପ୍ରକାଶିତ CUTTACK NOTE BOOK ସ୍ତମ୍ଭରେ କବି ରଜନୀକାନ୍ତଙ୍କୁ ସାଂଗଠନିକ କର୍ମତତ୍ପରତା ଲାଗି ଉଚ୍ଚପ୍ରଶଂସା କରିଥିଲେ । ତାଙ୍କର ମତାମତ ଉଦ୍ଧୃତ ହେଲା :

## YOUNG WRITERS

THE VERY FIRST LITERARY forum for young Oriya writers was founded in 1960, it's called the Cultural Academy of Rourkela. It attracted wide attention when it organised a three-day 'Silpanchal

Sahitya Sammilani' in May, 1968. Perhaps it was the first conference of its kind held in India to discuss the problems of literature and culture during rapid industrialisation.

The Cultural Acadely brings out a quarterly magazine entitled *Nabapatra*. Its autumn number before us makes fascinating reading. It contains articles on a wide variety of subjects by both famous and not so famous writers. Mr. Rajani Kanta Das's poem in memory of the famous editor of the *Sahakara* and *Matrubhumi*, the late Balakrushna Kar, has some needle-sharp things to say about the sorrry state of literature tody with its creators scurrying after publicity and popularity, pelf and prestige. He also says a few hard things about publishers with their double account books and purse-string-controlling administrators and contractors who are invited to preside over literary functions, bold facts stated frankly with no frills whatsoever. Here are some of the home-truths with no punches pulled:

*"Literature has left to live in maidan*
*meetings and associations,*
*Amidst flower garlands and welcome addresses*
*And in the festival of speeches roared*
*over loudspeakers.*
*Literature waits eagerly for travelling*
*and daily allowances.*
*Literature floats over lands in the current*
*of jayantis,*
*In the voice of professional speakers,*
*the warmth of collection receipts.*
*And literature fattens on the luxury of*
*annual festivals.*
*Leaps from the dais, laughing with*
*pleasure at the pleasing gifts."*

In this issue there is also a fine short story by Mr. Harihar Patel which tells the tragic tale of a young tribal girl. The characters are

finely etched with a few deftstrokes and just the right amount of reality. He doesn't lay it on too thick or get swamped with sentiment. There is a sensitive touch here, that seems quite surprising in someone who is a successful politician.

There are several other interesting features and writers worth mentioning, for instance, Mr. Chittaranjan Das's article, poetess Tulasi Das's moving poem on man as god, Dr. Suryakanta Das's intriguing statistics about the common match-box and the translations from other languages. *Nabapatra* is a good literary magazine with sound cultural values. It should find a place in every educated Oriya home.

Its able editor, Mr. Rajani Kanta Das, is the President of the Cultural Academy and also the President of the Oriya Young Writer Association which is holding its fifth convention at Bolangir from January 20 to 22. And here's wishing more power to the pens of Orissa's young writers !

## ପରିଶିଷ୍ଟ (୪)

### TRANSLATED FROM MY POEM BY LATE KANTA KABI LAXMI KANTA MOHAPATRA

***The first clouds of Ashar in harmony with the songs of frogs cry out, "O farmer, hold they plough."***

***The period of cursc quire by to the yakshya damsel is over, after a full year's separature the prolific earth desires they snre5 union. So set they flourry bow to sutiofy the frantic dalliance.***

***The serpaut calls from the Sami tree '"Awako and ariseo Arjuna and weild theyarms, the ler... of hideing is up. The creation wants the exhibitions of they exalted arts in this vast feild of actions. Do fulfil her desires O Though great poet by the sublimation of they poesy."***

* * *

*O Sabyasachi, fix they arrow to the bord - look yonder how the majestic waves of the sea march along, bellowing as a proud procession.*

*Her black mautle fluthers us the sky daucing in quick wars. In her bosom lick conceded eudless pails burned with the life giving ambrosia of the Earth. O Arjuna, but they sharp arrow kiss her breast plata to release streams of nectar on the barrev Earth.*

*The playful peacock of posy gambols in joy expanding her lustrous plaumage in the dream land at the sight of the irrdant creation on the adirat of youthful rains.*

*Much has been written of the youth and beauty of the loxcly ya.... give and the pricess labarcyavati. So more of such trust dear friend.Stoh for ever the ecstasy of senauous lassion the takes of volupleous revelry of castles and the poetic effusious extdling the proved nobrility. Make an end of theskeletous ofthe dead age of aristrocracy the last masquerade of sham poetry !*

*O dear showers hast thow not bridden they last fareward to there them and set out to great the fields of the poor peasant now ? There and thire alone will they first drop give birth to the precious pearl in the womb of the oyster.*

ପ୍ରଗତି ଉତ୍କଳ ସଂଘ (ସ୍ଥା : ୧୯୫୮) ରାଉରକେଲାର ଏକ ପ୍ରମୁଖ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ । ରାଉରକେଲାରେ ପାଠାଗାର ପରିଚାଳନା, ଉତ୍କଳ ଦିବସ ଓ ମଧୁସୂଦନ ଜୟନ୍ତୀ ପାଳନ ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟରେ ଏହି ଅନୁଷ୍ଠାନ ସର୍ବଦା ପୁରୋଭାଗରେ ରହି ଆସିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଏକ ଆଭିମୁଖ୍ୟ-ସଂପନ୍ନ ପ୍ରକାଶକ ଭାବରେ ନିଜକୁ କରିଛି ପ୍ରତିଷ୍ଠିତ । ଓଡ଼ିଆ ଜାତୀୟତାର ପ୍ରମୁଖ ନାୟକମାନଙ୍କ ସଂପର୍କରେ ନୂତନ ତଥ୍ୟର ସଂକଳନ ଓ ପୁନର୍ମୂଲ୍ୟାୟନ ଏହାର ପ୍ରକାଶନଗୁଡ଼ିକର ଲକ୍ଷ୍ୟ । ଏହାର ଉଲ୍ଲେଖଯୋଗ୍ୟ ପ୍ରକାଶନ-ଗୁଡ଼ିକ ହେଉଛି : Madhusudan Das : The Legislator, ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ ; ଶତାବ୍ଦୀର ନାୟକ ; ଗୌରୀଶଙ୍କର; ରାଉରକେଲା ସାଂସ୍କୃତିକ ବିକାଶଧାରା, ଗଙ୍ଗାଧର : କବିତା ଓ କବିଆତ୍ମା, ଚିନ୍ତାନାୟକ ମାନସିଂହ, Madhusudan Das: The Man and His Missions ।

ପ୍ରଗତି ଉତ୍କଳ ସଂଘ ଓଡ଼ିଆ ଭାଷାଭାଷୀ ଜନ-ସାଧାରଣଙ୍କ ପାଇଁ ଅଫୁରନ୍ତ ପ୍ରେରଣା-ଉତ୍ସ ତଥା ଓଡ଼ିଆ ସଂସ୍କୃତିର ବାର୍ତ୍ତାବହ ।